# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୨୮/୨୦୧୮ (୨୦ ପୃଷ୍ଠା) Sambalpur, Tuesday, August 28/ 2018 ★★

୧୪ଶ ଭାଗ ୨୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-







‘ନେହେରୁ ମ୍ୟୁଜିୟମ୍ ଏବଂ ଲାଇବ୍ରେରି’ର ନାମ ଏବଂ ଢାଞ୍ଚା ପରିବର୍ତ୍ତନ କରା ନ ଯାଉ । କାରଣ ଜବାହାରଲାଲ ନେହେରୁ କେବଳ କଂଗ୍ରେସ ପାର୍ଟିର ନୁହଁନ୍ତି, ସେ ସମଗ୍ର ଦେଶର ଗୌରବ । ‘ତିନ୍ ମୂର୍ତ୍ତି କମ୍ପ୍ଲେକ୍ସ’ରେ କୌଣସି ପରିବର୍ତ୍ତନ ନ ଆଣିବା ହିଁ ଇତିହାସ ଏବଂ ଐତିହ୍ୟ ପ୍ରତି ସମ୍ମାନ ହେବ ।

- ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

## ସଂକ୍ଷେପରେ

### ୧୯୮୧ ବିମାନ ଅପହରଣ ମାମଲା
## ଦୁଇ ଅଭିଯୁକ୍ତ ଖଲାସ



**ନୂଆଦିଲ୍ଲୀ,୨୭।୮(ପି.ଟି.)-** ୩୭ ବର୍ଷ ପୁରୁଣା ବିମାନ ଅପହରଣ ମାମଲାର ସୋମବାର ରାୟ ପ୍ରକାଶ ପାଇଛି। ୧୯୮୧ରେ ଦିଲ୍ଲୀରୁ ଶ୍ରୀନଗର ଯାତ୍ରା କରୁଥିବା ଇଣ୍ଡିଆନ୍ ଏୟାର୍‌ଲାଇନ୍‌ର ବିମାନ ଅପହରଣ କରି ପାକିସ୍ତାନ ନେଇଯାଇଥିବା ଦୁଇ ଅଭିଯୁକ୍ତଙ୍କୁ ସୋମବାର ଦିଲ୍ଲୀ ତଳକୋର୍ଟ ଖଲାସ କରିଛନ୍ତି। ଏହାସହ ଦୁଇ ଅଭିଯୁକ୍ତ ତାଜିନ୍ଦର ପାଲ୍ ସିଂ ଏବଂ ସତ୍‌ନାମ ସିଂଙ୍କୁ ଆଶ୍ୱସ୍ତି ମିଳିଛି। ବିମାନ ଅପହରଣ ଘଟଣାରେ ଉଭୟଙ୍କୁ ପାକିସ୍ତାନରେ ଗିରଫ କରାଯାଇଥିଲା। ୨୦୦୦ ମସିହାରେ ସେମାନଙ୍କୁ ଭାରତ ଅଣାଯାଇଥିଲା।

## ମେଜର ଗୋଗୋଇ ଦୋଷୀ ସାବ୍ୟସ୍ତ

**ନୂଆଦିଲ୍ଲୀ/ଶ୍ରୀନଗର,୨୭।୮(ପି.ଟି.)-** ସାମରିକ କୋର୍ଟ ଅଫ୍ ଏନ୍‌କ୍ୱାରିରେ ଦୋଷୀ ପ୍ରମାଣିତ ହେଲେ ମେଜର ନୀତିନ ଲିତୁଲ ଗୋଗୋଇ। ଶ୍ରୀନଗର ହୋଟେଲରେ ମହିଳାଙ୍କ ସହ ଠାବ କରାଯିବା ଘଟଣାରେ ସେନାର ତଦନ୍ତ ପରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଦେଶ ପ୍ରତି କର୍ତ୍ତବ୍ୟ



ଆଦେଶର ପାଳନ କରିବା ପରିବର୍ତ୍ତେ ମେଜର ଗୋଗୋଇ ସ୍ଥାନୀୟ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିଥିବା ସେନା କୋର୍ଟ ଅଫ୍ ଏନ୍‌କ୍ୱାରିରେ ସାମ୍ନାକୁ ଆସିଥିଲା। ଡ୍ୟୁଟି ସମୟରେ ନିଜର କର୍ମକ୍ଷେତ୍ର (ଅପରେଶନାଲ ଏରିଆ)ରୁ ଦୂରରେ ରହିବା ଅଭିଯୋଗରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସେନା ସୂତ୍ରରୁ ପ୍ରକାଶ।

### ମନି ଲଣ୍ଡରିଂ ମାମଲା
## ଜର୍ଦ୍ଦାରୀଙ୍କୁ ଜେରା

**ଇସ୍‌ଲାମାବାଦ,୨୭।୮(ପି.ଟି.)-** ୩୫୦୦ କୋଟି ଟଙ୍କା ମନି ଲଣ୍ଡରିଂ ମାମଲାରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ଅସିଫ୍ ଅଲି ଜର୍ଦ୍ଦାରୀଙ୍କୁ ସୋମବାର ଜେରା କରାଯାଇଛି। ମାମଲାର ତଦନ୍ତ କରୁଥିବା ଦେଶର ସଂଘୀୟ ତଦନ୍ତକାରୀ ଏଜେନ୍ସି (ଏଫ୍‌ଆଇଏ) ସମ୍ମୁଖରେ ଭଉଣୀ ଫାର୍‌ୟାଲ୍ ତାଲ୍‌ପୁରଙ୍କ ସହ ଜର୍ଦ୍ଦାରୀ ହାଜର ହୋଇଥିଲେ। ଇସ୍‌ଲାମାବାଦସ୍ଥିତ ଏହାର ମୁଖ୍ୟାଳୟରେ ସୋମବାର ହାଜର ହେବା ଲାଗି ଶନିବାର ଏଜେନ୍ସି ଉଭୟଙ୍କୁ ନୋଟିସ ଜାରି କରିଥିଲା। ଜର୍ଦ୍ଦାରୀ ଏବଂ ତାଙ୍କ ଭଉଣୀଙ୍କ ସହ ଜଡ଼ିତ ଜାଲିଆତି ବ୍ୟାଙ୍କ୍ ଆକାଉଣ୍ଟ ଟ୍ରାଞ୍ଜାକ୍‌ଶନ ବାବଦରେ ଉଭୟଙ୍କୁ ଜେରା କରାଯାଇଥିଲା। ଅନ୍ୟପକ୍ଷରେ ସମସ୍ତ ଅଭିଯୋଗକୁ ଜର୍ଦ୍ଦାରୀ ଖଣ୍ଡନ କରିଛନ୍ତି। ଏହା ସବୁ ମିଥ୍ୟା ମାମଲା ଏବଂ କୌଣସି ତଦନ୍ତକୁ ନେଇ ଭୟ କରନ୍ତି ନାହିଁ ବୋଲି ସେ କହିଛନ୍ତି।

### ଇତିହାସର ଆଇନାରେ
## ଅଗଷ୍ଟ ୨୮ର ପ୍ରମୁଖ ଘଟଣା

୧୯୮୮ ଅଗଷ୍ଟ ୨୮ରେ ପଶ୍ଚିମ ଜର୍ମାନୀର ରାମଷ୍ଟାଇନଠାରେ ଏକ ଏୟାର ଶୋ’ ଚାଲିଥିବାବେଳେ ବଡ଼ଧରଣର ଦୁର୍ଘଟଣା ଘଟିଥିଲା। ଏଥିରେ ୭୫ଜଣ ପ୍ରାଣ ହରାଇଥିବାବେଳେ ୩୪୬ ଜଣ ଆହତ ହୋଇଥିଲେ। ଏହାକୁ ଦ୍ୱିତୀୟ ସର୍ବବୃହତ୍ ଏୟାର ଶୋ’ ଦୁର୍ଘଟଣା ବୋଲି କୁହାଯାଏ। ବିମାନଘାଟିରେ ‘ଫ୍ଲାଗଟାଗ-୮୮’ ନାମରେ ଏକ ବିମାନ ଉଡ଼ାଣ ପ୍ରଦର୍ଶନୀ ଚାଲିଥିଲା। ଏହି ପ୍ରଦର୍ଶନୀରେ ପ୍ରାୟ ୩୦୦୦ ଦର୍ଶକ ଉପସ୍ଥିତ ଥିଲେ। କୌଶଳ ପ୍ରଦର୍ଶନ ବେଳେ ହଠାତ୍ ଦୁଇଟି ବିମାନ ମଧ୍ୟରେ ଧକ୍କା ହୋଇଥିଲା।

୨୦୦୩ ଅଗଷ୍ଟ ୨୮ରେ ପୂର୍ବ ଇଂଲଣ୍ଡରେ ବିଦ୍ୟୁତ୍ ଗ୍ରୀଡ୍ ଅଚଳ ହୋଇପଡ଼ିଥିଲା। ଦେଶରେ ପାୱାର ବ୍ଲାକ୍‌ଆଉଟ ସମସ୍ୟା ଦେଖାଦେଇଥିଲା। ଏଥିରେ ପ୍ରାୟ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ବିଦ୍ୟୁତ୍ ସେବା ବ୍ୟାହତ ଯୋଗୁ ଅଣ୍ଡରଗ୍ରାଉଣ୍ଡ ରେଳସେବା ଅଚଳ ହୋଇପଡ଼ିଥିଲା। ଟେଲି ଯୋଗାଯୋଗ ଓ ସରକାରୀ କାର୍ଯ୍ୟ ବନ୍ଦ ରହିଥିଲା।

### ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ ନୂଆ ଅଧ୍ୟାୟ
# ଉଡ଼ିଲା ପ୍ରଥମ ଜୈବ ଇନ୍ଧନ ବିମାନ

**ନୂଆଦିଲ୍ଲୀ,୨୭।୮(ପି.ଟି.)**

ଭାରତରେ ଉଡ଼ିଲା ଦେଶର ପ୍ରଥମ ଜୈବ ଇନ୍ଧନ ଭରା ବିମାନ। ପରୀକ୍ଷାମୂଳକ ଭାବେ ସ୍ପାଇସ୍‌ଜେଟ୍‌ର କ୍ୟୁ୪୦୦ ବିମାନ ଉତ୍ତରାଖଣ୍ଡର ଡେରାଡୁନ୍‌ରୁ ନୂଆଦିଲ୍ଲୀ ଅଭିମୁଖେ ସୋମବାର ସଫଳତାର ସହ ଯାତ୍ରା କରିଥିଲା। ସ୍ପାଇସ୍‌ଜେଟ୍‌ର ଏହି ସଫଳତା ଦ୍ରୁତଗତିରେ ବିକାଶଶୀଳ ଭାରତୀୟ ଘରୋଇ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଏୟାରଲାଇନ୍ ଅଧିକାରୀଙ୍କ ସୂଚନା ମୁତାବକ, ୫ କର୍ମଚାରୀଙ୍କ ସହ ୨୮ ଜଣ ଯାତ୍ରୀଙ୍କୁ ନେଇ ବିମାନଟି ଡେରାଡୁନ୍‌ର ଜାଟ୍ରୋଫା ପ୍ଲାଣ୍ଟରୁ ପୂର୍ବାହ୍ନ ୧୧ଟା ୫ ମିନିଟ୍‌ରେ ଉଡ଼ାଣ ଆରମ୍ଭ କରିଥିଲା। ୪୫ ମିନିଟ୍‌ର ଯାତ୍ରା ପରେ ୧୧ଟା ୫୦ରେ ଏହା ଦିଲ୍ଲୀରେ ଅବତରଣ କରିଥିଲା। ତେବେ ବିମାନରେ ସମ୍ପୂର୍ଣ୍ଣ ରୂପେ ଜୈବ ଇନ୍ଧନ ଭର୍ତ୍ତି କରାଯାଇ ନ ଥିଲା। ଏହାର ଡାହାଣପଟ ଇଞ୍ଜିନରେ ୭୫% ଆଭିଏଶନ୍ ଟର୍ବାଇନ୍ ଫୁଏଲ (ଏଟିଏଫ୍) ଭର୍ତ୍ତି କରାଯାଇଥିବାବେଳେ ୨୫% ଜୈବ ଇନ୍ଧନ ଭର୍ତ୍ତି ହୋଇଥିଲା। ଜୈବ ଇନ୍ଧନ ସିଏସ୍‌ଆଇଆର୍-ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋଲିୟମ୍ (ଆଇଆଇପି) ଡେରାଡୁନ୍ ପକ୍ଷରୁ



ପ୍ରସ୍ତୁତ ହୋଇଥିଲା। ୪୦ ମିନିଟ୍‌ର ବିମାନଯାତ୍ରା ପାଇଁ ୩୩୦ କି.ଗ୍ରା. ଜୈବ ଇନ୍ଧନ ପ୍ରସ୍ତୁତ କରାଯାଇଥିଲା ବୋଲି ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଅଞ୍ଜନ ରୟ ସୂଚନା ଦେଇଛନ୍ତି। ସ୍ପାଇସ୍ ଜେଟ୍‌ର ଏହି ପରୀକ୍ଷାମୂଳକ ଉଡ଼ାଣ ଏକ ଐତିହାସିକ ଅବସର ବୋଲି ଏୟାର୍‌ଲାଇନ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅଜୟ ସିଂ ପ୍ରକାଶ କରିଛନ୍ତି। ଜୈବ ଇନ୍ଧନ ବିମାନ ଉଡ଼ାଇବାରେ ବିଶ୍ୱର ଅଳ୍ପକେତେକ ଦେଶଗୁଡ଼ିକ ମଧ୍ୟରେ ଭାରତ ସ୍ଥାନ ପାଇଛି। ଏପରି କି ବିକାଶୋନ୍ମୁଖୀ ଦେଶ ଏହି କ୍ଷେତ୍ରରେ ଭାରତ ପ୍ରଥମ ବୋଲି ଅଜୟ କହିଛନ୍ତି। ସେହିପରି ନିଜର ଜୈବ ଇନ୍ଧନ ଅଭିଯାନକୁ ଆଉ ପାଦେ ଆଗେଇ ନେଇ ବେସାମରିକ ବିମାନ ଚଳାଚଳ କ୍ଷେତ୍ର ପାଇଁ ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ‘ବାୟୋ-ଏଟିଏଫ୍’ ନୀତି ନିର୍ଦ୍ଧାରଣ କରିବାକୁ ଯୋଜନା କରୁଥିବା ପରୀକ୍ଷଣ ସଫଳ ହେବା ପରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ସୂଚନା ଦେଇଛନ୍ତି।

### ଆସିବ ‘ବାୟୋ-ଏଟିଏଫ୍’ ନୀତି : ପେଟ୍ରୋଲିୟମ ମନ୍ତ୍ରୀ

# ସଂଘର ଅତିଥି ହୋଇପାରନ୍ତି ରାହୁଲ

**ନୂଆଦିଲ୍ଲୀ, ୨୭।୮(ପି.ଟି.)**



- ଭାଗବତଙ୍କ ବକ୍ତୃତାମାଳା କାର୍ଯ୍ୟକ୍ରମକୁ ଆମନ୍ତ୍ରିତ ହୋଇପାରନ୍ତି ୟେଚୁରୀ
- ଜୋର୍ ଧରିଛି ରାଜନୀତି
- ସେପ୍ଟେମ୍ବର ୧୭ରୁ ୧୯ ଯାଏ ହେବ କାର୍ଯ୍ୟକ୍ରମ

ନିକଟରେ ବିଦେଶ ଯାଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)କୁ ତୀବ୍ର ସମାଲୋଚନା କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ। ଆରବ ଜଗତର କଠୋରପନ୍ଥୀ ମୁସ୍‌ଲିମ୍ ବ୍ରଦର୍‌ହୁଡ୍ ସଙ୍ଗେ ସଂଘକୁ ସେ ତୁଳନା କରିଥିଲେ। ଏଥିପାଇଁ ରାହୁଲଙ୍କୁ ଦୃଢ଼ ଜବାବ ଦେବା ସହ ଭିନ୍ନ ରଣନୀତି ଆପଣାଇଛି ସଂଘ। ଆସନ୍ତା ମାସ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ୍‌ଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ତିନିଦିନିଆ ବକ୍ତୃତାମାଳାରେ ରାହୁଲ ହୋଇପାରନ୍ତି ଅତିଥି। ତାଙ୍କୁ ଆମନ୍ତ୍ରଣ କରିବାକୁ ସଂଘ ବରିଷ୍ଠ ସଦସ୍ୟମାନେ ବିଚାରବିମର୍ଶ ଚଳାଇଛନ୍ତି। ଅତିଥି ତାଲିକାରେ ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ମଧ୍ୟ ଅଛନ୍ତି। ଏହାକୁ ନେଇ ଏବେ ଜାତୀୟ ରାଜନୀତି ଜୋର୍ ଧରିଛି।

ସେପ୍ଟେମ୍ବର ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀର ବିଜ୍ଞାନ ଭବନରେ ଭାଗବତଙ୍କ ପୌରୋହିତ୍ୟରେ ପ୍ରଥମ ଥର ପାଇଁ ଆୟୋଜନ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ‘ଫ୍ୟୁଚର୍ ଅଫ୍ ଭାରତ: ଆନ୍ ଆର୍‌ଏସ୍‌ଏସ୍ ପରସ୍ପେକ୍ଟିଭ୍’ ଶୀର୍ଷକ ଏହି ବକ୍ତୃତାମାଳାରେ ମୁଖ୍ୟ ବକ୍ତା ହେବେ ଭାଗବତ। ବଛା ବଛା ଅତିଥିଙ୍କ ଆଗରେ ସେ ଦେଶର ଭବିଷ୍ୟତ ସମ୍ପର୍କରେ ସଂଘର ମତ ଉପସ୍ଥାପନ କରିବେ ବୋଲି ଆର୍‌ଏସ୍‌ଏସ୍ ପ୍ରଚାର ପ୍ରମୁଖ ଅରୁଣ କୁମାର କହିଛନ୍ତି। ଦେଶବାସୀ ସଂଘ ବିଷୟରେ ଜାଣିବାକୁ ଏବଂ ଏହା ସହ ଯୋଡ଼ିହେବାକୁ ଚାହୁଁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏଭଳି ଏକ କାର୍ଯ୍ୟକ୍ରମ ହେଉଛି ବୋଲି କୁମାର ସୂଚନା ଦେଇଛନ୍ତି। ନିକଟରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ସଂଘର ଏକ କାର୍ଯ୍ୟକ୍ରମରେ ଅତିଥି କରାଯାଇଥିଲା, ଯାହାକୁ ନେଇ ଜୋର୍ ଧରିଥିଲା ରାଜନୀତି। ଏବେ ରାହୁଲଙ୍କୁ ମଧ୍ୟ ଆର୍‌ଏସ୍‌ଏସ୍ ଅତିଥି କରିବ ବୋଲି କୁହାଯାଉଛି। ଏନେଇ ପ୍ରଶ୍ନ କରିବାରୁ କୁମାର କହିଛନ୍ତି, କେଉଁ ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯିବ କି ନା ସେ ସମ୍ପର୍କରେ ସଂଘ ନିଷ୍ପତ୍ତି ନେବ। ଅତିଥି ତାଲିକା ଏଯାଏ ଚୂଡ଼ାନ୍ତ ହୋଇ ନାହିଁ। ତେବେ ବିଭିନ୍ନ ରାଜନୈତିକ ଦଳର ନେତା, ଭିନ୍ନ ଆଦର୍ଶବାଦ ଓ ଧର୍ମର ଲୋକଙ୍କୁ ଭାଗବତଙ୍କ ବକ୍ତୃତାମାଳାରେ ଉପସ୍ଥିତ ରହିବା ଲାଗି ଡକାଯିବ।

ଗତ ସପ୍ତାହରେ ଲଣ୍ଡନସ୍ଥିତ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍‌ରେ ଉଦ୍‌ବୋଧନ ଦେଇ ରାହୁଲ ଆର୍‌ଏସ୍‌ଏସ୍ ଉପରେ ପ୍ରବଳ ବର୍ଷିଥିଲେ। ଇସ୍‌ଲାମିକ କଠୋରପନ୍ଥୀ ବ୍ରଦର୍‌ହୁଡ୍ ଓ ସଂଘଣ ଚିନ୍ତାଧାରା ସମାନ ବୋଲି ସେ କହିଥିଲେ। ସୋମବାର ଏହାର ଜବାବ ଦେଇ ଆର୍‌ଏସ୍‌ଏସ୍ କହିଛି, କଂଗ୍ରେସ ମୁଖ୍ୟ ଭାରତ ବିଷୟରେ ଅଜ୍ଞ। ଦେଶ ବିଷୟରେ ଜାଣି ନ ଥିବା ବ୍ୟକ୍ତି କଦାପି ସଂଘକୁ ବୁଝିପାରିବେ ନାହିଁ।

# ଉପନିର୍ବାଚନ ଜିତିଲେ ମେଘାଳୟ ମୁଖ୍ୟମନ୍ତ୍ରୀ

**ତୁରା, ୨୭।୮(ଆଇଏଏନ୍‌ଏସ୍)**

ମେଘାଳୟ ବିଧାନସଭା ଉପନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ଭାଜପା ସମର୍ଥିତ ମେଘାଳୟ ଡେମୋକ୍ରାଟିକ୍ ଆଲାଏନ୍ସ (ଏମ୍‌ଡିଏ) ବିଜୟ ଲାଭ କରିଛି। ଦୁଇ ଆସନ ମଧ୍ୟରୁ ଗୋଟିଏରେ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଏବଂ ଅନ୍ୟଟିରେ ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି (ୟୁଡିପି) କ୍ଷମତା ହାସଲ କରିଛନ୍ତି। ସାଉଥ୍ ତୁରାରୁ ପ୍ରାର୍ଥୀ ହୋଇଥିବା ଏନ୍‌ପିପି ଅଧ୍ୟକ୍ଷ ତଥା ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ କେ. ସଙ୍ଗ୍‌ମା ଜିତିଯାଇଛନ୍ତି। ସେହିପରି



### ଶାସକ ଏମ୍‌ଡିଏର ଶକ୍ତି ବୃଦ୍ଧି, କଂଗ୍ରେସକୁ ଝଟକା

ରାନିକୋର୍ ଆସନରୁ ୟୁଡିପି ପ୍ରାର୍ଥୀ ପିଉସ୍ ମାରିୱେନ୍ ବିଜୟୀ ହୋଇଛନ୍ତି। ୬୦ ଆସନ ବିଶିଷ୍ଟ ବିଧାନସଭାରେ ଏମ୍‌ଡିଏର ଆସନ ସଂଖ୍ୟା ୩୯ ଛୁଇଁଥିବାରୁ ଶାସକ ମେଣ୍ଟର ଶକ୍ତି ବୃଦ୍ଧି ହୋଇଛି। ଉପନିର୍ବାଚନରେ କଂଗ୍ରେସ ନିରାଶ ହୋଇଛି।

ମେଘାଳୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଏଫ୍.ଆର୍. ଖାରକୋଙ୍ଗୋର ବିଧାନସଭା ଉପନିର୍ବାଚନ ଫଳାଫଳ ଘୋଷଣା କରିଛନ୍ତି। ସାଉଥ୍ ତୁରା ଆସନରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ପରେ ଜିତିଯାଇଛନ୍ତି ପୂର୍ବତନ ପୂର୍ଣ୍ଣୋ ଏ. ସଙ୍ଗ୍‌ମାଙ୍କ ସାନପୁଅ କନ୍‌ରାଡ। ଚାର୍ଲୋଟେ ଡବ୍ଲ୍ୟୁ. ମୋମିନ୍‌ଙ୍କୁ ସେ ୮,୪୨୧ ଖଣ୍ଡ ଭୋଟରେ ହରାଇଛନ୍ତି। ଗତ ମାର୍ଚ୍ଚ ୬ରେ ମେଘାଳୟର ୧୨ଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ କନ୍‌ରାଡ।

## ଫୁର୍‌ସତ

# ମିଳିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ବୋମା

**ଫ୍ରାଙ୍କ ଫର୍ଟ :**



ଜର୍ମାନୀର ବମ୍ ଡିସ୍ପୋଜାଲ୍ ଟିମ୍ ରବିବାର ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ଜୀବନ୍ତ ବୋମାକୁ ନିଷ୍କ୍ରିୟ କରିବାକୁ ସଫଳ ହୋଇଛନ୍ତି। ଏହି ବୋମା ମିଳିବା ପରେ ପାଖାପାଖି ୧୮ହଜାର ୫ଶହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରାୟ ୫ଶହ କିଲୋ ଓଜନର ଏହି ବୋମାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ସେନା ଛାଡି ଯାଇଥିଲେ। ଗତ ସପ୍ତାହରେ ଏହା ମିଳିଥିଲା। ତେବେ ବୋମାକୁ ନିଷ୍କ୍ରିୟ କରାଯିବା ପରେ ଉକ୍ତ ଅଞ୍ଚଳର ୧ହଜାର ମିଟର ପରିଧି ଭିତରେ ଘର ଛାଡି ଯାଇଥିବା ଲୋକମାନଙ୍କୁ ପୁଣିଥରେ ନିଜ ନିଜ ଘରକୁ ଫେରି ଆସିବାକୁ କୁହାଯାଇଥିଲା।

# ୭୭ ଦେଶରେ ୭,୭୩୭ ଭାରତୀୟ କଏଦୀ

**ନୂଆଦିଲ୍ଲୀ/ୱାଶିଂଟନ :**

ବିଦେଶୀ ରାଷ୍ଟ୍ରରେ ଭାରତୀୟ ବନ୍ଦୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏନେଇ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ୭୭ଟି ବିଦେଶୀ ରାଷ୍ଟ୍ରର ବିଭିନ୍ନ ଜେଲ୍‌ରେ ୭,୭୩୭ ଭାରତୀୟ ବନ୍ଦୀ ଜୀବନ କାଟୁଛନ୍ତି। ୨୦୧୭ରେ ଏହି ସଂଖ୍ୟା ୬,୦୪୮ ଥିଲା। ପାକିସ୍ତାନର ବିଭିନ୍ନ ଜେଲରେ ୮୩ ଭାରତୀୟ ପ୍ରତିରକ୍ଷା କର୍ମଚାରୀ ରହିଛନ୍ତି। ୟୁଏଇରେ ସର୍ବାଧିକ ୧,୬୯୦ ଭାରତୀୟ ବନ୍ଦୀ ରହିଛନ୍ତି। ସେହିପରି ସୌଦିରେ ୧,୫୭୫ ଜଣ, ଆମେରିକାରେ ୬୪୭,



ନେପାଳରେ ୫୪୮, କୁଏତ୍‌ରେ ୪୮୪, ମାଲେସିଆରେ ୨୯୮, ଚାଇନାରେ ପାକିସ୍ତାନରେ ୪୭୧, ୟୁକେରେ ୩୭୮, ୨୨୬ ଏବଂ ଇଟାଲୀରେ ୨୨୫ ଜଣ ଭାରତୀୟ ବିଭିନ୍ନ ଜେଲ୍‌ରେ ରହିଛନ୍ତି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ସେହିପରି ଭାରତରେ ୬,୧୪୮ ବିଦେଶୀ ବନ୍ଦୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨,୩୫୩ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ୩,୭୯୫ ଜଣଙ୍କର ବିଚାର ଜାରି ରହିଛି। ପଶ୍ଚିମବଙ୍ଗର ବିଭିନ୍ନ ଜେଲରେ ସର୍ବାଧିକ ୩,୪୧୫ ଜଣ ବିଦେଶୀ ବନ୍ଦୀ ଅଛନ୍ତି। ସେହିପରି ମହାରାଷ୍ଟ୍ରରେ ୫୭୫ ଜଣ, ଉତ୍ତରପ୍ରଦେଶରେ ୪୨୦, ଆଣ୍ଡାମାନ୍ ନିକୋବରରେ ୩୬୯ ଜଣ ଏବଂ ଦିଲ୍ଲୀର ବିଭିନ୍ନ ଜେଲ୍‌ରେ ୩୪୨ ବିଦେଶୀ ବନ୍ଦୀ ଥିବା ଏହି ରିପୋର୍ଟରେ ଦର୍ଶାଯାଇଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୪ | ୨୪.୪ |
| ଚାନ୍ଦବାଲି | ୨୯.୮ | ୨୫.୦ |
| କଟକ | ୩୦.୨ | ୨୩.୨ |
| ପାରାଦ୍ୱୀପ | ୨୯.୯ | ୨୫.୫ |
| ଭୁବନେଶ୍ୱର | ୨୯.୮ | ୨୪.୬ |
| ଗୋପାଳପୁର | ୩୦.୫ | ୨୪.୪ |
| ପୁରୀ | ୩୦.୪ | ୨୪.୬ |
| ଅନୁଗୋଳ | ୨୮.୭ | ୨୨.୦ |
| ବାରିପଦା | ୩୧.୦ | ୨୬.୬ |
| ଝାରସୁଗୁଡ଼ା | ୨୯.୨ | ୨୪.୮ |
| କେନ୍ଦୁଝର | ୨୯.୪ | ୨୩.୬ |
| ସମ୍ବଲପୁର | ୨୭.୨ | ୨୪.୭ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୨୭.୧ | ୨୦.୪ |
| ତାଳଚେର | ୩୨.୧ | ୨୫.୩ |
| ଭବାନୀପାଟଣା | ୨୪.୬ | ୨୩.୪ |
| ବଲାଙ୍ଗୀର | ୨୬.୦ | ୨୨.୬ |
| କୋରାପୁଟ | ୨୧.୬ | ୧୯.୬ |
| ଫୁଲବାଣୀ | ୨୫.୬ | ୨୦.୦ |
| ଟିଟିଲାଗଡ଼ | ୨୫.୫ | ୨୦.୦ |
| ମାଲକାନଗିରି | ୨୫.୦ | ୨୪.୨ |
| ସୋନପୁର | ୨୬.୬ | ୨୧.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୭.୦ |
| ଢେଙ୍କାନାଳ | ୩୧.୧ | ୨୪.୫ |

ଡିଗ୍ରୀ ସେଲ୍‌ସିୟସ୍

# କେରଳ ବନ୍ୟାବିପନ୍ନଙ୍କ ନିମନ୍ତେ ‘ଟେଲିଥନ୍’

**ମୁମ୍ବାଇ:**

ଭାରତୀୟ ଫିଲ୍ମ ଓ ସଙ୍ଗୀତ ଶିଳ୍ପ ସହ ଜଡ଼ିତ କଳାକାରମାନେ କେରଳର ବନ୍ୟାବିପନ୍ନଙ୍କ ନିମନ୍ତେ ପାଣ୍ଠି ଉଠାଣ ପାଇଁ ରବିବାର ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ‘ଟେଲିଥନ୍’ ଆୟୋଜନ କରିଥିଲେ। ରାଣା ଦଗୁବତି, ଅଭିଷେକ ବଚ୍ଚନ, ନନ୍ଦିତା ଦାସ, ଜାଭେଦ ଅଖତାର ଏବଂ ହରିହରନ୍ ଏଥିରେ ସହାୟତା କରିବାକୁ ଆଗେଇ ଆସିଥିଲେ। ଏନ୍‌ଡିଟିଭି-ଟାଟା ସ୍କାଏ କ୍ୟାମ୍ପେନ୍ (ଇଣ୍ଡିଆ ଫର କେରଳ)ର ଅଂଶ ସ୍ୱରୂପ ଏଥିରେ ରବୀନା ଟଣ୍ଡନ୍, ମନୀଷା କୋଇରାଲା, ରେସୁଲ ପୁକୁଟି, ଜିମି ଶେରଗିଲ, ଆନନ୍ଦ ଏଲ୍. ରାୟ, ସୋନାକ୍ଷୀ ସିହ୍ନା, ମୁଦାସର ଅଜିଜ୍, ଶ୍ରୁତି ହାସନ୍, ଉସ୍ତାଦ ଅମଜାଦ୍ ଅଲି ଖାନ୍, ଅମାନ ଅଲି ବାଙ୍ଗାଶ ଏବଂ ଆୟାନ ଅଲି ବାଙ୍ଗାଶ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ସଙ୍ଗୀତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଅଙ୍କୁର ତିୱାରି, ଶାନ୍, ତୋଚି ରାଇନା, କନିକା କପୁର, ଶିଳ୍ପା ରାଓ, ପୁବୟନ୍ ଚାଟାର୍ଜୀ, ଜସବିର ଜଶ୍। ୬ଘଣ୍ଟା ବ୍ୟାପୀ ହୋଇଥିବା ଏହି କାର୍ଯ୍ୟକ୍ରମରେ ନୀତିନ କୁମାର ଏବଂ ରେଣୁ ନାଗର ଗୀତ ଗାଇବା ସହିତ ନୃତ୍ୟ କରିଥିଲେ।



### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710,ଭଦ୍ରକଅଫିସ-(06784)242101,ନୂଆପଡ଼ାଅଫିସ-(06678)223068,ଝାରସୁଗୁଡ଼ାଅଫିସ-(06645)272799,ଦେବଗଡ-9437121562,କେନ୍ଦ୍ରାପଡ଼ାଅଫିସ-06727233825,ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୨୮/୨୦୧୮ Sambalpur, Tuesday, August 28/ 2018 | ପୃଷ୍ଠା-୧




**ଆୟୁଷ୍ମାନ ଭାରତରେ ସାମିଲ ହେବେ ୫୫କୋଟି ଭାରତୀୟ**
ଆୟୁଷ୍ମାନ ଭାରତ ଯୋଜନାରେ ଦେଶର ୫୫ କୋଟି ଜନସାଧାରଣଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା। ୧୫

୦୫ **ଆଦର୍ଶ ମା' ଭୂମିକାରେ ଅଦିତି**
ଆଗାମୀ ଫିଲ୍ମ 'ମେ ମାଏକେ ଚଲି ଯାଉଙ୍ଗି ତୁମ୍ ଦେଖ୍ତେ ରହିହୋ'ରେ ଜଣେ ଆଦର୍ଶ ମା' ଏବଂ ଶାଶୁ ଭୂମିକାରେ ଅଭିନୟ କରିବେ ଅଭିନେତ୍ରୀ ଅଦିତି ଦେଶ୍‌ପାଣ୍ଡେ।








## ସଂକ୍ଷେପରେ

■ଗୋଧ୍ରା ଦଙ୍ଗା

### ୨ ଜଣଙ୍କୁ ଆଜୀବନ ଜେଲ

ଅହମ୍ମଦାବାଦ,୨୭।୮(ପି.ଟି.): ବହୁଚର୍ଚ୍ଚିତ ଗୋଧ୍ରା ଟ୍ରେନ୍ ପୋଡ଼ି ଘଟଣାରେ ସୋମବାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ସ୍ଥାନୀୟ ସ୍ୱତନ୍ତ୍ର ଏସ୍‌ଆଇଟି କୋର୍ଟ ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ କରିଥିବାବେଳେ ୩ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।
୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରା ଅଞ୍ଚଳରେ ସାବରମତି ଏକ୍ସପ୍ରେସ୍ ଟ୍ରେନ୍‌ର ଦୁଇଟି କୋଚ୍‌ରେ ନିଆଁ ଲଗାଇ ଦିଆଯାଇଥିଲା। ଏଥିରେ ଯାତ୍ରା କରୁଥିବା ୫୯ କରସେବକ ଜୀବନ୍ତ ଦଗ୍ଧ ହୋଇଥିଲେ। ଏହି ଘଟଣାର ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ସ୍ୱତନ୍ତ୍ର ବିଚାରପତି ଏଚ୍.ସି. ଭୋରା ଦୁଇ ଅଭିଯୁକ୍ତ ଫାରୁକ୍ ଭାନା ଏବଂ ଇମ୍ରାନ୍ ଶେରୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ହୁସେନ୍ ସୁଲେମାନ ମୋହନ, କସମ ଭାମେଦୀ ଏବଂ ଫାରୁକ୍ ଧନ୍ତିୟାଙ୍କୁ ଖଲାସ କରିଛନ୍ତି। ସମସ୍ତ ୫ ଅଭିଯୁକ୍ତଙ୍କୁ ୨୦୧୫-୨୦୧୬ରେ ଗିରଫ କରାଯାଇଥିଲା। ସାବରମତି କେନ୍ଦ୍ରୀୟ କାରାଗାରରେ ପ୍ରତିଷ୍ଠିତ ଏକ ସ୍ୱତନ୍ତ୍ର ଅଦାଲତରେ ସେମାନଙ୍କ ବିରୋଧରେ ଶୁଣାଣି ଚାଲିଥିଲା। ଏବେ ବି ମାମଲାର ୮ ଅଭିଯୁକ୍ତ ଫେରାର ଅଛନ୍ତି। ୨୦୧୧ ମାର୍ଚ୍ଚ ୧ରେ ଏସ୍‌ଆଇଟି କୋର୍ଟ ୩୧ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ୨୦ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କିନ୍ତୁ ୨୦୧୭ରେ ଗୁଜରାଟ ହାଇକୋର୍ଟ ମୃତ୍ୟୁଦଣ୍ଡାଦେଶ ପାଇଥିବା ୧୧ ଜଣଙ୍କୁ ସଜା ହ୍ରାସକରି ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ। ପ୍ରକାଶ ଯେ, ଗୋଧ୍ରା ଦଙ୍ଗା ପରେ ଗୁଜରାଟରେ ଭୟଙ୍କର ସାମ୍ପ୍ରଦାୟିକ ହିଂସା ଘଟିଥିଲା। ଏଥିରେ ୧୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ବିଶେଷକରି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ଅଧିକ ପ୍ରାଣ ହରାଇଥିଲେ।


ଦ୍ୟୁତୀଙ୍କୁ ଦେଢ଼ କୋଟିର ପୁରସ୍କାର ରାଶି
........୧୪........


## ଆଜିର ମନ୍ତବ୍ୟ

"ଦିଲ୍ଲୀବାସୀ ନିଜ ଘରେ କେନ୍ଦ୍ର ସରକାରଙ୍କଠାରୁ ସାବତ ପୁଅ ଭଳି ବ୍ୟବହାର ପାଉଛନ୍ତି।
–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## କିଛି ତଥ୍ୟ

୨୦୧୪–୧୫ ଆର୍ଥିକ ବର୍ଷରେ ପେଟ୍ରୋଲିୟମ ଉତ୍ପାଦରେ ସରକାର ୯୯,୧୮୪ କୋଟି ଟଙ୍କା ଉତ୍ପାଦ ଶୁଳ୍କ ଆଦାୟ କରିଥିବା ବେଳେ ୨୦୧୭–୧୮ରେ ଏହା ୨,୨୯,୦୧୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି।
–ତୈଳ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 27.08.2018 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 60 | 106 | 116 |
| DKL | 63 | 110 | 120 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 64 | 111 | 121 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers


# ବିଦେଶରୁ ଗାଳି

ରାଜନୈତିକ ଦଳଗୁଡ଼ିକ ନିଜସ୍ୱ ଆଦର୍ଶକୁ ନେଇ ଗତି କରିଥାଆନ୍ତି ବୋଲି ଆମେ ଭାବୁ। ଏକ ଘଟଣା ବା ପ୍ରସଙ୍ଗ ଉପରେ ଭିନ୍ନ ମତ ପ୍ରକାଶ ପାଇବା ଓ ଆଦର୍ଶଗତ ପାର୍ଥକ୍ୟ ରହିବା ସ୍ୱାଭାବିକ। ରାଜନୈତିକ ବ୍ୟକ୍ତିମାନେ ଅନେକ କ୍ଷେତ୍ରରେ ପରସ୍ପର ଉପରେ ଦୋଷାରୋପ କରିବା ମଧ୍ୟ ଦେଖାଯାଇଥାଏ। ଗଣତାନ୍ତ୍ରିକ ଦେଶରେ ସମସ୍ତେ ସ୍ୱାଧୀନ ମତ ଦେବାର ସୁଯୋଗ ରହିଛି। କୌତୂହଳର ବିଷୟ ହେଉଛି ଯେ, ରାଜନୈତିକ ବ୍ୟକ୍ତିମାନେ ପରସ୍ପର ବିରୋଧରେ ମନ୍ତବ୍ୟ ଦେବା ସହିତ ଅନ୍ୟ ପାଇଁ ଗାତ ଖୋଳିବାକୁ ସବୁବେଳେ ଚେଷ୍ଟା କରୁଥାଆନ୍ତି। ଅନ୍ୟସବୁ ପେସାରେ ଏଭଳି ପ୍ରତିଯୋଗିତା ଦେଖିବାକୁ ମିଳେ ନାହିଁ। ଉଦାହରଣ ସ୍ୱରୂପ ଜଣେ ଆଇଏଏସ୍ ଅଫିସର କେବେହେଲେ ଅନ୍ୟ ଜଣେ ଅମଲାତନ୍ତ୍ରୀଙ୍କ ବିଷୟରେ ମତବ୍ୟକ୍ତ କରନ୍ତି ନାହିଁ। ଯେତେ ବଡ଼ ତ୍ରୁଟିବିଚ୍ୟୁତି ଘଟାଉଥିବା ପୋଲିସ ଅଫିସରଙ୍କ ବିରୋଧରେ ତାଙ୍କରି ବିଭାଗର ଅନ୍ୟ କେହି ପାଟି ଫିଟାଇବାର ଦେଖାଯାଏ ନାହିଁ। ଆଇନ ବିଭାଗରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳେ। ଜଣେ ଦୁର୍ନୀତିଗ୍ରସ୍ତ ବିଚାରପତିଙ୍କ ବିରୋଧରେ ତାଙ୍କର କୁକର୍ମକୁ ଲୋକଲୋଚନକୁ ଆଣିବାରେ ଅନ୍ୟ ଜଣେ ବିଚାରପତିଙ୍କ ସକ୍ରିୟ ସହଯୋଗ ରହେନାହିଁ। ବମିଖାଲ ଓଭରବ୍ରିଜ୍ ଦୁଇଥର ଖସିପଡ଼ିବା ସତ୍ତ୍ୱେ ସମ୍ପୃକ୍ତ ଇଞ୍ଜିନିୟରଙ୍କ ନାମ ଉଚ୍ଚାରଣ କରିବାକୁ ଅନ୍ୟ କେହି ଇଞ୍ଜିନିୟର ଆଗେଇ ଆସିନାହାନ୍ତି। ସେହିଭଳି ଡାକ୍ତର, ଅଧ୍ୟାପକ, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଠିକାଦାରଙ୍କ ଭଳି ଅନ୍ୟାନ୍ୟ ବୃତ୍ତିରେ ଥିବା ବ୍ୟକ୍ତିବିଶେଷ କେବେହେଲେ ଜନସାଧାରଣଙ୍କ ମଙ୍ଗଳକୁ ଦୃଷ୍ଟିରେ ରଖି ସତ୍ୟପ୍ରକାଶ କରିବାର ଉଦ୍ୟମ କରିଥିବାର ନଜିର ସମ୍ଭବତଃ, କାହାରି ପାଖରେ ନଥିବ।

ରାଜନୈତିକ ବ୍ୟକ୍ତିଙ୍କ ଏହିଭଳି ପରସ୍ପର ବିରୋଧରେ ମତଦେବା ଏବେ ଭାରତରେ ଚରମସୀମାରେ ପହଞ୍ଚିଥିବା ଭଳି ଦେଖାଯାଉଛି। ୨୦୧୪ ନିର୍ବାଚନ ପୂର୍ବରୁ ତତ୍କାଳୀନ ଉପା-୨ ସରକାରଙ୍କ ଦୁର୍ନୀତି ସମ୍ପର୍କରେ ଆଜିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶସାରା ଭ୍ରମଣ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୋଇଲା ଏବଂ ୨ଜି ଟେଲିକମ୍ ଦୁର୍ନୀତି ସମ୍ପର୍କରେ ସିଏଜି ଦେଇଥିବା ମନ୍ତବ୍ୟ ମୋଦିଙ୍କ ପାଇଁ ମୁଖ୍ୟ ଆକ୍ରମଣକାରୀ ଅସ୍ତ୍ର ପାଲଟିଥିଲା। ଏଠାରେ ସିଏଜି ରିପୋର୍ଟ ନ ଲେଖି ମନ୍ତବ୍ୟ ଏଇଥିପାଇଁ ଉଲ୍ଲେଖ କରାଯାଉଛି, କାରଣ ପରବର୍ତ୍ତୀ ସମୟରେ ସେହି ରିପୋର୍ଟ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଏକପ୍ରକାର ପ୍ରମାଣିତ ହୋଇଛି। ବିଭିନ୍ନ ସମୟରେ ଟେଣ୍ଡର ହୋଇଥିବା କୋଇଲା ଖଣି ଏବଂ ୨ଜି ସ୍ପେକ୍ଟ୍ରମ୍ ଉଭୟ ଆଶାନୁରୂପ ଅର୍ଥ ସରକାରଙ୍କ ପାଇଁ ଆଣିପାରିଲେ ନାହିଁ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ସିଏଜି କରିଥିବା ଆକଳନ ବାସ୍ତବ ପରିସ୍ଥିତିଠାରୁ ଅନେକ ଦୂରରେ ଥିଲା। ଏହାବ୍ୟତୀତ ସେହି ଉଚ୍ଚ ଏବଂ ନିର୍ଖୁଣ ପଦବୀର ଦୁରୁପଯୋଗ କରି ତତ୍କାଳୀନ ସିଏଜି ମୁଖ୍ୟ ବିନୋଦ ରାଏ ଏବେ, ଅବସର ପରେ, ସରକାରୀ ସୁବିଧା ସୁଯୋଗ ପୁନର୍ବାର ହାସଲ କରି ପ୍ରମାଣ କରିଦେଇଥିଲେ ଯେ, ଏହି ଦେଶରେ ସତ୍ୟାସତ୍ୟ ଜାଣିବା ଅତ୍ୟନ୍ତ କଷ୍ଟକର। ତଥାପି କଥାରେ ଭାସିଯାଇ ଭାରତବାସୀ ମୋଦିଙ୍କୁ ବିପୁଳ ସମର୍ଥନ ଦେଲେ ଏବଂ କେନ୍ଦ୍ରରେ ଉପାକୁ ତଡ଼ି ଭାଜପା ନେତୃତ୍ୱାଧୀନ ସରକାର ସ୍ଥାପିତ ହୋଇଛି। ସମ୍ଭବତଃ ସେହି ଅବାସ୍ତବତାକୁ ଦେଖି ଏବେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାଙ୍କର ଖେଳ ଖେଳିବା ଆରମ୍ଭ କରିଛନ୍ତି। ମୋଦିଙ୍କର ସତ୍ୟ ଏବେ ଅସତ୍ୟ ପାଲଟିଥିବା ବେଳେ ରାହୁଲଙ୍କ ଦ୍ୱାରା ପ୍ରଚାର କରାଯାଉଥିବା ଏବେକାର ସତ୍ୟ, ହୁଏତ, ଭବିଷ୍ୟତରେ ଅସତ୍ୟ ପାଲଟି ଯାଇପାରେ।

୨୦୧୫ ଏପ୍ରିଲ ୧୬ରେ ପ୍ରଧାନମନ୍ତ୍ରୀ ମୋଦି କାନାଡ଼ା ଗସ୍ତ ବେଳେ ଟରୋଣ୍ଟୋଠାରେ ଏକ ସଭାରେ ଭାରତର ପୂର୍ବସୂରୀଙ୍କୁ ସମାଲୋଚନା କରିବାକୁ ଯାଇ କହିଥିଲେ ଯେ, ଅତୀତର ସରକାର ଦେଶକୁ ବିଶୃଙ୍ଖଳିତ କରି ଛାଡ଼ି ଦେଇଛନ୍ତି। ଅନୁରୂପ ଭାବେ ସେହିବର୍ଷ ମେ ୧୭ରେ ଚାଇନାର ସାଂଘାଇଠାରେ ଭାରତୀୟ ସମ୍ପ୍ରଦାୟକୁ ଉଦ୍‌ବୋଧନ ଦେବା ବେଳେ ମୋଦି ସମାନ ଢଙ୍ଗରେ ଭାରତକୁ ନ୍ୟୂନ କରି ଦେଖାଇଥିଲେ। ସେ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଅନ୍ତର୍ଜାତୀୟ ସ୍ତରରେ ଭାରତ ସେଭଳି ସମ୍ମାନର ଅଧିକାରୀ ହୋଇ ନ ଥିଲା ବୋଲି ମତ ରଖିଥିଲେ। ଅର୍ଥାତ୍ ସେ ପ୍ରଧାନମନ୍ତ୍ରୀ ହେବାରୁ ଭାରତ ବିଶ୍ୱସ୍ତରରେ ନିଜର ପ୍ରଭାବ ପକାଇବାରେ ସକ୍ଷମ ହେଲା ବୋଲି କହିଥିଲେ। କେବଳ ସେତିକି ନୁହେଁ, ବିମୁଦ୍ରୀକରଣ ଘୋଷଣାର ତତ୍କ୍ଷଣାତ୍ ପରେ ମୋଦି ଜାପାନ ଯାଇ ସେଠାରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀରେ ତାଙ୍କର ନିଜସ୍ୱ ପଦକ୍ଷେପକୁ ସମର୍ଥନ କରିଥିଲେ। ସେହି ଅବସରରେ ଭାରତର କଳାଧନ ମହଜୁଦକାରୀଙ୍କ ବିରୋଧରେ ମନ୍ତବ୍ୟ ଦେଇ କହିଥିଲେ ଯେ, ଏଭଳି ଅନୈତିକ କାର୍ଯ୍ୟ କରୁଥିବା ଭାରତୀୟମାନେ ଦେଶର କ୍ଷତି କରୁଛନ୍ତି। ହୁଏତ ମୋଦିଙ୍କ ପଦାଙ୍କ ଅନୁସରଣ କରି ଭାରତ ସରକାର ଓ ଭାରତୀୟଙ୍କୁ ବିଦେଶରେ ଶୋଧିବାର ଲକ୍ଷଣ ରାହୁଲଙ୍କଠାରେ ଏବେ ଦେଖାଦେଲାଣି। ନିକଟରେ ରାହୁଲ ଜର୍ମାନୀର ହାମ୍‌ବର୍ଗଠାରେ ଏକ ଶିକ୍ଷାନୁଷ୍ଠାନରେ ଯୋଗଦେବା ଅବସରରେ ସେ ଭାରତ ସରକାରଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ତଫସିଲଭୁକ୍ତ ଜନଜାତି, ଗରିବ, କୃଷକ, ତଳ ଶ୍ରେଣୀର ଲୋକ ଓ ସଂଖ୍ୟାଲଘୁ

**ତଥାଗତ ସତପଥୀ**

ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ଛୋଟିଆ ବ୍ୟବସାୟୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏପରିକି ସୁଯୋଗ ଅଭାବରୁ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ବୋଲି କହିଛନ୍ତି। ଜର୍ମାନୀ ପରେ ବ୍ରିଟେନ୍ ଗସ୍ତ ବେଳେ ଲଣ୍ଡନସ୍ଥିତ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍‌ଠାରେ ଉଦ୍‌ବୋଧନ ଦେବା ବେଳେ ସେ ମତ ରଖିଛନ୍ତି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଭାରତର ସ୍ୱଭାବ ବଦଳାଇ ଦେବାକୁ ଚେଷ୍ଟା କରୁଛି। ଆରବବିଶ୍ୱରେ ମୁସ୍‌ଲିମ୍ ବ୍ରଦରହୁଡ୍ ଯେଭଳି କାର୍ଯ୍ୟ କରୁଛି, ଭାରତରେ ଆର୍‌ଏସ୍‌ଏସ୍ ଦେଶର ବିଭିନ୍ନ ଅନୁଷ୍ଠାନକୁ ଅକ୍ତିଆର କରିବା ଦିଗରେ ଲାଗିଛି ବୋଲି ରାହୁଲ କହିଛନ୍ତି।

ଉଭୟ ବଡ଼ନେତାଙ୍କ ମନ୍ତବ୍ୟ ଶୁଣି ସାଧାରଣ ଭାରତୀୟ ମର୍ମାହତ ହେବା କଥା। ସଚେତନ ଭାରତୀୟ ନିଶ୍ଚିତ ଭାବେ ଏଭଳି କାର୍ଯ୍ୟକଳାପରେ କ୍ରୋଧିତ ହେବେ, କାରଣ ଉଭୟ ପ୍ରଧାନମନ୍ତ୍ରୀ ମୋଦି ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବିଦେଶ ଯାଇ ନିଜ ଦେଶର ଜନସାଧାରଣ ଏବଂ ବ୍ୟବସ୍ଥାର ମାନସମ୍ମାନକୁ କ୍ଷତି ପହଞ୍ଚାଇବାର ଅଧିକାର ପାଇନାହାନ୍ତି। ମୋଦି ଏବଂ ରାହୁଲ ପ୍ରବଳ ଜନସମର୍ଥନ ପାଇଥିବା ସତ୍ତ୍ୱେ ଦେଶର ଉନ୍ନତିରେ ସେମାନଙ୍କ ଭୂମିକା ସନ୍ଦେହରେ ପଡ଼ିଛି। ସେଥିପାଇଁ ବିଦେଶ ଯାଇ ଦେଶକୁ ଗାଳିଦେବାର ନୈତିକ କ୍ଷମତା ମୋଦି ଓ ରାହୁଲଙ୍କର ନାହିଁ। ଦେଶ ବଞ୍ଚିଲେ ସେମାନେ କ୍ଷମତାର ମଜା ପାଇବେ। ଦେଶ ବୋଇଲେ ପାହାଡ଼, ପର୍ବତ, ରାଜପଥ, ବନ୍ଦର, ବୁଲେଟ୍ ଟ୍ରେନ୍ କିମ୍ବା ପ୍ରତିମୂର୍ତ୍ତି ନୁହେଁ। ଦେଶର ଅର୍ଥ ହେଉଛି ଜନସାଧାରଣ। ସେମାନଙ୍କ ସମ୍ମାନ ଉପରକୁ ନେବା ହେଉଛି ପ୍ରତ୍ୟେକ ରାଜନେତାର ମୂଳ କର୍ତ୍ତବ୍ୟ। ଯଦି ଏହି ଦୁଇଜଣଙ୍କୁ ଦେଶବାସୀ ଏତେ ଖରାପ ଲାଗୁଛନ୍ତି, ତେବେ ସେମାନେ ଦେଶ ଛାଡ଼ି ଚାଲିଯାଇପାରନ୍ତି।

■ମୁଁ ହିରୋ ମୁଁ ଓଡ଼ିଶା ଅଭିଯାନର ଶୁଭାରମ୍ଭ

# 'ରାଜ୍ୟର ପ୍ରତି ଘରେ ବୀର ରହିଛନ୍ତି'

**କଟକ ଅଫିସ, ୨୭।୮**

ଓଡ଼ିଶା ହେଉଛି ବୀରମାଟି। ଏ ମାଟିର ସନ୍ତାନମାନେ ଓଡ଼ିଆ ସ୍ୱାଭିମାନ ଓ ଗୌରବ ପାଇଁ ସବୁବେଳେ ସଂଗ୍ରାମ କରି ଆସିଛନ୍ତି। ଓଡ଼ିଶାର ପ୍ରତ୍ୟେକ ଘରେ ଗୋପବନ୍ଧୁ, ମଧୁବାବୁ, ବିଜୁବାବୁ ଓ ଧର୍ମପଦମାନେ ଅଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଯୁବବର୍ଗଙ୍କ ପାଇଁ ରାଜ୍ୟ ସରକାରଙ୍କ ନୂଆ ଅଭିଯାନ 'ମୁଁ ହିରୋ ମୁଁ ଓଡ଼ିଶା'କୁ ସୋମବାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଏହି କଥା କହିଥିଲେ। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏଥିନିମନ୍ତେ ଆୟୋଜିତ ହୋଇଥିଲା ଏକ ବର୍ଣ୍ଣାଢ୍ୟ ଉତ୍ସବ। ଏଥିରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଡାକ୍ତର ହୁଅନ୍ତୁ ବା ଇଞ୍ଜିନିୟର, ଶିକ୍ଷକ ବା ଚାଷୀ କିମ୍ବା ସାଧାରଣ ମହିଳା, ପ୍ରତ୍ୟେକ ଲୋକ ମଧ୍ୟରେ ଥିବା ଅନ୍ତଃଶକ୍ତିକୁ ଚିହ୍ନଟ କରି ତାକୁ ସ୍ୱୀକୃତି ଦେବା ହେଉଛି 'ମୁଁ ହିରୋ ମୁଁ ଓଡ଼ିଶା' ଅଭିଯାନର ଲକ୍ଷ୍ୟ। ସାଧାରଣ ଲୋକଟିଏ ମଧ୍ୟ ବହୁତ ବଡ଼ କାମ କରିପାରିଥାଏ। ଏମାନେ ହେଉଛନ୍ତି ନୀରବ କର୍ମୀ। ତେଣୁ ଏମାନେ ପ୍ରକୃତ ହିରୋ। ରାଜ୍ୟର ପ୍ରତି ଘରେ ଥିବା ବୀରମାନଙ୍କୁ ଚିହ୍ନଟ କରି ରାଜ୍ୟର ପ୍ରଗତି ନନ୍ଦିଘୋଷକୁ ଆଗେଇ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୁ ଯୁବ ବାହିନୀର ୱେବ୍‌ସାଇଟ୍ www.bijuyuvavahini.com ସହିତ ମୁଁ ହିରୋ ଭ୍ରାମ୍ୟମାଣ ଗାଡ଼ିର ଶୁଭାରମ୍ଭ କରିଥିଲେ।

ରାଜ୍ୟ ଯୁବ ମଙ୍ଗଳ ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ କହିଲେ ଯେ, ଓଡ଼ିଶାରେ ପ୍ରତିଭାମାନଙ୍କୁ ଏକଜୁଟ କରିବା ପାଇଁ ଏଭଳି ଏକ ପ୍ରୟାସର ନିହାତି ଆବଶ୍ୟକତା ଥିଲା। ବିଜୁ ଯୁବ ବାହିନୀ ଏହି ଯୋଜନାରେ ନିଶ୍ଚୟ ଫଳପ୍ରଦ ହେବ ବୋଲି ସେ କହିଥିଲେ। ବିଜୁ ଯୁବ ବାହିନୀକୁ ନେଇ ବିରୋଧୀ କ'ଣ କହୁଛନ୍ତି ନ କହୁଛନ୍ତି ସେଥିରେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ଉତ୍ସବରେ ଯୋଗ ଦେଇଥିବା ମନ୍ତ୍ରୀ ପ୍ରତାପ ଜେନା ଓ ଚନ୍ଦ୍ରସାରଥି ବେହେରା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ତ୍ରିପାଠୀ, ପ୍ରମୋଦ ମଲ୍ଲିକ, ଦେବୀ ମିଶ୍ର, ☞ପୃଷ୍ଠା–୨



'ମୁଁ ହିରୋ ମୁଁ ଓଡ଼ିଶା' ଅଭିଯାନ ଆରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଭ୍ରାମ୍ୟମାଣ ଗାଡ଼ିର ଶୁଭାରମ୍ଭ କରୁଛନ୍ତି।

ନିର୍ବାଚନ ସଂସ୍କାର ଲାଗି ସର୍ବଦଳୀୟ ବୈଠକ

# ବାଲଟ ପେପର ସପକ୍ଷରେ ବିରୋଧୀ

**ଇଭିଏମ୍‌କୁ ନେଇ ଭିନ୍ନ ମତ**
- ବିରୋଧ କଲେ କଂଗ୍ରେସ ସିପିଆଇ, ଟିଏମ୍‌ସି, ବିଏସ୍‌ପି, ଡିଏମ୍‌କେ
- ମିଶ୍ର ପ୍ରତିକ୍ରିୟା ଦେଲେ ସିପିଏମ୍, ଏଏପି, ଏଆଇଏଡିଏମ୍‌କେ
- ସପକ୍ଷରେ ଭାଜପା, ବିଜେଡି
- ଭୋଟର ଜାଲିଆତି ରୋକିବାକୁ ଆଧାର ସଂଯୋଗ ପାଇଁ ଦାବି

**ନୂଆଦିଲ୍ଲୀ, ୨୭।୮(ଆଇଏଏନ୍‌ଏସ୍)**

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବିଶ୍ୱସନୀୟତା ଉପରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଉଛନ୍ତି। ଆଗାମୀ ନିର୍ବାଚନଗୁଡ଼ିକରେ ବାଲଟ ପେପର ବ୍ୟବହାର କରିବାକୁ ଦାବି ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ସୋମବାର ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଏକ ସର୍ବଦଳୀୟ ବୈଠକ ହୋଇଛି। ଏଠାରେ ଇଭିଏମ୍ ବ୍ୟବସ୍ଥା ହଟାଇବାକୁ ସ୍ୱର ଉତ୍ତୋଳନ ହୋଇଥିବାବେଳେ ଏ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ବିଭାଜିତ ହୋଇଯାଇଛନ୍ତି। ବାଲଟ ପେପର ବ୍ୟବସ୍ଥାର ପୁଣି ଆରମ୍ଭ ଏବଂ ଲୋକ ସଭା ଓ ବିଧାନସଭା ☞ପୃଷ୍ଠା–୨

# ଜନସ୍ୱାସ୍ଥ୍ୟ ବିଭାଗ ପାଣିଟାଙ୍କି ଭୁଶୁଡ଼ିଲା

- ବାଇକ୍ ସହ ୪ ସାଇକେଲ ଚୂରମାର
- ଅଳ୍ପକେ ବର୍ତ୍ତିଲେ କର୍ମଚାରୀ
- ୧୯୭୫ ମସିହାରେ ନିର୍ମାଣ କରାଯାଇଥିଲା
- ତଦନ୍ତ ଦାବିକଲେ ପୂର୍ବତନ ବିଧାୟକ

**ରାଉରକେଲା ଅଫିସ,୨୭।୮**

ସିଭିଲ ଟାଉନଶିପ୍ ଅଞ୍ଚଳରେ ଥିବା ଜନସ୍ୱାସ୍ଥ୍ୟ ବିଭାଗର ଏକ ପାଣିଟାଙ୍କି ସୋମବାର ପୂର୍ବାହ୍ନ ୧୧ଟାରେ ଭୁଶୁଡ଼ି ପଡ଼ିଛି। ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ବିଦ୍ୟୁତ୍ କାର୍ଯ୍ୟାଳୟ ଛାତ ଓ କାନ୍ଥ ଭାଙ୍ଗିଛି। ଗୋଟିଏ ବାଇକ ସହ ୪ ସାଇକେଲ ଚୂରମାର ହୋଇଯାଇଛି। ଏହି ଦୁର୍ଘଟଣା ସମୟରେ ବିଭାଗୀୟ କର୍ମଚାରୀ ଚା' ପିଇବାକୁ ବାହାରକୁ ଆସିଥିବାରୁ ବିପତ୍ତିରୁ ରକ୍ଷା ପାଇଛନ୍ତି। ଏପରି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଭିଡ ଜମିଥିଲା ।

ଏ ନେଇ ବିଭାଗୀୟ ଏସଡିଓ ମହେଶ୍ୱର ପ୍ରଧାନଙ୍କ ସୂଚନାନୁସାରେ ଉକ୍ତ ପାଣି ଟାଙ୍କି ୧୯୭୫ରେ ନିର୍ମାଣ କରାଯାଇଥିଲା। ଏଥିରୁ ସ୍ଥାନୀୟ ସିଭିଲ ଟାଉନଶିପ ଅଞ୍ଚଳକୁ ଜଳ ଯୋଗାଣ କରାଯାଉଥିଲା। ଏହାର ଉଚ୍ଚତା ପ୍ରାୟ ୨୦ ମିଟର। ପାଣିଟାଙ୍କିର ଆୟୁ ସାଧାରଣତଃ ୩୦ବର୍ଷ ହୋଇଥାଏ। ଏହା କିନ୍ତୁ ୪୨ବର୍ଷର


ଭୁଶୁଡି ପଡିଥିବା ପାଣିଟାଙ୍କି।

ବୋଲି ସେ କହିଛନ୍ତି। ନୂଆ ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଟାଙ୍କିଟି ପୁରୁଣା ହୋଇଯାଇଥିବାରୁ ମାଟି ଦବିବା କାରଣରୁ ଭୁଶୁଡ଼ି ପଡ଼ିଥିବା ସେ ଅନୁମାନ କରୁଥିବା କହିଛନ୍ତି। ବର୍ତ୍ତମାନ ବିକଳ୍ପ ପାଣି ଟାଙ୍କି ଜରିଆରେ ସିଭିଲ ☞ପୃଷ୍ଠା–୨

# ଜାତୀୟ ରେକର୍ଡ ସହ ନୀରଜଙ୍କୁ ସ୍ୱର୍ଣ୍ଣ

**ଏସିଆନ ଗେମ୍ସ ଜାଭେଲିନ**

**ଜାକର୍ତ୍ତା, ୨୭।୮(ପି.ଟି.)**

ପ୍ରଥମ ଭାରତୀୟ ଭାବେ ନୀରଜ ଚୋପ୍ରା ଏସିଆନ ଗେମ୍ସର ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କେବଳ ସେତିକି ନୁହେଁ ସେ ସ୍ୱର୍ଣ୍ଣିମ ସଫଳତା ଅବସରରେ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ମଧ୍ୟ ଭାଙ୍ଗିଛନ୍ତି। ଏଠାରେ ସେ ୮୮.୦୬ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏସିଆନ ଗେମ୍ସ ଇତିହାସରେ ଦ୍ୱିତୀୟ ଭାରତୀୟ ଭାବେ ସେ ଜାଭେଲିନ ଥ୍ରୋ ଇଭେଣ୍ଟରେ ପଦକ ପାଇଛନ୍ତି। ପୂର୍ବରୁ ୧୯୮୨ ନୂଆଦିଲ୍ଲୀ ଗେମ୍ସରେ ଗୁରତେଜ ସିଂ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦ ବର୍ଷୀୟ ନୀରଜଙ୍କ ତୃତୀୟ ଉଦ୍ୟମ ହିଁ ଭାରତକୁ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲା। ପ୍ରଥମ ଉଦ୍ୟମରେ ସେ ୮୩.୪୬ ମିଟର ଦୂରକୁ ଜାଭେଲିନ ଥ୍ରୋ କରିଥିବାବେଳେ ଦ୍ୱିତୀୟ ଉଦ୍ୟମରେ ଫାଉଲ୍ କରିଥିଲେ। ତୃତୀୟ ଉଦ୍ୟମରେ ୮୮.୦୬ ମିଟର ଛୁଇଁଥିବାବେଳେ ୪ର୍ଥ ଉଦ୍ୟମରେ ୮୩.୨୫ ଓ ୫ମ ଉଦ୍ୟମରେ ୮୬.୩୬ ମିଟର ଦୂରକୁ ଥ୍ରୋ କରିବାକୁ ସକ୍ଷମ ହୋଇଥିଲେ। ଏହି ଇଭେଣ୍ଟରେ ଚାଇନାର ଲିଉ କ୍ୱିଝେନ ୮୨.୨୨ ମିଟର ସହିତ ରୌପ୍ୟ ଓ ପାକିସ୍ତାନର ଅର୍ଶଦ ନଦୀମ ୮୦.୭୫ ମିଟର ସହ ବ୍ରୋଞ୍ଜ ପଦକ ପାଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଚାମ୍ପିୟନ ନୀରଜ ପ୍ରତିଯୋଗିତା ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିଲେ। ପୂର୍ବରୁ ମେ'ରେ ☞ପୃଷ୍ଠା–୨





ପାକିସ୍ତାନ ନୂଆ ସରକାର ନେଇଛନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏବେ ବିମାନ ବନ୍ଦରରେ ଭିଆଇପି ପ୍ରୋଟୋକଲ ନିଷେଧ କରାଯିବ। ପୂର୍ବରୁ ରାଜନେତା, ବିଚାରପତି ଏବଂ ସେନା ଅଧିକାରୀ ପ୍ରଭୃତି ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କୁ ଏହି ସୁବିଧା ମିଳୁଥିଲା। ଏବେ ଏହା ବନ୍ଦ ହେବ ବୋଲି ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ସରକାର ସୋମବାର ସୂଚିତ କରିଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ଫେଡ଼େରାଲ ଇନଭେଷ୍ଟିଗେସନ୍ ଏଜେନ୍ସିକୁ ସୂଚିତ କରାଯାଇଛି।




**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................

ବୟସ:......................................

ଜନ୍ମ ତାରିଖ: ...............................



ସିଦ୍ଧି
ପରିବାରବର୍ଗ



ମନିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିର୍ବାଚନ ପାଇଁ ମହିଳା ସଙ୍ଗଠନର ସଜବାଜ

ଭୁବନେଶ୍ୱର, ୨୭।୮ (ବ୍ୟୁରୋ)

- ଆସନ୍ତା ୩୦ରେ ଭାଜପାର ମହାଅଧିବେଶନ
- ରାଜ୍ୟବ୍ୟାପୀ ମହିଳା ଆକ୍ରୋଶ ଯାତ୍ରା କରିବ କଂଗ୍ରେସ
- ସବୁ ନିର୍ବାଚନମଣ୍ଡଳୀରେ ବିଜୁ ମହିଳା ଜନତା ଦଳର କାର୍ଯ୍ୟକ୍ରମ

ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ଆଭିମୁଖ୍ୟକୁ ନେଇ ବିରୋଧୀ ଦଳର ମହିଳା ସଙ୍ଗଠନ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବାର ଯୋଜନା ପ୍ରସ୍ତୁତ ହୋଇଛି। ନିକଟରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟବ୍ୟାପୀ ମହିଳା ସୁରକ୍ଷା କରାଯାଇଥିଲା। ଆସନ୍ତା ୩୦ ତାରିଖରେ ଦଳ ପକ୍ଷରୁ ଦୁଇ ଦିନିଆ ମହାଅଧିବେଶନ କାର୍ଯ୍ୟକ୍ରମ କରାଯାଇ ଖୁବ୍‌ଶୀଘ୍ର ରାଜ୍ୟବ୍ୟାପୀ ମହିଳାମାନଙ୍କ କାର୍ଯ୍ୟକ୍ରମ କରିବାକୁ ଘୋଷଣା କରାଯାଇଛି। ଅନ୍ୟପଟେ ମହିଳା କଂଗ୍ରେସ ପକ୍ଷରୁ ମଧ୍ୟ ସମାନ ଧରଣର କାର୍ଯ୍ୟକ୍ରମ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି। ତେବେ ବିରୋଧୀଙ୍କ ମହିଳା ସୁରକ୍ଷା କାର୍ଯ୍ୟକ୍ରମ କୌଣସି ପ୍ରକାରେ ଫଳପ୍ରଦ ହେବ ନାହିଁ ବୋଲି ବିଜୁ ମହିଳା ଜନତା ଦଳ ପକ୍ଷରୁ କୁହାଯାଇଛି।

କେନ୍ଦ୍ର ସରକାରଙ୍କ ବିଭିନ୍ନ ମହିଳା କଲ୍ୟାଣକାରୀ ଯୋଜନାର ସଫଳତା ଏବଂ ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ଆଭିମୁଖ୍ୟକୁ ଓଡିଶାର ପ୍ରତ୍ୟେକ ଘରେ ପହଞ୍ଚାଯିବ। ଏନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସଂକଳ୍ପ ନିଆଯାଇଛି। ଏହାର ସମ୍ପୂର୍ଣ୍ଣ ରୂପରେଖ ପ୍ରସ୍ତୁତ କରାଯାଇ ତାକୁ ବାସ୍ତବ ରୂପ ଦେବା ଲାଗି ଆସନ୍ତା ୩୦ ଓ ୩୧ତାରିଖରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ମହାଅଧିବେଶନ ଅନୁଷ୍ଠିତ ହେବ। ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ବିଜୟା ରାହତକର ଏହି ମହାଅଧିବେଶନ କାର୍ଯ୍ୟକ୍ରମ ଅବସରରେ ଯୋଗଦେବେ। ସୋମବାର ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡା ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରଭାତି କହିଛନ୍ତି ଯେ, ମହିଳାମାନଙ୍କୁ ସୁରକ୍ଷା, ଗ୍ରାମାଞ୍ଚଳରେ ମଦର ବ୍ୟାପକ କାରବାର ପାଇଁ ଯୁବକମାନେ ପଥଭ୍ରଷ୍ଟ ହେଉଛନ୍ତି। ରାଜ୍ୟ ସରକାର ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ କରୁଛନ୍ତି, ୪ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ସ୍ୱାସ୍ଥ୍ୟସେବାରୁ ବାଦ୍ ପଡିବା, ମମତା ଯୋଜନା ଲାଗି ଆସୁଥିବା କେନ୍ଦ୍ରୀୟ ସହାୟତାକୁ ଦଳୀୟ ଭିତ୍ତିରେ ବଣ୍ଟିବା, ନାରୀମାନଙ୍କୁ ଶିକ୍ଷାରୁ ବଞ୍ଚିତ କରିବା ଆଦି କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ମହାଅଧିବେଶନରେ ମୁଖ୍ୟ ଆଲୋଚନାର ବିଷୟ ହେବ ବୋଲି ପ୍ରଭାତି କହିଛନ୍ତି।

ପ୍ରଦେଶ ମହିଳା କଂଗ୍ରେସ ସଭାପତି ସସ୍ମିତା ବେହେରା କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ନେଇ ଆଗାମୀ ଦିନରେ ଉଚିତ ଜବାବ ଦିଆଯିବ। ଦଳ ପକ୍ଷରୁ ରାଜ୍ୟବ୍ୟାପୀ ମହିଳା ଆକ୍ରୋଶ ଯାତ୍ରା କରାଯିବାକୁ ରଣନୀତି ପ୍ରସ୍ତୁତ ହୋଇଛି। ସରକାରଙ୍କ ବିଭିନ୍ନ ମହିଳା ବିରୋଧୀ ମନୋଭାବ ମହିଳାଙ୍କ ମନରେ ଆକ୍ରୋଶ ସୃଷ୍ଟି କରିଛି। ଏହି ଆକ୍ରୋଶକୁ ନେଇ ରାଜରାସ୍ତାକୁ ଦଳ ଓହ୍ଲାଇବ। ଏନେଇ ଆସନ୍ତା ଏକ ସପ୍ତାହ ମଧ୍ୟରେ ସ୍ପଷ୍ଟ କରାଯିବ ବୋଲି ସେ କହିଛନ୍ତି।

ବିଜୁ ମହିଳା ଜନତା ଦଳ ସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ରାଜନୈତିକ କାର୍ଯ୍ୟକ୍ରମ କରିବାରେ ଆମର କୌଣସି ଅସୁବିଧା ନାହିଁ। ଆସନ୍ତା ସେପ୍ଟେମ୍ବର ୨୪ରୁ ୩୦ ପର୍ଯ୍ୟନ୍ତ ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରେ ମହିଳା ଜନତା ଦଳ ପକ୍ଷରୁ କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ କେନ୍ଦ୍ର ସରକାର ଦେଶର ମହିଳାମାନଙ୍କ ପାଇଁ କ'ଣ କରିଛନ୍ତି ତା'ର ହିସାବ ମଗାଯିବ। ରାଜ୍ୟ ସରକାରଙ୍କ ମହିଳା କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ କୁହାଯିବ। ରାଜ୍ୟ ସରକାର ମହିଳାଙ୍କ ପାଇଁ ଯେଉଁ ସବୁ ଜନହିତକାରୀ ଯୋଜନା କରିଛନ୍ତି, ଆଗାମୀ ନିର୍ବାଚନରେ ତାହା ସ୍ପଷ୍ଟ ହୋଇଯିବ ବୋଲି ପ୍ରମିଳା କହିଛନ୍ତି।

## ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ

## ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ କହିଲେ ପ୍ରସ୍ତୁତ ଅଛି ବିଭାଗ

ଭୁବନେଶ୍ୱର, ୨୭।୮ (ବ୍ୟୁରୋ)

ରାଜ୍ୟରେ ପ୍ରଥମ ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ ହୋଇଛି। ଉକ୍ତ ରୋଗୀ ଜଣକ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଖୋର୍ଦ୍ଧା ଜିଲା ନାରୁଣୀ ଅଞ୍ଚଳର ଜଣେ ୨୩ ବର୍ଷୀୟ ମହିଳା ସ୍ୱାଇନ୍ ଫ୍ଲୁରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନଜରକୁ ଆସିଛି। ଏନେଇ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡ. ବଜ୍ରକିଶୋର ବ୍ରହ୍ମା କୁହନ୍ତି, ସ୍ୱାଇନ୍ ଫ୍ଲୁରେ ଆକ୍ରାନ୍ତ ମହିଳାଙ୍କ ସ୍ୱାସ୍ଥ୍ୟ ଭଲ ଅଛି। ତେବେ ଏହାକୁ ନେଇ ଜନସାଧାରଣ ଭୟଭୀତ ହେବାର ନାହିଁ। ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି। ସ୍ୱାଇନ୍ ଫ୍ଲୁ ପାଇଁ ଔଷଧ ମହଜୁଦ ରହିଛି। କଟକ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲ, ଭିମ୍‌ସାର ବୁର୍ଲା ମେଡିକାଲ କଲେଜ ଏବଂ ହସ୍ପିଟାଲରେ ସ୍ୱାଇନ୍ ଫ୍ଲୁ ସ୍ୱତନ୍ତ୍ର ୱାର୍ଡ ଖୋଲିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକସ୍ଥଳେ କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ସ୍ୱାଇନ୍ ଫ୍ଲୁ ୱାର୍ଡ ଖୋଲାଯିବ। ତେବେ ପ୍ରଥମେ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ସ୍ୱାଇନ୍ ଫ୍ଲୁ ୱାର୍ଡ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାଇନ୍ ଫ୍ଲୁ ପ୍ରତି ସଜାଗ ରହିବା ପାଇଁ ମଙ୍ଗଳବାର ଏକ ବୈଠକ ବସିବ ବୋଲି ଡ. ବ୍ରହ୍ମା କହିଛନ୍ତି।






**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଛି। 9583032439. D-63588

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8082

**3BHK duplex 38 Lakh near Balianta, residential plot near KIIT, Jagannath Temple, Trisulia, Trinath Bazar, Janal. 8249065546, 9938340505, 9040033905.** D-63590

ଭୁବନେଶ୍ୱରର ଅରଗୁଳ IIT ନିକଟରେ ଘରଉପଯୋଗୀ ଜାଗା sqft.- 180/-ରେ ମିଳୁଛି। Indramani Parida: 9938737955. D-63586

Fully furnished 3BHK flat, 2nd floor at Ashok Nagar @ 95 Lac. 7978584549 (Broker not allowed). D-64111



A five room house with 3 toilet, 1st floor at VSS Nagar, Main road for office/ family. Contact: 9937280869. D-7974



All type of massage and good therapy full body massage Sai herbal spa. 7609005923. D-64201

BBSR opening newly ayurvedic full body massage ladies & gents. 7438851534, 7609923705. D-38525

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8085

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Admission open medical registration BAMS, BHMS, BUMS, D. Pharma, Nursing. Contact: 9893869473. D-64112

**ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା**



(ସିଦ୍ଧି)

ସ୍ନେହାଂଶୀ

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନ ଉପରେ କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ବାଲଟ ପେପର ...

ନିର୍ବାଚନ ଏକ ସମୟରେ କରିବା କଥାକୁ ଅନେକ ଜାତୀୟ ଏବଂ ଆଞ୍ଚଳିକ ଦଳ ଗ୍ରହଣ କରିଲେ ନାହିଁ। ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ବିଜୁ ଜନତା ଦଳ (ବିଜେଡି) ଇଭିଏମ୍ ସପକ୍ଷରେ କହିଛନ୍ତି। ତେବେ ଇଭିଏମ୍ ସମସ୍ୟା ଉପରେ 'ସନ୍ତୋଷଜନକ ସମାଧାନ' ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନ (ସିଇସି) ଓ.ପି. ରାୱତ୍ କହିଛନ୍ତି। ବୈଠକରେ ନିର୍ବାଚନ ଖର୍ଚ୍ଚ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଛି। ୨୦୧୪ ଲୋକ ସଭା ନିର୍ବାଚନ ପରେ ଗୋଟିଏ ପରେ ଗୋଟିଏ ରାଜ୍ୟ ଦଖଲ କରିଚାଲିଛି ଭାଜପା। ଗୈରିକ ଦଳ ଇଭିଏମ୍ ଜାଲିଆତି କରି ଭୋଟ ଜିତୁଛି ବୋଲି କଂଗ୍ରେସ, ମାୟାବତୀଙ୍କ ଦଳ ବିଏସ୍‌ପି, ଏଏପି ଓ ଅନ୍ୟ କେତେକ ଦଳ ଅଭିଯୋଗ କରିଆସୁଛନ୍ତି। ପ୍ରଚଳିତ ଭୋଟିଂ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଦାବି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସେମାନେ ଟାର୍ଗେଟ କରୁଛନ୍ତି। ସୋମବାର ସର୍ବଦଳୀୟ ବୈଠକରେ ମଧ୍ୟ ଏହା ଥିଲା ପ୍ରମୁଖ ପ୍ରସଙ୍ଗ। ଆମନ୍ତ୍ରିତ ୫୮ ଦଳ ମଧ୍ୟରୁ ୪୧ଟି ଦଳ ବୈଠକରେ ସାମିଲ ହୋଇଥିଲେ। ତନ୍ମଧ୍ୟରୁ କଂଗ୍ରେସ, ସିପିଆଇ, ତୃଣମୂଳ କଂଗ୍ରେସ (ଟିଏମ୍‌ସି), ବିଏସ୍‌ପି ଓ ଡିଏମ୍‌କେ ଏକ ସ୍ୱରରେ 'ଇଭିଏମ୍ ହଟାଅ' ଦାବି କରିଥିଲେ। ପ୍ରଚଳିତ ଭୋଟିଂ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ କରିବା ପାଇଁ ସିପିଏମ୍ ମତ ଉପସ୍ଥାପନ କରିଥିଲା। ଇଭିଏମ୍ ଫଳାଫଳ ସହ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି) ମିଶୁଛି କି ନା, ତାହା ଯାଞ୍ଚ କରିବା ଲାଗି ଆବଶ୍ୟକସ୍ଥଳେ ଭୋଟ ଗଣନା ଅଧିକ ଥର କରାଯାଉ ନଚେତ୍ ପେପର ବାଲଟ୍ ଯୁଗକୁ ଫେରିଚାଲ ବୋଲି ଏଏପି କହିଛି। ଏଆଇଏଡିଏମ୍‌କେ ଉଭୟ ଇଭିଏମ୍ ଏବଂ ବାଲଟ୍ ପେପରକୁ ସମର୍ଥନ କରିଛି। କଂଗ୍ରେସ ନେତା ମୁକୁଲ୍ ୱାସ୍‌ନିକ କହିଛନ୍ତି, ଇଭିଏମ୍ ଏକ ଗୁରୁତର ସମସ୍ୟା। ଭିଭିପିଏଟି ବ୍ୟବସ୍ଥା ଆରମ୍ଭ ହୋଇଛି ସତ, କିନ୍ତୁ ଯାଞ୍ଚ ହେଉ ନାହିଁ। ତେଣୁ ଅତିକମ୍‌ରେ ୩୦ ପ୍ରତିଶତ ଭୋଟ ଫଳାଫଳକୁ ଯାଞ୍ଚ କରିବା ଉଚିତ ବୋଲି କଂଗ୍ରେସ କହିଛି। ସେହିପରି ଜାଲ୍ ଭୋଟରଙ୍କ ସଂଖ୍ୟା ବଢୁଥିବାରୁ ନିର୍ବାଚନ ପ୍ରକ୍ରିୟା ପ୍ରଭାବିତ ହେଉଛି ବୋଲି ୱାସନିକ୍ କହିଛନ୍ତି। ପାଖାପାଖି ୭୦ ପ୍ରତିଶତ ଦଳ ଇଭିଏମ୍ ହଟାଇବା ସପକ୍ଷରେ ଥିବା କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଙ୍ଘଭୀ କହିଛନ୍ତି। ଭୋଟର ପରିଚୟପତ୍ରରେ ଜାଲିଆତି ରୋକିବା ପାଇଁ ଆଧାର ସଂଯୋଗ କରାଯାଉ ବୋଲି କେତେକ ଦଳ ପ୍ରସ୍ତାବ ଦେଇଥିବା ଇସି କହିଛନ୍ତି। ଅନ୍ୟପକ୍ଷେ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଇଭିଏମ୍ ସପକ୍ଷରେ ଯୁକ୍ତି ଦର୍ଶାଇ କହିଛନ୍ତି ଯେ, ଆମେ ପଛକୁ ନ ଫେରି ଆଗକୁ ବଢ଼ିବାକୁ ଚିନ୍ତା କରିବା ଉଚିତ। ଇଭିଏମ୍ ଫଳାଫଳ ସହ ଭିଭିପିଏଟି ରିପୋର୍ଟର ତାଳମେଳ ଯାଞ୍ଚ କରିବା ଏକ ଉତ୍ତମ ପଦକ୍ଷେପ। ବାଲଟ ପେପର ଯୁଗକୁ ଫେରିବା ପାଇଁ କଂଗ୍ରେସର ଦାବି ସମ୍ପର୍କରେ ନଡ୍ଡା କହିଛନ୍ତି, ଏହି ଦଳର ଆଗ କଥା ଚିନ୍ତା କରିବାର ଅଭ୍ୟାସ ନାହିଁ। ତେବେ ଭୋଟରଙ୍କ ପରିଚୟ ଯାଞ୍ଚ ଦିଗ ଉପରେ ଭାଜପା ଗୁରୁତ୍ୱ ଦେଉଛି। ଏହି ପ୍ରକ୍ରିୟାରେ ସାମିଲ ହେଉଥିବା ଲୋକଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ଆବଶ୍ୟକ।

ସର୍ବଦଳୀୟ ବୈଠକରେ ବିଜେଡି ପକ୍ଷରୁ ଯୋଗଦେଇଥିଲେ ଏମ୍‌ପି ପିନାକୀ ମିଶ୍ର। କେତେ ପ୍ରତିଶତ ଭିଭିପିଏଟି ପେପର ଟ୍ରାଏଲ୍ ଗଣନା ହେବ, ତାହାର ଏକ ସ୍ପଷ୍ଟ ଉତ୍ତର ଇସି ଦେଇଦିଅନ୍ତୁ। ଏହା ଥରେ ହୋଇଗଲେ, ସବୁ ଦଳ ସନ୍ତୁଷ୍ଟ ହୋଇଯିବେ। ଆଉ ଇଭିଏମ୍‌କୁ ନେଇ ଦ୍ୱନ୍ଦ୍ୱ ବଢ଼ିବ ନାହିଁ ବୋଲି ପିନାକୀ କହିଛନ୍ତି। ସେହିପରି ଏକକାଳୀନ ନିର୍ବାଚନକୁ ବିଜେଡି ସମର୍ଥନ କରୁଥିବା ସେ କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ଯାଦବ କହିଛନ୍ତି, ଇଭିଏମ୍ ଉପରେ ଲୋକଙ୍କ ଭରସା ନାହିଁ। ଏହାର ବିଶ୍ୱସନୀୟତା ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିବା ଚିନ୍ତାଜନକ ବିଷୟ। ତେଣୁ ଏନେଇ ନିର୍ବାଚନ କମିଶନ ବିହିତ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ। ବିରୋଧୀଙ୍କ ଦାବି ପୂରଣ ନ ହେଲେ ଦିଲ୍ଲୀରେ ସେ ଏକ ରାଲି କରିବେ ବୋଲି ସେ କହିଛନ୍ତି।

### ରାଜ୍ୟର ପ୍ରତି...

ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତି, ନରେନ୍ଦ୍ର ସ୍ୱାଇଁ, ପୂର୍ବତନ ଏମ୍‌ପି ଦିଲୀପ ତିର୍କୀ, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସଚିବ ବିଶାଳ ଦେବ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଓଡ଼ିଶାର ୬ ଜଣ ପ୍ରତିଭା ଯଥା ଝିଲି ଦଳବେହେରା(ଭାରୋତ୍ତୋଳନ), ମହମ୍ମଦ ଜାଫର ଇକ୍‌ବାଲ (ଦୃଷ୍ଟିହୀନ କ୍ରିକେଟ), ମୁନି ଡିଗା (ଗାଇ ଚରାଳିରୁ ଶତାବ୍ଦୀ ଏକ୍ସପ୍ରେସ୍‌ର ପାଇଲଟ୍), ନୀଳମାଧବ ବେହେରା (ରାଜ୍ୟର ପ୍ରଥମ ହ୍ୟୁମାନ ରୋବଟ୍ ପ୍ରସ୍ତୁତକାରୀ), ସ୍ୱର୍ଣ୍ଣଲତା ଦଳେଇ (ପର୍ବତ ଆରୋହଣକାରୀ), ମମତା ଦଳେଇ (କୁମ୍ଭୀର ସହିତ ଲଢେଇ କରିଥିବା) ପ୍ରତିଭାଙ୍କୁ 'ମୁଁ ହିରୋ' ଭାବେ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ୨୦ ପ୍ଲାଟୁନ ଫୋର୍ସର ବନ୍ଦୋବସ୍ତ କରାଯାଇଥିଲା। କାର୍ଯ୍ୟକ୍ରମ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବିଜୁ ଯୁବ ବାହିନୀର ସଦସ୍ୟମାନେ କଟକ ଆସିଥିଲେ। ଇନ୍‌ଡୋର ହଲ୍‌ର ପ୍ରତି ଗ୍ୟାଲେରି ବିଜୁ ଯୁବ ବାହିନୀ ସଦସ୍ୟଙ୍କ ଦ୍ୱାରା ଭରପୂର ହୋଇପଡ଼ିଥିଲା। ଧଳା ଟି-ଶାର୍ଟ ସାଙ୍ଗକୁ ଧଳା ଟୋପି ପିନ୍ଧି ଏହି ଯୁବତୀ ଯୁବକମାନେ ବେଶ୍ ଉତ୍ସାହିତ ଜଣାପଡୁଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କ ଦ୍ୱାରା ପ୍ରସ୍ତୁତ ଓ ହ୍ୟୁମାନ ସାଗର ଓ ଦୀପ୍ତିରେଖାଙ୍କ କଣ୍ଠରେ 'ମୁଁ ହିରୋ ମୁଁ ଓଡ଼ିଶାର' ସିଗ୍‌ନେଚର ଟ୍ୟୁନ୍ ଓ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା।

### ଜାତୀୟ ରେକର୍ଡ..

ଦୋହାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍ ସିରିଜର ପ୍ରଥମ ଚରଣରେ ସେ ୮୭.୪୩ ମିଟର ଥ୍ରୋ କରି ସେ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ଯାହାକୁ କି ସେ ଏବେ ଭଙ୍ଗ କରିଛନ୍ତି। ଚଳିତ ଏସିଆନ ଗେମ୍ସରେ ନୀରଜଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଚାଇନିଜ୍ ତାଇପେର ଚାଓ ସୁନ ଚେଙ୍ଗ। ତାଙ୍କ ନାମରେ ୯୧.୩୬ ମିଟର ଜାଭେଲିନ ଥ୍ରୋ କରିବାର ରେକର୍ଡର ରହିଛି। ମାତ୍ର ଏଠାରେ ସେ କେବଳ ୭୯.୮୧ ମିଟର ଥ୍ରୋ କରିପାରି ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ୮୬.୪୮ ମିଟର ଥ୍ରୋ ସହ ବିଶ୍ୱ ଜୁନିୟର ରେକର୍ଡର ଅଧିକାରୀ ଥିବା ନୀରଜ ଚଳିତ ସିଜନରେ ଚମତ୍କାର ଫର୍ମରେ ରହି କ୍ରମାଗତ ୮୫ ମିଟରରୁ ଉର୍ଦ୍ଧ୍ୱ ଥ୍ରୋ କରିବାରେ ସକ୍ଷମ ହୋଇଛନ୍ତି। ଗତ ମାର୍ଚ୍ଚରେ ସେ ୮୫.୯୪ ମିଟର ସହିତ ଫେଡେରେଶନ କପ୍‌ରେ ବିଜୟ ହାସଲ କରିଥିଲେ। ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୮୬.୪୭ ମିଟର ଥ୍ରୋ କରି ଥିବାବେଳେ ଦୋହା ଡାଇମଣ୍ଡ ଲିଗ୍‌ରେ ୮୭.୪୩ ମିଟର ସଫଳତା ପାଇଥିଲେ। ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତି ସ୍ୱରୂପ ସେ ଫ୍ରାନ୍ସ ଓ ଫିନ୍‌ଲାଣ୍ଡରେ ଯଥାକ୍ରମେ ୮୫.୧୭ ଓ ୮୫.୬୯ ମିଟର ଥ୍ରୋ କରିବାରେ ସକ୍ଷମ ହୋଇଥିଲେ।

### ଜନସ୍ୱାସ୍ଥ୍ୟ ବିଭାଗ...

ଟାଉନଶିପ୍ ଅଞ୍ଚଳ ବାସିନ୍ଦାଙ୍କୁ ଜଳ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ତେବେ ଏହି ପାଣି ଟାଙ୍କିର ଅବଧି ଶେଷ ହେବା ପୂର୍ବରୁ କାହିଁକି ନୂଆ ଟାଙ୍କି ନିର୍ମାଣ ନେଇ ପଦକ୍ଷେପ ନିଆଗଲା ନାହିଁ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ପ୍ରଶ୍ନ କରିଛନ୍ତି। ପ୍ରଶାସନିକ ଅବହେଳା ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ସେ ଏହାର ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷେ ସରକାରୀ ଅବହେଳାରୁ ଏଭଳି ଘଟଣା ଘଟିଲା ବୋଲି ଜିଲା କଂଗ୍ରେସ ସଭାପତି ରବି ରାୟ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ରକ୍ଷଣାବେକ୍ଷଣ ଅଭାବରୁ ଏପରି ଘଟିଲା। ସହରରେ ଥିବା ପୁରୁଣା ପାଣିଟାଙ୍କି, ବ୍ରିଜ ଆଦିର ରକ୍ଷଣାବେକ୍ଷଣ ପ୍ରତି ସରକାର ଦୃଷ୍ଟି ଦିଅନ୍ତୁ ଅନ୍ୟଥା ଏନେଇ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ।


**ମନେ ପଡ଼ନ୍ତି**

**ଅଷ୍ଟମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତା ଇନ୍ଦ୍ରମଣି ହରିଚନ୍ଦନ**
ସ୍ୱା- ଭାସ୍କର ହରିଚନ୍ଦନ
ତିରୋଧାନ: ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା
ନୟାପଲ୍ଲୀ ଗଡ଼ସାହି
ତୁମର ସ୍ୱଚ୍ଛ ଆନ୍ତରିକତା, ଦୟା, କ୍ଷମା, ସ୍ନେହ, ଶ୍ରଦ୍ଧା ଆମକୁ ଅନୁପ୍ରାଣିତ କରୁଥାଉ ଆମେ ପରମ୍‌ବ୍ରହ୍ମଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ପୁତ୍ରବଧୂ- ଆରତି, ରଘୁ, ଲକି, ଲିକି।
ଧ-୮୦୭୫


## ଦକ୍ଷିଣ, ପଶ୍ଚିମ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୭।୮ (ବ୍ୟୁରୋ)

ଉତ୍ତର ପଶ୍ଚିମ ବଙ୍ଗୋପସାଗର, ପଶ୍ଚିମବଙ୍ଗ ଏବଂ ଉତ୍ତର ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ୱେଲମାର୍କ ଲୋ ପ୍ରେସରରେ ପରିଣତ ହୋଇଛି। ଏହାର ପ୍ରଭାବରେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, ନୂଆପଡା, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ସମୁଦ୍ର ଉପକୂଳ ଅଶାନ୍ତ ରହୁଛି। ଏହି ସମୟରେ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଭବାନୀପାଟଣାରେ ସର୍ବାଧିକ ୧୬୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୨୧, ବଲାଙ୍ଗୀର ୯୨.୮, ଫୁଲବାଣୀ ୧୫, ଟିଟିଲାଗଡ ୧୩୪, ସୋନପୁର ୪୧.୪ ଏବଂ ଦାରିଙ୍ଗିବାଡିରେ ସର୍ବାଧିକ ୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଗତ ଜୁନ ମାସରୁ ଅଗଷ୍ଟ ୨୭ ତାରିଖ ମଧ୍ୟରେ ରାଜ୍ୟରେ ୧୩ ପ୍ରତିଶତ ଅଧିକ ବର୍ଷା ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଚନ୍ଦ୍ରଙ୍କ ଶୁଭପ୍ରଭାବରୁ କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାକୁ ପଡିପାରେ। ଅର୍ଥ ସମ୍ପର୍କିତ କଥାବାର୍ତ୍ତା ବନ୍ଧୁଙ୍କ ସହ କଲେ ଉପକୃତ ହେବେ। ଦ୍ୱିଜା ନକ୍ଷତ୍ର ପରିବାରର ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ବୃଷ**
ଚନ୍ଦ୍ର କୁମ୍ଭରାଶିରେ ଅବସ୍ଥାନ କରିଥିବାରୁ କୌଣସି ଆତ୍ମୀୟଙ୍କ ସହ ମତାନ୍ତର ଆଶଙ୍କା ରହିଛି। ସ୍ୱାସ୍ଥ୍ୟହାନି କାରଣରୁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇପାରନ୍ତି। ନିକଟ ସମ୍ପର୍କୀୟଙ୍କ ଦ୍ୱାରା ପ୍ରତିବନ୍ଧକ ହେତୁ ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି। ମାତ୍ର ରୋହିଣୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷତା ବଳରେ କାମ ହାସଲ କରିବେ।

**ମିଥୁନ**
ଅର୍ଥ ଓ ସମ୍ମାନ ପାଇବା ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। କୌଣସି ଜିନିଷ ଦେବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ସାଧାରଣ କଥାରେ ମୁହଁ ଫେରାଇ ନେଇପାରନ୍ତି। ଆଜିର ଯାତ୍ରାରେ ପୁନର୍ବସୁ ନକ୍ଷତ୍ର ଲକ୍ଷ୍ୟହାସଲ କରିପାରିବେ।

**କର୍କଟ**
କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟାର ସରଳ ସମାଧାନ ହେତୁ ମାନସିକ ସ୍ଥିରତା ଅବଶ୍ୟ ଆସିବ। ଅଶ୍ଳେଷା ନକ୍ଷତ୍ର ଅନ୍ୟମାନଙ୍କ କଥାରେ ପଡି ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ନଚେତ୍ ସମସ୍ୟାକୁ ଡାକି ଆଣିବା ପରି ହେବ। ବ୍ୟବସାୟ, ସଭାସମିତି, ବନ୍ଧୁଙ୍କ ସହ ଆଲୋଚନା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ର ବହୁତ ଭଲ ରହିବ।

**ସିଂହ**
ବହୁ ଆଳାପ ଅନେକ ସମସ୍ୟାର କାରଣ ହୋଇପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ସହକର୍ମୀମାନଙ୍କ ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରିପାରନ୍ତି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ।

**କନ୍ୟା**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ଚିତ୍ରା ନକ୍ଷତ୍ରର ପୁରାତନ ରୋଗର ପୀଡା ବୃଦ୍ଧି ପାଇବା କାରଣରୁ ମନ ଅଶାନ୍ତ ରହିବ। ସଭାସମିତିରେ, କୌଣସି ସିଦ୍ଧାନ୍ତ ନେବାରେ, ବନ୍ଧୁମାନଙ୍କ ବିଚାର ଆପଣଙ୍କ ସପକ୍ଷରେ ରହିପାରେ। ବାଣିଜ୍ୟ, ବ୍ୟବସାୟରେ କ୍ଷତିର ଭରଣା କରି ଋଣ ପରିଶୋଧ କରିବେ।

**ତୁଳା**
ବିଭିନ୍ନ ପ୍ରକାର ସମସ୍ୟା ରହିଥିଲେ ମଧ୍ୟ ଆଜିର କାମ ପାଇଁ କିଛି ଅସୁବିଧା ହେବନାହିଁ। ସହକର୍ମୀଙ୍କ ନିକଟରୁ ନିର୍ଭର ପ୍ରତିଶ୍ରୁତି ଲାଭ କରି ଦୁଶ୍ଚିନ୍ତାର ମାତ୍ରା କମିଯିବ। ପରିବାରର ବୟସ୍କ ବ୍ୟକ୍ତିମାନଙ୍କର ପରାମର୍ଶ ଅନୁଯାୟୀ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ସ୍ୱାତୀ ନକ୍ଷତ୍ରର ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ବିଛା**
ବାରମ୍ବାର ସ୍ୱାସ୍ଥ୍ୟହାନି ଘଟିବାରୁ ମାନସିକ ଶାନ୍ତି ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତତା ଅନୁଭବ କରିବେ। ପରିବହନ, ଏଜେନ୍ସିପ୍, ହୋଟେଲ, ଷ୍ଟେସନେରି ଓ ବିଦ୍ୟୁତ୍ ବ୍ୟବସାୟରେ ଉନ୍ନତି କରିବେ। ଅନୁରାଧା ନକ୍ଷତ୍ର ପ୍ରଶାସନିକ ସ୍ତରରେ ଏବଂ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ଧନୁ**
ଆଜି ଧନସ୍ଥାନସ୍ଥ ଚନ୍ଦ୍ର ହେତୁ ଆଶାନୁଯାୟୀ ଅର୍ଥ ପାଇବା କଷ୍ଟକର ହୋଇପାରେ। ପରିସ୍ଥିତିର ତାଡନାରେ ଆକସ୍ମିକ ଭାବରେ ସ୍ଥାନ ପରିବର୍ତ୍ତନ ଯୋଗ ରହିଛି। କର୍ମକ୍ଷେତ୍ରରେ ଦାୟିତ୍ୱବୋଧ ବୃଦ୍ଧି ପାଇପାରେ। ମୂଳା ନକ୍ଷତ୍ରର ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ମକର**
ବନ୍ଧୁମାନଙ୍କ ଆହ୍ୱାନକ୍ରମେ ଦୂରଯାତ୍ରା କରିବା ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ। ପରିବାରରେ ପିଲାଙ୍କ ଆଚରଣରେ ପରିବର୍ତ୍ତନଜନିତ ମନରେ ଦୁଃଖ ଆସିପାରେ। ବହୁତ ଦିନରୁ ଅପେକ୍ଷା କରିଥିବା ଜିନିଷର ପ୍ରାପ୍ତି ସକାଶେ ପଡୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ଶ୍ରବଣା ନକ୍ଷତ୍ର ଅଧସ୍ତନ କର୍ମଚାରୀଙ୍କ ସାଧାରଣ ତ୍ରୁଟି ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କୁମ୍ଭ**
ଦୀର୍ଘଦିନ ପରେ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ କମି କମି ଆସିବା ହେତୁ ମନୋବଳ ବୃଦ୍ଧି ପାଇବ। ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ପ୍ରାୟୋଜିତ ମିଥ୍ୟା ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ। ଧନିଷ୍ଠା ନକ୍ଷତ୍ର ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ କେତେକ କଥା ଜାଣିଥିଲେ ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**ମୀନ**
ଆଜିର ଆନୁଷ୍ଠାନିକ କାମରେ ବନ୍ଧୁମିଳନ ହେତୁକ ଆନନ୍ଦ ଲାଭ କରିବେ। ସରକାରୀ ସ୍ତରରେ ପାଇଥିବା ପ୍ରତିଶ୍ରୁତିର ସବୁଜସଙ୍କେତ ପାଇ ଆନନ୍ଦ ଅନୁଭବ କରିବେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ମିତ୍ର ବନ୍ଧୁମାନେ ଅସହଯୋଗ କରିପାରନ୍ତି। ପୂର୍ବଭାଦ୍ରପଦ୍ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହୋଇପାରେ।

ଆଜି ଭାଦ୍ରବ କୃଷ୍ଣ ଦ୍ୱିତୀୟା ମଙ୍ଗଳବାର, ଅଗଷ୍ଟ ୨୮ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୧।୦୫ମି. ପର୍ଯ୍ୟନ୍ତ ପୂର୍ବଭାଦ୍ରପଦ/କୁମ୍ଭ, ତତ୍ପରେ ମୀନ ଚନ୍ଦ୍ର, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୮।୨୯ମି. ଗତେ ଘ୧୦।୦୯ମି. ମଧ୍ୟେ, ଘ୧୧।୪୮ମି. ଗତେ ଘ୧।୨୬ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୯ମି. ଗତେ ଘ୧୧।୪୮ମି. ମଧ୍ୟେ, ଘ୩।୪୨ମି. ଗତେ ଘ୫।୦୩ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୫୫ମି. ଗତେ ଘ୪।୨୮ମି. ମଧ୍ୟେ ରାହୁକାଳ।



ପ୍ରବଳ ବର୍ଷା ଯୋଗୁ ଦେଶର କେରଳ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, କର୍ନାଟକ ଓ ଆସାମ ପ୍ରଭୃତି ୫ଟି ରାଜ୍ୟରେ ଭୟାବହ ବନ୍ୟା ଦେଖାଦେଇଛି। ଏଥିରେ ଅଗଷ୍ଟ ୨୨ ତାରିଖ ସୁଦ୍ଧା ୯୯୩ ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ଏନେଇ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ସୂଚିତ ହୋଇଛି। କେରଳରେ ଇତିମଧ୍ୟରେ ୩୮୭ ଜଣ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ଉତ୍ତରପ୍ରଦେଶରେ ୨୦୪, ପଶ୍ଚିମବଙ୍ଗରେ ୧୯୫, କର୍ନାଟକରେ ୧୬୧ ଏବଂ ଆସାମରେ ୪୬ ଜଣଙ୍କର ମୃତ୍ୟୁ ହୋଇଛି।

# ଡ୍ରେସ୍ କୋଡ୍ ବର୍ଜନ କରିବେ ପ୍ରାଥମିକ ଶିକ୍ଷକ,୬ରେ ବିଶାଳ ସମାବେଶ

ଭୁବନେଶ୍ୱର, ୨୭।୮ (ବ୍ୟୁରୋ)

ସପ୍ତମ ବେତନ ଲାଗୁ କରିବା, କନିଷ୍ଠ ଶିକ୍ଷକମାନଙ୍କ ଦରମା ବୃଦ୍ଧି କରିବା, କ୍ରୀଡ଼ା ଓ କଳା ପ୍ରଶିକ୍ଷକଙ୍କୁ ୬ ବର୍ଷରେ ସ୍ଥାୟୀ କରିବା ସମେତ ୭ ଦଫା ଦାବି ପୂରଣ ପାଇଁ ଓଡ଼ିଶା ମିଳିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ମହାସଂଘ ସରକାରଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ କରିଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଆସନ୍ତା ୪ ତାରିଖ ସୁଦ୍ଧା ଯଦି ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ କାର୍ଯ୍ୟରତ ସମସ୍ତ ୧ଲକ୍ଷ ୮୦ହଜାର ଶିକ୍ଷକ ବିଦ୍ୟାଳୟକୁ ବନ୍ଦ କରିବା ସହିତ ଗୁରୁଦିବସରେ ଡ୍ରେସ୍ କୋଡ୍ ବର୍ଜନ କରିବେ ବୋଲି ଚେତାବନୀ ଦେଇଛି। ଏଥିସହିତ ଆସନ୍ତା ୬ ତାରିଖ ଦିନ ଭୁବନେଶ୍ୱରଠାରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ ଏବଂ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ମିଳିତ ଶିକ୍ଷକ ସଂଘ ପକ୍ଷରୁ ସୋମବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଆବାହକ ମଣ୍ଡଳୀର ବରିଷ୍ଠ ସଦସ୍ୟ ବଙ୍କିମ ଚନ୍ଦ୍ର ସାଗରଙ୍କ ସମେତ ସୁଶାନ୍ତ କୁମାର ବେହେରା, ଯାମିନୀକାନ୍ତ ପଣ୍ଡା, ଲକ୍ଷ୍ମଣ ମହାନ୍ତି ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ବାଇପାସ୍ ବସ୍ ଦୁର୍ଘଟଣା: ଚାଳକ ଗିରଫ

ଝାରସୁଗୁଡ଼ା ଅଫିସ,୨୭।୮ - ଝାରସୁଗୁଡ଼ା ବାଇପାସରେ ରବିବାର ଅପରାହ୍ଣରେ ଯାତ୍ରୀବାହୀ ବସ୍ ଧକ୍କାରେ କୃଷ୍ଣ ଚନ୍ଦ୍ର ଷଣ୍ଢ(୫୫) ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ବସର ଚାଳକ ବିଦ୍ୟାଧର ରାଉତ(୫୦)ଙ୍କୁ ଗିରଫ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଛି। ଝାରସୁଗୁଡ଼ା ଏକାତାଲିର କୃଷ୍ଣ ଚନ୍ଦ୍ର ଷଣ୍ଢ କାମସାରି ଘରକୁ ଫେରିବା ପାଇଁ ବାଇପାସର ଡିଭିଏସ୍ ସୋରୁମ୍ ନିକଟରେ ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ଝାରସୁଗୁଡ଼ାରୁ ସମ୍ବଲପୁର ଯାଉଥିବା ରାସେଶ୍ୱରୀ ବସ୍ ତାଙ୍କୁ ଧକ୍କା ଦେବାରୁ ଘଟଣା ସ୍ଥଳରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା।









■ ଜାତୀୟ କୃମିନାଶକ ଦିବସ ପାଇଁ ରାଜ୍ୟ ସମନ୍ୱୟ କମିଟି ବୈଠକ

# ସେପ୍ଟେମ୍ବର ୨୬ରେ ପିଲାଙ୍କୁ ଦିଆଯିବ କୃମିନାଶକ ଔଷଧ

ଭୁବନେଶ୍ୱର, ୨୭।୮ (ବ୍ୟୁରୋ)

୧ରୁ ୧୯ବର୍ଷ ବୟସ ମଧ୍ୟରେ ୧ କୋଟି ୪୨ ଲକ୍ଷ ୩୩ ହଜାର ୨୭୩ ପିଲାଙ୍କୁ କୃମିନାଶକ ଔଷଧ ସେବନ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷାପ୍ରତି ଆଗ୍ରହ ଏବଂ ସୁସ୍ଥ ଜୀବନଯାପନ ପାଇଁ ଏହି କୃମିନାଶକ ଔଷଧ ଦିଆଯିବା ଦରକାର ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା କହିଛନ୍ତି।

ରାଜ୍ୟରେ ଜାତୀୟ କୃମିନାଶକ ଦିବସ ସେପ୍ଟେମ୍ବର ୨୬କୁ ପାଳନ କରାଯାଉଛି। ଏହି ଦିନ ରାଜ୍ୟରେ ଏହି ବର୍ଗର ସମସ୍ତ ପିଲାଙ୍କୁ କୃମିନାଶକ ଔଷଧ ଦିଆଯିବା ନେଇ ସୋମବାର ବିଭାଗୀୟ ସଚିବ ମେହେର୍ଦ୍ଦାଙ୍କ ଅଧ୍ୟକ୍ଷତାରେ ସଚିବାଳୟରେ ଏକ ବୈଠକ ବସିଥିଲା। ବୈଠକରେ ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସମାଜ କଲ୍ୟାଣ ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ଡି.ଏମ୍.ଇ.ଟି ଡ. ସୋନାମାଳି ବାଗ୍, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ଲିଙ୍ଗରାଜ ମିଶ୍ରଙ୍କ ସହିତ ବିଦ୍ୟାଳୟ ଏବଂ ଗଣଶିକ୍ଷା, ଓପେପା, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫର ପଦାଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଚଳିତବର୍ଷ ଏପ୍ରେଲରେ କୃମିନାଶକ ଯୋଜନାରେ ବିଭାଗ ପକ୍ଷରୁ ୯୪,୦୧,୪୦୮ ଜଣ ପିଲାଙ୍କୁ ଔଷଧ ଖୁଆ ଯାଇଛି। ଏହି ସମୟରେ ୨୪ ଜିଲା ମଧ୍ୟରୁ ମାଲକାନଗିରି ଜିଲାରେ ସର୍ବାଧିକ ୯୬.୯୮% ଶିଶୁଙ୍କୁ କୃମିନାଶକ ଔଷଧ ଦିଆଯାଇଛି। ପୁରୀରେ ସର୍ବନିମ୍ନ ୮୩.୫% ପିଲାଙ୍କୁ ଏହି ଔଷଧ ଖାଇବାକୁ ଦିଆଯାଇଛି। ଆସନ୍ତା ମାସ ୨୬ରେ ୨୭ ଜିଲାରେ ଔଷଧ ଦିଆଯିବ। ଅଙ୍ଗନୱାଡ଼ି କର୍ମଚାରୀ, ସରକାରୀ ଓ ଘରୋଇ ସ୍କୁଲ ସମେତ ଡିପ୍ଲୋମା ଏବଂ ଧନ୍ଦାମୂଳକ ତାଲିମ୍ କେନ୍ଦ୍ର ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରାଯିବ। ସେହିଦିନ ୩୦ ଜିଲାର ୯ ମାସରୁ ୫ ବର୍ଷ ବୟସର ୪୩,୬୨, ୯୫୩ ଶିଶୁଙ୍କୁ ଭିଟାମିନ୍ ଏ ଖାଇବାକୁ ଦିଆଯିବ। ଏହି କାର୍ଯ୍ୟକ୍ରମ ପାଇଁ ଏ.ଏନ.ଏମ୍, ଅଙ୍ଗନବାଡି, ଆଶ କର୍ମୀ, ନୋଡାଲ ଶିକ୍ଷକ ଏବଂ ପଦାଧିକାରୀଙ୍କୁ ତାଲିମ୍ ପ୍ରଦାନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି।










ଧରିତ୍ରୀ
DHARITRI
ମଙ୍ଗଳବାର, ୨୮ ଅଗଷ୍ଟ, ୨୦୧୮

ମନେରଖ ! ଯେଉଁ ସମର୍ପଣ ଭଗବାନଙ୍କ ସର୍ତ୍ତ ପାଳନ କରିବାକୁ ଚାହେଁ ନାହିଁ– ତାହା ତାମସିକ ସମର୍ପଣ। ଏପରି ସମର୍ପଣ ଦ୍ୱାରା ମଣିଷ ଭଗବାନଙ୍କୁ ସବୁକିଛି କରିଦେବେ ବୋଲି ଆହ୍ୱାନ କରେ। ସେ ମଧ୍ୟ ଚାହେଁ ସବୁ କ୍ଲେଶ ଓ ଦ୍ୱନ୍ଦ୍ୱ ଏଡିଦେଇ ଚାଲିବାକୁ। ଏହା ହେଲା ଆତ୍ମ-ପ୍ରବଞ୍ଚନା। ଏହା କେବେ ତୁମକୁ ମୁକ୍ତି ଓ ପୂର୍ଣ୍ଣତା ଆଡକୁ ନେଇଯାଏ ନାହିଁ। –ଶ୍ରୀଅରବିନ୍ଦ



# ଗୋଚାଲାଣ ଓ ଭାରତ-ବାଂଲା ସମ୍ପର୍କ



ବିପିନ ବିହାରୀ ମିଶ୍ର

ବର୍ତ୍ତମାନ ଯେହେତୁ ବାଂଲାଦେଶର ପ୍ରଧାନମନ୍ତ୍ରୀ ଆୱାମୀ ଲିଗ୍‌ର, ବାଂଲାଦେଶ ସାଙ୍ଗରେ ଆମ ସମ୍ପର୍କ ଭଲ। ଶେଖ୍ ହାସିନା ହେଉଛନ୍ତି ମୁଜିବୁର ରହମନଙ୍କ କନ୍ୟା। ସେ ପାକିସ୍ତାନ ପ୍ରତି ଉଦାସୀନ ଓ ଭାରତ ପ୍ରତି ବନ୍ଧୁତାର ହାତ ବଢାଉଛନ୍ତି। ଭାରତ ସହିତ ଅଯଥା ବିବାଦ ନ କରି ଦେଶର ଉନ୍ନତିରେ ବ୍ୟସ୍ତ ଥିବାରୁ ବାଂଲାଦେଶର ଅଭିବୃଦ୍ଧି ହାର ୫.୫%ରେ ପହଞ୍ଚିଲାଣି, ଯାହାକି ପାକିସ୍ତାନଠୁ ବେଶି। କିନ୍ତୁ ତିନୋଟି ଘଟଣା ଭାରତ ବାଂଲାଦେଶ ଭିତରେ ଥିବା ସମ୍ପର୍କକୁ ଖରାପ କରିବ– ପ୍ରଥମ ହେଲା ତିସ୍ତା ନଦୀ ଜଳ ବଣ୍ଟନ ଓ ଦ୍ୱିତୀୟ ଅବୈଧ ଗୋରୁଚାଲାଣ। ଅବଶ୍ୟ ୧୯୭୧ ମସିହାରୁ ବାଂଲାଦେଶୀଙ୍କ ଭାରତରେ ଅନୁପ୍ରବେଶ (ସଂଖ୍ୟା ପ୍ରାୟ ତିନି କୋଟିରେ ପହଞ୍ଚିଲାଣି) ଓ ସେମାନଙ୍କୁ ଫେରେଇନେବା ପାଇଁ ବାଂଲାଦେଶର ଅନିଚ୍ଛା ଭାରତ-ବାଂଲାଦେଶ ସମ୍ପର୍କକୁ ତିକ୍ତତା ଆଡ଼କୁ ନେଇପାରେ। ଏଇ ତିନୋଟି ସମସ୍ୟା ମଧ୍ୟରୁ ଧାର୍ମିକ ଭାବନାକୁ କ୍ଷୁଣ୍ଣ କଲାପରି ସମସ୍ୟା ହେଉଛି ଗୋରୁ ଚାଲାଣ। ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ପଞ୍ଜାବ, ଆସାମ ଓ ମେଘାଳୟରୁ ସବୁଦିନେ ଗୋରୁମାନଙ୍କୁ ଅଡେଇ ବାଂଲାଦେଶରେ ପୂରାଯାଉଛି।

ଅଧିକାଂଶ ଗୋରୁମାଂସ ସେଠାରେ ଖିଆଯାଉଛି ଓ କିଛି ମଧ୍ୟପ୍ରାଚ୍ୟକୁ ପଠାଯାଉଛି, ଯାହାକୁ ଭାରତ, ବାଂଲାଦେଶ ଓ ପାକିସ୍ତାନର ଶ୍ରମିକମାନେ କିଣନ୍ତି। ଯେଉଁ ଗୋରୁ ପଠାଯାଉଛି ସେଥିପାଇଁ ସୀମା ଶୁଳ୍କ ବିଭାଗରୁ ଅନୁମତି ନିଆଯାଉନି କି ଟିକସ ଦିଆଯାଉନି। ଜଣେ ଗବେଷକଙ୍କ କହିବା କଥା ଯେ, ହଳେ ଗୋରୁଙ୍କୁ ପାର କରେଇଦେଲେ ୪୦,୦୦୦ ଟଙ୍କା ମିଳୁଛି। ବାଂଲାଦେଶ ଓ ଭାରତ (ପଶ୍ଚିମବଙ୍ଗ)ର ସୀମାନ୍ତରେ ମାତ୍ର ୭ କି.ମି. ବ୍ୟବଧାନରେ ବିନା ଲାଇସେନ୍ସରେ ୪୧ଟି ଗୋରୁହାଟ ଚାଲିଛି। ଏ ସଂକ୍ରାନ୍ତରେ ଭାରତ ସରକାର ଓ ବିଏସ୍ଏଫ୍ ପଶ୍ଚିମବଙ୍ଗ ସରକାରଙ୍କୁ ଲେଖିବା ସତ୍ତ୍ୱେ ହାଟ ବନ୍ଦ କରାଯାଉନାହିଁ। କାରଣ ଆମ ଦେଶରେ ଗରିବଙ୍କ ନାଁରେ ବହୁ ଅପରାଧ କରାଯାଏ। ସରକାରୀ ଜମି ମାଡ଼ିବସିବେ, ଘର କରିବେ। ତାଙ୍କଠାରୁ ନିୟମିତ ବଟି ଆଦାୟ ହେବ କିନ୍ତୁ ତାଙ୍କୁ ଯେତେବେଳେ ଉଚ୍ଛେଦ କରିବା ପାଇଁ ସରକାରୀ କଳ ଚେଷ୍ଟା କରିବ, ତେବେ ପ୍ରବଳ ପ୍ରତିରୋଧ ହେବ ଓ କହିବେ 'ଗରିବ ଲୋକ ଯିବେ କୁଆଡ଼େ?' ତା'ର ଉତ୍ତର ହେଉଛି ଯେଉଁଠୁ ଆସିଥିଲେ ସେଇଠିକୁ ଯିବେ। ଏଇ ହାଟରେ ଗୋରୁଙ୍କ କିଣାବିକା ହୋଇଯାଏ ମୋବାଇଲ ଫୋନ୍ ମାଧ୍ୟମରେ। ଦିନକୁ ହଜାର ହଜାର ଗୋରୁ ଚାଲାଣ ହେଉଥିବାରୁ ନିୟମିତ ବଟି ଆଦାୟ କରି କେତେକ ଦଳୀୟ ନେତା ଲାଭବାନ୍ ହୋଇଥାନ୍ତି।ହାଟ ଛଡା ଆଉ ଏକ ସମସ୍ୟା ହେଲା ଗ୍ରାମଗୁଡ଼ିକର ଅବସ୍ଥିତି। ବାଂଲାଦେଶ ସୀମାର ମାତ୍ର ୧୦୦ ମିଟର ମଧ୍ୟରେ ପ୍ରାୟ ୩୦୦ ଗାଁ ଅଛି ଓ ଏମାନଙ୍କ ମଧ୍ୟରୁ ୯୦%ରୁ ଅଧିକ ହେଉଛନ୍ତି ଅବୈଧ ଗୋରୁଚାଲାଣକାରୀ। ତା'ଛଡା ଏ ଜିଲାରେ ୯୫% ଅଧିବାସୀ ହେଉଛନ୍ତି ମୁସଲମାନ। ସେମାନଙ୍କ ମଧ୍ୟରୁ ବହୁତ ଆସିଛନ୍ତି ବାଂଲାଦେଶରୁ। ଡ. ବି.ବି. କୁମାର ଏ ବିଷୟରେ ଅନୁଧ୍ୟାନ କରି କିଛି ତଥ୍ୟ ଦେଇଛନ୍ତି। ୫ଟି ସୀମାନ୍ତ ଗାଁ (୨୪ ପ୍ରଗଣା ଜିଲା)ର କଥା ବିଚାରକୁ ନିଆଯାଉ। ଗୁଣରାଜପୁର ଗାଁରେ ୧୯୭୦ରୁ ୧୯୮୦ ମଧ୍ୟରେ ହିନ୍ଦୁଙ୍କ ସଂଖ୍ୟା ଥିଲା ୨.୩%। ୨୦୦୦ ମସିହାରେ ତାହା ଖସି ଆସିଲା ୧.୪%କୁ। ରାଉତବାଟୀ ଗାଁରେ ୧୯୮୦ ମସିହାରେ ହିନ୍ଦୁ ସଂଖ୍ୟା ଥିଲା ୫.୫%, ଏବେ ୩.୭%। ଫୋଗଲବାରିଆ ଗାଁରେ ସେହି ସମୟରେ ହିନ୍ଦୁଙ୍କ ସଂଖ୍ୟା ଥିଲା ୬.୪%। ବର୍ତ୍ତମାନ ୫.୫%।

ସୀମାନ୍ତର ମାତ୍ର ୧୦୦ମି. ଦୂରରେ ଯଦି ୩୦୦ ଗାଁ ରହିବ, ଯେଉଁଠି ସଂଖ୍ୟାଧିକ ବାଂଲାଦେଶୀ ମୁସଲମାନ, ତାହା ଦେଶର ସୁରକ୍ଷା ପ୍ରତି ବିପଦ। ଅନ୍ତର୍ଜାତୀୟ ରାଜନୀତିରେ କେହି ସ୍ଥାୟୀ ଶତ୍ରୁ କି ସ୍ଥାୟୀ ମିତ୍ର ନୁହନ୍ତି, ଏ କଥା ସମସ୍ତେ ଜାଣନ୍ତି। ଏକଦା ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ଶହେ ବର୍ଷ ଧରି ଯୁଦ୍ଧ ଲାଗି ରହିଥିଲା। ଜର୍ମାନୀର ଫ୍ରାନ୍ସ ସହ ବହୁ ବିବାଦ ଥିଲା କିନ୍ତୁ ଏବେ ସେମାନେ ମିତ୍ର। ମିତ୍ର ଶତ୍ରୁ ପାଲଟନ୍ତି ଓ ଶତ୍ରୁ ମିତ୍ର ପାଲଟନ୍ତି। ତେଣୁ ବାଂଲାଦେଶ ସାଙ୍ଗେ ବନ୍ଧୁତା ଥିଲେ ମଧ୍ୟ ଆମ ସୁରକ୍ଷାକୁ ହୁଗୁଳା କରିବା ଆଦୌ ଉଚିତ ନୁହେଁ। ମେ' ୩୧, ୨୦୧୭ରେ ସଂସଦର ଏକ କମିଟି ମତ ଦେଲେ ଯେ ଗୋରୁଗୁଡ଼ିକ ବେଙ୍ଗଲ କିମ୍ବା ଆସାମ ପହଞ୍ଚିଗଲେ ତାଙ୍କର ଚାଲାଣ ରୋକିବା କଷ୍ଟ। ସୀମାନ୍ତରେ ବିଏସ୍ଏଫ୍ ଜଗୁଛନ୍ତି। ସୀମା ଶୁଳ୍କ ଅଫିସର ଓ ସୀମାନ୍ତ ବାହିନୀ ୨୦୧୫ରେ ୨୦୦୦ ଗୋରୁ ଜବତ କଲେ, ଯାହାର ଦାମ୍ ହେବ ଦୁଇକୋଟି ଉପରେ। ୨୦୧୬ରେ ଜବତ ହେଲେ ପ୍ରାୟ ଆଠ ହଜାର, ତାଙ୍କ ଦାମ୍ ହେବ ପ୍ରାୟ ସାତ କୋଟି। ଜବତ ହୋଇଥିବା ଗୋରୁଙ୍କୁ ରଖିବା ଅସମ୍ଭବ ଦେଖି ସେମାନେ ବାଧ୍ୟ ହୋଇ ନିଲାମ କରିଦିଅନ୍ତି। ମାତ୍ର ଛଅ, ସାତ ହଜାରରେ ନିଲାମ ହୁଏ। କାରଣ ନିଲାମ ଧରିବା ପାଇଁ କେହି ସାହସ କରନ୍ତି ନାହିଁ, ଚୋରା ବେପାରୀଙ୍କ ବନ୍ଧୁବାନ୍ଧବଙ୍କ ଛଡ଼ା। ସେଥିପାଇଁ ଜବତ ହୋଇଥିବା ଗୋରୁ ଫେରିଯାଆନ୍ତି ଚୋରା ବେପାରୀଙ୍କ ପାଖକୁ। ଯଦି କେହି ସ୍ୱେଚ୍ଛାସେବୀ ହସ୍ତକ୍ଷେପ କଲା, ତାକୁ ପାଣି କେସ୍‌ରେ ପକେଇ ଦିଆଯାଏ।

ପାଣି କେସ୍ ହେଉଛି ଏକ ବୋତଲରେ ପାଣି ରଖି କୋଡିଂ ଫସ୍‌ଫେଟ୍ ତା' ଉପରେ ପକେଇଲେ ତାହା ମାଦକ ଦ୍ରବ୍ୟ ହୋଇଯିବ ଓ ରାଜନୈତିକ ଦଳର ଚାପରେ କିମ୍ବା ଚୋରା ବେପାରୀଙ୍କ ଦ୍ୱାରା ତୁଷ୍ଟ ହେଉଥିବା ଅବକାରୀ ଓ ପୋଲିସ ବିଭାଗ ଏମାନଙ୍କୁ ପାଣି କେସ୍‌ରେ ଗିରଫ କରିବେ ଓ ଜାମିନ ମିଳିବ ନାହିଁ। ଏଇସବୁ ଚାଲିଥିବା ସତ୍ତ୍ୱେ ପଶ୍ଚିମବଙ୍ଗ ସରକାର ୧ ସେପ୍ଟେମ୍ବର ୨୦୦୩ରେ ଆଦେଶ ଦେଇଥିଲେ ଯେ ସୀମାର ଆଠ କି.ମି. ମଧ୍ୟରେ ଥିବା ସମସ୍ତ ହାଟକୁ ବେଆଇନ ଘୋଷଣା କରାଯିବ। କିନ୍ତୁ ବେଙ୍ଗଲ ସରକାର ଏହାକୁ କାର୍ଯ୍ୟକାରୀ କରି ନ ଥିବାରୁ ସଂସଦୀୟ କମିଟି (ଚେୟାରମ୍ୟାନ ଥିଲେ ଚିଦାମ୍ବରମ୍) ଅସନ୍ତୋଷ ପ୍ରକାଶ କରିଥିଲେ।

ଗୋରୁମାନଙ୍କୁ ଅମାନୁଷିକ ଅବସ୍ଥାରେ ନିଆଯାଏ। ବିହାର, ଉତ୍ତରପ୍ରଦେଶ, ଓଡିଶା ଏପରି କି ପଞ୍ଜାବରୁ ସେମାନଙ୍କୁ ଟ୍ରକ୍‌ରେ ଠିଆ କରି କିଛି ବିଡା ନଡା ପକେଇ ଦେଇ ନିଆଯାଏ ପଶ୍ଚିମବଙ୍ଗ ସୀମାନ୍ତକୁ। ତା' ପୂର୍ବରୁ ଗାଁରୁ ଗୋରୁ ହାଟକୁ ଚାଲି ଚାଲି ଆସିଥାନ୍ତି। ନଡା ଖାଇ ଦୁଇ ତିନିଦିନ ଟ୍ରକ୍‌ରେ କେବଳ ଠିଆ ହୋଇ ପଶ୍ଚିମବଙ୍ଗରେ ପହଞ୍ଚିଲା ବେଳକୁ ସେଥିରୁ କେତୋଟି ମରିଯାଇଥାନ୍ତି। ବାଂଲାଦେଶରେ ପହଞ୍ଚିବା ପରେ ଚୋରା ବେପାରୀମାନେ ପଇସା ଦେଇ ଯାଆନ୍ତି ଏବଂ ଦଶଟଙ୍କିଆ ନୋଟରେ ଗୋଟିଏ ଠାର ଲେଖିଦିଅନ୍ତି। ସେଇ ଦଶ ଟଙ୍କିଆ ନୋଟ୍ ଦେଖେଇଲେ ବାଂଲାଦେଶୀ ବେପାରୀ ଜାଣିପାରିବ ଯେ ସେ ଠିକ୍ ଲୋକ ଏବଂ ଟଙ୍କାଟା ହାୱଲା ମାଧ୍ୟମରେ ପଳେଇ ଆସିବ। ସୀମା ପାର କରିବାଟା ବିଶେଷ କଷ୍ଟକର ନୁହେଁ। ମେଘାଳୟର ନଦୀ ହେଉଛି ସୀମାନ୍ତରେ। ମୁଁ ନିଜେ ଦେଖିଛି ଡାଉକି ବୋଲି ଏକ ଗାଁ, ଯେଉଁଠାରେ ଅଧିକାଂଶ ଦିନ ନଦୀ ଶୁଖିଲା ପଡିଥାଏ। ସେଠିକି ବସ୍ତା ବସ୍ତା ଗୁଆ ଯାଏ ଓ ସେଇଠୁ ଆସେ ଶସ୍ତା ଲୁଗା। ମୁର୍ସିଦାବାଦ ଜିଲାର ସୀମା ଓ ବାଂଲାଦେଶର ସୀମା ହେଉଛି ୧୫୧ କି.ମି.। ସେଥିମଧ୍ୟରୁ ୯୦ କିମି ହେଉଛି ନଦୀ। ବର୍ଷା ୪ ମାସ ଛାଡିଦେଲେ ସବୁଦିନେ ସହଜରେ ପାର ହୋଇପାରିବେ। ୭୦ କି.ମି. ହେଉଛି ପାହାଡ଼ିଆ ପଡ଼ିଆ। ବାକି ୨୪ କି.ମି.ରେ ତାରବାଡ଼ ଦିଆଯାଇଛି। ତାରବାଡ଼ କରିବା ସମୟରେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ଘୋର ପ୍ରତିବାଦ ହେଉଛି।

ସୀମାନ୍ତ ବାହିନୀ ଏବଂ ସୀମା ଶୁଳ୍କ ଅଧିକାରୀମାନେ ଯେତିକି ଗୋରୁ ଜବତ କରୁଛନ୍ତି ତାହା ପାଣିରେ ଲୁଚିଥିବା ବରଫ ଖଣ୍ଡର ଏକ ଛୋଟ ଅଂଶ ମାତ୍ର। ଯେଉଁ ଗୋରୁଗୁଡିକ ଯାଉଛନ୍ତି ତାଙ୍କୁ ଡେକ୍ସିଂ ପାଉଡର ଖୋଇବାରୁ ସେମାନେ ମୋଟା ହୋଇଯାନ୍ତି ଓ ସେମାନଙ୍କ ବଜାର ଦର ବଢ଼ିଯାଏ।

ବାଂଲାଦେଶ ସରକାର ଗୋରୁ ଚାଲାଣ ବନ୍ଦ କଲେ ଭୋଟ ପାଇବେ ନାହିଁ। ପଶ୍ଚିମବଙ୍ଗ ସରକାର ବାଂଲାଦେଶକୁ ଅନୁପ୍ରବେଶ ଓ ଗୋରୁ ଚାଲାଣ ରୋକିବା ପାଇଁ ଯଥେଷ୍ଟ ଚେଷ୍ଟା କରିବେ ନାହିଁ। ତେଣୁ ଗୋରୁ ଚାଲାଣ ଉପରେ ବିଭିନ୍ନ ପ୍ରାଦେଶିକ ସରକାର ଆଇନ କରି କଟକଣା ଜାରି କରନ୍ତୁ। ଯେଉଁମାନେ ଗୋରୁ ବିକ୍ରି କରିବା ପାଇଁ ବାଧ୍ୟ ହେଉଛନ୍ତି, ତାଙ୍କୁ ପ୍ରୋତ୍ସାହନ ସ୍ୱରୂପ ଗୋବର କିଣିବା, ଗୋମୂତ୍ର କିଣିବା, ସବ୍‌ସିଡି ଦେବା, ଗୋଚର ଜମି ସୁରକ୍ଷିତ ରଖିଲେ ଗୋରୁ ବିକ୍ରି ହେବନାହିଁ। ଚାଲାଣର ପ୍ରଶ୍ନ ଉଠିବ ନାହିଁ। ଅମାନୁଷିକ ଭାବେ ଗୋରୁଙ୍କୁ ଚାଲାଣ କରୁଥିବା ଅପରାଧୀଙ୍କ ନାଁରେ କେସ୍ କରିବା ଓ ସେ ଟ୍ରକ୍‌କୁ ବାଜ୍ୟାପ୍ତ କରିଦେବା ଉଚିତ। କଠୋର ଦଣ୍ଡ ସହିତ ପର୍ଯ୍ୟାପ୍ତ ପ୍ରୋତ୍ସାହନ ଗୋରୁ ଚାଲାଣ କମାଇବା ଦିଗରେ ସହାୟକ ହେବ।

ମୋ-୯୦୪୦୪୧୨୩୭୮

# 'ମୁଁ'ରୁ 'ଆମେ'



ଡ. ଶରତ ଚନ୍ଦ୍ର ରଥ

ପ୍ରାତଃଭ୍ରମଣ ପରେ କେହି କେହି ଟିକିଏ ଠିଆହୋଇ ସ୍ୱାସ୍ଥ୍ୟ ଓ ପରିବାର ଆଦି ବିଷୟରେ କଥା ହୁଅନ୍ତି। ସେଦିନ କିନ୍ତୁ ଆଲୋଚନାର ଦିଗ ଟିକିଏ ଭିନ୍ନ ଥିଲା। ପଡିଥିଲା ଆମ ସମୟର କଥା, ଆମ ଦେଶର କଥା ପୁଣି ସାରା ବିଶ୍ୱର କଥା। ସର୍ବେଶ୍ୱରବାବୁ ଓ ସୁଦର୍ଶନବାବୁଙ୍କ ମଧ୍ୟରେ କଥାବାର୍ତ୍ତା, ମୁଁ ମାତ୍ର ନୀରବ ଶ୍ରୋତା।

ସର୍ବେଶ୍ୱରବାବୁ କହିଲେ, ବୁଝିଲେ ସୁଦର୍ଶନବାବୁ, ବର୍ତ୍ତମାନ ସମୟ କେମିତି ମରୁଡିଆ ମରୁଡିଆ ଲାଗୁଛି। ସୁଦର୍ଶନବାବୁ କହିଲେ, କେଉଁ ବିଷୟ କହୁଛନ୍ତି, କେଉଁ ଦିଗଟି ମରୁଡିଆ ଲାଗୁଛି? ତହୁଁ ଆରମ୍ଭ କଲେ ସର୍ବେଶ୍ୱରବାବୁ,ଏଇ ଦେଖୁନାହାନ୍ତି–ସାହିତ୍ୟ, ଶିକ୍ଷା, ସମାଜସେବା, ଏପରି କି ବିଜ୍ଞାନ ଗବେଷଣା କ୍ଷେତ୍ରରେ ଦେଶକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଭଳି ବ୍ୟକ୍ତିତ୍ୱ କମିଗଲା ପରି ଲାଗୁଛନ୍ତି। ସୁଦର୍ଶନବାବୁଙ୍କର ଉତ୍ତର ଥିଲା ଯେ, ପ୍ରୋତ୍ସାହନର, ପ୍ରେରଣା ଓ ପୃଷ୍ଠପୋଷକତାର ଅଭାବ। ଦେଶ ଭିତରେ ଖାଲି ବେପାରୀ ମନୋଭାବ, ଟଙ୍କାକ ଦୁଇଟଙ୍କା ନୁହେଁ ଏକାବେଳକେ ପାଞ୍ଚ ଟଙ୍କା କରିବାର ମନୋବୃତ୍ତି। ସୁଯୋଗ ନ ପାଇଲେ ହାଇଁପାଇଁ, ଟିକିଏ ସୁଯୋଗ ପାଇଲେ ଅନ୍ୟକୁ ଠକିଦେବାର ଚିନ୍ତା। କଳା, ସାହିତ୍ୟ, ସଂସ୍କୃତି ଏସବୁ ବର୍ତ୍ତମାନ ଅଦରକାରୀ ଚିଜ ଭାବରେ ଗଣାହେଉଛି। ଦରକାରୀ ଭାବରେ ଗଣାଯାଉଛି କେବଳ ଟଙ୍କା।

ସର୍ବେଶ୍ୱରବାବୁ କହିଲେ– ହଁ, ଟଙ୍କା ତ ଦରକାର, ତେବେ ଅସୁବିଧା କେଉଁଠି? ସୁଦର୍ଶନବାବୁଙ୍କ ସରଳ ଉତ୍ତର ଥିଲା– ଟଙ୍କା ଦରକାର, ମାତ୍ର କଳାଟଙ୍କା ନୁହେଁ। ଆଉ ପ୍ରୋତ୍ସାହନ କଥା, କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା ଏପରି କି ବିଜ୍ଞାନକୁ ପ୍ରୋତ୍ସାହନ ଦେବାକୁ ଯେଉଁମାନେ ଅଭିପ୍ରେତ ସେମାନେ ଏସବୁ କଥାର ମହତ୍ତ୍ୱ ଜାଣନ୍ତି ନାହିଁ। ଚଉକି ସମ୍ଭାଳୁ ସମ୍ଭାଳୁ ତାଙ୍କ ଶକ୍ତି ଓ ସମୟ ଖତମ୍। ସବୁ କଥାରେ ରାଜନୀତି। ଆଲୋଚନା ଶୁଣି ଜଣେ ଦୁଇଜଣ ଶ୍ରୋତା ପହଞ୍ଚିଲେ ଓ ମନଦେଇ ଶୁଣିଲେ। ସୁଦର୍ଶନବାବୁ କହି ଚାଲିଥିଲେ ଯେ, ବର୍ତ୍ତମାନ ସାମାଜିକ ଜୀବନର ସବୁତକ ରସ ନିଗିଡିଯାଇ ଜମା ହୋଇଛି ରାଜନୀତି ପାଖରେ।

ଜଣେ ଶ୍ରୋତା ଏତେକଥା ଶୁଣିସାରି କହିଲେ– ହଁ ନେତାଙ୍କ ଗୁଣେ ଜନତା, ଓଳି ଗୁଣେ ଚକୁଳି। ମଙ୍ଗଳ ଗ୍ରହକୁ ଯାନ ପ୍ରେରଣ ଭାରତର ଏକ ଅଦ୍ୱିତୀୟ ସଫଳତା। ତା'ପରେ ପୃଥିବୀକୁ ଚମତ୍କୃତ କଲା ଭଳି ଆଉ କିଛି କଥା ଜଣାପଡୁ ନାହିଁ। ସାହିତ୍ୟ କ୍ଷେତ୍ରରେ ବିଶ୍ୱ ଦରବାରରେ ପହଞ୍ଚିଲା ପରି କୃତି ଓ କୃତିତ୍ୱ ଭାରତରେ ଅଛି, ମାତ୍ର କେଜାଣି କାହିଁକି ପହଞ୍ଚି ପାରୁନାହିଁ। ଦୂର ଅତୀତର ସମୃଦ୍ଧି ଅକଳ୍ପନୀୟ ମାତ୍ର ସାମ୍ପ୍ରତିକ ସ୍ଥିତି ଅର୍ଥାତ୍ ସ୍ୱାଧୀନତା ପରବର୍ତ୍ତୀ ସମୟର ପ୍ରଗତି ବିଶ୍ୱ ଦରବାରରେ ସେତେ ଆଖିଦୃଶିଆ ହୋଇନାହିଁ, ଦୁଇ ତିନୋଟି କଥାକୁ ଛାଡିଦେଲେ।

ସୁଦର୍ଶନବାବୁ କହିଲେ, ଅସଲ କଥାଟି ବୋଧହୁଏ ଏଇଆ ଯେ ଜନଜୀବନରୁ ଦେଶାତ୍ମବୋଧ ଭାବଟି କମିଯାଉଛି। ଫଳରେ ଚିନ୍ତା, ଚେତନା ଓ କର୍ମ କ୍ଷେତ୍ରରେ ଦେଶ ଯୋଡିହୋଇ ରହୁନାହିଁ। ଯୋଡିହୋଇ ରହୁଛି 'ମୁଁ', 'ମୋର' ଭାବ। 'ମୁଁ'ଟି ଆମେରେ ରୂପାନ୍ତରିତ ହେଉନାହିଁ। କି ବଡ, କି ସାନ, କି ନେତା, କି ଜନତା ସବୁଠାରେ ଏହି କଥାଟି ଲକ୍ଷ୍ୟଣୀୟ। କିଛି କାମ ନ କରି ଧନ, ମାନ, ଯଶ ପାଇବା ଅଥବା ଅଳ୍ପ କାମକରି ବହୁତ ଲାଭର ଅଧିକାରୀ ହେବାର ଭୂତ ଗ୍ରାସ କରିଛି ଜନମାନସକୁ। ଫଳତଃ ଚିନ୍ତାଧାରା ସଙ୍କୁଚିତ ହୋଇଯାଉଛି। ମୁଁ ଭାବର ସୀମା ଡେଇଁ ଚେତନା ଦେଶ ଭିତରେ ବିଶ୍ୱକୁ ପ୍ରସରି ଯାଉନାହିଁ। ବ୍ୟକ୍ତିଗତ ଜୀବନ ସହିତ ଦେଶଗତ ଜୀବନ ଯୋଡାଯାଉ ନାହିଁ। ବର୍ତ୍ତମାନ ଦେଶ ଚାଲିଛି ଦେଶ ବାଟରେ, ବ୍ୟକ୍ତି ଚାଲିଛି ବ୍ୟକ୍ତି ବାଟରେ। ଉଭୟଙ୍କର ସାକ୍ଷାତ ଯେତେ ଓ ଯେପରି ଭାବରେ ଘଟିବା କଥା ପ୍ରାୟତଃ ଘଟୁନାହିଁ। କାରଣ ପିଲାଦିନରୁ ଦେଶ ସହିତ ମନ ଯୋଡି ହୋଇନାହିଁ। ସ୍ମରଣକୁ ଆସେ ଶ୍ରୀଅରବିନ୍ଦଙ୍କ କଥା। ସେ କହିଥିଲେ–''ପିଲାଦିନରୁ ହିଁ ଆମର ପିଲାମାନଙ୍କ ମନକୁ ଦେଶର ଚିନ୍ତାଧାରା ଦ୍ୱାରା ପୂର୍ଣ୍ଣ କରିବାକୁ ହେବ। ଆମେ ଯଦି ଏହି ଚେଷ୍ଟା ନ କରିବା, ତେବେ ଗୋଟିଏ ଭାରତୀୟ ରାଷ୍ଟ୍ର ଗଢିବାର ଅଭିଳାଷକୁ ପୂରାପୂରି ତ୍ୟାଗ କରିବା ଉଚିତ।''

ଏକଥା ସବୁ ଶୁଣିଲା ବେଳକୁ ମୋ ମାନସପଟରେ ଆଙ୍କି ହୋଇଯାଉଥିଲା ଦୂର ଅତୀତର ଚିତ୍ର। ଅତୀତରେ ଆମ ଦେଶ ଥିଲା ଏକମାତ୍ର ଦେଶ ଯିଏ ଗଗନେ ପବନେ ସବୁଠାରେ ଶାନ୍ତି ପ୍ରତିଷ୍ଠାର କାମନା କରୁଥିଲା। ବିଶ୍ୱଭାବନାରେ ଭାବିତ ହେବାରେ ଆମ ଦେଶ ଥିଲା ପ୍ରଥମ, ଯାହାର ମର୍ମବାଣୀ ଥିଲା– ଯିଏ ଯେଉଁଠାରେ ଅଛନ୍ତି ସମସ୍ତେ ସୁଖରେ ରୁହନ୍ତୁ, ଭଲରେ ରୁହନ୍ତୁ। ମନେ ପଡିଯାଉଛି, ସ୍ୱାମୀ ବିବେକାନନ୍ଦଙ୍କ ଦିଗ୍‌ଦର୍ଶନ। ସେ କହିଥିଲେ, ''ଯେତେବେଳେ ଗ୍ରୀସ୍‌ର ଜନ୍ମ ହୋଇନାହିଁ, ରୋମ୍‌ର କଥା କେହି ଭାବିନାହିଁ, ସେହି ସୁଦୂର ଯୁଗରେ ଭାରତ ନିଜର ସଂସ୍କୃତିର ସାଧନାରେ କର୍ମମୁଖର ଥିଲା।''ପ୍ରକୃତରେ ଶିକ୍ଷା ମାଧ୍ୟମରେ ହିଁ ବ୍ୟକ୍ତି ଭିତରକୁ ଦେଶାତ୍ମବୋଧ ସଞ୍ଚରି ଯାଇପାରିବ। ଦେଶାତ୍ମବୋଧ ନ ରହିଲେ ବିଶ୍ୱବୋଧ ଆସିପାରିବ ନାହିଁ। ବ୍ୟକ୍ତି ଭିତରକୁ ଯାହା ଆସେ ସମାଜ ତାହା ଦ୍ୱାରା ପ୍ରଭାବିତ ହୁଏ। ଅତଏବ ବ୍ୟକ୍ତିଟିଏ ସମାଜର ଏକ ଏକକ ହେଲେ ମଧ୍ୟ ଗୁଣାତ୍ମକତାରେ ସମାଜଠାରୁ ବଡ। ବ୍ୟକ୍ତି ପ୍ରକୃତ ଅର୍ଥରେ ଶିକ୍ଷିତ ହେଲେ ସମାଜ ଶିକ୍ଷିତ ହୁଏ। ବ୍ୟକ୍ତି ଅଶିକ୍ଷିତ ତଥା ସୁବିଧାବାଦୀ ହେଲେ ସାମାଜିକ ଜୀବନ ଏବଂ ରାଷ୍ଟ୍ରୀୟ ଜୀବନର ଅଧୋଗତି ଘଟେ। ଡିଗ୍ରୀର ମାପରେ ଶିକ୍ଷାର ମାପ ହୁଏନାହିଁ– ଏକଥା ଆମେ ଜାଣିବା ଉଚିତ। ବ୍ୟକ୍ତି ସଂକୀର୍ଣ୍ଣମନା, ଅହଂକାରୀ, ସୁବିଧାବାଦୀ ତଥା ସ୍ୱାର୍ଥପର ହେଲେ ନିଜେ ଜାଣୁ କି ନ ଜାଣୁ ହତାଶାରେ ଜର୍ଜରିତ ହୁଏ ଏବଂ ପରିବେଶକୁ ଯନ୍ତ୍ରଣାରେ ଜର୍ଜରିତ କରେ।

ଅତଏବ ଶିକ୍ଷାନୀତି ନୁହେଁ ଶିକ୍ଷାର ଗତି ଓ ପ୍ରକୃତି ନ ବଦଳିଲା ପର୍ଯ୍ୟନ୍ତ ଯଥାର୍ଥ ପ୍ରଗତି ଆସିବ ନାହିଁ। ସମସ୍ତ ବିକାଶର ତାଲା ଖୋଲିବାର ଚାବିକାଠି ହେଉଛି ଶିକ୍ଷା। ଉପଯୁକ୍ତ ଶିକ୍ଷା ମାଧ୍ୟମରେ ଜଣେ ବ୍ୟକ୍ତିଗତ ଜୀବନକୁ ସମୃଦ୍ଧ କରିବା ସହ ସାମାଜିକ, ରାଷ୍ଟ୍ରୀୟ ପୁଣି ଅନ୍ତର୍ରାଷ୍ଟ୍ରୀୟ ଜୀବନକୁ ସମୃଦ୍ଧ କରିପାରିବ, ଏଥିରେ ସନ୍ଦେହ ନାହିଁ।

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର, ମୋ– ୯୪୩୭୭୫୬୨୪୦

## ଏଇ ଭାରତରେ

ବିପଦରେ ପଡ଼ିଲେ ବୁଦ୍ଧି ବାହାରେ। ମହାରାଷ୍ଟ୍ରର ଲାଟୁର ଏବଂ ଓସମାନାବାଦ୍ ଜିଲାର ମହିଳାମାନେ ପୁନର୍ନିର୍ମାଣ କାର୍ଯ୍ୟ କରିବାକୁ ଯାଇ ସ୍ୱାବଲମ୍ବନଶୀଳ ହୋଇପାରିଛନ୍ତି। ୧୯୯୩ ସେପ୍ଟେମ୍ବର ୩୦ରେ ଭୂମିକମ୍ପରେ ପାଖାପାଖି ୧୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜିଲାର ୫୨ଟି ଗାଆଁରେ ଧ୍ୱଂସସ୍ତୂପ ସୃଷ୍ଟି ହୋଇଥିଲା। ବହୁ ସଂଖ୍ୟକ ଲୋକ ଗୃହହୀନ ହୋଇପଡିଥିଲେ। ଏହାପରେ ଏହି ଦୁଇ ଜିଲାର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ି ବିଭିନ୍ନ ଉଦ୍ୟୋଗ ପାଇଁ ତାଲିମ ନେଲେ। ପ୍ରାୟ ୪୧,୦୦୦ ମହିଳା ସେମାନଙ୍କ ନିଜସ୍ୱ ଜମିରେ ଜୈବିକ କୃଷି କରିବା ପାଇଁ ସ୍ୱୟଂ ଶିକ୍ଷଣ ପ୍ରୟୋଗ (ଏସ୍ଏସ୍‌ପି) ଏନ୍‌ଜିଓ ଦ୍ୱାରା ତାଲିମ ପାଇଥିଲେ। କିଛିବର୍ଷ ମଧ୍ୟରେ ଏହି ମହିଳାମାନେ ପ୍ରସ୍ତୁତ ସାମଗ୍ରୀ ବିକ୍ରିକରି ୫୧୬ କୋଟି ଟଙ୍କା ଅର୍ଜନ କରିପାରିଥିଲେ ବୋଲି ଏସ୍ଏସ୍‌ପି ମୁଖ୍ୟ ପ୍ରେମ ଗୋପାଳନ୍ ପ୍ରକାଶ କରିଛନ୍ତି। ଭୂମିକମ୍ପର ବର୍ଷେ ପରେ କ୍ଷତିଗ୍ରସ୍ତ ଘରଗୁଡିକର ପୁନର୍ଗଠନ ପାଇଁ ସରକାର 'ସମ୍ବନ୍ଧ ସହାୟକ' ନିଯୁକ୍ତି ପାଇଁ ପ୍ରସ୍ତାବ ଦେଲେ। ଏଥିପାଇଁ ଏସ୍ଏସ୍‌ପି ଦ୍ୱାରା ମହିଳାଙ୍କୁ ତାଲିମ ଦିଆଗଲା। ସେମାନେ ପୁନର୍ଗଠନ କାର୍ଯ୍ୟ ତଦାରଖ ସହ ଗୃହ ମରାମତି ଏବଂ ସେଗୁଡିକର ଡିଜାଇନ୍ ପ୍ରସ୍ତୁତ ଲାଗି ଇଞ୍ଜିନିୟର ଓ ଠିକାଦାରଙ୍କ ସହିତ ସହଯୋଗ ରକ୍ଷାକରି କାର୍ଯ୍ୟ କଲେ। ଫଳରେ ଏହି ଦୁଇ ଜିଲାରେ ପୁନର୍ଗଠନ କାର୍ଯ୍ୟ ହେବା ସାଙ୍ଗକୁ ମହିଳାମାନେ ଜଣେ ଜଣେ ଉଦ୍ୟୋଗୀ ହୋଇପାରିଲେ। ବର୍ତ୍ତମାନ ଏହି ମହିଳାମାନେ ବନ୍ୟାବିପନ୍ନ କେରଳବାସୀଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

# ଭାଇଭଉଣୀ ସମ୍ପର୍କ



ଅଭିମନ୍ୟୁ ଧଳ

'ଭାଇଭଉଣୀ, କହ କାହାଣୀ'– ପିଲାମାନେ ମୋ ଛବି ବହିରୁ ଏହି ପଦଟି ଗାଇବା ବେଳେ ସ୍ୱତଃ ମନେପଡିଯାଏ ସଞ୍ଜ ହୋଇଗଲେ ଜେଜେମା'ଙ୍କୁ ଘେରିଯାଇ ନାତିନାତୁଣୀମାନେ କିପରି ଗପ ଶୁଣିବାକୁ ଜିଦ୍ କରନ୍ତି। ଜିଦ୍ ନ ଟାଳିପାରି ଜେଜେମା' ଖୋଲି ଦିଅନ୍ତି ଗପର ମନ୍ଥୁରା ପେଡି। ଟୁଆଁ ଟୁଇଁ ଗପ କହିଲା ବେଳେ ଭାଇଭଉଣୀ ପରସ୍ପର ହାତମାରି ଇଙ୍ଗିତ କରିଥାନ୍ତି, ଅର୍ଥାତ୍ ନିଜକୁ ଟୁଆଁ ଟୁଇଁ ଆସନରେ ରଖିଥାନ୍ତି। ବାଘମାମୁ କଥା ପଡିଲେ ଯେତିକି ଭୟ ସୃଷ୍ଟି ହୁଏ, ବାଘମାମୁ ଟୁଆଁ ଟୁଇଁ ଛପିଥିବା ହାଣ୍ଡିକୁ ଭୟରେ ଫୋପାଡିଦେଇ ଜଙ୍ଗଲକୁ ପଳାଇଯିବା ସେତିକି ରାସ୍ୟରୋଳ ସୃଷ୍ଟିକରେ। ରାଜାଝିଅକୁ ରାକ୍ଷସ ଚୋରାଇନେବା, ଭାଇ ରାଜକୁମାର ରାକ୍ଷସକୁ ବଧ କରି ଭଉଣୀକୁ ଉଦ୍ଧାର କରିବା ଗପର ଆସରକୁ ଋଦ୍ଧିମନ୍ତ କରିଥାଏ। 'ପାଠପଢା ସମୟ ହେଲାଣି'– ମା'ଙ୍କ ମୁହଁରୁ ଏହି କଥା ପଦକ ଶୁଣି ଉଠିଆସନ୍ତି ପିଲାମାନେ।

ଭାଇଭଉଣୀ ସମ୍ପର୍କ ଚିରନ୍ତନ, ନିଷ୍ପାପ ଓ ସ୍ୱର୍ଗୀୟ। ଯୁଗଯୁଗରୁ ଭାଇଭଉଣୀଙ୍କ ଅନାବିଳ ପ୍ରେମ ଅତୁଟ ରହିଆସିଛି। କେତେବେଳେ ଭଉଣୀର ଅପମାନ ସହି ନ ପାରି ପ୍ରତିଶୋଧପରାୟଣ ହୋଇଛି ଭାଇ। କେତେବେଳେ ଭାଇର ଖୁସି ପାଇଁ ଭଉଣୀ ମରଣକୁ ଆଦରି ନେଇଛି। ଭଉଣୀ ସୂର୍ପଣଖାର ନାସାକର୍ଣ୍ଣ ଛେଦନର ପ୍ରତିଶୋଧ ନେବା ପାଇଁ ରାକ୍ଷସରାଜା ରାବଣ ମା' ସୀତାଙ୍କୁ ଚୋରାଇ ନେଇଛି। ରାକ୍ଷସରାଜା ହିରଣ୍ୟକଶିପୁ ନିଜ ପୁତ୍ର ପ୍ରହ୍ଲାଦକୁ ମାରିବା ପାଇଁ ଆଦେଶ ଦେବାରୁ ଭଉଣୀ ହୋଲିକା ପ୍ରହ୍ଲାଦଙ୍କୁ ସାଙ୍ଗରେ ଧରି ଜ୍ୱଳନ୍ତ ଅଗ୍ନି ମଧ୍ୟକୁ ପ୍ରବେଶ କରି ନିଜେ ଦଗ୍ଧ ହୋଇଯାଇଥିଲେ, ଅଥଚ ବିଷ୍ଣୁଙ୍କ କୃପାରୁ ପ୍ରହ୍ଲାଦ ଅକ୍ଷତ ରହିଥିଲେ। କଳିଯୁଗରେ ଅନରକିଲିଂ ଭଳି ଘଟଣାରେ ଭାଇମାନେ ପରିବାରର ସମ୍ମାନ ପାଇଁ ଭଉଣୀର ଶତ୍ରୁ ସାଜୁଛନ୍ତି। ଆମ ଜଗନ୍ନାଥ ସଂସ୍କୃତିରେ ଭାଇ ବଳଭଦ୍ର ଓ ଜଗନ୍ନାଥଙ୍କ ମଝିରେ ଭଉଣୀ ସୁଭଦ୍ରା ଆସୀନ, ଯାହା ଭାଇଭଉଣୀ ସମ୍ପର୍କର ପିବତ୍ରତାକୁ ସୂଚାଏ। । ରଥଯାତ୍ରାରେ ବଳଭଦ୍ର ଓ ଜଗନ୍ନାଥ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ଯାତ୍ରା କରନ୍ତି। ଭଉଣୀର ସୁରକ୍ଷା ପାଇଁ ତାଳଧ୍ୱଜ ରଥ ଆଗରେ, ନନ୍ଦିଘୋଷ ରଥ ପଛରେ ଓ ମଝିରେ ଭଉଣୀ ସୁଭଦ୍ରାଙ୍କ ଦେବଦଳନ ରଥ ଚାଲେ।

ବୈଜ୍ଞାନିକ ଗବେଷଣାରୁ ଜଣାଯାଏ ଭଉଣୀ ଥିବା ବ୍ୟକ୍ତିମାନେ ଦୟାଳୁ ହୋଇଥାନ୍ତି। ଡେମଣ୍ଟଫୋର୍ଟ ବିଶ୍ୱବିଦ୍ୟାଳୟ ଓ ଅଲଷ୍ଟର ବିଶ୍ୱବିଦ୍ୟାଳୟର କେତେଜଣ ଗବେଷକ କହିଛନ୍ତି ଯେ, ବଡଭଉଣୀ ଥିବା ବ୍ୟକ୍ତିମାନେ ଜୀବନର ପରବର୍ତ୍ତୀ ସମୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗୁରୁତ୍ୱ ଦେଇଥାନ୍ତି। ସେହିପରି ସାନଭଉଣୀ ଥିବା ବ୍ୟକ୍ତିମାନେ ନିଜର ପାରିବାରିକ ଜୀବନରେ ସ୍ତ୍ରୀଙ୍କ କଥାକୁ ଟାଳିବାକୁ ପସନ୍ଦ କରନ୍ତି ନାହିଁ। ସେମାନଙ୍କ ଉପରେ ଭଉଣୀଙ୍କ ପ୍ରଭାବ ରହିଥିବାରୁ ଏପରି ହୋଇଥାଏ। ଭଉଣୀ ଥିବା ବ୍ୟକ୍ତିମାନେ ଛୋଟ ବେଳୁ ମହିଳାଙ୍କ ମାନସିକତା ପ୍ରତି ସମ୍ବେଦନଶୀଳ ରହିଥାନ୍ତି। ଫଳରେ ପାରିବାରିକ ଜୀବନରେ ସେମାନେ ମହିଳାଙ୍କ ପରାମର୍ଶକୁ ପ୍ରାଧାନ୍ୟ ଦେଇଥାନ୍ତି। ସେମାନଙ୍କଠାରେ ଈର୍ଷାପରାୟଣତା ଓ ହିଂସ୍ର ପ୍ରବୃତ୍ତି କମ୍ ଦେଖିବାକୁ ମିଳିଥାଏ।

ଭାଇଭଉଣୀ ବାର୍ଦ୍ଧକ୍ୟରେ ଉପନୀତ ହେଲେ ବି ମଝିରେ ମଝିରେ ଶୈଶବ ଓ କୈଶୋରର ସ୍ମୃତି ଉଙ୍କି ମାରିଲେ ମନେପଡିଯାଏ ପରସ୍ପର ମଧ୍ୟରେ ଚିମୁଟା ଚିମୁଟି, ବିଧା, ଚାପୁଡା ମରା ଦୃଶ୍ୟ। ପରସ୍ପରକୁ ଆକ୍ଷେପ କରି କହିବା, ପର ମୁହୂର୍ତ୍ତରେ ପୁଣି ଏକାଠି ହୋଇଯିବା ହୃଦୟକୁ ଆନ୍ଦୋଳିତ କରେ। ଏକାଠି ହୋଇଗଲେ ପିଲାଦିନର ଚପଲାମି ଆଲୋଚନା ପରିସରକୁ ଆସିଥାଏ। ଭାଇ ବାହାଘରରେ ଭଉଣୀ ଥାଏ ଅଧିକ ଖୁସି। ସେମିତି ଭଉଣୀ ବାହାଘର ଶେଷରେ ଶାଶୁଘରକୁ ଯିବାବେଳେ ଭାଇ ଆଖିରୁ ଅମାନିଆ ଲୁହ ଝରିପଡେ। ଏହାକୁ ଅଧିକ ସୁଦୃଢ କରିଥାଏ ପର୍ବପର୍ବାଣି। ଭଉଣୀ ଘରକୁ ଭାଇ ଦ୍ୱିତୀୟା ଭାର ନେଇଯିବା, ରାଖୀ ପୂର୍ଣ୍ଣିମାରେ ରାଖୀ ବାନ୍ଧିବା ସମ୍ପର୍କକୁ ଆହୁରି ସୁଦୃଢ କରିଥାଏ।

ଭାଇ ପାଇଁ ଭଉଣୀଙ୍କ ଆବଶ୍ୟକତା ରହିଛି, ଏହାକୁ ଅସ୍ୱୀକାର କରାଯାଇ ନ ପାରେ। ପରନ୍ତୁ କନ୍ୟାଭ୍ରୂଣ ହତ୍ୟା କରି ଏହାର ବ୍ୟତିକ୍ରମ ଆଣୁଛନ୍ତି ବାପା, ମା'ମାନେ। ଭଉଣୀମାନେ ଜୀବନସାରା ଭାଇଙ୍କର ଶୁଭ ମନାସୁଥିଲା ବେଳେ ଭାଇମାନେ ଭଉଣୀ ଦୁଆରେ ସୁଖଦୁଃଖରେ ପହଞ୍ଚିଯାଆନ୍ତି। କ୍ୱଚିତ୍ ସମ୍ପତ୍ତିକୁ ନେଇ ଭାଇଭଉଣୀ ସମ୍ପର୍କ ତିକ୍ତ ହୁଏ। କେଉଁଠି ଭଉଣୀ ସୂର୍ପଣଖା ତ କେଉଁଠି ଭାଇ କଂସ ହୋଇଯାଆନ୍ତି। ଏହା ସର୍ବାଦୌ ଅନୁଚିତ। ଜଗନ୍ନାଥ ଚେତନାର ଶ୍ରେଷ୍ଠ ନିଦର୍ଶନ ଭାଇଭଉଣୀ ଚେତନା। ସମସ୍ତ ସ୍ତ୍ରୀଙ୍କୁ ଭଉଣୀ ସୁଭଦ୍ରା ବା ମାଆ ଦୁର୍ଗାଙ୍କ ଭଳି ଦେଖିବାର ମହାନ୍ ଆଦର୍ଶ ଆମର ରହିଛି।

ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା,
ମୋ-୯୮୬୧୦୪୮୦୫୨

### ଚିରନ୍ତନୀ

ଦୁଃଖ ତା'ର ତାରାରାଜି
ଲଭି ମହା ଦୁଃଖ
ମଳିନ ତୁଷାରେ ପରା
ଆବରିଛି ମୁଖ।
ଭେଦି ସିନ୍ଧୁ ଗରଜନ
କାତର ତା'ର କ୍ରନ୍ଦନ
ସଞ୍ଚରି ପରାଣ ମନ
କରେ ମୋତେ ମୂକ
ତାରାରାଜି ଲଭେ ମହାଦୁଃଖ।
(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୮ ଅଗଷ୍ଟ ୧୯୯୩

- ନାଇଜେରିଆର ନୂତନ ରାଷ୍ଟ୍ରପତି ଭାବେ ଏରନେଷ୍ଟ ଶୋନେକାନ ଆନୁଷ୍ଠାନିକଭାବେ ଦାୟିତ୍ୱଗ୍ରହଣ କଲେ।
- ଏମ୍-୧୧ କ୍ଷେପଣାସ୍ତ୍ର ବିକ୍ରି ପ୍ରସଙ୍ଗକୁ କେନ୍ଦ୍ର କରି ଆମେରିକା ଚାଇନା ଏବଂ ପାକିସ୍ତାନ ଉପରେ ଦୁଇବର୍ଷିଆ ବାଣିଜ୍ୟିକ ଓ ଅର୍ଥନୈତିକ କଟକଣା ଲାଗୁ କରିବାରୁ ଚାଇନା କ୍ଷେପଣାସ୍ତ୍ର ପ୍ରଯୁକ୍ତି ନିୟନ୍ତ୍ରଣ କ୍ଷେତ୍ର (ଏମ୍.ଟି.ସି.ଆର.) ଚୁକ୍ତିରୁ ହଟିଯିବା ପାଇଁ ଧମକ ଦେଇଛି।
- ଆଫଗାନିସ୍ତାନ କାନ୍ଦାରରେ ଦୁଇ ଗେରିଲା ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୨୨୦ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ଆନ୍ଧ୍ର ମାଛ ପ୍ରତି ଆଗ୍ରହ କାହିଁକି

ମହାଶୟ,

ଯେଉଁମାନେ ଆନ୍ଧ୍ରପ୍ରଦେଶ ଯାଇଥିବେ ସେମାନେ ଦେଖିଥିବେ, ଯେଉଁ ପୋଖରୀରେ ମାଛ ଚାଷ ହେଉଛି ସେହି ପୋଖରୀ ଉପରେ ଭାଡି କରାଯାଇ କୁକୁଡ଼ା ଚାଷ କରାଯାଉଛି। ସେମାନଙ୍କର ଯେଉଁ ଲଣ୍ଡି ପୋଖରୀରେ ଅହରହ ପଡୁଛି ତାହା ମାଛର ଖାଦ୍ୟ ହେଉଛି। ଏହି ଲଣ୍ଡିରେ ଫସ୍‌ଫରସ ବା ରାସାୟନିକ ପଦାର୍ଥ ଥାଏ। ତାକୁ ଖାଉଥିବା ମାଛକୁ ଖାଇଲେ କୁଷ୍ଠ ଆଦି ଚର୍ମରୋଗ ହେବାର ଆଶଙ୍କା ରହିଛି। ଏବେ ପୁଣି ଏହାକୁ ସତେଜ ରଖିବା ପାଇଁ ଫର୍ମାଲିନ ବ୍ୟବହାର କରାଯାଉଛି, ଯାହାକୁ ଖାଉଟିମାନେ ବ୍ୟବହାର କଲେ କ୍ୟାନ୍‌ସର ଆଦି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ତେଣୁ ଆନ୍ଧ୍ର ମାଛ ପ୍ରତି ଆମର ଏତେ ଆଗ୍ରହ କାହିଁକି?

– ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଚାରାଗଛ ଯୋଗାଇ ଦିଆଯାଉ

ଦିନକୁ ଦିନ ପରିବେଶ ଖରାପ ହେବାରେ ଲାଗିଛି। ଏହାର ଅନେକ କାରଣ ମଧ୍ୟରୁ ଗଛ ନଷ୍ଟ ଅନ୍ୟତମ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ପରିମାଣରେ ଗଛ ଲଗାଇବାର ପଦକ୍ଷେପ ନେଇଛନ୍ତି। ଏଥିରେ ଜନସାଧାରଣ ସାମିଲ ହେବାକୁ ସରକାର କହୁଛନ୍ତି। ତେବେ ଗାଁଗୁଡ଼ିକରେ ଅନେକ ଆଗ୍ରହୀ ଲୋକ ଅଛନ୍ତି, ଯେଉଁମାନେ କି ଗଛ ଲଗାନ୍ତି। ଯଦି ସେମାନଙ୍କୁ ଚାରାଗଛ ଯୋଗାଇ ଦିଆଯାଏ, ତେବେ ବୃକ୍ଷରୋପଣ ସଂଖ୍ୟା ବୃଦ୍ଧି ପାଇବ।

–ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### su | do | ku — ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | A | | | | 9 | 7 | | | 4 | | |
| | | | | 7 | 5 | | D | | | | | 2 | 1 | |
| | | C | | | D | | | | | 6 | B | | | |
| 2 | B | | | | | | C | 0 | | A | | 7 | | |
| | 7 | 9 | C | | | | 3 | 1 | | 2 | 4 | | | |
| A | 6 | | 2 | | | | | | D | E | | | | |
| | 1 | | | | E | 3 | | | | 0 | | | 4 | 7 |
| | | 3 | | 6 | | E | | | A | 5 | | 1 | 8 | |
| | | | | | | | | | | | | E | | |
| B | C | | | | | | | 8 | | | | 3 | | 5 |
| 9 | 5 | | | | | | | | | | | | | |
| 4 | 8 | B | 0 | | | 9 | 2 | | | | A | | 3 | |
| | | | | | | 8 | | | 4 | 1 | 3 | | D | 0 |
| C | 0 | | | | 1 | | | E | | | 7 | B | 6 | |
| E | | | | | | 4 | | | | B | | 5 | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 1 | 9 | 2 | 7 | 5 | C | D | B | 8 | 3 | 4 | 0 | A | 6 |
| B | 2 | 7 | 4 | 3 | 9 | 6 | 0 | 5 | A | E | D | 1 | C | 8 |
| D | 6 | A | 1 | C | B | 2 | 8 | 4 | 9 | 7 | 0 | E | 3 | 5 |
| 8 | C | 3 | 6 | D | 0 | A | E | 7 | B | 5 | 1 | 2 | 9 | 4 |
| 0 | 5 | 4 | A | E | 8 | 3 | 1 | 9 | 2 | 6 | C | D | B | 7 |
| 3 | A | 8 | 0 | B | 1 | 5 | 2 | E | 7 | D | 9 | 4 | 6 | C |
| 1 | 4 | 2 | E | 6 | 3 | 7 | 9 | D | 5 | C | A | 8 | 0 | B |
| C | 0 | D | 9 | 4 | 7 | 8 | A | 1 | E | B | 6 | 5 | 2 | 3 |
| 9 | E | 5 | 8 | 2 | C | 0 | B | 6 | 1 | 4 | 3 | A | 7 | D |
| 7 | B | 6 | 5 | A | D | 4 | 3 | C | 0 | 2 | 8 | 9 | E | 1 |
| A | 7 | E | D | 8 | 4 | B | 6 | 2 | C | 9 | 5 | 3 | 1 | 0 |
| 4 | 8 | B | 7 | 9 | 2 | 1 | C | 3 | D | 0 | E | 6 | 5 | A |
| 5 | 9 | 0 | B | 1 | 6 | E | 4 | 8 | 3 | A | 7 | C | D | 2 |
| 6 | D | C | 3 | 5 | A | 9 | 7 | 0 | 4 | 1 | 2 | B | 8 | E |
| 2 | 3 | 1 | C | 0 | E | D | 5 | A | 6 | 8 | B | 7 | 4 | 9 |

ଗତକାଲିର ଉତ୍ତର



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



## ସଂକ୍ଷେପରେ

### ଜିଲା କୋର୍ଟରେ ମାଓବାଦୀ ନେତା ଆଜାଦ ହାଜର

**ପାରଳାଖେମୁଣ୍ଡି, ୨୭।୮(ସ୍ୱ.ପ୍ର.):** ଆମ୍ଭାଝରି କ୍ରସ ଫାୟାରିଂ ମାମଲାରେ ମାଓବାଦୀ ନେତା ଡି.କେଶବ ରାଓ (ଆଜାଦ)ଙ୍କୁ ସୋମବାର ଗଜପତି ଜିଲା କୋର୍ଟରେ ହାଜର କରାଯାଇଛି। ତାଙ୍କୁ କଡା ସୁରକ୍ଷା ମଧ୍ୟରେ ଭୁବନେଶ୍ୱରସ୍ଥିତ ଝାରପଡା ଜେଲରୁ ପାରଳାଖେମୁଣ୍ଡି ଅଣାଯାଇଥିଲା। ଜିଲା ଦୌରାଜଜ୍ ଦୁର୍ଗାଶଙ୍କର ମିଶ୍ରଙ୍କ କୋର୍ଟରେ ଏହି ମାମଲାର ବିଚାର ଆରମ୍ଭ ହୋଇଛି। ପାରଳାଖେମୁଣ୍ଡି ଥାନା କେସ୍ ନଂ. ୨୫/୧୦ ଅନୁଯାୟୀ, ୨୪.୩.୨୦୧୦ରେ ଗଜପତି ଜିଲାର ଆମ୍ଭାଝରି ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ କ୍ରସ ଫାୟାରିଂ ହୋଇଥିଲା। ଏଥିରେ ୩ଜଣ ପୋଲିସ କର୍ମଚାରୀ ନିହତ ହୋଇଥିଲେ । ଉକ୍ତ ମାମଲାରେ ମୋଟ ୪୨ଜଣ ସାକ୍ଷୀଙ୍କ ବୟାନ ମୁତାବକ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ଏଯାବତ୍ ୧୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି। ଗଜପତି ଜିଲା କୋର୍ଟରେ ମଙ୍ଗଳବାର ମଧ୍ୟ ଉକ୍ତ ମାମଲାର ବିଚାର ହେବାକୁ ଥିବାରୁ ଆଜାଦଙ୍କୁ ବର୍ତ୍ତମାନ ପାରଳାଖେମୁଣ୍ଡିସ୍ଥିତ ଉପକାରାଗାରରେ ରଖାଯାଇଛି।

# ଖାକିରେ କଳାଦାଗ: ୪.୫ ଲକ୍ଷ ଲୁଟିଲେ

**ବରଗଡ଼ ଅଫିସ୍,୨୭।୮**

ବରଗଡ଼ ପୋଲିସର ପିସିଆର ଟିମ୍ ରବିବାର ବିଳମ୍ବିତ ରାତିରେ ପାଇକମାଳର ଜଣେ ଲଗେଜ୍ ବ୍ୟବସାୟୀ ନନ୍ଦଲାଲ ପ୍ରସାଦଙ୍କଠାରୁ ସାଢ଼େ ୪ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏ ନେଇ ସୋମବାର ନନ୍ଦଲାଲ ବରଗଡ଼ ସଦର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୧୮୭/୧୮) ରୁଜୁ କରିଛି । ଏହି ମାମଲାରେ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ । ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ବରଗଡ଼ ଏସଡ଼ିପିଓ ସୁରେଶ କୁମାର ନାଏକ କହିଛନ୍ତି। ରବିବାର ନନ୍ଦଲାଲ କଲିକତା ଯିବା ପାଇଁ ପାଇକମାଳରେ ଏକ ଘରୋଇ ବସ୍‌ରେ ଚଢ଼ିଥିଲେ । ସେହି ବସରେ ସେ ସମ୍ବଲପୁର ପର୍ଯ୍ୟନ୍ତ ଯାଇ ସେଠାରୁ ଟ୍ରେନ ଯୋଗେ କଲିକତା ଯିବା କାର୍ଯ୍ୟକ୍ରମ ରହିଥିଲା । ସେ ବସ୍‌ରେ ଆସିବା ବାଟରେ ବରଗଡ଼ ଭଟଲି ଛକ ନିକଟରେ ପିସିଆର ଟିମ୍ ନନ୍ଦଲାଲଙ୍କୁ ବସ୍‌ରୁ ଓହ୍ଲାଇ ସିଧାସଳଖ ସଦର ଥାନାକୁ ନେଇଥିଲା ଏବଂ ସେଠାରେ ତାଙ୍କୁ ଭୟଭୀତ କରି ସେ ରଖିଥିବା ସାଢ଼େ ୪ଲକ୍ଷ ନଗଦ ଟଙ୍କାକୁ ଲୁଟି ନେଇଥିବା ନନ୍ଦଲାଲ ଏତଲାରେ ଉଲ୍ଲେଖ କରିଛନ୍ତି । ଏତଲା ପାଇବା ପରେ ସଦର ଥାନାରେ ପିସିଆର ଟିମ୍‌ର ସମ୍ପୃକ୍ତ କର୍ମଚାରୀ ତଥା ପୋଲିସ କନଷ୍ଟେବଳ ମାନଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି । ଏ ନେଇ ଏସଡ଼ିପିଓ ନାଏକ କହିଛନ୍ତି, ଅଭିଯୋଗ ଉପରେ କେତେ ସତ୍ୟତା ରହିଛି, ତାକୁ ନେଇ ଅନୁସନ୍ଧାନ ଜାରି ରହିଛି । ଅଭିଯୋଗକାରୀ ନନ୍ଦଲାଲଙ୍କ ବିରୋଧରେ ପୂର୍ବରୁ ମାଓବାଦୀ ନାଁରେ ଚାନ୍ଦା ଅସୁଲି ଅଭିଯୋଗ ରହିଥିଲା । ଫଳରେ ଏହି ମାମଲାରେ ସେହି ଲିଙ୍କ୍ ରହିଛି କି ନାହିଁ, ସେ ଦିଗରେ ମଧ୍ୟ ତଦନ୍ତ ଜାରି ରହିଛି ବୋଲି ଏସଡ଼ିପିଓ ନାଏକ କହିଥିଲେ ।ସୂଚନାଯୋଗ୍ୟ, ୨୦୧୭ ଏପ୍ରିଲ ୨୩ତାରିଖରେ ବରଗଡ଼ ଜିଲା ପୋଲିସ ସ୍ପେଶାଲ ସ୍କ୍ୱାଡ୍ ଛତିଶଗଡ଼ର ଜଣେ ସ୍କ୍ରାପ୍ ବ୍ୟବସାୟୀଙ୍କଠାରୁ ୩ଲକ୍ଷ ୮୨ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା । ସେହି ମାମଲାରେ ଜଣେ କନଷ୍ଟେବଳ, ପୋଲିସ ଭ୍ୟାନ ଡ୍ରାଇଭର ଏବଂ ଏସଓପି ଗିରଫ ହୋଇଥିଲେ ।

# କେବୁଲ ତାର ଚୋରି ଅଭିଯୋଗରେ ତିନି ଗିରଫ

**ବିଜେପୁର, ୨୭।୮ (ଡି.ଏନ.ଏ)**

ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ବିଜେପୁର ପୋଲିସ ସୋମବାର ୩ ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିଜେପୁରର ମହମ୍ମଦ ଇଦରିଶ (୪୦), ତାଙ୍କ ଭଣଜା ଅମୀର ଖାଁ (୨୫) ଓ ବରମୁଣ୍ଡାର ସୁଦାମ ବାରିକ (୨୩) । ଏ ନେଇ ବିଜେପୁର ଥାନାରେ ଏକ ମାମଲା (ନଂ.୧୩୬/୧୮) ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ସୋହେଲା କୋର୍ଟକୁ ଚାଲାଣ କରାଯିବ ବୋଲି ବିଜେପୁର ଆଇଆଇସି ରାଜେନ୍ଦ୍ର ଶିଆଳ କହିଛନ୍ତି । ପୋଲିସର ସୂଚନା ଅନୁସାରେ, ମହମ୍ମଦ ଇଦରିଶଙ୍କ ଭଣଜା ଅମୀର ଖାଁ ଏଲଆଣ୍ଡଟି କମ୍ପାନୀରେ କାର୍ଯ୍ୟରତ ଥିଲେ । ଉକ୍ତ କମ୍ପାନୀ ଗତ କିଛି ଦିନ ତଳେ ଅତାବିରା ଅଞ୍ଚଳର ରେଳଷ୍ଟେଶନରେ କାମ କରୁଥିଲା। ଅମୀର ନିଜ ମାମୁଁଙ୍କ ମଧ୍ୟସ୍ଥରେ ସେଠାରୁ ଦୁଇ ବଣ୍ଡଲ ତାର ବରମୁଣ୍ଡାର ଜନୈକ ବ୍ୟକ୍ତିଙ୍କୁ ବିକ୍ରି କରିଥିଲେ । କିନ୍ତୁ ସମ୍ପୃକ୍ତ ବ୍ୟକ୍ତି କ୍ରୟ ତାରର ମୂଲ୍ୟ ନ ଦେଇ ନିଜ ଗ୍ରାମର ସୁଦାମ ବାରିକଙ୍କ ଘରେ ରଖିଥିଲେ । ମାମୁଁ ଭଣଜା ଉଭୟେ ଅର୍ଥରାଶି ପଇଠ କରିବାକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚାପ ପକାଇଥିଲେ । ଫଳରେ ଏହି ବ୍ୟକ୍ତି ଜଣକ ଟଙ୍କା ନ ଦେଇ ଚୁପ୍ ରହିଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ବରମୁଣ୍ଡା ଗ୍ରାମର ସୁଦାମଙ୍କ ଘରେ ଚଢ଼ାଉ କରି ତାର ଓ ଏକ ଅଟୋକୁ ଜବତ କରିଥିଲା। ଏହି ତାରର ଅନୁମାନିକ ମୂଲ୍ୟ ୬୫ ହଜାର ଟଙ୍କା ହେବ ବୋଲି ଜଣାପଡିଛି ।

ରାଜ୍ୟରେ ୫୫ ହଜାରରୁ ଊର୍ଦ୍ଧ୍ୱ କିଶୋରୀ ଅଧାରୁ ପାଠ ଛାଡ଼ିବା ପ୍ରସଙ୍ଗ

## ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ରାଜ୍ୟରେ ପ୍ରାୟ ୫୫ ହଜାରରୁ ଊର୍ଦ୍ଧ୍ୱ କିଶୋରୀ ଅଧାରୁ ପାଠ ଛାଡିବା ପ୍ରସଙ୍ଗକୁ ଜାତୀୟ ମାନବଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ତାହାର ତଦନ୍ତ କରିବା ସହ କ'ଣ ପଦେକ୍ଷପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ରଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ରାଜ୍ୟରେ ୫୫ ହଜାରରୁ ଊର୍ଦ୍ଧ୍ୱ କିଶୋରୀ ଅଧାରୁ ପାଠପଢ଼ା ଛାଡ଼ିଥିବା ରିପୋର୍ଟରୁ ଜଣାପଡିବା ପରେଏହାକୁ ନେଇ ରାଜନୈତିକି ଚର୍ଚ୍ଚା ଜୋର ଧରିଥିଲା। ରାଜ୍ୟ ସରକାର ଏହି କିଶୋରୀମାନଙ୍କୁ କିଭଳି ସ୍କୁଲକୁ ଫେରାଇ ଆଣିବେ ତାହାର ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ସ୍ତରରୁ ଦାବି ହୋଇଥିଲା। ଗତ ମାସ ୩୧ ତାରିଖରେ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଏନେଇ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ଆବେଦନକୁ ଗ୍ରହଣ କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ କରିଛନ୍ତି।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସୋମବାର 'ମୁଁ ହିରୋ ମୁଁ ଓଡ଼ିଶା' ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜୁ ଯୁବ ବାହିନୀ।

## ମା' ଭୂମିକାରେ ଅଦିତି



**ମୁମ୍ବାଇ:** ଆଗାମୀ ଫିଲ୍ମ 'ମେ ମାଏକେ ଚଲି ଯାଉଙ୍ଗି ତୁମ୍ ଦେଖିତେ ରହିହୋ'ରେ ଜଣେ ଆଦର୍ଶ ମା' ଏବଂ ଶାଶୁ ଭୂମିକାରେ ଅଭିନୟ କରିବେ ଅଭିନେତ୍ରୀ ଅଦିତି ଦେଶ୍‌ପାଣ୍ଡେ । ରମା ଏବଂ ସତ୍ୟଦେବୀଙ୍କ ପାଇଁ ଅଦିତି ଅଡିଶନ୍ ଦେଇଥିଲେ। କିନ୍ତୁ କ୍ରିଏଟିଭ୍ ଟିମ୍ ଏବଂ ପ୍ରଡକ୍ସନ୍ ହାଉସ୍ ଭାବିଥିଲେ ଯେ, ସେ ରମା ପାଇଁ ଉପଯୁକ୍ତ ; ଯିଏ ଜଣେ ସ୍ନେହୀ ଓ ବୁଝିଲା ମା' ଏବଂ ପରିବାରକୁ ଏକତ୍ର ବାନ୍ଧି ରଖିପାରନ୍ତି। ଏ ସମ୍ପର୍କରେ ଅଦିତି କହନ୍ତି, ମୁଁ ଫିଲ୍ମରେ ରମା ଭୂମିକାରେ ଅଭିନୟ କରି ବେଶ୍ ଉତ୍ସାହିତ ମନେକରିବି। ମୋର ଚରିତ୍ର ପୂର୍ବ ଭୂମିକା ଅପେକ୍ଷା ଖୁବ୍ ଭିନ୍ନ। ରମା ଯେମିତି ଜଣେ ସ୍ନେହୀ ମା' ସେଭଳି ଏକ ବୁଝିବା ଶାଶୁ। ମୁଁ ନିଶ୍ଚିତ ଯେ, ଦର୍ଶକମାନେ ଏହି ନୂଆ ଭୂମିକାକୁ ବେଶ୍ ପସନ୍ଦ କରିବେ। ସେପ୍ଟେମ୍ବର ୧୧ରେ ସୋନି ଏଣ୍ଟରମେଣ୍ଟ ଟେଲିଭିଜନ୍‌ରେ ଏହାର ପ୍ରିମିୟର ଶୋ ପ୍ରଦର୍ଶିତ ହେବ।

# ମୁଁ ହିରୋ-ମୁଁ ଓଡ଼ିଶା କାର୍ଯ୍ୟକ୍ରମକୁ ସମାଲୋଚନା

**ଭୁବନେଶ୍ୱର, ୨୭।୮(ବ୍ୟୁରୋ)**

- ଯୁବ ପିଢ଼ିଙ୍କ ଲାଗି ଛଳନା, ପ୍ରତାରଣା ସଦୃଶ: ଭାଜପା
- ଯୁବ ପିଢ଼ିଙ୍କୁ ଜିରୋ କରି ରଖିଛନ୍ତି ସରକାର: କଂଗ୍ରେସ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସୋମବାର 'ମୁଁ ହିରୋ- ମୁଁ ଓଡିଶା' ଅଭିଯାନର ଶୁଭାରମ୍ଭ କରାଯାଇଛି। ମାତ୍ର ଏହି କାର୍ଯ୍ୟକ୍ରମକୁ ବିରୋଧୀଙ୍କ ପକ୍ଷରୁ ସମାଲୋଚନା କରାଯାଇଛି। ବିଜେଡି କେବଳ ନିଜର ପ୍ରଚାର କରିବା ସହ ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି ସ୍ଲୋଗାନ ତିଆରି କରିଛି ବୋଲି କଂଗ୍ରେସ ଏବଂ ଭାଜପା ଅଭିଯୋଗ ଆଣିଛନ୍ତି।

ଭାଜପା ଦଳୀୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ମୁଁ ହିରୋ, ମୁଁ ଓଡିଶା ଅଭିଯାନର ଶୁଭାରମ୍ଭ ୧୯ବର୍ଷର ଯୁବ ପିଢିମାନଙ୍କ ପାଇଁ ଛଳନା ଓ ପ୍ରତାରଣା ସଦୃଶ। ଯୁବ ସମାଜର ପ୍ରଗତି କ୍ଷେତ୍ରରେ ସ୍ଥାଣୁତା ଓ ଅପାରଗତାକୁ ଲୁଚାଇ ସରକାରୀ ଖର୍ଚ୍ଚରେ ଏହା କେବଳ ନିର୍ବାଚନୀ ପ୍ରଚାର ବୋଲି ସମୀର ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ୧୫ରୁ ୩୫ବର୍ଷର ସ୍ଥାନୀୟ ହିରୋମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସମ୍ମାନିତ କରାଯିବ। ହେଲେ ବର୍ତ୍ତମାନ ବିଜେଡିର ୧୯ବର୍ଷ ଶାସନ ମଧ୍ୟରେ ଏବେ ୩୫ବର୍ଷ ବୟସ ସୀମାରେ ଥିବା ଯୁବତୀ, ଯୁବକମାନଙ୍କୁ ସରକାର କ'ଣ ଦେଇଛନ୍ତି ତା'ର ହିସାବ ଦିଅନ୍ତୁ। ଗାଁ ସାଥୀଭାବେ ଯେଉଁମାନଙ୍କୁ ସରକାର ନିଯୁକ୍ତି ଦେଇଥିଲେ ସେମାନେ ଏବେ କିଭଳି ଜୀବନ କାଟୁଛନ୍ତି ସେମାନଙ୍କ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖନ୍ତୁ। ଏବେ ରାଜ୍ୟର ପ୍ରାଥମିକ ଶିକ୍ଷାରୁ କଲେଜ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷକ ଓ କର୍ମଚାରୀମାନେ ରାସ୍ତାରେ ପଡି ରହିଛନ୍ତି। ୨୫ବର୍ଷରେ ଯେଉଁମାନେ ଚାକିରି ପାଇଥିଲେ ସେମାନଙ୍କୁ ୪୫ବର୍ଷ ହେଲାଣି କିନ୍ତୁ ଏଯାଏ ଦରମା ପାଇ ନାହାନ୍ତି। ନିଯୁକ୍ତି ମେଳା ନାଁରେ ରାଜ୍ୟର ୪୦ହଜାର ୮୮୫ ଛାତ୍ରୀଛାତ୍ର ଠକାମିର ଶିକାର ହେଲେ, ମାତ୍ର ଦୋଷୀ ଏଯାଏ ଦଣ୍ଡ ପାଇଲା ନାହିଁ ବୋଲି ସମୀର ଦାବି କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଓଡିଶାର ଯୁବକମାନେ ଏବେ ଜିରୋ ଅବସ୍ଥାରେ ଅଛନ୍ତି। ଏଭଳି ସମୟରେ ମୁଖ୍ୟମନ୍ତ୍ରୀଙ୍କ ମୁଁ ହିରୋ ସ୍ଲୋଗାନ କେବଳ ରାଜନୈତିକ ଚାଲ୍। ରାଜ୍ୟରେ ଏବେ ୧ଲକ୍ଷ ୮୦ହଜାର ସରକାରୀ ପଦବୀ ଫାଙ୍କା ପଡ଼ିଛି। ରାଜ୍ୟର ମୋଟ ୩୬ଲକ୍ଷ ଯୁବକ ନିଜ ନାଁ ରେଜିଷ୍ଟ୍ରେସନ କରି ଚାକିରି ଅପେକ୍ଷାରେ ଅଛନ୍ତି। ସେମାନଙ୍କୁ ଖାଲି ଥିବା ପଦବୀରେ ସରକାର କାହିଁକି ନିଯୁକ୍ତି ଦେଉ ନାହାନ୍ତି। ଓଡିଶାର ଯୁବ ଗୋଷ୍ଠୀଙ୍କୁ ରାଜ୍ୟ ସରକାର ହିରୋ ନୁହେଁ ଜିରୋ କରି ରଖିଛନ୍ତି। ଏବେ ମୁଁ ହିରୋ କାର୍ଯ୍ୟକ୍ରମ ନା ମୁଖ୍ୟମନ୍ତ୍ରୀ ଯୁବକମାନଙ୍କ କାନ୍ଧରେ ଗୋଡ ରଖି ନିର୍ବାଚନୀ ବୈତରଣୀ ପାର ହେବାକୁ ପ୍ରୟାସ କରୁଥିବା ନିରଞ୍ଜନ ଅଭିଯୋଗ କରିଛନ୍ତି।

ବିଜେଡି ମୁଖପାତ୍ର ଅରୁଣ ସାହୁ କହିଛନ୍ତି ଯେ, କଂଗ୍ରେସ ସରକାରରେ ଥିବାବେଳେ ଯୁବପିଢିଙ୍କ ପାଇଁ କ'ଣ କରିଥିଲା ପ୍ରଥମେ ତା'ର ଉତ୍ତର ରଖୁ। ଭାଜପା ନେତାମାନେ ଯେଉଁ ଅଭିଯୋଗ ଆଣୁଛନ୍ତି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ସରକାରଙ୍କୁ ସବୁ କ୍ଷେତ୍ରରେ ସମାଲୋଚନା କରିବା ସେମାନଙ୍କର ଏକ ଦୈନନ୍ଦିନ କାର୍ଯ୍ୟରେ ପରିଣତ ହୋଇଗଲାଣି ବୋଲି ଅରୁଣ କହିଛନ୍ତି।

# ୩୧ରେ ବଲାଙ୍ଗୀର ମେଡିକାଲ କଲେଜ ଉଦ୍‌ଘାଟନ

**ବଲାଙ୍ଗୀର ଅଫିସ, ୨୭।୮**

ବହୁ ପ୍ରତୀକ୍ଷିତ ବଲାଙ୍ଗୀର ମେଡିକାଲ କଲେଜ ଉଦ୍‌ଘାଟନ କରାଯିବ ବୋଲି ସୂଚନା ମିଳିଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଏବଂ ବିରୋଧୀଦଳ ନେତା ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ବଲାଙ୍ଗୀର ଆସି ମେଡିକାଲ କଲେଜ ଲୋକାର୍ପଣ କରିବେ ବୋଲି ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ସୂଚନା ଦେଇଛନ୍ତି। ମେଡିକାଲ କଲେଜ୍ ଉଦ୍‌ଘାଟନୀ ସଭାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ଯୋଗଦେବେ ବୋଲି ଭାଜପା ଜିଲା ସଭାପତି ଭକ୍ତବନ୍ଧୁ ନାଏକ ସୂଚନା ଦେଇଛନ୍ତି। ଦୀର୍ଘ ୧୮ ବର୍ଷ ପରେ ବହୁ ପ୍ରତୀକ୍ଷିତ ବଲାଙ୍ଗୀର ମେଡିକାଲ କଲେଜ ଉଦ୍‌ଘାଟନ ହେବ। ଏଣୁ ବଲାଙ୍ଗୀର ଜିଲାବାସୀଙ୍କ ସହ ପଡୋଶୀ ଜିଲାର ଲୋକଙ୍କ ମନରେ ମଧ୍ୟ ଉତ୍ସାହ ପରିଲକ୍ଷିତ ହୋଇଛି।

■ ପାଚିକାଙ୍କ ପାରିଶ୍ରମିକ ବୃଦ୍ଧି ପ୍ରସଙ୍ଗ

# ୧ରୁ ୨ ହଜାର ପାଇଁ କେନ୍ଦ୍ରକୁ ଚିଠି

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ସ୍କୁଲରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ କାର୍ଯ୍ୟରତ ପାଚିକାଙ୍କ ମାସିକ ପାରିଶ୍ରମିକ ୧ ହଜାରରୁ ୨ ହଜାର ଟଙ୍କାକୁ ବୃଦ୍ଧି କରାଯିବ। ରାଜ୍ୟ ସରକାର ନିଜ ଅଂଶଧନ ଭରଣା କରିଥିବା ବେଳେ କେନ୍ଦ୍ର ଅଂଶଧନ ଦେବାକୁ ଅନୁରୋଧ କରାଯାଇଛି। ଏ ସଂକ୍ରାନ୍ତରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଚିଠି ଲେଖିଛନ୍ତି। ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ଗଣଶିକ୍ଷା ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ଅନେକ ସମୟରେ ପାଚିକାମାନେ ନିଜ ପାରିଶ୍ରମିକ ବୃଦ୍ଧି ପାଇଁ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗଣଶିକ୍ଷା ମନ୍ତ୍ରୀ ଅଗଷ୍ଟ ୨୫ରେ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରୋଷେଇ କାର୍ଯ୍ୟରେ ନିୟୋଜିତ ଥିବା ସ୍ୱେଚ୍ଛାସେବୀଙ୍କ ଦାବିକୁ ବିଚାରକୁ ନେଇ କେନ୍ଦ୍ର ସରକାର ନିଜ ଅଂଶଧନ ୬୦ ପ୍ରତିଶତକୁ ୨୦୧୮ ଜାନୁୟାରୀରୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଏଥିପୂର୍ବରୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ସଚିବଙ୍କୁ ଲେଖାଯାଇଥିବା ଚିଠିକୁ ମଧ୍ୟ ସଂଯୋଗ କରି ପୁଣି ଏକ ଚିଠି ଲେଖିଛନ୍ତି। ରାଜ୍ୟ ସରକାର ପାଚିକାମାନଙ୍କର ପାରିଶ୍ରମିକ ୧ ହଜାରରୁ ୨ ହଜାର କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ମଧ୍ୟ ନିଜ ଅଂଶଧନର ଶେୟାର ବୃଦ୍ଧି କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ପାଚିକାମାନଙ୍କ ବର୍ଦ୍ଧିତ ପାରିଶ୍ରମିକ ବାବଦରେ ନିଜ ଅଂଶଧନ ୪୦ ପ୍ରତିଶତ ହିସାବରେ ୪୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଅବଶିଷ୍ଟ ୬୦୦ କୋଟି କେନ୍ଦ୍ର ସରକାର ଭରଣା କରିବା ଦରକାର। ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ପାଚିକାମାନେ ଧର୍ମଘଟକୁ ଓହ୍ଲାଇବା ଦ୍ୱାରା ମଧ୍ୟାହ୍ନଭୋଜନରେ ବାଧା ଉପୁଜୁଛି। ଗତ ଜାନୁୟାରୀରୁ ପାଚିକାମାନେ ବର୍ଦ୍ଧିତ ହାରରେ ପାରିଶ୍ରମିକ ପାଇ ନ ଥିବାରୁ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗସ୍ତି କଲେ ଦାନ,
କଷା ଗୁଆ ପଚା ପାନ ।**

କୃପଣ ବ୍ୟକ୍ତି କାହାରିକୁ କେବେ ମୁକ୍ତ ହସ୍ତରେ ଦାନ ଦେଇ ନ ଥାନ୍ତି। ପାଖରେ ଯେତେ ଧନ ସମ୍ପତ୍ତି ଥିଲେ ମଧ୍ୟ ସେସବୁ ସରିଯିବା ଭୟରେ ଦେବା ଲାଗି କୁଣ୍ଠିତ ହୋଇଥାନ୍ତି। ତେବେ ପରିସ୍ଥିତି ଦେଖି ବା ବାଧ୍ୟବାଧକତାରେ ପଡ଼ି ଯଦି ବି କିଛି ଦେବାକୁ ହୁଏ ତେବେ ବାଛି ବାଛି ସବୁଠାରୁ ଖରାପ ବା ଅଦରକାରୀ ବସ୍ତୁକୁ ଦେଇ ନିଜର ମିଛ ଦାତାପଣିଆ ଦେଖେଇ ହୋଇଥାନ୍ତି। କୃପଣ ସ୍ୱଭାବ ବ୍ୟକ୍ତିଙ୍କର ଏପରି ହୀନ ମନୋବୃତ୍ତି ରହିଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଟିକି ସରି,
ବାଂଝ ମାଇପ କି କୁଳକୁ ଶିରୀ ।**

କୁଳର ରକ୍ଷା ବା ବଂଶ ବୃଦ୍ଧି ପାଇଁ ଉତ୍ତରାଧିକାରୀ ଲୋଡ଼ା ପଡ଼ିଥାଏ। ପରନ୍ତୁ ସନ୍ତାନହୀନା ନାରୀ ଏ ଦିଗରେ ପ୍ରତିବନ୍ଧକ ସାଜୁଥିବା କାରଣରୁ ସମାଜରେ ଏପରି ଅପୁତ୍ରିକ ନାରୀ ନିନ୍ଦିତ ହେଉଥିବା ଅର୍ଥରେ ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଜେମ୍ସ



@ ବିଜୟ



@ ଭୁଲା



@ ଶାନ୍ତନୁ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ROURKELA SMART CITY LIMITED

(A SPV of Govt of Odisha, RMC and RDA)
Udit Nagar, Rourkela-769012
Email: rourkelascl@gmail.com, Tel: -(0661) 2500388
**Bid Id No- RSCI/436 /2018/ Date:29.08.2018**

ROURKELA SMART CITY LTD.

**NOTICE INVITING TENDER**

## NATIONAL COMPETITIVE BIDDING

**Invitation for Bid of Redevelopment of Biju Patnaik Indoor Stadium (Sportsplex) in Rourkela Smart City Limited (ABD area) under Smart Cities Mission on Turnkey Basis**

No.230-C: The Rourkela Smart City Limited is engaged in the development of Urban Infrastructure Projects in Rourkela Area Based Development Area and as part of this endeavour, it has been decided to undertake redevelopment of Biju Patnaik Indoor Stadium in Rourkela Smart City Limited under Smart Cities Mission through Turn Key (Architectural planning with Design, Execution) Basis. The Chief Executive Officer, RSCL now invites bids from eligible contractors for the following project.

| Package No. | Name of the Building | Estimated Cost of Project | Bid Security (Rs.) | Cost of Bid Document (Including GST) | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Redevelopment (Architectural Planning, Design, Execution, of Biju Patnaik Indoor Stadium at Rourkela on Turn key Basis in the State of Odisha | Rs.10.08 Cr. | Rs.10 Lakhs | Rs.11,200/- | 12 (Twelve Month) Execution period) |

The complete BID document can be viewed / downloaded from official portal of Rourkela Municipal Corporation (**https://www.rmc.nic.in/https://smartnet.niua.org** or e-procurement portal of Odisha **https://tendersodisha.gov.in** from 29.08.2018 to 29.09.2018 (upto 17:00 Hrs. IST). Bid must be submitted online only at [https:/ tendersodisha.gov.in] on or before (up to 29.09.2018 17:00 Hrs IST). Bids received online shall be opened on 03.10.2018 (at 16:00 hours IST). Bid through any other mode shall not be entertained. However, Bid Security, document fee & Power of Attorney and other documents as per SBD shall be submitted physically by the Bidder on or before 03.10.2018(at 15:00 hours IST), Please note that the RSCL reserves the right to accept or reject all or any of the BIDs without assigning any reason whatsoever. For queries, intending bidder may contact Dy. Executive Engineer vide Phone No. **8249833105** and Email Id: **rourkelascl@gmail.com.**

13080/11/0021/1819 **Sd./- CEO, Rourkela Smart City Limited**

# ଓଡ଼ିଶା ସରକାର, କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

File No.SPL-LAO-RLY 23/18-104 Date: 10.08.2018

**No.I-50:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କଟକ ଜିଲ୍ଲାର ଭଦ୍ରକ-ନୁର୍ଗୁଣ୍ଡୀ ୩ୟ ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା ଶ୍ୟାମସୁନ୍ଦରପୁର, ଥାନା- ଟାଙ୍ଗି, ଥାନା ନଂ.୩୪, ତହସିଲ- ଟାଙ୍ଗି-ଚଉଦୁଆର, ଜିଲ୍ଲା-କଟକରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୯.୭୯୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ -ଭଦ୍ରକ-ନୁର୍ଗୁଣ୍ଡୀ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ ୨) ପୂର୍ବତଟ ରେଳପଥ ଯାଜପୁର କେନ୍ଦୁଝର ରୋଡ, ଯାଜପୁର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଭଦ୍ରକ-ନୁର୍ଗୁଣ୍ଡୀ ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ନଂ.୨୦୦୮/R&DM ୦୧।୦୬।୨୦୧୮ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ଭଦ୍ରକ।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| କଟକ | ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି। | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.----- ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଭଦ୍ରକ-ନୁର୍ଗୁଣ୍ଡୀ ୩ୟ ରେଳପଥ ପ୍ରକଳ୍ପଙ୍କ କାର୍ଯ୍ୟାଳୟ, ଚଣ୍ଡିଖୋଲରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କଟକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଜମିର ତାଲିକା**

**ପୂର୍ବତଟ ରେଳପଥର ଭଦ୍ରକ - ନୁର୍ଗୁଣ୍ଡି ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ**

**ମୌଜା- ଶ୍ୟାମସୁନ୍ଦରପୁର, ଥାନା- ଟାଙ୍ଗୀ, ଥାନା ନଂ.୩୪, ତହସିଲ୍-କଟକ, ଜିଲ୍ଲା- କଟକ**

**ବ୍ୟକ୍ତିଗତ ଜମି-**

| କ୍ରମିକ ନଂ. | ଖତିୟାନ ନଂ. | ପ୍ଲଟ ନଂ. | ରକବା (ଏକରରେ) | ଅଧିଗ୍ରହଣ ରକବା (ଏକରରେ) | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୩ | ୩୬ | ୦.୪୮୦ | ୦.୧୨୦ | ଚକ | ଅର୍ଜୁନ ବେହେରା, ନବଘନ ବେହେରା, ଦୁଖେଇ ବେହେରା, ପି- ବାମ ବେହେରା, ଜାତି- ସଅର, ଗ୍ରା- ନିଜଗାଁ |
| ୨ | ୧୯ | ୩୯ | ୦.୨୯୦ | ୦.୨୩୦ | ଚକ | ଶବର ସମାଜ ମାର୍ଫତ ଚିନ୍ତେଇ ଦେହୁରୀ, ପି- ବନ୍ଧୁ ଦେହୁରୀ, ଦୁଖେଇ ବେହେରା, ପି- ଦାମ ବେହେରା, କରୁଣୀ ଦେହୁରୀ, ପି- ଭାଲୁ ଦେହୁରୀ, ରାମ ଦେହୁରୀ, ପି- ମାଗୁଣୀ ଦେହୁରୀ, ଇନ୍ଦ୍ରମଣୀ ଦେହୁରୀ, କୃଷ୍ଣ ଦେହୁରୀ, ପି- ନାରଣ ଦେହୁରୀ, ଗୟାଧର ଦେହୁରୀ, ପି- କୁଶୁନୁ ଦେହୁରୀ, ହରି ହେହୁରୀ, ପି- ଫକୀର ଦେହୁରୀ, ଅର୍ଜୁନ ବେହେରା, ପି- ବାମ ବେହେରା, କିଶୁ ଦେହୁରୀ, ପି- ଦୋଳି ଦେହୁରୀ, ଜା- ସଅର, ବା- ନିଜଗାଁ |
| ୩ | ୧୯ | ୭୨ | ୦.୨୦୦ | ୦.୦୧୦ | ଚକ | ଶବର ସମାଜ ମାର୍ଫତ ଚିନ୍ତେଇ ଦେହୁରୀ, ପି- ବନ୍ଧୁ ଦେହୁରୀ, ଦୁଖେଇ ବେହେରା, ପି- ଦାମ ବେହେରା, କରୁଣୀ ଦେହୁରୀ, ପି- ଭାଲୁ ଦେହୁରୀ, ରାମ ଦେହୁରୀ, ପି- ମାଗୁଣୀ ଦେହୁରୀ, ଇନ୍ଦ୍ରମଣୀ ଦେହୁରୀ, କୃଷ୍ଣ ଦେହୁରୀ, ପି- ନାରଣ ଦେହୁରୀ, ଗୟାଧର ଦେହୁରୀ, ପି- କୁଶୁନୁ ଦେହୁରୀ, ହରି ଦେହୁରୀ, ପି- ଫକୀର ଦେହୁରୀ, ଅର୍ଜୁନ ବେହେରା, ପି- ବାମ ବେହେରା, କିଶୁ ଦେହୁରୀ, ପି- ଦୋଳି ଦେହୁରୀ, ଜା- ସଅର, ବା- ନିଜଗାଁ |
| ୪ | ୫୯ | ୩୫ | ୧.୨୩୦ | ୦.୦୩୦ | ଚକ | ହେମ ବଳ, ବା- ଚକବଡଘୁମୁରି, ଥା- ବଡଚଣା ହାଡି ପ୍ରଧାନ, ସେବତୀ ତରଫ ଶୋଭାବତୀ ପ୍ରଧାନ, ବା- ବଇଁଚୁଆ, ରେବତୀ ସିଂହ, ପି- ବ୍ରଜବନ୍ଧୁ ସ୍ୱାଇଁ, ଜା- ଖଣ୍ଡାୟତ, ବା- ଯୋବ୍ରା (କଟକ) |
| ୫ | ୫୧ | ୪୦ | ୦.୫୦୦ | ୦.୨୨୦ | ଚକ | ଶ୍ୟାମ ସୁନ୍ଦର ନାଏକ, ରାମଚନ୍ଦ୍ର ନାଏକ, ଛଇଳ ବେହେରା, ସୀତା ବେହେରା, ପି- ଦୁଃଖବନ୍ଧୁ ନାଏକ, ଜାତି- କୈବର୍ତ୍ତ, ଗ୍ରା- ଉଛପଦା |
| ୬ | ୪୩ | ୪୩ | ୦.୮୨୦ | ୦.୨୧୦ | ଚକ | ରାମଚନ୍ଦ୍ର ନାୟକ, ପିତା- ଦୁଃଖବନ୍ଧୁ ନାଏକ, ଜାତି- କୈବର୍ତ୍ତ, ଗ୍ରା- ଉଛପଦା |
| ୭ | ୫୨ | ୪୪ | ୦.୧୭୦ | ୦.୦୨୦ | ଚକ | ସୀତା ବେହେରା, ପିତା- ଦୁଃଖବନ୍ଧୁ ନାଏକ, ଜାତି- କୈବର୍ତ୍ତ, ଗ୍ରା- ଉଛପଦା |
| ୮ | ୨୦ | ୪୫ | ୦.୧୭୦ | ୦.୦୧୦ | ଚକ | ଛଇଳ ବେହେରା, ପିତା- ଦୁଃଖବନ୍ଧୁ ନାଏକ, ଜାତି- କୈବର୍ତ୍ତ, ଗ୍ରା- ଉଛପଦା |
| ୯ | ୫୦ | ୪୬ | ୦.୮୨୦ | ୦.୦୨୦ | ଚକ | ଶ୍ୟାମସୁନ୍ଦର ନାଏକ, ପିତା- ଦୁଃଖବନ୍ଧୁ ନାଏକ, ଜାତି- କୈବର୍ତ୍ତ, ଗ୍ରା- ଉଛପଦା |
| ୧୦ | ୩୯ | ୫୧ | ୧.୧୦୦ | ୦.୬୪୦ | ଚକ | ବିପ୍ରଚରଣ ସ୍ୱାଇଁ, କ୍ଷିରୋଦ ଚନ୍ଦ୍ର ସ୍ୱାଇଁ, ବୀରବର ସ୍ୱାଇଁ, ସୁନ୍ଦରୀ ସ୍ୱାଇଁ, ଅନ୍ନପୂର୍ଣ୍ଣା ସ୍ୱାଇଁ, ସୌଦାମିନୀ ସ୍ୱାଇଁ, ପି- ଲାବଣ୍ୟନିଧି ସ୍ୱାଇଁ, ଜାତି- ଖଣ୍ଡାୟତ, ଗ୍ରା- ନିଜଗାଁ |
| ୧୧ | ୫୫ | ୫୨ | ୧.୩୨୦ | ୧.୦୭୦ | ଚକ | ଶ୍ୱେତା କୁମାରୀ ସ୍ୱାଇଁ, ସ୍ୱା- ଜଗନ୍ନାଥ ସ୍ୱାଇଁ, ଜାତି- ଖଣ୍ଡାୟତ, ଗ୍ରା- ନିଜଗାଁ |
| ୧୨ | ୨୧ | ୫୫ | ୧.୦୭୦ | ୦.୪୬୦ | ଚକ | ଜଗନ୍ନାଥ ସ୍ୱାଇଁ, ପିତା- ବାଉରୀ ସ୍ୱାଇଁ, ଜାତି- ଖଣ୍ଡାୟତ, ଗ୍ରା- ନିଜଗାଁ |
| ୧୩ | ୪୭ | ୪୧ | ୦.୫୦୦ | ୦.୧୫୦ | ଚକ | ଲୋଚନୀ ନାଏକ, ପିତା- ଭଗବାନ ନାଏକ, ଜାତି- ଖଣ୍ଡାୟତ, ଗ୍ରା- ଉଛପଦା |
| ୧୪ | ୨୬ | ୫୩ | ୦.୧୩୦ | ୦.୦୭୦ | ଚକ | ନିମାଇଁ ଚରଣ ରାଉତ, ପିତା- ନାଥ ରାଉତ, ଜାତି- ଖଣ୍ଡାୟତ, ଗ୍ରା- ଉଛପଦା |
| ୧୫ | ୪୯ | ୪୨ | ୮.୮୦୦ | ୬.୫୧୦ | ଚକ | ସାଧୁ ଚରଣ ମହାନ୍ତି, ପିତା- ବୃନ୍ଦାବନ ମହାନ୍ତି, ଜାତି- କରଣ, ଗ୍ରା- ଉଛପଦା |
| ୧୬ | ୩୩ | ୫୦ | ୦.୮୪୦ | ୦.୦୧୦ | ଚକ | ବଂଶୀଧର ରାଉତ, ବିଚିତ୍ରା ନନ୍ଦ ରାଉତ, ସତ୍ୟଭାମା ବିଶ୍ୱାଳ, ପିତା- ଦୁର୍ଯ୍ୟୋଧନ ରାଉତ, ଶୁକ ରାଉତ, ସ୍ୱାମୀ- ଦୁର୍ଯ୍ୟୋଧନ ରାଉତ, ଜାତି- ଖଣ୍ଡାୟତ, ଗ୍ରା- ନିଜଗାଁ |
| ୧୭ | ୪୨ | ୪୭ | ୧.୦୩୦ | ୦.୦୧୦ | ଚକ | ମାଳ ସାମଲ, ପିତା- ପାଣ୍ଡୁ ସାମଲ, ଜାତି- ଖଣ୍ଡାୟତ, ଗ୍ରା- ଉଛପଦା |
| | | ମୋଟ | ୧୯.୪୭୦ | ୯.୭୯୦ | | |

24178/14/0034/1819 **ରାଜ୍ୟପାଳଙ୍କ ଆଦେଶ କ୍ରମେ, ସୁଶାନ୍ତ ମହାପାତ୍ର, କଟକ ଜିଲ୍ଲାପାଳ**

# ODISHA HYDRO POWER CORPORATION LTD

(A Government of Odisha Undertaking)
OHPC
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT,
AT/P.O.:BARINIPUT; DIST.: KORAPUT (ODISHA) -764006
Telephone: 06854 – 242 001 Fax: 06854 – 242 038, Email ID: sgmel_ukhep@ohpcltd.com
CIN: U40101OR1995SGC003963

**TENDER CALL NOTICE NO.UKHEP- 18 /2018-19 Dated:25.08.2018**

No.CAD-768: Sealed tenders in duplicate are invited from registered Firm / Agency having valid GST Registration Certificate, IT PAN etc. for "Repair and arrest of water leakage from Unit-I Penstock Expansion Joint (Near anchor block No. 3) of UKHEP, Bariniput, Dist: Koraput, Odisha".

| Sl. No. | Description of Materials | Cost of tender paper (in Rs.) (Non-refundable) | EMD (in Rs.) |
|---|---|---|---|
| 1 | Repair and arrest of water leakage from Unit-I Penstock Expansion Joint (Near anchor block No. 3) of UKHEP, Bariniput, Dist: Koraput, Odisha. | Rs.7080.00 (Rs. 6000/- + GST @ 18%) | 1% of quoted value |

The sale of Tender Paper : **from Dt. 04.09.2018 to 13.00 Hrs Dt. 18.09.2018**.
The last date & time of receipt of Tender : **Up to 16.00 Hrs of Dt. 18.09.2018**.
The date and time of opening of Tender : **At 16.30 Hrs of Dt. 8.09.2018**.
For details of tender documents, Terms & Conditions and downloading please visit our website **www.ohpcltd.com**.

**Unit Head,**
04002/11/0051/1819 **Upper Kolab HEP, OHPC Limited, Bariniput**

# GOVERNMENT OF ODISHA
## OFFICE OF THE EXECUTIVE ENGINEER
## RWS&S DIVISION, BOUDH

E-mail ID- rwssboudh@gmail.com

**National competitive Bidding through E-Procurement**

**Tender Identification No. 19 / E.E. RWSS, Boudh of 2018-19**

No.633-O: The Executive Engineer, RWS&S Division, Boudh, on behalf of the Government of Odisha invites Percentage Rate Bids in single cover (item No. 1 to 7) & double cover(item No- 8) (p, contact) from the eligible class of experienced registered contractors through e-Tendering system for the piped water supply works as detailed in DTCN. The bid should be submitted on-line in the website **www.tendersorissa.gov.in** separately for the work.

| | | |
|---|---|---|
| 1. | Nature of work | Piped water supply work |
| 2. | Estimated Cost | 5.00 lakhs to 61.00 lakhs |
| 3. | No. of works | 08 Nos. |
| 4. | Tender Cost | 4000.00 and 10000.00 |
| 5. | Class of contractor | "D" & "C" & "A" & "B" |
| 6. | Availability of Bid document in the website | Dt. 29.08.2018 11 hours to 07.09.2018 17 hours |
| 7. | Date of seeking clarification | During the office hours of 29.08.2018 to 05.09.2018 |
| 8. | Date of opening Bid | 10.09.2018 at 12.00 hours |

Further details can be seen in the bidding documents which is available in the e-procurement portal **https//www.tendersorissa.gov.in** subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

**Sd./- Executive Engineer,**
25039/11/0014/1819 **RWS&S Division, Boudh**

33-N

# Government of Odisha
## Higher Education Department

**EXPRESSION OF INTEREST**

EOIs are invited from interested firms/agencies for making "Vision Document on Higher Education". Intending firms may visit the Official Website i.e. www.dheodisha.gov.in for the prescribed application form and eligibility criteria. The last date of submission of proposal is 12th September, 2018.

***Sd./-***
***Additional Secretary to Govt.***

# Government of Odisha
## Higher Education Department

**EXPRESSION OF INTEREST**

EOIs are invited from interested firms for making a documentary film on "Journey of Higher Education in Odisha" for the purpose of "Make in Odisha Conclave 2018". Intending firms may visit the website www.dheodisha.gov.in for the prescribed application form and eligibility criteria. The last date of submission of proposal is 12th September, 2018.

***Sd./-***
***Additional Secretary to Govt.***

11001/11/0025/1819

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ

**(ନିର୍ବାଚନ ଶାଖା)**

**ବିଜ୍ଞାପନ**

ପତ୍ର ସଂଖ୍ୟା: **1033** ତାରିଖ: **27.08.2018**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଆଗାମୀ ସାଧାରଣ ନିର୍ବାଚନ ୨୦୧୯ ନିମନ୍ତେ ଗଞ୍ଜାମ ଜିଲ୍ଲା ପାଇଁ ବିଭିନ୍ନ ସାମଗ୍ରୀ, ଫର୍ମ, ବେଲଟ ପେପର, ଫ୍ଲେକ୍ସ ପ୍ରିଣ୍ଟିଂ ଏବଂ ଅଫିସ ଷ୍ଟେସନାରୀ ଇତ୍ୟାଦି ଯୋଗାଣ ନିମନ୍ତେ ବିଜ୍ଞାପନ ସଂଖ୍ୟା 1027/ Elec ତା27.08.2018 ମତେ ଆସନ୍ତା ୧୫।୦୯।୨୦୧୮ ସୁଦ୍ଧା ଟେଣ୍ଡର ଆହ୍ୱାନ କରାଯାଉଅଛି। ଏହି ସଂକ୍ରାନ୍ତୀୟ ସବିଶେଷ ବିବରଣୀ ଜିଲ୍ଲା ଓ୍ୱେବସାଇଟ www.ganjam.nic.in ରେ ଉପଲବ୍ଧ।

**ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଗଞ୍ଜାମ, ଛତ୍ରପୁର**

# *OFFICE OF THE COLLECTOR & DISTRICT MAGISTRATE, NUAPADA*

**(ST & SC Dev. Section)**
**Tender Notice No. 1966/SSD, Dt 24.08.2018**

Sealed tenders are invited from the intending authorized painters/ Suppliers /Manufacturer/ Dealers having GST registration for supply and installation of display hoarding containing important provisions of PCR & POA Act. at Dist., Block and G.P Headquarters. The tender papers with details of the publicity hoardings can be purchased from DWO, Nuapada upto 01.00 P.M of Dt 25.08.2018 on payment of cost of Tender Paper as mentioned below which is not refundable. The sealed tenders should reach the office of the DWO, Nuapada on or before Dt 10.09.2018 upto 01.00 P.M. through Regd. Post/Speed Post. The Tender will be opened at 10.00 A.M. on Dt 18.09.2018 in presence of the bidders/ their authorized representatives in the Meeting Hall of Collectorate, Nuapada. The undersigned reserves the right to accept/ reject/ negotiate any or all the tenders without assigning any reason thereof. Further details including terms and conditions including the materials to be written can be obtained by downloading from the website of Nuapada District. **www.nuapada.nic.in**

| Sl. No | Specification of Item | Quantity | Tender Paper Cost (Including VAT) |
|---|---|---|---|
| 1 | Iron Angle Stand Board Size (10'X8') for Dist. Headquarter with Stand High- 12' Back support-14' (2nos) M.S. Angle Size: 50mmX 50 mm X5mm(2") C.R. Sheet 1 MM(20 gauge) | 01 No | 2240/- |
| 2. | Iron Angle Stand Board Size(9'X8')for Sub-Divisional Level with Stand high-12' Back support- 14'(2nos) M.S. Angle Size: 50 mmX50mmX5mm(2") C.R. Sheet 1 MM(20 gauge) | 01 No | |
| 3. | Iron Angle Stand Board Size(8'X6')for Block Headquarter with Stand high-12' Back support- 14'(2nos) M.S. Angle Size: 40mmX40mmX5mm(1.1/2") C.R. Sheet 1 MM(20 gauge) | 05 Nos | |
| 4. | Iron Angle Stand Board Size(8'X6')for Panchayat Headquarter with Stand high-12' Back support- 14'(2nos) M.S. Angle Size: 40mmX40mmX5mm(1.1/2") C.R. Sheet 1 MM(20 gauge) | 108 Nos | |

By Order of Collector, Nuapada
***Sd/- District Welfare Officer, Nuapada***

# Bhubaneswar Smart City Limited

BHUBANESWAR Smart

**BMC-Bhawani Mall, Block-1, 2nd Floor, Saheed Nagar, Bhubaneswar-751007, E-mail Id.: bbsr.bscl@gmail.com, CIN: U74990OR2016PLC020016**

**No. 4370 / BSCL/ 239/ 2017** **Dt: 27.08.18**

**1ST CORRIGENDUM TO TENDER CALL NOTICE VIDE BID IDENTIFICATION NO. 4170/ BSCL/ 239/ 2017, Dt. 07.08.2018**

**No.231-C:** With reference to the Notice Inviting Tender No. 4170/ BSCL/239/2017 dt.07.08.2018 towards Construction of IPSC (Integrated Public Service Centre), Bapuji Nagar, Bhubaneswar, Odisha. (Composite Tender) the class of Contractor eligible for Bid are changed as per the office memorandum no 12905 dt 23.08.2018 of Government of Odisha, Works Department. Accordingly revised Critical date has been shifted and the changes in the eligibility criteria to participate in the tenders are as follows:

1) Bid documents will be available for bidding in below Website from 29.08.2018.
2) Bid documents will be available for bidding in below Website is extended up to 19.09.2018 up to 5.00 P.M.
3) The last date for bid to be received on-line shall be on or before 19.09.2018 up to 5.00 P.M.
4) Bids received on-line will be opened on 24.09.2018 at 11.00 A.M.
5) The original Bid security, Demand Draft and affidavit in original shall be submitted on or before 22.09.2018 up to 5.00 P.M.
6) Only "A" class and "Special Class Contractors" are eligible for participation in the Bid.

The super class contractor mentioned in the earlier tender notice stands deleted.

All other terms and conditions of the Tender Call Notice remain unchanged.

This Corrigendum is also being uploaded in the e-procurement portal web site http://tendersorissa.gov.in.

**Sd./- Chief Executive Officer,**
13070/11/0015/1819 **Bhubaneswar Smart City Ltd.**

# ROURKELA SMART CITY LIMITED

(A SPV of Govt of Odisha, RMC and RDA)
Udit Nagar, Rourkela-769012
Email: rourkelascl@gmail.com, Tel: -(0661) 2500388
**Bid Id No- RSCI/437 /2018/ Date:28.08.2018**

ROURKELA SMART CITY LTD.

**NOTICE INVITING TENDER**

## NATIONAL COMPETITIVE BIDDING

**Invitation for Bid of Redevelopment of Birsa Munda Stadium & Construction of Multi Level Car Parking in Rourkela Smart City Limited (ABD area) under Smart Cities Mission on Turnkey Basis**

No.233-C: The Rourkela Smart City Limited is engaged in the development of Urban Infrastructure Projects in Rourkela Area Based Development Area and as part of this endeavor, it has been decided to undertake redevelopment of Birsa Munda Stadium & Construction of Multi Level Car Parking in Rourkela Smart City Limited under Smart Cities Mission through Turn Key (Architectural planning with Design, Execution, Operation & Maintenance) Basis. The Chief Executive Officer, RSCL now invites bids from eligible contractors for the following project.

| Package No. | Name of the Building | Estimated Cost of Project | Bid Security (Rs.) | Cost of Bid Document (Including GST) | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Redevelopment (Architectural Planning, Design, Execution, Operation & Maintenance of Birsa Munda Stadium at Rourkela on Turnkey Basis in the State of Odisha | Rs.76.98 Cr. | Rs.77 Lakhs | Rs.11,200/- | 24(Twenty Four Months) execution period with 60 months Operation & Maintenance period |
| 2 | Construction(Architecture Planning, Design & Execution) of Multilevel Car Parking at Birsa Munda Stadium at Rourkela on Turnkey Basis in the State of Odisha | Rs.39.83 Cr | Rs.40 Lakhs | Rs.11,200/- | 18(Eighteen Months) |

The complete BID document can be viewed / downloaded from official portal of Rourkela Municipal Corporation(**https://www.rmc.nic.in/https://smartnet.niua.org** or e-procurement portal of Odisha **https://tendersodisha.gov.in** from **28.08.2018 to 01.10.2018 (upto 17:00 Hrs. IST)**. Bid must be submitted online only at **[https:/tendersodisha.gov.in]** on or before (up to **01.10.2018 17:00 Hrs IST**). Bids received online shall be opened on **06.10.2018 (at 16:00 hours IST)**. Bid through any other mode shall not be entertained. However, Bid Security, document fee & Power of Attorney and other documents as per SBD shall be submitted physically by the Bidder on or before **06.10.2018(at 15:00 hours IST)**, Please note that the RSCL reserves the right to accept or reject all or any of the BIDs without assigning any reason whatsoever. For queries, intending bidder may contact Dy. Executive Engineer vide Phone No. **8249833105** and Email Id: **rourkelascl@gmail.com.**

13080/11/0023/1819 **Sd./- CEO, Rourkela Smart City Limited**

## ସଂକ୍ଷେପରେ

### ବାରକୋଟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼,୨୭।୮(ସ୍ୱ.ପ୍ର.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଯୋଗଦେଇ ଜନସାଧାରଣଙ୍କ ୭୮ଟି ଅଭିଯୋଗ ସମ୍ବନ୍ଧୀୟ ଦରଖାସ୍ତ ଶୁଣାଣି କରିଥିଲେ। ଶିବିରରେ ଜିଲାପାଳ ୧୮ ଟି ଦରଖାସ୍ତର ତତ୍କ୍ଷଣାତ ଶୁଣାଣି କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ୭୩ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୫ଟି ସାମୁହିକ ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। ସେହିପରି ଜିଲାପାଳ ସାମଲ ଠାକୁରପାଲି ଗ୍ରାମର ସବିତା ସାହୁଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ହଜାର ଟଙ୍କାର ସହାୟତା ଅନୁମୋଦନ କରିଥିଲେ। ଶିବିରରେ ଯୋଗଦେଇଥିବା ଜନସାଧାରଣ ମୁଖ୍ୟତଃ ଇନ୍ଦିରା ଆବାସ ଯୋଜନା, କେନାଲ ମରାମତି, ବିପିଏଲ୍ ବିଦ୍ୟୁତ୍କରଣ ଯୋଜନା, ରେଙ୍ଗାଲି ବାସଚ୍ୟୁତଙ୍କ ଥଇଥାନ, ଘରଡିହ ଯୋଗାଣ, ଠିଆନାଳ ପଞ୍ଚାୟତ ଗୃହ ନିର୍ମାଣ ଆଦି ସମସ୍ୟା ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ସେମାନଙ୍କର ଅବସରକାଳିନ ସୁବିଧା ଉପରେ ମଧ୍ୟ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ଏସ୍‌ପି ଅନୁପମା ଜେମ୍ସ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୂନମ କାନ୍ତ ଏକ୍କାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ବ୍ଲକର ଅଧିକାରୀମାନେ ଯୋଗଦେଇଥିଲେ।

### ହାଇକୋର୍ଟଙ୍କ ରହିତାଦେଶ

# ଦେବାଳିଆ କମ୍ପାନୀଙ୍କୁ ଖଣି ଆବଣ୍ଟନ

**ରାଜ୍ୟ ସରକାରଙ୍କ ଅବହେଳା**

କଟକ ଅଫିସ, ୨୭।୮

ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଖଣି ଆବଣ୍ଟନରେ ଗୁରୁତର ବିଭ୍ରାଟ ଉପୁଜିଛି। ଆଇନ ଉଲ୍ଲଂଘନ କରାଯାଇ ୩ଟି ଦେବାଳିଆ କମ୍ପାନୀକୁ ଖଣି ଆବଣ୍ଟନ କରାଯାଇଥିଲା। ଏହା ଉପରେ ହାଇକୋର୍ଟରେ ଆଡଭୋକେଟ୍ ଚିତ୍ତରଞ୍ଜନ ସାହୁ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ସୋମବାର ଆବଣ୍ଟନ ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିଛନ୍ତି।

ସୂଚନା ଅନୁଯାୟୀ, ୨୦୧୫ ଖଣି ଆଇନ ସଂଶୋଧନ ପରେ ଖଣି ଆବଣ୍ଟନ ପାଇଁ ନିଲାମ ପ୍ରକ୍ରିୟାକୁ ବାଧ୍ୟତାମୂଳକ କରାଯାଇଥିଲା। ଏହି ଅନୁଯାୟୀ ୨୦୧୭ ମାର୍ଚ୍ଚ ୨୮ରେ ଘୋରବୁରହାଣି ଖଣିକୁ ଏସ୍ଆର୍ ଷ୍ଟିଲ୍ ଲିମିଟେଡ୍, ୨୦୧୭ ଜୁନ ୨୪ ତାରିଖରେ କଲମଙ୍ଗା ଖଣିକୁ ଭୂଷଣ ଷ୍ଟିଲ ଲିମିଟେଡ୍ ଓ ୨୦୧୭ ଜୁନ ୨୪ରେ ନେତ୍ରବନ୍ଧ ପାହାଡ଼ ଖଣିକୁ ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲିମିଟେଡ୍‌କୁ ଆବଣ୍ଟିତ କରାଯାଇଥିଲା। ମାତ୍ର ଖଣି ଆଇନ ଅନୁଯାୟୀ ଟେଣ୍ଡର ପ୍ରକ୍ରିୟା ସମୟରେ ଉପରୋକ୍ତ କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତିକୁ ବିଚାରକୁ ନିଆଯାଇ ନ ଥିଲା। ଏପରି କି ଟେଣ୍ଡର ପରେ ଉପରୋକ୍ତ କମ୍ପାନୀଗୁଡ଼ିକୁ ଲେଟର ଅଫ୍ ଇନଭେଷ୍ଟ ଇସ୍ୟୁ କରାଯାଇଥିଲା। ସେତେବେଳକୁ ୩ କମ୍ପାନୀ ଋଣଯନ୍ତାରେ ବୁଡ଼ି ରହିଥିଲେ। ଋଣ ପରିଶୋଧ କରିବାରେ ଅସମର୍ଥ ହୋଇଥିବା ଯୋଗୁ ସେଗୁଡ଼ିକୁ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ର ଦିଲ୍ଲୀ ଓ ଅହମ୍ମଦାବାଦ ବେଞ୍ଚ ଦେବାଳିଆ ଘୋଷଣା କରିଥିଲେ। ଏହି ସମସ୍ତ ପ୍ରସଙ୍ଗକୁ ରାଜ୍ୟ ସରକାର ନଜର ନ ଦେଇ ଉକ୍ତ ୩ କମ୍ପାନୀକୁ ବେଆଇନ ଭାବେ ଖଣି ଆବଣ୍ଟନ କରାଯାଇଥିବା ଆବେଦନକାରୀ ସାହୁ ତାଙ୍କ ପିଟିଶନରେ ହାଇକୋର୍ଟଙ୍କୁ ଦର୍ଶାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ମାତୃଗୁପ୍ତ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

ଆଡଭୋକେଟ ମିଶ୍ରଙ୍କ ସୂଚନା ଅନୁଯାୟୀ, ଉପରୋକ୍ତ ବେଆଇନ ନିଲାମ ସମ୍ପର୍କରେ ହାଇକୋର୍ଟ ସରକାରଙ୍କଠାରୁ ଗତ ମେ ୩୦ ତାରିଖରେ ଜବାବ ଲୋଡ଼ିଥିଲେ। ଗତ ଜୁଲାଇ ୩ ମଧ୍ୟରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ସରକାରଙ୍କୁ ଆଦେଶ ଜାରି କରିଥିଲେ। କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ ସରକାର ଜବାବ ଦାଖଲ ନ କରିବାରୁ ପୁନର୍ବାର ଆଉ ୧ ମାସ ସମୟ ଦିଆଯାଇଥିଲା। ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୭ ତାରିଖକୁ ଧାର୍ଯ୍ୟ ହୋଇଥିଲା। ମାତ୍ର ସରକାର ଧାର୍ଯ୍ୟ ତାରିଖରେ ଜବାବ ଦାଖଲ କରିବାରେ ବିଫଳ ହୋଇଥିବା ଆଡଭୋକେଟ ମିଶ୍ର ସୂଚନା ଦେଇଛନ୍ତି।

### ଅଖିଳ ଭାରତ ଡାକ କର୍ମଚାରୀ ସଂଘ ନିର୍ବାଚନ

# ସୁଶୀଲ ସଭାପତି, ସତ୍ୟ ନାରାୟଣ ସମ୍ପାଦକ

ସମ୍ବଲପୁର,୨୭।୮(ବ୍ୟୁରୋ)

ଅଖିଳ ଭାରତ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁଶୀଲ ସେନାପତି ସଭାପତି ଓ ସତ୍ୟ ନାରାୟଣ ଲାକରା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ରମେଶଚନ୍ଦ୍ର ସାହୁ, ଅଶୋକ କୁମାର ପାତ୍ର ଓ ଆଶିଷ କୁମ୍ଭାର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଏତଦ୍‌ବ୍ୟତୀତ ୩ଜଣ ବିତ୍ତ ସମ୍ପାଦକ, ୪ଜଣ ସାଂଗଠାନିକ ସମ୍ପାଦକ, ଜଣେ ଅଡିଟର ଓ ୧୬ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସଂଘକୁ ନିର୍ବାଚିତ ହୋଇଛନ୍ତି। ମଣ୍ଡଳ ସମ୍ପାଦକ ବୃହସ୍ପତି ସାମଲ ମୁଖ୍ୟ ଅତିଥି ଓ ପୂର୍ବତନ ମଣ୍ଡଳ ସମ୍ପାଦକ ରମେଶ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିର୍ବାଚନକୁ ପ୍ରଦୀପ ଶତପଥୀ, ପ୍ରଦୀପଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ସାହୁ, ରାଜା ସେଠୀ, ଲିଙ୍ଗରାଜ ମେହେର, ଜିତେନ୍ଦ୍ରୀୟ ସାହୁ, ମାଧବ ପ୍ରଧାନ, ନିର୍ମଳ ପ୍ରଧାନ, ଅଶୋକ ପାତ୍ର, ଅବିନାଶ ଛନ୍ଦ ପ୍ରମୁଖ ସଂଯୋଜନା କରିଥିଲେ। ଏହି ନିର୍ବାଚନରେ ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ବରଗଡ, ଦେବଗଡ, ଝାରସୁଗୁଡା ଓ ସମ୍ବଲପୁର ଜିଲାର ଡାକ କର୍ମଚାରୀମାନେ ସାମିଲ ଥିଲେ।



ସମ୍ବଲପୁରରେ ଅନୁଷ୍ଠିତ ଅଖିଳ ଭାରତ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତାମାନେ ।

### ପ୍ରଧାନମନ୍ତ୍ରୀ ଫସଲ ବୀମା ଦାବି

# ଡକରା ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୨୭।୮(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଫସଲ ବୀମା ଦାବିରେ ସମ୍ବଲପୁର ଜିଲା ଡକରା ପଞ୍ଚାୟତ ଚାଷୀ ସୋମବାର ଜିଲାପାଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏ ନେଇ ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ୨୦୧୭-୧୮ ଖରିଫ ଧାନ ଚାଷ ବେଳେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିଲା। ଏଥିସହ ପୋକ ପ୍ରାଦୁର୍ଭାବରେ ଧାନ ଫସଲ ବ୍ୟାପକ କ୍ଷତି ହୋଇଥିଲା। ଜିଲା ପ୍ରଶାସନିକ ଅଧିକାରୀଙ୍କ ସୂଚନା ଅନୁସାରେ ଏହି ଅଞ୍ଚଳ ଚାଷୀମାନେ ୭୯.୪୩ ପ୍ରତିଶତ ବୀମା ରାଶି ପାଇପାରିବେ । କିନ୍ତୁ ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ସରକାରୀ ଓ କମ୍ପାନୀଠାରୁ କୌଣସି ଚିଠି ବ୍ୟାଙ୍କ ଓ ସମବାୟ ଅଫିସକୁ ଆସିନାହିଁ । ତେଣୁ ଏ ଦିଗରେ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କଲେ ଚାଷୀମାନେ ଉପକୃତ ହେବେ ବୋଲି ଉଲ୍ଲେଖ ରହିଛି। କୈଳାସ ମାଝି, ଶେଷଦେବ ବେହେରା, ସୀତାରାମ ସାହୁ, ସୋନୁ ସେଠ, ପ୍ୟାରିଲାଲ ସେଠ, ନରେଶନ ବାଚା, କାହ୍ନୁଚରଣ ଦାସ, ରମେଶ ଭୋଇ, ହାରାଧନ ଭୁଏ, ପଞ୍ଚାନନ ସାହୁ, କରୁଣାକର ବାରିକ ପ୍ରମୁଖଙ୍କ ନେତୃତ୍ୱରେ ଚାଷୀମାନେ ଆସିଥିଲେ ।



ସୋମବାର ଡକରା ପଞ୍ଚାୟତ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଦାବିରେ ସମ୍ବଲପୁର ଜିଲାପାଳଙ୍କ ଅଫିସକୁ ଆସିଛନ୍ତି ।

# ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ

ଦେବଗଡ଼,୨୭।୮(ସ୍ୱ.ପ୍ର.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ବୁଢାପାଳ ପଞ୍ଚାୟତ ଡିଗ୍ରୀ କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଡିଲେଶ୍ୱର ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଆଞ୍ଚଳିକ କଲେଜ ଅଧ୍ୟକ୍ଷା ଗୀତାଞ୍ଜଳୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କବିଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟବକ୍ତା ଭାବେ ରିଆମାଳ କଲେଜ ଅବସରପ୍ରାପ୍ତ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଗଙ୍ଗାଧରଙ୍କ ସାରସ୍ୱତ କୃତି ଏବଂ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ଭାରତ ଭୂଷଣ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ରୀନା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**COURT NOTICE**

**IN THE COURT OF THEE HON'BLE MOTOR VEHICLE ACCIDENTS CLAIMS TRIBUNAL CUM V ADDITIONAL DISTRICT JUDGE :: RANGA REDDY DISTRICT COURT AT:L.B.NAGAR**
**O.P.NO. 1014 OF 2016**

Between:
Muddhagoni Suryadaksh Goud ..Petitioner
(Being Minor Rep. by his Natural father Muddhagoni Srinivas Goud(Muddhagoni Srinivas)
And
Raja Kumar Ray & 3 others ..Respondents

**NOTICE TO RESPONDENT No.1**

To
Raja Kumar Ray,
S/o.Not known, age:Major
R/o.Mission Road, Sundarghar,
H/o.Sundarghar Orissa-770001.
.....Respondent No.1

Please take notice that the above named Petitioner filed the above O.P. U/s.166 of the M.V.Act, 1989. But the O.P. is stands posted to 07-09-2018 for your appearance. You are hereby requested to appear in person or by pleader before this Hon'ble Court on 07-09-2018 at 10: 30 A.M. . Otherwise, the matter will be called and decided ex-parte in your absence.
//BY ORDER OF THE HON'BLE COURT//

**S.Chandraiah,**
**S. Satish Kumar,**
**Advocates, Hyderabad**

**GOVERNMENT OF ODISHA**
**OFFICE OF THE BLOCK DEVELOPMENT OFFICER**
**SADAR BLOCK, SUNDARGARH**
**INVITATION TENDER CALL NOTICE**

**No. 2865** **Dt. 26.08.2018**

The Block Development Officer, Sadar, Sundargarh on behalf of Governor of Odisha invites Percentage rate bids in sealed cover for the following works from the class of eligible contractors as mentioned in Column-7 (seven).

| Sl. No. | Name of the Place | Name of the Work | Amount put to Tender in Rs. | Cost of Tender paper (Non-refundable) in Rs. | Bid security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Bhawanipur Kirei G.p | Improvement of the road from village Bhawanipur to Model School | 30,00,000/- | 6,000/- | 30,000/- | 02 (Two months) | 'C' & 'B' Class |

The bid documents and detail terms and conditions can be downloaded from District Website www.sundergarh.nic.in. The last date of receive of bid is 11.09.2018, 3.00 P.M. & date of opening is Dt. 12.09.2018 at 11.00 A.M.

**Sd./- Block Development Officer, Sadar, Sundargarh**

# ୧୭ ପଞ୍ଚାୟତର ୪୩ ଅଭିଯୋଗ ଶୁଣିଲେ ଜିଲାପାଳ



ଟ୍ରାଇ ସାଇକେଲ୍ ପାଇଥିବା ଦିବ୍ୟାଙ୍ଗମାନେ ଜିଲାପାଳ ଓ ଅନ୍ୟମାନଙ୍କ ସହ।

ବାମରା,୨୭।୮(ସ୍ୱ.ପ୍ର.)

ବାମରା ହାଇସ୍କୁଲ ପଡିଆଠାରେ ଜିଲାପାଳ ଅଭିଯୋଗ ଶୁଣାଣି କରିଛନ୍ତି। ଏଥବରେ ୧୭ ପଞ୍ଚାୟତରୁ ୪୩ ଅଭିଯୋଗ ଆସିଥିଲା। ବାମରା ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ସଞ୍ଜୀବ ଅରୋରା, ଉପ ଜିଲାପାଳ ବିଶ୍ୱରଞ୍ଜନ ନାୟକ, ବିଡିଓ ସୁଶୀଲ କୁଜୁର, ଜିଲା ପରିଷଦ ଅପାଧ୍ୟକ୍ଷା ପୁଷ୍ପାଞ୍ଜଳି ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଏନ.ସି. ଦଣ୍ଡସେନା, ସିଡିଏମଓ କଲ୍ୟାଣ ଗୁପ୍ତା, ପିଡି ଡିଆରଡିଏ ରାଜେଶ ଅଗ୍ରୱାଲ, ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକ, ତହସିଲଦାର ମିତ୍ରଭାନୁ ନାଏକ, ଡିଏସଏସଓ ସନ୍ତୋଷ କୁମାର ସାହୁ, ଏସିଏଫ ଧ୍ରୁବଚରଣ ଜିତ, ଗୋବିନ୍ଦପୁର ଥାନା ଆଇଆଇସି ବିଶ୍ୱପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ ଆଶାବାଡ଼ି, ଟ୍ରାଇ ସାଇକେଲ, ଶ୍ରବଣଯନ୍ତ୍ର, ହ୍ୱିଲ ଚେୟାର ଭତ୍ତା ପ୍ରଦାନ କରାଯାଇଥିଲା। ଏଥିରେ ଜିପିଇଓ ଲକ୍ଷ୍ମୀନାରାୟଣ ମହାପାତ୍ର, ଏମଆଇ ସୂର୍ଯ୍ୟକାନ୍ତ ପ୍ରଧାନ ଓ ବିଏସଏସଓ ସୌରଚରଣ ପାଣି ସହଯୋଗ କରିଥିଲେ ।

**ଘୋଷଣାପତ୍ର**

ମୁଁ ଶ୍ରୀ ରସାନନ୍ଦ ନାଗ, ପିତା-ସ୍ୱର୍ଗତ ଭବାନୀ ଶଙ୍କର ନାଗ, ନିବାସୀ- କନ୍ଧପାଲି, ପୋ.ଅ- ରାଜେନ୍ଦ୍ର କଲେଜ , ଟାଉନ ଥାନା,ତହସିଲ, ଜିଲ୍ଲା- ବଲାଙ୍ଗୀର ।

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦେଉଅଛି ଯେ, ଆମ୍ଭ ଅଜା ସ୍ୱର୍ଗତ ଈଶ୍ୱର ନାଗ, ପିତା-ସ୍ୱର୍ଗତ ବିରୁ ନାଗଙ୍କ ନାମରେ (ଖାତା ନଂ: ୩୭, ମୌଜା -ଲର୍କିପାଲି, ତହସିଲ, ଥାନା, ଜିଲା-ବଲାଙ୍ଗୀର ରେକର୍ଡ ଅଛି ) ଉକ୍ତ ଜମିର ଭାଗବଣ୍ଟଆର ପାଇଁ ସିଭିଲ ସୁଟ ନଂ. ୧୫୮/ ୧୧ ଏବଂ ସୁ.ନଂ ୫୬/୭ ସିଭିଲ ଜଜ (ବରିଷ୍ଠ ବିଭାଗ) ବଲାଙ୍ଗୀର କୋର୍ଟରେ ବିଚାରାଧୀନ ଅଛି। ଇତିମଧ୍ୟରେ ଆମ୍ଭ ଗୋଚରକୁ ଆସଛି ଯେ, ଉପରୋକ୍ତ ଜମିଖାତାକୁ ଚଞ୍ଚକତା ପୂର୍ବକ ଶ୍ରୀ ଅମନ ନାଗ ନୂତନ ଖାତା, ୧୦୭୮/ ୩୧୯୩ ତାଙ୍କ ନାମରେ ପାର୍ଚ୍ଚା କରାଇ ନେଇଛନ୍ତି, ଯାହାକି ବୈଧ/ଆଇନ ସମ୍ମତ ନୁହେଁ । ତାହା ବିରୁଦ୍ଧରେ ମଧ୍ୟ ମ୍ୟୁଟେସନ ଅପିଲ ନଂ. ୩/ ୧୭ ସବ୍‌କଲେକ୍ଟର ବଲାଙ୍ଗୀରଙ୍କ କୋର୍ଟରେ ବିଚାରାଧୀନ ଅଛି । ତଥାପି ଶ୍ରୀ ଅମନ ନାଗ ଉକ୍ତ ଜମିକୁ ବିକ୍ରୟ କରିବା ପାଇଁ ମସୁଧା କରୁଥିବା ଜଣାଯାଏ । ଏଣୁ ଆମ୍ଭେ ସର୍ବସାଧାରଣଙ୍କୁ ଜଣାଇ ଦେଉଛୁ ଯେ, ଯଦି କେହି ଆମ୍ଭର ଅଗୋଚରରେ ଉକ୍ତ ଜମିକୁ କ୍ରୟ କରନ୍ତି ତାହାହେଲେ ଭବିଷ୍ୟତରେ ଆମ୍ଭେ ଦାୟୀ ହେବୁ ନାହିଁ ।

ସ୍ୱା /-
ଶ୍ରୀ ରସାନନ୍ଦ ନାଗ

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ**
**ବିଜ୍ଞାପନ ସଂଖ୍ୟା ୨୬୨୩, ତାରିଖ ୨୫।୮।୨୦୧୮**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମୁତାବକ ୨୦୧୮-୧୯ ଆର୍ଥିକବର୍ଷ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ସଂପାଦିତ ହୋଇଥିବା ମନରେଗା(ଏମ.ଜି.ଏନ.ଆର.ଇ.ଜି.ଏ)ପ୍ରକଳ୍ପଗୁଡିକର ନିର୍ଦ୍ଦେଶ ମୁତାବକ କ୍ଷେତ୍ର ତଦନ୍ତ ପୂର୍ବକ ଗ୍ରାମପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଗ୍ରାମରେ ସାମାଜିକ ସମୀକ୍ଷାଜନିତ ଗ୍ରାମସଭା ପୂର୍ବାହ୍ନ ଘ ୯.୦୦ ସମୟରେ ଅନୁଷ୍ଠିତ ହେବ । କ୍ଷେତ୍ର ତଦନ୍ତରେ ସହଯୋଗ ପୂର୍ବକ ଗ୍ରାମସଭାରେ ବହୁଳସଂଖ୍ୟାରେ ଉପସ୍ଥିତ ରହିବା ପାଇଁ ସମସ୍ତ ଲୋକ ପ୍ରତିନିଧି, ପଞ୍ଚାୟତିରାଜ ପ୍ରତିନିଧି ଏବଂ ଜନସାଧାରଣଙ୍କୁ ଅନୁରୋଧ ।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | | ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ତାରିଖ | ଗ୍ରାମସଭା ପରିଚାଳନା କରିବା ପାଇଁ ନୋଡାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | | |
| ପ୍ରଥମ | ବାବେବିର, ନାଗପଡା, କର୍ଲାକୋଟ,ଲର୍କା, ଫରସରା | ୨୭/୦୮/୨୦୧୮ | ୦୩/୦୯/୨୦୧୮ | ୦୩/୦୯/୨୦୧୮ | ୨୬/୧୦/୨୦୧୮ | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ , ଜି.ଆର.ଏସ. ଜି.ପି.ଟି.ଏ., ଜେ.ଇ. |
| ଦ୍ୱିତୀୟ | ଖଇରା, ଭଇଁଷାଦାନୀ, ଲିଟିସର୍ଗି, ଡମଝର, ବୋଇରଗାଁ | ୦୪/୦୯/୨୦୧୮ | ୧୦/୦୯/୨୦୧୮ | ୧୦/୦୯/୨୦୧୮ | | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ, ଜି.ଆର.ଏସ. ଜି.ପି.ଟି.ଏ ,ଜେଇ. |
| ତୃତୀୟ | ସୁନାପୁର,ରୋକାଲ ବୋଡେନ | ୧୭/୦୯/୨୦୧୮ | ୨୪/୦୯/୨୦୧୮ | ୨୪/୦୯/୨୦୧୮ | | ସଂପୃକ୍ତ ଗ୍ରାମପଞ୍ଚାୟତର ପି.ଇ.ଓ , ଜି.ଆର.ଏସ., ଜି.ପି.ଟି.ଏ., ଜେ.ଇ |
| ଚତୁର୍ଥ | ପଲସଦା, କରଙ୍ଗାମାଲ | ୨୫/୦୯/୨୦୧୮ | ୦୧/୧୦/୨୦୧୮ | ୦୧/୧୦/୨୦୧୮ | | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ, ଜି.ଆର.ଏସ. ଜି.ପି.ଟି.ଏ ,ଜେ.ଇ. |

ସ୍ୱା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୋଡେନ

**-ନିଯୁକ୍ତି-**

**ରିଲାଏନ୍ସ ନିପନ ଲାଇଫ ଇନ୍ସ୍ୟୁରାନ୍ସ**

ବଲାଙ୍ଗୀର ଶାଖା ପାଇଁ ଏ.ଆର.ଡି.ଏମ. ପଦବୀ ଖାଲି ରହିଛି।
**ଯୋଗ୍ୟତା:** ସ୍ନାତକୋତ୍ତର (ବି.ଏ.) ଓ ମାର୍କେଟିଂ ଦକ୍ଷତା ୨/୩ ବର୍ଷ ଥିବା ସହ ପାନକାର୍ଡ ଓ ଆଧାର କାର୍ଡ ନିତାନ୍ତ ଆବଶ୍ୟକ।
(ଦରମା: ୧୫ ହଜାର ଇନ୍‌ସେଣ୍ଟିଭ୍ ସହ)

**ଯୋଗାଯୋଗ**

**ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ସାହୁ** (ଶାଖା ପରିଚାଳକ)
ମୋ ନଂ: ୯୯୩୭୪୧୫୩୮୪, ୮୫୯୯୮୮୫୯୧୬, ୭୮୯୪୬୨୧୩୭୮, କାର୍ଯ୍ୟାଳୟ-ଦୁର୍ଗା ମନ୍ଦିର ସାମ୍ନା, ରାମଜୀପଡ଼ା, ବଲାଙ୍ଗୀର

# ସାରସ୍ୱତ ସମାରୋହ

ସମ୍ବଲପୁର, ୨୭।୮ (ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ହୋଟେଲ ସାକେତଠାରେ ସ୍ୱୀକାର ପକ୍ଷରୁ ସାରସ୍ୱତ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ପ୍ରଫେସର ବାଉରୀବନ୍ଧୁ ସାହୁ ମୁଖ୍ୟଅତିଥି, ଶିକ୍ଷୟତ୍ରୀ ବିଜୟନୀ ଶତପଥୀ ମୁଖ୍ୟବକ୍ତା ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗୀୟ ମୁଖ୍ୟ ଡ. ଲମ୍ବୋଦର ସାହୁ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ। ଲଳିତ ଅଗ୍ରୱାଲ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଡ. ଶ୍ୟାମ ଭୋଇ ଅତିଥି ପରିଚୟ ଦେଇଥିବାବେଳେ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ।



ସୋମବାର ସମ୍ବଲପୁରରେ ସ୍ୱୀକାର ସାରସ୍ୱତ ସମାରୋହକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
**କ୍ଷେତ୍ରୀୟ ବ୍ୟବସାୟ କାର୍ଯ୍ୟାଳୟ, କ୍ଷେତ୍ର-୫, (ଜଗତସିଂହପୁର), ମଧୁପାଟଣା, କଟକ**

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଜପକୁଦ ଶାଖା** **ଋଣଗ୍ରହୀତା: ଶ୍ରୀ ଗଗନ ବିହାରୀ ଜେନା,** ପିତା- ଶ୍ରୀ ବାବାଜୀ ଜେନା, ସା: ରେବା, ପୋ: ମହନାପୁର, ଥାନା: ସାଲେପୁର, ଜିଲ୍ଲା: କଟକ । | **ଜାମିନଦାରମାନେ: ୧) ଶ୍ରୀମତୀ ସୁଲୋଚନା ଜେନା,** ସ୍ୱାମୀ- ଶ୍ରୀ ଗଗନ ବିହାରୀ ଜେନା, **୨) ଶ୍ରୀ ପ୍ରଭାତ କୁମାର ଜେନା, ୩) ଶ୍ରୀ ପ୍ରସନ୍ନ କୁମାର ଜେନା,** ଉଭୟଙ୍କ ପିତା- ଶ୍ରୀ ଗଗନ ବିହାରୀ ଜେନା, ସମସ୍ତଙ୍କ ଠିକଣା- ସା: ରେବା, ପୋ: ମହନାପୁର, ଥାନା: ସାଲେପୁର, ଜିଲ୍ଲା: କଟକ /**ସମ୍ପତ୍ତିର ମାଲିକ: ଶ୍ରୀ ଗଗନ ବିହାରୀ ଜେନା ।** | ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ରେବା, ଖାତା ନଂ.: ୩୮, ପ୍ଲଟ୍ ନଂ.: ୪୯୬, କ୍ଷେତ୍ର: ଏକର ୦.୦୩୦ ଡିସିମିଲ, କିସମ: ଘରବାରୀ । | ୧୫.୦୫.୨୦୧୮ | ୨୨.୦୮.୨୦୧୮ | ୩୦.୦୪.୨୦୧୮ ସୁଦ୍ଧା ଟ.୧,୫୪,୩୪୯/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
| **ଅଡଶପୁର ଶାଖା** **ଋଣଗ୍ରହୀତାମାନେ: (୧) ମେସର୍ସ ଶ୍ରୀରାମ ଫର୍ଣ୍ଣିଚର ପ୍ଲାଜା, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିଶ୍ୱଜିତ ପ୍ରଧାନ,** ପିତା- ଶ୍ରୀ ବେଣୁଧର ପ୍ରଧାନ, **୨) ଶ୍ରୀ ବେଣୁଧର ପ୍ରଧାନ,** ପିତା- ୰ ନରସିଂହ ପ୍ରଧାନ ଉଭୟଙ୍କ ଠିକଣା- ସା: କୁଳବ୍ରାହ୍ମଣସାଇଲୋ, ପୋ: ବ୍ରାହ୍ମଣସାଇଲୋ, ଥାନା: ଗୋବିନ୍ଦପୁର, କଟକ । | **ଜାମିନଦାରମାନେ: ୧) ସୋରିଆ ପ୍ରଧାନ,** ସ୍ୱାମୀ- ୰ ନରସିଂହ ପ୍ରଧାନ, **୨) ଶ୍ରୀ ମନମୋହନ ପ୍ରଧାନ, ୩) ଶ୍ରୀ ବେଣୁଧର ପ୍ରଧାନ,** ଉଭୟଙ୍କ ପିତା- ୰ ନରସିଂହ ପ୍ରଧାନ, ସମସ୍ତଙ୍କ ଠିକଣା- ସା: କୁଳବ୍ରାହ୍ମଣସାଇଲୋ, ପୋ: ବ୍ରାହ୍ମଣସାଇଲୋ, ଥାନା: ଗୋବିନ୍ଦପୁର, କଟକ / **ସମ୍ପତ୍ତିର ମାଲିକ: ଶ୍ରୀ ବେଣୁଧର ପ୍ରଧାନ, ସୋରିଆ ପ୍ରଧାନ ଏବଂ ଶ୍ରୀ ମନମୋହନ ପ୍ରଧାନ ।** | ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ବ୍ରାହ୍ମଣସାଇଲୋ, ଖାତା ନଂ.: ୬୨୬, ପ୍ଲଟ୍ ନଂ.: ୧୬୬୫, କ୍ଷେତ୍ର: ଏକର ୦.୫୦ ଡିସିମିଲ, କିସମ: ଘରବାରୀ । ଚୌହଦୀ: ପୂର୍ବ : କେନାଲ ବନ୍ଧ ଏବଂ ରାସ୍ତା, ପଶ୍ଚିମ: ବେଣୁଧର ପ୍ରଧାନ ଏବଂ ଜୋର, ଉତ୍ତର: ଗୌରାଙ୍ଗ ଚରଣ ସେନାପତି, ଦକ୍ଷିଣ: ଗୋବିନ୍ଦ ସାହୁ । | ୧୫.୧୦.୨୦୧୭ | ୨୩.୦୮.୨୦୧୮ | ୧୩.୧୦.୨୦୧୭ ସୁଦ୍ଧା (୧) ଟ.୪,୯୭,୨୪୭/- (୨) ଟ.୬,୦୬,୨୮୮/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ : ୨୭.୦୮.୨୦୧୮
ସ୍ଥାନ : କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**THE ODISHA STATE CO-OPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751 001
**Tel. Nos. : (0674) 2375100, Fax No. : (0674) 2510214, Email : oscbmd@gmail.com**

**RECRUITMENT OF JUNIOR MANAGERS**

In pursuance to the orders dated 02.02.2018 and 21.06.2018 of the Hon'ble High Court of Orissa in the matter of Misc. Case No.4332 of 2018 (in W.P.(C) No. 19218 of 2011), Misc. Case No. 4330 of 2018 (in W.P. (C) No. 19636 of 2011), Misc. Case No.4328 of 2018 (in W.P.(C) No.19251 of 2011), Misc. Case No.4333 of 2018 (in W.P.(C) No. 19381 of 2011) and Misc. Case No.4331 of 2018 (in W.P.(C) No. 19260 of 2011), applications are invited from the permanent residents of Odisha having Master Degree in Banking Management (MBM) with PGDCA or "A" Level Certificate from any recognized institution approved by the Department of Electronics, Govt. of India for the post of Junior Manager as against the quota earmarked for MBM Degree Holders. The details of the vacancy are given below :

| Category | General (UR) | SC | ST | SEBC(OBC) | Total |
|---|---|---|---|---|---|
| Male | 4 | 1 | 1 | 1 | 7 |
| Female | 1 | - | 1 | - | 2 |
| Total | 5 | 1 | 2 | 1 | 9 |

The petitioners in the above writs claiming age condonation as per orders of Hon'ble High Court shall submit OFFLINE application to Odisha State Co-operative Bank Ltd., Head Office, Bhubaneswar by downloading application form from the website of Odisha State Coop. Bank Ltd., Bhubaneswar and rest of the MBM Degree Holders shall apply **ONLINE** only.

The candidate should not be less than 21 years of age and not more than 32 years of age as on 01.04.2018. In case of candidates belonging to SC, ST and SEBC (OBC) category, the upper age limit prescribed for recruitment shall be increased by five years. Relaxation in upper age limit to the extent of defence service plus 3 years is applicable to Ex-Servicemen provided break in service and re-employment should not exceed 2 years and they must have put in not less than 6 months after attestation. In case of person with Disability (P.W.D) candidates, the upper age relaxation shall be increased by 10 years above the maximum age limit allowed to GEN / SC /ST / SEBC(OBC) category. The condonation of overage shall be allowed only in respect of the petitioners of the above noted cases as one time exercise to provide them opportunity pursuant to the direction of the Hon'ble High Court as contained in the orders passed in the above Writ Petitions.

The selection to the post of Junior Manager shall be done strictly in accordance with the provisions of the Staff Service Rules 1980.

All other criterial for the post and the online application form are available from the website of the Odisha State Co-operative Bank www.odishascb.com and the same may be downloaded by the prospective candidates. The application should be submitted online from **28.08.2018 to 11.09.2018**. Petitioner candidates shall download and submit applications offline from **28.08.2018 to 11.09.2018**. The website also has details regarding the payment of application fee. The Online Written Test shall be held on **23.09.2018** and date of Viva Voce Test shall be intimated by virtue of separate order / notification in the Web-site.

**Managing Director**



ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ, ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।

-କନଫୁସିୟସ



## ସଂକ୍ଷେପରେ

### ରେଙ୍ଗାଲି ଡାକ୍ତରଖାନାରେ ହୋମିଓପାଥି ଡାକ୍ତର ନିଯୁକ୍ତି ଦାବି

ରେଙ୍ଗାଲି, ୨୭।୮ (ଡି.ଏନ.ଏ): ରେଙ୍ଗାଲି ଡାକ୍ତରଖାନାରେ ହୋମିଓପାଥି ଡାକ୍ତର ନିଯୁକ୍ତି ମିଳୁ। ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଏ ନେଇ ଏକ ଦାବିପତ୍ର ଜିଲା ପ୍ରଶାସନକୁ ଦିଆଯାଇଛି । ରେଙ୍ଗାଲି ଡାକ୍ତରଖାନାରେ ହୋମିଓପାଥି ଡାକ୍ତର ରହିବା ବ୍ୟବସ୍ଥା ଥିବା ବେଳେ ଅଛନ୍ତି ଆୟୁର୍ବେଦିକ ଡାକ୍ତର । ହୋମିଓପାଥି ଡାକ୍ତର ନ ଥିବାରୁ ରେଙ୍ଗାଲି ଅଞ୍ଚଳବାସୀ ହୋମିଓପାଥି ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଡାକ୍ତରଖାନାରେ ଲକ୍ଷାଧିକ ଟଙ୍କାର ହୋମିଓପାଥି ଔଷଧ ବ୍ୟବହାର ନ ହୋଇ ପଡି ରହିଛି ବୋଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଏଡିଏମ ଅଜୟ କୁମାର ଜେନାଙ୍କୁ ଅଭିଯୋଗ କରାଯାଇଛି।

# ସାଂସ୍କୃତିକ ମଣ୍ଡପ କାମରେ ଅନିୟମିତତା ଅଭିଯୋଗ

ଜମନକିରା,୨୭।୮(ଡି.ଏନ୍.ଏ.)

ଜମନକିରା ପରୁଣା ଥାନା ସମ୍ମୁଖ କୃଷକ ଖଳାରେ ନିର୍ମାଣାଧୀନ ଥିବା ସାଂସ୍କୃତିକ ମଣ୍ଡପ କାମରେ ଅନିୟମିତତା ହୋଇଥିବା ନେଇ ଗ୍ରାମ ଉନ୍ନୟନ କମିଟି ପକ୍ଷରୁ ଜିଲାପାଳଙ୍କୁ ବିଡ଼ିଓ ମୁରଲୀଧର ନାୟକଙ୍କ ଜରିଆରେ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ବିଡ଼ିଓ ନାୟକଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ ତଦନ୍ତ ପାଇଁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି। ପରେ କନିଷ୍ଠଯନ୍ତ୍ରୀ ସମୀର ପଟେଲଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗକୁ ଖଣ୍ଡନ କରିବା ସହ କାମ ଠିକରେ ହୋଇଛି। ବିଲ୍ ବାବଦକୁ ୩ ଲକ୍ଷ ୬୦ ହଜାର ୭ ଶହ ୯୩ ଟଙ୍କା କେବଳ ପଇଠ କରାଯାଇଛି ବୋଲି କହିଥିଲେ।

ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କୁ ଜମନକିରା ଗ୍ରାମବାସୀଙ୍କ ଅନୁରୋଧ ପ୍ରଧାନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ସୁପାରିଶ କରି ସାଂସ୍କୃତିକ ମଣ୍ଡପ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରିଥିଲେ। ୨୦୧୫-୧୬ ଆର୍ଥିକ ବର୍ଷରେ ଉକ୍ତ ଟଙ୍କା ତତ୍କାଳିନ ସଭାପତିଙ୍କ ନାଁରେ ମଞ୍ଜୁର ହୋଇ ଆସିଥିଲା। ଉକ୍ତ ଟଙ୍କାକୁ ଗ୍ରାମ ଉନ୍ନୟନ କମିଟିର ସଭାପତିଙ୍କ ନାଁରେ କାର୍ଯ୍ୟାଦେଶ ପ୍ରଦାନ ପାଇଁ ନିୟମ



ଜମନକିରା ପରୁଣା ଥାନା ସମ୍ମୁଖ କୃଷକ ଖଳାରେ ନିର୍ମାଣାଧୀନ ସାଂସ୍କୃତିକ ମଣ୍ଡପ ।

ରହିଥିବା ବେଳେ ୨ ବର୍ଷ କାଳ ବ୍ଲକ୍ ପ୍ରଶାସନ ଠାରେ ଟଙ୍କା ଜମା ରହିଥିଲା। ସାଂସ୍କୃତିକ ମଣ୍ଡପ ପାଇଁ ଆସିଥିବା ଟଙ୍କା ଚଳିତ ବର୍ଷ ଖର୍ଚ୍ଚ କରାଯାଇଥିବା ବେଳେ ଗତ ଅଗଷ୍ଟ ୧୫ ତାରିଖ ଦିନ ଗ୍ରାମ ଉନ୍ନୟନ କମିଟି ସାଧାରଣ ସଭାରେ କାମରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ମିଳନ ଖୁଣ୍ଟିଆ ସଭାପତି ସରୋଜ ପଟ୍ଟନାୟକଙ୍କୁ କୈଫିୟତ ମାଗିଥିଲେ। ପଟ୍ଟନାୟକ ଉତ୍ତରରେ କହିଥିଲେ ଯେ, ତାଙ୍କ ଅଗୋଚରରେ କାମ କରାଯାଇଛି। ଏ ନେଇ ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ କିଛି ଜଣାଯାଇ ନାହିଁ। ଉକ୍ତ କାମ ଦୁର୍ଗା ମଣ୍ଡପକୁ ଲାଗି ରହିଥିବା ଜାଗାରେ ହେବ ବୋଲି ପୂର୍ବରୁ ସ୍ଥିର ହୋଇଥିଲା। ହେଲେ ତାଙ୍କୁ ନ ଜଣାଇ କୃଷକ ଖଳା ନିକଟରେ ମଣ୍ଡପ କରାଯାଇଛି। ଅଭିଯୋଗରେ ଆହୁରି ମଧ୍ୟ ଦର୍ଶାଯାଇଛି କି ପୂର୍ବରୁ ବାଲି ଭର୍ତ୍ତି ହୋଇ ରହିଥିବା ମଣ୍ଡପ ଥିବା ବେଳେ କିଭଳି କନିଷ୍ଠଯନ୍ତ୍ରୀ ବାଲି ଭର୍ତ୍ତି କରାଯାଇଥିବା ନେଇ ୧୭ ହଜାରରୁ ଅଧିକ ବିଲ୍‌ରେ ଦର୍ଶାଇଛନ୍ତି। ମାତ୍ର ୬ଟି ଖମ୍ବ ତିଆରି କରାଯାଇଥିବା ବେଳେ ସେଥିରେ ୧୬ରୁ ଅଧିକ କୁଇଣ୍ଟାଲ ଛଡ଼ କିଭଳି ବ୍ୟବହାର କରାଯାଇଛି ବୋଲି ବିଡ଼ିଓଙ୍କୁ ଅଭିଯୋଗରେ ପ୍ରଶ୍ନ କରାଯାଇଛି।

### ■ବନ୍ଧ ନିଲାମରେ ପ୍ରିୟାପ୍ରୀତି, ପଞ୍ଚାୟତ ଅଫିସ ଖୋଲୁନି

# ଗୋଗୁଆ ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ



ଗୋଗୁଆ ପଞ୍ଚାୟତର ଲୋକେ ସୋମବାର ନାକଟିଦେଉଳ ବିଡିଓଙ୍କ ଦ୍ୱାରସ୍ଥ ହେବାକୁ ଆସିଛନ୍ତି।

ନାକଟିଦେଉଳ, ୨୭।୮(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଗୁଆ ଗ୍ରାମରେ ଥିବା ବନ୍ଧର ନିଲାମ ପ୍ରକ୍ରିୟା ବେଆଇନ ଭାବେ କରାଯାଉଛି। ଏ ନେଇ ସୋମବାର ଗୋଗୁଆ ଗ୍ରାମବାସୀ ବିଡିଓଙ୍କଠାରେ ଫେରାଦ ହୋଇଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ବିଡିଓଙ୍କୁ ଦାବି କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗୋଗୁଆ ଗ୍ରାମରେ ୨ଟି ବନ୍ଧ ରହିଛି। ଏହି ବନ୍ଧଗୁଡିକରେ ମାଛ ଚାଷ ପାଇଁ ୨ଟି ସ୍ୱୟଂସହାୟକ ଗୋଷ୍ଠୀକୁ ନିଲାମ ଦିଆଯାଉଛି । ଏହି ଗ୍ରାମରେ ଏକାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ହେଲେ ସେମାନଙ୍କୁ ସୂଚନା ଦିଆ ନ ଯାଇ ଅନ୍ୟ ଗାଁର ଗୋଷ୍ଠୀକୁ ଦିଆ ଯାଇଛି।

ଅପରପକ୍ଷରେ ଗୋଗୁଆ ନୂତନ ଭାବେ ପଞ୍ଚାୟତ ମାନ୍ୟତା ପାଇଛି। ହେଲେ ମାସରେ କେବଳ ଯେଉଁ ଦିନ ପିଡିଏସ ସାମଗ୍ରୀ ଓ ଭତ୍ତା ବଣ୍ଟନ ହେଉଛି ସେହି ଦିନ ଯାହା ପଞ୍ଚାୟତ ଅଫିସ ଖୋଲା ରହୁଛି। ଅବଶ୍ୟ ପଞ୍ଚାୟତ ବୈଠକ ଦିନ ମଧ ଖୋଲା ରୁହେ। ଅନ୍ୟ ଦିନ ଗୁଡିକ ବନ୍ଦ ବୋଲି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଗ୍ରାମର ନାରୀମୁକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର କୁମୁଦିନୀ ବେହେରା, ସମ୍ପାଦିକା ପ୍ରତିଭା ସାହୁ, ମାଁ ଗଜବାହିନୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ନଳିନୀ ସାହୁ, ସମ୍ପାଦିକା ଉଷାବତୀ ସାହୁ, ମାଁ ଛଭାୟା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ କୁନି ଧଳ, ଗ୍ରାମଶ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଆରତୀ ମହାକୁଡ, ସମ୍ପାଦିକା ଗୀତାଞ୍ଜଳି ସାହୁ, ଭାଗ୍ୟଲକ୍ଷ୍ମୀ ସ୍ୱଂୟସହାୟିକା ଗୋଷ୍ଠୀର ସଭାନେତ୍ରୀ ସଂଯୁକ୍ତା ଧଳ, ସମ୍ପାଦିକା ମାଧୁରୀ ଧଳ, ଗ୍ରାମ୍ୟ କମିଟିର ସଭାପତି ଗିରିଜା ଶଙ୍କର ବେହେରା, ୱାର୍ଡସଭ୍ୟ ପୁଲିନ ବିହାରୀ ସାହୁ, ଚାରୁଚନ୍ଦ୍ର ଧଳ, ଧ୍ରୁବା ବାଘ, ଯୋଗେଶ୍ୱର ସାହୁ, ଅଲେଖ ସାହୁ ଓ ଶରତ କୁମାର ସାହୁ ପ୍ରମୁଖ ବିଡିଓ ସହଦେବ ନନ୍ଦଙ୍କୁ ଭେଟି ଏ ଦିଗରେ ପଦକ୍ଷେପ ନେବାକୁ ଦୃଢ ଦାବି କରିଛନ୍ତି।

## ଭେଉଁରିଆ ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର

ପଦ୍ମପୁର,୨୭।୮(ଡି.ଏନ.ଏ)

ପଦ୍ମପୁର ବ୍ଲକ ଅନ୍ତର୍ଗତ ଭେଉଁରିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁର୍ଲାସ୍ଥିତ ଭୀମସାର ମେଡିସିନ୍ ବିଭାଗଣ ଡା. ଶଙ୍କର ରାମଚନ୍ଦାନୀଙ୍କ ଉଦ୍ୟମରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ଭେଉଁରିଆ ଗ୍ରାମର ବରିଷ୍ଠ ନାଗରିକ ଶିବଲାଲ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଥମେ ଡା. ରାମଚନ୍ଦାନୀ ପଞ୍ଚାୟତ ପରିସରରେ ବୃକ୍ଷରୋପଣ କରିଥିଲେ । ପରେ ସେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାମାଜିକ କର୍ମୀ ନିରୋଜ ଦୋରା ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ଉମେଶ ପ୍ରସାଦ ସାହୁ, ଯୁଧିଷ୍ଠିର ସାହୁ, ସୁରଜ ପଟ୍ଟନାୟକ, ଅକ୍ଷୟ ସାହୁ, ବୁଲୁ ମେହେର ଏବଂ ବୋଡାସମ୍ବର ଯୁବସେନାର ସଦସ୍ୟ ସହଯୋଗ କରିଥିଲେ। ସଞ୍ଜୀବ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା ।

## ହୀରାକୁଦ ଶିଶୁ ମନ୍ଦିର ଶିଶୁ ବାଟିକାର ମାତୃ ସମ୍ମିଳନୀ

ହୀରାକୁଦ, ୨୭।୮ (ଡି.ଏନ.ଏ)

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ବାଟିକାର ପ୍ରାୟ ୮୦ ଜଣ ମାତୃ ମଣ୍ଡଳୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା କାର୍ଯ୍ୟବାହ ରାମକୃଷ୍ଣ ନାୟକ ଯୋଗ ଦେଇଥିଲେ। ଶିଶୁର ବିକାଶ ଦିଗରେ ମା'ମାନଙ୍କ ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ବୈକୁଣ୍ଠ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ରଞ୍ଜନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ସରୋଜିନୀ ପଣ୍ଡା, ରାଜେନ୍ଦ୍ର ଦାଶ, ସୁଶାନ୍ତ ବେହେରା, ସୁପ୍ରଭା ବିଶୋଇ ପ୍ରମୁଖ ସହଯୋଗ କରିଥିଲେ।

### ■ଜନ ପ୍ରତିନିଧିଙ୍କ ଅଗୋଚରରେ ପ୍ରସ୍ତୁତ ୨୬୭ ପ୍ରକଳ୍ପକୁ ବିରୋଧ

# ବ୍ଲକ୍ ସମ୍ମୁଖରେ ଧାରଣା ଦେଲେ ସରପଞ୍ଚ, ସମିତିସଭ୍ୟ

ଜମନକିରା,୨୭।୮ (ଡି.ଏନ୍.ଏ.)

ଜମନକିରା ବ୍ଲକ୍ ସମ୍ମୁଖରେ ସୋମବାର ସରପଞ୍ଚ, ସମିତି ସଭ୍ୟମାନେ 'ଆମ ଗାଁ ଆମ ବିକାଶ' ଯୋଜନାରେ ମଞ୍ଜୁର ହୋଇଥିବା ପ୍ରକଳ୍ପ ଗୁଡ଼ିକକୁ ବିରୋଧ କରି ବିକ୍ଷୋଭ କରିବା ସହ ଧାରଣାରେ ବସିଛନ୍ତି। ଜମନକିରା ବ୍ଲକ୍‌ର ଆମ ଗାଁ ଆମ ବିକାଶ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪ କୋଟି ୭୫ ଲକ୍ଷ ଟଙ୍କାରେ ୨୬୭ଟି ପକଳ୍ପକୁ ମଞ୍ଜୁରି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଜନା ଗୁଡ଼ିକକୁ ମଞ୍ଜୁର କରିଥିବା ବେଳେ ଜନପ୍ରତିନିଧିଙ୍କ ପକ୍ଷରୁ ସ୍ୱାଗତ କରଯାଇଛି। ତେବେ ଉକ୍ତ ପ୍ରକଳ୍ପ ଗୁଡ଼ିକ ସରପଞ୍ଚ, ସମିତିସଭ୍ୟଙ୍କ ଅଗୋଚରରେ ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବାରୁ ବିରୋଧ କରାଯାଇଛି। ଏହା ପୂର୍ବରୁ ଜନପ୍ରତିନିଧିମାନେ ଗତ ସମିତି ବୈଠକରେ ହଟ୍ଟଗୋଳ କରିଥିଲେ। କୁଚିଣ୍ଡା ବିଧାୟକ ରବିନାରାୟଣ ନାୟକ ମଧ୍ୟ ବ୍ଲକ୍ ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିଥିଲେ। ତେବେ ସରକାର କିମ୍ବା ବ୍ଲକ୍ ପ୍ରଶାସନ ପକ୍ଷରୁ କୌଣସି ପରିବର୍ତ୍ତନ କରାଯାଇ ନ ଥିବା ଯୋଗୁ ୧୫ ଜଣ ସରପଞ୍ଚ, ସମିତିସଭ୍ୟ ବିକ୍ଷୋଭ କରିବା ସହ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।



ଜମନକିରା ବ୍ଲକ୍ ସମ୍ମୁଖରେ ସୋମବାର ସରପଞ୍ଚ, ସମିତି ସଭ୍ୟମାନେ ଧାରଣାରେ ବସିଛନ୍ତି।

## ଟଙ୍କା ମଞ୍ଜୁର ହୋଇଛି ଗୋଟିଏ ରାସ୍ତା ପାଇଁ, କାମ ହେଉଛି ଅନ୍ୟ ରାସ୍ତାରେ

ରେଢ଼ାଖୋଲ,୨୭।୮(ଡି.ଏନ.ଏ.)

ସରକାର ରାସ୍ତାଘାଟ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀମାନଙ୍କ ତଦାରଖ ଅଭାବରୁ ଠିକ ବିନିଯୋଗ ହୋଇ ପାରୁନାହିଁ। ଫଳରେ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଗୋଟିଏ ରାସ୍ତା ପାଇଁ ଅର୍ଥ ମଂଜୁର ହୋଇଥିବା ବେଳେ ପଞ୍ଚାୟତସ୍ତରୀୟ ନେତାଙ୍କ ମନମୁଖି ଯୋଗୁ ଅନ୍ୟ ଏକ ରାସ୍ତାରେ ଏହି ଅର୍ଥ ଖର୍ଚ୍ଚ କରାଯାଉଥିବା ଅଭିଯୋଗ ହୋଇଛି। ରେଢ଼ାଖୋଲ ବ୍ଲକର ବଡବାହାଲ ପଞ୍ଚାୟତ ବଡକୁଡା ଗ୍ରାମରେ ଏଭଳି ଘଟଣା ଘଟିଛି। ଗ୍ରାମବାସୀ ବିଡିଓ ପରିକ୍ଷିତ ସାହୁଙ୍କଠାରେ ସୋମବାର ଅଭିଯୋଗ କରିଛନ୍ତି। ବଡକୁଡା ଗ୍ରାମର ହରିଜନ ସାହି ରାସ୍ତାକୁ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୨୦୧୭-୧୮ ଆର୍ଥିକ ବର୍ଷରେ ୩ଲକ୍ଷ ଟଙ୍କା ମଂଜୁର ହୋଇଛି। ହେଲେ ହରିଜନପଡା ରାସ୍ତାକୁ କଂକ୍ରୀଟ କରା ନ ଯାଇ ଅନ୍ୟ ଏକ ରାସ୍ତାର ନିର୍ମାଣ କରାଯାଉଛି। ଏପରିକି ହରିଜନସାହି ରାସ୍ତାର କଂକ୍ରୀଟ କରଣ ପାଇଁ ଏତେ ଟଙ୍କାର ଆବଶ୍ୟକତା ନାହିଁ ବୋଲି ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କଂକ୍ରୀଟ ରାସ୍ତା ନିର୍ମାଣ କରାଯାଉଥିବା ରାସ୍ତାରେ ସୂଚନା ଫଳକ ମଧ୍ୟ ଲଗା ଯାଇନାହିଁ। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଏହି କାର୍ଯ୍ୟ ପାଇଁ ଫାଇଲ ଖୋଲା ଯାଇନି। କିଏ କାମ କରୁଛି, କାହା ନାମରେ କାର୍ଯ୍ୟାଦେଶ ହୋଇଛି ଜଣା ନ ଥିବା କନିଷ୍ଠ ଯନ୍ତ୍ରୀ ଗ୍ରାମବାସୀଙ୍କୁ କହିଛନ୍ତି । ହେଲେ କାହା ନିର୍ଦ୍ଦେଶରେ ଏହି ରାସ୍ତା କଂକ୍ରୀଟ କରଣ କାର୍ଯ୍ୟ ଆରମ୍ଭ ହୋଇଛି ସେ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଲୋକେ। ଏହା ତଦନ୍ତ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। କାଳନ୍ଦି ପୋଢ, ପ୍ରଦୀପ କୁମାର ବେହେରା, ହିମାଂଶୁ ଶେଖର ସାହୁ, ଲମ୍ବୋଦର ବେହେରା,ଶତ୍ରୁଘ୍ନ, ବେହେରା, ଗୋପିନାଥ ସାହୁ, ଅନାଦୀ ବେହେରା, ଖଗେଶ୍ୱର ପୌଢଙ୍କ ସମେତ ଗ୍ରାମବାସୀମାନଙ୍କ ସ୍ୱାକ୍ଷର ସମ୍ବଳିତ ଦାବି ପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି।

## ରେଙ୍ଗାଲିରେ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ରେଙ୍ଗାଲି, ୨୭।୮ (ଡି.ଏନ.ଏ.)

ରେଙ୍ଗାଲିସ୍ଥିତ ନାଇସ କମ୍ପ୍ୟୁଟର ସେଣ୍ଟରଠାରେ ସ୍ୱାଧୀନ ଏକତା ସଂଗଠନ ଏବଂ ନେହେରୁ ଯୁବ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ରାଜୀବ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ମରିଆନୁସ ବିଲୁଙ୍ଗ ଓ ଯଶୋବନ୍ତି ବାଗ ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଯୁବ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। ଅତିଥି ଭାବରେ ଡିଆଇସି ଦୀନବନ୍ଧୁ ପଣ୍ଡା, ଓଏଲଏମ ଅଧକ୍ଷ ଶ୍ରୀମନ୍ତ ହୋତା, ଡାକ୍ତର ଅଶୋକ ପ୍ରଧାନ, ସକ୍ଷାର ମାନସୀ ମାଝି, ମୌସୁମୀ ଦୋରା ପ୍ରମୁଖ ଯୋଗ ଦେଇଥିଲେ। ୧୫ଟି ଯୁବ ସଂଗଠନରୁ ୭୦ଜଣ ଯୁବତୀ ଯୁବକ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ପଦ୍ମନଭ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଗଙ୍ଗାଧର ମେହେରଙ୍କ ସାହିତ୍ୟ ବିଶ୍ୱରେ ଅନନ୍ୟ'

ନାକଟିଦେଉଳ, ୨୭।୮(ଡି.ଏନ.ଏ.)

ନାକଟିଦେଉଳ ମହାବିଦ୍ୟାଳୟ ପରିସରରେ ସୋମବାର ମଧୁବନ ସାହିତ୍ୟ ଓ ସଂସ୍କୃତି ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ହରିହର ସାହୁ, ଅଧ୍ୟାପିକା ଡଃ ସରସୀ ରାଣୀ ନାୟକ, ଅଧ୍ୟାପକ ଡ. ଦୀପେନ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଥିଲେ। ଅତିଥିଗଣ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ବ୍ୟକ୍ତିତ୍ୱ ଜୀବନ ଏବଂ ମହନୀୟତା ଉପରେ ଆଲୋକପାତ କରି କବି ଗଙ୍ଗାଧରଙ୍କ ସାହିତ୍ୟ କୃତି ବିଶ୍ୱ ସାହିତ୍ୟ ଦରବାରରେ ଅନନ୍ୟ ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ଗଙ୍ଗାଧରଙ୍କ ରଚିତ ତପସ୍ୱିନୀ, ପ୍ରଣୟ ବଲ୍ଲରୀ, କୀଚକବଧ ଆଦି ସାହିତ୍ୟ ଗ୍ରନ୍ଥ ସାହିତ୍ୟ ଜଗତରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଯୁବ ବୈଜ୍ଞାନିକ ଶେଷଦେବ କିଷାନ ଏବଂ ଛାତ୍ରୀ ମେନକା ବାଘଙ୍କୁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଛାତ୍ରୀ ସୁଚିସ୍ମିତା , ଗୀତାଞ୍ଜଳି, ଆର୍ଯ୍ୟସୀତା ଏବଂ ଭବାନୀ ପ୍ରମୁଖ ଗଙ୍ଗାଧରଙ୍କ ରଚିତ କାବ୍ୟ 'ବିଶ୍ୱଦେଖ ମଧୁମୟ' ସଂଗୀତ ଗାନ କରିଥିଲେ । ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସଦର ସମ୍ପାଦକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସୋମବାର ସମ୍ବଲପୁର ଏନଏସସିବି କଲେଜରେ ଆୟୋଜିତ ଗଙ୍ଗାଧର ଜୟନ୍ତୀରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନେ ।

**ବାମରା,(ସ୍ୱ.ପ୍ର.)**- ବାମରା ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗଙ୍ଗାଧର ମେହେର ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ବିନୋଦ ବିହାରୀ ନାଏକ ଏଥିରେ ଅଧକ୍ଷତା କରିଥିଲେ। ରାଉରକେଲା ଇସ୍ପାତ କଲେଜର ଅବସରପ୍ରାପ୍ତ ପ୍ରଧ୍ୟାପକ ଡ. ଅଶ୍ୱିନୀ କୁମାର ରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ହରିଶ୍ଚନ୍ଦ୍ର ପୃଷ୍ଟି ସଭା ପରିଚାଳନା କରିଥିଲେ। ଅଧ୍ୟାପକ ବିରଞ୍ଚି କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

**ସମ୍ବଲପୁର,(ବ୍ୟୁରୋ)**-ନେତାଜୀ ସୁବାସଚନ୍ଦ୍ର ବୋଷ (ଏନଏସସିବି) କଲେଜରେ ଗଙ୍ଗାଧର ମେହେରଙ୍କ ୧୫୭ତମ ଜୟନ୍ତୀ ପାଳିତ ହୋଇଯାଇଛି । କଲେଜ ଅଧକ୍ଷ ରବୀନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ସଭା ହୋଇଥିଲା । ରାୟଗଡା ଏମଡିସି ଓଡିଆ ଭାଷା ସାହିତ୍ୟ ମୁଖ୍ୟ ଡ. ଶ୍ୟାମ ଭୋଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ସ୍ୱଭାବ କବି ଗଙ୍ଗାଧର ମେହେର ବିଶ୍ୱସ୍ତରୀୟ କବି। ତାଙ୍କ କାବ୍ୟକୁ ଯୁବପିଢ଼ି ଅଧ୍ୟୟନ କରିବା ଆବଶ୍ୟକତା ରହିଛି । କଲେଜ ସାହିତ୍ୟ ସଂସଦ କାର୍ଯ୍ୟକାରୀ ସମ୍ପାଦକ ତଥା ଇଂରାଜୀ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ହରିହର ମଲ୍ଲିକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ବରିଷ୍ଠ ଅଧ୍ୟାପକ ହରିଶଙ୍କର ସାହୁ, ଡ. ରଘୁମଣି ନାୟକ, ପ୍ରଶାନ୍ତ ପଣ୍ଡା, ବୀରସେନ୍ ଦଲାଇ, ଖଗେଶ୍ୱର ମେହେର ଗଙ୍ଗାଧରଙ୍କ କାବ୍ୟକୃତୀ ଉପରେ ଆଲୋକପାତ କରିଥିଲେ। ଛାତ୍ର ଦେବାଶିଷ ଦାଶ, ନିରଞ୍ଜନ ରାଉତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ନବନୀ କୁମାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।






ବାମରା ଟ୍ରଷ୍ଟ ଫଣ୍ଡ କଲେଜ ଓ ନାକଟିଦେଉଳ କଲେରେ ଅନୁଷ୍ଠିତ ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ଯୋଗ ଦେଇଥିବା ଅତିଥି।



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍ବର୍ଟ ସ୍ପେନ୍ସର୍



## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍‌ର ୫ ସ୍ଲୁଇସ୍ ଗେଟ୍ ଖୋଲା

ସମ୍ବଲପୁର, ୨୭।୮ (ବ୍ୟୁରୋ)- ହୀରାକୁଦ ଡ୍ୟାମର ଜଳସ୍ତର ସୋମବାର ରାତି ୯ଟା ସୁଦ୍ଧା ୬୨୨.୫୦ ଫୁଟ ରହିଛି । ଉପରମୁଣ୍ଡରେ ୩୯.୯୩ ଓ ତଳ ମୁଣ୍ଡାରେ ୬୬.୭୨ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଡ୍ୟାମରୁ ବାମ ପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗ୍ୟାଟ ଖୋଲା ଯାଇଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୯୨.୬୭୯ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ଅନ୍ୟପକ୍ଷେ ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୫ଟି ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟେରୀ, ପାୱାର ଚ୍ୟାନାଲ ମାଧମରେ ୯୨.୬୭୯ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି ।

### ବଜ୍ରପାତରେ ବୃଦ୍ଧ ମୃତ

ସମ୍ବଲପୁର, ୨୭।୮ (ବ୍ୟୁରୋ)-କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀ-ଜମନକିରା ପଞ୍ଚାୟତ ଅନ୍ତର୍ଗତ ବଡମୁଣ୍ଡାଲୋଇ ଗ୍ରାମର ସୁବଳ ପଟେଲ (୭୫)ଙ୍କ ସୋମବାର ବଜ୍ରପାତରେ ମୃତ୍ୟୁ ଘଟିଛି। ଅପରାହ୍ନ ସାଢେ ୧ଟାରେ ସେ ନିଜ ଜମିରେ କାମ କରୁଥିବାବେଳେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା । ସୁବଳ ବିଲରେ ଟଳି ପଡିଥିଲେ।

### କୋରାଓକେ କ୍ଲବର ସଙ୍ଗୀତ ସନ୍ଧ୍ୟା

ସମ୍ବଲପୁର, ୨୭।୮ (ବ୍ୟୁରୋ)-ବୀର ସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ହୋଟେଲ ହରଜିତ ରେସିଡେନ୍ସିରେ ସମ୍ବଲପୁର କୋରାଓକେ କ୍ଲବ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନବୀନ ଓ ପ୍ରବୀଣ କଳାକାରମାନେ ହିନ୍ଦୀ ଚଳଚ୍ଚିତ୍ର କଣ୍ଠଶିଳ୍ପୀଙ୍କ ଗୀତ ଗାନ କରିଥିଲେ । ଏମଆରକେ ରାଓଙ୍କ ମଞ୍ଚ ପରିଚାଳନା ଓ କମଳ ଷଡଙ୍ଗୀଙ୍କ ଶବ୍ଦ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏମ. ଶାନ୍ତିସୁଧା, ସପନ ଢାଲି, ଅଙ୍ଗନ ସାଏଦେଓ, ଶୁଭ ପଟ୍ଟନାୟକ, ତ୍ରିଲୋଚନ ତ୍ରିପାଠୀ, ଅଭିଜିତ ରାୟ, ଅନୁତୋଷ ମଜୁନଦାର, ପ୍ରମୋଦ ପଣ୍ଡା, ମୃଦୁଳା ଘୋଷ, ରାଜଶ୍ରୀ ପ୍ରମୁଖ ଗୀତ ଗାନ କରିଥିଲେ । ସଙ୍ଗୀତଜ୍ଞ ବ୍ରଜେନ୍ଦ୍ର ନାୟକ, ଗୁରୁ ପ୍ରଫୁଲ୍ଲ ମିତ୍ର ଓ ଜ୍ଞାନାଞ୍ଜନ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ ।

### ବୁର୍ଲାରେ ବିଧାୟିକାଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର, ୨୭।୮ (ବ୍ୟୁରୋ)-ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ସୋମବାର ବୁର୍ଲାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିରେ ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ବୁର୍ଲା ନଗର ସଭାପତି ଦେବାଶିଷ ନନ୍ଦ, ବାବୁଲୁ ମିଶ୍ର, ବାପି ପଣ୍ଡା, ଗୋକୁଳି ରାଉତ, ବିଭିଷଣ ବିସାର, କଳ୍ପନା ବେହେରା, ସୁଧିର ବାରିକ, ଶୁଭଲକ୍ଷ୍ମୀ ସାମଲ, ଶାନ୍ତିଲତା ସ୍ୱାଇଁ, ଆର୍ ଶିବକୁମାର, ପ୍ରଦୀପ ମିଶ୍ର, ଗୀତା ପ୍ରଧାନ, ଲଳିତ ବାଗ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

### ଭତ୍ତା ଉଠାଉଛନ୍ତି ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କ ସ୍ତ୍ରୀ

ସମ୍ବଲପୁର, ୨୭।୮ (ବ୍ୟୁରୋ)- ସରକାର ଗରିବ, ବିଧବା, ଅସହାୟ, ଦିବ୍ୟାଙ୍ଗମାନଙ୍କୁ ଭତ୍ତା ଦେଉଛନ୍ତି। ହିତାଧିକାରୀ ଚୟନ କରିବା ପାଇଁ କଡା ନିୟମ ରହିଛି । ପଞ୍ଚାୟତସ୍ତରରୁ ବ୍ଲକ ଓ ଉପଜିଲାପାଳ ଅଫିସରୁ ଏଥିପାଇଁ ସ୍ୱୀକୃତି ମିଳିବା ପରେ ଜଣେ ହିତାଧିକାରୀ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାଏ। ହେଲେ ଜଣେ ସରକାରୀ କର୍ମଚାରୀ ତଥା ପଞ୍ଚାୟତର ତତ୍କାଳୀନ ସମ୍ପାଦକ ନିଜ ସ୍ତ୍ରୀଙ୍କ ନାମରେ ଜାଲିଆତି କରି ଭତ୍ତା କରାଇ ନେଇଥିବା ଅଭିଯୋଗ ହୋଇଛି। ଜୁଜୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତର ତତ୍କାଳୀନ ସମ୍ପାଦକ ବିପିନ ବିହାରୀ ପ୍ରଧାନ ତାଙ୍କ ସ୍ତ୍ରୀ ହେମବତୀ ପ୍ରଧାନଙ୍କ ନାମରେ ଭତ୍ତା କରି ନେଇଥିବା ସାଂଘାତିକ ଅଭିଯୋଗ ହୋଇଛି। ଏଥିରେ ତତ୍କାଳୀନ ସରପଞ୍ଚ, ବ୍ଲକ ପ୍ରଶାସନିକ ଅଧିକାରୀ ସହଯୋଗ କରିଥିବା ମଧ ଅଭିଯୋଗ ଉଠିଛି। ଏହାକୁ ନେଇ ଝାଙ୍କରପାଲି ପଞ୍ଚାୟତବାସୀଙ୍କ ମଧରେ ଅସନ୍ତୋଷ ବଢିଛି । ଏହି ଘଟଣାର ତଦନ୍ତ କରି ଭତ୍ତା ଯୋଜନାରୁ ତାଙ୍କୁ ବାଦ ଦେବା ସହ ପ୍ରାୟ ୧୦ବର୍ଷ ଧରି ସରକାରୀ ଟଙ୍କା ଆତ୍ମସାତ କରିଥିବାରୁ ତାଙ୍କଠାରୁ ଟଙ୍କା ଆଦାୟ କରାଯାଉ ବୋଲି ଦାବି କରାଯାଇଛି। କିଛିବର୍ଷ ତଳେ ଅଭିଯୋଗ ହେବାରୁ ତାଙ୍କ ଭତ୍ତା ଟଙ୍କା କିଛି ମାସ ପାଇଁ ବନ୍ଦ କରାଯାଇଥିଲା । ହେଲେ ପୁଣି ତତ୍କାଳୀନ ସରପଞ୍ଚ ସମାଜ କଲ୍ୟାଣ ଅଧିକାରୀଙ୍କ ଉପରେ ଚାପ ପକାଇ ପୁଣି ଭତ୍ତା ଦେବା ପାଇଁ କହିଥିଲେ। ତେବେ ପଞ୍ଚାୟତର ଅନେକ ଗରିବ ଗୁରୁବା ଭତ୍ତା ପାଉ ନ ଥିବାବେଳେ ଜଣେ ପୂର୍ବତନ ସରକାରୀକର୍ମଚାରୀଙ୍କ ସ୍ତ୍ରୀ ଭତ୍ତା ପାଇବା ଆଶ୍ଚର୍ଯ୍ୟର ବିଷୟ ହୋଇଛି । ଏଠାରେ ଉଲ୍ଲେଖଥାଉ କି ଉକ୍ତ ପଞ୍ଚାୟତରେ ବିପିନ ସମ୍ପାଦକ ଥିବା ବେଳେ ଏପରି କରିଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜୁଜୁମୁରା ବ୍ଲକ ସମାଜ କଲ୍ୟାଣ ଅଧିକାରୀ ସତ୍ୟବ୍ରତ ପାଢୀଙ୍କୁ ପଚାରିବାରୁ ତାଙ୍କ ନାମରେ ପୂର୍ବରୁ ଅଭିଯୋଗ ହୋଇଥିଲା । କିଛିଦିନ ପାଇଁ ଭତ୍ତା ବନ୍ଦ କରାଯାଇଥିଲା । ପୁଣି ଏବେ ସେ ଟଙ୍କା ନେଉଛନ୍ତି । ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ନୂଆ ଖାଦ୍ୟ ପରିଚାଳନା, ମୂଲ୍ୟ ନିର୍ଦ୍ଧାରଣକୁ ନେଇ ଅସନ୍ତୋଷ

# ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିକ୍ଷୋଭ






ସୋମବାର ପଶ୍ଚିମ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି (ବାମ) । ସମ୍ବଲପୁର ଜିଲାପାଳଙ୍କୁ ଦାବିପତ୍ର ଦେବା ଅବସରରେ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ କର୍ମକର୍ତ୍ତା ଓ ସଭ୍ୟମାନେ ।

ସମ୍ବଲପୁର, ୨୭।୮ (ବ୍ୟୁରୋ)

ଅଙ୍ଗନୱାଡି କେନ୍ଦ୍ରରେ ନୂତନ ଖାଦ୍ୟ ପରିଚାଳନା ଓ ମୂଲ୍ୟ ନିର୍ଦ୍ଧାରଣ ପୁର୍ନବିଚାର ଦାବି ହୋଇଛି । ଏ ନେଇ ସୋମବାର ପଶ୍ଚିମଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପୂର୍ବରୁ ଯେତିକି ଖାଦ୍ୟ ରହିଥିଲା, ନୂଆ ଆଦେଶନାମାରେ ପରିବର୍ତ୍ତନ କରାଯାଇଛି । କିନ୍ତୁ ନୂଆ ମେନୁ ସକାଶେ ୮ଟଙ୍କା ରଖାଯାଇଛି । ଏଥିରେ ଚାଉଳ ବାବଦରେ ୨୪ ପଇସା, ବାଟଖର୍ଚ୍ଚ ବାବଦକୁ ୬ ପଇସା, ମଙ୍ଗଳବାର ଓ ଗୁରୁବାର ପନିପରିବା ତରକାରୀ, ସିଝା ଅଣ୍ଡା, ଲେମ୍ବୁ, ସୋମବାର ।ଲମା ଭାତ ଓ ଲେମ୍ବୁ, ବୁଧବାର, ଶୁକ୍ରବାର ଓ ଶନିବାର ଭାତ, ଅଣ୍ଡା ତରକାରୀ, ଲେମ୍ବୁ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ, ମାଣ୍ଡିଆ, ଚୂଡା, ବାଦାମଲଡୁ, ମୁଗ ଗଜା ଦେବାକୁ ମେନୁରେ ଉଲ୍ଲେଖ ରହିଛି । ଅପରପକ୍ଷେ ଦୈନିକ ଜାଳେଣି କାଠ ୩୦ ପଇସା ଥିଲା। ବର୍ତ୍ତମାନ ତାହା ୨୦ ପଇସା ରହିଛି । ଏହା ସରକାରଙ୍କ ବିଚିତ୍ର ନୀତି। ତେଣୁ ନୂତନ ଭାବେ ଜାରି ହୋଇଥିବା ମେନୁ ଅନୁସାରେ ଅଙ୍ଗନୱାଡି ଶିଶୁଙ୍କୁ ଖାଦ୍ୟ ଦେବା ଅସମ୍ଭବ ବୋଲି ସଂଘ ଦାବି କରିଛି । କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ପାଢୀଙ୍କ ନେତୃତ୍ୱରେ ଦୁଶୀଳା ଧରୁଆ, ମଂଜୁ ପାଣିଗ୍ରାହୀ, ପ୍ରମିଳା ସିଂ, ଶାନ୍ତିଲତା ରାୟ, ମୀନା ବିଞ୍ଝାଲ ପ୍ରମୁଖ ଆନ୍ଦୋଳନରେ ମୁଖ୍ୟ ଭୂମିକା ନେଇଥିଲେ ।

ସେହିଭଳି ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ମଧ ଏହି ସବୁ ଦାବି ନେଇ ସୋମବାର ଜିଲାପାଳ ସମର୍ଥ ବର୍ମାଙ୍କୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ଜିଲା ସାଧାରଣ ସମ୍ପାଦିକା ସୁମିତା ମହାପାତ୍ର, ସମ୍ବଲପୁର ଜିଲା ଭାରତୀୟ ମଜଦୁର ସଂଘ ସଭାପତି ତପନ କୁମାର ହୋତା, ସମ୍ପାଦକ ବିମଳ କୁମାର ନାଥ, କାଯର୍ୟକାରୀ ସଭାପତି ବିଭୂତି ଭୂଷଣ ପଢିଆରୀ, କୋଷାଧ୍ୟକ୍ଷ ଜୀବର୍ଦ୍ଧନ ମିର୍ଦ୍ଧା, ଉପସଭାପତି ପୁଷ୍ପାଞ୍ଜଳି ଜେନାଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ବାଜପେୟୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, କିନ୍ତୁ ଶୋକ ନାହିଁ



ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା ନେତା ଓ କର୍ମୀ ।



ଚିତାଭସ୍ମ ଶୋଭାଯାତ୍ରାରେ ସୁରେଶ ପୂଜାରୀ ଓ ଅନ୍ୟମାନେ ।

ସମ୍ବଲପୁର, ୨୭।୮ (ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ବିୟୋଗରେ ଦଳମତ ନିର୍ବିଶେଷରେ ସମସ୍ତ ଦେଶ ଶୋକ ପାଳନ କରିଛି। ବାଜପାୟୀଙ୍କ ବିୟୋଗରେ ଭାଜପା ଦଳ ଅଧିକ ଦୁଃଖ ପ୍ରକାଶ କରିଛି। ସମଗ୍ର ଦେଶରେ ଏହି ଦଳ କଳସ ଯାତ୍ରା,ଶ୍ରଦ୍ଧାଞ୍ଜଳି ଓ ସଭାର ଆୟୋଜନ କରୁଛି । ବାଜପେୟୀଙ୍କ ଅସ୍ଥିକଳସ ନେଇ ଭାଜପା ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ଶ୍ରଦ୍ଧାଞ୍ଜଳି ସଭା ହେଉଛି। ହେଲେ ଶ୍ରଦ୍ଧାଞ୍ଜଳି ସଭାରେ ଦୁଃଖ, ଶୋକ ଦେଖାଯାଉନି। ହସ, ଖୁସି ଆନନ୍ଦ, ମଉଜ, ମଜଲିସ ଦେଖିବାକୁ ମିଳୁଛି। ନେତାଙ୍କ ହସ ହସ ମହଁ ଫଟୋ ସୋସିଆଲ ମଡିଆରେ ଭାଇରାଲ ହେଉଛି। ଏହାକୁ ନେଇ ଅନ୍ୟ ବିରୋଧୀ ଦଳଗୁଡିକୁ ସମାଲୋଚନା କରିବାକୁ ଖୋରାକ ଯୋଗାଉଛି । ବାଜପେୟୀଙ୍କ ଭଳି ଜଣେ ମହାନ୍ ନାୟକଙ୍କ ମୃତ୍ୟୁ ପରେ ମଧ୍ୟ ଭାଜପା ଦଳ ରାଜନୀତି କରିବାକୁ ପଛାଉନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଭାଜପା ନେତାଙ୍କ ଅନ୍ତରରେ ଦୁଃଖ ନ ଥାଇ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରୟାସ କରୁଥିବା ଅଭିଯୋଗ ହେଉଛି । ରେଢାଖୋଲ ଓ ଜୁଜୁମୁରାଠାରେ ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ହସୁଥିବାର ଏକ ଫଟୋ ଦେଖିବାକୁ ମିଳିଛି । ତାଙ୍କ ସହିତ ଜିଲା ସଭାପତି ରାମଚନ୍ଦ୍ର ମେହେର, ଜୁଜୁମୁରା ମଣ୍ଡଳ ସଭାପତି ପ୍ରଶାନ୍ତ ବେହେରା, କାଯର୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ଏ ସମ୍ପର୍କରେ ଗୋବିନ୍ଦ ଅଗ୍ରୱାଲଙ୍କୁ ପଚାରିବାରୁ ଏଭଳି ଘଟଣା ହେବା କଥା ନୁହେଁ, ଭୁଲବଶତଃ ହୋଇଯାଇଥାଇପାରେ, ଆଗାମୀ ଦିନରେ ଏଥି ପ୍ରତି ସଚେତନ ହେବେ ବୋଲି କହିଛନ୍ତି।

**ବାମରା, (ସ୍ୱ.ପ୍ର.)**–ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମକୁ ଗଡପୋଷ, ବାମରା ଓ କେଶାଇବାହାଲଠାରେ ସ୍ୱାଗତ କରି ଶ୍ରଦ୍ଧାଞ୍ଜଳି ଦିଆ ଯାଇଛି। ବିରୁ ସିଂଙ୍କ ନେତୃତ୍ୱରେ ଗନ୍ଧେ ମାଝି, ଜୟନାରାୟଣ ପଟେଲ, ପ୍ରକାଶ ଚନ୍ଦ୍ର ପଟେଲ, ପିଙ୍କୁ ମିଶ୍ର ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିଭଳି ପ୍ରମୋଦ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପାପୁନ ସିଂ, ତାପସ ସରକାର, ନୀରଜ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । କେଶାଇବାହାଲଠାରେ ପଦ୍ମଚରଣ ଗୁରୁ, ସୁଶାନ୍ତ କେର୍କେଟା, ଗୌରାଙ୍ଗ ନାଏକ ପ୍ରମୁଖ ସହଯୋଗ କରିଥିଲେ । ପରେ ଶୋଭାଯାତ୍ରା କୁଚିଣ୍ଡା ଅଭିମୁଖେ ବାହାରିଥିଲା ।

## ୧୯୪ ବୋତଲ କୋରେକ୍ସ ଜବତ: ୪ ଗିରଫ



ସମ୍ବଲପୁର ଟାଉନ ଥାନାରେ ଜବତ କଫସିରପ୍, ଅଭିଯୁକ୍ତ ଏବଂ ପୋଲିସ ଅଧିକାରୀମାନେ ।

ସମ୍ବଲପୁର, ୨୭।୮ (ବ୍ୟୁରୋ)

ସମ୍ବଲପୁର ଟାଉନ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୯୪ ବୋତଲ କୋରେକ୍ସ ଓ ୪ଶହ ନାଇଟ୍ରୋସନ୍ ଟ୍ୟାବଲେଟ୍ ଜବତ କରିଛି । ଏଥିରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର ରାତିରେ କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଟାଉନ ଥାନା ସାହୁ କଲୋନୀର ରାଜେଶ ନାଗ (୩୫), ଧନୁପାଲି ଥାନାର ଇନ୍ଦ୍ର ବେହେରା (୨୯) ଓ ପୁଟିବନ୍ଧର ଦଶରଥ ଲାକ୍ରା (୨୯) ରହିଛନ୍ତି । ସେହିପରି ସମ୍ବଲପୁରକୁ କୋରେକ୍ସ ଯଗୋଉଥିବା ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ମଧୁସୂଦନ ନଗରର ଜି. ଟାନିପୋଲୁ ପାତ୍ର (୨୫)ଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏନେଇ ଟାଉନ ଥାନାରେ ୩୪୫/୩୪୬/୩୪୭/୧୮ରେ ଆଇପିସି ୨୭୪/୩୭୫ରେ ମାମଲା ରୁଜୁ ହୋଇଛି । ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଭବାନୀଶଙ୍କର ଉଦଗାତା ସୂଚନା ଦେଇ କହିଥିଲେ ଯେ, ବହୁ ପରିମାଣରେ କଫସିରପ ଜବତ କରାଯାଇଛି । ଟାଉନ ଥାନା ଆଇଆଇସି ରମେଶ ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରି ଫାଟକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଏହାପରେ ଅଭିଯୁକ୍ତମାନଙ୍କୁ ମଧ ଧରିବାରେ ପୋଲିସ ସଫଳ ହୋଇଥିଲା । ଆଗକୁ ଏହି ଧାରା ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି ।

ଗଙ୍ଗାଧର ସଙ୍ଗୀତ ସମାରୋହ

# ୫୦ ଜଣ ଏକାଠି ଗାଇଲେ 'ମଙ୍ଗଳେ ଅଇଲା ଉଷା'...





ସୋମବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ଗଙ୍ଗାଧର ସଙ୍ଗୀତ ସମାରୋହରେ ସମ୍ବଲପୁରୀ ନୃତ୍ୟ (ବାମ) । ଓଡିଶୀ ନୃତ୍ୟ ।

ସମ୍ବଲପୁର, ୨୭।୮ (ବ୍ୟୁରୋ)

ସମ୍ବଲପୁର କଳା ପରିଷଦ ଆୟୋଜନରେ ଗଙ୍ଗାଧର ସଂଗୀତ ସମାରୋହ ସୋମବାର ରାତିରେ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ କିଏ ଗୋ ତୁ ଜ୍ୟୋତିର୍ମୟୀ..., ମଙ୍ଗଳେ ଅଇଲା ଉଷା..., ଜୟ ମାତ ସମଲେଇ..., ପ୍ରଭୃତି ଗୀତରେ ଝୁମି ଉଠିଥିଲା ପ୍ରେକ୍ଷାଳୟ । ସେହିପରି କବିଙ୍କ ରଚିତ ଗୀତର ସ୍ୱରରେ କଳାକାରମାନଙ୍କ ନୃତ୍ୟ ମନ ମୋହିଥିଲା । ୫୦ଜଣ ପ୍ରଶିକ୍ଷାର୍ଥୀ ସମବେତ କଣ୍ଠରେ ମଙ୍ଗଳେ ଅଇଲା ଉଷା ଗୀତ ଗାନ କରିଥିଲେ । ଏହା ଶ୍ରୋତା ମଣ୍ଡଳୀକୁ ତଲ୍ଲୀନ କରିଥିଲା । ସେହିପରି କିଏ ଗୋ ତୁ ଜ୍ୟୋତିର୍ମୟୀ ଗୀତରେ ଓଡିଶୀ ନୃତ୍ୟ ଏବଂ ଜୟମାତା ସମଲେଇ ତାଳରେ ସମ୍ବଲପୁରୀ ନୃତ୍ୟ ପ୍ରେକ୍ଷାଳୟକୁ ପ୍ରକମ୍ପିତ କରିଥିଲା । ଆୟୋଜକ ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ହୋତାଙ୍କ ପରିଚାଳନାରେ ସମାରୋହ ହୋଇଥିଲା। ସମ୍ବଲପୁରୀ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ଏସ୍‌ପି ସଞ୍ଜୀବ ଅରୋରା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ଡ. ବିଜୟ କୁମାର ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ସୁଶ୍ରୀତା ପାଣିଗ୍ରାହୀ, ତ୍ରିଲୋଚନ ତ୍ରିପାଠୀ, ଲାଲ ଅନଙ୍ଗସାଏ ଦେଓ, ମୃର୍ଦୁଳା ଘୋଷ, ମୋତିଲାଲ ଦୋରା, ଈଶ୍ୱରୀ ବେହେରା, ସୂର୍ଯ୍ୟପ୍ରକାଶ ଗୁରୁ କଣ୍ଠଦାନ କରିଥିଲେ। ବାଦ୍ୟଯନ୍ତ୍ରରେ ରଣଜିତ ନାଗ, କପିଳେନ୍ଦ୍ର ସାହୁ, ପ୍ରୟାଗରାଜ ବେହେରା, ଦଶରଥ ମେହେର, ନିରୁ ପାଣିଗ୍ରାହୀ, ଦେବରାଜ ମହାକୁଡ, କୁନାଲ ମହାକୁଡ, ଭବାନୀ ସୁନା, ରୋହିତ ବନଛୋର, ପ୍ରମୋଦ ଛୁରା ସହଯୋଗ କରିଥିଲେ। ସେହିପରି ସଞ୍ଜୀବ ମିଶ୍ର, ମନୋରଞ୍ଜନ ପାଢୀ, ସରୋଜ ଦାଶ, ସୁଧୀର ପୂଜାରୀ, ଅପର୍ଣ୍ଣା ପାଢୀ, ଲଳିତ ଜେନା ସଙ୍ଗୀତ ସମାରୋହ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ସୁଶ୍ରିତା ପାଣିଗ୍ରାହୀ ଗୀତା ଗାନ କରୁଥିବାବେଳେ ସୂର୍ଯ୍ୟପ୍ରକାଶ ଗୁରୁ ହାରମୋନିୟମରେ ସହଯୋଗ କରୁଛନ୍ତି ।





# ପ୍ରଥମ ଥର ମା' ହୋଇଥିଲେ

ମା' ଡାକ ଶୁଣିଲେ ନାରୀ ଜନ୍ମ ସାର୍ଥକ ହୋଇଯାଏ। ହେଲେ ପିଲାଟିକୁ ଜନ୍ମ ଦେବା ପରେ ତା'ର ଲାଳନ ପାଳନ କରିବା ବଡ କଥା। ନବଜାତ ଶିଶୁଟିର ଜନ୍ମ ପରେ ମା' ତା'ର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ। କାରଣ ଏହି ସମୟରେ ସାମାନ୍ୟ ଭୁଲ୍ ପିଲାର ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିଥାଏ। ଯଦି ପିଲାର ଯତ୍ନ ନେଉଛନ୍ତି, ତେବେ ନିମ୍ନଲିଖିତ ଟିପ୍ସ ପ୍ରତି ଧ୍ୟାନ ଦେଇପାରନ୍ତି...

**ଗାଧୋଇବା :** ଅଧିକାଂଶ ମା' ପ୍ରଥମ ଥର ପାଇଁ ପିଲାକୁ ଗାଧୋଇ ଦେଉଥିଲେ ଭୟ କରନ୍ତି। ପିଲାକୁ ଟବ୍‌ରେ ଗାଧୋଇ ଦେବା ଠିକ୍ । କିନ୍ତୁ ଧ୍ୟାନ ଦେବା ଦରକାର, ଯେପରି କି ଟବ୍‌ଟି ଗହୀର ହୋଇ ନ ଥିବ। ପିଲାକୁ ସବୁବେଳେ ଉଷୁମ ପାଣିରେ ଗାଧୋଇ ଦିଅନ୍ତୁ। ପ୍ରଥମେ ପାଣିର ଛିଟ୍‌କା ଦିଅନ୍ତୁ। ଏକାଥରକେ ପିଲା ଉପରେ ପାଣି ନ ଢାଳି ଧୀରେ ଧୀରେ ଢାଳନ୍ତୁ। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସାମଗ୍ରୀରେ ହିଁ ତାକୁ ଗାଧୋଇ ଦିଅନ୍ତୁ। ପିଲାର ନାକ ଓ କାନରେ ଯେପରି ପାଣି ନ ପଶେ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।

**ପିଲା ଅତ୍ୟଧିକ କାନ୍ଦିଲେ**

ଅଧିକାଂଶ ପିଲା କାନ୍ଦିବା ଆରମ୍ଭ କଲେ ଚୁପ୍ ହେବାର ନାଁ ଧରନ୍ତି ନାହିଁ। ଏପରି ପରିସ୍ଥିତିରେ ମା'ମାନେ ବ୍ୟସ୍ତ ହୋଇ ବନ୍ଧୁବାନ୍ଧବଙ୍କଠାରୁ ଏହାର ସମାଧାନ ପଚାରି ବୁଝନ୍ତି। ସାଧାରଣତଃ ପିଲା ୩/୪ ମାସରୁ କମ୍ ବୟସର ହୋଇଥିଲେ ଅଧିକାଂଶ ସମୟ ବିନା କାରଣରେ କାନ୍ଦିଥାନ୍ତି। ଏପରି ପରିସ୍ଥିତିରେ କୋଳକୁ ନେଲେ କିମ୍ବା ବୁଲାଇଲେ ସେମାନେ କାନ୍ଦିବା ବନ୍ଦ କରିଥାନ୍ତି। ଏହା ସତ୍ତ୍ୱେ ଯଦି ପିଲା ଚୁପ୍ ନ ହୁଏ ତେବେ ଏହାର କାରଣ ତାକୁ ଭୋକ ଲାଗୁଛି କିମ୍ବା ପିନ୍ଧିଥିବା ଡାଇପର ଓଦା ହୋଇଯାଇଛି ଆଦି କାରଣ ହୋଇପାରେ। ଖାଦ୍ୟ ଖାଇବାର କିଛି ସମୟ ପରେ ପୁଣି ତାକୁ ଭୋକ ଲାଗିଥାଏ। ତେଣୁ ଖାଦ୍ୟପେୟର ଖାସ୍ ଧ୍ୟାନ ରଖନ୍ତୁ। ଏହା ବ୍ୟତୀତ ପିଲାର ଡାଇପର ହେଭି ହେବା ମାତ୍ରେ ନିଦ ଭାଙ୍ଗିଯାଏ ଓ ସେ କାନ୍ଦିବା ଆରମ୍ଭ କରିଥାଏ। ତେଣୁ ସମୟ ଅନ୍ତରରେ ଡାଇପର ଚେକ୍ କରି ବଦଳାନ୍ତୁ। ଦେଖିବେ ପିଲା ଶାନ୍ତ ହୋଇ ଯିବ। ଅଧିକ ସମୟ ପର୍ଯ୍ୟନ୍ତ ଯଦି ପିଲା ଡାଇପର ପିନ୍ଧୁଛି ସେଥିପ୍ରତି ଧ୍ୟାନ ରଖନ୍ତୁ। ନ ହେଲେ ର୍‍ୟାଶେଷ୍ ହେବାର ଆଶଙ୍କା ରହିଛି। ପିଲା ୬ରୁ ୮ ମାସର ହେଲେ ଦାନ୍ତ ଉଠିବା ଆରମ୍ଭ ହୋଇଥାଏ। ଏଥିପାଇଁ ପିଲାର ଝାଡା ମଧ୍ୟ ହେବାର ନଜର ରହିଛି। ସେଥିପାଇଁ ବ୍ୟସ୍ତ ନ ହୋଇ ଡାକ୍ତରଙ୍କ ପରାମର୍ଶ କ୍ରମେ ପିଲାକୁ ଔଷଧ ଦିଅନ୍ତୁ।

**ପିଲା ରାତିସାରା ଉଜାଗର ରହୁଥିଲେ**

ଅଧିକାଂଶ ନବଜାତ ପିଲା ଦିନରେ ଶୁଅନ୍ତି ଓ ରାତିସାରା ଉଜାଗର ରୁହନ୍ତି। କେତେବେଳେ ଦିନସାରା ଉଜାଗର ରହି ମଧ୍ୟ ରାତିରେ ଶୁଅନ୍ତି ନାହିଁ। ମା'ବାପାଙ୍କୁ ମଧ୍ୟ ଏଥିପାଇଁ ଉଜାଗର ରହିବାକୁ ପଡିଥାଏ। ପିଲାକୁ ଭୋକ ଲାଗିଲେ କିମ୍ବା ଅସୁସ୍ଥତା ଅନୁଭବ କଲେ ମଧ୍ୟ ସେ ଶୋଇ ନ ଥାଏ। ମା' ପିଲାକୁ ରାତିରେ ମଝିରେ ମଝିରେ ଉଠି ଖୁଆଇବା ଆବଶ୍ୟକ। ଆପଣ ଚାହିଁଲେ ବ୍ରେଷ୍ଟ୍ ପମ୍ପ୍‌ରେ କ୍ଷୀର କାଢି ତାକୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଦେଇପାରିବେ। ଏହାଦ୍ୱାରା ପିଲା ଭୋକିଲା ରହିବ ନାହିଁ। ଆପଣଙ୍କ ସମୟ ଓ ସୁବିଧା ଅନୁଯାୟୀ ତାକୁ ନ ଶୁଆଇ ନିର୍ଦ୍ଧାରିତ ସମୟରେ ଶୁଆନ୍ତୁ। ଜ୍ୱର, ଥଣ୍ଡା, କାଶ ପେଟ ଦରଜ ଭଳି ସମସ୍ୟା ଥିଲେ ମଧ୍ୟ ପିଲା ଠିକ୍ ଭାବେ ଶୋଇପାରେ ନାହିଁ। ଏଥିପ୍ରତି ସତର୍କ ରୁହନ୍ତୁ।

**ଖେଳନା**

ପିଲାଟିଏ ଜନ୍ମ ହେଲେ କେବଳ ମା'ବାପା ନୁହନ୍ତି ବରଂ ବନ୍ଧୁବାନ୍ଧବମାନେ ଖୁସିରେ ତା' ପାଇଁ ଉପହାର ସ୍ୱରୂପ ଖେଳନା ଆଣିଥାନ୍ତି। ସେଥିରୁ କିଛି ଖେଳନା ର କ୍ୱାଲିଟି ଭଲ ଓ କିଛି ଖରାପ ଥାଏ। ଏ ପରିସ୍ଥିତିରେ ମା' ଜାଣିବା ଦରକାର କେଉଁ ଖେଳନା ପିଲା ପାଇଁ ଦରକାର ଓ କେଉଁଟି ନୁହେଁ। କାନ୍ଥରେ ଲଗାଉଥିବା ଖେଳନା ଯେଉଁଥିରେ ରଙ୍ଗବେରଙ୍ଗର ଭାଲୁ, ହାତୀ, ଛୋଟଛୋଟ ଘୋଡା ରହିଥାଏ, ତାକୁ ଦେଖି ପିଲା ଖୁସି ହୋଇଥାନ୍ତି। ଏହାଦ୍ୱାରା ସେ ନିଜ ଆଖିକୁ ଧ୍ୟାନ କେନ୍ଦ୍ରିତ କରିଥାଏ। ପ୍ରାୟ ଖେଳନାରେ ଘଣ୍ଟି ଲାଗିଥାଏ। ଯେତେବେଳେ ଏହି ଘଣ୍ଟି ପବନରେ ଝୁଲିଥାଏ, ଏହାଦ୍ୱାରା ମଧୁର ସଙ୍ଗୀତ ଆସିଥାଏ ଯାହାକୁ ଶୁଣି ପିଲା କାନ୍ଦୁଥିଲେ ଚୁପ୍ ହୋଇଯାଏ। ପିଲାର ବୟସ ଅନୁଯାୟୀ ତାକୁ ଖେଳନା ଦିଅନ୍ତୁ। କୌଣସି ଖେଳନା ପିଲାକୁ ଦେବା ପୂର୍ବରୁ ନିଜେ ପ୍ରଥମେ ବ୍ୟବହାର କରନ୍ତୁ।



**ବାନ୍ତି କରିବା**

ଖାଦ୍ୟ ଖାଇସାରିବା ପରେ ଅଧିକାଂଶ ସମୟରେ ପିଲା ବାନ୍ତି କରିଦିଅନ୍ତି। ଏପରି କରିବା ଦ୍ୱାରା ମା'ମାନଙ୍କର କାମ ଅଧିକ ବଢିଯାଏ ଏବଂ ସେ କିପରି ଏହି ଅଭ୍ୟାସ ଛାଡିବ ସେ ନେଇ ମା'ମାନେ ବ୍ୟସ୍ତ ହୋଇଯାଆନ୍ତି। ଏଥିପାଇଁ ସେ ଖାଇ ସାରିବା ପରେ ତାକୁ କାନ୍ଧରେ ପକାଇ ଥାପୁଡାନ୍ତୁ। ଏପରି କରିବା ଦ୍ୱାରା ପିଲାର ହାକୁଟି ବାହାରିଯାଏ ଓ ସେ ବାନ୍ତି କରି ନ ଥାଏ। ଅଧିକାଂଶ ସମୟ ପିଲାକୁ ଥଣ୍ଡା କ୍ଷୀର ପିଆଇବା ଦ୍ୱାରା ମଧ୍ୟ ସେ ବାନ୍ତି କରିଥାଏ। କାରଣ ତାକୁ ଏହା ଭଲ ଲାଗି ନ ଥାଏ।

**ଘିମିରି ହୋଇଥିଲେ**

ଗରମ ଦିନେ ପିଲାମାନଙ୍କ ଦେହରେ ଘିମିରି ହୋଇଯାଏ। କିନ୍ତୁ ସାମାନ୍ୟ ସାବଧାନ ରହିଲେ ଏଥିରୁ ଆପଣ ବର୍ତ୍ତିପାରିବେ। ଏହିଦିନେ ପିଲାଙ୍କୁ ହାଲ୍‌କା ଢିଲା ଏବଂ ସଫ୍ଟ କଟନ୍ କପଡା ପିନ୍ଧାନ୍ତୁ। କେବଳ ବେବି ପାଉଡର ହିଁ ଲଗାନ୍ତୁ ଏହାଦ୍ୱାରା ରାଶେସ୍‌ରୁ ରକ୍ଷା କରିପାରିବେ। ଘିମିରି ହୋଇଥିବା ସ୍ଥାନକୁ ଦିନକୁ ୨-୩ ଥର ପରିଷ୍କାର ପାଣିରେ ସଫା କରନ୍ତୁ। ଅଧିକ ସୁଗନ୍ଧଯୁକ୍ତ ସାବୁନ କିମ୍ବା ତେଲ ଲଗାଇ ଗାଧୋଇ ଦିଅନ୍ତୁ ନାହିଁ। କାରଣ ଏଥିରେ ଥିବା କେମିକାଲ୍ ତ୍ୱଚା ପାଇଁ କ୍ଷତିକାରକ ହୋଇଥାଏ।

**ମସାଜ୍ କରିବା ସମୟରେ**

କନ୍‌ଫିଡେଣ୍ଟ ଥିବା ମା'ମାନେ ବିନା ଭୟରେ ପିଲାର ମାଲିସ ଠିକ୍ ଭାବେ କରିଥାନ୍ତି। ମାଲିସର ଆରମ୍ଭ ପାଦରୁ କରନ୍ତୁ। ଏଥିପାଇଁ ପ୍ରଥମେ ତେଲକୁ ହାତରେ ନେଇ ଜଙ୍ଘରୁ ପାଦ ପର୍ଯ୍ୟନ୍ତ ଲଗାନ୍ତୁ। ପାଦର ଆଙ୍ଗୁଠିକୁ ଚକ୍ରାକାରରେ ବୁଲାନ୍ତୁ। ହାତ, ଛାତି ଏବଂ ପିଠିର ମାଲିସ କରନ୍ତୁ। ଯଦି ତେଲ ମାଲିସ କଲାବେଳେ ପିଲା କାନ୍ଦୁଛି ତେବେ ତାକୁ କୋଳେଇ ନେଇ ଚୁପ୍ କରାନ୍ତୁ। ପିଲାର ତେଲ ମାଲିସ କ୍ଷୀର ପିଇସାରିବା ପରେ କିମ୍ବା ଶୋଇବା ପରେ ଆଦୌ କରନ୍ତୁ ନାହିଁ।

## କ'ଣ କରନ୍ତି ଏମାନେ...

**ପି**ଲାର ଯତ୍ନ ନେବାରେ ମୁଁ କେବେ ଅବହେଳା କରେ ନାହିଁ। ତାକୁ ଠିକ୍ ସମୟରେ ଖାଇବାକୁ ଦେଇଥାଏ। ତା'ର କପଡା ଠାରୁ ଆରମ୍ଭ କରି ପ୍ରତିଟି ଜିନିଷକୁ ପରିଷ୍କାର ପରିଚ୍ଛନ୍ନ ରଖିଥାଏ। ଖାଇ ସାରିବା ପରେ କାନ୍ଧରେ ପକାଇ ବର୍ଫିଂ କରାଇଥାଏ। ଥଣ୍ଡା, କାଶ, ଜ୍ୱର, ଝାଡା ଆଦି ପାଇଁ ଆଗରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ମେଡିସିନ୍ ରଖିଥାଏ।

**– ସୌଦାମିନୀ ପଟ୍ଟନାୟକ, ଗୃହିଣୀ, ଛେଣ୍ଡ, ରାଉରକେଲା**

**ମୋ** ପିଲାକୁ ସବୁବେଳେ ଉଷୁମ ପାଣିରେ ଗାଧୋଇ ଦିଏ। ଠିକ୍ ସମୟରେ ତାକୁ ଖାଇବାକୁ ଦେଇଥାଏ। ରାତିରେ ମଧ୍ୟ ସମୟ ଅନ୍ତରରେ ତାକୁ ଖାଇବାକୁ ଦେଇଥାଏ। ଡେଟଲ୍‌ରେ ତା'ର ପ୍ରତିଟି କପଡାକୁ ଭଲଭାବେ ଧୋଇ ପରିଷ୍କାର ରଖିଥାଏ। ସେ ବ୍ୟବହାର କରୁଥିବା ପ୍ରତିଟି ଖେଳନାକୁ ମୁଁ ଭଲଭାବେ ଚେକ୍ କରିଥାଏ। ସବୁବେଳେ ସଫ୍ଟ ଖେଳନା ତାକୁ ଦେଇଥାଏ। ପାଖରେ ଥଣ୍ଡା, ଜ୍ୱର, ଝାଡା ଆଦି ପାଇଁ ମେଡିସିନ୍ ଷ୍ଟକ୍ ରଖିଥାଏ। ଖରାଦିନେ ତାକୁ ହାଲ୍‌କା ଢିଲା ଏବଂ ସଫ୍ଟ କଟନ୍ କପଡା ପିନ୍ଧାଇଥାଏ।

**– ସୁଶ୍ରୀ ଲଳିତା, ଗୃହିଣୀ, ନୟାପଲ୍ଲୀ, ଭୁବନେଶ୍ୱର**



ସୌଦାମିନୀ ପଟ୍ଟନାୟକ



ସୁଶ୍ରୀ ଲଳିତା

---

ସୌନ୍ଦର୍ଯ୍ୟ



# ବର୍ଷାଦିନେ ଫେସ୍ ମାସ୍କ

ଋତୁ ବଦଳିବା ସହ ଏହାର ପ୍ରଭାବ ତ୍ୱଚା ଉପରେ ପଡିଥାଏ। ବିଶେଷକରି ବର୍ଷାଦିନେ ଚର୍ମରେ ଅନେକ ସମସ୍ୟା ଦେଖାଦିଏ। ବାୟୁମଣ୍ଡଳର ଆର୍ଦ୍ରତା ଓ ବ୍ୟାକ୍ଟେରିଆ ତ୍ୱଚାକୁ କ୍ଷତି ପହଞ୍ଚାଇଥାଏ। ଆପଣ ଚାହିଁଲେ ଘରୋଇ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାଇ ତ୍ୱଚାର ଚମକ୍ ଫେରାଇ ପାରିବେ। ଜାଣନ୍ତୁ ସେ ସମ୍ପର୍କରେ...

**ବାନାନା ମାସ୍କ:** ଗୋଟିଏ ପାଚିଲା କଦଳୀରେ ଏକ ଚାମଚ ମହୁ ଏବଂ ଲେମ୍ବୁ ରସ ମିଶାଇ ମୁହଁ ଓ ବେକରେ ଲଗାନ୍ତୁ। ଶୁଖିଯିବା ପରେ ହାଲ୍‌କା ଉଷୁମ ପାଣିରେ ଧୋଇଦିଅନ୍ତୁ। ତୈଳୀୟ ତ୍ୱଚା ପାଇଁ ଏହା ବେଶ୍ ଉପଯୋଗୀ। କିଛିଦିନ ଏପରି କଲେ ମୁହଁରେ ବ୍ରଣ ହୋଇ ନ ଥାଏ। ତ୍ୱଚାରୁ ମୃତ କୋଷଗୁଡିକ ବାହାରି ଯାଇଥାଏ।

**ଓଟ୍‌ମିଲ୍ ପ୍ୟାକ୍:** ଓଟ୍‌ମିଲ୍ ୩ ଚାମଚ, ମହୁ ୧ ଚାମଚ, ଦହି ୧ ଚାମଚ ଓ ଗୋଟିଏ ଅଣ୍ଡାର ଧଳାଅଂଶର ମିଶ୍ରଣରେ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ଶୁଖିଯିବା ପରେ ଧୋଇଦିଅନ୍ତୁ। ଫାଇବରରେ ଭରପୂର ଓଟ୍‌ସ୍ କେବଳ କୋଲେଷ୍ଟରଲ୍ କମ୍ କରି ନ ଥାଏ ବରଂ ତ୍ୱଚା ପାଇଁ ବେଶ୍ ଉପକାରୀ। ଏହା ତ୍ୱଚାରୁ ମୃତ କୋଷଗୁଡିକୁ ବାହାର କରି ଚମକ ଆଣିଥାଏ। ଇନ୍‌ଫେକ୍ସନ ହେବାରୁ ରୋକିବା ସହ ତ୍ୱଚାକୁ କୋମଳ ରଖିଥାଏ।

**ଚନ୍ଦନ ଫେସ୍ ମାସ୍କ:** ଚନ୍ଦନ ପାଉଡର ୧ ଚାମଚ, ହଳଦୀଗୁଣ୍ଡ ୧/୨ ଚାମଚ, ଗୋଲାପ ଜଳ ୧/୪ କପ୍‌ର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ଧୋଇଦିଅନ୍ତୁ। ଏହା ଖୁବ୍‌ଶୀଘ୍ର ଚମକ ଆଣିବା ସହ ତ୍ୱଚାକୁ ନରମ ରଖିଥାଏ। ଆପଣଙ୍କ ତ୍ୱଚା ଶୁଷ୍କ ହୋଇଥିଲେ ଏହି ପ୍ୟାକ୍‌କୁ ୨ ଥର ଲଗାଇ ପାରିବେ।

**ଗ୍ରୀନ୍ ଟି ଫେସ୍ ମାସ୍କ:** ଗ୍ରୀନ୍ ଟି ୨ ଚାମଚକୁ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏଥିରେ ୧ ଚାମଚ ଦହି ମିଶାଇ ମୁହଁ ଓ ବେକରେ ଲଗାନ୍ତୁ। ଶୁଖିଯିବା ପରେ ହାଲ୍‌କା ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଗ୍ରୀନ୍ ଟିରେ ଭରି ରହିଥିବା ଆଣ୍ଟିଅକ୍ସିଡାଣ୍ଟ ତ୍ୱଚା ପାଇଁ ବେଶ୍ ଉପକାରୀ। ଏହା ତ୍ୱଚାରୁ ଦାଗ ଦୂର କରିବା ସହ ସୂର୍ଯ୍ୟଙ୍କର ଅତିବାଇଗଣୀ ରଶ୍ମିରୁ ରକ୍ଷା କରିଥାଏ। ତା'ସହ ତ୍ୱଚା କୁଣ୍ଡାଇହେବା ରୋକେ ଓ ଚମକ ମଧ୍ୟ ଆଣିଥାଏ।

---

ଜାଣିରଖନ୍ତୁ

ଚା ପ୍ରସ୍ତୁତ ପରେ ଏଥିରେ ବ୍ୟବହୃତ ଚା'ପତିକୁ ଅନେକେ ଡଷ୍ଟବିନ୍‌ରେ ଫିଙ୍ଗିଦିଅନ୍ତି। ହେଲେ ଏହାକୁ ବିଭିନ୍ନ କାମରେ ବ୍ୟବହାର କରାଯାଇପାରିବ। ଜାଣନ୍ତୁ ସେ ସମ୍ପର୍କରେ...



- ଚା ଗୁଣ୍ଡରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ତେଣୁ ଚା ପ୍ରସ୍ତୁତ କଲାବେଳେ ବ୍ୟବହୃତ ଚା ଗୁଣ୍ଡକୁ ଭଲ ଭାବେ ଧୋଇ ଶରୀରର କ୍ଷତ ସ୍ଥାନରେ ଲଗାନ୍ତୁ। ଦେଖିବେ ଶୀଘ୍ର ଉପଶମ ମିଳିବ। କେବଳ ସେତିକି ନୁହେଁ, ଏହି ଚା ଗୁଣ୍ଡକୁ ଆଉ ଥରେ ଫୁଟାଇ ଏହାକୁ ଶରୀରରେ ଖଣ୍ଡିଆ ହୋଇଥିବା ସ୍ଥାନକୁ ଧୋଇପାରିବେ।
- ଚା ଗୁଣ୍ଡ ପାଣି କେଶ ପାଇଁ ଉତ୍ତମ କଣ୍ଡିସନର ଭଳି କାମ କରିଥାଏ। ଚା ଗୁଣ୍ଡକୁ ଧୋଇ ଆଉ ଥରେ ଫୁଟାନ୍ତୁ। ଏଥିରେ କେଶ ଧୋଇଲେ କେଶରେ ଚମକ ଆସିଥାଏ।
- ଚା ଗୁଣ୍ଡକୁ ଆଉ ଥରେ ଧୋଇ ଶୁଖାଇ ଦିଅନ୍ତୁ। କାବୁଲି ଚଣା ପ୍ରସ୍ତୁତ ସମୟରେ ଏହାକୁ ବ୍ୟବହାର କଲେ ତରକାରିର ରଙ୍ଗ ଭଲ ହେବା ସହ ଏହା ସ୍ୱାଦିଷ୍ଟ ହୋଇଥାଏ।
- ଏହି ଚା ଗୁଣ୍ଡକୁ ଦ୍ୱିତୀୟ ଥର ଫୁଟାଇ ଏହାର ପାଣିକୁ ସ୍ପ୍ରେ ବୋତଲରେ ରଖନ୍ତୁ। ଏଥିରେ ସଫା କଲେ ଫର୍ନିଚରରେ ଚମକ ଆସିବ।

---

– ଖାଦ୍ୟରୁଚି

# ଫ୍ରୁଟ୍ ରାଇତା

**ଆବଶ୍ୟକ ସାମଗ୍ରୀ:** ୧/୪ କପ୍ କଟା ସେଓ, ୧/୪ କପ୍ କଟା ସପୁରି, ୧/୪ କପ୍ କଟା କଦଳୀ, ୧/୪ କପ୍ କଟା ଷ୍ଟ୍ରବେରୀ, ୨ ଚାମଚ ଡାଳିମ୍ବ, ୨ କପ୍ ଦହି, ୧/୪ ଚାମଚ ଗୋଲମରିଚ ଗୁଣ୍ଡ, ୧/୨ ଚାମଚ ଜିରା ପାଉଡର, ୧ ଚାମଚ ଚିନି ଓ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ବଡ଼ ପାତ୍ରରେ ଦହି ରଖନ୍ତୁ। ଏଥିରେ ଚିନି, ଲୁଣ, ଗୋଲମରିଚ ଗୁଣ୍ଡ, ଜିରା ପାଉଡର ମିଶାଇ ଭଲଭାବେ ଗୋଳାନ୍ତୁ। ଏଥିରେ କଟାଯାଇଥିବା ସେଓ, ସପୁରି, କଦଳୀ, ଷ୍ଟ୍ରବେରୀ ଏବଂ ଡାଳିମ୍ବ ମିଶାନ୍ତୁ। ପ୍ରସ୍ତୁତ ହୋଇଗଲା ଫ୍ରୁଟ୍ ରାଇତା। ଏହାକୁ ଫ୍ରିଜ୍‌ରେ ୩୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏବେ ସର୍ଭିଂ ବାଉଲ୍‌ରେ ରାଇତା ପରଷନ୍ତୁ।



---

ଫ୍ୟାଶନ

# ମନ୍‌ସୁନ୍



ବର୍ଷାଦିନେ ମହିଳାମାନେ ଘରୁ ବାହାରକୁ ବାହାରିଲେ କ'ଣ ପିନ୍ଧିବେ, ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡିଥାନ୍ତି। ଏହିଦିନେ ଏପରି ଡ୍ରେସ୍ ଆପଣାନ୍ତୁ, ଯାହା କମ୍ଫର୍ଟେବଲ୍ ହେବା ସହ ଷ୍ଟାଇଲିସ୍ ବି ଲାଗିବ। ଜାଣନ୍ତୁ ସେ ସମ୍ପର୍କରେ କିଛି ଟିପ୍ସ...

- ବର୍ଷାଦିନେ ଫୁଲ୍ କିମ୍ବା ଫ୍ଲୋର୍ ଲେଙ୍ଥ୍ ବଦଳରେ ଆଙ୍କଲ୍ ଲେଙ୍ଥ୍, ନି ଲେଙ୍ଥ୍, ସ୍କର୍ଟ୍ ଆପଣନ୍ତୁ। ୱାଟର ପ୍ରୁଫ୍ ବ୍ୟାଗ୍ ଏବଂ ରେନ୍‌କୋଟ ସାଙ୍ଗରେ ରଖିବାକୁ ଭୁଲନ୍ତୁ ନାହିଁ।
- ଏହିଦିନେ କଟନ୍ ବଦଳରେ ସିଫନ୍, ରେୟାନ୍ ଏବଂ ସୂତାମିଶ୍ରିତ କପଡା ପିନ୍ଧନ୍ତୁ। ସିଫନ୍ ଏବଂ ଜର୍ଜେଟ୍ ହେଉଛି ଏପରି ଫ୍ୟାବ୍ରିକ୍, ଯାହାକି ଓଦା ହେଲେ ମଧ୍ୟ ଶୀଘ୍ର ଶୁଖିଯାଇଥାଏ ଏବଂ ଆଇରନ କରିବାର ଆବଶ୍ୟକତା ପଡି ନ ଥାଏ। ଏହି ଫ୍ୟାବ୍ରିକସବୁ ବର୍ଷାଦିନ ପାଇଁ ବେଷ୍ଟ। ଆଉ ଏହାକୁ ମିକ୍ସ କଟନ୍ ସହ କ୍ୟାରି କରିବା ଭଲ। ଯଦ୍ୱାରା ଓଦା ହେଲେ ମଧ୍ୟ ଏହା ଶରୀରରେ ଲାଗିଯାଇ ନ ଥାଏ। ଏହିଦିନେ ଡେନିମ୍ ପିନ୍ଧନ୍ତୁ ନାହିଁ। କାରଣ ଏହା ଶୀଘ୍ର ଶୁଖି ନ ଥାଏ ଏବଂ ରଙ୍ଗ ମଧ୍ୟ ଛାଡିଥାଏ।
- ହେଭି ମେକ୍‌ଅପ୍ ବଦଳରେ ହାଲ୍‌କା ଏବଂ ପ୍ରାକୃତିକ ମେକ୍‌ଅପ୍ କରନ୍ତୁ। ଫ୍ୟାଶନେବଲ୍ ଦେଖାଯିବା ପାଇଁ ବ୍ରାଇଟ୍ କଲର ୱାଟରପ୍ରୁଫ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ।
- ଧଳା ବଦଳରେ ନୀଳ, ଲାଲ୍ ଏବଂ କମଳା ରଙ୍ଗର ଡ୍ରେସ୍ ପିନ୍ଧନ୍ତୁ।
- ଏହିଦିନେ ଲମ୍ବା ପ୍ୟାଣ୍ଟ ପିନ୍ଧନ୍ତୁ ନାହିଁ। କାରଣ ଏହା ଶୀଘ୍ର ଖରାପ ହୋଇଥାଏ। ବରଂ ସ୍ମାର୍ଟ ଫର୍ମାଲ୍ ସ୍କର୍ଟ କମ୍ଫର୍ଟେବଲ୍ ଲାଗିଥାଏ।



- ସାଲ୍‌ୱାର ଓ ପଟିଆଲା ବଦଳରେ ଶର୍ଟ କୁର୍ତ୍ତି ସହ ଲେଗିଙ୍ଗ୍‌ସ ବା ଚୁଡିଦାର ପିନ୍ଧିପାରିବେ। ବଡ଼ ବଡ଼ ଦୁପଟା ବଦଳରେ ସ୍କାର୍ଫ ବା ଷ୍ଟଲ୍ ଆପଣାନ୍ତୁ। ଏହିଦିନେ ଏପରି ଡ୍ରେସ୍ ପିନ୍ଧନ୍ତୁ ଯେପରି ଓଦାହେଲେ ସେଥିରୁ କଲର ଛାଡିବ ନାହିଁ।
- ଲେଦର ବଦଳରେ ଜେଲି ସୁଜ୍ ଓ ବିନା ହିଲ୍ ଥିବା ସାଣ୍ଡାଲ ବ୍ୟବହାର କରନ୍ତୁ।
- ୱାଟରପ୍ରୁଫ୍ କାଜଲ ଏବଂ ଆଇ ଲାଇନର ଲଗାନ୍ତୁ। ଫାଉଣ୍ଡେଶନକୁ ଯେତେ ସମ୍ଭବ ଆଭଏଡ୍ କରନ୍ତୁ। ଅତି ଆବଶ୍ୟକ ପଡିଲେ ହାଲ୍‌କା ମେକ୍‌ଅପ୍ ନିଅନ୍ତୁ।

# ଭୁଲ ଇଞ୍ଜେକ୍ସନ ଯୋଗୁ ମହିଳାଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା ଅଫିସ, ୨୭।୮

**■କ୍ଲିନିକ ଭଙ୍ଗାରୁଜା କଲେ ସମ୍ପର୍କୀୟ, ଡାକ୍ତର ଫେରାର**

**■ସମ୍ପର୍କୀୟଙ୍କ ନାମରେ ଅଭିଯୋଗ ଆଣିଲେ ଘର ମାଲିକ**

ଭୁଲ ଇଞ୍ଜେକ୍ସନ ଦେବା ଫଳରେ ଜଣେ ରୋଗୀଙ୍କର ସୋମବାର ଅପରାହ୍ନରେ ମୃତ୍ୟୁ ଘଟିଛି। ଏଭଳି ସଙ୍ଗୀନ ରୋଗୀଙ୍କ ସମ୍ପର୍କୀୟମାନେ ଟାଉନ ଥାନା ଅଧୀନ ଡାକ୍ତରଖାନା ଛକଠାରେ ଥିବା ଡା. କୁଳମଣି ବରାଳଙ୍କ କ୍ଲିନିକକୁ ଭଙ୍ଗାରୁଜା କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଡିଏସ୍‌ପି ରଞ୍ଜନ ଦେଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ମୁତୟନ କରାଯାଇଥିଲା। ଉତ୍ତ୍ୟକ୍ତ ବ୍ୟକ୍ତିଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ରୋଗୀଙ୍କ ସମ୍ପର୍କୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୧୨୬/୧୮ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗକାରୀ ଟାଉନ ଥାନା ଅଧୀନ ସହରର ପୋଷ୍ଟ ଅଫିସ ଲେନ୍‌ର ମୀର ରମଜାନ ବକ୍ସଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ତ୍ରୀ ତକସିମା ଫରିନ କୌଣସି କାରଣରୁ ଅସୁସ୍ଥ ହୋଇ ବାନ୍ତି କରୁଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ଡାକ୍ତର କୁଳମଣି ବରାଳଙ୍କ କ୍ଲିନିକକୁ ନେଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ରକ୍ତ ପରୀକ୍ଷା କରାଯାଇଥିଲା। ପରେ ଡା. ବରାଳ ତାଙ୍କୁ ଏକ ଇଞ୍ଜେକ୍ସନ ଦେବାସହ ଘରକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ତେବେ ଘରକୁ ଫେରିବା ପରେ ତକସିମା ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ତକସିମାଙ୍କ ସ୍ୱାମୀ ମୀର ରମଜାନ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅପରପକ୍ଷରେ ଡାକ୍ତର ବରାଳଙ୍କ କ୍ଲିନିକ୍ ଥିବା ଘରର ମାଲିକ ସେକ୍ ଏହସାନ ଅଲ୍ଲୀ ତାଙ୍କ ଘର ଭଙ୍ଗାରୁଜା କରିଥିବା ବ୍ୟକ୍ତିଙ୍କ ନାମରେ ଟାଉନ୍ ଥାନାରେ ଏକ ଅଭିଯୋଗ କରିଛନ୍ତି। ଥାନାରେ ଅଭିଯୋଗ ହେବା ପରେ ଡାକ୍ତର ବରାଳ ଫେରାର ଥିବା ଜଣାପଡିଛି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ କୁହନ୍ତି, ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣାର ପ୍ରକୃତ ରହସ୍ୟ ଜଣାପଡିବ।

## QUOTATION CALL NOTICE

### FOR DEPLOYMENT OF MANPOWER IN CUTTACK FOREST DIVISION

No.75-mm: Sealed Tenders are invited from interested reputed Service Providers to quote the service charges per month to provide (1) Data Entry Operator-9 Nos., (2) Squad Members-186 Nos., (3) Driver-2 Nos. in total 197 Nos. of man power in different stations of Cuttack Forest Division w.e.f. dt.01.07.2018 till completion of one year / completion of the project whichever is earlier. The details of man power to be deployed in different stations and Terms & Conditions are available in the office of the undersigned. The Service Provider should have valid license of District Labour Office of Cuttack District / Jajpur District, copy of Service Tax, Licensee Number, GST Number etc. The said firm should have filed Income Tax returns and Service Tax returns for the last three years and have experience in providing services to Government sectors and various organizations for at least three years (documents to be attached). The last date of receipt of quotations is **07.09.2018 at 03.30 P.M.** in the office of the undersigned through person or Regd. Post. The selected Service Provider shall have to sign **TOR**(Term of reference) with the undersigned regarding deployment of Man Power and payment thereof in stamp papers and submit relevant original documents. The TOR is available in the Office of the undersigned. The authority reserves the right to cancel or reject any or all quotations without assigning any reason thereof. Any legal dispute in future is subject to jurisdiction of Cuttack only.

**Sd./- Divisional Forest Officer,**
**Cuttack Forest Division**

08025/11/0001/1819

## NOTICE INVITING BID

### Odisha State Medical Corporation Limited (OSMCL)

**Convent Square, Unit – III, Bhubaneswar -751 007**

Tel.: (0674) 2380660 Website : www.osmcl.nic.in, Email : procurement.osmcl.od@nic.in

**Bid Reference No. : OSMCL/2018-19/EQP-UEHP(Mobile Van)/10 Date: 28.08.2018**

No.CAD-769: Bids are invited from eligible bidders for providing Mobile Eye Testing Vans with Drivers to 10 Districts i.e. Deogarh, Gajapati, Kalahandi, Kandhamal, Koraput, Malkangiri, Mayurbhanj, Nabarangpur, Nuapada & Rayagada of Odisha as per the particulars given below -

| Sl. No. | Particulars | Date and time | |
|---|---|---|---|
| 1. | Date of release of bid | 28.08.2018 | |
| 2. | Date & Time of Pre-Bid Meeting | 04.09.2018, 11.30 A.M. | Venue: Tender Hall, OSMCL |
| 3. | Last Date & Time for submission of bids | 18.09.2018, 4 P.M. | OSMCL Office |
| 4. | Date & Time of Opening of Technical Bids | 18.09.2018, 4.30 P.M. | Venue: Tender Hall, OSMCL |
| 5. | Date & Time of Opening of Price Bids | To be informed to the technically qualified bidders | |

The bid document with all information relating to the bidding process including cost of bid document, EMD, Eligibility criteria and terms & conditions are available in the website: www.osmcl.nic.in. The Authority reserves the right to accept/ reject any or all bids without assigning any reason thereof.

10112/11/0034/1819 **Sd./- Managing Director, OSMC Ltd.**

# ଓଡ଼ିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

No.III-31

## ଅଧିସୂଚନା

No. RDM-LAA-BLS-0012-2018/3444 R&DM Dated : 12.04.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା-ଶିକିଡିଆ, ଥାନା- ନୀଳଗିରି ସଂ. ୧୬୦, ତହସିଲ- ନୀଳଗିରି, ଜିଲ୍ଲା - ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୧୩.୫୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013)ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ନୀଳଗିରି | ଶିକିଡିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨୧.୬୨ | ଏ.୧୩.୫୫ | ଏଥି ସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୦୬ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

## ଭୂମି ଅନୁସୂଚୀ

### ଗ୍ରାମ- ଶିକିଡିଆ, ଥାନା- ନୀଳଗିରି (ନଂ-୧୬୦), ଜିଲ୍ଲା- ବାଲେଶ୍ୱର

| କ୍ରମିକ ନଂ | ଖାତା ନଂ | ଜମି ମାଲିକଙ୍କ ନାମ-ପିତା, ଜାତି, ବାସସ୍ଥାନ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩ | ଅନାଦି ଚରଣ ରାଉଳ, ଆନନ୍ଦ ଚରଣ ରାଉଳ, ପି: ଗଣପତି ରାଉଳ, ଜା- ତନ୍ତୀ, ବା: ମୁକୁନ୍ଦପୁର | ୯୩୨ | ଶାରଦ ଦୁଇ | ଏ୦.୩୪ | ଏ୦.୩୪ |
| | | | ୯୩୪ | ଶାରଦ ଦୁଇ | ଏ୦.୧୭ | ଏ୦.୧୭ |
| | | | ୬୯୭ / ୧୧୨୨ | ଶାରଦ ଏକ | ଏ୦.୪୨ | ଏ୦.୪୨ |
| ୨ | ୩୫ | ଗଣନାଥ ଦାସ, ପି- ମାର୍କଣ୍ଡ ଦାସ, ଜା: ଖଣ୍ଡାୟତ, ବା: ମୁକୁନ୍ଦପୁର | ୬୯୭ | ଶାରଦ ଏକ | ଏ୦.୪୯ | ଏ୦.୪୮ |
| | | | ୯୭୬ | ଶାରଦ ଦୁଇ | ଏ୦.୧୦ | ଏ୦.୦୫ |
| | | | ୯୭୯ | ଶାରଦ ଏକ | ଏ୦.୦୯ | ଏ୦.୦୩ |
| ୩ | ୪୬ | ଗୋବିନ୍ଦ ବାରିକ, ପି: ଦର୍ଶନ ବାରିକ, ଜା: ଭଣ୍ଡାରି, ବା: ଚିନ୍ତାମଣିପୁର | ୯୧୯ | ଶାରଦ ଦୁଇ | ଏ୦.୩୦ | ଏ୦.୩୦ |
| ୪ | ୫୬ | ଚିନ୍ତାମଣି ରାଉତ, ପି: ଅନନ୍ତ ରାଉତ, ଶଚରମଣି ରାଉତ, ସ୍ୱା: ଚିନ୍ତାମଣି ରାଉତ, ଜା: ଖଣ୍ଡାୟତ, ବା: ବଉଳଗଡିଆ | ୩୩୦ | ଶାରଦ ଏକ | ଏ୦.୩୯ | ଏ୦.୩୭ |
| | | | ୩୩୧ | ଶାରଦ ଦୁଇ | ଏ୦.୦୯ | ଏ୦.୦୯ |
| | | | ୩୩୨ | ଶାରଦ ଦୁଇ | ଏ୦.୦୯ | ଏ୦.୦୮ |
| | | | ୩୩୩ | ଶାରଦ ଦୁଇ | ଏ୦.୧୦ | ଏ୦.୧୦ |
| | | | ୩୩୪ | ଶାରଦ ଦୁଇ | ଏ୦.୧୨ | ଏ୦.୧୨ |
| | | | ୩୩୫ | ଶାରଦ ଦୁଇ | ଏ୦.୦୯ | ଏ୦.୦୯ |
| ୫ | ୬୦ | ମୁକୁନ୍ଦପୁର, ଉ: ପ୍ରା: ସ୍କୁଲ ମା: ଚେୟାରମେନ | ୯୨୧ | ଶାରଦ ଦୁଇ | ଏ୦.୦୫ | ଏ୦.୦୫ |
| | | | ୧୦୨୧ | ବାଜେ ଫସଲ ଦୁଇ | ଏ୦.୨୦ | ଏ୦.୦୨ |
| ୬ | ୭୬ | ଦାମୋଦର ବେହେରା, ପି: ବିପ୍ର ବେହେରା, ଜା- ଖଣ୍ଡାୟତ, ବା: ମୁକୁନ୍ଦପୁର | ୯୨୭ | ଶାରଦ ଏକ | ଏ୦.୦୮ | ଏ୦.୦୩ |
| ୭ | ୧୦୭ | ପ୍ରାଣବନ୍ଧୁ ବେହେରା, ପି: ଚରଣ ବେହେରା, ସରସ୍ୱତୀ ବେହେରା, ସ୍ୱା: ବାଉଲି ବେହେରା, ରାମ ବେହେରା, ଲକ୍ଷ୍ମଣ ବେହେରା, ଭରତ ବେହେରା, ସୂର୍ଯ୍ୟ ବେହେରା, ଇନ୍ଦ୍ରମଣି ବେହେରା, ମନୋରମା ବେହେରା, ପି- ବାଉଲି ବେହେରା, ଜା: ଖଣ୍ଡାୟତ, ବା: ନିଜଗାଁ | ୯୩୦ | ଶାରଦ ଦୁଇ | ଏ୦.୧୩ | ଏ୦.୧୩ |
| | | | ୯୩୧ | ଶାରଦ ଦୁଇ | ଏ୦.୧୬ | ଏ୦.୧୬ |
| | | | ୯୯୪ | ଶାରଦ ତିନି | ଏ୦.୨୦ | ଏ୦.୨୦ |
| | | | ୯୯୫ | ଶାରଦ ତିନି | ଏ୦.୨୦ | ଏ୦.୧୮ |
| ୮ | ୧୦୯ | ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ଚୈତନ୍ୟ ଆଚାର୍ଯ୍ୟ, ପି: ଲକ୍ଷ୍ମଣ ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ମୁକୁନ୍ଦପୁର | ୯୩୯ | ଶାରଦ ଦୁଇ | ଏ୦.୧୭ | ଏ୦.୧୭ |
| | | | ୯୪୦ | ଶାରଦ ଏକ | ଏ୦.୩୨ | ଏ୦.୩୨ |
| | | | ୯୪୧ | ଶାରଦ ଏକ | ଏ୦.୪୬ | ଏ୦.୨୭ |
| | | | ୯୪୨ | ଶାରଦ ଦୁଇ | ଏ୦.୨୯ | ଏ୦.୨୬ |
| | | | ୯୪୩ | ଶାରଦ ଏକ | ଏ୦.୦୮ | ଏ୦.୦୮ |
| | | | ୯୪୪ | ଶାରଦ ଏକ | ଏ୦.୨୮ | ଏ୦.୦୭ |
| | | | ୯୮୩ | ଶାରଦ ଏକ | ଏ୦.୦୮ | ଏ୦.୦୩ |
| ୯ | ୧୨୩ | ବାଉଲି ରଣା, ପି: ଭାଗି, ରଣା, ଗୋରା ରଣା, ଗୋବିନ୍ଦ ରଣା, ପୂର୍ଣ୍ଣ ରଣା, ପି: ଶିବ ରଣା, ଜା: କୁମ୍ଭାର, ବା: ନିଜଗାଁ | ୩୮୮ | ଶାରଦ ଏକ | ଏ୦.୨୬ | ଏ୦.୧୦ |
| ୧୦ | ୧୨୪ | ବାଞ୍ଛାନିଧି ସେଠୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ଲକ୍ଷ୍ମଣ ସେଠୀ, ମଧୁସୂଦନ ସେଠୀ, ପି: ମିଛୁ ସେଠୀ, ଜା: ଧୋବା, ବା: ନିଜଗାଁ | ୬୯୬ | ଶାରଦ ଏକ | ଏ୦.୩୭ | ଏ୦.୧୩ |
| ୧୧ | ୧୨୫ | ବାଞ୍ଛା ବେହେରା, ପି: ଶଙ୍କର ବେହେରା, ପୁଟୁରୀ ବେହେରା, ପି: ରଘୁ ବେହେରା, ମୂଷା ବେହେରା, ପି: ଗୋବରା ବେହେରା, ନିଧି ବେହେରା, ପି: ବଳି ବେହେରା, ଜା: କୁମ୍ଭାର, ବା: ଚିନ୍ତାମଣିପୁର | ୩୮୨ | ଶାରଦ ଏକ | ଏ୦.୦୧୬ | ଏ୦.୦୧୬ |
| ୧୨ | ୧୨୬ | ବାଞ୍ଛାନିଧି ବେହେରା, ପି: ଶଙ୍କର ବେହେରା, ମୂଷା ବେହେରା, ପି: ଗୋବର ବେହେରା, ନିଧି ବେହେରା, ପି: ବଳି ବେହେରା, ଜା: କୁମ୍ଭାର, ବା: ନିଜଗାଁ | ୩୨୨ | ଶାରଦ ଏକ | ଏ୦.୦୭୧ | ଏ୦.୦୭ |
| | | | ୩୮୭ | ଶାରଦ ଏକ | ଏ୦.୦୮୩ | ଏ୦.୦୮୩ |
| ୧୩ | ୧୨୭ | ବାବୁ ବେହେରା, ପି: ସନା ବେହେରା, ମଣି ବେହେରା, ସ୍ୱା: ହୃସି ବେହେରା, ଭିକାରୀ ବେହେରା, ପି: ଶମ୍ଭୁ ବେହେରା, ଜା: କୁମ୍ଭାର, ବା: ଚିନ୍ତାମଣିପୁର | ୩୨୩ | ଶାରଦ ଏକ | ଏ୦.୩୫ | ଏ୦.୩୪ |
| | | | ୩୨୪ | ଶାରଦ ଏକ | ଏ୦.୦୯ | ଏ୦.୦୯ |
| ୧୪ | ୧୩୩ | ବିଶ୍ୱନାଥ ଉପାଧ୍ୟାୟ, ପି: ଶିବ ଉପାଧ୍ୟାୟ, ଜା: ବ୍ରାହ୍ମଣ, ବା: ମୁକୁନ୍ଦପୁର | ୯୦୯ | ଶାରଦ ଏକ | ଏ୦.୭୧ | ଏ୦.୧୦ |
| | | | ୯୩୬ | ଶାରଦ ଦୁଇ | ଏ୦.୧୪ | ଏ୦.୧୪ |
| ୧୫ | ୧୩୮ | ବୁଧି ବେହେରା, ପ୍ରାଣବନ୍ଧୁ ବେହେରା, ପି: ଚକ୍ରଧର ବେହେରା, ଜା: କୁମ୍ଭାର, ବା: ଚିନ୍ତାମଣିପୁର | ୩୦୬ | ଶାରଦ ଏକ | ଏ୦.୩୯ | ଏ୦.୩୯ |
| | | | ୩୧୧ | ଶାରଦ ଦୁଇ | ଏ୦.୨୬ | ଏ୦.୨୬ |
| ୧୬ | ୧୪୪ | ବୈଦ୍ୟନାଥ ବେହେରା, ପି: ଚିନ୍ତାମଣି ବେହେରା, ଜା: କୁମ୍ଭାର, ବା: ଚିନ୍ତାମଣିପୁର | ୩୧୨ | ଶାରଦ ଦୁଇ | ଏ୦.୩୮ | ଏ୦.୨୪ |
| ୧୭ | ୧୫୨ | ଶ୍ରୀ ଲକ୍ଷ୍ମୀବରାହ ଜୀଉ, ବି: ନିଜଗଡ, ମା: ଭାଗୀରଥି ବେହେରା, ପି: ବନ୍ଧୁ ବେହେରା, ଜା: ଖଣ୍ଡାୟତ, ବା: ମୁକୁନ୍ଦପୁର | ୧୦୦୧ | ଶାରଦ ଦୁଇ | ଏ୦.୨୦ | ଏ୦.୨୦ |
| ୧୮ | ୧୫୩ | ଭାଗୀରଥି ବେହେରା, ପି: ବନ୍ଧୁ ବେହେରା, ରାଧୁ ବେହେରା, ପି: ମଣି ବେହେରା, ଜା: ଖଣ୍ଡାୟତ, ବା: ମୁକୁନ୍ଦପୁର | ୯୩୭ | ଶାରଦ ଦୁଇ | ଏ୦.୧୪ | ଏ୦.୧୪ |
| | | | ୧୦୦୨ | ଶାରଦ ଏକ | ଏ୧ .୬୬ | ଏ୦.୫୫ |
| ୧୯ | ୧୬୪ | ମକୁ ବେହେରା, ପି: ସନା ବେହେରା, ମଣି ବେହେରା, ସ୍ୱା: ହୃସି ବେହେରା, ଭିକାରୀ ବେହେରା, ପି: ଶମ୍ଭୁ ବେହେରା, ଜା: କୁମ୍ଭାର, ବା: ଚିନ୍ତାମଣିପୁର | ୩୧୩ | ଶାରଦ ଏକ | ଏ୦.୬୦ | ଏ୦.୧୬ |
| | | | ୩୧୬ | ଶାରଦ ଦୁଇ | ଏ୦.୫୨ | ଏ୦.୦୧ |
| ୨୦ | ୧୬୭ | ମାର୍କଣ୍ଡ ଦାସ, ପି: ଶତ୍ରୁ ଦାସ, ଗଣନାଥ ଦାସ, ପି: ମାର୍କଣ୍ଡ ଦାସ, ଜା: ଖଣ୍ଡାୟତ, ବା: ମୁକୁନ୍ଦପୁର | ୯୭୫ | ଶାରଦ ଏକ | ଏ୦.୧୭ | ଏ୦.୧୭ |
| ୨୧ | ୧୭୫ | ମୂଷା ସେଠୀ, ପି: କୁଶ ସେଠୀ, ଜା: ଧୋବା, ବା: ନିଜଗାଁ | ୯୯୯ | ଶାରଦ ଦୁଇ | ଏ୦.୧୬ | ଏ୦.୧୬ |
| | | | ୧୦୦୦ | ଶାରଦ ଦୁଇ | ଏ୦.୨୦ | ଏ୦.୧୪ |
| ୨୨ | ୧୭୭ | ମୂଷା ସେଠୀ, ପି: କୁଶ ସେଠୀ, କୁନା ସେଠୀ, ପି: ଚତୁରା ସେଠୀ, ବାଞ୍ଛାନିଧି ସେଠୀ, ପୂର୍ଣ୍ଣ ସେଠୀ, ଲକ୍ଷ୍ମଣ ସେଠୀ, ମଧୁସୂଦନ ସେଠୀ, ପି: ମିଛେଇ ସେଠୀ, ଭାମା ସେଠୀ, ସ୍ୱା: ନାର ସେଠୀ, ବାବାଜୀ ସେଠୀ, ହଗରା ସେଠୀ, ପି: ନବ ସେଠୀ, ମିନା ସେଠୀ, ସ୍ୱା: ନବ ସେଠୀ, ବାଇଧର ସେଠୀ, ମହେଶ୍ୱର ସେଠୀ, ଭିକାରୀ ସେଠୀ, ପି: ଭୀମ ସେଠୀ, ଆଶା ସେଠୀ, ସ୍ୱା: ଭୀମ ସେଠୀ, ରୁକ୍ମଣୀ ସେଠୀ, ସ୍ୱା: ବଳ ସେଠୀ, ଗୋପାଳ ସେଠୀ, ମାଗୁଣି ସେଠୀ, ହଗୁରୁ ସେଠୀ, ପି: ଶିବ ସେଠୀ, ଜା: ଧୋବା, ବା: ନିଜଗାଁ | ୯୨୯ | ଶାରଦ ତିନି | ଏ୦.୦୨ | ଏ୦.୦୨ |
| | | | ୯୯୭ | ଶାରଦ ଦୁଇ | ଏ୦.୧୫ | ଏ୦.୦୨ |
| | | | ୯୯୮ | ଶାରଦ ତିନି | ଏ୦.୦୬ | ଏ୦.୦୧ |
| | | | ୧୦୦୩ | ଶାରଦ ଏକ | ଏ୦.୩୫ | ଏ୦.୦୨ |
| ୨୩ | ୧୮୪ | ରାଧାକୃଷ୍ଣ ଦାସ, ପି: ଚିନ୍ତାମଣି ଦାସ, ମୁକୁଳ ଦାସ, ପି: ରାମଚନ୍ଦ୍ର ଦାସ, ଜା: ବାହ୍ମଣ, ଅନାଦି ଚରଣ ରାଉଳ, ଆନନ୍ଦ ଚରଣ ରାଉଳ, ପି: ଗଣପତି ରାଉଳ, ଜା: ତନ୍ତୀ ବା ନିଜଗାଁ, ରାଧାକୃଷ୍ଣ ଦାସ, କିସ୍ମତ ପକ୍ଷେ, ଖ: ସୂ:ଦ: ଯତୀନ୍ଦ୍ର ସ, ପି: ଚିନ୍ତାମଣି ସ, ଜା: ଖଣ୍ଡାୟତ, ବା: ବଉଳଗଡିଆ, ରେ: ଦ: ନଂ.: ୧୩୬୬, ତା : ୧୦/୦୫/୬୫ ରିଖ, ଜ.ଟ: ୩୦୦/- | ୯୩୫ | ଶାରଦ ଦୁଇ | ଏ୦.୫୯ | ଏ୦.୫୮ |
| ୨୪ | ୧୯୦ | ରାମଚନ୍ଦ୍ର ଦାସ, ପି: ବିଦ୍ୟାଧର ଦାସ, ଜା: ବ୍ରାହ୍ମଣ ବା: ଦିବାସିଂହପୁର ଶାସନ ସାମିଲ ମୁକୁନ୍ଦପୁର | ୯୭୨ | ଶାରଦ ଦୁଇ | ଏ୦.୫୨ | ଏ୦.୧୬ |
| | | | ୯୭୩ | ଶାରଦ ଏକ | ଏ୦.୪୫ | ଏ୦.୪୧ |
| ୨୫ | ୧୯୯ | ରକ୍ମଣି ଦାଶ, ସ୍ୱା: ବୈକୁଣ୍ଠନାଥ ଦାସ, ଜା: ବ୍ରାହ୍ମଣ, ବା: ମୁକୁନ୍ଦପୁର | ୭୦୩ | ଶାରଦ ଏକ | ଏ୦.୦୭ | ଏ୦.୦୪ |
| | | | ୭୦୩/ ୧୦୭୮ | ଶାରଦ ଏକ | ଏ୦.୦୬ | ଏ୦.୦୬ |
| ୨୬ | ୨୧୦ | ଶକୁନ୍ତଳା ଦାଶ, ସ୍ୱା: ଜଗବନ୍ଧୁ, ଜା: ବ୍ରାହ୍ମଣ, ବା: ମୁକୁନ୍ଦପୁର | ୯୮୨ | ଶାରଦ ଏକ | ଏ୦.୩୨ | ଏ୦.୦୨ |
| ୨୭ | ୨୨୦ | ସରସ୍ୱତୀ ବେୱା, ସ୍ୱା: ବାଉରୀ ବେହେରା, ରାମାକାନ୍ତ ବେହେରା, ଲକ୍ଷ୍ମଣ ବେହେରା, ଭରତ ବେହେରା, ସୁରୁଜୀ ଦେଇ, ଇନ୍ଦ୍ରମଣି ଦେଇ, ମାନରମା ଦେଇ, ପି: ବାଉରୀ ବେହେରା, ଜା: ଖଣ୍ଡାୟତ, ବା: ନିଜଗାଁ | ୯୨୮ | ଶାରଦ ଏକ | ଏ୦.୧୩ | ଏ୦.୦୭ |
| ୨୮ | ୨୨୧ | ସରସ୍ୱତୀ ସେଠୀ, ସ୍ୱା: ମହେଶ୍ୱର ସେଠୀ, ଝାମ୍ପ ସେଠୀ, ବୈକୁଣ୍ଠ ସେଠୀ, ପି: ମହେଶ୍ୱର ସେଠୀ, ବାଇଧର ସେଠୀ, ଭିକାରୀ ସେଠୀ, ପି: - ଭୀମ ସେଠୀ, ରକ୍ମଣି ବେୱା, ସ୍ୱା: ବନ୍ଧୁ ସେଠୀ, ଗୋପାଳ ସେଠୀ, ପି- ମାଗୁଣି ସେଠୀ, ଜା: ଧୋବା, ବା: ନିଜଗାଁ | ୯୩୩ | ଶାରଦ ଦୁଇ | ଏ୦.୦୬ | ଏ୦.୦୬ |
| ୨୯ | ୨୨୭ | ସାଧୁ ଚରଣ ରାଉତ, ପି: ଚିନ୍ତାମଣି ରାଉତ, ଜା: ଖଣ୍ଡାୟତ, ବା: ବଉଳଗଡିଆ | ୯୨୬ | ଶାରଦ ଏକ | ଏ୦.୦୫ | ଏ୦.୦୫ |
| | | | ୯୨୭ | ଶାରଦ ଏକ | ଏ୦.୦୭ | ଏ୦.୦୭ |
| | | | ୯୨୮ | ଶାରଦ ଏକ | ଏ୦.୦୬ | ଏ୦.୦୬ |
| | | | ୯୨୯ | ଶାରଦ ଏକ | ଏ୦.୧୯ | ଏ୦.୧୯ |
| ୩୦ | ୨୫୧ / ୩୪ | ରାମଚନ୍ଦ୍ର ବେହେରା, ପି: ଭାଗୀ ବେହେରା, ଜା: କୁମ୍ଭାର, ବା: ଚିନ୍ତାମଣିପୁର | ୩୩୬/ ୧୧୩୪ | ଶାରଦ ଏକ | ଏ୦.୪୨ | ଏ୦.୧୦ |
| ୩୧ | ୨୫୧ / ୪୧ | କୃଷ୍ଣଚନ୍ଦ୍ର ବେହେରା, କଣ୍ଟୁରୁ ବେହେରା, ପି: ବୈଦ୍ୟନାଥ ବେହେରା, ଜା: କୁମ୍ଭାର, ବା: ଚିନ୍ତମଣିପୁର | ୩୧୦ | ଶାରଦ ଏକ | ଏ୦.୦୮ | ଏ୦.୦୩ |
| ୩୨ | ୨୫୧/ ୪୨ | ଗୌରାଙ୍ଗ ସେନାପତି, ନରେନ୍ଦ୍ର ସେନାପତି, ପି: ରାଧାକୃଷ୍ଣ ସେନାପତି, ଜା: କୁମ୍ଭାର, ବା: ଶିକିଡିଆ | ୩୦୭ | ଶାରଦ ଏକ | ଏ୦.୩୧ | ଏ୦.୨୬ |
| ୩୩ | ୨୫୧ / ୫୩ | ବୈଦ୍ୟନାଥ ବେହେରା, ପି: କ୍ଷେତ୍ର ବେହେରା, ଜା: କୁମ୍ଭାର, ବା: ଚିନ୍ତାମଣିପୁର | ୩୦୮ | ଶାରଦ ଏକ | ଏ୦.୩୫ | ଏ୦.୦୧ |
| ୩୪ | ୨୫୧ / ୫୯ | ଅନାଦି ଚରଣ ସେନାପତି, ପି: ଯୋଗେନ୍ଦ୍ର ସେନାପତି, ଜା: କୁମ୍ଭାର, ବା: ନିଜଗାଁ | ୯୨୦/ ୧୧୫୫ | ଶାରଦ ଦୁଇ | ଏ୦.୦୨ | ଏ୦.୦୨ |
| ୩୫ | ୨୫୧ / ୬୩ | ମାଗୁଣି ସେଠୀ, ପି: ଶିବ ସେଠୀ, ଜା: ଧୋବା, ବା: ଶିକିଡିଆ | ୯୧୭ | ଶାରଦ ତିନି | ଏ୦.୪୦ | ଏ୦.୧୭ |
| ୩୬ | ୨୫୧ / ୧୦୩ | ରଘୁନାଥ ସେଠୀ, ପି: ମାଗୁଣି ସେଠୀ, ଜା: ଧୋବା, ବା: ନିଜଗାଁ | ୯୯୮ / ୧୧୯୪ | ଶାରଦ ତିନି | ଏ୦.୦୮ | ଏ୦.୦୮ |
| ୩୭ | ୨୫୧/ ୧୦୬ | ରାମଚନ୍ଦ୍ର ବେହେରା, ପି: ଭାଗୀରଥି ବେହେରା, ଜା: କୁମ୍ଭାର, ବା: ଚିନ୍ତାମଣିପୁର | ୩୨୫ | ଶାରଦ ଏକ | ଏ୦.୧୪ | ଏ୦.୧୪ |
| ୩୮ | ୨୫୧/ ୧୦୭ | ରାଜେନ୍ଦ୍ର ବାରିକ, ପି: ଭଗବାନ ବାରିକ, ଜା: ଖଣ୍ଡାୟତ, ବା: ମୁକୁନ୍ଦପୁର | ୯୩୫/ ୧୨୦୧ | ଶାରଦ ଦୁଇ | ଏ୦.୧୬ | ଏ୦.୧୬ |
| ୩୯ | ୨୫୧/ ୧୨୩ | ଲକ୍ଷ୍ମଣ ରାଉତ,ପି: ଶଙ୍କର ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୩୮୨/ ୧୨୧୩ | ଶାରଦ ଏକ | ଏ୦.୦୨୪ | ଏ୦.୦୨୪ |
| | | | ୩୨୨/ ୧୨୧୪ | ଶାରଦ ଏକ | ଏ୦.୦୭୭ | ଏ୦.୦୩୭ |
| | | | ୩୮୭/ ୧୨୧୫ | ଶାରଦ ଏକ | ଏ୦.୦୫୮ | ଏ୦.୦୫୮ |
| ୪୦ | ୨୫୧/ ୧୨୫ | ଅନାଦି ଚରଣ ରାଉଳ, ଆନନ୍ଦ ରାଉଳ, ଅରୁଣ କୁମାର ରାଉଳ, ଅନିଲ କୁମାର ରାଉଳ, ଅଶୋକ କୁମାର ରାଉଳ, ପି: ଗଣପତି ରାଉଳ, ଜା: ତନ୍ତି, ବା: ମୁକୁନ୍ଦପୁର | ୭୦୦ | ଶାରଦ ଦୁଇ | ଏ୦.୨୯ | ଏ୦.୨୯ |
| | | | ୭୦୧ | ଶାରଦ ଦୁଇ | ଏ୦.୧୬ | ଏ୦.୧୬ |
| ୪୧ | ୨୫୧/ ୧୩୧ | ଶ୍ରୀ ଭୋଳେଶ୍ୱର ମହାଦେବ, ବି: ନିଜଗାଁ, ମା: ରଘୁନାଥ ସେଠୀ, ପି: ମାଗୁଣି ଚରଣ ସେଠୀ, ଜା: ଧୋବା, ବା: ନିଜଗାଁ | ୯୧୦ | ଶାରଦ ଏକ | ଏ୦.୬୯ | ଏ୦.୧୧ |
| ୪୨ | ୨୫୧/ ୧୪୨ | ଅଜୟ କୁମାର ବେହେରା, ପି: ଦାମୋଦର ବେହେରା, ଜା: ଖଣ୍ଡାୟତ, ବା: ମୁକୁନ୍ଦପୁର | ୯୨୦ | ଶାରଦ ଦୁଇ | ଏ୦.୦୩ | ଏ୦.୦୩ |
| | | | ୯୨୩ | ଶାରଦ ତିନି | ଏ୦.୧୫ | ଏ୦.୧୨ |
| | | | ୯୧୮ | ଶାରଦ ଦୁଇ | ଏ୦.୪୦ | ଏ୦.୪୦ |
| ୪୩ | ୨୫୧/ ୧୪୩ | ବିଶ୍ୱନାଥ ଉଚ୍ଚ ବିଦ୍ୟାପୀଠ, କାଣ୍ଡଗରିଡି, ମା: ସମ୍ପାଦକ, ସା: କାଣ୍ଡଗରିଡି | ୩୮୯ | ଶାରଦ ଏକ | ଏ୦.୭୦ | ଏ୦.୨୦ |
| | | | ୩୮୭/ ୧୧୦୫ | ଶାରଦ ଏକ | ଏ୦.୦୫ | ଏ୦.୦୫ |
| ୪୪ | ୨୫୧/ ୧୫୦ | ମଧୁସୂଦନ ନାୟକ, ନିରଞ୍ଜନ ନାୟକ, ପି ; ଉମାକାନ୍ତ ନାୟକ, ଜା: ଖଣ୍ଡାୟତ, ବା: ମୁକୁନ୍ଦପୁର | ୯୩୨/ ୧୨୨୯ | ଶାରଦ ଦୁଇ | ଏ୦.୩୭ | ଏ୦.୩୫ |
| ୪୫ | ୨୫୧/ ୧୫୭ | ବିଦ୍ୟାସାଗର ରାଉଳ, ପି: ଆନନ୍ଦ ରାଉଳ, ଜା: ତନ୍ତି, ବା: ମୁକୁନ୍ଦପୁର | ୩୮୧/ ୧୨୬୬ | ଘରବାରି | ଏ୦.୧୦ | ଏ୦.୦୧ |
| | | | ୩୮୬ | ଶାରଦ ଏକ | ଏ୦.୦୯ | ଏ୦.୦୯ |
| ୪୬ | ୨୫୧/ ୧୫୯ | ଲକ୍ଷ୍ମଣ ରାଉଳ, ପି: ଶଙ୍କର ରାଉଳ, ଜା: ଖଣ୍ଡାୟତ, ବା: ବଉଳଗଡିଆ | ୩୨୨/ ୧୨୩୫ | ଶାରଦ ଏକ | ଏ୦.୦୩୯ | ଏ୦.୦୩୮ |
| | | | ୩୮୭/ ୧୨୩୬ | ଶାରଦ ଏକ | ଏ୦.୦୨୯ | ଏ୦.୦୨୯ |
| ୪୭ | ୨୫୧/ ୧୬୩ | ରମାକାନ୍ତ ରଣା, ପି: ଭିକାରୀ ରଣା, ଜା: କୁମ୍ଭାର, ବା: ନିଜଗାଁ | ୩୮୨/ ୧୨୩୭ | ଶାରଦ ଏକ | ଏ୦.୦୭ | ଏ୦.୦୭ |
| ୪୮ | ୨୫୧/ ୧୬୫ | ଶିବାନନ୍ଦ ବେହେରା, ପି: କୃଷ୍ଣଚନ୍ଦ୍ର ବେହେରା, ଜା: କୁମ୍ଭାର, ବା: ଚିନ୍ତାମଣିପୁର | ୩୨୨/ ୧୨୩୯ | ଶାରଦ ଏକ | ଏ୦.୦୬ | ଏ୦.୦୬ |
| ୪୯ | ୨୫୧/ ୧୭୪ | ଗଣନାଥ ଦାସ, ପି: ମାର୍କଣ୍ଡ ଦାସ, ଜା: ଖଣ୍ଡାୟତ, ବା: ମୁକୁନ୍ଦପୁର | ୬୯୮ | ଶାରଦ ଦୁଇ | ଏ୦.୧୬ | ଏ୦.୧୩ |
| ୫୦ | ୨୫୧/ ୧୮୫ | କୃଷ୍ଣ ବେହେରା, ପି: ବୈଦ୍ୟନାଥ ବେହେରା, ଜା: କୁମ୍ଭାର, ବା: ଚିନ୍ତାମଣିପୁର, କଣ୍ଟୁରୀ ବେହେରା, ପି: ବୈଦ୍ୟନାଥ ବେହେରା, ଜା: କୁମ୍ଭାର, ବା: ଚିନ୍ତାମଣିପୁର | ୩୨୨/ ୧୨୫୨ | ଶାରଦ ଏକ | ଏ୦.୧୦୫ | ଏ୦.୧୦୫ |
| | | | ୩୮୭/ ୧୨୫୩ | ଶାରଦ ଏକ | ଏ୦.୦୮ | ଏ୦.୦୮ |
| ୫୧ | ୨୫୧/ ୧୯୭ | ରାମଚନ୍ଦ୍ର ଦାସ, ଲକ୍ଷ୍ମଣ କୁମାର ଦାସ, ରବୀନ୍ଦ୍ର କୁମାର ଦାସ, ପି: ଗଙ୍ଗାଧର ଦାସ, ଜା: ଖଣ୍ଡାୟତ, ବା: ମକୁନ୍ଦପୁର | ୯୩୫/ ୧୨୬୫ | ଶାରଦ ଦୁଇ | ଏ୦.୧୩ | ଏ୦.୧୩ |
| ୫୨ | ୨୭୧ | ରାମଚନ୍ଦ୍ର କର, ପି: ଅପ୍ରତି କର, ଦୀନବନ୍ଧୁ କର, ପି: ବନମାଳୀ କର, ଜା: ବ୍ରାହ୍ମଣ, ବା: ନିଜଗାଁ, ରାମଚନ୍ଦ୍ର କର, ଅଂଶ ପକ୍ଷେ ବେ: ଖ : ସ୍ୱ: ଦ : ପଦ୍ମଲୋଚନ କର, ପି: ପୁରସ୍ତମ କର, ଜା: ବ୍ରାହ୍ମଣ, ବା: ନିଜଗାଁ ରେ: ଦ:ନଂ.- ୨୯୫୪, ତା୨୮।୦୭।୭୦ରିଖ ଜ: ଟ.୬୫୦୦/- | ୯୦୬ | ଶାରଦ ଏକ | ଏ୦.୩୯ | ଏ୦.୦୧ |
| | | ଗୋଚର ପ୍ରତିବଦଳ | | | | |
| ୫୩ | ୧୯୦ | ରାମଚନ୍ଦ୍ର ଦାସ, ପି: ବିଦ୍ୟାଧର ଦାସ, ଜା: ବ୍ରାହ୍ମଣ, ବା: ଦିବ୍ୟସିଂହପୁର ଶାସନ ସାମଲ ମୁକୁନ୍ଦପୁର | ୯୭୨ | ଶାରଦ ଦୁଇ | | ଏ୦.୦୬ |
| | | | | ମୋଟ | ଏ୨୧.୬୨୨ | ଏ୧୩.୫୫ |

24001/14/0241/1819

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୨୮/୨୦୧୮



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



# ବାଉରିଯୋର ପୋଲ ଉପରେ ୧୦ଫୁଟର ପାଣି

**ବୀରମହାରାଜପୁର, ୨୭।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ପିତାମହୁଲ ନିକଟ ବାଉରିଯୋର ପୋଲ ଉପରେ ୧୦ଫୁଟର ବନ୍ୟାପାଣି ପ୍ରବାହିତ ହେଉଛି। ଫଳରେ ସମ୍ପୃକ୍ତ ପତରେ ଚଳିତ ବର୍ଷ ୪ର୍ଥ ଥର ପାଇଁ ସଡକ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତ ୨ଦିନର ଲଗାଣ ବର୍ଷାରେ ତେଲନଦୀ ଓ ମହାନଦୀ ଫୁଲିଥିବାରୁ ବୀରମହାରାଜପୁର ପାର୍ଶ୍ୱରେ ପ୍ରବାହିତ ମହାନଦୀକୁ ପ୍ରବେଶ କରିଥିବା ଯୋର ଓ ନାଳଗୁଡିକରେ ପିଛିଲା ପାଣି ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏହା ପ୍ରଭାବରେ ବାଉରିଯୋର ପୋଲ ଉପରେ ରବିବାର ରାତିରୁ ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁ ବୀରମହାରାଜପୁର ଦେଇ ସୋନପୁର-ରେଢାଖୋଲ, ସୋନପୁର-ବୌଦ୍ଧ ଓ ସୋନପୁର-ଆଠମଲ୍ଲିକକୁ ସଡକ ପଥ ଅଚଳ ହୋଇପଡିଛି। ବାଉରୀଯୋରର ଉଭୟପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଛି। ଲୋକଙ୍କ ଗମନାଗମନ ସୁବିଧା ପାଇଁ ପଞ୍ଚାୟତ ପକ୍ଷରୁ ଦେଶୀଡଙ୍ଗାର ବ୍ୟବସ୍ଥା କରାଯାଇଥିବା ନେଇ ପିତାମହୁଲ ସରପଞ୍ଚ ସରୋଜ ବାରିକ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜନସାଧାରଣଙ୍କ. ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଯୋର ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଉଚ୍ଚ ସେତୁ ନିର୍ମାଣଧୀନ ରହିଛି। ତେବେ ଏହାର କାମ ସରିବାକୁ ଅନୂନ୍ୟ ୬ମାସ ସମୟ ଲାଗିବାର ସମ୍ଭାବନା ଥିବାରୁ ଆଗାମୀ ଦିନରେ ମଧ୍ୟ ଅନୁରୂପ ବ୍ୟତିକ୍ରମ ଘଟିବାର ଆଶଙ୍କା ରହିଛି।

- **ରେଢାଖୋଲ-ବୌଦ୍ଧ, ଆଠମଲ୍ଲିକ ସହ ଯୋଗାଯୋଗ ବିଚ୍ଛିନ୍ନ**
- **ଗମନାଗମନ ପାଇଁ ପଞ୍ଚାୟତ ପକ୍ଷରୁ ଦେଶୀଡଙ୍ଗା ବ୍ୟବସ୍ଥା**
- **ଚଳିତ ବର୍ଷ ୪ର୍ଥ ଥର ପାଇଁ ପ୍ରବାହିତ ହେଲା ବନ୍ୟାଜଳ**



ବାଉରିଯୋର ପୋଲ ଉପରେ ବଢି ପାଣି ପ୍ରବାହିତ ହେଉଥିବାରୁ ଲୋକେ ଡଙ୍ଗା ସାହାଯ୍ୟରେ ଯୋର ପାର ହେଉଛନ୍ତି ।

## ହାତୀ ନଦୀରେ ପଞ୍ଚମ ବନ୍ୟା
# ୫ ଶହ ହେକ୍ଟର ଚାଷଜମି ଜଳମଗ୍ନ

**ଜୁନାଗଡ,୨୭।୮(ଡି.ଏନ.ଏ.)**

ରବିବାର ଉପରମୁଣ୍ଡାରେ ପ୍ରବଳ ବର୍ଷା ଯୋଗୁ କଳାହାଣ୍ଡି ଜିଲା ଜୁନାଗଡ ସହର ନିକଟରେ ପ୍ରବାହିତ ହାତୀନଦୀରେ ସୋମବାର ସକାଳୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ଜୁଲାଇରୁ ଅଗଷ୍ଟ ମଧ୍ୟରେ ହାତୀ ନଦୀରେ ଏହା ପଞ୍ଚମ ଥର ପାଇଁ ବନ୍ୟା ହୋଇଛି। ହାତୀନଦୀରେ ବନ୍ୟା ଆସି ପ୍ରତିଥର ଭଳି ଏଥର ମଧ୍ୟ ତଳିଆ ଅଞ୍ଚଳରେ ଥିବା ଆଟିଗାଁ, ତଳମଲା, ଚିଙ୍ଗୁଡିସର, ଚିଟୈଗୁଡା ଆଦି ପଞ୍ଚାୟତର ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ଫଳରେ ଧାନ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ହାତୀନଦୀକୂଳରେ ଚାଷ କରୁଥିବା ଚାଷୀମାନେ ଇତିମଧ୍ୟରେ ୩ ଥର ଲେଖାଏଁ ଧାନ ବୁଣା, ରୁଆ କରିଥିଲେ ମଧ୍ୟ ବନ୍ୟା ସବୁ ଉଜାଡି ଦେଉଛି। ଫଳରେ ଚାଷୀଙ୍କ ମଧ୍ୟରେ ଏବେ ଦୁଃଖର ଛାଇ ଖେଳିଯାଇଛି। ବର୍ତ୍ତମାନ ଚାଷୀମାନେ ଏବେ କେବଳ ସରକାରୀ ସହାୟତାକୁ ଅନାଇ ରହିଛନ୍ତି। ସୋମବାର ହାତୀନଦୀ ବନ୍ୟାରେ ପ୍ରାୟ ୫ଶହ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଥିବା ଏକ ଆକଳନରୁ ଜଣାପଡିଛି। ବିଶେଷ କରି ହାତୀନଦୀକୂଳରେ ଥିବା ତଳମଲା ପଞ୍ଚାୟତ ତଳମଲା ସମେତ ସାହାଜକନା, ମସିଗାଁ ଆଟିଗାଁ ପଞ୍ଚାୟତ ଆଟିଗାଁ ସମେତ ମିଚାଗାଁ, ବାଗଡୋଙ୍ଗରୀ, ଚିଟୈଗୁଡା ପଞ୍ଚାୟତ ଚିଟୈଗୁଡା ସମେତ ଭେଜିପଦର, ଯମୁନାବାହାଲ, କୃଷ୍ଣଚନ୍ଦ୍ରପୁର, ଚିଙ୍ଗୁଡିସର ପଞ୍ଚାୟତ ଚିଙ୍ଗୁଡିସର ସମେତ ପାଣିଗାଁ, ଝାରବନ୍ଦ, ମୁର୍ଲାପଦର ଆଦି ଗ୍ରାମର ଚାଷଜମିଗୁଡିକ ଜଳମଗ୍ନ ହୋଇଥିବା ଜଣାପଡିଛି। ସେହିପରି ହାତୀନଦୀ-ଆଟିଗାଁ ପୂର୍ତ୍ତ ବିଭାଗ ରାସ୍ତା ମଧ୍ୟରେ ଥିବା ଚିଟୈଗୁଡା ନିକଟ ନାଳରେ ବନ୍ୟାପାଣି ପ୍ରବାହିତ ହେବାରୁ ଜୁନାଗଡକୁ ଯାତାୟାତ ଠପ୍ ହୋଇଛି। ଚିଟୈଗୁଡା, ଆଟିଗାଁ, ତଳମଲା ପଞ୍ଚାୟତର ଲୋକମାନେ ବୁଲି ଚିଟୈଗୁଡା ଓ ବଣ୍ଡାକୁତ୍ରା ଛକ ଦେଇ ଜୁନାଗଡକୁ ଯାତାୟାତ କରୁଛନ୍ତି।



ହାତୀନଦୀରେ ବନ୍ୟା ଯୋଗୁ ତଳମଲା ପଞ୍ଚାୟତର ଚାଷ ଜମି ଜଳମଗ୍ନ ହୋଇଛି।

# କାର୍-କଣ୍ଟେନର ମୁହାଁମୁହିଁ ଧକ୍କା: ପରିବାରର ୩ ମୃତ, ୨ ଗୁରୁତର

**ଛେଣ୍ଡିପଦା,୨୭।୮(ସ୍ୱ.ପ୍ର./ଡି.ଏନ.ଏ.)**

ଅନୁଗୋଳ ଜିଲା ଜରପଡା ଥାନା ପତିତପାବନ ମହାବିଦ୍ୟାଳୟଠାରୁ ତୁକୁଡା ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥର ବ୍ରାହ୍ମଣମୁଣ୍ଡା ଠାରେ ସୋମବାର ଏକ କାର୍‌କୁ କଣ୍ଟେନର ଧକ୍କା ଦେବାରୁ ଗୋଟିଏ ପରିବାରର ୩ଜଣ ପ୍ରାଣ ହରାଇଛନ୍ତି। ଏଥିସହ କାର୍‌ରେ ଥିବା ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ପୋଲିସ ସୂତ୍ରରୁ ପ୍ରକାଶ, କଟକ ଜିଲା ସାଲେପୁର ଅଞ୍ଚଳର ହେମନ୍ତ କୁମାର ପୃଷ୍ଟି(୨୫) ତାଙ୍କ ବାପା ଅଶୋକ କୁମାର ପୃଷ୍ଟି(୫୬), ମା' ସଂଯୁକ୍ତା ପୃଷ୍ଟି (୫୪), ସମ୍ପର୍କୀୟ ସୌରଭ ଲେଙ୍କା(୩୫), ଅନିତା ଲେଙ୍କା(୩୦) ଜଣେ ୫ ବର୍ଷର ଶିଶୁ ପୁତ୍ରଙ୍କ ସହ କାର୍ (ନଂ. ସିଜି-୧୦-ଏଫଏ ୬୫୦୧) ଯୋଗେ ଅନୁଗୋଳରୁ ବଇଣ୍ଡା ଦେଇ ଛତିଶଗଡ ଅଭିମୁଖେ ଯାଉଥିଲେ। ଅପରାହ୍ନ ପ୍ରାୟ ସାଢେ ୨ଟା ବେଳେ ବ୍ରାହ୍ମଣମୁଣ୍ଡାଠାରେ ବଇଣ୍ଡାରୁ ଅନୁଗୋଳ ଆଡକୁ ଆସୁଥିବା ଏକ କଣ୍ଟେନର( ନଂ. ଏମଏଚ୍-୦୪-ଏଚ୍‌ୱାଇ ୮୬୮୫) ସହ କାର୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ଜରପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ଅଶୋକ ଓ ହେମନ୍ତଙ୍କୁ ମୃତ ଘୋଷଣା କରିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ସଂଯୁକ୍ତାଙ୍କ ମୃତ୍ୟୁ ଘଟିଥିଲା। ଭୈରବ ଏବଂ ଅନିତା ଗୁରୁତର ଅଛନ୍ତି। ତେବେ ଶିଶୁପୁତ୍ରଟି ସୁସ୍ଥ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା କଣ୍ଟେନରର ଚାଳକଙ୍କୁ ଗିରଫ କରାଯାଇଛି।


# ଓଡ଼ିଶା ସରକାର
# ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

**File No. 457** **Dated 03.08.2018**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (Right to Fair Compensation and Transparency in Land Acquisitioni, Rehabilitation & Re-settlement Act. 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ, ସୁବର୍ଣ୍ଣପୁରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି **ମୌଜା- ଗରଜା, ଥାନା- ତରଭା, ନଂ.୮୫, ତହସିଲ- ତରଭା, ଜିଲ୍ଲା- ସୁବର୍ଣ୍ଣପୁର**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ଖୋର୍ଦ୍ଧା ରୋଡ, ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ପୂର୍ବତଟ ରେଳପଥଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act. 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୩୩୧୯, ତା୧୦।୧୦।୨୦୧୭ ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା- ଗରଜା, ଥାନା- ତରଭା, ନଂ.୮୫, ତହସିଲ- ତରଭା, ଜିଲ୍ଲା- ସୁବର୍ଣ୍ଣପୁର**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ କରାଯାଇ ନାହିଁ।

ଏହି ଘୋଷଣାନାମା ସହିତ ପ୍ରକଳ୍ପ କ୍ଷତିଗ୍ରସ୍ତ ଓ ବାସଚ୍ୟୁତ ପରିବାର ଉଦ୍ଦେଶ୍ୟରେ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖ ସମ୍ପର୍କେ କୌଣସି ତଥ୍ୟ ଆବଶ୍ୟକ ହେଉ ନାହିଁ। ଏଣୁ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଜିଲ୍ଲା ୱେବସାଇଟ୍‌ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ସୁବର୍ଣ୍ଣପୁର

### ତଫସିଲ - କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା- ସୁବର୍ଣ୍ଣପୁର** **ତହସିଲ- ତରଭା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଗରଜା** | **ଗ୍ରାମାଞ୍ଚଳ** | ଭୂମି ଅନୁସୂଚୀ ତାଲିକା ଏଥି ସହିତ ସଂଲଗ୍ନ ହୋଇଅଛି। | | | | | |

### ତଫସିଲ- ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା- ସୁବର୍ଣ୍ଣପୁର** **ତହସିଲ- ତରଭା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗରଜା | ଗ୍ରାମାଞ୍ଚଳ | ଉକ୍ତ ଗ୍ରାମରେ କୌଣସି ବିସ୍ଥାପିତ ପରିବାର ନାହାନ୍ତି। | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ସୁବର୍ଣ୍ଣପୁର

## ଭୂମି ଅନୁସୂଚୀ

**ମୌଜା- ଗରଜା** **ତହସିଲ- ତରଭା ନ.୦୩**
**ଥାନା- ତରଭା ନ.୮୫** **ଜିଲ୍ଲା- ସୋନପୁର**

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିକୃତ ରକବା | କିସମ | ପ୍ରକାର ନାମ ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୯ | ୧୩ | ୦.୭୬୦ | ୦.୭୬୦ | ଆଟ | ଅଭି ଗୁରୁ, ପି. ଚେରୁ ଗୁରୁ, ଜା. ଓଡିଆ, ବା.ତରଭା |
| ୧୪ | ୨୩୦ | ୦.୪୮୦ | ୦.୧୬୦ | ଆଟ | ଇନ୍ଦୁ ଭୂଷଣ ମେହେର, ପି. ସହଦେବ ମେହେର, ଜା. ଭୁଲିଆ, ବା. ତରଭା |
| ୧୭ | ୧୭ | ୦.୩୪୦ | ୦.୩୪୦ | ଆଟ | କପିଳ ନାଏକ, ପି.ସମ୍ପଦ ନାଏକ, ଜା. ଓଡିଆ, ବା. ନିଜଗାଁ |
| ୨୯ | ୬୭/୧୨୦ ୭ | ୦.୦୫୦ | ୦.୦୩୦ | ବାହାଲ ଅଣଜଳସେଚିତ | କୈଳାସ ମହାଲିଙ୍ଗ, ପି.ହାଡୁ ମହାଲିଙ୍ଗ, ଜା. କେଉଟ, ବା.ନିଜଗାଁ |
| ୩୦ | ୩୦୬ | ୨.୬୮୦ | ୦.୫୯୦ | ବାହାଲ ଜଳସେଚିତ-୧ ଫସଲି | କୌଶଲ୍ୟା ଦଳ ବେହେରା, ମୀନା ନାଏକ, ତନୟା ଗଡତିଆ, କୁନି ନାଏକ, ପି. ପରମେଶ୍ୱର ଗଡତିଆ, ବ୍ରଜେଶ୍ୱରୀ ଗଡତିଆ, ସ୍ୱା. ପରମେଶ୍ୱର ଗଡତିଆ, ଜା.ଓଡିଆ, ବା. ନିଜଗାଁ |
| ୩୧ | ୧୮<br>୨୭ | ୦.୪୩୦<br>୦.୧୩୦ | ୦.୪୩୦<br>୦.୦୩୦ | ଆଟ<br>ଆଟ | କୌଶଲ୍ୟା ଦଳ ବେହେରା, ପି. ପରମେଶ୍ୱର ଗଡତିଆ, ମୀନା ନାଏକ, ପି. ପରମେଶ୍ୱର ଗଡତିଆ, ତନୟା ଗଡତିଆ, କୁନି ନାଏକ, ପି. ପରମେଶ୍ୱର ଗଡତିଆ, ରାଜେଶ୍ୱରୀ ଗଡତିଆ, ସ୍ୱା. ପରମେଶ୍ୱର ଗଡତିଆ, ବ୍ରଜେଶ୍ୱରୀ ଗଡତିଆ, ସ୍ୱା. ପରମେଶ୍ୱର ଗଡତିଆ, ଠଣ ସୁଂଦର ଗଡତିଆ, ସତ୍ୟ ନାରାୟଣ ଗଡତିଆ, ପି. ଯୁଧିଷ୍ଠିର ଗଡତିଆ, ଧନୀ ନାଏକ, ପି. ଯୁଧିଷ୍ଠିର ନାଏକ, ଜା. ଓଡିଆ, ବା. ନିଜଗାଁ |
| ୩୩ | ୨୬୮ | ୦.୨୦୦ | ୦.୧୬୦ | ବାହାଲ ଜଳସେଚିତ-୧ ଫସଲି | ଖେଡୁ ମହାଲିଙ୍ଗ, ପି. ଚୌଧୁରୀ ମହାଲିଙ୍ଗ, ଜା. କେଉଟ, ବା. ନିଜଗାଁ |
| ୩୪ | ୬୦<br>୬୧ | ୦.୩୮୦<br>୦.୯୦୦ | ୦.୩୮୦୦<br>୯୦୦ | ବାହାଲ ଅଣଜଳସେଚିତ ବାହାଲ ଜଳସେଚିତ-୧ ଫସଲି | ଗଙ୍ଗାଧର ବାରିକ, ପି. ରଘୁ ବାରିକ, ଜା. ଗଣ୍ଡା, ବା. ନିଜଗାଁ |
| ୫୦ | ୨୪୧<br>୨୪୯ | ୦.୨୨୦<br>୦.୨୨୦ | ୦.୨୨୦<br>୦.୨୨୦ | ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି | ଗୁଲକ ଦ୍ୱାରି, ପି. ଯୁମେଷ୍ଟି ଦ୍ୱାରି, ଜା. ଓଡିଆ, ବ. ନିଜଗାଁ |
| ୬୬ | ୨୪୬ | ୦.୩୨୦ | ୦.୨୮୦ | ବାହାଲ ଜଳସେଚିତ-୧ ଫସଲି | ଜଗନ୍ନାଥ ମହାଲିଙ୍ଗ, ପି. ନଟ ମହାଲିଙ୍ଗ, ଜା. କେଉଟ, ବା. ନିଜଗାଁ |
| ୬୮ | ୧୨<br>୧୬<br>୫୭ | ୦.୧୩୦<br>୦.୩୪୦<br>୦.୦୫୦ | ୦.୧୩୦<br>୦.୨୩୦<br>୦.୦୫୦ | ଆଟ<br>ଆଟ<br>ପତିତ | ଜନ୍ମ ଦ୍ୱାରି, ଗରିବ ଦ୍ୱାରି, ଶାନ୍ତି ଦ୍ୱାରି, ଛେଦ ଦ୍ୱାରି, ପି. ଅନୁ ଦ୍ୱାରି, ଜା. ଓଡିଆ, ବା. ନିଜଗାଁ |
| ୭୪ | ୬୬ | ୦.୨୫୦ | ୦.୦୪୦ | ବାହାଲ ଜଳସେଚିତ-୧ ଫସଲି | ଯୁବରାଜ ଦ୍ୱାରି, ରୂପେଇ ଦ୍ୱାରି, ବିଶାଖା ଦ୍ୱାରି, ପି. ରଣଜିତ ଦ୍ୱାରି, ନୀଳା ଦ୍ୱାରି, ସ୍ୱା. ରଣଜିତ ଦ୍ୱାରି, ଜା. ଓଡିଆ, ବା. ନିଜଗାଁ |
| ୭୬ | ୨୫ | ୦.୩୨୦ | ୦.୦୯୦ | ଆଟ | ଯୁବରାଜ ଦ୍ୱାରି, ରୂପେଇ ଦ୍ୱାରି, ବିଶାଖା ଦ୍ୱାରି, ପି. ରଣଜିତ ଦ୍ୱାରି, ନୀଳା ଦ୍ୱାରି, ସ୍ୱା. ରଣଜିତ ଦ୍ୱାରି, ରାମେଶ୍ୱର ଦ୍ୱାରି, ପି. ଯଦୁ ଦ୍ୱାରି, ମହାଦେବ ଦ୍ୱାରି, ପି. ଅଙ୍ଗଦ ଦ୍ୱାରି, ଗଜପତି ଦ୍ୱାରି, ନୀଳାଦ୍ରି ଦ୍ୱାରି, କଳଦାର ଦ୍ୱାରି, ପି. ଜୟୀ ଦ୍ୱାରି, ଡମନ ଦଳ ବେହେରା, ପି. ଚକ୍ର ଦଳ ବେହେରା, ଜା. ଓଡିଆ, ବା. ନିଜଗାଁ |
| ୮୦ | ୨୩୬<br>୨୫୪ | ୦.୧୭୦<br>୦.୨୫୦ | ୦.୦୫୦<br>୦.୦୨୦ | ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି | ଟିକେସନ ଦ୍ୱାରି, ପି. ସପ୍ନ ଦ୍ୱାରି, ଜା. ଓଡିଆ, ବା. ନିଜଗାଁ |
| ୮୨ | ୨୩୫<br>୨୪୨<br>୨୫୦<br>୨୬୭<br>୨୬୯ | ୦.୨୧୦<br>୦.୨୧୦<br>୦.୪୮୦<br>୦.୧୬୦<br>୦.୬୦୦ | ୦.୦୮୦<br>୦.୨୧୦<br>୦.୪୪୦<br>୦.୦୮୦<br>୦.୧୮୦ | ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି | ଟିକେଲାଲ ଦ୍ୱାରି, ଯୁଗର ଦ୍ୱାରି, ସରୋଜିନୀ ଦ୍ୱାରି, ଗୁବିପୁଂଲ ଦ୍ୱାରି, ପି. ଧନୁ ଦ୍ୱାରି, ଜା. ଓଡିଆ, ବା. ନିଜଗାଁ |
| ୮୩ | ୩୦୪ | ୨.୨୧୦ | ୦.୦୫୦ | ବାହାଲ ଜଳସେଚିତ-୧ ଫସଲି | ଠଣ ସୁଂଦର ଗଡତିଆ, ପି. ଯୁଧିଷ୍ଠିର ଗଡତିଆ, ଜା. ଓଡିଆ, ବା. ନିଜଗାଁ |
| ୯୧ | ୬୨ | ୧.୦୦୦ | ୧.୦୦୦ | ବାହାଲ ଜଳସେଚିତ-୧ ଫସଲି | ଦନାର ଗଣ୍ଡା, ପି. ସାଗର ଗଣ୍ଡା, ଜା. ଗଣ୍ଡା, ବା. ନିଜଗାଁ |
| ୯୨ | ୬୯ | ୦.୭୦୦ | ୦.୫୩୦ | ବାହାଲ ଅଣଜଳସେଚିତ | ଦନାର ଗଣ୍ଡା, ପି. ସାଗର ଗଣ୍ଡା, ଗଙ୍ଗାଧର ବାରିକ, ପି. ରଘୁ ବାରିକ, ଜା. ଗଣ୍ଡା, ବା. ନିଜଗାଁ |
| ୧୦୧ | ୨୩୩ | ୦.୧୦୦ | ୦.୦୨୦ | ଆଟ | ଦେବେନ୍ଦ୍ର ଦଳ ବେହେରା, ପି. ରାମ ଦଳ ବେହେରା, ଜା. ଓଡିଆ, ବା- ନିଜଗାଁ |
| ୧୦୩ | ୨୨୯<br>୨୩୨<br>୨୪୭<br>୨୫୫ | ୦.୧୦୦<br>୧.୦୦୦<br>୦.୨୬୦<br>୦.୩୪୦ | ୦.୧୦୦<br>୧.୦୦୦<br>୦.୦୭୦<br>୦.୧୧୦ | ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି | ନଟ ମହାଲିଙ୍ଗ, ପି. ଜୀବନ ମହାଲିଙ୍ଗ, ଜା. କେଉଟ, ବା. ନିଜଗାଁ |
| ୧୨୧ | ୬୫<br>୨୫୬ | ୦.୫୧୦<br>୦.୩୨୦ | ୦.୫୧୦<br>୦.୦୨୦ | ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି | ପ୍ରସନ୍ନ ମହାଲିଙ୍ଗ, ଦ୍ରୌପଦୀ ମହାଲିଙ୍ଗ, ବେଢି ମହାଲିଙ୍ଗ, ପି. ପାଣ୍ଡବ ମହାଲିଙ୍ଗ, ଭାକଡ ମହାଲିଙ୍ଗ, ନକୁଳ ମହାନଂଦ, ରେଂଗା ମହାଲିଙ୍ଗ, ପି. ବୈରାଗୀ ମହାଲିଙ୍ଗ, ଜା. କେଉଟ, ବା. ନିଜଗାଁ |
| ୧୨୭ | ୫୬ | ୦.୦୭୦ | ୦.୦୭୦ | ପତିତ | ପୁରସ୍ତମ ପୋଢ, ପି. ଶ୍ରୀଧର ପୋଢ, କ୍ଷମାନିଧି ପୋଢ, ପି. ଗଙ୍ଗାଧର ପୋଢ, ଜା. ଗଉଡ, ବା. ପଂଟାମୁଣ୍ଡା |
| ୧୩୨ | ୨୬ | ୦.୪୦୦ | ୦.୧୧୦ | ଆଟ | ବ୍ରଜମୋହନ ସାହୁ, ପି. ଘାସିରାମ ସାହୁ, ଜା. କଂସାରୀ, ବା. ତରଭା |
| ୧୪୨ | ୫୨<br>୫୪<br>୫୫<br>୫୯ | ୦.୩୦୦<br>୦.୧୨୦<br>୦.୧୫୦<br>୧.୫୪୦ | ୦.୨୫୦<br>୦.୧୨୦<br>୦.୧୫୦<br>୦.୫୪୦ | ବାହାଲ ଅଣଜଳସେଚିତ<br>ଆଟ<br>ଆଟ<br>ବାହାଲ ଜଳସେଚିତ-୧ ଫସଲି | ବିନୋଦ ବିହାରି ଠାକୁର, ପି. ଭିକାରୀ ଠାକୁର, ଜା. ରାଜପୁତ, ବା. ତରଭା |
| ୧୪୬ | ୫୩ | ୦.୦୪୦ | ୦.୦୪୦ | ପତିତ | ବିଷ୍ଣୁଚରଣ ଗଡତିଆ, ବିରଞ୍ଚି ଗଡତିଆ, ରାଶି ଗଡତିଆ, ଉର୍ମୁଳା ଗଡତିଆ, ପରିମଳ ଗଡତିଆ, ପି. ଦଶରଥ ଗଡତିଆ, ଜା. ଓଡିଆ, ବା. ନିଜଗାଁ |
| ୧୪୯ | ୬୪ | ୦.୫୪୦ | ୦.୫୪୦ | ବାହାଲ ଅଣଜଳସେଚିତ | ବୃନ୍ଦାବନ ମହାଲିଙ୍ଗ, ରାମ ପ୍ରସାଦ ମହାଲିଙ୍ଗ, ପି. ମୁରଲୀ ମହାଲିଙ୍ଗ, ଜା. କେଉଟ, ବା. ନିଜଗାଁ |
| ୧୬୦ | ୨୨୮ | ୦.୫୦ | ୦.୧୨୦ | ବାହାଲ ଜଳସେଚିତ-୧ ଫସଲି | ଭଗବାନ ଦଳ ବେହେରା, ସଂଯୁକ୍ତା ଦଳ ବେହେରା, ପି. ଅରକ୍ଷିଆ ଦଳ ବେହେରା, ଜା. ଓଡିଆ, ବା. ନିଜଗାଁ |
| ୧୮୩ | ୨୭୪ | ୦.୭୦୦ | ୦.୦୨୦ | ବାହାଲ ଜଳସେଚିତ-୧ ଫସଲି | ରାଧା ଚରଣ ଦ୍ୱାରି, ବେଣୁ ଦ୍ୱାରି, ପଦ୍ମା ଦ୍ୱାରି, ସ୍ୱା. ବେଣୁ ଦ୍ୱାରି, ଜା.ପଣ୍ଡରାମାଳି, ବା. ନିଜଗାଁ |
| ୧୮୭ | ୧୯ | ୦.୩୭୦ | ୦.୧୫୦ | ଆଟ | ରାଧା ମୋହନ ନାଏକ, ରାଧା ଗୋବିନ୍ଦ ନାଏକ, ଆହ୍ଲାଦିତ ନାଏକ, କୁମୁଦିନୀ ନାଏକ, ଲବାନ ନାଏକ, ଚାହା ନାଏକ, ପି. ଈଶ୍ୱର ନାଏକ, କୁମତି ନାଏକ, ଲକ୍ଷ୍ମୀ ନାଏକ, ପି. ଅନିରୁଧ ନାଏକ, ଜା. ଓଡିଆ, ବା. ନିଜଗାଁ |
| ୧୯୩ | ୧୧ | ୦.୯୨୦ | ୦.୫୭୦ | ବାହାଲ ଜଳସେଚିତ-୧ ଫସଲି | ରାମକୃଷ୍ଣ ଦ୍ୱାରି, ସନପୁରେନ ନାଏକ, ପି. ନକୁଳ ଦ୍ୱାରି, ସରବେଢି ଦ୍ୱାରି, ପି. ନକୁଳ ଦ୍ୱାରି, ଜନକ ଦ୍ୱାରି, ସ୍ୱା. ନକୁଳ ଦ୍ୱାରି, ଭୀମ ଦ୍ୱାରି, ଅର୍ଜୁନ ଦ୍ୱାରି, ପାଣ୍ଡବ ଦ୍ୱାରି, ବାମଦେବ ଦ୍ୱାରି, ପି. ଦ୍ୱାରିକ ଦ୍ୱାରି, ସୁକେଶି ନାଏକ, ପି. ଦ୍ୱାରିକା ଦ୍ୱାରି, ବିଦେଶୀ ନାଏକ, ପି. ଦ୍ୱାରିକା ଦ୍ୱାରି, ଜା. ଓଡିଆ, ବା. ନିଜଗାଁ |
| ୨୦୭ | ୨୩୪<br>୨୪୩<br>୨୪୪<br>୨୫୩ | ୦.୨୨୦<br>୦.୧୮୦<br>୦.୭୮୦<br>୦.୧୭୦ | ୦.୧୦୦<br>୦.୧୫୦<br>୦.୩୯୦<br>୦.୦୨୦ | ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି<br>ବାହାଲ ଜଳସେଚିତ-୧ ଫସଲି<br>ମାଳ ଅଣଜଳସେଚିତ | ଲତା ନାଏକ, ପି. କାହ୍ନୁ ଦ୍ୱାରି, ଚମ୍ପା ଦ୍ୱାରି, ପି. କାହ୍ନୁ ଦ୍ୱାରି, ଜା. ଓଡିଆ, ବା. ନିଜଗାଁ |
| ୨୦୯ | ୨୩୭ | ୦.୪୧୦ | ୦.୪୧୦ | ବାହାଲ ଜଳସେଚିତ-୧ ଫସଲି | ଲୁହାବୀର ନାଏକ, ପି. ଗରୁଡଧ୍ୱଜ ନାଏକ, ଜା. ଓଡିଆ, ବା. ନିଜଗାଁ |
| ୨୧୩ | ୧୪<br>୩୦୫ | ୦.୪୩୦<br>୨.୧୦୦ | ୦.୪୦୦<br>୦.୧୬୦ | ଆଟ ବାହାଲ ଜଳସେଚିତ-୧ ଫସଲି | ସତ୍ୟ ନାରାୟଣ ଗଡତିଆ, ପି. ଯୁଧିଷ୍ଠିର ଗଡତିଆ, ଜା. ଓଡିଆ, ବା. ନିଜଗାଁ |
| ୨୩୩ | ୧୯୦ | ୦.୭୪୦ | ୦.୪୦୦ | ବାହାଲ ଜଳସେଚିତ-୧ ଫସଲି | ସୁବାସ ଦ୍ୱାରି, ସ୍ୱା. ରାମ ଦ୍ୱାରି, ଜା. ଓଡିଆ, ବା. ନିଜଗାଁ |
| ୨୩୪ | ୨୨୭ | ୦.୩୫୦ | ୦.୦୩୦ | ବାହାଲ ଜଳସେଚିତ-୧ ଫସଲି | ସୁବାସ ଦଳବେହେରା, ପି. ମକରଧ୍ୱଜ ଦଳବେହେରା, ଜା. ଓଡିଆ, ବା. ନିଜଗାଁ |
| ୨୩୯ | ୨୪୭/୧୧୮୯<br>୬୩<br>୬୮ | ୦.୧୯୦<br>୦.୬୦୦<br>୦.୧୬୦ | ୦.୧୯୦<br>୦.୬୦୦<br>୦.୦୭୦ | ମାଳ ଅଣଜଳସେଚିତ ବାହାଲ ଜଳସେଚିତ-୧ ଫସଲି ବାହାଲ ଜଳସେଚିତ-୧ ଫସଲି | ହାଡୁ ମହାଲିଙ୍ଗ, ଖେଡୁ ମହାଲିଙ୍ଗ, ଗୁଣ ମହାଲିଙ୍ଗ, ସାଗର ମହାଲିଙ୍ଗ, ଶପ୍ତ ଶିଳା ମହାଲିଙ୍ଗ, ପି. ଚୌଧୁରୀ ମହାଲିଙ୍ଗ, ଗୁଗୁନ ମହାଲିଙ୍ଗ, ସ୍ୱା. ଚୌଧୁରୀ ମହାଲିଙ୍ଗ, ଜା. କେଉଟ, ବା. ନିଜଗାଁ |
| ୨୪୬ / ୧୯ | ୨୪୫ / ୧୨୩୫ | ୦.୪୮୦ | ୦.୧୫୦ | ମାଳ ଅଣଜଳସେଚିତ | ହୃଷୀକେଶ ନାଏକ, ପି. ବିଦ୍ୟାଧର ନାଏକ, ଜା. ଓଡିଆ, ବା. ରଂଗପୁତ୍ର |
| | **ମୋଟ** | **୨୯.୨୮୦** | **୧୫.୨୬୦** | | |

# ନୀନା, ସୁଧା, ଧରୁନଙ୍କୁ ରୌପ୍ୟ

**ଜାକର୍ତ୍ତା, ୨୭।୮(ପି.ଟି.)**

ଏସିଆନ ଗେମ୍ସରେ ଭାରତୀୟ ପ୍ରତିଯୋଗୀମାନେ ସୋମବାର ଭଲ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛନ୍ତି। ନୀରଜ ଚୋପ୍ରା ପୁରୁଷ ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ମହିଳା ଲଙ୍ଗଜମ୍ପରେ ନୀନା ଭାରାକିଲ, ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ସୁଧା ସିଂ ଓ ପୁରୁଷ ୪୦୦ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି। ପି.ଭି. ସିନ୍ଧୁ ମହିଳା ବ୍ୟାଡ୍‌ମିଣ୍ଟନର ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି ଅପେକ୍ଷାରେ ଥିବାବେଳେ ସାଇନା ନେହ୍ୱାଲ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଫଳରେ ସୋମବାର ଶେଷସୁଦ୍ଧା ଭାରତ ୮ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୨୦ ବ୍ରୋଞ୍ଜ ପଦକ ସହ ପଦକ ତାଲିକାର ୯ମ ସ୍ଥାନ ଅଧିକାର କରିଛି।

ଆଥଲେଟିକ୍ସ ଇଭେଣ୍ଟର ମହିଳା ଲଙ୍ଗଜମ୍ପରେ ନୀନା ପ୍ରଭାବୀ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ଉଦ୍ୟମରେ ୬.୪୧, ଦ୍ୱିତୀୟରେ ୬.୪୦, ତୃତୀୟରେ ୬.୫୦ ମିଟର ଡେଇଁଥିବା ନୀନାଙ୍କ ପାଇଁ ୪ର୍ଥ ଉଦ୍ୟମରେ ୬.୫୧ ମିଟର ହିଁ ରୌପ୍ୟ ପଦକ ପ୍ରଦାନ କରିଥିଲା। ପରବର୍ତ୍ତୀ ୨ ଉଦ୍ୟମରେ ସେ ଯଥାକ୍ରମେ ୬.୪୬ ଓ ୬.୫୦ ମିଟର ଡେଇଁବାକୁ ସକ୍ଷମ ହୋଇଥିଲେ। ଭିଏତନାମର ଥି ଥୁ ଥାଓ ବୁଇ ୬.୫୫ ମିଟର ସହ ସ୍ୱର୍ଣ୍ଣ ଏବଂ ଚାଇନାର ଜିଆଓଲିଙ୍ଗ ଜୁ ୬.୫୦ ମିଟର ସହିତ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ଜେମ୍ସ ନୈନା ୬.୧୪ ମିଟର ଡେଇଁ ୧୦ମ ସ୍ଥାନରେ ରହିଥିଲେ। ସେ ମାତ୍ର ୨ ଥର ଠିକ୍‌ଭାବେ ଜମ୍ପ କରିପାରିଥିଲେ।



ରୌପ୍ୟ ବିଜୟିନୀ ଲଙ୍ଗଜମ୍ପର ନୀନା ଭାରାକିଲ।



ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ରୌପ୍ୟ ପଦକ ଜିତିଥିବା ସୁଧା ସିଂ (ଧଳା ଜର୍ସି)।

## ୩୦୦୦ ମିଟର ଷ୍ଟିପଲ ଚେଜ୍

ଭେଟେରାନ ଭାରତୀୟ ଲଙ୍ଗ ଡିଷ୍ଟାନ୍ସ ରନର ସୁଧା ସିଂ ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୯ ମିନିଟ ୪୦.୦୩ ସେକେଣ୍ଡ ସମୟ ନେଇ କ୍ୟାରିୟରର ଦ୍ୱିତୀୟ ଏସିଆନ ଗେମ୍ସ ପଦକ ହାସଲ କରିଥିଲେ। ବାହାରିନର ୱିନଫ୍ରେଡ୍ ଜାଭି ୯:୩୬.୫୨ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଭିଏତନାମର ଥି ଓନାହ ନାଗୁଏନ ୯:୪୩.୮୩ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୦୧୦ ଏସିଆନ ଗେମ୍ସରେ ମହିଳା ଷ୍ଟିପଲ ଚେଜ୍ ଇଭେଣ୍ଟକୁ ସାମିଲ କରାଯାଇଥିଲା। ଏହି ପ୍ରଥମ ସଂସ୍କରଣରେ ହିଁ ୩୨ ବର୍ଷୀୟା ସୁଧା ସ୍ୱର୍ଣ୍ଣ ପଦକ ଜିତିଥିଲେ। ସୁଧାଙ୍କର କ୍ୟାରିୟର ଶ୍ରେଷ୍ଠ ଟାଇମିଂ ହେଉଛି ୯:୨୬.୫୫ ସେକେଣ୍ଡ। ଗତ ଜୁନ୍‌ରେ ଅନୁଷ୍ଠିତ ଜାତୀୟ ଆନ୍ତଃ-ରାଜ୍ୟ ଚାମ୍ପିୟନଶିପ୍‌ରେ ସେ ସିଜନଶ୍ରେଷ୍ଠ ୯:୩୯.୫୯ ସେକେଣ୍ଡ ସମୟ ନେଇଥିଲେ।

## ପୁରୁଷ ୪୦୦ ମିଟର ହର୍ଡଲ୍ସ

ପୁରୁଷ ୪୦୦ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି ଭାରତର ଧରୁନ ଆୟାସାମି। ଏହି ଅବସରରେ ସେ ନିଜ ଜାତୀୟ ରେକର୍ଡ ଟାଇମିଂରେ ମଧ୍ୟ ଉନ୍ନତି ଆଣିଛନ୍ତି। ଧରୁନ ୪୮.୯୬ ସେକେଣ୍ଡ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ



ଧରୁନ ଆୟାସାମି

କାତାରର ଆବଡେରାହମାନ ସାମ୍ବା ୪୭.୬୬ ସେକେଣ୍ଡ ସମୟ ନେଇ ଗେମ୍ସ ରେକର୍ଡ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜାପାନର ଆମେ ତାକାତୋଶି ୪୯.୧୨ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଥିଲେ। ଗତ ମାର୍ଚ୍ଚରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ଧରୁନ ୪୯.୪୫ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ୨୧ ବର୍ଷୀୟ ଏହି ତାମିଲନାଡୁ ଆଥଲେଟ୍ ୩୦୦ ମିଟର ଶେଷ ବେଳକୁ ୪ର୍ଥ ସ୍ଥାନରେ ରହିଥିଲେ। ମାତ୍ର ଅନ୍ତିମ ୧୦୦ ମିଟରରେ ସେ ଚମତ୍କାର ପ୍ରଦର୍ଶନ କରି କ୍ୟାରିୟର ଶ୍ରେଷ୍ଠ ଟାଇମିଂ ପାଇଥିଲେ। ୨୦୧୦ ପରେ ପୁରୁଷ ୪୦୦ ମିଟର ହର୍ଡଲ୍ସରେ ଭାରତର ଏହାଥିଲା ପ୍ରଥମ ପଦକ। ସେତେବେଳେ ଯୋଶେଫ ଆବ୍ରାହମ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ଦୂତୀଙ୍କୁ ଦେଢ଼ କୋଟିର ପୁରସ୍କାର ରାଶି

**ଭୁବନେଶ୍ୱର, ୨୭।୮(ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଥିବା ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଦେଢ଼ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଘୋଷଣା କରିଛନ୍ତି। ଦୀର୍ଘ ୨୦ ବର୍ଷ ପରେ ପ୍ରଥମ ଭାରତୀୟ ମହିଳା ଭାବେ ଦୂତୀ ୧୦୦ ମିଟର ଦୌଡ଼ ଇଭେଣ୍ଟରେ ପଦକ ଜିତିଛନ୍ତି। ଏହି ସଫଳତା ପାଇଁ ଦେଶର ଦ୍ରୁତତମ ଧାବିକାଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ବର୍ତ୍ତମାନ ଦ୍ରୁତତମ ଧାବିକା ଓ ଧାବକ ଓଡ଼ିଶାର ହୋଇଥିବାରୁ ରାଜ୍ୟ ସରକାର ଆଥ୍ଲେଟିକ୍ସକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଆଥ୍ଲେଟ୍‌ଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଗତବର୍ଷ ଏସିଆନ୍ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରିଥିଲେ। ଏବେ ରାଜ୍ୟରେ ପ୍ରଥମ ହାଇପରଫର୍ମାନ୍ସ ଆଥ୍ଲେଟିକ୍ସ ଏକାଡେମୀ ଖୋଲିବା ଯୋଜନା ଚାଲିଛି। ଉଲ୍ଲେଖଥାଉ କି, ଏଥିପୂର୍ବରୁ ଓଡ଼ିଶାର ପୂର୍ବତନ ଧାବିକା ରଚିତା ପଣ୍ଡା ୧୯୯୮ ଏସିଆନ୍ ଗେମ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ।

## ପୂର୍ଣ୍ଣିମାଙ୍କ ହେପ୍‌ଟାଥଲନ ଆଜିଠାରୁ

**ଭୁବନେଶ୍ୱର, ୨୭।୮ (କ୍ରୀଡ଼ା ପ୍ରତିନିଧି):** ଚଳିତ ଏସିଆନ ଗେମ୍ସର ମହିଳା ୧୦୦ ମିଟର ରେସ୍‌ରେ ରୌପ୍ୟ ପଦକ ଜିତି ଭାରତ ଓ ଓଡ଼ିଶାକୁ ଗର୍ବିତ କରିଥିବା ଦୂତୀ ଚାନ୍ଦ ମଙ୍ଗଳବାର ୨୦୦ ମିଟର ଇଭେଣ୍ଟରେ ଅବତୀର୍ଣ୍ଣ ହେବେ। ମହିଳା ୨୦୦ ମିଟର ଯୋଗ୍ୟତା ପର୍ଯ୍ୟାୟରେ ଦୂତୀ ହିଟ୍ ନମ୍ବର ୪ରେ ଦୌଡ଼ିବେ। ପ୍ରତି ହିଟ୍‌ରେ ୮ ଜଣ ଲେଖାଏ ଅର୍ଥାତ୍ ମୋଟ ୩୨ ପ୍ରତିଯୋଗୀ ୨୦୦ ମିଟର ଇଭେଣ୍ଟରେ ଭାଗ ନେଉଛନ୍ତି। ହିଟ୍‌ରେ ଆଶାନୁରୂପ ପ୍ରଦର୍ଶନ ଦେଇ ପାରିଲେ ଦୂତୀ ସନ୍ଧ୍ୟାରେ ଏହି ଇଭେଣ୍ଟର ସେମିଫାଇନାଲରେ ଅବତୀର୍ଣ୍ଣ ହେବେ। ବୁଧବାର ୨୦୦ ମିଟର ଫାଇନାଲ ଅନୁଷ୍ଠିତ ହେବ। ସେହିପରି ୭ ଇଭେଣ୍ଟ ବିଶିଷ୍ଟ ହେପ୍‌ଟାଥଲନରେ ପୂର୍ଣ୍ଣିମା ମଙ୍ଗଳବାର ୪ଟି ଇଭେଣ୍ଟରେ ଭାଗନେବେ। ଏହି ଇଭେଣ୍ଟ ଗୁଡ଼ିକ ହେଲା ୧୦୦ ମିଟର ରେସ୍, ହାଇଜମ୍ପ, ଶଟ୍‌ପୁଟ ଓ ୨୦୦ ମିଟର ରେସ୍। ବୁଧବାର ଲଙ୍ଗଜମ୍ପ, ଜାଭେଲିନ ଥ୍ରୋ ଓ ୮୦୦ ମିଟର ଇଭେଣ୍ଟ ଆୟୋଜନ ହେବ।

## ୪୦୦ ମିଟର ହର୍ଡଲ୍ସ: ଜଉନାଙ୍କୁ ୫ମ ସ୍ଥାନ

**ଭୁବନେଶ୍ୱର, ୨୭।୮ (କ୍ରୀଡ଼ା ପ୍ରତିନିଧି):** ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ୪୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ଜଉନା ମୁର୍ମୁ ୫ମ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛନ୍ତି। ହିଟ୍‌ରେ ଆକର୍ଷଣୀୟ ପ୍ରଦର୍ଶନ କରି ଫାଇନାଲକୁ ଉନ୍ନୀତ ହୋଇଥିବା ଜଉନା ସୋମବାର ଅନୁଷ୍ଠିତ ହର୍ଡଲ୍ସ ରେସ୍‌ରେ ୫୭.୪୮ ସେକେଣ୍ଡ ସମୟ ନେଇ ଚାଇନାର ୟାଙ୍ଗ ହୁଆନଙ୍କ ସହ ଯୁଗ୍ମଭାବେ ୫ମ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ଅନୁ ରାଘବନ ୫୬.୯୨ ସେକେଣ୍ଡ ସହ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ବାହାରିନର ଆଡେକୋୟା ଓଲୁୱାକେମି ୫୪.୪୮ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ, ଭିଏତନାମର କ୍ୱାଚ୍ ଥି ଲାନ୍ (୫୫.୩୦) ରୌପ୍ୟ ଓ ବାହାରିନର ଜମଲ ଅମିନାତ (୫୫.୬୫) ବ୍ରୋଞ୍ଜ ପଦକ ପାଇଛନ୍ତି।

# ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ

**ଜାକର୍ତ୍ତା, ୨୭।୮(ପି.ଟି.)**

ଏସିଆନ ଗେମ୍ସ ପାଇଁ ଇଣ୍ଡୋନେସିଆର ଟ୍ରାଫିକ୍ ସମସ୍ୟାରେ ସୁଧାର ଅଣାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ଦୃଢ଼ତାର ସହ ଘୋଷଣା କରାଯାଇଥିଲା। ମାତ୍ର ଯଥେଷ୍ଟ ଆନ୍ତରିକତା ଅଭାବରୁ ଏ ଦିଗରେ ସେମାନେ ସଫଳ ହୋଇପାରି ନ ଥିବା କୁହାଯାଉଛି। ପ୍ରଦୂଷଣର ମାତ୍ରା ନିରାପଦ ମାନଠାରୁ ନିମ୍ନରେ ରହିଛି। ସ୍ଥାନୀୟ କର୍ତ୍ତୃପକ୍ଷ ନିୟମକୁ ଠିକଣା ରୂପେ କାର୍ଯ୍ୟକାରୀ କରିପାରିନାହାନ୍ତି। ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ବିଶେଷକରି ନିର୍ଦ୍ଦିଷ୍ଟ ଦିବସ(ଭିଡ଼ ସମୟ ସକାଳ ୬ରୁ ରାତି ୯)ରେ ଅଡ୍ ନମ୍ବର ବିଶିଷ୍ଟ ଗାଡ଼ିଗୁଡ଼ିକ ସେମାନଙ୍କ କାର୍ଡ ସହିତ ଯାତାୟାତ ଲାଗି ବ୍ୟବସ୍ଥା କରାଯାଇଥିଲା। ଏହି ନିୟମ କେବଳ ମହାନଗରର କେତେକ ଅଂଶରେ କାର୍ଯ୍ୟକାରୀ କରାଯାଇଥିଲା। କିନ୍ତୁ ବିମାନବନ୍ଦରରୁ ସହରର କେନ୍ଦ୍ରସ୍ଥଳ ୩୦ କିଲୋମିଟର ଯାତ୍ରା ଲାଗି ସୋମବାର ଏକ ଘଣ୍ଟା ୩୦ ମିନିଟ ସମୟ ଲାଗିଥିଲା। ଅଡ୍-ଇଭେନ ପଲିସି ସତ୍ତ୍ୱେ ରାସ୍ତାଘାଟରେ ତଥାପି ଟ୍ରାଫିକ୍ ଜାମ୍ ରହିଛି। ନିର୍ଦ୍ଦିଷ୍ଟ ରାସ୍ତାରେ କେତେ ସଂଖ୍ୟାରେ କାର ଆତଯାତ ହୋଇପାରିବ ତାହାର ସଂଖ୍ୟା ନିରୂପଣ କରା ନ ଗଲେ ଏହି ସମସ୍ୟାର ସମାଧାନ ସମ୍ଭବ ନୁହେଁ ବୋଲି ଏସିଆନ ଗେମ୍ସ ମୁଖ୍ୟ ଭେନ୍ୟୁ ନିକଟବର୍ତ୍ତୀ ଜଣେ ବାସିନ୍ଦା ମତବ୍ୟକ୍ତ କରି କହିଛନ୍ତି। ସୂଚନାଯୋଗ୍ୟ, ୨୦୧୬ରେ ଅଡ୍-ଇଭେନ ନିୟମ ଲାଗୁକରି ଦିଲ୍ଲୀ ସରକାର ସମାଲୋଚନାର ପାତ୍ର ହୋଇଥିଲେ। ଟ୍ୟାକ୍ସି, ମହିଳା ଡ୍ରାଇଭର ଚଳାଉଥିବା କାର୍ ଏବଂ ଦୁଇଚକିଆ ଯାନକୁ ଏହି ନିୟମରୁ ବାଦ୍ ଦିଆଯାଇଥିବାରୁ ବିଶେଷଜ୍ଞମାନେ ଏହି ନିୟମ ଲାଗୁ ନେଇ ପ୍ରଶ୍ନ ଉଠାଇଥିଲେ। ୨୦୧୬ରେ ଦୁଇଥର ଚେଷ୍ଟା ପରେ ଦିଲ୍ଲୀ ସରକାର ୨୦୧୭ରେ ଅଡ୍-ଇଭେନ ସ୍କିମ୍ ପ୍ରତ୍ୟାହାର କରିନେଇଥିଲେ। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ମଧ୍ୟ ଦିଲ୍ଲୀ ସରକାରଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ଦିଲ୍ଲୀ ଓ ଜାକର୍ତ୍ତା ଭଳି ସହର ସିଙ୍ଗାପୁରଠାରୁ କିଛି ଶିକ୍ଷା ଲାଭ କରିବା ଉଚିତ। ଏହି ସହରରେ ଯେତିକି ସଂଖ୍ୟାରେ କାର ରହିଛି, ସେଥିରେ ବୃଦ୍ଧି ନ କରିବା ଲାଗି ସେଠାକାର କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୮୬ | ୬୨ | ୪୩ | ୧୯୧ |
| ଜାପାନ | ୪୩ | ୩୬ | ୫୭ | ୧୩୬ |
| ଦକ୍ଷିଣ କୋରିଆ | ୨୮ | ୩୬ | ୪୨ | ୧୦୬ |
| ଇଣ୍ଡୋନେସିଆ | ୨୨ | ୧୫ | ୨୭ | ୬୪ |
| ଇରାନ | ୧୭ | ୧୫ | ୧୫ | ୪୭ |
| ଚାଇନିଜ୍ ତାଇପେ | ୧୨ | ୧୨ | ୧୭ | ୪୧ |
| ଉତ୍ତର କୋରିଆ | ୧୨ | ୬ | ୭ | ୨୫ |
| ଥାଇଲାଣ୍ଡ | ୯ | ୧୦ | ୩୩ | ୫୨ |
| ଭାରତ | ୮ | ୧୩ | ୨୦ | ୪୧ |
| କାଜାଖସ୍ତାନ | ୭ | ୮ | ୨୮ | ୪୩ |

# କୀର୍ତ୍ତିମାନ ଲକ୍ଷ୍ୟରେ ସିନ୍ଧୁ, ସାଇନାଙ୍କୁ ବ୍ରୋଞ୍ଜ

**ଜାକର୍ତ୍ତା, ୨୭।୮(ପି.ଟି.)**

ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ତାରକା ଭାରତୀୟ ମହିଳା ଶଟ୍‌ଲର ପି.ଭି. ସିନ୍ଧୁ ଏସିଆନ ଗେମ୍ସ ମହିଳା ସିଙ୍ଗଲ୍ସ ଫାଇନାଲରେ ସ୍ଥାନ ପକ୍କା କରିନେଇଛନ୍ତି। ସେହିଭଳି ଅନ୍ୟତମ ଭାରତୀୟ ଖେଳାଳି ସାଇନା ନେହ୍ୱାଲ କିନ୍ତୁ ଫାଇନାଲରୁ ବଞ୍ଚିତ ହୋଇଛନ୍ତି। ସେମିଫାଇନାଲର ଏକ ମୁକାବିଲାରେ ସାଇନା ବିଶ୍ୱର ଏକ ନମ୍ବର ଖେଳାଳି ତାଇୱାନ୍‌ର ତାଇ ଜୁ ୟିଙ୍ଗ୍‌ଙ୍କ ନିକଟରୁ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଫାଇନାଲରେ ୨୩ ବର୍ଷୀୟା ସିନ୍ଧୁଙ୍କ ମୁକାବିଲା ୟିଙ୍ଗ୍‌ଙ୍କ ସହ ହେବ। ଯଦି ସିନ୍ଧୁ ଫାଇନାଲରେ ବିଜୟୀ ହୁଅନ୍ତି, ତେବେ ପ୍ରଥମ ଭାରତୀୟ ଶଟ୍‌ଲର ଭାବେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବାର ରେକର୍ଡ କରିବେ।

ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ରହିଥିବା ସିନ୍ଧୁ ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଜାପାନର ଅକାନେ ୟାମାଗୁଚିଙ୍କୁ ୨୧-୧୭, ୧୫-୨୧, ୨୧-୧୦ ଗେମ୍‌ରେ ପରାସ୍ତ କରିଥିଲେ। ଏକ ଘଣ୍ଟା ୫ ମିନିଟ୍ ଧରି ଅନୁଷ୍ଠିତ ଏହି ମ୍ୟାଚ୍‌ର ପ୍ରଥମ ଗେମ୍‌କୁ ସିନ୍ଧୁ ୨୧-୧୭ରେ ଜିତି ନେଇଥିବାବେଳେ ୟାମାଗୁଚି ୨୧-୧୫ରେ ୨ୟ ଗେମ୍‌କୁ ବାଜିମାତ୍ କରିନେଇଥିଲେ। ଫଳରେ





ମହିଳା ସିଙ୍ଗଲ୍ସ ସେମିଫାଇନାଲ ଅବସରରେ ପିଭି ସିନ୍ଧୁ ଓ ସାଇନା ନେହ୍ୱାଲ।

ମ୍ୟାଚ୍ ୧-୧ର ବରାବର ସ୍ତରକୁ ଆସିଯାଇଥିଲା। ତେବେ ନିର୍ଣ୍ଣାୟକ ଗେମ୍‌କୁ ୨୧-୧୦ରେ ଜିତିବା ସହ ସିନ୍ଧୁ ଫାଇନାଲକୁ ଯୋଗ୍ୟତା ହାସଲ କରିଛନ୍ତି। ଚଳିତ ଏସିଆନ ଗେମ୍ସରେ ସିନ୍ଧୁ ୨ୟଥର ଲାଗି ୟାମାଗୁଚିଙ୍କୁ ହରାଇବାରେ ସଫଳ ହୋଇଛନ୍ତି। ଏଥିପୂର୍ବରୁ ଟିମ୍ ଇଭେଣ୍ଟରେ ୟାମାଗୁଚିଙ୍କୁ ସିନ୍ଧୁ ମାତ୍ ଦେଇଥିଲେ। ସେହିପରି ମହିଳା ସିଙ୍ଗଲ୍ସର ଅନ୍ୟ ଏକ ସେମିଫାଇନାଲରେ ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ରହିଥିବା ସାଇନା କିନ୍ତୁ ନିରାଶ କରିଛନ୍ତି। ବିଶ୍ୱର ଏକ ନମ୍ବର ଖେଳାଳି ଜୁ ୟିଙ୍ଗ୍ ୨୧-୧୭, ୨୧-୧୪ ସିଧାସଳଖ ଗେମ୍‌ରେ ଏହି ମ୍ୟାଚ୍‌କୁ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ସାଇନା କ୍ରମାଗତ ୧୦ମ ଥର ଲାଗି ୟିଙ୍ଗ୍‌ଙ୍କ ନିକଟରୁ ପରାଜୟ ବରଣ କରିଛନ୍ତି। ସେଥିମଧ୍ୟରୁ ୨୦୧୮ରେ ୩ଟି ପରାଜୟ ସାମିଲ ରହିଛି। ମହିଳା ସିଙ୍ଗଲ୍ସ ଫାଇନାଲ ମୁକାବିଲା ସିନ୍ଧୁ ଓ ଜୁ ୟିଙ୍ଗ୍‌ଙ୍କ ମଧ୍ୟରେ ହେବ। ସିନ୍ଧୁ ଯଦି ୟିଙ୍ଗ୍‌ଙ୍କୁ ପରାସ୍ତ କରନ୍ତି, ତେବେ ପ୍ରଥମ ଭାରତୀୟ ଭାବେ ଏସିଆନ ଗେମ୍ସ ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିବାର କୀର୍ତ୍ତିମାନ ସ୍ଥାପନ କରିବେ। ନୂଆଦିଲ୍ଲୀରେ ଅନୁଷ୍ଠିତ ୧୯୮୨ ଏସିଆନ ଗେମ୍ସ ପୁରୁଷ ସିଙ୍ଗଲ୍ସରେ ସୟଦ ମୋଦି ବ୍ରୋଞ୍ଜ ପଦକ ଜିତିଥିଲେ, ଯାହା ଆଜିପର୍ଯ୍ୟନ୍ତ ବ୍ୟାଡ୍‌ମିଣ୍ଟନରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଛି।

## ହାଟ୍ରିକ୍ ଲକ୍ଷ୍ୟରେ ବିକାଶ

**ଜାକର୍ତ୍ତା, ୨୭।୮(ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା ବକ୍ସର ବିକାଶ କ୍ରିଷ୍ଣା (୭୫ କିଗ୍ରା) ଓ ଅମିତ୍ ଫଙ୍ଗଲ (୪୯ କିଗ୍ରା) ଚଳିତ ଏସିଆନ ଗେମ୍ସ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ପୁରୁଷ ୭୫ କିଗ୍ରା ବର୍ଗର ପ୍ରି-କ୍ୱାର୍ଟର ଫାଇନାଲରେ ବିକାଶ ପାକିସ୍ତାନର ତନ୍‌ବୀର ଅହମ୍ମଦଙ୍କୁ ପରାସ୍ତ କରିଥିଲେ। ସେହିଭଳି ୪୯ କିଗ୍ରାରେ ଅମିତ୍ ମଙ୍ଗୋଲିଆର ଏନଖମନଦାଖ ଖରୁଙ୍କୁ ହରାଇ ଅନ୍ତିମ-୮ରେ ସ୍ଥାନ ହାସଲ କରିଥିଲେ। ଉଭୟ ବିକାଶ ଓ ଅମିତ୍ ସର୍ବସମ୍ମତ ନିଷ୍ପତ୍ତିକ୍ରମେ ବିଜୟୀ ଘୋଷିତ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ବିକାଶ ଚାଇନାର ତୁହେତା ଏର୍‌ବିଏକେ ତଙ୍ଗଲାଥିଆନଙ୍କୁ ଭେଟିବେ। ବିକାଶ ଏଥିପୂର୍ବରୁ ୨୦୧୦ ଓ ୨୦୧୪ ଏସିଆନ ଗେମ୍ସରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ଯଦି ଚଳିତ ସଂସ୍କରଣରେ ବିକାଶ ପଦକ ହାସଲ କରିବାରେ ସଫଳ ହୁଅନ୍ତି, ତେବେ ପ୍ରଥମ ଭାରତୀୟ ବକ୍ସର ଭାବେ ଏହି ସମ୍ମାନଜନକ ଇଭେଣ୍ଟର ଲଗାତର ୩ଟି ସଂସ୍କରଣରେ ପୋଡିୟମ ଫିନିଶ୍ କରିବାର ବିରଳ ସୌଭାଗ୍ୟ ଲାଭ କରିବେ।

## ସାଇକ୍ଲିଂରେ ନୈରାଶ୍ୟଜନକ ଆରମ୍ଭ

**ଜାକର୍ତ୍ତା, ୨୭।୮(ପି.ଟି.):** ସାଇକ୍ଲିଂ ଟ୍ରାକ୍ ଇଭେଣ୍ଟରେ ଭାରତ ନୈରାଶ୍ୟଜନକ ଆରମ୍ଭ କରିଛି। ଭାରତର ଉଭୟ ମହିଳା ଓ ପୁରୁଷ ସ୍ପ୍ରିଣ୍ଟ ଏବଂ ପୁରସୁଇଟ୍ ଟିମ୍ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଟିମ୍ ସ୍ପ୍ରିଣ୍ଟ ଇଭେଣ୍ଟ ଯୋଗ୍ୟତା ପର୍ଯ୍ୟାୟରେ ଉଭୟ ପୁରୁଷ ଓ ମହିଳା ଦଳ ଯଥାକ୍ରମେ ୭ମ ଓ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।



**ମହିଳା ହକି:** ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ମହିଳା ହକି: ସେମିରେ ଭାରତ

**ଜାକର୍ତ୍ତା,୨୭।୮(ପି.ଟି.)**

ଅଧିନାୟିକା ରାଣୀ ରାମ୍‌ପାଲଙ୍କ ହ୍ୟାଟ୍ରିକ୍ ଗୋଲ ଯୋଗୁ ଭାରତୀୟ ମହିଳା ହକି ଦଳ ତା'ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୫-୦ ଗୋଲ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଦୁଇ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ପରବର୍ତ୍ତୀ ଦୁଇ କ୍ୱାର୍ଟରରେ ଭାରତୀୟ ଦଳ ସମସ୍ତ ଗୋଲ୍ ଦେଇଥିଲା। ଅଧିନାୟିକା ରାଣୀ (୩୭, ୪୬ ଓ ୫୬ତମ ମିନିଟ୍) ହ୍ୟାଟ୍ରିକ୍ ଗୋଲ୍ କରିଥିବା ବେଳେ ମୋନିକା (୫୨ତମ) ଓ ନବଜୋତ କୌର (୫୫ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ବିଜୟ ପରେ ଭାରତୀୟ ଦଳ ପୁଲ୍ ବି'ରେ ସର୍ବାଧିକ ୧୨ ପଏଣ୍ଟ ସହ ଶୀର୍ଷରେ ରହିଛି। ଡିଫେଣ୍ଡିଂ ଚାମ୍ପିୟନ ଦକ୍ଷିଣ କୋରିଆ ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହିଛି।

ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲେ ମଧ୍ୟ ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ କୌଣସି ଗୋଲ୍ ହୋଇ ନ ଥିଲା। ଅବଶ୍ୟ ଭାରତୀୟ ଦଳକୁ ବହୁ ସୁଯୋଗ ମିଳିଥିଲା। କିନ୍ତୁ ସେଗୁଡ଼ିକ ବେକାର ସାବ୍ୟସ୍ତ ହୋଇଥିଲା। ଏପରି କି ଦୁଇଟି ପେନାଲ୍ଟି କର୍ନର ମଧ୍ୟ ଗୋଲ୍‌ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ବିଶ୍ୱର ୯ ର୍‍ୟାଙ୍କ୍ ଦଳ ଭାରତ ଆକ୍ରମଣ ଆରମ୍ଭ କରିଥିଲା। ଫଳରେ ୩୭ତମ ମିନିଟ୍‌ରେ ଅଧିନାୟିକାଙ୍କ ଜରିଆରେ ଦଳକୁ ପ୍ରଥମ ସଫଳତା ମିଳିଥିଲା। ଏହିଠାରୁ ଥାଇଲାଣ୍ଡ ଦଳ ଚାପର ସମ୍ମୁଖୀନ ହୋଇପାରି ନ ଥିଲା। ରାଣୀ ୪୬ତମ ମିନିଟ୍‌ରେ ବ୍ୟକ୍ତିଗତ ଓ ଦଳ ଲାଗି ୨ୟ ଗୋଲ ଦେଇଥିଲେ। ଏହାପରେ ଅନ୍ତିମ ୧୦ ମିନିଟ୍‌ରେ ଭାରତ ୩ଟି ଗୋଲ ଦେଇଥିଲା। ୫୨ତମ ମିନିଟ୍‌ରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଦୀପ୍ ଗ୍ରେସ୍ ଏକ୍କା ଗୋଲ୍‌ରେ ପରିଣତ କରିବାକୁ ଉଦ୍ୟମ କରିଥିଲେ, ମାତ୍ର ବଲ୍ ଗୋଲପୋଷ୍ଟରେ ବାଜିବା ପରେ ଫେରିଆସିଥିଲା। ଏହାର ଫାଇଦା ଉଠାଇଥିଲେ ମୋନିକା। ତାଙ୍କ ପରେ ନବଜୋତ ଓ ଅଧିନାୟିକା ରାଣୀ କ୍ରମାଗତ ୨ଟି ଫିଲ୍ଡ ଗୋଲ୍ କରିଥିଲେ।

| Dollar | Sensex | Nifty | Gold | Silver |
|---|---|---|---|---|
| 25 70.16 | 442.31 38,694.11 | 134.85 11,691.95 | `100 31,000.00 | `50 38,300.00 |





ପତଞ୍ଜଳିର କିମ୍ଭୋ ଆପ୍ ଲଞ୍ଚକୁ ଘୁଞ୍ଚାଇ ଦିଆଯାଇଛି। ଏହାର ଆନୁଷ୍ଠାନିକ ଲଞ୍ଚ ତାରିଖ ପରେ ଘୋଷଣା କରାଯିବ।
**– ଆଚାର୍ଯ୍ୟ ବାଲକ୍ରିଷ୍ଣ, ଏମଡି, ପତଞ୍ଜଳି ଆର୍ୟୁବେଦ**



ଜେଟ୍ ଏୟାରୱେଜକୁ ଲାଭଜନକ କରିବା ଲାଗି ଖର୍ଚ୍ଚ କାଟ୍ ସହ ଏଥିରେ ଅଧିକ ପୁଞ୍ଜିନିବେଶ ଉପରେ ଜୋର୍ ଦିଆଯିବ।
**– ନରେଶ ଗୋୟଲ, ଅଧ୍ୟକ୍ଷ, ଜେଟ୍ ଏୟାରୱେଜ**

## ସଂକ୍ଷେପରେ

### ବଦଳିଲା ୧୨୯୫ ଏସ୍‌ବିଆଇ ଶାଖାର ଆଇଏଫ୍‌ଏସ୍‌ସି କୋଡ୍




**ନୂଆଦିଲ୍ଲୀ,୨୭-୮:** ସହଯୋଗୀ ବ୍ୟାଙ୍କ ଗୁଡିକ ସହ ମିଶ୍ରଣ ପରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ(ଏସବିଆଇ) ସାରା ଦେଶରେ ଏହାର ୧୨୯୫ ଶାଖାର କୋଡ୍ ଓ ଆଇଏଫ୍‌ଏସ୍‌ସି କୋଡ୍ ପରିବର୍ତ୍ତନ କରିଛି। ଏସମ୍ପର୍କରେ ବ୍ୟାଙ୍କ ପକ୍ଷରୁ ଏକ ତାଲିକା ପ୍ରକାଶ କରାଯାଇଛି। ଗତବର୍ଷ ଏପ୍ରିଲ ପହିଲାରେ ୫ଟି ସହଯୋଗୀ ବ୍ୟାଙ୍କ ଏବଂ ଭାରତୀୟ ମହିଳା ବ୍ୟାଙ୍କ ସହ ଏସ୍‌ବିଆଇର ମିଶ୍ରଣ ହୋଇଥିଲା। ଏହି ମିଶ୍ରଣ ପରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ବିଶ୍ୱର ଟପ୍ ବ୍ୟାଙ୍କଗୁଡ଼ିକ ମଧ୍ୟରେ ୫୩ତମ ସ୍ଥାନରେ ରହିଛି ଯାହାର ଚଳିତ ବର୍ଷ ଜୁନ ୩୦ ସୁଦ୍ଧା ମୋଟ୍ ସମ୍ପତ୍ତିର ପରିମାଣ ୩୩.୪୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏବେ ଏସ୍‌ବିଆଇର ୨୨,୪୨୮ ଶାଖା ରହିଛି।

### ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ୍ ହେବେ ୫୫କୋଟି ଜନସାଧାରଣ

**ନୂଆଦିଲ୍ଲୀ, ୨୭-୮(ପିଟି):** ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଆୟୁଷ୍ମାନ ଭାରତ ଅଧୀନରେ ଦେଶର ୫୫ କୋଟି ଜନସାଧାରଣଙ୍କୁ ସାମିଲ କରାଯିବ। ଏହାଦ୍ୱାରା ପ୍ରାୟ ୧୦ କୋଟି ୭୪ ଲକ୍ଷ ପରିବାର ଉପକୃତ ହେବେ। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ସୋମବାର ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା କହିଛନ୍ତି। ଏଥିରେ ଜନସାଧାରଣଙ୍କଠାରୁ ଯେଉଁ ତଥ୍ୟ ସଂଗ୍ରହ ହେବ ତାହାର ସୁରକ୍ଷା ପାଇଁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯିବ। ଜଣେ ବ୍ୟକ୍ତି ଏହି ଯୋଜନାରେ ସାମିଲ ହେଲେ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପାଇପାରିବେ।

### ଆରବିଆଇକୁ ସଂସଦୀୟ କମିଟିର ପ୍ରଶ୍ନ

**ନୂଆଦିଲ୍ଲୀ,୨୭-୮-** ବ୍ୟାଙ୍କ ଗୁଡିକର ଖରାପ ତଥା ଚାପଗ୍ରସ୍ତ ଋଣକୁ ରୋକିବାରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ(ଆରବିଆଇ)ର ପଦକ୍ଷେପ ନେଇ ସଂସଦୀୟ କମିଟି ପ୍ରଶ୍ନ ଉଠାଇଛନ୍ତି। ବରିଷ୍ଠ କଂଗ୍ରେସ ସାଂସଦ ଏମ.ବିରପ୍ପା ମୋଇଲିଙ୍କ ଅଧକ୍ଷତାରେ ଗଠିତ ଅର୍ଥ ବ୍ୟାପାର ସଂସଦୀୟ କମିଟି ପକ୍ଷରୁ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ୨୦୧୫ରେ ବ୍ୟାଙ୍କର ଚାପଗ୍ରସ୍ତ ସମ୍ପତ୍ତି ସମ୍ପର୍କରେ ତର୍ଜମା ପୂର୍ବରୁ ଆରବିଆଇ ଏହାକୁ ରୋକିବା ଲାଗି ନେଇଥିବା ପଦକ୍ଷେପ ଯଥେଷ୍ଟ ନ ଥିଲା ବୋଲି ଦର୍ଶାଇ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ଆସନ୍ତା ଶୀତ ଅଧିବେଶନରେ ଏହା ସଂସଦରେ ଉପସ୍ଥାପନ କରାଯିବ।

# ସ୍କାମ୍‌ରେ ୩ ଆମେରିକା କମ୍ପାନୀ ଜଡ଼ିତ

**ୱାଶିଂଟନ, ୨୭-୮**

**ପିଏନ୍‌ବି ମାମଲା**



ହୀରା ବ୍ୟବସାୟୀ ନୀରବ ମୋଦି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ୧୪ ହଜାର କୋଟି ଟଙ୍କା ଠକି ବିଦେଶ ଫେରାର ହୋଇଯାଇଥିବା ବେଳେ ଏହି ମହାଦୁର୍ନୀତିରେ ଆମେରିକାର ୩ଟି କମ୍ପାନୀ ସିଧାସଳଖ ଜଡିତ ଥିଲେ ବୋଲି ଅଦାଲତରେ ଉପସ୍ଥାପିତ ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟକୁ ଉଦ୍ଧାର କରି ସ୍ଥାନୀୟ ଖବରକାଗଜ ବ୍ଲୁମବର୍ଗ ଲେଖିଛି।

ଅଦାଲତ ଦ୍ୱାରା ନିଯୁକ୍ତ ତଦନ୍ତକାରୀ ଅଧିକାରୀ ଜନ୍ ଜେ.କାର୍ନେ ୧୨୦ ଦିନ ଧରି ତଦନ୍ତ କରିବା ପରେ ଅଦାଲତରେ ଉପସ୍ଥାପିତ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ନୀରବ ମୋଦିଙ୍କ ଆମେରିକାସ୍ଥିତ କମ୍ପାନୀ ଫାୟାରଷ୍ଟାର ଡାଏମଣ୍ଡ ଇଙ୍କ୍, ଏ.ଜାଫେ ଇଙ୍କ୍ ଏବଂ ଫାଣ୍ଟାସି ଇଙ୍କ୍‌ର ଡାଇରେକ୍ଟର ଓ ସିନିୟର ଅଫିସରମାନେ ଉକ୍ତ ମହାଦୁର୍ନୀତିରେ ସିଧାସଳଖ ଜଡିତ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳିଛି। କାର୍ନେଙ୍କ ଏହି ତଦନ୍ତ ରିପୋର୍ଟ ଇଂଲଣ୍ଡରେ ଲୁଚିଥିବା ନୀରବ ମୋଦିଙ୍କୁ ଗିରଫ କରିବାରେ ସହାୟକ ହେବ ବୋଲି ମନେ କରାଯାଉଛି। ପିଏନ୍‌ବି ମହାଦୁର୍ନୀତି ମାମଲାରେ ନିରବଙ୍କ ସମ୍ପୃକ୍ତି ପ୍ରମାଣ କରିବାରେ ଉକ୍ତ ତଦନ୍ତ ରିପୋର୍ଟ ସହାୟକ ହେବ।

ତଦନ୍ତରୁ ଜଣାପଡିଛି ଯେ, ଫାୟାରଷ୍ଟାର ଏବଂ ଏ.ଜାଫେର ଚିଫ ଏକଜିକ୍ୟୁଟିଭ ଅଫିସର ମିହିର ଭନ୍‌ସାଲି ଏବଂ ଚିଫ ଫାଇନାନ୍ସିଆଲ ଅଫିସର ଅଜୟ ଗାନ୍ଧୀ ମହାଦୁର୍ନୀତିରେ ସହାୟତା କରିବା ସହ ଟଙ୍କା ନେଣଦେଣ କରିଥିଲେ। ବ୍ୟାଙ୍କରପ୍ସି ମାମଲାର ଟ୍ରଷ୍ଟି ରିଚାର୍ଡ ଲେଭିନ ଏହି ତଦନ୍ତ ରିପୋର୍ଟକୁ ପ୍ରଶଂସା କରିଛନ୍ତି। ତେବେ ଏହି ରିପୋର୍ଟ ଉପରେ ଭନ୍‌ସାଲୀ, ଫାୟାରଷ୍ଟାର ଏବଂ ଏ.ଜାଫେଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନି। ଉକ୍ତ ୩ଟି କମ୍ପାନୀ କଷ୍ଟକୋ ହୋଲସେଲ କର୍ପ, ଜେ.ସି ପେନୀ କୋ., ଆର୍ମି/ନେଭି ଷ୍ଟୋର୍ସ, ମ୍ୟାକି ଇଙ୍କ୍ ଏବଂ ଜେଲ୍ କର୍ପ ସହ କେତେକ ମୁଖ୍ୟ ରିଟେଲରଙ୍କୁ ଗହଣା ବିକ୍ରି କରୁଥିଲେ।

ଉଲ୍ଲେଖଥାଉକି, ପିଏନ୍‌ବି ମହାଦୁର୍ନୀତି ଧରାପଡିବା ପରେ ନୀରବ ମୋଦିଙ୍କ ଆମେରିକା ସ୍ଥିତ କମ୍ପାନୀ ଫାୟାରଷ୍ଟାର ଇଙ୍କ୍ ନିଜକୁ ଦେବାଳିଆ ଘୋଷଣା କରିବା ଲାଗି ସେଠାକାର ବ୍ୟାଙ୍କରପ୍ସି କୋର୍ଟରେ ଆବେଦନ କରିଛି। ଏହାକୁ ଉଭୟ ସିବିଆଇ ଓ ପିଏନ୍‌ବି ବିରୋଧ କରି ଉକ୍ତ ଅଦାଲତରେ ନିଜକୁ ପକ୍ଷଭୁକ୍ତ କରିଛି। ଅନ୍ୟପକ୍ଷରେ ଉଭୟ ଫାୟାରଷ୍ଟାର ଓ ନୀରବ ମୋଦି ପିଏନବି ଠକେଇରେ ସାମିଲ ନାହାନ୍ତି ବୋଲି ଅଦାଲତରେ ଯୁକ୍ତି ବାଢ଼ିଛନ୍ତି।

# ପୁଣି ୭୦ ତଳକୁ ଖସିଲା ଟଙ୍କା

**ମୁମ୍ବାଇ, ୨୭-୮(ପିଟି)**



ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ସୋମବାର ୨୫ ପଇସା ହ୍ରାସ ପାଇଛି। ଫଳରେ ଏହା ୧ ଡଲାର ତୁଳନାରେ ୭୦ ଟଙ୍କା ୧୬ ପଇସାକୁ ଖସି ଆସିଛି। ଶେଷ ଥର ପାଇଁ ଚଳିତ ମାସ ୧୬ରେ କାରବାର ମଧ୍ୟଭାଗରେ ଡଲାର ତୁଳନାରେ ଭାରତୀୟ ମୁଦ୍ରା ସର୍ବକାଳୀନ ନିମ୍ନସ୍ତର ୭୦ ଟଙ୍କା ୪୦ ପଇସାକୁ ଖସି ଆସିଥିଲା। ପରେ କାରବାର ଶେଷ ବେଳକୁ ଏହା ୭୦ ଟଙ୍କା ୧୫ ପଇସାରେ ସ୍ଥିର ରହିଥିଲା। ଅନ୍ୟପକ୍ଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ସେନ୍‌ସେକ୍ସରେ ସୋମବାର ୪୪୨ ପଏଣ୍ଟ ବୃଦ୍ଧି ଘଟି ସର୍ବକାଳୀନ ରେକର୍ଡ ସ୍ଥର ୩୮,୬୯୪.୧୧ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟିରେ ୧୩୪.୮୫ ପଏଣ୍ଟ ବୃଦ୍ଧି ପାଇ ଏହା ୧୧.୬୯୧.୯୫ ପଏଣ୍ଟରେ ଆଉ ଏକ ନୂଆ ରେକର୍ଡ ସ୍ତର ହାସଲ କରିଛି।

### ଆଣ୍ଟିଗୁଆକୁ ସିବିଆଇର ପତ୍ର

# ଚୋକ୍‌ସୀଙ୍କୁ ଗିରଫ କର

**ନୂଆଦିଲ୍ଲୀ,୨୭-୮**



ପିଏନବି ମହାଦୁର୍ନୀତିରେ ସମ୍ପୃକ୍ତ ଥିବା ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ଆଣ୍ଟିଗୁଆରେ ଲୁଚିଛନ୍ତି। ସେ ସେଠକାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି। ତାଙ୍କୁ ଗିରଫ ଲାଗି ରେଡକର୍ନର ନୋଟିସ ଆବଶ୍ୟକ ବୋଲି ଆଣ୍ଟିଗୁଆ ସରକାରଙ୍କ ପକ୍ଷରୁ ଭାରତକୁ କୁହାଯାଇଥିଲା। ଏହାର ଜବାବରେ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ମାଧ୍ୟମରେ ସିବିଆଇ ପତ୍ର ଲେଖି ଜଣାଇଛି ଯେ, ଚୋକ୍‌ସୀଙ୍କ ଅବସ୍ଥିତି ଜଣାପଡି ଥିବାରୁ ଏକ୍ଷେତ୍ରରେ ରେଡକର୍ନର ନୋଟିସ ଦେବାର ଆବଶ୍ୟକତା ନାହିଁ। ଏଣୁ ଆଣ୍ଟିଗୁଆ ସରକାର ଚୋକ୍‌ସୀଙ୍କୁ ତୁରନ୍ତ ଗିରଫ କରି ପ୍ରତ୍ୟର୍ପଣ ବ୍ୟବସ୍ଥା ଆରମ୍ଭ କରିବା ଉଚିତ୍। ଅନ୍ୟପକ୍ଷରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି ଯେ, ମେହୁଲ ଆଣ୍ଟିଗୁଆ ପାର୍ସପୋର୍ଟରେ ବିଦେଶକୁ ପଳାଇଲେ ସେକ୍ଷେତ୍ରରେ ସେଦେଶ ଭାରତକୁ ଜବାବ ଦେବାକୁ ବାଧ ରହିବ। ପିଏନବି ମହାଦୁର୍ନୀତିର ପର୍ଦ୍ଦାଫାଶ ପୂର୍ବରୁ ମେହୁଲ ବିଦେଶକୁ ପଳାଇଥିଲେ ଓ ଆଣ୍ଟିଗୁଆର ନାଗରିକତ୍ୱ ଗ୍ରହଣ କରିଥିଲେ।



ଭୁବନେଶ୍ୱରସ୍ଥିତ କାନାରା ବ୍ୟାଙ୍କର ମଣ୍ଡଳ କାର୍ଯ୍ୟାଳୟଠାରେ ସୋମବାରଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ 'କାନାରା ରିଟେଲ୍ ଏକ୍ସପୋ'କୁ ଏହାର ଜେନେରାଲ୍ ମ୍ୟାନେଜର ହେମନ୍ତ କୁମାର ତାମ୍‌ତା ଏବଂ ମଣ୍ଡଳ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର ଉଦ୍‌ଘାଟନ କରୁଛନ୍ତି।

# ସେପ୍ଟେମ୍ବର ୩କୁ ଘୁଞ୍ଚିଲା ମାଲ୍ୟା ମାମଲା



**ମୁମ୍ବାଇ,୨୭-୮**

ଦେଶର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ବ୍ରିଟେନ ପଳାଇଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପଳାତକ ଅପରାଧୀ ଘୋଷଣା ନେଇ ପିଏମ୍‌ଏଲ୍‌ଏ ଅଦାଲତରେ ଆଗତ ମାମଲାର ଶୁଣାଣି ସେପ୍ଟେମ୍ବର ୩କୁ ଘୁଞ୍ଚି ଯାଇଛି। ଏହି ମାମଲାରେ ଅନ୍ୟ କେତେକ ପକ୍ଷଭୁକ୍ତ ହେବାକୁ ଅନୁରୋଧ କରିବା ପରେ ବିଚାରପତି ଶୁଣାଣିକୁ ଘୁଞ୍ଚାଇ ଦେଇଛନ୍ତି। ଅନ୍ୟପକ୍ଷରେ ମାଲ୍ୟାଙ୍କ ପକ୍ଷରୁ ତାଙ୍କର ଓକିଲ ଅଦାଲତରେ ହାଜର ହୋଇ କାଗଜପତ୍ର ଲୋଡିଛନ୍ତି। ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ ପକ୍ଷରୁ ମାଲ୍ୟାଙ୍କୁ ପଳାତକ ଅପରାଧୀ ଆଇନରେ ପଳାତକ ଘୋଷଣା କରିବାକୁ ଯୁକ୍ତି ଦର୍ଶାଇବା ସହ ତାଙ୍କର ୧୨,୫୦୦କୋଟି ଟଙ୍କାର ସମ୍ପତ୍ତି ଜବତ ପାଇଁ ଅଦାଲତର ଅନୁମତି ଲୋଡିଛନ୍ତି।

# ରେଳ ଷ୍ଟେଶନରେ ନିର୍ମାଣ ହେବ ଶର୍ଟ ଷ୍ଟେ ହୋମ୍

**ନୂଆଦିଲ୍ଲୀ,୨୭-୮**



ରେଳ ଷ୍ଟେଶନ ନିକଟରେ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ରହଣି ସ୍ଥଳ (ଶର୍ଟ ଷ୍ଟେ ହୋମ୍) ତିଆରି କରାଯିବ। ଷ୍ଟେଶନ ଆଖପାଖରେ କୌଣସି ଶିଶୁ ଯଦି ହଜିଯାଆନ୍ତି ତେବେ ସେମାନଙ୍କୁ ଜରୁରିକାଳୀନ ଆବଶ୍ୟକତା ଦୃଷ୍ଟିରୁ ଉକ୍ତ ରହଣି ସ୍ଥଳରେ ଆଶ୍ରୟ ଦିଆଯିବ। ପରୀକ୍ଷାମୂଳକ ଭିତ୍ତିରେ ଦିଲ୍ଲୀ, ଗୁଆହାଟୀ, ଦାନପୁର, ସମସ୍ତିପୁର ଏବଂ ଅହମଦାବାଦ ଆଦି ୫ଟି ଷ୍ଟେଶନରେ ଶିଶୁମାନଙ୍କ ପାଇଁ ଏହି ରହଣି ସ୍ଥଳ ବ୍ୟବସ୍ଥା କରାଯିବ। ରେଳ ବୋର୍ଡ ଏହି ନିଷ୍ପତ୍ତି ନେଇଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଖବର ଅନୁସାରେ ଶିଶୁମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ପ୍ରଦାନ ଏବଂ ଶିଶୁ ସୁରକ୍ଷା ଅଧିନିୟମ ଅନ୍ତର୍ଗତ ଥଇଥାନ କରିବା ପାଇଁ ଏଭଳି ବ୍ୟବସ୍ଥା କରାଯିବ। ଏଥିପାଇଁ ଅତିକମ୍‌ରେ ଏକକାଳୀନ ୨୫ ଜଣ ଶିଶୁ ରହିପାରିଲା ଭଳି ୨୦୦୦ ବର୍ଗ ଫୁଟ ପରିମିତ ସ୍ଥାନରେ ଏହି 'ଶର୍ଟ ଷ୍ଟେ ହୋମ୍' ନିର୍ମାଣ କରାଯିବ। ଆଶୁ ଚିକିତ୍ସା ବ୍ୟବସ୍ଥା ସହିତ ପୁଷ୍ଟିକର ଆହାର ପ୍ରଦାନ କରାଯିବ। ମାନସିକ ସ୍ଥରରେ ଶିଶୁମାନେ ସୁସ୍ଥ ରହିବା ପାଇଁ ଯଥେଷ୍ଟ ଧ୍ୟାନ ଦିଆଯିବ। ରେଳପଥ ମହିଳା ମଙ୍ଗଳ ସଂଗଠନଗୁଡ଼ିକ ଏହି ନୂତନ ବ୍ୟବସ୍ଥାର ଦାୟିତ୍ୱ ଗ୍ରହଣ କରିବେ। ଖାଲି ସେତିକି ନୁହେଁ ସ୍ଥାନୀୟ ଅଞ୍ଚଳରେ ଯେଉଁ ଅଣ ସରକାରୀ ସଂଗଠନ(ଏନ୍‌ଜିଓ) ଶିଶୁ ସୁରକ୍ଷା ଦିଗରେ କାର୍ଯ୍ୟରତ ସେମାନଙ୍କ ସହିତ ବୁଝାମଣା କରାଯିବ। ବର୍ତ୍ତମାନ ସ୍ତରରେ ଯେଉଁ ୫ଟି ରେଳ ଷ୍ଟେଶନକୁ ଏଥିପାଇଁ ସ୍ଥିର କରାଯାଇଛି ସେଠାରେ ଉପଯୁକ୍ତ ସ୍ଥାନ ଚୟନ କରିବା ପାଇଁ ସମ୍ପୃକ୍ତ ରେଳ ମଣ୍ଡଳଗୁଡ଼ିକୁ ଜଣାଇ ଦିଆଯାଇଛି। ସମୁଦାୟ ବ୍ୟବସ୍ଥା ଅନ୍ତର୍ଗତ ୧୦୦୦ ବର୍ଗଫୁଟ ସ୍ଥାନରେ ବିଶ୍ରମାଗାର ନିର୍ମାଣ କରାଯିବ। ଦୁଇଟି ଶୌଚାଳୟ ଏବଂ ଦୁଇଟି ପାଇଖାନା ସହିତ ୧୨୫ ବର୍ଗଫୁଟ ବିଶିଷ୍ଟ ଏକ ଷ୍ଟୋର ରୁମ୍ ମଧ୍ୟ ଏଠାରେ ରହିବ। ଉକ୍ତ ଶର୍ଟ ଷ୍ଟେ ହୋମ୍‌ର ପରିଚାଳନା ପାଇଁ ୫୦୦ ବର୍ଗଫୁଟ ଅଞ୍ଚଳରେ ଏକ ଅଫିସ୍ ବ୍ୟବସ୍ଥା କରାଯିବ ଏବଂ ଏହାର ଦାୟିତ୍ୱ ପାଇଁ ଜଣେ ଅଧିକାରୀ ନିୟୋଜିତ ହେବେ ବୋଲି ଅଧିକାରୀ ଜଣକ କହିଛନ୍ତି।

# ଏଫଡିଆଇ ୨୩% ବୃଦ୍ଧି

**ନୂଆଦିଲ୍ଲୀ,୨୭-୮**

ଚଳିତ ଆର୍ଥିକବର୍ଷର ପ୍ରଥମ କ୍ୱାର୍ଟରେ ଏପ୍ରିଲ-ଜୁନରେ ଦେଶକୁ ୧୨.୭୫ ବିଲିୟନ ଡଲାର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ(ଏଫଡିଆଇ) ଆସିଛି ଯାହାକି ପୂର୍ବବର୍ଷର ଏହି ସମୟ ତୁଳନାରେ ୨୩% ଅଧିକ ବୋଲି ସରକାରୀ ତଥ୍ୟରୁ ପ୍ରକାଶ। ଗତ ଆର୍ଥିକବର୍ଷ ୨୦୧୭-୧୮ରେ ଏଫଡିଆଇ ପରିମାଣ ୧୦.୪ ବିଲିୟନ ଡଲାର ଥିଲା ବୋଲି ଡିପାର୍ଟମେଣ୍ଟ ଅଫ ଇଣ୍ଡଷ୍ଟ୍ରିଆଲ ପଲିସି ଆଣ୍ଡ ପ୍ରମୋଶନ(ଡିଆଇପିପି) ପକ୍ଷରୁ ସୋମବାର ତଥ୍ୟ ପ୍ରକାଶ କରି କୁହାଯାଇଛି। ସେଗମେଣ୍ଟ ଭିତ୍ତିରେ ସର୍ଭିସେସ୍‌ରେ ୨.୪୩ ବିଲିୟନ ଡଲାର, ଟ୍ରେଡିଂରେ ୧.୬୨ ବିଲିୟନ ଡଲାର, ଟେଲିକମ୍ୟୁନିକେଶନରେ ୧.୫୯ ବିଲିୟନ ଡଲାର,କମ୍ପ୍ୟୁଟର ସଫ୍ଟୱେର ଓ ହାର୍ଡୱେରରେ ୧.୪ ବିଲିୟନ ଡଲାର ଏବଂ ଶକ୍ତି କ୍ଷେତ୍ରରେ ୯୬୯ ମିଲିୟନ ଡଲାର ଏଫଡିଆଇ ଆସିଛି। ସେହିପରି ଦେଶ ହିସାବରେ ଦେଖିଲେ ଜଣାପଡିଛି ଯେ, ସିଙ୍ଗାପୁରରୁ ସର୍ବାଧିକ ୬.୫୨ ବିଲିୟନ ଡଲାର, ମରିସସ୍‌ରୁ ୧.୫ ବିଲିୟନ ଡଲାର, ଜାପାନରୁ ୮୭୪ ମିଲିୟନ ଡଲାର, ନେଦରଲାଣ୍ଡରୁ ୮୩୬ ମିଲିୟନ ଡଲାର, ବ୍ରିଟେନରୁ ୬୪୮ ମିଲିୟନ ଡଲାର ଏବଂ ଆମେରିକାରୁ ୩୪୮ ମିଲିୟନ ଡଲାର ପୁଞ୍ଜିନିବେଶ ହୋଇଛି।

### ଶକ୍ତି ପ୍ରକଳ୍ପ ଏନ୍‌ପିଏ ସମାଧାନ

# ହାଇକୋର୍ଟରୁ ଆଶ୍ୱସ୍ତି ମିଳିଲାନି, ଆଜି ସୁପ୍ରିମକୋର୍ଟରେ ଶୁଣାଣି

**ନୂଆଦିଲ୍ଲୀ,୨୭-୮**



ଏନପିଏ ସମାଧାନ ନେଇ ରିଜର୍ଭ ବ୍ୟାଙ୍କର ବିବାଦୀୟ ସର୍କୁଲାର ବିରୋଧରେ ଅଦାଲତର ଆଶ୍ରୟ ନେଇଥିବା ଶକ୍ତି ପ୍ରକଳ୍ପ ନିର୍ମାଣ କରୁଥିବା ଘରୋଇ କମ୍ପାନୀଙ୍କୁ ସୋମବାର ଜୋରଦାର ଝଟକା ଲାଗିଛି। ଆରବିଆଇ ସର୍କୁଲାର ବିରୋଧରେ କୌଣସି ଅନ୍ତରୀଣ ରହିତାଦେଶ ଦେବାକୁ ଆହ୍ଲାବାଦ ହାଇକୋର୍ଟ ସ୍ପଷ୍ଟ ମନା କରି ଦେବା ପରେ କମ୍ପାନୀ ମାନେ ନିରାଶ ହୋଇଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୧୫ ଦିନ ମଧ୍ୟରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି କମ୍ପାନୀ ମାନେ ଏନପିଏ ସମାଧାନ ପାଇଁ ବାଟ ବାହାର କରିପାରିବେ ବୋଲି ଅଦାଲତ ସ୍ପଷ୍ଟ କରିବା ପରେ କେନ୍ଦ୍ର ସରକାରଙ୍କ ଉପରେ ଏବେ ସମସ୍ତଙ୍କର ନଜର ରହିଛି। ଅଦାଲତଙ୍କ ରାୟ ପ୍ରକାଶ ପରେ ଋଣ ପ୍ରଦାନ କରିଥିବା ବ୍ୟାଙ୍କ ଗୁଡିକ ୧୫ ଦିନ ପରେ ଖିଲାପୀ କମ୍ପାନୀଙ୍କ ବିରୋଧରେ ବ୍ୟାଙ୍କରପ୍ସି କୋଡ ଅଧିନରେ ଏନସିଏଲଟି ଅଦାଲତରେ ମାମଲା ଦାଏର କରିବାକୁ ବାଧ ହେବେ। ଅନ୍ୟପକ୍ଷରେ ମଙ୍ଗଳବାର ସୁପ୍ରିମକୋର୍ଟରେ ଏସଂକ୍ରାନ୍ତରେ ଅଗତ ଏକ ରିଟ୍ ପିଟିସନର ଶୁଣାଣି କରାଯିବ।

ଉଲ୍ଲେଖ କରାଯାଇପାରେ ଯେ, ଚଳିତ ବର୍ଷ ଫେବୃଆରୀ ୧୨ରେ ରିଜର୍ଭ ବ୍ୟାଙ୍କ ସର୍କୁଲାର ଜାରି କରି ଏନପିଏ ସମାଧାନ ଲାଗି ଏକ ସ୍ୱତନ୍ତ୍ର ନିୟମ ପ୍ରଣୟନ କରିବା ସହ ୧୮୦ ଦିନ ସମୟସୀମା ମଧ୍ୟରେ ଋଣର ପୁନର୍ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିୟମ ଓ ସମୟସୀମା ଋଣପ୍ରଦାନକାରୀ ବ୍ୟାଙ୍କ ଗୁଡିକ ପାଇଁ ଅଡୁଆ ସୃଷ୍ଟି କରିଛି। କାରଣ ପୂର୍ବର ନିୟମରେ ଏନପିଏ ସମାଧାନ ଲାଗି କୌଣସି ସମୟସୀମା ଧାର୍ଯ୍ୟ ହୋଇ ନଥିଲା। ଏନସିଏଲଟି ଅଦାଲତରେ ଥରେ ମାମଲା ହସ୍ତାନ୍ତର ହେବା ଅର୍ଥ ବ୍ୟାଙ୍କ ମାନେ କମ୍‌ରେ ଋଣ ସମାଧାନ ପାଇଁ ରାଜି ହେବାକୁ ବାଧ ରହିବେ। ଏହା ସେମାନେ ଚାହୁଁ ନାହାନ୍ତି। ଏସବିଆଇର ଆକଳନ ଅନୁଯାୟୀ ୧୧ଟି ଚାପଗ୍ରସ୍ତ ଶକ୍ତି ପ୍ରକଳ୍ପ ଆକାଉଣ୍ଟ ମଧ୍ୟରୁ ପ୍ରାୟ ୭ଟିର ସମାଧାନ ବାଟ ଫିଟି ସାରିଲାଣି। ଏଗୁଡିକର ମାଲିକାନା ପରିବର୍ତ୍ତନ ସହଜରେ ହୋଇପାରିବ ଓ ବ୍ୟାଙ୍କ ଦେଇଥିବା ଋଣ ମଧ୍ୟ ଫେରିପାଇପାରିବେ। ତେବେ ଏଗୁଡିକ ଏନସିଏଲଟିକୁ ଗଲେ ବ୍ୟାଙ୍କକୁ ସମ୍ପୂର୍ଣ୍ଣ ଋଣ ଅର୍ଥ ମିଳିବ ନାହିଁ। ଅନ୍ୟପକ୍ଷରେ ମାମଲାର ଶୁଣାଣି କରି ଆହ୍ଲାବାଦ ହାଇକୋର୍ଟ ରହିତାଦେଶ ଜାରି କରିବା ପରିବର୍ତ୍ତେ ଆରବିଆଇ ଆଇନର ଧାରା ୭ ଅଧୀନରେ କମ୍ପାନୀ ମାନେ କେନ୍ଦ୍ର ସରକାରଙ୍କ ଦ୍ୱାରସ୍ଥ ହୋଇ ଆସନ୍ତା ୧୫ ଦିନ ମଧ୍ୟରେ ଏନପିଏ ସମାଧାନର ବାଟ ଫିଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆରବିଆଇର ଆଇନ କହୁଛି କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ସହ ଆଲୋଚନା କରି ଜନସ୍ୱାର୍ଥରେ ଆରବିଆଇକୁ କୌଣସି ନିର୍ଦ୍ଦେଶ ଦେଇପାରିବେ। ଅପରପକ୍ଷରେ ଉକ୍ତ ସର୍କୁଲାର ବିରୋଧରେ ଦେଶର ବିଭିନ୍ନ ହାଇକୋର୍ଟରେ ଆଗତ ମାମଲା ଗୁଡିକୁ ଏକାଠି ସୁପ୍ରିମକୋର୍ଟରେ ଶୁଣାଣି ପାଇଁ ଆରବିଆଇ ପକ୍ଷରୁ ଆଗତ ରିଟ୍ ପିଟିସନ ଉପରେ ମଙ୍ଗଳବାର ସୁପ୍ରିମକୋର୍ଟରେ ଶୁଣାଣି କରିବେ।

idco Your power to grow | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR.
Tender Call Notice No. BBSR/ELECT/E-3953/18-19/3907 Dt. 24.08.2018
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
**Name of the Work:** Construction of 250KVA, 11/0.4KV Plinth mounted substation for power supply to 500 seated Thakkar Bapa Hostel at Unit-III, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID. No.BBSR/ ELECT/ e-19/18-19 | 30.08.2018 at 17.00 Hrs. | 05.09.2018 at 17.00 Hrs. |

Further details can be seen from the e-procurement portal. **www.tendersorissa.gov.in** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website**
Sd/-
Divisional Head ( Elect.)
IDCO, Bhubaneswar

BHUBANESWAR MUNICIPAL CORPORATION
No. 28252 Dt.27.08.2018
Corrigendum to Auction Sale Notice No. 25467 dt. 02.08.2018 for Packages of Parking lots in BMC area.
Bhubaneswar Municipal Corporation hereby issue this notice for information of all potential applicants that the last date for the following activities have been extended as below :
1. Last date for sale of tender paper at BMC Office : **15.09.2018 up to 5:00 PM.**
2. Last date for receipt of tender paper : **17.09.2018 up to 3:00 PM.**
3. Opening of tender papers : **17.09.2018 at 4:00 PM** in the Conference Hall of BMC .
By Order,
Deputy Commissioner (Revenue & Tax)
Bhubaneswar Municipal Corporation
Progress Through Partnership for a Better Bhubaneswar

OFFICE OF THE COLLECTOR & DISTRICT MAGISTRATE, ANGUL
(ST & SC Development Section, Ph. No. (Ph./ Fax No.: 06764-231173, e-mail: angdwo@gmail.com
Order No.: 1700 Date: 25.08.2018
In pursuance of Advertisement No.978 dt.03.05.2018 and resolution of the District Level Selection Committee meeting held on 25.08.2018 for engagement of Junior Teachers (Sikshya Sahayakas) in different schools of ST & SC Development Department of Angul District, the list of valid, invalid candidates and rejection list is hereby published inviting objections if any to be filed before the Dist. Welfare Officer, Angul by person with self attested documents in support of proof by 10.09.2018 during office hours.
The objections received beyond the date-line shall not be entertained. The candidates may visit the dist website- http://www.angul.nic.in to know the valid, invalid & reject list of applications.
After receipt of objections the same will be examined and the final list will be published for information of the candidates.
Sd./- Collector, Angul

OFFICE OF THE SUPERINTENDING ENGINEER RURAL WORKS CIRCLE: SUNDARGARH
1st Corrigendum to Bid Identification No Online- RWSESNG-11 of 2018-19
Letter No.2812 Dtd.24.08.2018
No.661-=O: The following changes are made for Bid Identification No. Online- **RWSESNG-11 of 2018-19** due to unavoidable Circumtance.The details are as below.
(1) In the Sl. No.1, 2 & 3 of above mentioned NIT, the class of Contractor given against the work may be read as "B class & A class" instead of "A class & Special class" as per Works Department Order No.07556900142018-12905, Dtd.23.08.2018.
(2) Date of availability of Tender On-line for bidding upto dtd.06.09.2018 at 3.00 P.M instead of dtd.28.08.2018 at 3.00 P.M.
(3) Last date & Time of Seeking Tender Clarification on dtd.05.09.2018 at 3.00 P.M instead of dtd.27.08.2018 at 3.00 P.M.
(4) Date of Technical Bid Opening is on dtd.12.09.2018 at 11.00 A.M instead of dtd.01.09.2018 at 11.00 A.M.
(5) Date of Financial Bid Opening on dtd.18.09.2018 11.00 A.M instead of dtd.10.09.2018 at 11.00 A.M.
All other terms & conditions remain unchanged.
Sd./- Superintending Engineer
Rural Works Circle, Sundargarh
25133/11/0024/1819

ତିନିଥର ଏ' ଲିଗ୍ ଚାମ୍ପିୟନ ସିଡ୍ନୀ ଏଫ୍‌ସି ବିପକ୍ଷ ମ୍ୟାଚ୍‌କୁ ଆମେ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିବା ଲାଗି ପ୍ରସ୍ତୁତ ଅଛୁ।
**-ଷ୍ଟିଫେନ୍ କନଷ୍ଟାଣ୍ଟିନ, ଭାରତ ଫୁଟ୍‌ବଲ କୋଚ୍**



ପ୍ରଥମ ୩ ଟେଷ୍ଟ ମ୍ୟାଚର ପରିସଂଖ୍ୟାନ ଅନୁସାରେ ଭାରତୀୟ ପେସ୍ ବୋଲରମାନେ ଇଂଲଣ୍ଡ ପେସରଙ୍କ ତୁଳନାରେ ଦ୍ରୁତ ବୋଲିଂ କରିଛନ୍ତି ।
**-ସାକ୍‌ଲେନ ମୁସ୍ତାକ, ପାକିସ୍ତାନର ମହାନ ସ୍ପିନ ବୋଲର**



## ସଂକ୍ଷେପରେ

### ସହଦେବଙ୍କୁ ୩ ଜାତୀୟ ସଂଘର ଗୁରୁଦାୟିତ୍ୱ

**କଟକ ଅଫିସ,୨୭।୮:** ରାଜ୍ୟର ବରିଷ୍ଠ କ୍ରୀଡ଼ା ସଙ୍ଗଠକ ସହଦେବ ରାଉତଙ୍କୁ ୩ଟି ଜାତୀୟ କ୍ରୀଡ଼ା ସଂଘର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଏକସଙ୍ଗେ ମିଳିଛି । ସହଦେବ ଜାତୀୟ ଫୁଟନେଟ୍ ସଂଘର ସାଧାରଣ ସମ୍ପାଦକ, ଜାତୀୟ ଫୁଟଭଲି ମହାସଂଘର ଉପସଭାପତି ଓ ଜାତୀୟ ଫୁଟବଲ ଟେନିସ ମହାସଂଘର କାର୍ଯ୍ୟକାରୀ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀ ସେକ୍ଟର-୨୧ସ୍ଥିତ ତାଜ ଭିଜାନ୍ତ ହୋଟେଲରେ ଅନୁଷ୍ଠିତ ଏକ ସମ୍ମିଳନୀରେ ସହଦେବଙ୍କୁ ଉକ୍ତ ପଦବୀ ମିଳିବା ସମ୍ପର୍କରେ ଘୋଷଣା କରାଯାଇଥିଲା । ପଦ୍ମଭୂଷଣ ସତପାଲ ଜୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଓଡ଼ିଶାରେ ଫୁଟଭଲି ଜାତୀୟ ଫେଡେରେଶନ୍ କପ୍ ହେବ ବୋଲି ଘୋଷଣା କରାଯାଇଛି । ଭିନୋଟିଯାକ ଖେଳର ପ୍ରସାର ଓ ବିକାଶ ଦିଗରେ କାର୍ଯ୍ୟକ୍ରମ ଜୋରଦାର କରାଯିବ ବୋଲି ସହଦେବ କହିଛନ୍ତି ।

### ସେକ୍ରେଟାରିଏଟ କପ୍ ଫୁଟବଲ

ଭୁବନେଶ୍ୱର, ୨୭।୮(ସ୍ପୋର୍ଟ୍ସ ବ୍ୟୁରୋ)- ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲଇଜ୍ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଫାଇଭ୍-ଏ-ସାଇଡ୍ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ୩-୧ ଗୋଲରେ ନିର୍ମାଣ ବିଭାଗକୁ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚରେ ସମବାୟ ବିଭାଗ ୩-୦ରେ ଜଳସମ୍ପଦ ବିଭାଗକୁ ଏବଂ ତୃତୀୟ ମ୍ୟାଚରେ ଅର୍ଥ ବିଭାଗ ୧-୦ରେ ଯୋଜନା ଏବଂ ସଂଯୋଜନା ବିଭାଗକୁ ହରାଇଥିବାବେଳେ ୪ର୍ଥ ମ୍ୟାଚରେ ସଚିବାଳୟ କ୍ରୀଡ଼ା ସଂଘ ୧-୦ ଗୋଲରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗକୁ ପରାସ୍ତ କରିଛି। ବିଜୟ ସହ ୪ଟି ଯାକ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

### ବିଶ୍ୱ ୟୁଥ୍ ବକ୍ସିଂ: ସେମିରେ ଅଙ୍କିତ

**ବୁଦାପେଷ୍ଟ,୨୭।୮(ପି.ଟି.):** ଏସିଆନ୍ ରୌପ୍ୟ ପଦକଧାରୀ ଅଙ୍କିତ ଖାତାନା ଏଠାରେ ଚାଲିଥିବା ୟୁଥ୍ ୱାର୍ଲ୍ଡ ବକ୍ସିଂ ଚାମ୍ପିୟନଶିପ୍‌ର ନିଜ ବର୍ଗର ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ୬୦ କିଗ୍ରା ବର୍ଗରେ ଅଙ୍କିତ ୫-୦ ପଏଣ୍ଟରେ ଡେନ୍‌ମାର୍କର ନିକୋଲାଇ ଟେର୍ଟେର୍ୟାନଙ୍କୁ ପରାସ୍ତ କରିଛନ୍ତି। ସେମିଫାଇନାଲରେ ତାଙ୍କୁ ଥାଇଲାଣ୍ଡର ଆଡିଚାଇ ଫେରସାପଙ୍କ ସହ ମୁକାବିଲା କରିବାକୁ ପଡ଼ିବ। ଏଥିପୂର୍ବରୁ ନିତୁ (୪୮ କିଗ୍ରା) ଓ ଏସିଆନ୍ ବ୍ରୋଞ୍ଜ ପଦକଧାରୀ ଭବେଶ କାଟ୍ଟିମାନି (୫୨ କିଗ୍ରା) ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି।

# ୯୦ ଦିନ ମଧ୍ୟରେ ବିସିସିଆଇ ନିର୍ବାଚନ

**ନୂଆଦିଲ୍ଲୀ, ୨୭।୮(ପି.ଟି.)**

ନୂଆ ସମ୍ବିଧାନକୁ ଗ୍ରହଣ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚନ ଆସନ୍ତା ୯୦ ଦିନ ମଧ୍ୟରେ ହେବ ବୋଲି ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାୟ ଏଠାରେ ସୋମବାର ଖବରଦାତାମାନଙ୍କ ନିକଟରେ ଘୋଷଣା କରିଛନ୍ତି। ନୂଆ କର୍ମକର୍ତ୍ତାମାନେ କ୍ଷମତାସୀନ ହେବାପରେ ସିଓଏ ବିଦାୟ ନେବ। ଆମେ ଜଷ୍ଟିସ ବିକ୍ରମଜିତ ସେନ୍‌ଙ୍କ ପଦାଙ୍କ ଅନୁସରଣ କରିବୁ। ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଅସୋସିଏଶନ (ଡିଡିସିଏ)ର ନିର୍ବାଚିତ କର୍ମକର୍ତ୍ତାଗଣ ସେମାନଙ୍କ ଦାୟିତ୍ୱ ଗ୍ରହଣ କରିବା ପରେ ଡିଡିସିଏ ପରିଚାଳନା ଦାୟିତ୍ୱରେ ଥିବା ଜଷ୍ଟିସ ବିକ୍ରମଜିତ୍ ପଦତ୍ୟାଗ କରିଥିଲେ। ରାୟଙ୍କ ଘୋଷଣା ଅନୁସାରେ ବିସିସିଆଇର ବାର୍ଷିକ ସାଧାରଣ ଅଧିବେଶନ ସହିତ ନିର୍ବାଚନ ସମ୍ଭବତଃ ନଭେମ୍ବର ଶେଷ ସପ୍ତାହରେ ହେବ। ଏଥିରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ପାରିବ ସେ ଦିଗରେ ବିଶେଷ ଧ୍ୟାନ ଦିଆଯିବ ବୋଲି ରାୟ ପ୍ରତିଶ୍ରୁତି ଦେଇଛନ୍ତି। ନୂଆ ରାଜ୍ୟଗୁଡ଼ିକ ନୂଆ ସମ୍ବିଧାନକୁ କାର୍ଯ୍ୟକାରୀ କରିବାବେଳେ ନାନା ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି ବୋଲି ପଚରାଯିବାରେ ରାୟ କହିଥିଲେ ପ୍ରଥମେ ସେମାନେ ନୂଆ ସମ୍ବିଧାନକୁ ଗ୍ରହଣ କରନ୍ତୁ। ଯାହା ସମସ୍ୟା ଦେଖାଦେବ ତାହାର ସମାଧାନ ଉପାୟ ବାହର କରାଯିବ। ସେ କହିଥିଲେ ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟରଙ୍କ ବେତନ ବୃଦ୍ଧି ତାଙ୍କ କାର୍ଯ୍ୟକାଳ ସମୟରେ ଏକ ଅନ୍ୟତମ ଉଲ୍ଲେଖନୀୟ ପଦକ୍ଷେପ। ପୂର୍ବରୁ କେତେକ ରାଜ୍ୟରେ ଖେଳାଳିମାନେ ରାଜ୍ୟ ଆସୋସିଏଶନଠାରୁ ସେମାନଙ୍କ ପ୍ରାପ୍ୟ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ମାତ୍ର ଏବେ ଖେଳାଳିମାନେ ସ୍ୱରଉତ୍ତୋଳନ କରିପାରିବେ। ପାଉଣା ସିଧାସଳଖ ସେମାନଙ୍କ ଏକାଉଣ୍ଟକୁ ଚାଲିଯିବ।

## ଆନ୍ତଃ-ରାଜ୍ୟ ଖେଳାଳି ବଦଳି ଉପରେ ନଜର



ଆନ୍ତଃ-ରାଜ୍ୟ ଖେଳାଳି ବଦଳିରେ ଆର୍ଥିକ କାରବାର ହେବା ଆଶଙ୍କା ରହିଛି। ଏହା ଉପରେ କଡ଼ା ନଜର ରଖିବା ଲାଗି ବିସିସିଆଇ ଦୁର୍ନୀତି ନିରୋଧୀ ୟୁନିଟ (ଏସିୟୁ)କୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାୟ ନିର୍ଦ୍ଦିଷ୍ଟ ଭାବେ କହିଛନ୍ତି। ଘରୋଇ କ୍ରିକେଟର ମୁଖ୍ୟ ସ୍ରୋତରେ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ସାମିଲ କରାଯାଇଛି। ଖବର ଅନୁସାରେ ନୂଆ ରାଜ୍ୟ ଟିମ୍‌ଗୁଡ଼ିକ ପେଶାଦାର ଖେଳାଳିଙ୍କ ସନ୍ଧାନରେ ରହିଛନ୍ତି। ଆର୍ଥିକ ପ୍ରଲୋଭନ ଦେଖାଇ ଏହି ଦଳଗୁଡ଼ିକ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରୁ ଖେଳାଳି ସଂଗ୍ରହ ଲାଗି ପ୍ରାୟାସ କରୁଥିବା ଶୁଣିବାକୁ ମିଳୁଛି। ଏକଥା ନଜରକୁ ଆସିଲେ ତୁରନ୍ତ ଜଣାଇବା ଲାଗି ଏସିୟୁକୁ ନିର୍ଦ୍ଦେଶ ଦିଆଯାଇଥିବା ରାୟ ପ୍ରକାଶ କରିଛନ୍ତି।

# ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଆଣ୍ଡରସନ

**ବର୍ମିଂହାମ,୨୭।୮**



ଜେମ୍ସ ଆଣ୍ଡରସନ

ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ଉଇକେଟ ନେଇଥିବା ଦ୍ରୁତ ବୋଲରଙ୍କ ରେକର୍ଡ ଭଙ୍ଗ କରିବାକୁ ଯାଉଛନ୍ତି ଇଂଲଣ୍ଡ ଦଳର ବରିଷ୍ଠ ବୋଲର ଜେମ୍ସ ଆଣ୍ଡରସନ। ଏହି ରେକର୍ଡ ଏବେ ଅଷ୍ଟ୍ରେଲିଆର ପୂର୍ବତନ ବୋଲର ଗ୍ଲେନ୍ ମ୍ୟାକ୍‌ଗ୍ରାଥଙ୍କ ନାମରେ ରହିଛି। ୨୦୦୭ରେ କ୍ରିକେଟରୁ ଅବସର ନେଇଥିବା ମ୍ୟାକ୍‌ଗ୍ରାଥ ମୋଟ୍ ଉପରେ ୫୬୩ଟି ଟେଷ୍ଟ ଉଇକେଟ ନେଇଛନ୍ତି। ତାଙ୍କୁ ଅତିକ୍ରମ କରିବା ଲାଗି ଆଣ୍ଡରସନଙ୍କୁ ଆଉ ମାତ୍ର ୭ଟି ଉଇକେଟର ଆବଶ୍ୟକତା ରହିଛି। ସାଉଥମ୍ପଟନ୍‌ଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଟେଷ୍ଟ ଇତିହାସରେ ସର୍ବାଧିକ ଉଇକେଟ ନେଇଥିବା ବୋଲର ହୋଇପାରନ୍ତି। ଏଥିନେଇ ମ୍ୟାକ୍‌ଗ୍ରାଥ ତାଙ୍କୁ ଶୁଭକାମନା ଜଣାଇଛନ୍ତି। ରେକର୍ଡର ଅଧିକାରୀ ହେବା ଏକ ଗର୍ବର ବିଷୟ। ଆଣ୍ଡରସନ ରେକର୍ଡ ଭଙ୍ଗ କଲେ ତାଙ୍କ ଭଳି ମୁଁ ମଧ୍ୟ ଗର୍ବିତ ହେବି। ଏହି କୀର୍ତ୍ତିମାନକୁ ନିଜ ନାମରେ କରିବା ପରେ ସେ କେତେ ଅଧିକ ସଂଖ୍ୟକ ଉଇକେଟ ନେବେ, ତାହା ଭବିଷ୍ୟତରେ ଜଣାପଡ଼ିବ। ସେ ପୂର୍ବର ରେକର୍ଡ ଭଙ୍ଗ କରିବା ପରେ କୌଣସି ବୋଲର ତାଙ୍କ କୀର୍ତ୍ତିମାନକୁ ଅତିକ୍ରମ କରିପାରିବେ ନାହିଁ। କାରଣ ଏବେ ଅତ୍ୟଧିକ ଟି୨୦ ମ୍ୟାଚ୍ ଖେଳାଯାଉଥିବାବେଳେ ଟେଷ୍ଟ ସଂଖ୍ୟା କମିବାରେ ଲାଗିଛି। ଏଣୁ କୌଣସି ବୋଲର ତାଙ୍କୁ ଅତିକ୍ରମ କରିବା ସମ୍ଭବ ନୁହେଁ ବୋଲି ମ୍ୟାକ୍‌ଗ୍ରାଥ କହିଛନ୍ତି।

## ଏସିଆନ୍ ଗେମ୍ସ: ଆଜି ଭାରତର କାର୍ଯ୍ୟସୂଚୀ

**ତୀରନ୍ଦାଜି**
କମ୍ପାଉଣ୍ଡ ମହିଳା ଟିମ୍ ଫାଇନାଲ: ଭାରତ ବନାମ କୋରିଆ (ପୂର୍ବାହ୍ନ ୧୧ଟା୧୫)।
କମ୍ପାଉଣ୍ଡ ପୁରୁଷ ଟିମ୍ ଫାଇନାଲ: ଭାରତ ବନାମ କୋରିଆ (ଅପରାହ୍ନ ୧୨ଟା ୫)।
**ଆଥ୍‌ଲେଟିକ୍ସ**
ମହିଳା ହେପ୍ଟାଥଲନ: ସ୍ୱପ୍ନା ବର୍ମନ, ପୂର୍ଣ୍ଣିମା ହେମ୍ବ୍ରମ (ସକାଳ ୭ଟା ୩୦)।
ମହିଳା ୨୦୦ମିଟର କ୍ୱାଲିଫିକେଶନ: ହିମା ଦାସ, ଦୂତୀ ଚାନ୍ଦ (ସକାଳ ୮ଟା ୧୫)।
ମହିଳା ଜାଭେଲିନ୍ ଥ୍ରୋ: ଅନୁ ରାଣୀ (ସନ୍ଧ୍ୟା ୫ଟା ୫୫)।
ପୁରୁଷ ୮୦୦ ମିଟର ଫାଇନାଲ: ଜିନସନ ଜନସନ, ମନଜିତ୍ ସିଂ ( ସନ୍ଧ୍ୟା ୬ଟା ୧୦)।
ମହିଳା ୫୦୦୦ ମିଟର ଫାଇନାଲ: ସୁରିୟା ଲୋଗାନାଥନ, ସଞ୍ଜୀବନୀ ବାବୁରାଓ ଯାଦବ (ସନ୍ଧ୍ୟା ୬.୨୦)।
ପୁରୁଷ ୪x୪୦୦ ମିଟର ରିଲେ ଫାଇନାଲ: ଭାରତ (ସନ୍ଧ୍ୟା ୭ଟା ୧୫)।
**ବ୍ୟାଡ୍‌ମିଣ୍ଟନ**
ମହିଳା ସିଙ୍ଗଲ୍ସ ଫାଇନାଲ: ପିଭି ସିନ୍ଧୁ ବନାମ ତାଇ ତିଜୁଇଙ୍ଗ୍ (ଚାଇନିଜ ତାଇପେ) (ପୂର୍ବାହ୍ନ ୧୧.୪୦)।
**ହକି**
ପୁରୁଷ ପୁଲ୍ ଏ' ମ୍ୟାଚ: ଭାରତ ବନାମ ଶ୍ରୀଲଙ୍କା (ଅପରାହ୍ନ ୨ଟା୩୦)।
**ଭଲିବଲ୍**
ପୁରୁଷ: ଭାରତ ବନାମ ପାକିସ୍ତାନ (ପୂର୍ବାହ୍ନ ୧୧ଟା)।

# ୟଙ୍ଗ ଉତ୍କଳ, ଚାନ୍ଦ କ୍ଲବ ବିଜୟୀ

**ଫାଓ ଲିଗ୍**

**କଟକ ଅଫିସ,୨୭।୮**

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ପ୍ରଥମ ଡିଭିଜନ ଲିଗ୍‌ରେ ସୋମବାର ୟଙ୍ଗ ଉତ୍କଳ କ୍ଲବ ଓ ଚାନ୍ଦ କ୍ଲବ ବିଜୟୀ ହୋଇଛନ୍ତି । ୟଙ୍ଗ ଉତ୍କଳ କ୍ଲବ ୨-୦ ଗୋଲରେ ରୋଭର୍ସ କ୍ଲବକୁ ପରାସ୍ତ କରିଥିଲା । ରାକେଶ ସାହୁ ୪୭ତମ ମିନିଟ୍‌ରେ ଓ ଦୀନବନ୍ଧୁ ଦାସ ୭୦ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି । ଚାନ୍ଦ କ୍ଲବ ଓ ଏସ୍‌ବିଆଇ ମଧ୍ୟରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିଲା । ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟ୍‌ରେ ଏସବିଆଇର ନାରାୟଣ ମୁର୍ମୁ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ । ପରେ ଚାନ୍ଦ କ୍ଲବ ପକ୍ଷରୁ ୫୬ତମ ଓ ୫୯ତମ ମିନିଟ୍‌ରେ ଲଗାତର ଭାବେ ୨ଟି ଗୋଲ ହୋଇଥିଲା । ସୁନୀଲ ମୁର୍ମୁ ଓ ଶଶିକାନ୍ତ ସାନ୍ଦିଲ ଏହି ୨ଟି ଗୋଲ ସ୍କୋର କରିଥିଲେ। ଚାନ୍ଦ କ୍ଲବ ମ୍ୟାଚ୍‌କୁ ୨-୧ ସ୍ଥିତିରେ ଅଗ୍ରଣୀ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏସ୍‌ବିଆଇ ଗୋଲ ଦେବାରେ ବିଫଳ ହେବା ଯୋଗୁଁ ପରାଜୟ ବରଣ କରିଥିଲା ।

# ଭେଟେଲ ଜିତିଲେ ବେଲ୍‌ଜିଆନ ଗ୍ରାଁ ପ୍ରି

**ସ୍ପା-ଫ୍ରାଙ୍କୋରଚାମ୍ପ, ୨୭।୮ (ଏଏଫ୍‌ପି)**

ଫେରାରିର ସେବାଷ୍ଟିଆନ ଭେଟେଲ ବେଲଜିଆନ ଫର୍ମୁଲାୱାନ ମୋଟର ରେସ୍ ଗ୍ରାଁ ପ୍ରି ଟାଇଟଲ ଜିତିଛନ୍ତି। ଫଳରେ ସେ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ରହିଥିବା ମର୍ସିଡିଜର ଲୁଇସ୍ ହାମିଲଟନଙ୍କଠାରୁ ତାଙ୍କ ପଏଣ୍ଟ ବ୍ୟବଧାନ ୧୭କୁ ହ୍ରାସ କରିପାରିଛନ୍ତି। ଆର୍ଡେନେସ୍ ସର୍କିଟରେ ଭେଟେଲଙ୍କ ଏହା ହେଉଛି ତୃତୀୟ ଏବଂ ୨୦୦୯ ପରେ ଫେରାରିର ଏହା ପ୍ରଥମ ବିଜୟ। ପୁନଶ୍ଚ ଚଳିତ ସିଜନରେ ଏହା ତାଙ୍କର ୫ମ ଏବଂ କ୍ୟାରିୟରର ୫୨ତମ ଟାଇଟଲ। ଏହାଦ୍ୱାରା ସେ ମଧ୍ୟ ୪ଥର ବିଶ୍ୱ ଚାମ୍ପିୟନ ଆଲାନ ପ୍ରଷ୍ଟ (୫୧ ଟାଇଟଲ)ଙ୍କୁ ଅତିକ୍ରମ କରିପାରିଛନ୍ତି। ରବିବାର ଅନୁଷ୍ଠିତ ଦୁର୍ଘଟଣାଗ୍ରସ୍ତ ରେସ୍‌ରେ ହାମିଲଟନଙ୍କୁ ୧୧.୦୬୧ ସେକେଣ୍ଡ ଟାଇମିଂରେ ପଛରେ ପକାଇ ରେସ୍ ଜିତିଥିଲେ। ସ୍ଥାନୀୟ ହିରୋ ବେଲଜିଆନ ଜନ୍ମିତ ଡଚ୍‌ମ୍ୟାନ ମାକ୍ସ ଭର୍ଷ୍ଟାପେନ୍ ଭାଲଟେରି ବୋଟାସଙ୍କୁ ପଛରେ ପକାଇ ରେଡ୍ ବୁଲ୍ ତରଫରୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫୋର୍ସ ଇଣ୍ଡିଆର ଦୁଇ ଡ୍ରାଇଭର ସର୍ଜିଓ ପେରେଜ ଓ ଏଷ୍ଟିବାନ ଓକନ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ। ସେହିପରି ହାସ୍‌ର ଦୁଇ ଡ୍ରାଇଭର ରୋମେନ ଗ୍ରୋସ୍‌ଜେଁ ଏବଂ କେଭିନ ମାଗ୍ନସେନ ୭ମ ଓ ୮ମ ସ୍ଥାନରେ ରହିଥିବାବେଳେ ପିଏରେ ଗ୍ୟାସ୍‌ଲି (ଟୋରୋ ରୋସୋ) ଓ ମାର୍କସ ଏରିକ୍ସନ (ସୌବେର) ଯଥାକ୍ରମେ ୯ମ ଓ ୧୦ମ ସ୍ଥାନ ସହ ସେମାନଙ୍କ ରେସ ଶେଷ କରିଥିଲେ। ପ୍ରଥମ କର୍ନରରେ ଏକାଧିକ କାର୍ ମଧ୍ୟରେ ସଂଘର୍ଷ ଘଟିବା ପୂର୍ବରୁ ଭେଟେଲ ପ୍ରଥମ ଲାପ୍‌ରେ ହାମିଲଟନଙ୍କୁ ଅତିକ୍ରମ କରିଯାଇଥିଲେ। ଏହାପରଠାରୁ ସେ ରେସ୍‌ରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟବିସ୍ତାର କରିନେଇଥିଲେ। ଭେଟେଲଙ୍କ କାର୍ ଆଲୋଁସଙ୍କ ମ୍ୟାକଲରେନକୁ ପ୍ରଚଣ୍ଡ ଧକ୍କା ଦେଇଥିଲା ଏବଂ ଏହା ଚାର୍ଲ୍ସ ଲେକର୍କଙ୍କ ସୌବେର ଉପରେ ଚଢିଯାଇଥିଲା।

# ଅଷ୍ଟ୍ରେଲିଆ ଏ' ଫାଇନାଲରେ

**ଚତୁଃରାଷ୍ଟ୍ରୀୟ ସିରିଜ**

**ବେଙ୍ଗାଲୁରୁ, ୨୭।୮(ପି.ଟି.)**

ଉସ୍‌ମାନ ଖ୍ୱାଜାଙ୍କ ଅପରାଜିତ ଶତକ ସହାୟତାରେ ଭାରତ ବି'କୁ ୫ ଉଇକେଟରେ ପରାସ୍ତ କରି ଅଷ୍ଟ୍ରେଲିଆ ଏ' ଚତୁଃରାଷ୍ଟ୍ରୀୟ ଦିନିକିଆ କ୍ରିକେଟ ସିରିଜର ଫାଇନାଲରେ ପ୍ରବେଶ କରିଛି। ଅଷ୍ଟ୍ରେଲିଆ ଏ' ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବୁଧବାର ଖେଳାଯିବାକୁ ଥିବା ଫାଇନାଲରେ ପୁଣି ଭାରତ ବି'କୁ ଭେଟିବ। ଅନ୍ୟପକ୍ଷରେ ସେହିଦିନ ତୃତୀୟ ସ୍ଥାନ ପାଇଁ ଦକ୍ଷିଣ ଆଫ୍ରିକା ଏ' ଓ ଭାରତ ବି' ମଧ୍ୟରେ ମୁକାବିଲା ହେବ। ପ୍ରତିଯୋଗିତାରେ ଖେଳିଥିବା ୫ଟି ମ୍ୟାଚ୍‌ରୁ ଭାରତ ବି' ଓ ଅଷ୍ଟ୍ରେଲିଆ ଏ' ପ୍ରତ୍ୟେକେ ୧୨ ପଏଣ୍ଟ ଲେଖାଏଁ ଅର୍ଜନ କରିଥିବାବେଳେ ଭାରତ ଏ' ଓ ଦକ୍ଷିଣ ଆଫ୍ରିକା ଏ' ୯ ପଏଣ୍ଟ ଲେଖାଏଁ ପାଇଛନ୍ତି। ଆଲୁରଠାରେ ଅନୁଷ୍ଠିତ ମ୍ୟାଚ୍‌ର ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ବି' ଅଧିନାୟକ ମନୀଷ ପାଣ୍ଡେ (୧୧୭*)ଙ୍କ ଅପରାଜିତ ଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ବିନିମୟରେ ୨୭୬ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ ୩୬, ଇଶାନ କିଷାନ ୩୧ ଏବଂ ଦୀପକ ହୁଡା ୩୦ ରନ୍ କରିଥିଲେ। ଅଷ୍ଟ୍ରେଲିଆ ଏ' ଦଳର ସଫଳ ବୋଲର ଭାବେ ମାଇକେଲ ନେସେର ୪୭ ରନ୍ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆ ଏ' ୨୭୭ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବାବେଳେ ବର୍ଷା ବାଧାଦେବାରୁ ଦଳ ପାଇଁ ଡକ୍‌ୱର୍ଥ ଲୁଇସ୍ ପଦ୍ଧତି ଅନୁସାରେ ୪୦ ଓଭରରେ ୨୪୭ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଭ୍ରମଣକାରୀ ଦଳ ଖ୍ୱାଜାଙ୍କ ଆକର୍ଷଣୀୟ ଅପରାଜିତ ୧୦୧ ରନ୍ (୯୩ ବଲ, ୧୦ ଚୌକା ଓ ୧ଛକା) ସହାୟତାରେ ୫ ଉଇକେଟ ବିନିମୟରେ ୨୪୮ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଖ୍ୱାଜା ଓ ଆଲେକ୍ସ କାରେ ୧୩.୧ ଓଭରରେ ପ୍ରଥମ ଉଇକେଟରେ ୭୭ ରନ୍ ଯୋଗକରି ସେମାନଙ୍କ ଦଳକୁ ଭଲ ଆରମ୍ଭ ଦେଇଥିଲେ। ପରେ ଖ୍ୱାଜା ଓ ଜ୍ୟାକ୍ ୱାଇଲ୍‌ଡରମଥ୍ (୪୨ ବଲ୍‌ରୁ ଅପରାଜିତ ୬୨)ଙ୍କ ମଧ୍ୟରେ ୬ଷ୍ଠ ଉଇକେଟରେ ଅପରାଜିତ ୯୩ ରନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ଏହା ଦଳକୁ ବିଜୟୀ କରାଇଥିଲା। ଭାରତ ବି' ତରଫରୁ ଜଲଜ ସାକ୍‌ସେନା ୪୮ରନ୍ ବିନିମୟରେ ୨ଟି ଉଇକେଟ ନେଇଥିବାବେଳେ କୁଲୱନ୍ତ ଖେଜ୍ରୋଲିଆ, ଶ୍ରେୟାସ ଗୋପାଲ ଓ ଦୀପକ ହୁଡା ଗୋଟିଏ ଲେଖାଏଁ ଉଇକେଟ ସଫଳତା ପାଇଥିଲେ।



ଶତକ ହାସଲକାରୀ ଉସ୍‌ମାନ ଖ୍ୱାଜା।

## ଦକ୍ଷିଣ ଆଫ୍ରିକା ଏ' ବିଜୟୀ

ଅନ୍ୟ ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଏ' ୪ ଉଇକେଟରେ ଭାରତ ଏ'କୁ ହରାଇ ଦେଇଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏ' ୩୭.୩ ଓଭରରେ ଅଲଆଉଟ ହୋଇଯାଇଥିଲା। ଦଳର ଦୁଇ ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ (୩୬) ଓ ଦୀପକ ଚହର (୩୮) କେବଳ କ୍ରିଜରେ କିଛି ସମୟ ତିଷ୍ଠି ରହିପାରିଥିଲେ। ଅମ୍ବାତି ରାୟୁଡୁ ଓ ଶ୍ରେୟାସ ଆୟାରଙ୍କ ସମେତ ୭ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିପକ୍ଷ ଦଳର ସବୁଠାରୁ ସଫଳ ବୋଲର ଡେନ୍ ପ୍ୟାଟରସନ ୧୯ ରନ ବିନିମୟରେ ୫ଟି ଉଇକେଟ ଦଖଲ କରିଥିଲେ। ସିସାଣ୍ଡା ମଗାଲା ଓ ରବର୍ଟ ଫ୍ରାଇଲିଙ୍କ୍ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଏ' ୩୭.୪ ଓଭରରେ ୬ ଉଇକେଟ ବିନିମୟରେ ୧୫୯ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ପିଟରସନ ମାଲାନ ସର୍ବାଧିକ ୪୭ ରନ କରିଥିଲେ। ଭାରତ ଏ' ପକ୍ଷରୁ ଖଲିଲ ଅହମ୍ମଦ ୩ ଓ କ୍ରୁନାଲ ପାଣ୍ଡ୍ୟା ୨ ଏବଂ ମୟଙ୍କ ମାର୍କଣ୍ଡେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।







ମ୍ୟାନ୍ ଅଫ୍ ଦ ମ୍ୟାଚ୍ କରଣ ହେମ୍ବ୍ରମ ଓ ବିନୟ ଗୋପ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ୟୁନିଟ୍-୧, ବିକାଶ ସ୍କୁଲର ସହଜ ବିଜୟ

**ଆନ୍ତଃ ସ୍କୁଲ ଫୁଟ୍‌ବଲ**

**ଭୁବନେଶ୍ୱର, ୨୭।୮(ସ୍ପୋର୍ଟ୍ସ ବ୍ୟୁରୋ)**

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନିଟ୍-୧ ହାଇସ୍କୁଲ ଓ ବିକାଶ ସ୍କୁଲ ବିଜୟ ଲାଭ କରିଛନ୍ତି। ଦିବସର ପ୍ରଥମ ମ୍ୟାଚ୍‌ରେ ୟୁନିଟ୍-୧ ସରକାରୀ ହାଇସ୍କୁଲ ୩-୦ ଗୋଲରେ ଦୁଇ ନମ୍ବର ସରକାରୀ ସ୍କୁଲକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ କରଣ ହେମ୍ବ୍ରମ, ସନଖାଇ ମୁର୍ମୁ ଓ ସୁନ୍ଦର ମୋହନ କିସ୍କୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସୈନିକ ସ୍କୁଲର ସ୍ପୋର୍ଟ୍ସ ସେକ୍ରେଟାରି ଅଜିତ୍ କୁମାର ମୁଖାର୍ଜୀ ଅତିଥି ଭାବେ ଯୋଗଦେଇ କରଣ ହେମ୍ବ୍ରମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ ବିକାଶ ସ୍କୁଲର ୧-୦ ଗୋଲରେ ଡିପିଏସ୍ କଳିଙ୍ଗାକୁ ହରାଇଛି। ଏହି ମ୍ୟାଚ୍‌ରେ ବିନୟ ଗୋପ ବିଜୟୀ ଦଳ ପକ୍ଷରୁ ଏକମାତ୍ର ଗୋଲଟି କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଭୁବନେଶ୍ୱର ବିଡିଓ ଶାନ୍ତନୁ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ତପନ କୁମାର ମହାନ୍ତି, ନବରଞ୍ଜନ ପଟ୍ଟନାୟକ, ଅକ୍ଷୟ କୁମାର ଦାସ, ପ୍ରିୟନାଥ ମିଶ୍ର, ଅମିୟକାନ୍ତ ମିଶ୍ର, ପ୍ରଦୀପ କୁମାର ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ। ରାଜେନ୍ଦ୍ର ବାରିକ, ପ୍ରକାଶ ଦାସ, ଶ୍ରୀକାନ୍ତ ପଣ୍ଡା, ସରୋଜ ମହାରଣା, ପାକା ପଣ୍ଡା, ଚନ୍ଦ୍ରକାନ୍ତ ବାରିକ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମହେଶ୍ୱର ସିଂ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ।

# କ୍ରୀଡ଼ା ଦିବସରେ 'ହାର୍ଟ ବିଟ୍ସ ଫର ହକି'

**ଭୁବନେଶ୍ୱର, ୨୭।୮(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ କ୍ରମେ ପାଖେଇ ଆସିଛି। ଏଥିପାଇଁ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏହାର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହାର ଅଂଶବିଶେଷ ଭାବେ ଆସନ୍ତା ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସ ଅବସରରେ 'ମାଇଁ ହାର୍ଟ ବିଟ୍ସ ଫର ହକି' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ। ହକି ବିଶ୍ୱକପକୁ ଅଧିକ ଲୋକପ୍ରିୟ କରିବା ଏବଂ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହି କାର୍ଯ୍ୟକ୍ରମ ପରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯିବ। ହକି ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେଉଥିବାରୁ ଏଥର ଏହି ଉତ୍ସବ ସୂଚନା ଭବନ ପରିବର୍ତ୍ତେ କଳିଙ୍ଗ ଷ୍ଟାଡିୟମରେ ପୂର୍ବାହ୍ନ ୧୧ଟା ୩୦ରେ ଅନୁଷ୍ଠିତ ହେବ। ଓଡ଼ିଶାରେ ପ୍ରଥମଥର ପାଇଁ ହକି ବିଶ୍ୱକପ କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ଅମିତ ଭାରତୀୟ ଦଳର ସଦସ୍ୟଭାବେ ଖେଳୁଛନ୍ତି।

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ଚୟନ କମିଟିର ଜଣେ ସଦସ୍ୟଙ୍କ କହିବା ଅନୁସାରେ ୨୦୧୭ ବର୍ଷ ପାଇଁ ଲାଇଫ ଟାଇମ୍ ଆଚିଭମେଣ୍ଟ ପୁରସ୍କାର କାହାକୁ ଦିଆଯିବ ନାହିଁ। ଦୁଇ ଅନ୍ତର୍ଜାତୀୟ ହକି ଖେଳାଳି ସୁନୀତା ଲାକ୍ରା ଓ ଅମିତ ରୋହିଦାସ ଯୁଗ୍ମଭାବେ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇବେ। ଶ୍ରେଷ୍ଠ କୋଚ୍ ପୁରସ୍କାର ପାଇବେ ପୂର୍ଣ୍ଣିମା ହେମ୍ବ୍ରମଙ୍କ କୋଚ୍ ସଞ୍ଜୟ ଗଡ଼ନାୟକ। କ୍ରୀଡ଼ାର ପ୍ରଚାର ଓ ପ୍ରସାର ପାଇଁ ଅନୁଷ୍ଠାନଭାବେ ଏଥର ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନର ସମ୍ପାଦକ ନାରାୟଣ ସାହୁ ଓ ଓଡ଼ିଶା ଖଣି ନିଗମ(ଓଏମସି)କୁ ପୁରସ୍କୃତ କରାଯିବ। ଆକାଶବାଣୀର ସୁଜିତ ଦାସଙ୍କୁ ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ପୁରସ୍କାରରେ ସମ୍ମାନିତ କରାଯିବ। ପୁରସ୍କାର ବିଜେତାଙ୍କୁ ସ୍ୱତନ୍ତ୍ର ଟ୍ରଫି ସହ ମାନପତ୍ର ଓ ଅର୍ଥ ପ୍ରଦାନ କରାଯିବ। ଶ୍ରେଷ୍ଠ କ୍ରୀଡ଼ାବିତ୍ ପାଇଁ ୨ ଲକ୍ଷ, ଶ୍ରେଷ୍ଠ କୋଚ୍ ୧ ଲକ୍ଷ, ଶ୍ରେଷ୍ଠ ଅନୁଷ୍ଠାନ ଓ ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ପ୍ରକାଶ ଯୋଗ୍ୟ ଯେ, ଇଣ୍ଡୋନେସିଆର ଜାକର୍ତ୍ତା ଓ ପାଲେମବାଙ୍ଗଠାରେ ଚାଲିଥିବା ଏସିଆନ ଗେମ୍ସରେ ଏବେ ସୁନୀତା ଓ ଅମିତ ଭାରତୀୟ ଦଳର ସଦସ୍ୟଭାବେ ଖେଳୁଛନ୍ତି।



କେରଳରେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟାରେ ଶହ ଶହ ଲୋକ ହୋଇଛନ୍ତି ବାସହରା। ଆଲପୁଝା ଜିଲାର କୈନାକାରୀ ଗ୍ରାମବାସୀ ପ୍ରଶାସନର ତାଗିଦ୍ ସତ୍ତ୍ୱେ ପାଳିତ ପଶୁଙ୍କୁ ଛାଡି ଆଶ୍ରୟ ସ୍ଥଳକୁ ଯିବାକୁ ରାଜି ହୋଇ ନ ଥିଲେ । ଗାଁର ୨୦ଟି ପରିବାର ପାଳିତ ପଶୁଙ୍କୁ ନେଇ ସେଣ୍ଟ ମ୍ୟାରୀ ଚର୍ଚ୍ଚ ସ୍ଥିତ କବରସ୍ଥାନରେ ନେଇଛନ୍ତି ଆଶ୍ରୟ। ଏନେଇ ଏବେ ସୋସିଆଲ ମିଡ଼ିଆରେ ଆରମ୍ଭ ହୋଇଛି ଚର୍ଚ୍ଚା।



ଜାଲ୍ କାଗଜପତ୍ରରେ ୨.୨୬ କୋଟି ଋଣ ଠକେଇ ମାମଲା

# ଆଉଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ବ୍ୟାଙ୍କରେ ଜାଲ୍ କାଗଜପତ୍ର ଦାଖଲ କରି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଠକେଇ ମାମଲାରେ ସଂପୃକ୍ତ ଅନ୍ୟତମ ଅଭିଯୁକ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା) ରବିବାର ରାତିରେ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ଅଞ୍ଚଳର ନିରଞ୍ଜନ ଶତପଥୀ(୪୭)।

ସୂଚନାମୁତାବକ, କଟକ ନୟାସଡକସ୍ଥିତ ଆହ୍ଲାବାଦ ବ୍ୟାଙ୍କରୁ ୨୦୦୯ ଡିସେମ୍ବରରୁ ୨୦୧୦ ମାର୍ଚ୍ଚ ମଧ୍ୟରେ ସାରଳା ଲୋନ୍ ସ୍କିମରେ ୮୫ ଜଣ ୨ କୋଟି ୨୬ ଲକ୍ଷ ଟଙ୍କା ଋଣ ନେଇଥିଲେ। ପରବର୍ତ୍ତୀ ସମୟରେ ଜାଲ୍ କାଗଜପତ୍ର ଦାଖଲ କରାଯାଇ ଥିବା ଜଣାପଡିବା ପରେ ଏହି ଠକେଇର ଖୋଳତାଡ଼ ହୋଇଥିଲା। ପୂର୍ବରୁ ଏହି ଠକେଇ ମାମଲାରେ ୨୬ଜଣଙ୍କୁ ଗିରଫ କରାଯାଇଥିଲା। ରବୀନ୍ଦ୍ର କୁମାର ଜେନା ନାମକ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଦଣ୍ଡାଦେଶ ଦେଇଥିବାବେଳେ ଅନ୍ୟମାନଙ୍କ ମାମଲା ବିଚାରାଧୀନ ରହିଛି। ତେବେ ଅନ୍ୟତମ ଅଭିଯୁକ୍ତ ନିରଞ୍ଜନ ନିଜକୁ କନିଷ୍ଠ ଯନ୍ତ୍ରୀ ଦର୍ଶାଇବା ସହ ଜାଲ କାଗଜପତ୍ର ଦାଖଲ କରି ବ୍ୟାଙ୍କରୁ ୩ ଲକ୍ଷ ଟଙ୍କାର ଋଣ ଠକେଇ କରିଥିଲେ। ଏ ନେଇ ନୟାସଡକସ୍ଥିତ ଆହ୍ଲାବାଦ ବ୍ୟାଙ୍କର ସିନିୟର ମ୍ୟାନେଜର ପ୍ରଣବ କୁମାର ରାଏ ଇଓଡବ୍ଲ୍ୟୁରେ ୨୦୧୨ ଅକ୍ଟୋବର ୫ରେ ଅଭିଯୋଗ କରିଥିଲେ। ଏ ନେଇ ଇଓଡବ୍ଲ୍ୟୁ ୧/୧୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ ନାଭାଲ ଛକ ନିକଟସ୍ଥ ନିରଞ୍ଜନଙ୍କ ବାସଭବନରେ ପୋଲିସ ଚଢାଉକରି ଗିରଫ କରିଥିଲା। ପଚରାଉଚରା ପରେ ସୋମବାର ତାଙ୍କୁ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି।

## ପୂଜା ଚାନ୍ଦା




■ ବେଆଇନ କାରବାର ରୋକିବା ଚିନ୍ତା

# ସ୍ଥାପନ ହେବ ୧୮୭ ଅବକାରୀ ଥାନା

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

■ ବନ୍ଦ ହେବ ଭାଙ୍ଗ ଦୋକାନ

■ ଗଞ୍ଜାମ ଜିଲାରେ ବନ୍ଦ ହେବ ମହୁଲି ଭାଟି

ମଦ ମୃତ୍ୟୁ କିମ୍ବା ବେଆଇନ ମଦ, ଗଞ୍ଜେଇ, ଭାଙ୍ଗ ଓ ଅନ୍ୟାନ୍ୟ ଅବକାରୀ କାରବାର ରୋକିବା ପାଇଁ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ଜିଲାରେ ଅବକାରୀ ଥାନା ସ୍ଥାପନ କରିବେ। ପ୍ରଥମ ପର୍ଯ୍ୟାୟରେ ୧୮୭ଟି ଅବକାରୀ ଥାନା ସ୍ଥାପନ କରାଯିବ। ଏଥିରେ ଜଣେ ଲେଖାଏ ଅଫିସର ଇନ୍‌ଚାର୍ଜ ନିଯୁକ୍ତି ସହ ୨୧୯ ଜଣ କନଷ୍ଟେବଳ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ଥାନା କେବଳ ଅବକାରୀ ସମ୍ବନ୍ଧୀୟ ସମସ୍ୟା ଓ ମାମଲା ତଦାରଖ କରିବ। ଥାନା ଉପରେ ପଡୁଥିବା ଅଧିକ ଭାର କମାଇବାକୁ ଏଭଳି ଯୋଜନା କରାଯାଇଛି। ଖୁବ୍‌ଶୀଘ୍ର ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି। ପ୍ରତ୍ୟେକ ଥାନାରେ ସବ୍ ଇନ୍ସପେକ୍ଟର ର୍‍ୟାଙ୍କଠାରୁ ଉପର ପାହ୍ୟାର ଜଣେ ଲେଖାଏ ଅଫିସର ଇନ୍‌ଚାର୍ଜ ରହିବେ। ଯଦି ସେ କୌଣସି କାରଣରୁ ଅନୁପସ୍ଥିତ ରହିବେ ତାଙ୍କ ସ୍ଥାନରେ ଅବକାରୀ ବିଭାଗ କନଷ୍ଟେବଳ ର୍‍ୟାଙ୍କଠାରୁ ଉପର ପାହ୍ୟାର ଜଣେ ଅବକାରୀ ଅଧିକାରୀ ଦାୟିତ୍ୱ ତୁଲାଇବେ। ଅବକାରୀ ଆଇନ ଅନୁଯାୟୀ ଅଫିସର ଇନ୍‌ଚାର୍ଜ ନ୍ୟାୟାଳୟର ବିନାନୁମତିରେ ଯେ କୌଣସି ଅବକାରୀ ସମ୍ବନ୍ଧୀୟ ଆପରାଧିକ ମାମଲାର ତଦନ୍ତ କରିପାରିବେ। ଜଣେ ଅବକାରୀ ଅଧିକାରୀ ମଧ୍ୟ ଦାୟିତ୍ୱରେ ଥିବା ସମୟରେ ମାମଲାର ତଦନ୍ତ ନିଜଆଡୁ କରିପାରିବେ। ଥାନା ଅଧିକାରୀଙ୍କ ଭଳି ଅବକାରୀ ଥାନା ଅଫିସର କୋଡ ଅଫ କ୍ରିମିନାଲ ପ୍ରୋସିଡିୟୋର ୧୯୭୩ ଅନୁଯାୟୀ କ୍ଷମତାର ପ୍ରୟୋଗ କରିପାରିବେ। ତଦନ୍ତକାରୀ ଅଧିକାରୀ ଯଦି କୌଣସି ମାମଲାର ତଦନ୍ତ କରୁଥିବେ ତେବେ ସେ ସମ୍ପୃକ୍ତ ଥାନା ଅଫିସର ଇନ୍‌ଚାର୍ଜଙ୍କ ଜରିଆରେ ରିପୋର୍ଟ ପ୍ରଦାନ କରିବେ। ଯଦି କୌଣସି ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବ ଅବକାରୀ ଅଧିକାରୀ ଆଇନର ବ୍ୟବସ୍ଥା ଅନୁଯାୟୀ ଜାମିନ ଦେଇପାରିବେ। ଗିରଫ, ତଲାସି କିମ୍ବା ଅବକାରୀ ସାମଗ୍ରୀ ଜବତ କରାଯିବାର ୨୪ ଘଣ୍ଟା ମଧ୍ୟରେ ଥାନା ଅଧିକାରୀ ଏ ନେଇ ଏକ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରିବେ। ଏହି ଥାନା ସ୍ଥାପନ ହେବା ଦ୍ୱାରା ରାଜ୍ୟରେ ଅବକାରୀ ବେଆଇନ କାରବାର ହ୍ରାସ ପାଇବା ସହ ରାଜସ୍ୱ ବୃଦ୍ଧି ହୋଇ ପାରିବ ବୋଲି ଅବକାରୀ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହାଛଡା ରାଜ୍ୟରେ ଭାଙ୍ଗ କାରବାର ଉପରେ ମଧ୍ୟ ଅଙ୍କୁଶ ଲଗାଯିବ। ରାଜ୍ୟରେ ଥିବା ୧୨୧ଟି ସରକାରୀ ସ୍ୱୀକୃତିପ୍ରାପ୍ତ ଭାଙ୍ଗ ଦୋକାନ ରହିଛି। ସେଗୁଡିକ ମଧ୍ୟରୁ ୧୧୯ଟି ଦୋକାନ ବାର୍ଷିକ ନବୀକରଣ ପାଇଁ ଆବେଦନ କରିନାହାନ୍ତି। ସେଗୁଡିକୁ ବନ୍ଦ କରିଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି କୋଲକାତା ସ୍ଥିତ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି)ଙ୍କ ନିର୍ଦ୍ଦେଶାନୁଯାୟୀ ଗଞ୍ଜାମ ଜିଲାରେ ଥିବା ୭୬ଟି ମହୁଲ ଦୋକାନରୁ ୫୨ଟି ବନ୍ଦ ହେବ। ପରିବେଶ ଅନୁମତି, କନସେଣ୍ଟ ଟୁ ଅପରେଟ ଏବଂ କେନ୍ଦ୍ରୀୟ ଜଳ ଆୟୋଗଙ୍କ ନିକଟରୁ ଅନୁମତି ନେଇ ନ ଥିବାରୁ ସେ ସବୁକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟର ଅନ୍ୟ ଜିଲାରେ ଥିବା ମହୁଲ ଭାଟିଗୁଡିକୁ ମଧ୍ୟ ପରିବେଶ ଅନୁମତି ପ୍ରମାଣପତ୍ର ଦେବାକୁ ଚଳିତ ମାସ ୩୧ ସୁଦ୍ଧା କୁହାଯାଇଛି। ଏହି ସମୟ ମଧ୍ୟରେ ଦେଇ ନ ପାରିଲେ ସେ ସବୁ ଭାଟିକୁ ମଧ୍ୟ ବନ୍ଦ କରିଦିଆଯିବ ବୋଲି ସୂଚନା ମିଳିଛି। ରାଜ୍ୟର ୨୦ଟି ଜିଲାରେ ୫୭୨ ମହୁଲି ଭାଟି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଏହାର ୧୩୨୩ଟି ଶାଖା ରହିଛି।

ଅନ୍ୟପକ୍ଷରେ ନୂତନ ଅବକାରୀ ନୀତି ଅନୁଯାୟୀ ରାଜ୍ୟ ସରକାର ଚଳିତ ବର୍ଷ ଠିପି ବନ୍ଦ କିମ୍ବା ଠିପିଖୋଲା ମଦ ଦୋକାନକୁ ଆଉ ଅଧିକ ଖୋଲିବାକୁ ଲାଇସେନ୍ସ ଦେବେ ନାହିଁ। ଗ୍ରାମାଞ୍ଚଳରେ ଠିପିଖୋଲା ମଦ ଦୋକାନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଛଡା ଦୋକାନୀମାନେ ମଦଗୁଡିକର ଦର ତାଲିକା, ବନ୍ଦ ଓ ଖୋଲିବା ସମୟ, କେଉଁ ବୟସ ବ୍ୟକ୍ତିଙ୍କୁ କିଣିବା ପାଇଁ ଅନୁମତି ଦିଆଯିବ ନାହିଁ, ବୈଧାନିକ ସତର୍କତା ଆଦି ବିଷୟରେ ବୋର୍ଡ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ଦୋକାନ ବାହାରେ ଖୋଲାଖୋଲି ପିଇବା ବ୍ୟବସ୍ଥାକୁ ବନ୍ଦ କରିବା ସହ ଗ୍ରାମାଞ୍ଚଳରେ ୬ଟି ଗୃହ ଥିବା ହୋଟେଲ କିମ୍ବା ଯାତ୍ରୀ ନିବାସକୁ ବାର ଲାଇସେନ୍ସ ଦେବାକୁ ବ୍ୟବସ୍ଥା ହୋଇଛି।

## ପ୍ରଶାସନର ଫେରାଦ ହେଲେ ବିସ୍ଥାପିତ

ରେଙ୍ଗାଲି,୨୭।୮(ଡି.ଏନ.ଏ)-ରେଙ୍ଗାଲି ବ୍ଲକ ଠେଲକଲୋଇ ସ୍ଥିତ ଭୂଷଣ କାରଖାନାରେ କାର୍ଯ୍ୟରତ ବିସ୍ଥାପିତ ଓ ଜମିହରା କର୍ମଚାରୀ ଉପଯୁକ୍ତ ଦରମା ଓ ଅନୁଷଙ୍ଗିକ ସୁବିଧା ସୁଯୋଗ ନିମନ୍ତେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ଦେଇଛନ୍ତି। ଦରମା ସର୍ବନିମ୍ନ ୨୧ ହଜାର, ରିଭାଇଜ୍ ୧୦ ହଜାର, କର୍ମଚାରୀଙ୍କୁ ପେଟ୍ରୋଲ ଓ ସାଇକେଲ ପାଇଁ ଖର୍ଚ୍ଚ ଓ ଘର ଭଡା ଦିଆଯାଉ ବୋଲି ଦାବି କରାଯାଇଛି।

## ଗଞ୍ଜେଇ ସହ ବାଇକ୍ ଜବତ, ଜଣେ ଗିରଫ



**ରେଢ଼ାଖୋଲ, ୨୭।୮ (ଡି.ଏନ.ଏ.)**

ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଚାରମାଳ ପୋଲିସ ଏହି ଥାନା ଅଧୀନ କରଡାପାଳା ଗ୍ରାମର ରାଜକିଶୋର ଧଳ (୪୦) ନାମକ ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି। ତାଙ୍କଠାରୁ ଦେଢ କେଜି ଗଞ୍ଜେଇ ସହ ଏକ ବାଇକ ଜବତ କରିଛି। ଏ ନେଇ ଚାରମାଳ ଥାନାରେ ଦଫା ୨୦ (ଖ) ଏନଡିପିଏସ ଆକ୍ଟରେ ଏକ ମାମଲା (ନଂ. ୧୦୯/୧୮) ରୁଜୁ ହୋଇଛି। ରବିବାର ରାତିରେ ସେ ବାଇକ (ନଂ ଓଆର୧୫ ଜେ୯୧୭୫) ଯୋଗେ ବୌଦ୍ଧରୁ ସମ୍ବଲପୁର ଦିଗକୁ ଗଞ୍ଜେଇ ଧରି ଯାଉଥିବା ଥାନା ଅଧିକାରୀ ବସନ୍ତ ଦଳାଇ ସୂଚନା ପାଇଥିଲେ। ଏଣୁ ପୋଲିସ ୫୫ ନଂ ଜାତୀୟ ରାଜପଥର ପ୍ରଧାନପାଲି ଛକ ଠାରେ ଛକି ରହି ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। ବାଇକ ଡିକିରେ ଦେଢ କେଜି ଗଞ୍ଜେଇ ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଛି।

ଜୋସ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ!!!
ତୁରନ୍ତ ପ୍ରଭାବ
କୌଣସି କୋର୍ସର ଆବଶ୍ୟକତା ନାହିଁ
୧ କ୍ୟାପସୁଲ ୧ ଘଣ୍ଟା ପୂର୍ବରୁ ଖାଆନ୍ତୁ
ଶୀଘ୍ରପତନ ରୋକିବାରେ ସହାୟକ
100% ଆୟୁର୍ବେଦିକ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ପ୍ଲେ ୱିନ୍ ପ୍ଲସ୍ କ୍ୟାପସୁଲ
ପାୱାରଫୁଲ୍ ଷ୍ଟାମିନା ପାଇଁ

# CLASSIFIED DISPLAY

**ପ୍ଲେ ସ୍କୁଲ, ପବ୍ଲିକ ସ୍କୁଲ, କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଖୋଲିବା ପାଇଁ ବିଜ୍ଞପ୍ତି**
ଓଡ଼ିଶାରେ ଶିକ୍ଷାର ବିକାଶ ପାଇଁ 'ଉତ୍କଳ' ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ସୋସାଇଟି ଭୁବନେଶ୍ୱର, ଓଡ଼ିଶା ଦ୍ୱାରା ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା, ବ୍ଲକ, ସହର ଓ ଗ୍ରାମାଞ୍ଚଳମାନଙ୍କରେ ''ପ୍ଲେ ସ୍କୁଲ'' ''ପବ୍ଲିକ୍ ସ୍କୁଲ'' ଓ ''କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର'' ମାନ ଖୋଲାଯାଉଅଛି। ଏହିସବୁ କେନ୍ଦ୍ର ପରିଚାଳନା କରିବା ପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ''ଜିଲ୍ଲା କାର୍ଯ୍ୟାଳୟ'' ମାନ ଖୋଲା ଯାଇଅଛି। ଏହି ସବୁ ଶିକ୍ଷାକେନ୍ଦ୍ର ଓ ଜିଲ୍ଲା କାର୍ଯ୍ୟାଳୟ ମାନ ପରିଚାଳନା କରିବା ପାଇଁ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନମାନଙ୍କଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି। କେନ୍ଦ୍ର ଖୋଲିବା ପରେ କେନ୍ଦ୍ର ପାଇଁ ଆର୍ଥିକ ଅନୁଦାନ ସହିତ କମ୍ପ୍ୟୁଟର ଓ ବିଜ୍ଞାପନ ଖର୍ଚ୍ଚ ଯୋଗାଇ ଦିଆଯିବ। ଆବେଦନ କରିବା ପାଇଁ visit କରନ୍ତୁ www.ueacsoonline.tk ।
Play School-C.B.S.E. Pattern, DCA, PGDCA, Certificate from an (ISO 9001-2008 certified)
N.B.:- No FRANCHISE FEE
ଚେୟାରମ୍ୟାନ
ଉତ୍କଳ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ସୋସାଇଟି, (Govt. Regd.)
ଫୋନ୍‌:୬୭୫୫-୨୧୪୩୦୦, ୯୪୩୯୩୬୧୬୯୩, ୯୮୬୧୭୩୨୦୨୫

Reliance RETAIL
**DISTRIBUTOR REQUIRED**
TOWN/AREA
Bhubaneswar, Cuttack, Jagatsinghpur, Paradeep, Jaraka, Panikoili, Bhadrak, Balasore, Baripada, Jajpur Town, Jajpur Road, Anandpur, Karanjia, Rairangpur, Barbil, Keonjhar, Dhenkanal, Angul, Talcher, Nayagarh, Dasapalla, Balugaon, Berhampur, Aska, Puri.
FMCG PRODUCTS,
RSD ENTERPRISES
8917639232/ 9778918827

**ALL LEADING FOOTWEAR BRANDS**
LIBERTY, Lee Cooper, RED CHIEF, WOODLAND, Hitz, inblu, DUKE, Tracer, Helios, SOLETHREADS, NEOZ Italia, iD
For Dealership Contact
RAMJI ENTERPRISES
Hanspal, Bhubaneswar
Mob.: 9437006984, 7788000590

**ADMISSION OPEN**
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

**EARN IN DOLLARS**
NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur
Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

**MORE SPACE • SAME PRICE**
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

**ଅଶ୍ୱିନୀ ଅପସ୍ମାର ବାତ କ୍ଲିନିକ୍**
ବାରମ୍ବାର ଅପସ୍ମାର ବାତରେ ପୀଡ଼ିତ ରୋଗୀ ମାନେ ପ୍ରତି ଶନିବାର ଦିବା ୯ଟାରୁ ୧୨ ଘଟିକା ମଧ୍ୟରେ ଅଶ୍ୱିନୀ ହସ୍ପିଟାଲ୍‌ର ଅପସ୍ମାର ବାତ କ୍ଲିନିକ୍‌ରେ ଚିକିତ୍ସା ପରାମର୍ଶ କରିପାରିବେ।
ASHWINI HOSPITAL empowered to heal...
ଯୋଗାଯୋଗ - ୭୮୯୪୪୬୦୪୪୩

**On the Occasion of Dasara, Hastashilpi presents**
ହସ୍ତଶିଳ୍ପୀ
ସିଲ୍କ ଇଣ୍ଡିଆ™ 2018
Last 6 Days Only
ପିଓର ସିଲ୍କ ଶାଢ଼ୀ ଏବଂ ସମଗ୍ର ଦେଶର ସିଲ୍କ ଉତ୍ପାଦଗୁଡିକର ପ୍ରଦର୍ଶନୀ ସହ ବିକ୍ରି
24th Aug. to 2nd Sept. 2018 | 10.30 am to 8.30 pm
ସ୍ଥାନ: ଦ ନ୍ୟୁ ମ୍ୟାରିଅନ
ଜନପଥ, ରାମ ମନ୍ଦିର ସାମ୍ନା, ଭୁବନେଶ୍ୱର
ଉତ୍ପାଦର ପ୍ରଦର୍ଶନ:
ବିହାର: ଅର୍ଗାନିକ୍ ଟସର ସିଲ୍କ ଶାଢୀ, ସୁଟ୍ ଏବଂ ଷ୍ଟୋଲ୍
କର୍ଣ୍ଣାଟକ: କ୍ରିପ୍ ସିଲ୍କ, ଜର୍ଜେଟ୍ ସିଲ୍କ, ଅର୍ଗାଞ୍ଜି ସିଲ୍କ ଏବଂ ପ୍ରିଣ୍ଟେଡ୍ ଶାଢୀ
ତାମିଲନାଡୁ: କାଞ୍ଚିବରମ୍ ସିଲ୍କ ଶାଢୀ ଏବଂ ଡିଜାଇନର୍ ଫ୍ୟାବ୍ରୀ ଶାଢୀ
ଆନ୍ଧ୍ରପ୍ରଦେଶ: ଧର୍ମାଭାର, ଉପଦା, ଗଦ୍ୱାଲ, ମଙ୍ଗଳଗିରି ଏବଂ ପୋଚମ୍ପଲ୍ଲୀ ଶାଢୀ
ଉତ୍ତରପ୍ରଦେଶ: ଲକ୍ଷ୍ନୌ ଚିକନ୍, ମଲବେରୀ ସିଲ୍କ, ଜାମଦାନୀ, ଜାମୱାର ସିଲ୍କ ଏବଂ ସିଫନ୍ ସିଲ୍କ
ମହାରାଷ୍ଟ୍ର: ପୈଥାନୀ ଶାଢୀ, ଡିଜାଇନର ଡ୍ରେସ୍ ମ୍ୟାଟେରିଆଲ୍ସ
ପଞ୍ଜାବ: ପଟିୟାଲା ଡ୍ରେସ୍ ମ୍ୟାଟେରିଆଲ୍ସ
ଓଡିଶା: ସମ୍ବଲପୁରୀ, ଇକ୍କଟ, ବମ୍ଫାଇ ଶାଢୀ, ହ୍ୟାଣ୍ଡଲୁମ୍ ସିଲ୍କ କଟନ
ଛତିଶଗଡ: ଏକ୍ସକ୍ଲୁସିଭ୍ ର ସିଲ୍କ ଶାଢୀ, କୋଷା ସିଲ୍କ, ଟସର ସୁଟ୍ ଏବଂ ଦୁପଟ୍ଟା
ମଧ୍ୟପ୍ରଦେଶ: ମାହେଶ୍ୱରୀ, ଚାନ୍ଦେରୀ ସିଲ୍କ ଶାଢୀ ଏବଂ ସୁଟ୍
ୱେଷ୍ଟ ବେଙ୍ଗଲ: ବାଲୁଚରୀ, ଢାକା ମସ୍ଲିନ, ଗିଚା, ବୁଟିକ୍ ଓ କନ୍ଥା ଶାଢୀ, ଜୋର୍ଜେଟ
ଆସାମ: ମୁଗା ଏବଂ ଏରୀ ସିଲ୍କ ଶାଢୀ
ଜାମ୍ମୁ ଓ କାଶ୍ମୀର: କାଶ୍ମୀର ସିଲ୍କ, ପଶ୍ମିନା ଶାଲ୍ ଏବଂ ସୁଟ୍
ରାଜସ୍ଥାନ: କୋଟା ସିଲ୍କ, ହ୍ୟାଣ୍ଡ ବ୍ଲକ ପ୍ରିଣ୍ଟ୍ ଡ୍ରେସ୍ ଏବଂ ଶାଢୀ
ଏବଂ ଆହୁରି ଅନେକ....
All Credit & Debit Cards Accepted | Contact : +91 - 85534 16929 / +91 - 89717 57606
(Registered with O/o D C (H), Ministry of Textiles, Govt. of India)
Organised by : hastashilpi

Ministry of Culture Govt. of India · Sangeet Natak Akademi · IndianOil · NALCO A NAVRATNA COMPANY · ODISHA TOURISM · OMC
srjan
Guru Kelucharan Mohapatra Odissi Nrityabasa
**Guru Kelucharan Mohapatra Award Festival 2018**
5th & 9th September, 6.30pm | 6th, 7th, 8th September, 7.00pm
Rabindra Mandap, Bhubaneshwar, Odisha
05 SEP | 6.30 PM
Odissi
Smt. Rajashri Praharaj
Jugalbandi in Carnatic Music
Vidwan R. Kumaresh (Violin)
Dr. Jayanthi Kumaresh (Veena)
06 SEP | 7.00 PM
Vocal Rendition of Geeta Govinda
Sri Parthasarathi Panigrahi (Baboo)
Kuchipudi
Smt. Vyjayanthi Kashi & Prateeksha Kashi
07 SEP | 7.00 PM
Musical Fusion
AGAM The Band
08 SEP | 7.00 PM
Kathak
Pt. Rajendra Gangani
Carnatic Instrumental-Violin
Sri Ambi Subramaniam
09 SEP | 6.30 PM
Presentation of
NALCO Guru Kelucharan Mohapatra Award 2018
NALCO Guru Kelucharan Mohapatra
Yuva Prativa Samman 2018
Dance Ballet "Maati" by Srjan Ensemble
Lyrical poem by poet Sri Radha Mohan Gadanayak
Choreography by Ratikant Mohapatra
Media Partner: ଧରିତ୍ରୀ DHARITRI, OrissaPOST · Dept. of OLLC Govt. of Odisha · Sponsors: imfa, MGM Group Bhubaneshwar, PRIYADARSHINI, SBI, NTPC, MAYFAIR Hotels & Resorts, THE CROWN, mio amore, RMH The Royale Midtown, UltraTech · Outdoor Media Partner: TEAM · Web Partner
ENTRY BY INVITATION ONLY
All lovers of music & dance are welcome to the show. Please collect your invitation card from Srjan Office after 1st September 2018.
SRJAN, 1340, Kapilaprasad, Bhimatangi, Bhubaneshwar-751002 | 9937013031/9937092192
www.srjan.com | srjan.bbsr@gmail.com | SRJAN | SRJAN | /GKCMAwardFestival

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୨୮/୨୦୧୮ Sambalpur, Tuesday, August 28/ 2018

## ପୁଣି ୩ ଡେଙ୍ଗୁ ରୋଗୀ ଚିହ୍ନଟ

କୋକସରା,୨୭।୮(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ରବିବାର ୧୨୪ ଥିବା ବେଳେ ସୋମବାର ୧୨୭କୁ ବୃଦ୍ଧି ପାଇଛି। ସୋମବାର ୩ ଜଣଙ୍କ ରକ୍ତ ପରୀକ୍ଷା କରାଯାଇ ରିପୋର୍ଟ ମିଳିବା ପରେ ଏହା ୧୨୭କୁ ପହଞ୍ଚିଛି। ବେସରକାରୀ ଭାବେ ଆକ୍ରାନ୍ତଙ୍କ ସଂଖ୍ୟ ୧୭୦ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଗାଁରେ ଡେଙ୍ଗୁସ୍ଥିତିକୁ ସୁଧାର ଆଣିବା ପାଇଁ ମେଡିକାଲ ଟିମ ଲାଗି ରହିଥିଲେ ହେଁ ଆକ୍ରାନ୍ତଙ୍କ ସଂଖ୍ୟା କମି ବା ବଦଳରେ ବଢ଼ି ଚାଲିଛି । ରବିବାର ଲଗାଣ ବର୍ଷା ଯୋଗୁ ମେଡିକାଲ ଟିମର ସଚେତନତା କାର୍ଯ୍ୟକ୍ରମ ଓ ଡିଡିଟି ସିଞ୍ଚନ ବାଧାପ୍ରାପ୍ତ ହୋଇଥିବା ବେଳେ ସୋମବାର ମଧ୍ୟ ବର୍ଷା ଯୋଗୁ ସବୁ କାର୍ଯ୍ୟ ବନ୍ଦ ରହିଛି। ଅନ୍ୟପକ୍ଷେ ଗାଁର କିଛି ଲୋକେ ଘରୋଇ ଚିକିତ୍ସାଳୟରେ ଡେଙ୍ଗୁ ଚିହ୍ନଟ ହୋଇ ରାଜ୍ୟ ବାହାରକୁ ଚିକିତ୍ସା ପାଇଁ ଯାଇଥିବା ଘଟଣା ସରକାରୀ ଚିକିତ୍ସା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏହି ଘଟଣାକୁ ଗୁରୁତ୍ୱ ଦେଇ ଚିକିତ୍ସା ଓ ସଚେତନତା କାର୍ଯ୍ୟକ୍ରମ ଯୋରସୋରରେ ଚାଲୁ ରଖିବାକୁ ଲଡୁଗାଁବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଚିକିତ୍ସାଧିକାରୀ ଡା.ସରୋଜ କୁମାର ତିହାଡିଙ୍କୁ ପଚାରିବାରୁ ଲଗାଣ ବର୍ଷା ଯୋଗୁ ଡେଙ୍ଗୁ କାର୍ଯ୍ୟକ୍ରମ ଧିମେଇ ଯାଇଛି। ବର୍ଷା ଛାଡିଲେ ପୁଣି ଥରେ ଡେଙ୍ଗୁ ନିରାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଜିଲା ଚିକିତ୍ସାଧିକାରୀ କହିଛନ୍ତି।

### ପଶ୍ଚିମ ଓଡିଶା ସୁନ୍ଦରୀ ପ୍ରତିଯୋଗିତା

# ମୁକୁଟ ପିନ୍ଧିଲେ ମମତା

ରାଉରକେଲା ଅଫିସ,୨୭। ୮

ହାପି ମୁମେଣ୍ଟସ୍ ପକ୍ଷରୁ ଆୟୋଜିତ ପଶ୍ଚିମ ଓଡିଶା ସୁନ୍ଦରୀ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଉରକେଲାର ମମତା ରାଉତରାୟ ଟାଇଟଲ ବିଜୟିନୀ ହୋଇଥିବା ବେଳେ ବଲାଙ୍ଗୀରର ଦୀପିକା ଶର୍ମା ୧ମ ରନର୍ସ ଅପ୍, ରାଉରକେଲାର ବବିତା ମହାନ୍ତି ଓ ଝୁନୁ ନାୟକ ଯଥାକ୍ରମେ ୨ୟ ଓ ୩ୟ ରନର୍ସ ଅପ୍ ହୋଇ ଅତିଥିଙ୍କଠାରୁ ମୁକୁଟ ଗ୍ରହଣ କରିଛନ୍ତି। ଏଥିରେ ପଶ୍ଚିମ ଓଡିଶାର ସୁନ୍ଦରଗଡ଼, ଦେବଗଡ଼, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କଳାହାଣ୍ଡି, ସୋନପୁର ଓ ବଲାଙ୍ଗୀର ଜିଲା ପ୍ରତିଯୋଗୀମାନେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୩୦ଜଣ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲେ। ସ୍ଥାନୀୟ ଭଞ୍ଜ ଭବନଠାରେ ଆୟୋଜିତ ସେମି ଫାଇନାଲରେ ୧୨ଜଣଙ୍କୁ ଫାଇନାଲିଷ୍ଟ ଭାବେ ଚୟନ କରାଯାଇଥିଲା। ପ୍ରୀତିକା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସୁସ୍ମିତା ମହାପାତ୍ର ଓ ମିନାକ୍ଷୀ ଧର ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାମ ଶର୍ମା, ମିନତୀ ଦେବତା, ପଦ୍ମିନୀ ପାଣିଗ୍ରାହୀ, ସୁରମା ମିଶ୍ର, ବୈଦ୍ୟନାଥ ମିଶ୍ର ଓ ବିମଳ ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭିନ୍ନ ପର୍ଯ୍ୟାୟରେ ଶୁଭେନ୍ଦ୍ର ଦାସ, ରୁମା ଦାସ, ଗୋପୀନାଥ ପଟ୍ଟନାୟକ, ଅର୍ଚ୍ଚନା ଶତପଥୀ ଓ କୁମର ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୀରା ସିହ୍ନାରାୟ, ପଲ୍ଲବୀ କର, ମମତା ପାଣି, ସିଲି ମହାନ୍ତି, କିରଣ ଗୁପ୍ତା ଓ ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ମୁକୁଟ ବିଜୟିନୀ ମମତା (ମଝି)ଙ୍କ ସହ ଦୁଇ ରନର୍ସଅପ୍ ।














Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ପତନ ନ ହେବାରେ କିଛି ଗୌରବ ନାହିଁ, ପତନରୁ ଉତ୍‌ଥାନ ହିଁ ପ୍ରକୃତ ଗୌରବ।

- ଗୋଲ୍ଡସ୍ମିଥ୍



## ସଂକ୍ଷେପରେ



### ବଢ଼ୁଛି ମାଂସ ପିଣ୍ଡୁଳା, ଚିକିତ୍ସା ପାଇଁ ଅର୍ଥ ନାହିଁ

**ବରଗଡ଼ ଅଫିସ୍,୨୭।୮:** ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ ଗ୍ରାମର ପରେଶ ସାହୁ(୫୦)ଙ୍କ ମୁହଁର ଗୋଟିଏ ପାର୍ଶ୍ୱରେ ମାଂସ ପିଣ୍ଡୁଳା ଅସ୍ୱାଭାବିକ ଭାବେ ବଢ଼ି ଚାଲିଛି । ଚିକିତ୍ସା କଲେ ମଧ୍ୟ ସେ ଆରୋଗ୍ୟ ଲାଭ କରି ପାରିନାହାନ୍ତି । ବୁର୍ଲା ଡାକ୍ତରଖାନାରେ ଏହାର ଅସ୍ତ୍ରୋପଚାର ହୋଇପାରିବ ନାହିଁ ଏବଂ ଏହାର ଉଚ୍ଚତର ଚିକିତ୍ସାର ଆବଶ୍ୟକତା ରହିଛି ବୋଲି ଡାକ୍ତରମାନେ ପରାମର୍ଶ ଦେଉଛନ୍ତି । ମାତ୍ର ସେଥିପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିବା ପରେଶ କହିଛନ୍ତି । ଫଳରେ ଚିକିତ୍ସା ସହାୟତା ତଥା ଭତ୍ତା ପ୍ରଦାନ ପାଇଁ ପରେଶ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଏ ନେଇ ସେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

### ଗୌରାଙ୍ଗ ମଠରେ ଝୁଲଣ ଯାତ୍ରା ସମ୍ପନ୍ନ

ଗଣ୍ଡତୁରୁମ, ୨୭।୮ (ଡି.ଏନ.ଏ): ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ କେଶିପାଲି ଗୌରାଙ୍ଗ ମଠରେ ୫ ଦିନ ଧରି ଚାଲିଥିବା ରାଧାକୃଷ୍ଣଙ୍କ ଝୁଲଣଯାତ୍ରା ରବିବାର ସମ୍ପନ୍ନ ହୋଇଛି। ମଠ ମହନ୍ତ ଗଙ୍ଗାରାମ ଦାଶଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ପ୍ରତିବର୍ଷ ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥିରୁ ଆରମ୍ଭ ହୋଇ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚାଲିଥାଏ । ପ୍ରତ୍ୟହ ପୁରାଣ ପାରାୟଣ ସହିତ ନାମଯଜ୍ଞ ହୋଇ ଝୁଲଣଯାତ୍ରା ହୋଇଥିଲା । ଏଥିରେ ବୃନ୍ଦାବନ ମଠର ସାଧୁ ହନୁମାନ ଦାଶ, ତୁଳସୀ ଦାଶଙ୍କ ସମେତ ବହୁ ସାଧୁସନ୍ଥ ଯୋଗ ଦେଇଥିଲେ । ଗ୍ରାମର ଚନ୍ଦ୍ରଶେଖର ଦାଶ, ଆନନ୍ଦ ଦାଶ, ଯତୀନ୍ଦ୍ର ଦାଶ, ମନବୋଧ ସାହୁ, ଦାଶରଥି ପରିଡା, ଦୃତିଆ ସେଟ, ସୁରଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଞ୍ଚଳବାସୀ ସହଯୋଗ କରିଥିଲେ ।

# ମୁଁ ତ ଅମୃତ ସାଗର ବିନ୍ଦୁ... ଉଦ୍‌ଯାପିତ

**ବରଗଡ଼ ଅଫିସ୍,୨୭।୮**

ବରଗଡ଼ ସୌଖୀନ ରଙ୍ଗମଞ୍ଚରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ ଜିଲା ଶିକ୍ଷା ବିଭାଗ ତଥା ଶିକ୍ଷା ଜିଲା ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ମୁଁ ତ ଅମୃତ ସାଗର ବିନ୍ଦୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ପୌର ପରିଷଦ ଉପାଧ୍ୟକ୍ଷା କଳ୍ପନା ମାଝି, ଗାନ୍ଧି ସ୍ମୃତି ପାଠାଗାରର ସଭାପତି ଅରୁଣ ମହାନ୍ତି, ସାହିତ୍ୟିକ ମନୋରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷା ସାହିତ୍ୟ ସଂସ୍କୃତି ସଂସଦର ସଂଯୋଜକ ଡଃ ମନୋଜ କୁମାର ସାହୁ ଓ ଉମେଶ ପ୍ରସାଦ ଦଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ନବ ମହନ୍ତମ, ନାଟ୍ୟ ନିର୍ଦ୍ଦେଶକ ବଲ୍ଲଭ ପ୍ରଧାନ ଓ ଚିତ୍ରଶିଳ୍ପୀ ଅମୂଲ୍ୟ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାପାଳ ତ୍ରିପାଠୀ ଗଙ୍ଗାଧର କାବ୍ୟ ଉପରେ ଆଧାରିତ ସିଡ଼ି କ୍ୟାସେଟ 'ମୁଁ ତ ଅମୃତ ସାଗର ବିନ୍ଦୁ'କୁ ଉନ୍ମୋଚନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଗୋବିନ୍ଦ ସେଠ, ରୋଜାଲିନ ମିଶ୍ର, ଅଶୋକ ପଶାୟତ, ସଦାନନ୍ଦ ଜାଲ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୀତିନାଟ୍ୟ ପ୍ରଣୟବଲ୍ଲରୀର ସମସ୍ତ କଳାକାରଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ନାଏକ, ଶାରୀରିକ ଶିକ୍ଷା ନିରୀକ୍ଷକ ଗିରିଜା ପ୍ରସାଦ ନାଥଙ୍କ ସମେତ ବରଗଡ଼ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ । ଭାର୍ଗବ ନାଏକ, ବିରେନ୍ଦ୍ର ଦାଶ, ଡଃ ଡୋଲାମଣି ଶତପଥି, ବିବେକାନନ୍ଦ ଅଦାବର, କମଳା ଦାଶ, ସଙ୍ଗୀତାରାଣୀ ମିଶ୍ର ପୁରସ୍କାର ବିତରଣୀ ସମାରୋହକୁ ସଂଯୋଜନା କରିଥିଲେ। ଗୀତିନାଟ୍ୟ ପ୍ରଣୟ ବଲ୍ଲରୀରେ ଜୟନ୍ତ କୁମାର ନନ୍ଦ, ପରିତୋଷ ବେହେରା, ପଦ୍ମନାଭ ଦାଶ, ଆଲୋକ ସାହୁ ପ୍ରମୁଖ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ।




ଛାତ୍ରୀମାନେ ଗୀତିନାଟ୍ୟ ପ୍ରଣୟ ବଲ୍ଲରୀ ମଞ୍ଚସ୍ଥ କରୁଛନ୍ତି ।

# କାଳିସୀ ନାମରେ ନିର୍ଯାତନା ଅଭିଯୋଗ, ମାମଲା ରୁଜୁ

**ଭେଡ଼େନ, ୨୭।୮(ଡି.ଏନ.ଏ)**

ଭେଡ଼େନ ଥାନା ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମରେ ଜଣେ ବ୍ୟକ୍ତି କାଳିସୀ ନାମରେ ଅନ୍ୟମାନଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଏ ନେଇ ସୋମବାର ରାତିରେ ଭେଡେନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୫୪/୧୮) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ଗତ ୨୪ତାରିଖରେ ବାଞ୍ଜିପାଲି ଗ୍ରାମର ପୁରୋହିତ ସୀତାରାମ ପଣ୍ଡାଙ୍କୁ ସେହି ଗ୍ରାମର ଦୁଇଜଣ ବ୍ୟକ୍ତି କାଳିସୀ ଡ଼ାକୁଛି, ହନୁମାନ ମନ୍ଦିରକୁ ଚାଲ ବୋଲି କହି ଡ଼ାକି ନେଇଥିଲେ । ସେଠାରେ ଅନ୍ୟ ଦୁଇଜଣ ବ୍ୟକ୍ତି ଜଣେ ମହିଳାଙ୍କ ଦେହରେ କାଳିସୀ ସବାର ହୋଇଥିବା କହିଥିଲେ । ଉକ୍ତ ମହିଳା ଜଣକ ସୀତାରାମଙ୍କୁ ଦେଖି ଗାଳିଗୁଲଜ କରି କାଦୁଅରେ ବସାଇ ତୋ ଗୋଡହାତ ଛିଣ୍ଡିଯିବ ବୋଲି ଅଭିଶାପ ଦେଇଥିଲେ । ସେହିପରି ଗ୍ରାମର ଅନ୍ୟ ଜଣେ ମହିଳାଙ୍କୁ କାଦୁଅରେ ମୁହଁ ମାଡ଼ି ପକାଇ ଦେଇଥିଲେ। କାଳେ ସୀତାରାମଙ୍କର ଅସୁବିଧା ହେବ ବୋଲି ଭାବି ଗ୍ରାମବାସୀ ତାଙ୍କୁ ଦୁଇଦିନ ଧରି ଜଗି ବସିଥିଲେ । ଦୁଇଦିନ ପରେ ଅଭିଶାପ ନ ଫଳିବାରୁ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ସୋମବାର ସନ୍ଧ୍ୟାରେ ସୀତାରାମ ଭେଡ଼େନ ଥାନାକୁ ଆସି ଉକ୍ତ ମହିଳା କାଳିସୀ ଓ ତାଙ୍କ ସହଯୋଗୀମାନଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ ।

# ଶ୍ରେଷ୍ଠ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ପାଇକମାଲ,୨୭।୮(ଡି.ଏନ.ଏ)**

ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କୁ ଓଡିଶା ବିଧାନସଭାରେ ୨୦୧୬ ମସିହାର ଶ୍ରେଷ୍ଠ ବିଧାୟକ ଭାବେ ଉତ୍କଳମଣି ଗୋପବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ସୋମବାର ପାଇକମାଲ ଧର୍ମଶାଳାଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ କୁମରମଣି ନାୟକ, ରମଳା ଲୁହାର, ସଙ୍ଗୀତ ଲୁହାର, କୁମୁଦିନୀ ସାହୁ, ବିରାଜ କୁମାରୀ ତାଣ୍ଡି, ଗୋବର୍ଦ୍ଧନ ଅଗ୍ରୱାଲ ପ୍ରମୁଖ ଭାଜପା ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ । ସଭାରେ ବିଧାୟକଙ୍କୁ ପାଇକମାଲ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ପାଇକମାଲ ମଣ୍ଡଳ ସଭାପତି ସରୋଜ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।



ପାଇକମାଳରେ ବିଧାୟକ ପ୍ରଦୀପ ପୁରୋହିତଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ପ୍ରତିକୂଳତାରୁ ଅନୁକୂଳତାକୁ ରୂପାନ୍ତର ମେହେର ସାହିତ୍ୟର ବିଶେଷତ୍ୱ

**ପଦ୍ମପୁର, ୨୭।୮ (ଡି.ଏନ.ଏ)**

ପ୍ରତିକୂଳତାରୁ ଅନୁକୂଳତାକୁ ରୂପାନ୍ତର ହିଁ ମେହେର ସାହିତ୍ୟର ବିଶେଷତ୍ୱ ବୋଲି ପଦ୍ମପୁରରେ ଆୟୋଜିତ ଗଙ୍ଗାଧର ମେହେର ଜୟନ୍ତୀ ଉତ୍ସବରେ ମୁଖ୍ୟବକ୍ତା ଡ. କୃଷ୍ଣ କେଶବ ଷଡଙ୍ଗୀ ପ୍ରକାଶ କରିଛନ୍ତି । ସ୍ଥାନୀୟ ଆର୍‌ବି ହାଇସ୍କୁଲ ପରିସରରେ ଡ. ପ୍ରମୋଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର ମୁଖ୍ୟଅତିଥି, ଆର୍‌ବି ହାଇସ୍କୁଲର ପ୍ରଧାନଶିକ୍ଷକ ସରୋଜ ଭୁଏ ସମ୍ମାନୀତ ଅତିଥି ଏବଂ ଡ. କୃଷ୍ଣକେଶବ ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ମନୋଜ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷଦେବ ମେହେର ବିବରଣୀ ପାଠ କରିଥିଲେ। ଅନ୍ତର୍ଯାମୀ ମେହେରଙ୍କ ନିର୍ଦ୍ଦେଶନାରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ନାଟ୍ୟକାର ଅଶୋକ ବହିଦାରଙ୍କ ପରିଚାଳନାରେ ଡ. କୃଷ୍ଣ କେଶବ ଷଡଙ୍ଗୀଙ୍କୁ ମୁଖ୍ୟଅତିଥି ଗଙ୍ଗାଧର ସମ୍ମାନରେ ସମ୍ମାନିତ କରିଥିଲେ । ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଶେଷରେ ରାଜେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଚୂଳସୁନ୍ଦର ମେହେର, କରୁଣାକର ମେହେର, ସତ୍ୟମୟ ତ୍ରିପାଠୀ, ପ୍ରସନ୍ନ ମେହେର, ରାମଚନ୍ଦ୍ର ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**COURT NOTICE**

**IN THE COURT OF THEE HON'BLE MOTOR VEHICLE ACCIDENTS CLAIMS TRIBUNAL CUM V ADDITIONAL DISTRICT JUDGE :: RANGA REDDY DISTRICT COURT AT:L.B.NAGAR**
**O.P.NO. 1014 OF 2016**

Between:
Muddhagoni Suryadaksh Goud ..Petitioner
(Being Minor Rep. by his Natural father Muddhagoni Srinivas Goud(Muddhagoni Srinivas)
And
Raja Kumar Ray & 3 others ..Respondents

**NOTICE TO RESPONDENT No.1**

To
Raja Kumar Ray,
S/o.Not known, age:Major
R/o.Mission Road, Sundarghar,
H/o.Sundarghar Orissa-770001.
.....Respondent No.1

Please take notice that the above named Petitioner filed the above O.P. U/s.166 of the M.V.Act, 1989. But the O.P. is stands posted to 07-09-2018 for your appearance. You are hereby requested to appear in person or by pleader before this Hon'ble Court on 07-09-2018 at 10: 30 A.M. . Otherwise, the matter will be called and decided ex-parte in your absence.
//BY ORDER OF THE HON'BLE COURT//

S.Chandraiah,
S. Satish Kumar,
Advocates, Hyderabad

**GOVERNMENT OF ODISHA**
**OFFICE OF THE BLOCK DEVELOPMENT OFFICER**
**SADAR BLOCK, SUNDARGARH**
**INVITATION TENDER CALL NOTICE**

**No. 2865** **Dt. 26.08.2018**

The Block Development Officer, Sadar, Sundargarh on behalf of Governor of Odisha invites Percentage rate bids in sealed cover for the following works from the class of eligible contractors as mentioned in Column-7 (seven).

| Sl. No. | Name of the Place | Name of the Work | Amount put to Tender in Rs. | Cost of Tender paper (Non-refundable) in Rs. | Bid security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Bhawanipur Kirei G.p | Improvement of the road from village Bhawanipur to Model School | 30,00,000/- | 6,000/- | 30,000/- | 02 (Two months) | 'C' & 'B' Class |

The bid documents and detail terms and conditions can be downloaded from District Website www.sundergarh.nic.in. The last date of receive of bid is 11.09.2018, 3.00 P.M. & date of opening is Dt. 12.09.2018 at 11.00 A.M.

**Sd./- Block Development Officer, Sadar, Sundargarh**

# ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ଶିଳାନ୍ୟାସ




ମୁଖ୍ୟମନ୍ତ୍ରୀ ସଡ଼କ କାମ ପାଇଁ ଶିଳାନ୍ୟାସ କରାଯାଉଛି ।

**ଭଟଲି,୨୭।୮(ଡି.ଏନ୍.ଏ)**

ଶକ୍ତି ଓ ଶ୍ରମ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ ଭଟଲି ବ୍ଲକ ସୁକୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଲା ଗ୍ରାମରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଏକ ରାସ୍ତା କାମର ଶିଳାନ୍ୟାସ କରିଛନ୍ତି । ଏହି ଯୋଜନାର ବ୍ୟୟ ଅଟକଳ ଟ.୧.୧୨ କୋଟି ଟଙ୍କା ରହିଛି । ଏହି ଅବସରରେ ସୁକୁଡା ସରପଞ୍ଚ ସହଦେବ ବନଛୋରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମନ୍ତ୍ରୀ ସିଂ,ବରଗଡ ଏମ୍‌ପି ଡ. ପ୍ରଭାସ ସିଂ, ବିଜେଡି ନେତା ସନ୍ତୋଷ ସେଠ, ସମିତି ସଭ୍ୟ ଯାଦବ ସା, କଳିଙ୍ଗ ଭୁଏ ପ୍ରମୁଖ ମଞ୍ଚାସୀନ ଥିଲେ । ସନ୍ତୋଷ ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜମିପଟ୍ଟା ପାଇଁ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୨୭।୮**

ବରଗଡ଼ ସହର ଉପକଣ୍ଠ ବର୍ଡ଼ୋଲ ପଞ୍ଚାୟତର ଭୂମିହୀନଙ୍କୁ ଏପର୍ଯ୍ୟନ୍ତ ଜମିପଟ୍ଟା ମିଳିନାହିଁ । ଫଳରେ ସେମାନେ ଇନ୍ଦିରା ଆବାସ, ବିଜୁ ପକ୍କାଘର ସମେତ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏଭଳି ଅଭିଯୋଗ ନେଇ ଉକ୍ତ ପଞ୍ଚାୟତର ମହିଳାମାନେ ସୋମବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଥିଲେ । ନିଜ ଜମିବାଡ଼ି କିଛି ନ ଥିବା ଯୋଗୁ ସେମାନଙ୍କୁ ସରକାରୀ ଯୋଜନାର ସୁଫଳ ମିଳିପାରୁନାହିଁ । ସେମାନେ ଗତ ମାର୍ଚ୍ଚ ମାସରେ ବରଗଡ଼ ତହସିଲଦାରଙ୍କଠାରେ ଜମିପଟ୍ଟା ଆବେଦନ କରିଥିଲେ । ଏହା ସହିତ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ସେମାନଙ୍କ ପାଖରେ ଥିବା କାଗଜାତ୍, ରାଶନ କାର୍ଡ଼, ବ୍ୟାଙ୍କ ପାସବୁକ୍‌ର ନକଲ ଦେଇଥିଲେ । ମାତ୍ର ଦୁଇମାସ ବିତିଯାଇଥିଲେ ସୁଦ୍ଧା ଜମିପଟ୍ଟା ମିଳିବା ତ ଦୂରର କଥା, ବର୍ଡ଼ୋଲ ପଞ୍ଚାୟତ ପାଇଁ ଜମିପଟ୍ଟା ସମ୍ପର୍କୀତ ହିତାଧିକାରୀ ତାଲିକା ଘୋଷଣା ହୋଇ ନଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଆପ୍ ନେତା ଭବାନୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ବେହେରା, ମମତା ପଟେଲ, ଝରଣା ସ୍ୱାଇଁ, ଅନୁପମା ଧଳ, ରୀନାରାଣୀ ଧଳଙ୍କ ସମେତ ବହୁ ମହିଳା ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

**ଘୋଷଣାପତ୍ର**

ମୁଁ ଶ୍ରୀ ରସାନନ୍ଦ ନାଗ, ପିତା–ସ୍ୱର୍ଗତ ଭବାନୀ ଶଙ୍କର ନାଗ, ନିବାସୀ- କନ୍ଦପାଲି, ପୋ.ଅ- ରାଜେନ୍ଦ୍ର କଲେଜ , ଟାଉନ ଥାନା,ତହସିଲ, ଜିଲ୍ଲା- ବଲାଙ୍ଗୀର ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦେଉଅଛି ଯେ, ଆମ୍ଭ ଅଜା ସ୍ୱର୍ଗତ ଈଶ୍ୱର ନାଗ, ପିତା–ସ୍ୱର୍ଗତ ବିରୁ ନାଗଙ୍କ ନାମରେ (ଖାତା ନଂ: ୩୭, ମୌଜା –ଲର୍କପାଲି, ତହସିଲ, ଥାନା, ଜିଲା–ବଲାଙ୍ଗୀର ରେକର୍ଡ ଅଛି ) ଉକ୍ତ ଜମିର ଭାଗବଣ୍ଟଆର ପାଇଁ ସିଭିଲ ସୁଟ ନଂ. ୧୫୮/ ୧୧ ଏବଂ ସୁ.ନଂ ୫୬/୭ ସିଭିଲ ଜଜ (ବରିଷ୍ଠ ବିଭାଗ) ବଲାଙ୍ଗୀର କୋର୍ଟରେ ବିଚାରାଧୀନ ଅଛି। ଇତିମଧ୍ୟରେ ଆମ୍ଭ ଗୋଚରକୁ ଆସଛି ଯେ, ଉପରୋକ୍ତ ଜମିଖାତାକୁ ଚଞ୍ଚକତା ପୂର୍ବକ ଶ୍ରୀ ଅମନ ନାଗ ନୂତନ ଖାତା, ୧୦୭୮/ ୩୧୯୩ ତାଙ୍କ ନାମରେ ପାର୍ଚ୍ଚା କରାଇ ନେଇଛନ୍ତି, ଯାହାକି ବୈଧ/ଆଇନ ସମ୍ମତ ନୁହେଁ । ତାହା ବିରୁଦ୍ଧରେ ମଧ୍ୟ ମ୍ୟୁଟେସନ ଅପିଲ ନଂ. ୩/ ୧୭ ସବ୍‌କଲେକ୍ଟର ବଲାଙ୍ଗୀରଙ୍କ କୋର୍ଟରେ ବିଚାରାଧୀନ ଅଛି । ତଥାପି ଶ୍ରୀ ଅମନ ନାଗ ଉକ୍ତ ଜମିକୁ ବିକ୍ରୟ କରିବା ପାଇଁ ମସୁଧା କରୁଥିବା ଜଣାଯାଏ । ଏଣୁ ଆମ୍ଭେ ସର୍ବସାଧାରଣଙ୍କୁ ଜଣାଇ ଦେଉଛୁ ଯେ, ଯଦି କେହି ଆମ୍ଭର ଅଗୋଚରରେ ଉକ୍ତ ଜମିକୁ କ୍ରୟ କରନ୍ତି ତାହାହେଲେ ଭବିଷ୍ୟତରେ ଆମ୍ଭେ ଦାୟୀ ହେବୁ ନାହିଁ ।

ସ୍ୱା /–
ଶ୍ରୀ ରସାନନ୍ଦ ନାଗ

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ**
**ବିଜ୍ଞାପନ ସଂଖ୍ୟା ୨୬୨୩, ତାରିଖ ୨୫।୮।୨୦୧୮**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମୁତାବକ ୨୦୧୮–୧୯ ଆର୍ଥିକବର୍ଷ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ସଂପାଦିତ ହୋଇଥିବା ମନରେଗା(ଏମ.ଜି.ଏନ.ଆର.ଇ.ଜି.ଏ)ପ୍ରକଳ୍ପଗୁଡିକର ନିର୍ଦ୍ଦେଶ ମୁତାବକ କ୍ଷେତ୍ର ତଦନ୍ତ ପୂର୍ବକ ଗ୍ରାମପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଗ୍ରାମରେ ସାମାଜିକ ସମୀକ୍ଷାଜନିତ ଗ୍ରାମସଭା ପୂର୍ବାହ୍ନ ଘ ୯.୦୦ ସମୟରେ ଅନୁଷ୍ଠିତ ହେବ । କ୍ଷେତ୍ର ତଦନ୍ତରେ ସହଯୋଗ ପୂର୍ବକ ଗ୍ରାମସଭାରେ ବହୁଳସଂଖ୍ୟାରେ ଉପସ୍ଥିତ ରହିବା ପାଇଁ ସମସ୍ତ ଲୋକ ପ୍ରତିନିଧି, ପଞ୍ଚାୟତିରାଜ ପ୍ରତିନିଧି ଏବଂ ଜନସାଧାରଣଙ୍କୁ ଅନୁରୋଧ ।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | | ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ତାରିଖ | ଗ୍ରାମସଭା ପରିଚାଳନା କରିବା ପାଇଁ ନୋଡାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | | |
| ପ୍ରଥମ | ବାବେବିର, ନାଗପଡା, କର୍ଲାକୋଟ,ଲର୍କା, ଫରସରା | ୨୭/୦୮/୨୦୧୮ | ୦୩/୦୯/୨୦୧୮ | ୦୩/୦୯/୨୦୧୮ | ୨୨/୧୧/୨୦୧୮ | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ , ଜି .ଆ ର .ଏ ସ. ଜି.ପି.ଟି.ଏ., ଜେ.ଇ. |
| ଦ୍ୱିତୀୟ | ଖଇରା, ଭଇଁଷାଦାନୀ, ଲିଟିସର୍ଗି, ଡମଝର, ବୋଇରଗାଁ | ୦୪/୦୯/୨୦୧୮ | ୧୦/୦୯/୨୦୧୮ | ୧୦/୦୯/୨୦୧୮ | | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ, ଜି .ଆ ର .ଏ ସ. ଜି.ପି.ଟି.ଏ ,ଜେଇ. |
| ତୃତୀୟ | ସୁନାପୁର,ରୋକାଲ ବୋଡେନ | ୧୭/୦୯/୨୦୧୮ | ୨୪/୦୯/୨୦୧୮ | ୨୪/୦୯/୨୦୧୮ | | ସଂପୃକ୍ତ ଗ୍ରାମପଞ୍ଚାୟତର ପି .ଇ .ଓ , ଜି .ଆ ର .ଏ ସ୍, ଜି.ପି.ଟି.ଏ., ଜେ.ଇ |
| ଚତୁର୍ଥ | ପଲସଦା, କରଙ୍ଗାମାଲ | ୨୫/୦୯/୨୦୧୮ | ୦୧/୧୦/୨୦୧୮ | ୦୧/୧୦/୨୦୧୮ | | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ, ଜି .ଆ ର .ଏ ସ. ଜି.ପି.ଟି.ଏ ,ଜେ.ଇ. |

ସ୍ୱା/– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୋଡେନ

**-ନିଯୁକ୍ତି-**

**ରିଲାଏନ୍ସ ନିପନ ଲାଇଫ ଇନ୍ସ୍ୟୁରାନ୍ସ**

ବଲାଙ୍ଗୀର ଶାଖା ପାଇଁ ଏ.ଆର.ଡି.ଏମ. ପଦବୀ ଖାଲି ରହିଛି।
**ଯୋଗ୍ୟତା:** ସ୍ନାତକୋତ୍ତର (ବି.ଏ.) ଓ ମାର୍କେଟିଂ ଦକ୍ଷତା ୨/୩ ବର୍ଷ ଥିବା ସହ ପାନକାର୍ଡ ଓ ଆଧାର କାର୍ଡ ନିତାନ୍ତ ଆବଶ୍ୟକ।
(ଦରମା: ୧୫ ହଜାର ଇନ୍‌ସେଣ୍ଟିଭ୍ ସହ)

**ଯୋଗାଯୋଗ**

**ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ସାହୁ** (ଶାଖା ପରିଚାଳକ)
ମୋ ନଂ: ୯୯୩୭୪୧୫୩୮୪, ୮୫୯୯୮୮୫୯୧୬, ୭୮୯୪୬୨୧୩୭୮, କାର୍ଯ୍ୟାଳୟ–ଦୁର୍ଗା ମନ୍ଦିର ସାମ୍ନା, ରାମଜୀପଡ଼ା, ବଲାଙ୍ଗୀର

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
**କ୍ଷେତ୍ରୀୟ ବ୍ୟବସାୟ କାର୍ଯ୍ୟାଳୟ, କ୍ଷେତ୍ର-୫, (ଜଗତସିଂହପୁର), ମଧୁପାଟଣା, କଟକ**
**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଜପକୁଦ ଶାଖା** **ଋଣଗ୍ରହୀତା: ଶ୍ରୀ ଗଗନ ବିହାରୀ ଜେନା,** ପିତା- ଶ୍ରୀ ବାବାଜୀ ଜେନା, ସା: ରେବା, ପୋ: ମହନାପୁର, ଥାନା: ସାଲେପୁର, ଜିଲ୍ଲା: କଟକ । | **ଜାମିନଦାରମାନେ: ୧) ଶ୍ରୀମତୀ ସୁଲୋଚନା ଜେନା,** ସ୍ୱାମୀ- ଶ୍ରୀ ଗଗନ ବିହାରୀ ଜେନା, **୨) ଶ୍ରୀ ପ୍ରଭାତ କୁମାର ଜେନା, ୩) ଶ୍ରୀ ପ୍ରସନ୍ନ କୁମାର ଜେନା,** ଉଭୟଙ୍କ ପିତା- ଶ୍ରୀ ଗଗନ ବିହାରୀ ଜେନା, ସମସ୍ତଙ୍କ ଠିକଣା- ସା: ରେବା, ପୋ: ମହନାପୁର, ଥାନା: ସାଲେପୁର, ଜିଲ୍ଲା: କଟକ **/ସମ୍ପତ୍ତିର ମାଲିକ: ଶ୍ରୀ ଗଗନ ବିହାରୀ ଜେନା ।** | ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ରେବା, ଖାତା ନଂ.: ୩୮, ପ୍ଲଟ୍ ନଂ.: ୪୯୬, କ୍ଷେତ୍ର: ଏକର ୦.୦୩୦ ଡିସିମିଲ, କିସମ: ଘରବାରୀ । | ୧୫.୦୫.୨୦୧୮ | ୨୨.୦୮.୨୦୧୮ | ୩୦.୦୪.୨୦୧୮ ସୁଦ୍ଧା ଟ.୧,୫୪,୩୪୯/- + ତତ୍ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
| **ଅଡଶପୁର ଶାଖା** **ଋଣଗ୍ରହୀତାମାନେ: (୧) ମେସର୍ସ ଶ୍ରୀରାମ ଫର୍ଣ୍ଣିଚର ପ୍ଲାଜା, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିଶ୍ୱଜିତ ପ୍ରଧାନ,** ପିତା- ଶ୍ରୀ ବେଣୁଧର ପ୍ରଧାନ, **୨) ଶ୍ରୀ ବେଣୁଧର ପ୍ରଧାନ,** ପିତା- ୰ ନରସିଂହ ପ୍ରଧାନ ଉଭୟଙ୍କ ଠିକଣା- ସା: କୁଳବ୍ରାହ୍ମଣସାଇଲୋ, ପୋ: ବ୍ରାହ୍ମଣସାଇଲୋ, ଥାନା: ଗୋବିନ୍ଦପୁର, କଟକ । | **ଜାମିନଦାରମାନେ: ୧) ସୋରିଆ ପ୍ରଧାନ,** ସ୍ୱାମୀ- ୰ ନରସିଂହ ପ୍ରଧାନ, **୨) ଶ୍ରୀ ମନମୋହନ ପ୍ରଧାନ, ୩) ଶ୍ରୀ ବେଣୁଧର ପ୍ରଧାନ,** ଉଭୟଙ୍କ ପିତା- ୰ ନରସିଂହ ପ୍ରଧାନ, ସମସ୍ତଙ୍କ ଠିକଣା- ସା: କୁଳବ୍ରାହ୍ମଣସାଇଲୋ, ପୋ: ବ୍ରାହ୍ମଣସାଇଲୋ, ଥାନା: ଗୋବିନ୍ଦପୁର, କଟକ / **ସମ୍ପତ୍ତିର ମାଲିକ: ଶ୍ରୀ ବେଣୁଧର ପ୍ରଧାନ, ସୋରିଆ ପ୍ରଧାନ ଏବଂ ଶ୍ରୀ ମନମୋହନ ପ୍ରଧାନ ।** | ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ବ୍ରାହ୍ମଣସାଇଲୋ, ଖାତା ନଂ.: ୬୨୬, ପ୍ଲଟ୍ ନଂ.: ୧୬୬୫, କ୍ଷେତ୍ର: ଏକର ୦.୫୦ ଡିସିମିଲ, କିସମ: ଘରବାରୀ । ଚୌହଦୀ: ପୂର୍ବ : କେନାଲ ବନ୍ଧ ଏବଂ ରାସ୍ତା, ପଶ୍ଚିମ: ବେଣୁଧର ପ୍ରଧାନ ଏବଂ ଜୋର, ଉତ୍ତର: ଗୌରାଙ୍ଗ ଚରଣ ସେନାପତି, ଦକ୍ଷିଣ: ଗୋବିନ୍ଦ ସାହୁ । | ୧୫.୧୦.୨୦୧୭ | ୨୩.୦୮.୨୦୧୮ | ୧୩.୧୦.୨୦୧୭ ସୁଦ୍ଧା (୧) ଟ.୪,୯୭,୨୪୭/- (୨) ଟ.୬,୦୬,୨୮୮/- + ତତ୍ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ : ୨୭.୦୮.୨୦୧୮
ସ୍ଥାନ : କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**THE ODISHA STATE CO-OPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751 001
Tel. Nos. : (0674) 2375100, Fax No. : (0674) 2510214, Email : oscbmd@gmail.com

**RECRUITMENT OF JUNIOR MANAGERS**

In pursuance to the orders dated 02.02.2018 and 21.06.2018 of the Hon'ble High Court of Orissa in the matter of Misc. Case No.4332 of 2018 (in W.P.(C) No. 19218 of 2011), Misc. Case No. 4330 of 2018 (in W.P. (C) No. 19636 of 2011), Misc. Case No.4328 of 2018 (in W.P.(C) No.19251 of 2011), Misc. Case No.4333 of 2018 (in W.P.(C) No. 19381 of 2011) and Misc. Case No.4331 of 2018 (in W.P.(C) No. 19260 of 2011), applications are invited from the permanent residents of Odisha having Master Degree in Banking Management (MBM) with PGDCA or "A" Level Certificate from any recognized institution approved by the Department of Electronics, Govt. of India for the post of Junior Manager as against the quota earmarked for MBM Degree Holders. The details of the vacancy are given below :

| Category | General (UR) | SC | ST | SEBC(OBC) | Total |
|---|---|---|---|---|---|
| Male | 4 | 1 | 1 | 1 | 7 |
| Female | 1 | - | 1 | - | 2 |
| Total | 5 | 1 | 2 | 1 | 9 |

The petitioners in the above writs claiming age condonation as per orders of Hon'ble High Court shall submit OFFLINE application to Odisha State Co-operative Bank Ltd., Head Office, Bhubaneswar by downloading application form from the website of Odisha State Coop. Bank Ltd., Bhubaneswar and rest of the MBM Degree Holders shall apply **ONLINE** only.

The candidate should not be less than 21 years of age and not more than 32 years of age as on 01.04.2018. In case of candidates belonging to SC, ST and SEBC (OBC) category, the upper age limit prescribed for recruitment shall be increased by five years. Relaxation in upper age limit to the extent of defence service plus 3 years is applicable to Ex-Servicemen provided break in service and re-employment should not exceed 2 years and they must have put in not less than 6 months after attestation. In case of person with Disability (P.W.D) candidates, the upper age relaxation shall be increased by 10 years above the maximum age limit allowed to GEN / SC /ST / SEBC(OBC) category. The condonation of overage shall be allowed only in respect of the petitioners of the above noted cases as one time exercise to provide them opportunity pursuant to the direction of the Hon'ble High Court as contained in the orders passed in the above Writ Petitions.

The selection to the post of Junior Manager shall be done strictly in accordance with the provisions of the Staff Service Rules 1980.

All other criterial for the post and the online application form are available from the website of the Odisha State Co-operative Bank **www.odishascb.com** and the same may be downloaded by the prospective candidates. The application should be submitted online from **28.08.2018 to 11.09.2018**. Petitioner candidates shall download and submit applications offline from **28.08.2018 to 11.09.2018**. The website also has details regarding the payment of application fee. The Online Written Test shall be held on **23.09.2018** and date of Viva Voce Test shall be intimated by virtue of separate order / notification in the Web-site.

**Managing Director**



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।

- ଭଲଟାୟାର



## ସଂକ୍ଷେପରେ

### ଚେରଙ୍ଗାଝାରେ ଭ୍ରାମ୍ୟମାଣ ପାଠଚକ୍ର

**ପାଇକମାଳ, ୨୭।୮(ଡି.ଏନ.ଏ):** ଶ୍ରୀଅରବିନ୍ଦ ପାଠଚକ୍ର ମାଣ୍ଡୋସିଲ ପକ୍ଷରୁ ପାଇକମାଳ ବ୍ଲକ ଚେରଙ୍ଗାଝା ପ୍ରାଥମିକ ବିଦ୍ୟାଳୟରେ ସୋମବାର ଏକ ଭ୍ରାମ୍ୟମାଣ ପାଠଚକ୍ର ଅନୁଷ୍ଠିତ ହୋଇଛି । ପ୍ରଥମେ ଶ୍ରୀମା ଅରବିନ୍ଦଙ୍କ ପାଦପଦ୍ମରେ ଧୂପ ପୁଷ୍ପ ଅର୍ପଣକରାଯାଇ ଦୁଇମିନିଟ ନିରବ ଧ୍ୟାନ ପରେ ଦୁର୍ଗାସ୍ତୋତ୍ର, ମା ବହି ଓ ଶିକ୍ଷା ପ୍ରସଙ୍ଗ ବହି ପଠନ କରାଯାଇଥିଲା। ଉକ୍ତ ପାଠଚକ୍ରରେ ଶ୍ରୀଅରବିନ୍ଦ ପାଠଚକ୍ର ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଚେରଙ୍ଗାଝା, ବରତୁଣ୍ଡା, ନୀଳାଥର, ବାଦିମାଲ ଓ ନୂଆଡିହି ଗ୍ରାମର ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ ।

### ସ୍ୱତନ୍ତ୍ର ଇଂଲିଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ପଦ୍ମପୁର, ୨୭।୮(ଡି.ଏନ.ଏ.):** ପଦ୍ମପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଉପଖଣ୍ଡସ୍ତରୀୟ ତିନିଦିନିଆ ସ୍ୱତନ୍ତ୍ର ଇଂଲିଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି । ଏହାର ଉଦ୍‌ଘାଟନୀ ସଭାରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଇଓ ସୁନୀଲ ମୁଣ୍ଡ, ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ, ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏ ମଞ୍ଚାସୀନ ଥିଲେ। ଇଂଲିଶ ଭାଷା ଶିକ୍ଷଣ ପ୍ରତିଷ୍ଠାନ ଭୁବନେଶ୍ୱରର ସାଧନ କର୍ମୀ ଡ. ରବୀନ୍ଦ୍ର ନାଥ ମହାନ୍ତି, ପ୍ରତାପ ସାମନ୍ତସିଂହାର, ଗଦାଧର ବେଉରା, ଲଳିନ୍ଦ୍ର ଅମାତ ଉପସ୍ଥିତ ଥିଲେ । ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଓ ସୋନୁ ଷଡଙ୍ଗୀ ସଭା ପରିଚାଳନା କରିଥିଲେ । ଏବିଇଓ ବିପିନ ବିହାରୀ ମିଶ୍ର, ଜୟ କୁମାର ସାହୁ, ଧବଳେଶ୍ୱର ବରିହା, ସିଆରସିସି ଓ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଏହି ଶିବିରରେ ୬ଟି ବ୍ଲକର ୧୨୦ଜଣ ଶିକ୍ଷକ ଯୋଗଦାନ କରିଥିଲେ ।

### ଉଜୁଡିଗଲା ଖରିଫ ଧାନ ଫସଲ

**ଅତାବିରା, ୨୭।୮ (ଡି.ଏନ.ଏ):** ଲଗାଣ ବର୍ଷା ପାଣି ମାଡିଯିବାରୁ ଭେଡେନ ତହସିଲ ଦେଶଭଟିଲି ଅଞ୍ଚଳରେ ୫୦ ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଛି । ମରୁଡି ସମୟରେ କେନାଲ ପାଣି ଅଭାବରୁ ଦେଶଭଟିଲି ତଳି ଅଞ୍ଚଳର ଚାଷୀମାନେ ମରୁଡିର ସମ୍ମୁଖୀନ ହୋଇଥାନ୍ତି । ପୁଣି ବର୍ଷା ଅଧିକ ହେଲେ କ୍ଷତିଗ୍ରସ୍ତ ପ୍ରତିବର୍ଷ ହୋଇଥାନ୍ତି । କେନାଲ ବିଭାଗ କର୍ତ୍ତୃପକ୍ଷଙ୍କୁ ବର୍ଷା ସମୟରେ କେନାଲରେ ଅଧିକ ପାଣି ନ ଛାଡିବାକୁ କହିଲେ ମଧ କର୍ଣ୍ଣପାତ କରୁନାହାନ୍ତି । ଫଳରେ ସେମାନେ କ୍ଷତିଗ୍ରସ୍ତ ହେଉଥିବା ଚାଷୀ ବୃନ୍ଦାବନ ବିହାରୀ ପଣ୍ଡା କୁହନ୍ତି । ଏ ନେଇ ଦେଶଭଟିଲି ଆରଆଇ ପିଅନ ମିର୍ଦ୍ଧାଙ୍କୁ ପଚରାଯିବାରୁ ସର୍ଭେ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଥିଲେ ।

### ■ ବୀମା କମ୍ପାନୀର ତ୍ରୁଟିପୂର୍ଣ୍ଣ କ୍ଷୟକ୍ଷତି ଆକଳନର ପ୍ରତିବାଦ

# ସରକାରୀ ଅଫିସ ଅଚଳ କଲେ ଚାଷୀ

**ବିଜେପୁର, ୨୭।୮(ଡି.ଏନ.ଏ.)**

ବୀମା କମ୍ପାନୀର ୨୦୧୭ ଖରିଫ ଫସଲର ତ୍ରୁଟିପୂର୍ଣ୍ଣ କ୍ଷୟକ୍ଷତି ଆକଳନ ବିବାଦ ତୁଟୁନି । ଏହାର ପ୍ରତିବାଦ କରି ବରଗଡ ଜିଲା ବିଜେପୁର ବ୍ଲକର ଚାଷୀମାନେ ସରକାରୀ ଅଫିସ୍‌କୁ ସୋମବାର ତାଲା ପକାଇ ଅଚଳ ଦେଇଥିଲେ। ସେମାନେ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ପୂର୍ବାହ୍ଣ ସାଢେ ୧୦ଟାରୁ ଧାରଣାରେ ବସି ରହିଥିଲେ। ପ୍ରଶାସନିକ ଅଧିକାରୀମାନେ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେବା ପରେ ଅପରାହ୍ଣ ୪ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସ୍ଥାନୀୟ କୃଷକ ସଙ୍ଗଠନ ନେତୃତ୍ୱରେ ବ୍ଲକର ହଜାର ହଜାର ଚାଷୀ ଏକ ଶୋଭାଯାତ୍ରାରେ ତହସିଲ ଅଫିସ୍‌କୁ ଆସି କର୍ମଚାରୀମାନଙ୍କୁ ବାହାରକୁ ବାହାରି ଆସିବାକୁ ଅନୁରୋଧ କରିଥିଲେ । କର୍ମଚାରୀମାନେ ବାହାରକୁ ଆସିବା ମାତ୍ରେ ଚାଷୀମାନେ ତହସିଲ ଅଫିସ୍‌ରେ ତାଲା ପକାଇ ଦେଇଥିଲେ। ବିଜେପୁର ବିଧାୟିକା ରୀତା ସାହୁ ସେଠାକୁ ପହଞ୍ଚି ଚାଷୀମାନଙ୍କ



ଆନ୍ଦୋଳନରତ ଚାଷୀଙ୍କୁ ସମର୍ଥନ ଜଣାଇ ବିଧାୟିକା ଶୋଭାଯାତ୍ରାରେ ବାହାରିଛନ୍ତି ।

ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ପରେ ଆନ୍ଦୋଳନକାରୀ ଚାଷୀ ବ୍ଲକ, ଷ୍ଟେଟବ୍ୟାଙ୍କ ସମେତ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କରେ ତାଲା ପକାଇଥିଲେ। ଏହା ପୂର୍ବରୁ ସେମାନେ ବିଜେପୁର, ଲାଉଣ୍ଣୁଡା, ବାଡବାଉଁଶେନ, ସାଇପାଲି, ଏମ.ଶ୍ରୀଗିଡା ସେବା ସମବାୟ ସମିତିରେ ତାଲା ପକାଇଥିଲେ। ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ସମବାୟ ସମିତି ସମୂହର ଜିଲା ଉପନିବନ୍ଧକ ଦିବାକର ଭୋଇ ସେଠାକୁ ପହଞ୍ଚି ଆନ୍ଦୋଳନରତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ସାତଦିନ ମଧ୍ୟରେ ଏହି ଘଟଣାର ସମାଧାନ କରାଯିବା ପର୍ଯ୍ୟନ୍ତ ବୀମା ରାଶି ବଣ୍ଟନ କରାଯିବ ନାହିଁ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଚାଷୀନେତା ସଦାନନ୍ଦ ପୂଜାରୀ, ବିକ୍ରମାଦିତ୍ୟ ପଧାନ, ହଳପାଣି ମାଝୀ, ସଞ୍ଜୀବ ପଣ୍ଡା ପ୍ରମୁଖ ପ୍ରଶାସନ ସହିତ ଆଲୋଚନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସୂଚନାଯୋଗ୍ୟ, ଏହି ବ୍ଲକରେ ୨୦୧୭ ଖରିଫ ଫସଲ ପାଇଁ ୧୨,୯୪୨ ଜଣ ଚାଷୀ ପ୍ରିମିୟମ ଦାଖଲ କରିଥିଲେ । ଏଥିରୁ ୫୨୪୫ ଜଣ ଚାଷୀଙ୍କ ବୀମା ରାଶି ପହଞ୍ଚିଥିବାବେଳେ ୭୬୯୭ଜଣ ଚାଷୀମାନଙ୍କ ଟଙ୍କା ପହଞ୍ଚି ନ ଥିବା ସ୍ଥାନୀୟ କୋ ଅପରେଟିଭ ବ୍ୟାଙ୍କ ସୂତ୍ରରୁ ଜଣାପଡିଛି ।

**ବିଜେପୁର ବ୍ଲକ**

- ■ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ପୂର୍ବାହ୍ଣ ସାଢେ ୧୦ଟାରୁ ଧାରଣା
- ■ ୭ଦିନ ମଧରେ ସମାଧାନ ପ୍ରତିଶ୍ରୁତି ଦେବା ପରେ ଅପରାହ୍ଣ ୪ଟାରେ ଧାରଣା ପ୍ରତ୍ୟାହୃତ
- ■ ଶାନ୍ତିଶୃଙ୍ଖଳା ପାଇଁ ୩ ପ୍ଲାଟୁନ ଫୋର୍ସ ନିୟୋଜିତ



ସୋହେଲା ବ୍ଲକ ଅଫିସ୍ ସଭା ଗୃହରେ ଅଭିଯୋଗ ଶୁଣାଣି ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ ।

## ୨୭ ଅଭିଯୋଗର ଶୁଣାଣି ହେଲା

**ସୋହେଲା,୨୭।୮(ଡି.ଏନ.ଏ.)**

ବରଗଡ଼ ଜିଲା ସୋହେଲା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଇନ୍ଦ୍ରମଣୀ ତ୍ରିପାଠୀ ଏହାକୁ ପରିଚାଳନା କରି ବ୍ୟକ୍ତିଗତ ୨୨ ଓ ଗୋଷ୍ଠୀଗତ ୫ ଅଭିଯୋଗ ଉପରେ ଶୁଣାଣି କରିଛନ୍ତି। ଶିବିରରେ ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ପଦ୍ମପୁର ସବକଲେକ୍ଟର ଦୌଲତ ଚନ୍ଦ୍ରାକର, ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ତହସିଲଦାର ବିଶ୍ୱରଞ୍ଜନ କର, ବ୍ଲକ ଅଧକ୍ଷ ଜୀବର୍ଦ୍ଧନ ବରିହା ଓ ସହକାରୀ ଯନ୍ତ୍ରୀ ନରେଶ କୁମାର ଅଗ୍ରୱାଲ ମଞ୍ଚାସୀନ ଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅତୀଶ ଭୋଇ, ଯୋଗାଣ ନିରୀକ୍ଷକ ପ୍ରଫୁଲ୍ଲ ଦେହୁରୀ, ବିଇଓ ହେମସାଗର ମହାନନ୍ଦ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥାର ସହକାରୀ ଯନ୍ତ୍ରୀ ଉପେନ୍ଦ୍ର ଭଞ୍ଜ ନାୟକ, ଏବିଇଓ ସରୋଜ ଦୀପ, ସହକାରୀ କୃଷି ଅଧିକାରୀ ଅନ୍ୱେଷା ଦଳବେହେରା, ସହକାରୀ ମତ୍ସ୍ୟ ଅଧିକାରୀ କିରନ ଦାଶ, ସିଡିପିଓ ରାଣେଶ୍ୱରୀ ସାହୁ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ସଞ୍ଜୀବ ମହାନନ୍ଦ, ଅବକାରୀ ନିରୀକ୍ଷକ ରଶ୍ମିତା ଲାକ୍ରା, ସୋହେଲା ଥାନା ଆଇଆଇସି ନିର୍ମଳ ଚନ୍ଦ୍ର ମହାପାତ୍ର, ଉପଖଣ୍ଡ ସମବାୟ ସମ୍ପ୍ରସାରଣ ଅଧିକାରୀ ଧର୍ମେନ୍ଦ୍ର ଭୋଇ, ଜିଲା ସାମାଜିକ ନିରାପତ୍ତା ଅଧିକାରୀ ନବକୃଷ୍ଣ ସାହୁ, ଡିଆରସିଏସ ଦିବାକର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ସୋହେଲା ଓକିଲ ସଂଘ ସମ୍ପାଦକ ଜୟନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ନୀତିଶ କୁମାର ଆଚାର୍ଯ୍ୟ, ଭୁବନେଶ୍ୱର ବାରିକ, ଚୂଡ଼ାମଣୀ ମେହେର, ବିକ୍ରମ କେଶରୀ ପାତ୍ର ଜିଲାପାଳଙ୍କୁ ସାକ୍ଷାତ କରି ସୋହେଲା ତହସିଲ ଅଫିସ୍‌ର ଅବ୍ୟବସ୍ଥା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସୋହେଲା ନାଗରିକ କମିଟି ପକ୍ଷରୁ ସୋହେଲାକୁ ସବ-ଡିଭିଜନର ମାନ୍ୟତା ପ୍ରଦାନ କରାଯିବା, ସୋହେଲା ଡାକ୍ତରଖାନାରେ ସ୍ପେଶାଲିଷ୍ଟ ଡାକ୍ତର ପଦବୀ ପୂରଣ ଦାବି ହୋଇଥିଲା। ସେହିପରି ସୋହେଲାର ଡ୍ରେନେଜ ସମସ୍ୟାର ସମାଧାନ, ଯାତ୍ରୀମାନଙ୍କ ପାଇଁ ପ୍ରତୀକ୍ଷାଳୟ ଓ ଶୌଚାଳୟ ସ୍ଥାପନ, ସୋହେଲା କଲେଜ ହଷ୍ଟେଲର ପାଚେରୀ ନିର୍ମାଣ ନେଇ କମିଟି ସଭାପତି ପ୍ରମୋଦ ଚନ୍ଦ୍ର ଦେବତା ଲିଖିତ ଭାବେ ଦାବି କରିଥିଲେ ।

## ସଂଗ୍ରାମୀଙ୍କ ଦାୟାଦ ଅବହେଳିତ



ଜିଲାପାଳଙ୍କୁ ଫେରାଦ ହୋଇଥିବା ସଂଗ୍ରାମୀଙ୍କ ଦାୟାଦମାନେ ।

**ବରଗଡ଼ ଅଫିସ୍,୨୭।୮**

ଭାରତୀୟ ମୁକ୍ତି ସଂଗ୍ରାମରେ ଯୋଗ ଦେଇଥିବା ସଂଗ୍ରାମୀ ରେମଣ୍ଡା ଗ୍ରାମର ସ୍ୱର୍ଗତ ଭୀମସେନ ସାହୁଙ୍କ ଦାୟାଦମାନେ ଅବହେଳିତ ଅବସ୍ଥାରେ ଅଛନ୍ତି । ଫଳରେ ସରକାରୀ ସହାୟତା ପାଇଁ ସେମାନେ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସଂଗ୍ରାମୀ ସ୍ୱର୍ଗତ ସାହୁଙ୍କ ଦାୟାଦ ବିବେକାନନ୍ଦ ସାହୁ ଓ ଦମୟନ୍ତୀ ସାହୁ ଗୁହାରୀ କରିଛନ୍ତି । ଦମୟନ୍ତୀ କହିଛନ୍ତି, ସଂଗ୍ରାମୀ ସ୍ୱର୍ଗତ ଭୀମସେନ ସାହୁ ତାଙ୍କ ଅଜା ଶଶୁର ଥିଲେ । ପୂର୍ବ ପୁରୁଷ ବଳବୀର ସାହୁ, ଅନିରୁଦ୍ଧ ସାହୁ ମଧ୍ୟ ଭାରତୀୟ ମୁକ୍ତି ସଂଗ୍ରାମରେ ସାମିଲ ଥିଲେ। ଏଥିପାଇଁ ୧୯୭୨ ଅଗଷ୍ଟ ୧୫ତାରିଖରେ ସ୍ୱାଧୀନତା ଦିବସ ଅବସରରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ ସ୍ୱର୍ଗତ ଭୀମସେନ ସାହୁଙ୍କୁ ତାମ୍ରଫଳକ ପ୍ରଦାନ କରିଥିଲେ । ମାତ୍ର ଏବେ ତାଙ୍କ ଦାୟାଦମାନେ ଅଭାବ ଅନଟନରେ ଚଳୁଛନ୍ତି । ଘରଦ୍ୱାର ଭାଙ୍ଗି ଯାଇଥିବାବେଳେ ସେମାନଙ୍କୁ ସରକାରୀ ସହାୟତା ଅପହଞ୍ଚ ହୋଇପଡ଼ିଛି ବୋଲି ଦମୟନ୍ତୀ ପ୍ରକାଶ କରିଛନ୍ତି । ଫଳରେ ତାଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

## ଜମିକୁ ପାଣି ମାଡୁନି, ଜିଲାପାଳଙ୍କୁ ଭେଟିଲେ ଚାଷୀ

**ବରଗଡ଼ ଅଫିସ୍,୨୭।୮**

ଭେଡ଼େନ ବ୍ଲକ ଅନ୍ତର୍ଗତ କମଗାଁ ଗ୍ରାମରେ ଜଳସେଚନ ସମସ୍ୟା ଦେଖାଯାଇଛି। ଯୋଜନା ବିହୀନ ଭାବେ ଉପର ମୁଣ୍ଡରେ ଏକ ପାଇପ ବସାଯାଇ ଥିବାରୁ ସେମାନଙ୍କ ଚାଷଜମିକୁ ଆଉ କେନାଲ ପାଣି ପହଞ୍ଚୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ଉକ୍ତ ଗ୍ରାମର ଶତାଧିକ ମହିଳା, ପୁରୁଷ ଚାଷୀ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ସେମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି ।

କମଗାଁ ଗ୍ରାମର ନିକଟବର୍ତ୍ତୀ ପାଣି ପଞ୍ଚାୟତ ସିଂହାସନ ପାଟଠାରୁ ଅଧ କିମି ଦୂରରେ କେନାଲ ପାଣି ଉଭୟ ପାର୍ଶ୍ୱକୁ ବିଭାଜିତ ହୋଇଛି । କେନାଲର ଉଭୟ



ଜିଲାପାଳଙ୍କୁ ଫେରାଦ ହୋଇଥିବା କମଗାଁ ଗ୍ରାମବାସୀ ।

ପାର୍ଶ୍ୱରେ ପ୍ରାୟ ଅନେଶତ ପ୍ରତିଶତ କମଗାଁ ମୌଜାର ଜମି ରହିଛି । ସେହି ବିଭାଜିତ ସ୍ଥାନରେ ଅନ୍ୟ ଗ୍ରାମର କେତେକ ଚାଷୀ ପୂର୍ବରୁ ରହିଥିବା ୨୪ଇଞ୍ଚ ପାଇପକୁ ଭାଙ୍ଗି ଦେଇ ୨ମାସ ଧରି ରାସ୍ତା ଅବରୋଧ କରିଥିଲେ । ଏବେ ସେହି ସ୍ଥାନରେ ପୂର୍ବରୁ ରହିଥିବା ପାଇପ୍ ଅପେକ୍ଷା ଯଥେଷ୍ଟ ବଡ଼ ପାଇପ୍ ବସାଯାଇଛି। ଫଳରେ କେନାଲରେ ଆସୁଥିବା ପାଣି ସବୁ ତଳକୁ ଚାଲି ଯାଉଛି ଏବଂ କମଗାଁ ମୌଜାର ଚାଷୀଙ୍କ ଜମିକୁ ପାଣି ପହଞ୍ଚୁନାହିଁ । ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ସ୍ମାରକପତ୍ର ପ୍ରଦାନ ବେଳେ ବହୁ ଚାଷୀ ଉପସ୍ଥିତ ଥିଲେ ।

## ଭେଉଁରିଆ ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର

**ପଦ୍ମପୁର, ୨୭।୮ (ଡି.ଏନ.ଏ)**

ପଦ୍ମପୁର ବ୍ଲକ ଅନ୍ତର୍ଗତ ଭେଉଁରିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁର୍ଲା ସ୍ଥିତ ଭୀମସାର ମେଡିସିନ୍ ବିଭାଗ ଡା. ଶଙ୍କର ରାମଚନ୍ଦାନୀଙ୍କ ଉଦ୍ୟମରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ଭେଉଁରିଆ ଗ୍ରାମର ବରିଷ୍ଠ ନାଗରିକ ଶିବଲାଲ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଥମେ ଡା. ରାମଚନ୍ଦାନୀ ଗ୍ରାମପଞ୍ଚାୟତ ପରିସରରେ ବୃକ୍ଷରୋପଣ କରିଥିଲେ । ପରେ ସେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସାମାଜିକ କର୍ମୀ ନିରୋଜ ଦୋରା ସମ୍ମାନୀତ ଅତିଥି ଥିଲେ । ଉମେଶ ପ୍ରସାଦ ସାହୁ, ଯୁଧିଷ୍ଠିର ସାହୁ, ସୁରଜ ପଟ୍ଟନାୟକ, ଅକ୍ଷୟ ସାହୁ ଏବଂ ବୋଡାସମ୍ବର ଯୁବସେନାର ସଦସ୍ୟ ସହଯୋଗ କରିଥିଲେ । ସଞ୍ଜୀବ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳୁନି ଫସଲବୀମା

**ବରଗଡ଼ ଅଫିସ୍,୨୭।୮**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ଅସନ୍ତୋଷ ଥମିବା ନାଁ ନେଉନି । ୨୦୧୮ ଖରିଫ ଫସଲର ପ୍ରାୟ ୩ମାସ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ଏପର୍ଯ୍ୟନ୍ତ ଚାଷୀଙ୍କୁ ୨୦୧୭ ଫସଲକ୍ଷତିର ବୀମାରାଶି ମିଳିପାରିନାହିଁ। ଚାଷୀଙ୍କ ବାରମ୍ବାର ଦାବି ଏବଂ ଆନ୍ଦୋଳନ ପରେ ବୀମା କମ୍ପାନୀ କର୍ତ୍ତୃପକ୍ଷ କିଛି କ୍ଷତିପୂରଣ ଜମା କରିଥିଲେ ମଧ ସେଥିରେ ବିଭ୍ରାଟ ଦେଖିବାକୁ ମିଳିଛି । ଏହାକୁ କେନ୍ଦ୍ର କରି ଚାଷୀ ଅସନ୍ତୋଷ ବଢିବାରେ ଲାଗିଛି। ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ ସନିମାଲ ପଞ୍ଚାୟତର ଚାଷୀମାନେ ଏଭଳି ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ନେଇ ସୋମବାର ଉକ୍ତ ପଞ୍ଚାୟତର ଚାଷୀମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ୨୦୧୭ ଖରିଫରେ ସନିମାଲ ପଞ୍ଚାୟତରେ ବ୍ୟାପକ ଫସଲକ୍ଷତି ହୋଇଥିଲା । ରାଜସ୍ୱ ଓ କୃଷି ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିବା ପରେ କ୍ଷତିପୂରଣ ପାଇବେ ବୋଲି ଚାଷୀମାନେ ଆଶା



ବୀମା କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

ବାନ୍ଧିଥିଲେ । କିନ୍ତୁ ବର୍ତ୍ତମାନ ସୁଦ୍ଧା ବୀମା କ୍ଷତିପୂରଣ ବାବଦକୁ ସେମାନେ କିଛି କ୍ଷତିପୂରଣ ପାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ବୀମା କ୍ଷତିପୂରଣ ଯୋଗାଇଦେବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚିନ୍ତାମଣି ପାତ୍ର, ଦଶରଥ ନାଏକ, ରାଜକିଶୋର ପୁରୋହିତ, ମଧୁସୂଦନ ସାହୁ, ନାରାୟଣ ସାହୁଙ୍କ ସମେତ ସନିମାଲ ପଞ୍ଚାୟତର ବହୁ ଚାଷୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ସେହିପରି ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଡୁମ୍ବେରପାଲି ଗ୍ରାମର ଚାଷୀମାନେ ମଧ୍ୟ ଅନୁରୂପ ଦାବି ନେଇ ଜିଲାପାଳଙ୍କ ଅଫିସକୁ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ପ୍ରବଳ ବର୍ଷାରେ ଯୋଗାଯୋଗ ବିଚ୍ଛିନ୍ନ

**ଝାରବନ୍ଧ, ୨୭।୮ (ଡି.ଏନ.ଏ)**

ବରଗଡ଼ ଜିଲା ଝାରବନ୍ଧ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି । ଏଥିଯୋଗୁ ବିଭିନ୍ନ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ଗୁଡିକ ଉପରେ ପାଣି ବହୁଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଏହି ବ୍ଲକ ଅଞ୍ଚଳରେ ରବିବାରଠାରୁ ୧୯୫ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଭଣ୍ଡାରପୁରୀ-ରୁଡଭା ରାସ୍ତାରେ ଥିବା ପୋଲ ଉପରେ ୫ରୁ ୭ଫୁଟ ପାଣି ବହୁଥିବାରୁ ଯାତାୟାତ ଠପ୍ ହୋଇପଡିଛି। ପ୍ରବଳ ବର୍ଷା ହୋଇ ବେହେରାଡୁବୁରୀ ପୋଲ, ଅଡାପାଣି ପୋଲ ଓ ଚିରାଲ ନଦୀ ପୋଲ ଉପରେ ବନ୍ୟାପାଣି ବହୁଛି। ଫଳରେ ନଦୀକୂଳ ଅଞ୍ଚଳମାନ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି । ଝାରବନ୍ଧ ବଡବନ୍ଧ, ଅନଗୁଲ ବନ୍ଧ ହିଡ ଭାଙ୍ଗି ଯାଇଥିବା ଜଣାପଡିଛି । ଫଳରେ ଶହ ଶହ ଏକର ଚାଷଜମିରେ ପାଣି ମାଡି ବାଲିଚର ହୋଇଛି । ବର୍ତ୍ତମାନ ଝାରବନ୍ଧ ଡ୍ୟାମ୍ ଉପରେ ୪ରୁ ୫ ଫୁଟ ପାଣି ବହୁଛି। ଜଙ୍ଗ ନଦୀ ଉପକୂଳ ଗାଁ ମାନଙ୍କରେ ବଢ଼ି ପାଣି ପଶିଯାଇଥିବା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାଜସ୍ୱ ବିଭାଗ ତରଫରୁ କ୍ଷୟକ୍ଷତି ଆକଳନ ଜାରି ରହିଥିବା ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି ।

## ଭୁକ୍ତାରେ ବିଜେଡିର ମିଶ୍ରଣ ପର୍ବ



ବିଜେଡି ମିଶ୍ରଣ ପର୍ବରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ ।

**ଅମ୍ବାଭୋନା, ୨୭।୮ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକ ଭୁକ୍ତାଠାରେ ଶ୍ରମ ଓ ଇଏସଆଇ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଉପସ୍ଥିତିରେ ସୋମବାର ଶତାଧିକ ଯୁବକ ଓ ସଚେତନ ନାଗରିକ ବିଜେଡିରେ ମିଶିଛନ୍ତି। ଭୁକ୍ତା ବସଷ୍ଟାଣ୍ଡରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମାର୍କେଟୟାଡକୁ ଶହ ଶହ ବିଜେଡି କର୍ମୀ ପହଞ୍ଚିଥିଲେ । ମାର୍କେଟ ୟାର୍ଡ ପରିସରରେ ଆୟୋଜିତ ମିଶ୍ରଣ ସଭାରେ ବରଗଡ ଏମ୍‌ପି ଡ. ପ୍ରଭାସ ସିଂ, ମନ୍ତ୍ରୀ ସୁଶାନ୍ତ ସିଂ, ବ୍ଲକ ଅଧକ୍ଷା ନୀଳ କୁମାରୀ ନାୟକ, ବିଜେଡି ସଭାପତି ରଘୁନାଥ ପଟେଲ ଉପସ୍ଥିତ ଥିଲେ ।



ପ୍ରବଳ ବର୍ଷାରେ ଝାରବନ୍ଧ ବ୍ଲକ ବଡବନ୍ଧ ହିଡ ଭାଙ୍ଗି ପାଣି ବାହାରକୁ ବହୁଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୮ ଅଗଷ୍ଟ, ୨୦୧୮



"ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ଗଣେଶ ପୂଜା ପ୍ରସ୍ତୁତି ବୈଠକ

**ଉଲୁଣ୍ଡା,୨୭।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ବସ୍‌ଷ୍ଟାଣ୍ଡ ଗଣେଶ ପୂଜା ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଷାଧ୍ୟକ୍ଷ ଆକାଶ ବେହେରାଙ୍କ ଆବାହକତ୍ୱ ଏବଂ ସଭାପତି ସଚ୍ଚିନ ସାହୁଙ୍କ ପୌରୋହିତ୍ୟ କ୍ରମେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ୧୧ ବର୍ଷରେ ପଦାର୍ପଣ କରିଥିବା ପୂଜାକୁ ଶୃଙ୍ଖଳିତଭାବେ ପାଳନ କରିବାକୁ ମତପ୍ରକାଶ ପାଇଥିଲା। ପରିଚାଳନା ପରିଷଦ ସମ୍ପାଦକ ଚିତରଞ୍ଜନ ମହାକୁର, ଉପସଭାପତି ଦୀପକ ବେହେରା, ଦୀନେଶ ଘିବିଲା, ବୁବୁନ ରଣା, ମିଥୁନ ରଣା, ବିଶ୍ୱରନ ନାଏକ, ମଣ୍ଟୁ ରଣା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭସାଣି ଏବଂ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ଶେଷରେ ସୁନୀଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



### କଳାପଥର-କୁଡାପାଲି ରାସ୍ତାରେ ଗର୍ତ୍ତ

**ବୀରମହାରାଜପୁର, ୨୭।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମ ଏକ ସଂଗ୍ରାମୀ ପୀଠ ଭାବେ ସୁପରିଚିତ। ତାହା ମଧ୍ୟ ଗ୍ରାମପଞ୍ଚାୟତର ସଦର ମହକୁମା। ତେବେ ପଞ୍ଚାୟତ ସଦର ମହକୁମାରୁ ପଞ୍ଚାୟତ ଅଧୀନ କୁଡାପଡା ଗାଁକୁ ଯାଉଥିବା ରାସ୍ତାର ଅବସ୍ଥା ଏବେ କେବଳ ଶୋଚନୀୟ ନୁହେଁ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ନିମ୍ନମାନର କାମ ଯୋଗୁ କଂକ୍ରିଟ/ପିଚୁ ରାସ୍ତାର ସ୍ଥାନେସ୍ଥାନେ ଗର୍ତ୍ତ ସୃଷ୍ଟି ହୋଇଛି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିଲେ ସୁଦ୍ଧା ରାସ୍ତା ମରାମତି ପ୍ରତି କାହାରି ନଜର ନାହିଁ। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଉପ୍ରା ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ

**ସୋନପୁର,୨୭।୮(ନି.ପ୍ର.):** ସୋନପୁର ସହରସ୍ଥିତ ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ପାଇଁ ପୁରାତନ ଛାତ୍ରୀଛାତ୍ର ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ଶ୍ୟାମସୁନ୍ଦର ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟର ପୁରାତନ ଶିକ୍ଷୟିତ୍ରୀ ଯୋଶୋବନ୍ତୀ ନାଗ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରି ମୋ ସ୍କୁଲ କାର୍ଯ୍ୟକ୍ରମକୁ ବିଦ୍ୟାଳୟରେ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ସହକାରୀ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ ମୋ ସ୍କୁଲ ଅଭିଯାନ ବିଷୟରେ ବିଶଦ ଭାବରେ ଆଲୋଚନା କରିଥିଲେ। ଏହି ଅଭିଯାନରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଆର୍ଥିକ, ଶାରିରୀକ ତଥା ବୌଦ୍ଧିକ ଯୋଗଦାନ କରିବା ପାଇଁ ସେ ଅନୁରୋଧ କରିଥିଲେ। ଏହି ଅବସରରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରମାନଙ୍କଠାରୁ ୩ ହଜାର ଟଙ୍କା ସଂଗ୍ରହ ହୋଇଥିଲା। ଅନ୍ୟମାନେ ସହାୟତା ରାଶି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପୁରାତନ ଛାତ୍ରୀଛାତ୍ରମାନେ ନିଜ ବିଦ୍ୟାଳୟର ଉନ୍ନତି ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ମହାପାତ୍ରଙ୍କ ସହିତ ଯୋଗାଯୋଗ କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।






ବିନିକା ଅଞ୍ଚଳବାସୀ ତହସିଲ ସମ୍ମୁଖରେ ରୁଣ୍ଡ ହୋଇ ପ୍ରତିବାଦ କରୁଛନ୍ତି(ବାମ)। ତହସିଲ ସମ୍ମୁଖରେ ମୁତୟନ ହୋଇଥିବା ପୋଲିସ ଫୋର୍ସ।

ପୋଲିସ ସହଯୋଗରେ ଅଫିସ ଖୋଲିବା ଉଦ୍ୟମ

# ତାଲା ପକାଇଲେ ଜନସାଧାରଣ

**ସିଂଘିଯୁବା,୨୭।୮(ଡି.ଏନ.ଏ.)**

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ସୁବର୍ଣ୍ଣପୁର ଜିଲା ବିନିକାରେ ଗତ ୨୨ଦିନ ହେଲା ଆନ୍ଦୋଳନ ଚାଲିଛି। ଏଥିସହିତ ଗତ ୨ଦିନ ହେଲା ସହରର ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ଝୁଲୁଛି। ହେଲେ ସମସ୍ୟାର କୌଣସି ସମାଧାନ ରାସ୍ତା ବାହାରି କରି ପାରୁ ନ ଥିବା ପ୍ରଶାସନ ପୋଲିସ ସହଯୋଗରେ ଅଫିସ ଖୋଲିବାକୁ ଉଦ୍ୟମ କରୁଛି। ସୋମବାର ତହସିଲ ଅଫିସ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଧାର୍ଯ୍ୟ ସମୟରେ ପୋଲିସ ଫୋର୍ସ ଉପସ୍ଥିତିରେ ଖୋଲା ଯାଇଥିବା ବେଳେ ଶହଶହ ସହରବାସୀ ଏକଜୁଟ ହୋଇ ଏହାକୁ ବନ୍ଦ କରିଥିଲେ। ଡାକ୍ତର ପଦବୀ ପୂରଣ ନ ହେବା ଯାଏ ତାଲାବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ଚରମବାଣୀ ଶୁଣାଇଥିଲେ। ପରେ ସେମାନେ ତହସିଲ ଅଫିସ ସମ୍ମୁଖରେ ଗତ ୨୨ଦିନ ହେଲା ଚାଲିଥିବା ସାମ୍ବାଦିକ ସଂଘର ଧାରଣାସ୍ଥଳକୁ ଯାଇ ସମର୍ଥନ ଜଣାଇଥିଲେ।

ଡାକ୍ତର ନିଯୁକ୍ତି ଓ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ଦାବିରେ ଚାଲିଥିବା ଆନ୍ଦୋଳନ ଦିନକୁ ଦିନ ଜଟିଳ ହେବା ଉପଲବ୍ଧି କରି ରବିବାର ବିନିକା ଥାନା ପ୍ରକୋଷ୍ଠରେ ଶାନ୍ତି କମିଟି ବସିଥିଲା। ଏହି ବୈଠକରେ ଜିଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ ବିନିକା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିୟୋଜିତ କରାଇବା ପାଇଁ ଏକ ମାସ ସମୟ ମାଗିଥିଲେ। ମାତ୍ର ଜନସାଧାରଣ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ବୈଠକ ବିଫଳ ହେବା ପରେ ପ୍ରଶାସନ ଏଥର ବଳପୂର୍ବକ ଅଫିସ ଖୋଲିବାକୁ ଚାହିଁଥିଲା। ସୋମବାର ପୂର୍ବାହ୍ନ ୧୦ଟାରେ ବିନିକା ଥାନା ଆଇଆଇସି କଲ୍ୟାଣୀ ବେହେରା ପୋଲିସ ଫୋର୍ସ ସହ ବିନିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ରହି କାର୍ଯ୍ୟ ଯଥାରୀତି ସ୍ୱଭାବିକ କରିବାକୁ ଚେଷ୍ଟା କରିଥିଲେ। ସେହିପରି ଅନ୍ୟାନ୍ୟ ଅଫିସ ମଧ୍ୟ କାର୍ଯ୍ୟାରମ୍ଭ କରିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସହରର ବିଭିନ୍ନ ବର୍ଗର ଲୋକେ ତହସିଲ କାର୍ଯ୍ୟାଳୟକୁ ଯାଇ ପ୍ରତିବାଦ କରି ଗେଟରେ ତାଲା ପକାଇ ଦେଇଥିଲେ। ଦାବି ପୂରଣ ନ ହେବା ଯାଇ ସମସ୍ତ ସରକାରୀ ଅଫିସକୁ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ପରେ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ସମସ୍ତ ବ୍ୟାଙ୍କ, ବ୍ଲକ ଅଫିସ, ମୁଖ୍ୟ ଡାକଘର, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ବିନିକା ପ୍ରାଣୀଧନ ଚିକିତ୍ସାଳୟ, ଶିଶୁ ସମନ୍ୱିତ କାର୍ଯ୍ୟାଳୟକୁ ଯାଇ କାର୍ଯ୍ୟ ବନ୍ଦ କରାଇଥିଲେ।

ଅପରପକ୍ଷରେ ସାମ୍ବାଦିକ ସଂଘ ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଧାରଣାସ୍ଥଳକୁ ସୋମବାର କଂଗ୍ରେସ ନେତା ରବିନ୍ଦ୍ର ହୋତା, ଆଞ୍ଚଳିକ ମସ୍ତଜୀବୀ ସଂଘର ସମ୍ପାଦକ ରମାକାନ୍ତ ସେଠୀ, ଜିଲା ପରିଷଦ ସଭ୍ୟ ରୋହିଣୀ ଡାଙ୍ଗ, ସୁଶାନ୍ତ ପଣ୍ଡା, ପ୍ରଦୀପ ସେଠୀ, ସାମାଜିକ କର୍ମୀ ଆଲୋକ ରଞ୍ଜନ ହୋତା, ଭାଜପା ନେତା ଆନନ୍ଦ ବାରିକ, ବିଜୟ କୁମାର ମହାକୁର, ଛାତ୍ର ନେତା ତପନ ସାହୁ, ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ଅଶୋକ ପୃଷ୍ଟି, ବିନିକା ଟ୍ୟାକ୍ସି ସଂଘ ସଭାପତି ପଞ୍ଚାନନ ମିଶ୍ର, ଆଇନଜୀବୀ ପଞ୍ଚାନନ ଦନ୍ତା, ବିନିକା ଓକିଲ ସଂଘ ଉପସଭାପତି ରଘୁନାଥ କୁମ୍ଭାରୁ, ବିନିକା ଦୁର୍ଗାମଣ୍ଡପ ସଭାପତି ସନ୍ତୋଷ ପଣ୍ଡା, ପୂର୍ବତନ ସରପଞ୍ଚ ମିତ୍ରଭାନୁ ଭୁଏ, ଆଦିବାସୀ ନେତା ବିରଞ୍ଚି କୁଅଁର ପ୍ରମୁଖ ସାମିଲ ହୋଇଥିଲେ।

**ବିନିକାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା**
- ତହସିଲ ଅଫିସ ସମ୍ମୁଖରେ କଲେ ପ୍ରତିବାଦ ସଭା
- ସାମାଧାନ ବାଟ ବାହାରୁନି
- ସାମ୍ବାଦିକ ସଂଘର ଧାରଣା ୨୨ ଦିନରେ

### ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

**ବୌଦ୍ଧ/ବଘିଆପଡା,୨୭।୮(ସ୍ୱ.ପ୍ର.)**

ବୌଦ୍ଧ ବ୍ଲକ ବଘିଆପଡା ଗ୍ରାମପଞ୍ଚାୟତର ଲକ୍ଷ୍ମୀପଦର ଉନ୍ନୀତ ମଧ ଇଂଲିଶ ବିଦ୍ୟାଳୟରେ ଶ୍ରେଣୀଗୃହ ଦାବିରେ ସୋମବାର ବିଦ୍ୟାଳୟରେ ଗ୍ରାମବାସୀ ଓ ଅଭିଭାବକମାନେ ତାଲା ପକାଇଛନ୍ତି। ଉକ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଏଠାରେ ୨୦୦ରୁ ଊର୍ଦ୍ଧ୍ୱ ପିଲା ପାଠ ପଢୁଛନ୍ତି। କିନ୍ତୁ ଉକ୍ତ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣରେ ଶ୍ରେଣୀଗୃହ ନ ଥିବାବେଳେ ମାତ୍ର ୪ଟି ଶ୍ରେଣୀ ଗୃହ ଅଛି। ବର୍ତ୍ତମାନ ବର୍ଷା ଦିନ ହୋଇଥିବାରୁ ଦୁଇଟି ଗୃହରେ ପାଣି ଗଳୁଛି। ଶ୍ରେଣୀ ଗୃହ ଗୁଡିକ ଠିକ ଭାବେ କାମ ହୋଇ ନ ଥିବାରୁ ପାଣି ଗଳୁଥିବା ଯୋଗୁ କେତେବେଳେ ମାଡି ବସିବ କେହି କହିପାରିବେ ନାହିଁ। ଦୁଇଟି ଗୃହରେ ପାଣି ଗଳୁଥିବାରୁ ବାକି ରହିଲା ଦୁଇଟି ଗୃହ। ଦୁଇଟି ଗୃହରେ ଏତେ ସଂଖ୍ୟକ ପିଲା ଓ ବହୁ ଶ୍ରେଣୀ ଥିବାରୁ ପାଠ ପଢା ହୋଇପାରୁ ନାହିଁ। ଜାଗା ନ ହେଲେ ବହୁବାର ପିଲାମାନେ ଘରକୁ ପଳାଇ ଆସୁଛନ୍ତି। ଏ ନେଇ ଗ୍ରାମବାସୀ ଓ ଅଭିଭାବକ ବିଦ୍ୟାଳୟକୁ ଆସି ଏକ ସଭା କରିବା ସହ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। କିନ୍ତୁ ନା ଶିକ୍ଷା ବିଭାଗ ନା ବିଦ୍ୟାଳୟ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନ ନେବାରୁ ସୋମାବର ଗ୍ରାମବାସୀ ଓ ଅଭିଭାବକମାନେ ମିଶି ବିଦ୍ୟାଳୟର ଦୁଇଟି ଗୃହରେ ତାଲା ପକାଇଛନ୍ତି। ଯେ ପର୍ଯ୍ୟନ୍ତ କୋଠା ନିର୍ମାଣ କରାନ ଯାଇଛି ସେ ପର୍ଯ୍ୟନ୍ତ ବିଦ୍ୟାଳୟର ଏହି ଦୁଇଟି ଗୃହରେ ତାଲା ପଡିବ ବୋଲି ଚେତାବନୀ ଦେଇଛନ୍ତି। ପ୍ରଶାସନ କିଛି ପଦକ୍ଷେପ ଗ୍ରହଣ ନ କରେ ତେବେ ଆଗାମୀ ଦିନରେ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମଧ ଚୋତବନୀ ଦେଇଛନ୍ତି।

ନୂତନ ଜିଲାପାଳ, ଏସପିଙ୍କ ପ୍ରଥମ ମିଳିତ ଜନଶୁଣାଣି

## ୫୨ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ବୀରମହାରାଜପୁର, ୨୭।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ପ୍ରଶାସନର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ବୀରମହାରାଜପୁର ବ୍ଲକର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଜିଲାପାଳ ମଧୁସୂଦନ ମିଶ୍ର ଓ ନୂତନ ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରସାଦ ଦାଶଙ୍କର ଏହା ଥିଲା ଏଠାକୁ ପ୍ରଥମ କରି ସରକାରୀ ଗସ୍ତ ଏବଂ ପ୍ରଥମ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ। ଶିବିରରେ ୪୫ଟି ବ୍ୟକ୍ତିଗତ ତଥା ୧୩ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ଆଗତ ହୋଇଥିଲା। ତନ୍ମଧ୍ୟରୁ ୫୨ଟି ଉପରେ ଆଶୁ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗର କର୍ମକର୍ତ୍ତାଙ୍କୁ ତତ୍କାଳ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଏହାବାଦ ବୀରମହାରାଜପୁର ତହସିଲ ଅଞ୍ଚଳର ୨୨ଜଣ ଭୂମିହୀନଙ୍କୁ ଜିଲାପାଳ ମିଶ୍ର ଘରଡିହ ପଟ୍ଟା ବଣ୍ଟନ କରିଥିଲେ। ଘରଡିହ ପଟ୍ଟା ପାଇଥିବା ୨୨ ହିତାଧିକାରୀଙ୍କ ମଧ୍ୟରେ ଅଛନ୍ତି ମୁଷ୍ଟୁର୍ଣ୍ଣି ଗ୍ରାମର ୧୧, ବାରଖୁଲା ଗ୍ରାମର ୪, ଦାମକିଆ ଦାଦର ଗ୍ରାମର ୨ ଏବଂ ଏକତାଲ ଗ୍ରାମର ୫ଜଣ ଭୂମିହୀନ ବୋଲି ଜଣାପଡିଛି। ସେହିପରି ଉଚ୍ଚତର ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ରାଶି ମଞ୍ଜୁର କରାଯାଇଥିଲା। ସେହିଭଳି ଜାତୀୟ ପରିବାର କଲ୍ୟାଣ ଯୋଜନା ଅନୁଯାୟୀ ଆନନ୍ଦପୁର ଗ୍ରାମର କସ୍ତୁରୀ ନାଏକ ଓ ଅଡାଳ ଗ୍ରାମର ବାସନ୍ତୀ ପଧାନ ନାମ୍ନୀ ବିଧବାଦ୍ୱୟଙ୍କୁ ୨୦ହଜାର ଟଙ୍କାର ସହାୟତା ରାଶି ଚେକ ମଧ୍ୟମରେ ପ୍ରଦାନ କରିଥିଲେ ଜିଲାପାଳ ମିଶ୍ର ଏବଂ ଏସପି. ଦେବୀ ପ୍ରସାଦ ଦାଶ। ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଗଣ ଅଂଶଗ୍ରହଣ କରିଥିଲେ। ଏତଦ୍‌ବ୍ୟତୀତ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ ମାଝୀ, ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ ଓ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିବିରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟଙ୍କ ସହ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ



ମିଳିତ ଜନଶୁଣାଣି ଶିବିରରେ ଭୂମିହୀନଙ୍କୁ ଘରଡିହ ପଟ୍ଟା ଦିଆଯାଉଛି।

### ବାଜପେୟୀଙ୍କ ଚିତାଭସ୍ମ ବିସର୍ଜିତ

**ବୌଦ୍ଧ,୨୭।୮(ସ୍ୱ.ପ୍ର.)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମକୁ ଶନିବାର ବୌଦ୍ଧ ଜିଲା ଭାଜପା ସଭାପତି ସୌମିତ୍ରୀ ନାୟକ ଧରି ଏଠାରେ ପହଞ୍ଚିଥିଲେ। ଏହାକୁ ସୋମବାର ସକାଳେ ଟାଉନ ହଲଠାରେ ସର୍ବସାଧାରଣଙ୍କ ଦର୍ଶନ ଓ ଶ୍ରଦ୍ଧାଞ୍ଜଳି ପାଇଁ ରଖାଯାଇଥିଲା। ଅପରାହ୍ନରେ ସହର ପରିକ୍ରମାରେ ନିଆଯାଇ ମହାନଦୀର ଚିରଘାଟଠାରେ ବିସର୍ଜନ କରାଯାଇଛି। ସନ୍ଧ୍ୟାରେ ଟାଉନହଲ ପରିସରରେ ଏକ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ସଭାରେ ଜିଲା ସଭାପତି ନାଏକ, ସଞ୍ଜୟ ପଣ୍ଡା, ଭାଜପା ନେତା ସଚ୍ଚିଦାନନ୍ଦ ଦଲାଲ, କହ୍ନେଇ ଚରଣ ଡାଙ୍ଗ ଓ ବରିଷ୍ଠ ନାଗରିକ ମୃତ୍ୟୁଞ୍ଜୟ ମିଶ୍ର, ଗୌରିଶଙ୍କର ଅଗ୍ରୱାଲା, ପ୍ରମୋଦ ମିଶ୍ର, ଜିଲାପରିଷଦ ସଭ୍ୟ ଧନେଶ୍ୱର ଅମାତ, ସଂଯୁକ୍ତା ନାଏକ, କିଶୋର ମିଶ୍ର ପ୍ରମୁଖ ବାଜପେୟୀଙ୍କ ସ୍ମୃତି ଗାନ କରିଥିଲେ।

## ଶିଳ୍ପ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୋନପୁର,୨୭।୮(ନି.ପ୍ର.)**

ଜିଲା ଶିଳ୍ପ କେନ୍ଦ୍ର ସୁବର୍ଣ୍ଣପୁର ପକ୍ଷରୁ ଏକଦ୍ୱିବସୀୟ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ସୁଧାଂଶୁ ଶେଖର ସାହୁ, ଜିଲା ପ୍ରାଣୀ ସମ୍ପଦ ବିଭାଗର ନୋଡାଲ ଅଫିସର ଡ. ଭୁବନ ମୋହନ ସାହୁ, କୃଷି ବିଭାଗର ସହକାରୀ ଯନ୍ତ୍ରୀ ପ୍ରଭାତ ରଞ୍ଜନ କୁଲୁ, ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ବିଶ୍ୱନାଥ ପ୍ରଧାନ ଓ ମତ୍ସ୍ୟ ସମ୍ପଦ ବିଭାଗର ସୋନେବନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍ୟୋଗୀଙ୍କ ବିକାଶ ମାଧ୍ୟମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପ୍ରତିଷ୍ଠା ସହିତ ଆତ୍ମନିଯୁକ୍ତିର ସୁଯୋଗ ରହିଥିବାର ଉଦାହରଣ ମାଧ୍ୟମରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଜିଲାରେ କୃଷିଭିତ୍ତିକ ଶିକ୍ଷାର ପର୍ଯ୍ୟାପ୍ତ ସୁଯୋଗ ରହି ଥିବାରୁ ଛାତ୍ରୀଛାତ୍ର ଏହାର ସୁଯୋଗ ନେବାକୁ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସଫଳ ଉଦ୍ୟୋଗୀ ସମୀର କୁମାର ଡାଙ୍ଗଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଶିଳ୍ପକେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର ଉକ୍ତ କାର୍ଯ୍ୟକ୍ରମକୁ କରିଥିଲେ।

ଏନ୍‌ଜିଟିରେ ସତ୍ୟପାଠ ଦାଖଲ ହୋଇଛି

## ପଲିଥିନ୍ ଉପରେ ରୋକ୍ ନାହିଁ

ବର୍ଜ୍ୟବସ୍ତୁ ପରିଚାଳନା ହେଉନି

**ସୋନପୁର,୨୭।୮(ନି.ପ୍ର.)**

ଅକ୍ଟୋବର ୨ଗାନ୍ଧୀ ଜୟନ୍ତୀରୁ ଓଡିଶାରେ ପଲିଥିନ ବ୍ୟବହାର ବନ୍ଦ ହେବ। ଏହାର ବହୁ ପୂର୍ବରୁ ସୁବର୍ଣ୍ଣପୁର ସହରକୁ ପ୍ଲାଷ୍ଟିକ୍ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ମ୍ୟୁନିସିପାଲିଟି ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଏ ସମ୍ପର୍କରେ ସତ୍ୟପାଠ ଦାଖଲ ହୋଇଛି। କିନ୍ତୁ ତାହା ବାସ୍ତବ ମୁଖି ହୋଇପାରୁନି। ପଲିଥିନର ବହୁଳ ବ୍ୟବହାର ହେଉଛି। କଠିନ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ହେଉନି। ସହରୀ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ଏହା ବିପଜ୍ଜନକ ସମସ୍ୟା ସୃଷ୍ଟି କରିଛି। ପ୍ରାଣୀ ଚିକିତ୍ସକଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସହରରେ ୩୦ରୁ ୫୦କେ.ଜି. ପଲିଥିନ ଗୋରୁଙ୍କ ପାକସ୍ଥଳୀରୁ ବାହାର କରାଯାଉଛି। ଏହି ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗୁଟ୍‌ଖା ଜରି ଓ ପଲିଥିନର ଉତ୍ପାଦନ ଏବଂ ବ୍ୟବହାର ଉପରେ କଟକଣା ଲଗାଇବାକୁ ରାଜ୍ୟ ପରିବେଶ ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ବହୁ ପୂର୍ବରୁ ଚିଠି ଲେଖା ଯାଇଛି। ଏନେଇ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ଜରି ବ୍ୟାଗ୍‌କୁ ବହୁ ପୂର୍ବରୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛନ୍ତି। ଆଇନ ମଧ୍ୟ ପ୍ରଣୟନ ହୋଇଛି। ମାତ୍ର ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ପଲିଥିନ ବନ୍ଦ ନେଇ କୌଣସି ଉଦ୍ୟମ ହେଉନି। ଆଇନ ଉଲ୍ଲଂଘନ କରୁଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ସହରର ପଲିଥିନ ଗୋଦାମ ଓ ଦୋକାନ ଉପରେ ପ୍ରଶାସନ ପକ୍ଷରୁ ଲୋକ ଦେଖାଣିଆ ଭାବେ ଚଢାଉ ହୋଇଥିଲା। କିଛି ମାସ ହେବ ତାହା ବନ୍ଦ ରହିଛି। ଏପଟେ ପ୍ରତ୍ୟହ ସକାଳେ ଝାଡୁଦାରମାନେ ଏଣେତେଣେ ପଡିଥିବା ପଲିଥିନକୁ ଠୁଳ କରି ନିଆଁ ଲଗାଉଛନ୍ତି। ଜିଲା ମୁଖ୍ୟାଳୟରେ ମଧ୍ୟ ଏପରି ହେଉଛି। ବାୟୁ ମଣ୍ଡଳ ପ୍ରଦୂଷିତ ହେଉଛି। ଏ ନେଇ ବୁଦ୍ଧିଜୀବୀ ଓ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି।

ରାଜ୍ୟରେ ପରିବେଶ ସୁରକ୍ଷା ଆଇନ୍ ୧୯୮୬ ଅନୁଯାୟୀ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୦୪ ଜାନୁଆରୀ ୨୬ରୁ ୨୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ପରିବେଶ ସୁରକ୍ଷା ଆଇନର ଧାରା-୫ ଅନୁଯାୟୀ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବନଖଣ୍ଡ ଅଧିକାରୀମାନେ ଜିଲା ପ୍ରଶାସନ ସହାୟତାରେ ଏହି କଟକଣାକୁ କାର୍ଯ୍ୟକାରୀ କରିବାକୁ କ୍ଷମତା ପ୍ରଦାନ କରାଯାଇଛି। ମାତ୍ର ତାହା କାର୍ଯ୍ୟକାରୀ ହେଉନି। ଜିଲାରେ ପଲିଥିନ ନିୟନ୍ତ୍ରଣ କ୍ଷେତ୍ରରେ କୌଣସି ଉଦ୍ୟମ ହେଉ ନ ଥିବା କୁହନ୍ତି ପରିମଳ କ୍ଷେତ୍ରରେ କାମ କରୁଥିବା ସୋନପୁର-ମନମୁଣ୍ଡା ସ୍ୱଚ୍ଛଭାରତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଲକ୍ଷ୍ମୀନାରାୟଣ ମେହେର। ତାଙ୍କ ଅଭିଯୋଗ ଅନୁଯାୟୀ ବଜାରରେ ପଲିଥିନ ବିକ୍ରି ହେଉଛି। ପଲିଥିନର ବହୁଳ ବ୍ୟବହାର ଫଳରେ ଡ୍ରେନରେ ଜଳ ନିଷ୍କାସନ ଠିକ୍ ଭାବରେ ହୋଇ ପାରୁନାହିଁ। ତାହା ପୁଣି ସିଧାସଳଖ ମହାନଦୀରେ ମିଶୁଛି। ଲୋକେ ପରିବେଶ ସମ୍ପର୍କରେ ସଚେତନ ହେଉନାହାନ୍ତି। ମନ୍ଦିରକୁ ଅବା ବଜାରକୁ ମାର୍କେଟିଂ କରିବାକୁ ଯିବା ସମୟରେ ଲୋକେ ବ୍ୟାଗ୍ ନେଉନାହାନ୍ତି। ମାନସିକତାରେ ପରିବର୍ତ୍ତନ ଆଣିବାକୁ ପଡିବ ବୋଲି ମେହେର କହିଛନ୍ତି। ଆଇନଜୀବୀ ତଥା ପରିବେଶବିତ୍ ଶ୍ୟାମା ଓଁ ମିଶ୍ର କୁହନ୍ତି ଜିଲାର ଡାକ୍ତରଖାନା ଓ ମ୍ୟୁନିସିପାଲିଟି ଅଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେଗୁଡିକୁ ନଷ୍ଟ ନ କରି ସିଧାସଳଖ ପୋଡି ଦିଆଯାଉଛି। ଦେଖିବାକୁ କେହି ନାହିଁ। ଲୋକେ ଖାଦ୍ୟ ସମଗ୍ରୀ ପଲିଥିନରେ ଭର୍ତ୍ତି କରି ବାହାରକୁ ଫୋପାଡି ଦେଉଛନ୍ତି। ବୁଲା ଗୋରୁ ଏସବୁ ଖାଇ ରୋଗାକ୍ରାନ୍ତ ହେଉଛନ୍ତି। ସରକାର ପଲିଥିନକୁ ନିଷିଦ୍ଧ କରିଥିବାରୁ ଏହାକୁ ନିୟନ୍ତ୍ରଣ କରିବା ଏବେ ଜରୁରୀ ହୋଇ ପଡିଛି।



ଡ୍ରେନ୍‌ରେ ପଲିଥିନ ଠୁଳ କରି ନିଆଁ ଲଗାଉଛି ପରିମଳ ଠିକା ନେଇଥିବା ସଂସ୍ଥା।

**ସୁବର୍ଣ୍ଣପୁର ଜିଲା**

## ଭକ୍ତିମୟ ପରିବେଶ ମଧ୍ୟରେ ଝୁଲଣଯାତ୍ରା ସମ୍ପନ୍ନ

**ବୀରମହାରାଜପୁର, ୨୭।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ସର୍ବବୃହତ ଜନବହୁଳ ତଥା ପୁରାତନ ଗ୍ରାମ ସୁବଳୟାର ପ୍ରସିଦ୍ଧ ଝୁଲଣଯାତ୍ରା ସୋମବାର ସନ୍ଧ୍ୟାରେ ସରିଛି। ରାଧାକୃଷ୍ଣଙ୍କ ଆରାଧାନା ଉପରେ ପର୍ଯ୍ୟବେସିତ ଉକ୍ତ ଆଧ୍ୟାତ୍ମିକ ପର୍ବ ଏଠାରେ ବିଗତ ୧୧ବର୍ଷ ଧରି ପାଳିତ ହୋଇ ଆସୁଛି। ଏହି ସାର୍ବଜନୀନ ଯାତ୍ରା ଶୀତଳ ଷଷ୍ଠୀ ଢାଞ୍ଚାରେ ଅନୁଷ୍ଠିତ ହେଉଥିବାରୁ ଏହାର ପରମ୍ପରା ଓ ଐତିହ୍ୟ ମହାନ। ଗତ ୨୩ତାରିଖ ଦଶମୀ ତିଥିଠାରୁ ସୁବଳୟା ବସ୍ତିର ୫ଟି ପୂଜାମଣ୍ଡପରେ ଥିବା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ରବିବାର ଅର୍ଥାତ୍ ପୂର୍ଣ୍ଣିମା ରାତି ଶୋଭାଯାତ୍ରାରେ ଅଣାଯାଇଥିଲା। ସୁସଜ୍ଜିତ ରଥରେ ବସି ରାଧାକୃଷ୍ଣ ଭକ୍ତଜନଙ୍କୁ ଦର୍ଶନ ଦେଇଥିଲେ। ବିଭିନ୍ନ ସାହିର ମେଢ ବସ୍ତି ପରିକ୍ରମା କରିବା ପରେ ସୋମବାର ଏକତ୍ରିତ ହୋଇଥିଲେ। ଶ୍ରଦ୍ଧାଳୁମାନଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ସାରା ଅଞ୍ଚଳ ମୁଖରିତ ହୋଇ ଉଠିଥିଲା। ବହୁ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ସାମିଲ ହୋଇଥିଲେ। ଆୟୋଜକମାନଙ୍କ ପକ୍ଷରୁ ରବିବାର ରାତିରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗତ ଦୁଇଦିନ ଲଗାଣ ବର୍ଷା ଯୋଗୁ ଲୋକଙ୍କ ଉତ୍ସାହକୁ ଫିକା ପକାଇଥିବାବେଳେ ସୋମବାର ଦିନତମାମ ଅନୁକୂଳ ପାଗ ହେତୁ ଏହି ଯାତ୍ରା ଖୁବ ଜମିଥିଲା।



ସୁବଳୟା ଝୁଲଣଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ।

## ସଂକ୍ଷେପରେ

### ୧୫୦ ରାଖୀ ଯବାନଙ୍କ ଉଦ୍ଦେଶ୍ୟରେ ପଠାଗଲା

ଭବାନୀପାଟଣା,୨୭।୮ (ଡି.ଏନ.ଏ.) ଦେଶର ଯବାନମାନଙ୍କ ପାଇଁ ଭବାନୀପାଟଣା ସହରସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲର ୫୦ ଜଣ ଛାତ୍ରୀ ସ୍କୁଲ ଅଧ୍ୟକ୍ଷ ଶିବରାମ ନାୟକଙ୍କ ସହଯୋଗରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଆର୍ମି ହେଡକ୍ୱାର୍ଟର୍ସକୁ ଡାକ ଯୋଗେ ୧୫୦ରୁ ଅଧିକ ରାଖୀ ପଠାଇଛନ୍ତି । ଭବାନୀପାଟଣାସ୍ଥିତ ନେହେରୁ ସେବା ସଂଘଠାରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ନେହେରୁ ସେବା ସଂଘ ଅନାଥ ଭଉଣୀଭାଇଙ୍କ ସହ ସରକାରୀ ସ୍ୱୟଂଶାସିତ କଲେଜର ଛାତ୍ର ହରିଣ ଅହିର, ବ୍ରହ୍ମର୍ଷି ନାଏକ ଯାଦବ, ପୂର୍ବ ଛାତ୍ର ସଂସଦ ସଭାପତି ଆଶିଷ ମହାପାତ୍ର, ଶ୍ରୀକାନ୍ତ ପାଣି, ସୁରଜ ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ । କଳାହାଣ୍ଡି ଡିସକଭର ଓ ପ୍ରଜାପତି ବ୍ରହ୍ମାକୁମାରୀ ପକ୍ଷରୁ ସିଆରପିଏଫ କାର୍ଯ୍ୟାଳୟକୁ ଯାଇ ଯବାନମାନଙ୍କୁ ରାଖୀ ବାନ୍ଧିଥିଲେ ।

# ସରକାରୀ ଯୋଜନାରୁ ବଁଚିତ୍ ଅସାହା ପରିବାର

**ସିନାପାଲି,୨୭।୮(ଡି.ଏନ.ଏ.)**

ସରକାର ଅସାହା ଗରିବ୍‌ମାନ୍‌କର ଥଇଥାନ୍ ଲାଗି ଭିନେ ଭିନେ ଯୋଜ୍‌ନା କାଯ୍‌କାରୀ କରୁଛନ୍। ହେଲେ ଇ ଯୋଜ୍‌ନାର ସୁଫଲ୍ ପର୍‌କୃତ୍ ଗରିବ୍ ହିତାଧିକାରୀ ନାଇଁ ପାଇ ପାର୍‌ବାର । ଯେନ୍‌ଥିର୍‌ଲାଗି ନିହାତି ଗରିବ୍, ଅସାହା ଲୋକ୍‌ମାନେ ବଡା ଗୁଲ୍‌ଗୁଲା ହେଇ ଜୀବନ୍‌ଯାପନ୍ କରୁଥିବାର ଦେଖ୍‌ବାକେ ମିଳୁଛେ। ଏନ୍‌ତା ଗୁଟେ ଘଟ୍‌ନା ଦେଖ୍‌ବାକେ ମିଳିଛେ ନୂଆପଡ଼ା ଜିଲା ସିନାପାଲି ଆଦିବାସୀ ବହୁଲ୍, ମାଓବାଦୀପ୍ରବଣ ଘାଟମାଳ ପଁନ୍‌ଚେତ୍ ତାଳାକୋଟ ଗାଁର ବେଲପଡ଼ା ଗାଁରେ। ବେଲପଡ଼ା ଗୁଟେ ଅବ୍‌ଗା ଆଦିବାସୀ ଗାଁ। ଚାର୍‌ହିକୁତି ଘଁଚ୍ ଜଂଗଲ୍। ସିନାପାଲି ବ୍ଲକ୍ ସଦର ମହକୁମାଠାନୁ ୨୦ କି.ମି. ଦୂର। ଇ ଗାଁର ବାସିନ୍‌ଦା ହେଉଛନ୍ ଟେକଧର ମାଝି(୬୫)। ତାଁକର ପରିବାର କହେଲେ ମାଏଝି ବିମଲେ ମାଝି(୬୦) ଆର୍ ଦୁଇ ପୁଓ ଦେବାର ଆର୍ ଘେନୁରାମ। ଇମାନେ ନିହାତି ଗରିବ୍ ଲୋକ୍ ହେଇଥିଲା ବେଲେ ଅଲପ୍ କିଛି ଜଂଗଲ୍ ଜମି ରହିଛେ। ଦୁଇ ପୁଓ ଗୋର୍ଲା ସେବାଶ୍ରମ ସ୍କୁଲ୍‌ରେ ପାଠ୍ ପଢୁଛନ୍। ଇମାନକର ନାଁରେ ଆଗ୍‌ରୁ ଥିବାର ବିପିଏଲ କାର୍ଡରେ କେନ୍ଦ୍ର ସରକାରକଁର ଖାଏଦ୍ ସୁରକ୍ଷା ଯୋଜ୍‌ନାରେ ସାମିଲ ନାଇଁ କରାଯାଇ। ଯେନ୍‌ଥିର୍‌ଲାଗି ସରକାରକଁର ତର୍‌ଫୁ ମିଳୁଥିବାର ପିଡିଏସ ସାମାନ୍ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା କି ବିପିଏଲ କାର୍ଡ ଥିଲେ ବି ସରକାରକଁର ଆବାସ ଯୋଜ୍‌ନାରୁ ବଁଚିତ୍ ହେଇଛନ୍। ଯେନ୍‌ଥିର୍‌ଲାଗି ପରିବାର୍‌ଟା ଗୁଟେ ଭଂଗା ଦଦ୍‌ରା ବିପଦ୍ ଅବସ୍‌ତାରେ ଥିବାର ଘରେ ରହୁଛନ୍। କେତେବେଲେ ଘର୍‌ଟା ମାଡି ବସ୍‌ବା କିଛି କହି ନାଇଁହୁଏ, ଯେନ୍‌ଥିର୍‌ଲାଗି ପରିବାର୍‌ଟା ଚିନ୍‌ତାରେ ପଡ଼ିଛନ୍। ବର୍‌ଷା ହେଲେ ଛାତୁ ପାଏନ୍ ଗଲି ଘର୍ ଦହଲି ହେଇଯାଉଛେ, ଶୁଇବସି ନାଇଁ ପାର୍‌ବାର। ଘର୍‌ଖଁଡ଼େ ପାଏବାର ଲାଗି ପଁନ୍‌ଚେତ୍‌ରୁ ବ୍ଲକ୍ ତକ୍ ଦଉଡି ଦଉଡି ନିହାଲ ହେଇଗଲେ ହେଲେ କେହି ତାକର କଥା ନାଇଁ ଶୁନ୍‌ଲେ ବଲି କଁଦ୍‌କଁଦ୍‌ନିଆଁ ହେଇ ଟେକଧର କହିଥିଲେ। ବଏସ୍ ଅଧିକା ହେବାର ଲାଗି ଆଏଁଖିକେ ଭଲ୍ ଭାବେ ନାଇଁ ଦିଶ୍‌ବାର କି କାନ୍‌କେ ଠିକ୍‌ସେ ନାଇଁ ଶୁଭ୍‌ବାର। ବୁଢ଼ୀବୁଢ଼ା ଭତା ଆର୍ ଭିନ୍ନକ୍ଷମ ଭତାର ଲାଗି ସେ ବହୁତ୍ ଥର ଗୁହାରି କରିଛନ୍। ହେଲେ । ହେଲେ ସେଥିରେ ବି ଦୁଇ ମାଏଝି ମୁନୁଷ୍ ନିରାଶ ହେଇଛନ୍। ସିନାପାଲି ବ୍ଲକ୍ ଅଧକ୍ଷା ତପସ୍ୱିନୀ ମାଝି ଅଂଚଲ ବୁଲି ଦେଖ୍‌ଲାବେଲେ ଇ ପରିବାର୍‌ର ଦୁର୍‌ଦଶା ତାକର ନଜରକେ ଆସିଥିଲା। ସେ ତାକର ବିପିଏଲ୍ କାର୍ଡ, ଆଧାର କାର୍ଡ ନେଇ ୧୫ ଦିନ୍ ଭିତ୍‌ରେ ଭତା ଦେବାର ବେବସ୍‌ତା କର୍‌ବାର ସଂଗେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜ୍‌ନାରେ ଖାଉଟି କାର୍ଡ ଆର୍ ଆବାସ ଯୋଜ୍‌ନାରେ ସାମିଲ କରାଯିବା ବଲି ପର୍‌ତିଶ୍ରୁତି ଦେଇଛନ୍। ରାଏଜ୍ ସରକାରକଁର ଅଧିନ୍‌ରେ ଯୋଜ୍‌ନାମାନ୍ କାଯ୍‌କାରି କର୍‌ବାର ଲାଗି ବହୁତ୍‌ଟେ ଅଧିକାରୀ, କରମ୍‌ଚାରୀ କାମ୍ କରୁଛନ୍ ହେଲେ ଏନ୍‌ତା ନିହାତି ଗରିବ୍, ଅସାହା, ନିଆଁସିମାନ୍‌କର ଗୁହାରି ତାକର କାନେ ନାଇଁ ପଡ଼ବାରଟା, ସେମାନେ ଇ ବାବ୍‌ଦେ ନାଇଁ ଜାନିବାରବାର କଥାଟା କେତେ ଦୂର ଠିକ୍ ଯେ ସେଟା ଜନସାଧାରନ୍ ବିଚାର କର୍‌ବେ।



ନିଜର ଭଂଗା ଦଦ୍‌ରା କୁଡିଆ ଆଗେ ବିମଲେ ମାଝି।

**ସରକାରୀ ଯୋଜ୍‌ନା ବାଟ୍‌ବନା**

- ଖାଦ୍ୟ ସୁରକ୍ଷା ଯୋଜନାର କାର୍ଡ ନାଇଁ
- ଯୋଗାଣ ହେଉଛି ମାତ୍ର ୭୫ ଲକ୍ଷ ଲିଟର
- ଭଂଗା ଦଦ୍‌ରା ଘରେ ବିତୁଛେ ଜୀବନ୍
- ଭିନ୍ନକ୍ଷମ ଭତାରୁ ବଁଚିତ୍ ଟେକଧର ମାଝି

# ନର୍ଲା ଏସ୍‌ଡିଓ ଅଫିସ ଘେରାଉ

**ମୋହନଗିରି,୨୭।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି, ମାଣିକେରା, ସିଂହପୁର ୩ଟି ପଞ୍ଚାୟତର ଶତାଧିକ ଲୋକେ ସୋମବାର ନର୍ଲା ଏସଡିଓ ଅଫିସ ଘେରାଉ କରିଥିବା ଜଣାପଡିଛି । ମୋହନଗିରି ଅଞ୍ଚଳରେ ବାରମ୍ବାର ବିଜୁଳି ବିଭ୍ରାଟ ଓ ଲୋ ଭୋଲଟେଜ ସମସ୍ୟାରେ ଅତିଷ୍ଟ ହୋଇ ଲୋକେ ଏହି ଘେରାଉ କରିଛନ୍ତି । ଏ ଅଞ୍ଚଳକୁ ନିରବଚ୍ଛିନ୍ନ ଭାବେ ବିଜୁଳି ସେବା ଯୋଗାଇଦେବା ନେଇ ମୋହନଗିରିଠାରୁ ୧୨ କି.ମି. ଦୂର ବାଞ୍ଚାମୁଣ୍ଡାଠାରେ ଏକ ୩୩ କେ.ଭି. ଗ୍ରୀଡ ପ୍ରତିଷ୍ଠା କରାଯାଇଛି । ଏହା ଗତ ଅଗଷ୍ଟ ୨୦୧୬ରେ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । କିନ୍ତୁ ତାହା ବିଭାଗୀୟ କର୍ମକର୍ତ୍ତାଙ୍କ ଅବହେଳା ଯୋଗୁ ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ । ଏହାକୁ କାର୍ଯ୍ୟକ୍ଷମ କରିବା ଦାବି ନେଇ ସୋମବାର ଏସଡିଓ ଅଫିସ ଲୋକେ ଘେରାଉ କରାଯାଇଛି । ନର୍ଲା ଏସଡିଓ ଦୀପକ କୁମାର ବେହେରା ଆଗାମୀ ୨୦ ଦିନ ମଧ୍ୟରେ ବାଞ୍ଚାମୁଣ୍ଡା ଗ୍ରୀଡ କାର୍ଯ୍ୟକ୍ଷମ କରିବା ଲିଖିତ ପ୍ରତିଶ୍ରୁତି ଦେବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ । ଏହି ଆନ୍ଦୋଳନରେ ଗୋକୁଳାନନ୍ଦ ବିଶ୍ୱାଳ, ଶୁକଦେବ ସାହୁ, ସିଂହପୁର ସରପଞ୍ଚ ବିଦ୍ୟାଧର ପାତ୍ର, ପଣକାମାଲ ପଞ୍ଚାୟତ କାମଦେବ ସାହୁ, ମାଣିକେରା ପଞ୍ଚାୟତ ସରପଞ୍ଚ ଓ ଯୁବ ନେତା ଜିତୁ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।



ନର୍ଲା ଏସଡିଓ ଅଫିସ ଘେରାଉ କରାଯାଇଛି ।

# ଲଗାଣ ବର୍ଷାରେ ଜନଜୀବନ ପ୍ରଭାବିତ

**ନୂଆପଡା ଅଫିସ,୨୭।୮**

ଆଜକୁ ତିନି ଦିନ ହେବ ଜିଲାରେ ଲଗାଣ ବର୍ଷା ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ଏଥିରେ ସାଧାରଣ ଲୋକେ ପ୍ରଭାବିତ ହୋଇଥିବାବେଳେ ଅଦ୍ୟାବଧି ପାଣିରେ ଭାସି ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ନିଖୋଜ ରହିଛନ୍ତି । ଅନ୍ୟପକ୍ଷେ ଶତାଧିକ ଲୋକଙ୍କ କୁଡିଆ ଘର ଭାଙ୍ଗିଯାଇଛି । ଆଜକୁ ତିନି ଦିନ ଭିତରେ ୧୨ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।

ଆଜକୁ ସପ୍ତାହେ ହେବ ଜିଲାର ବିଭିନ୍ନ ସ୍ଥାନରେ ଛାଡି ଛାଡି ବର୍ଷା ହେଉଥିବାବେଳେ ଗତ ଶନିବାର ସନ୍ଧ୍ୟାରୁ ଜିଲା ବ୍ୟାପି ଲଗାଣ ବର୍ଷା ହେଉଛି । ତିନି ଦିନ ମଧ୍ୟରେ ଶନିବାର ତିନି ଶହ ମିଲିମିଟର ବର୍ଷା ହୋଇଥିବାବେଳେ ରବିବାର ୪ଶହ ଏବଂ ସୋମବାର ୫ଶହ ମିଲିମିଟର ବର୍ଷା ହୋଇଛି । ଏଥିରେ ଜିଲାର ଉଦନ୍ତୀ, ସୁନ୍ଦର ନଦୀରେ ଜଳସ୍ତର ଉପରକୁ ଆସିଥିବାବେଳେ ନିକଟବର୍ତ୍ତୀ ଗାଁମାନଙ୍କୁ ମାଡି ଆସିଛି । ସୂଚନାଯୋଗ୍ୟ, ଲଗାଣ ବର୍ଷାରେ ସ୍ଥାନୀୟ ପତୋରା ଡ୍ୟାମର ୪ଟି ଗେଟକୁ ରବିବାର ସନ୍ଧ୍ୟାରୁ ଖୋଲି ଦିଆଯାଇଥିବାରୁ ସାରାବଙ୍ଗ ନଦୀ ବ୍ରିଜ ଉପରେ ୩ରୁ ୪ଫୁଟ ପାଣି ଚାଲିଛି । ଫଳରେ ଏହି ୪ଖଣ୍ଡ ଗ୍ରାମପଞ୍ଚାୟତର ଗ୍ରାମବାସୀମାନଙ୍କର ନୂଆପଡା ସହ ସମ୍ପର୍କ ଛିନ୍ନ ହୋଇଛି । ରବିବାର ରାତିରେ ଏହି ରାସ୍ତା ଦେଇ ଛତିଶଗଡର ମୟକୁ ତାଣ୍ଡି(୩୨)ନାମକ ଜନୈକ ବ୍ୟକ୍ତି ବାଇକ ସହ ଭାସିଯାଇ ନିଖୋଜ ଅଛନ୍ତି । ଏହିଭଳି ଦୁଇ ଦିନ ତଳେ କୋମନା ଥାନା ଅନ୍ତର୍ଗତ ଭେଲା ନଦୀରେ ଭରତପଡା ଗାଁର ପ୍ରସନ୍ନ ରଣା(୨୫)ନାମକ ଜନୈକ ଯୁବକଙ୍କ ପାଣିରେ ଭାସି ଯାଇ ମୃତ୍ୟୁ ହୋଇଛି । ଏହିଭଳି ଜିଲା ବ୍ୟାପୀ ସାଧାରଣ ଲୋକଙ୍କ କୁଡିଆ ସବୁ ଭାଙ୍ଗିଯାଇଛି । ଏହା ଉପରେ ଅଦ୍ୟାବଧି ଜିଲା ଜରୁରୀକାଳୀନ କାର୍ଯ୍ୟାଳୟକୁ ସରକାରୀ ଭାବେ ଶହେରୁ ଊର୍ଦ୍ଧ୍ୱ ଘର ଭଙ୍ଗା ତାଲିକା ଆସିଛି । ଏମାନଙ୍କ ମଧ୍ୟରୁ ସ୍ଥାନୀୟ ଟାନୱାଟ ଗ୍ରାମପଞ୍ଚାୟତ ଲୁକୁପାଲି ଗାଁର ଉଗ୍ରସେନ ଅଘରିଆ(୬୦)ଙ୍କର କୁଡିଆ ଘର ଭାଙ୍ଗିଯାଇଥିବାରୁ ସେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି । ସେହିଭଳି ଲଖନା ସାଲେପଡାର କୈଳାସ ଦୀପ ନାମକ ଜଣେ ନିରୀହ ବ୍ୟକ୍ତିଙ୍କର ଘର ରାତି ଅଧିଆ ଭାଙ୍ଗିଯାଇଛି। କିନ୍ତୁ ପରିବାର ଲୋକେ ଅଳ୍ପେକ ବର୍ତ୍ତିଯାଇଛନ୍ତି। ଏହି ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରାଯାଇଛି । ଏହିଭଳି ପ୍ରବଳ ବର୍ଷା ଯୋଗୁ ଜିଲା ସଦରଠାରେ ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବାରୁ ସରସ୍ୱତୀ ଶିଶୁ ମନ୍ଦିର ପଡା(ୱାର୍ଡ ନମ୍ବର୬), ରେଭେନ୍ୟୁ କଲୋନୀ, ନୀଳ ଶୈଳ ନଗର, ସହିସ ପଡାରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିବାରୁ ଲୋକେ ଏକ ପ୍ରକାର ଘରୁ ବାହାରି ପାରୁନାହାଁନ୍ତି । ଏହା ଉପରେ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ବ୍ୟବସ୍ଥା ନ କଲେ ଲୋକେ ନାନାଦିନ ରୋଗର ଶୀକାର ହେବାର ସମ୍ଭାବନା ବଢି ଯାଇଛି । ସହରର ଗଳି କନ୍ଦିରେ ଥିବା ଅଳିଆ ଆବର୍ଜନାର ପାଣି ରାସ୍ତାରେ ବୁଲୁ ଥିବାରୁ ଅସନା ପରିବେଶ ହୋଇଛି । ଏହା ଉପରେ ପ୍ରତିଷେଧକ ବ୍ୟବସ୍ଥା କରିବାକୁ ଦାବି ହେଉଛି । ଏହିଭଳି ଖରିଆରରୋଡ, ଖଡିଆଳ ସହରରେ ମଧ୍ୟ ଏତାଦୃଶ ଅବସ୍ଥା ହୋଇଥିବା ଖବର ମିଳିଛି । ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।



ଲଗାଣ ବର୍ଷାରେ ଲୁକୁପାଲିରେ ଘର ଭାଙ୍ଗିପଡ଼ିଛି ।

**ଘର ଦୁଆରେ ପାଣି**

- ୩ ଦିନରେ ୧୨ଶହ ମିଲିମିଟର ବର୍ଷା


**COURT NOTICE**

IN THE COURT OF THEE HON'BLE MOTOR VEHICLE ACCIDENTS CLAIMS TRIBUNAL CUM V ADDITIONAL DISTRICT JUDGE :: RANGA REDDY DISTRICT COURT AT:L.B.NAGAR
O.P.NO. 1014 OF 2016

Between:
Muddhagoni Suryadaksh Goud ..Petitioner
(Being Minor Rep. by his Natural father Muddhagoni Srinivas Goud(Muddhagoni Srinivas)
And
Raja Kumar Ray & 3 others ..Respondents

**NOTICE TO RESPONDENT No.1**

To
Raja Kumar Ray,
S/o.Not known, age:Major
R/o.Mission Road, Sundarghar,
H/o.Sundarghar Orissa-770001.
.....Respondent No.1

Please take notice that the above named Petitioner filed the above O.P. U/s.166 of the M.V.Act, 1989. But the O.P. is stands posted to 07-09-2018 for your appearance. You are hereby requested to appear in person or by pleader before this Hon'ble Court on 07-09-2018 at 10: 30 A.M. . Otherwise, the matter will be called and decided ex-parte in your absence.
//BY ORDER OF THE HON'BLE COURT//

S.Chandraiah,
S. Satish Kumar,
Advocates, Hyderabad



GOVERNMENT OF ODISHA
**OFFICE OF THE BLOCK DEVELOPMENT OFFICER**
**SADAR BLOCK, SUNDARGARH**
**INVITATION TENDER CALL NOTICE**

No. 2865 Dt. 26.08.2018

The Block Development Officer, Sadar, Sundargarh on behalf of Governor of Odisha invites Percentage rate bids in sealed cover for the following works from the class of eligible contractors as mentioned in Column-7 (seven).

| Sl. No. | Name of the Place | Name of the Work | Amount put to Tender in Rs. | Cost of Tender paper (Non-refundable) in Rs. | Bid security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Bhawanipur Kirei G.p | Improvement of the road from village Bhawanipur to Model School | 30,00,000/- | 6,000/- | 30,000/- | 02 (Two months) | 'C' & 'B' Class |

The bid documents and detail terms and conditions can be downloaded from District Website www.sundergarh.nic.in. The last date of receive of bid is 11.09.2018, 3.00 P.M. & date of opening is Dt. 12.09.2018 at 11.00 A.M.

**Sd./- Block Development Officer, Sadar, Sundargarh**



**ଘୋଷଣାପତ୍ର**

ମୁଁ ଶ୍ରୀ ରସାନନ୍ଦ ନାଗ, ପିତା–ସ୍ୱର୍ଗତ ଭବାନୀ ଶଙ୍କର ନାଗ, ନିବାସୀ– କନ୍ଦପାଲି, ପୋ.ଅ– ରାଜେନ୍ଦ୍ର କଲେଜ , ଟାଉନ ଥାନା,ତହସିଲ, ଜିଲ୍ଲା– ବଲାଙ୍ଗୀର ।

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦେଉଅଛି ଯେ, ଆମ୍ଭ ଅଜା ସ୍ୱର୍ଗତ ଈଶ୍ୱର ନାଗ, ପିତା–ସ୍ୱର୍ଗତ ବିରୁ ନାଗଙ୍କ ନାମରେ (ଖାତା ନଂ: ୩୭, ମୌଜା –ଲର୍କିପାଲି, ତହସିଲ, ଥାନା, ଜିଲା–ବଲାଙ୍ଗୀର ରେକର୍ଡ ଅଛି ) ଉକ୍ତ ଜମିର ଭାଗବଣ୍ଟଆର ପାଇଁ ସିଭିଲ ସୁଟ ନଂ. ୧୫୮/ ୧୧ ଏବଂ ସୁ.ନଂ ୫୬/୭ ସିଭିଲ ଜଜ (ବରିଷ୍ଠ ବିଭାଗ) ବଲାଙ୍ଗୀର କୋର୍ଟରେ ବିଚାରାଧୀନ ଅଛି । ଇତିମଧ୍ୟରେ ଆମ୍ଭ ଗୋଚରକୁ ଆସଛି ଯେ, ଉପରୋକ୍ତ ଜମିଖାତାକୁ ଚଞ୍ଚକତା ପୂର୍ବକ ଶ୍ରୀ ଅମନ ନାଗ ନୂତନ ଖାତା, ୧୦୭୮/ ୩୧୯୩ ତାଙ୍କ ନାମରେ ପାର୍ଚ୍ଚା କରାଇ ନେଇଛନ୍ତି, ଯାହାକି ବୈଧ/ଆଇନ ସମ୍ମତ ନୁହେଁ । ତାହା ବିରୁଦ୍ଧରେ ମଧ୍ୟ ମ୍ୟୁଟେସନ ଅପିଲ ନଂ. ୩/ ୧୭ ସବ୍‌କଲେକ୍ଟର ବଲାଙ୍ଗୀରଙ୍କ କୋର୍ଟରେ ବିଚାରାଧୀନ ଅଛି । ତଥାପି ଶ୍ରୀ ଅମନ ନାଗ ଉକ୍ତ ଜମିକୁ ବିକ୍ରୟ କରିବା ପାଇଁ ମସୁଧା କରୁଥିବା ଜଣାଯାଏ । ଏଣୁ ଆମ୍ଭେ ସର୍ବସାଧାରଣଙ୍କୁ ଜଣାଇ ଦେଉଛୁ ଯେ, ଯଦି କେହି ଆମ୍ଭର ଅଗୋଚରରେ ଉକ୍ତ ଜମିକୁ କ୍ରୟ କରନ୍ତି ତାହାହେଲେ ଭବିଷ୍ୟତରେ ଆମ୍ଭେ ଦାୟୀ ହେବୁ ନାହିଁ ।

ସ୍ୱା /–
ଶ୍ରୀ ରସାନନ୍ଦ ନାଗ



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ**

**ବିଜ୍ଞାପନ ସଂଖ୍ୟା ୨୬୨୩, ତାରିଖ ୨୫।୮।୨୦୧୮**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମୁତାବକ ୨୦୧୮–୧୯ ଆର୍ଥିକବର୍ଷ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ସଂପାଦିତ ହୋଇଥିବା ମନରେଗା(ଏମ.ଜି.ଏନ.ଆର.ଇ.ଜି.ଏ)ପ୍ରକଳ୍ପଗୁଡିକର ନିର୍ଦ୍ଦେଶ ମୁତାବକ କ୍ଷେତ୍ର ତଦନ୍ତ ପୂର୍ବକ ଗ୍ରାମପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଗ୍ରାମରେ ସାମାଜିକ ସମୀକ୍ଷାଜନିତ ଗ୍ରାମସଭା ପୂର୍ବାହ୍ନ ଘ ୯.୦୦ ସମୟରେ ଅନୁଷ୍ଠିତ ହେବ । କ୍ଷେତ୍ର ତଦନ୍ତରେ ସହଯୋଗ ପୂର୍ବକ ଗ୍ରାମସଭାରେ ବହୁଳସଂଖ୍ୟାରେ ଉପସ୍ଥିତ ରହିବା ପାଇଁ ସମସ୍ତ ଲୋକ ପ୍ରତିନିଧି, ପଞ୍ଚାୟତିରାଜ ପ୍ରତିନିଧି ଏବଂ ଜନସାଧାରଣଙ୍କୁ ଅନୁରୋଧ ।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ତାରିଖ | ଗ୍ରାମସଭା ପରିଚାଳନା କରିବା ପାଇଁ ନୋଡାଲ ଅଫିସର |
|---|---|---|---|---|---|---|
| ପ୍ରଥମ | ବାବେବିର, ନାଗପଡା, କର୍ଲାକୋଟ,ଲର୍କା, ଫରସରା | ୨୭/୦୮/୨୦୧୮ | ୦୩/୦୯/୨୦୧୮ | ୦୩/୦୯/୨୦୧୮ | ୨୬/୧୦/୨୦୧୮ | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ , ଜି.ଆର.ଏସ. ଜି.ପି.ଟି.ଏ., ଜେ.ଇ. |
| ଦ୍ୱିତୀୟ | ଖଇରା, ଭଇଁଷାଦାନୀ, ଲିଟିସର୍ଗି, ଡମଝର, ବୋଇରଗାଁ | ୦୪/୦୯/୨୦୧୮ | ୧୦/୦୯/୨୦୧୮ | ୧୦/୦୯/୨୦୧୮ | | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ, ଜି.ଆର.ଏସ. ଜି.ପି.ଟି.ଏ ,ଜେଇ. |
| ତୃତୀୟ | ସୁନାପୁର,ରୋକାଲ ବୋଡେନ | ୧୭/୦୯/୨୦୧୮ | ୨୪/୦୯/୨୦୧୮ | ୨୪/୦୯/୨୦୧୮ | | ସଂପୃକ୍ତ ଗ୍ରାମପଞ୍ଚାୟତର ପି.ଇ.ଓ, ଜି.ଆର.ଏସ., ଜି.ପି.ଟି.ଏ., ଜେ.ଇ |
| ଚତୁର୍ଥ | ପଲସଦା, କରଙ୍ଗାମାଲ | ୨୫/୦୯/୨୦୧୮ | ୦୧/୧୦/୨୦୧୮ | ୦୧/୧୦/୨୦୧୮ | | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ, ଜି.ଆର.ଏସ. ଜି.ପି.ଟି.ଏ ,ଜେ.ଇ. |

ସ୍ୱା/– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୋଡେନ



**-ନିଯୁକ୍ତି-**

**ରିଲାଏନ୍ସ ନିପନ ଲାଇଫ ଇନ୍ସ୍ୟୁରାନ୍ସ**

ବଲାଙ୍ଗୀର ଶାଖା ପାଇଁ ଏ.ଆର.ଡି.ଏମ. ପଦବୀ ଖାଲି ରହିଛି ।
**ଯୋଗ୍ୟତା:** ସ୍ନାତକୋତ୍ତର (ବି.ଏ.) ଓ ମାର୍କେଟିଂ ଦକ୍ଷତା ୨/୩ ବର୍ଷ ଥିବା ସହ ପାନକାର୍ଡ ଓ ଆଧାର କାର୍ଡ ନିତାନ୍ତ ଆବଶ୍ୟକ ।
(ଦରମା: ୧୫ ହଜାର ଇନ୍‌ସେଣ୍ଟିଭ୍ ସହ)

**ଯୋଗାଯୋଗ**

**ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ସାହୁ** (ଶାଖା ପରିଚାଳକ)
ମୋ ନଂ: ୯୯୩୭୪୧୫୩୮୪, ୮୫୯୯୮୮୫୯୧୬, ୭୮୯୪୬୨୧୩୭୮, କାର୍ଯ୍ୟାଳୟ–ଦୁର୍ଗା ମନ୍ଦିର ସାମ୍ନା, ରାମଜୀପଡ଼ା, ବଲାଙ୍ଗୀର


# ବିଜୁ ଯୁବ ବାହିନୀ ପକ୍ଷରୁ ଚାରା ରୋପଣ




ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ।

**ଜୁନାଗଡ,୨୭।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୌଡଛେଣ୍ଡଆ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ଥାନୀୟ ନୋଡାଲ ହାଇସ୍କୁଲ ପରିସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶହେରୁ ଊର୍ଦ୍ଧ୍ୱ ଚାରା ଲଗାଯାଇଥିଲା। ଏହି ଅବସରରେ ବିଜୁ ଯୁବ ବାହିନୀ ସଭାପତି ସୁଧର୍ମା ହାତୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ମଞ୍ଜୁଲା ହାତୀ ମୁଖ୍ୟଅତିଥି ଭାବେ ଏବଂ ସ୍ଥାନୀୟ ସ୍କୁଲ ପ୍ରଧାନଶିକ୍ଷକମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ରାଜିନ ବେମାଲ, ଜିଆରଏସ୍ ଜୟନ୍ତ ପଟେଲ, ଯୋଗାଣ ସହାୟକ ଦେବେନ୍ଦ୍ର ଦୁର୍ଗା, ବୈଷ୍ଣବ ପଟେଲ, ଟଙ୍କଧର ହାତୀ, ମକର ମାଝି, ବିଭୁ ପ୍ରସାଦ ବଛା, ଦେବେନ୍ଦ୍ର ଭୋଇ, ଅଭିଷେକ ପଟେଲ ପ୍ରମୁଖ ସହଯୋଗ କରିଥିଲେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
**କ୍ଷେତ୍ରୀୟ ବ୍ୟବସାୟ କାର୍ଯ୍ୟାଳୟ, କ୍ଷେତ୍ର-୫, (ଜଗତସିଂହପୁର), ମଧୁପାଟଣା, କଟକ**

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଜପକୁଦ ଶାଖା** ଋଣଗ୍ରହୀତା: ଶ୍ରୀ ଗଗନ ବିହାରୀ ଜେନା, ପିତା- ଶ୍ରୀ ବାବାଜୀ ଜେନା, ସା: ରେବା, ପୋ: ମହନାପୁର, ଥାନା: ସାଲେପୁର, ଜିଲ୍ଲା: କଟକ । | ଜାମିନଦାରମାନେ: ୧) ଶ୍ରୀମତୀ ସୁଲୋଚନା ଜେନା, ସ୍ୱାମୀ- ଶ୍ରୀ ଗଗନ ବିହାରୀ ଜେନା, ୨) ଶ୍ରୀ ପ୍ରଭାତ କୁମାର ଜେନା, ୩) ଶ୍ରୀ ପ୍ରସନ୍ନ କୁମାର ଜେନା, ଉଭୟଙ୍କ ପିତା- ଶ୍ରୀ ଗଗନ ବିହାରୀ ଜେନା, ସମସ୍ତଙ୍କ ଠିକଣା- ସା: ରେବା, ପୋ: ମହନାପୁର, ଥାନା: ସାଲେପୁର, ଜିଲ୍ଲା: କଟକ /ସମ୍ପତ୍ତିର ମାଲିକ: ଶ୍ରୀ ଗଗନ ବିହାରୀ ଜେନା । | ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ରେବା, ଖାତା ନଂ.: ୩୮, ପ୍ଲଟ୍ ନଂ.: ୪୯୬, କ୍ଷେତ୍ର: ଏକର ୦.୦୩୦ ଡିସିମିଲ, କିସମ: ଘରବାରୀ । | ୧୫.୦୫.୨୦୧୮ | ୨୨.୦୮.୨୦୧୮ | ୩୦.୦୪.୨୦୧୮ ସୁଦ୍ଧା ଟ.୧,୫୪,୩୪୯/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
| **ଅଡଶପୁର ଶାଖା** ଋଣଗ୍ରହୀତାମାନେ: (୧) ମେସର୍ସ ଶ୍ରୀରାମ ଫର୍ଣ୍ଣିଚର ପ୍ଲାଜା, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିଶ୍ୱଜିତ ପ୍ରଧାନ, ପିତା- ଶ୍ରୀ ବେଣୁଧର ପ୍ରଧାନ, ୨) ଶ୍ରୀ ବେଣୁଧର ପ୍ରଧାନ, ପିତା- ୰ ନରସିଂହ ପ୍ରଧାନ ଉଭୟଙ୍କ ଠିକଣା- ସା: କୁଳବ୍ରାହ୍ମଣସାଇଲୋ, ପୋ: ବ୍ରାହ୍ମଣସାଇଲୋ, ଥାନା: ଗୋବିନ୍ଦପୁର, କଟକ । | ଜାମିନଦାରମାନେ: ୧) ସୋରିଆ ପ୍ରଧାନ, ସ୍ୱାମୀ- ୰ ନରସିଂହ ପ୍ରଧାନ, ୨) ଶ୍ରୀ ମନମୋହନ ପ୍ରଧାନ, ୩) ଶ୍ରୀ ବେଣୁଧର ପ୍ରଧାନ, ଉଭୟଙ୍କ ପିତା- ୰ ନରସିଂହ ପ୍ରଧାନ, ସମସ୍ତଙ୍କ ଠିକଣା- ସା: କୁଳବ୍ରାହ୍ମଣସାଇଲୋ, ପୋ: ବ୍ରାହ୍ମଣସାଇଲୋ, ଥାନା: ଗୋବିନ୍ଦପୁର, କଟକ / ସମ୍ପତ୍ତିର ମାଲିକ: ଶ୍ରୀ ବେଣୁଧର ପ୍ରଧାନ, ସୋରିଆ ପ୍ରଧାନ ଏବଂ ଶ୍ରୀ ମନମୋହନ ପ୍ରଧାନ । | ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ବ୍ରାହ୍ମଣସାଇଲୋ, ଖାତା ନଂ.: ୬୨୬, ପ୍ଲଟ୍ ନଂ.: ୧୬୬୫, କ୍ଷେତ୍ର: ଏକର ୦.୫୦ ଡିସିମିଲ, କିସମ: ଘରବାରୀ । ଚୌହଦୀ: ପୂର୍ବ : କେନାଲ ବନ୍ଧ ଏବଂ ରାସ୍ତା, ପଶ୍ଚିମ: ବେଣୁଧର ପ୍ରଧାନ ଏବଂ ଜୋର, ଉତ୍ତର: ଗୌରାଙ୍ଗ ଚରଣ ସେନାପତି, ଦକ୍ଷିଣ: ଗୋବିନ୍ଦ ସାହୁ । | ୧୫.୧୦.୨୦୧୭ | ୨୩.୦୮.୨୦୧୮ | ୧୩.୧୦.୨୦୧୭ ସୁଦ୍ଧା (୧) ଟ.୪,୯୭,୨୪୭/- (୨) ଟ.୬,୦୬,୨୮୮/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ : ୨୭.୦୮.୨୦୧୮
ସ୍ଥାନ : କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



**THE ODISHA STATE CO-OPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751 001
Tel. Nos. : (0674) 2375100, Fax No. : (0674) 2510214, Email : oscbmd@gmail.com

**RECRUITMENT OF JUNIOR MANAGERS**

In pursuance to the orders dated 02.02.2018 and 21.06.2018 of the Hon'ble High Court of Orissa in the matter of Misc. Case No.4332 of 2018 (in W.P.(C) No. 19218 of 2011), Misc. Case No. 4330 of 2018 (in W.P. (C) No. 19636 of 2011), Misc. Case No.4328 of 2018 (in W.P.(C) No.19251 of 2011), Misc. Case No.4333 of 2018 (in W.P.(C) No. 19381 of 2011) and Misc. Case No.4331 of 2018 (in W.P.(C) No. 19260 of 2011), applications are invited from the permanent residents of Odisha having Master Degree in Banking Management (MBM) with PGDCA or "A" Level Certificate from any recognized institution approved by the Department of Electronics, Govt. of India for the post of Junior Manager as against the quota earmarked for MBM Degree Holders. The details of the vacancy are given below :

| Category | General (UR) | SC | ST | SEBC(OBC) | Total |
|---|---|---|---|---|---|
| Male | 4 | 1 | 1 | 1 | 7 |
| Female | 1 | - | 1 | - | 2 |
| Total | 5 | 1 | 2 | 1 | 9 |

The petitioners in the above writs claiming age condonation as per orders of Hon'ble High Court shall submit OFFLINE application to Odisha State Co-operative Bank Ltd., Head Office, Bhubaneswar by downloading application form from the website of Odisha State Coop. Bank Ltd., Bhubaneswar and rest of the MBM Degree Holders shall apply **ONLINE** only.

The candidate should not be less than 21 years of age and not more than 32 years of age as on 01.04.2018. In case of candidates belonging to SC, ST and SEBC (OBC) category, the upper age limit prescribed for recruitment shall be increased by five years. Relaxation in upper age limit to the extent of defence service plus 3 years is applicable to Ex-Servicemen provided break in service and re-employment should not exceed 2 years and they must have put in not less than 6 months after attestation. In case of person with Disability (P.W.D) candidates, the upper age relaxation shall be increased by 10 years above the maximum age limit allowed to GEN / SC /ST / SEBC(OBC) category. The condonation of overage shall be allowed only in respect of the petitioners of the above noted cases as one time exercise to provide them opportunity pursuant to the direction of the Hon'ble High Court as contained in the orders passed in the above Writ Petitions.

The selection to the post of Junior Manager shall be done strictly in accordance with the provisions of the Staff Service Rules 1980.

All other criterial for the post and the online application form are available from the website of the Odisha State Co-operative Bank **www.odishascb.com** and the same may be downloaded by the prospective candidates. The application should be submitted online from **28.08.2018 to 11.09.2018**. Petitioner candidates shall download and submit applications offline from **28.08.2018 to 11.09.2018**. The website also has details regarding the payment of application fee. The Online Written Test shall be held on **23.09.2018** and date of Viva Voce Test shall be intimated by virtue of separate order / notification in the Web-site.

**Managing Director**

**ଭୀମ ଭୋଇ ସାମର୍ଥ୍ୟ ଶିବିର**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।



## ସଂକ୍ଷେପରେ

### ଜୁନାଗଡ ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ

ଜୁନାଗଡ,୨୭।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ଓଡିଶା ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀ, ମୁଖ୍ୟବକ୍ତା ଭାବେ କଲମପୁର ଓଡିଶା ଆଦର୍ଶ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଈଶ୍ୱର ଚନ୍ଦ୍ର ଗଡତିଆ, ସମ୍ମାନିତ ଅତିଥି ଜୁନାଗଡ ଆଦର୍ଶ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଆଶିଷ କୁମାର ସା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୋଦ କୁମାର ପାଢୀ ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତି ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ ପ୍ରବନ୍ଧ, ଲିଖନ, ବକ୍ତୃତା, ଗୀତା ଶ୍ଳୋକ ଆବୃତି ଆଦି ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱାଗତ ଭାଷଣ ଶିକ୍ଷକ ଶାନ୍ତନୁ କୁମାର ନାୟକ ଦେଇଥିବା ବେଳେ ସଂସ୍କୃତ ଶିକ୍ଷକ ଜୟ ପ୍ରକାଶ ଦାସ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଲିପ୍ସା ଠାକୁର, ଶିକ୍ଷକ ଜଗନ୍ନାଥ ବିଶ୍ୱାଳ, ନିରଞ୍ଜନ ବେହେରା, କିଷନ ଶର୍ମା, କର୍ମଚାରୀ ଲିଚୁରାମ ବିଶ୍ୱାଳ, ରୋହିତ ମେହେର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ସମ୍ବିତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।



### ଭୀମ ଭୋଇ ସାମର୍ଥ୍ୟ ଶିବିର

କର୍ଲାମୁଣ୍ଡ,୨୭।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଠିକ୍ ଭାବେ ସୂଚନା ପ୍ରଦାନ କରାଯାଇ ନ ଥିବାରୁ ମାତ୍ର ୨୫ ଜଣ ବ୍ୟକ୍ତି ଶିବିରକୁ ଆସି ନିଜର ପରୀକ୍ଷା କରେଇଥିଲେ। ଶିବରରେ ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଅଧିକାରୀ ଶୁଭମ ମହାନ୍ତି, ଡାକ୍ତର ପି.ଆର. ଦାସ, ବାଦଲ କୁମାର ପଟ୍ଟନାଏକ, ନିବାସ ଚନ୍ଦ୍ର ସାହୁ, ରମେଶ କୁମାର ଜେନା, ଅଜିତ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପଞ୍ଜୀକୃତ କରିଥିଲେ। କାର୍ଯ୍ୟକ୍ରମ ସହାୟିକା ଯଶୋବନ୍ତି ରଣା, ଗ୍ରାମରୋଜଗାର ସେବାକ ସୀତାରାମ ପାତ୍ର, ଶିବ ପ୍ରସାଦ ଭୋଇ, ଉମେଶ ସୁନା ପ୍ରମୁଖ ସହଯୋଗ କରିଥିଲେ।

### ଜିଲାରେ ବର୍ଷା ପରିମାଣ ବୃଦ୍ଧି

ଭବାନୀପାଟଣା,୨୭।୮(ଡି.ଏନ.ଏ.)
ଗତ ଶନିବାରଠାରୁ କଳାହାଣ୍ଡି ଜିଲାରେ ଲଘୁଚାପଜନିତ ବର୍ଷା ଲାଗି ରହିଛି । ଗତ ୨୫ ସକାଳ ୮ଟାରୁ ୨୬ ତାରିଖ ସକାଳ ୮ ପର୍ଯ୍ୟନ୍ତ କଳାହାଣ୍ଡି ଜିଲାରେ ଭବାନୀପାଟଣା ବ୍ଲକରେ ୯୮.୬ ମି.ମି., କେସିଙ୍ଗା ବ୍ଲକରେ ୬୪ ମି.ମି., କର୍ଲାମୁଣ୍ଡା ବ୍ଲକରେ ୭୩.୨, ମଦନପୁର ରାମପୁର ବ୍ଲକରେ ୧୩୪, ନର୍ଲା ବ୍ଲକରେ ୫୮.୫, ଲାଞ୍ଜିଗଡ ବ୍ଲକରେ ୫୯.୪, ଥୁ.ରାମପୁର ବ୍ଲକରେ ୧୯୪.୬, ଧର୍ମଗଡ ବ୍ଲକରେ ୫୪, ଜୁନାଗଡ ବ୍ଲକରେ ୭୮, କଲମପୁର ବ୍ଲକରେ ୧୦୦, ଜୟପାଟଣା ବ୍ଲକରେ ୩୩, କୋକସରା ୬୦.୨ ଏବଂ ଗୋଲାମୁଣ୍ଡା ବ୍ଲକରେ ୪୮.୪ ମି.ମି. ବର୍ଷା ହୋଇଛି । ଗତ ୨୬ ତାରିଖ ସକାଳ ୮ଟାରୁ ୨୭ ତାରିଖ ସକାଳ ୮ ପର୍ଯ୍ୟନ୍ତ ଜିଲାର ଭବାନୀପାଟଣା ବ୍ଲକରେ ୧୮୩.୯ ମି.ମି., କେସିଙ୍ଗା ବ୍ଲକରେ ୧୨୧ ମି.ମି., କର୍ଲାମୁଣ୍ଡା ବ୍ଲକରେ ୧୭୩.୬, ମଦନପୁର ରାମପୁର ବ୍ଲକରେ ୧୮୮, ନର୍ଲା ବ୍ଲକରେ ୧୨୭, ଲାଞ୍ଜିଗଡ ବ୍ଲକରେ ୧୧୮.୪, ଥୁ.ରାମପୁର ବ୍ଲକରେ ୧୮୫.୫, ଧର୍ମଗଡ ବ୍ଲକରେ ୧୧୩, ଜୁନାଗଡ ବ୍ଲକରେ ୧୬୪, କଲମପୁର ବ୍ଲକରେ ୨୦୬, ଜୟପାଟଣା ବ୍ଲକରେ ୮୦, କୋକସରା ୯୫.୫ ଏବଂ ଗୋଲାମୁଣ୍ଡା ବ୍ଲକରେ ୧୪୯.୮ ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀ କାଳିନ ବିଭାଗ ସୂତ୍ରରୁ ପ୍ରକାଶ ।

### ଶ୍ରାବଣ ପୂର୍ଣ୍ଣିମା ପାଳିତ

ପଲମ,୨୭।୮(ଡି.ଏନ.ଏ.)
କଳାହାଣ୍ଡି ନର୍ଲା ବ୍ଲକ ଅଧୀନ ରାକ୍ସି ପଞ୍ଚାୟତସ୍ଥିତ ଦେବଗିରି ମଠ ବୁଡିପଦର ଗ୍ରାମରେ ଉତ୍ସାହ ଉଦ୍ଦିପନା ସହ ଶ୍ରାବଣ ପୂର୍ଣ୍ଣିମା ସ୍ୱତନ୍ତ୍ର ରୀତିନୀତି ମଧରେ ଅନୁଷ୍ଠିତ ହୋଇଯାଇଛି । ମଠ ମଧସ୍ଥ ଜଗନ୍ନାଥ ମନ୍ଦିରରେ ଗହ୍ମା ପୂର୍ଣ୍ଣିମା ନୀତି ସମ୍ପାଦନ ହୋଇଥିବା ବେଳେ କାଶି ବିଶ୍ୱନାଥ ମହାଦେବଙ୍କଠାରେ ଭକ୍ତମାନେ ଜଳ ଲାଗି କରିଥିଲେ । ପାର୍ଶ୍ୱଦେବଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ପୁଣି ଲଗାଣ ବର୍ଷା, ବ୍ୟାପକ କ୍ଷୟକ୍ଷତି

ଭବାନୀପାଟଣା,୨୭।୮(ଡି.ଏନ.ଏ.)



କେସିଙ୍ଗା ବେଲଖଣ୍ଡିସ୍ଥିତ ଶିବ ମନ୍ଦିରଠାରେ ଫସି ଥିବା ବ୍ୟକ୍ତିମାନଙ୍କୁ ଓଡ୍ରାଫ ଟିମ୍ ଉଦ୍ଧାର କରୁଛି।

ଗତ ଶନିବାରଠାରୁ ଲଘୁଚାପଜନିତ ବର୍ଷା ଯୋଗୁ କଳାହାଣ୍ଡି ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବହୁ ରାସ୍ତା ଓ ବ୍ରିଜ ଧୋଇଯାଇ ଗମନାଗମନରେ ବାଧା ସୃଷ୍ଟି ହୋଇଛି । ଲଘୁଚାପ ଜନିତ ଲଗାଣ ବର୍ଷା ଜିଲାର ୧୩ଟି ବ୍ଲକ ଓ ଭବାନୀପାଟଣା ପୌର ପରିଷଦ ଓ ଜୁନାଗଡ ଏନ୍ଏସି ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଛି । ପ୍ରାୟ ଦେଢ଼ ଶହରୁ ଘର ଭାଙ୍ଗି ଯାଇଥିବା ବେଳେ ୭ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି । ସେହିପରି ଜଳବନ୍ଦୀ ଥିବା ଶତାଧିକ ଲୋକଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ସୁରକ୍ଷିତ ସ୍ଥାନରେ ରଖାଯାଇ ସେମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଦିଆଯାଇଥିଲା । ବନ୍ୟା ଓ ବର୍ଷା କ୍ଷତିଗ୍ରସ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟବସ୍ଥା ପାଇଁ ମେଡିକାଲ ଟିମ୍‌କୁ ସଜାଗ ରହିବ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜୁନାଗଡ-ଧର୍ମଗଡ ମୁଖ୍ୟରାସ୍ତାର ବଣ୍ଡାକୁଟ୍ରା ନିକଟସ୍ଥ ବସୁଲ ନିକଟ ବ୍ରିଜ୍ ଉପରେ ୫ ଫୁଟ୍ ଉଚ୍ଚରେ ପାଣି ଚାଲୁଥିବାରୁ ଜୁନାଗଡ-ଧର୍ମଗଡ-ଗୋଲାମୁଣ୍ଡା ଏବଂ ଛତିଶଗଡ ଯାତାୟାତ ବନ୍ଦ ରହିଛି । ସେହିପରି କେସିଙ୍ଗା ବ୍ଲକ ପଥର୍ଲା ଓ ମାଲପଡା ଉପୁ ପୋଲରେ ୪ ଫୁଟ ବନ୍ୟାଜଳ ପ୍ରବାହିତ ହେବା ଫଳରେ ବୋରିଆ-ମାଲପଡା-ପଥର୍ଲା ରାସ୍ତା ବିଚ୍ଛିନ୍ନ ହୋଇଛି। ଜିଲାରେ ଅତ୍ୟଧିକ ବର୍ଷା ଯୋଗୁ ତେଲନଦୀର ମାକରସୋଲାଠାରେ ଜଳପତ୍ତନ ୨୦୫.୮୫୦ ମିଟର ରହିଛି । ତାହା ସେଠାରେ ବିପଦସଙ୍କୁଳ ୨୦୮ ମିଟର । ସେହିପରି ହାତୀ ନଦୀର ଜୁନାଗଡ ବ୍ରିଜ ନିକଟରେ ବିପଦ ସଙ୍କେତ ୨୦୯.୫୭୦ ମିଟର ଥିବା ବେଳେ ବର୍ତ୍ତମାନ ୨୦୭.୩୩ ମିଟର ଜଳ ପ୍ରବାହିତ ହେଉଛି । ତେଲ ଓ ହାତୀ ନଦୀ କେସିଙ୍ଗା ରେଳ ବ୍ରିଜ ନିକଟରେ ବିପଦ ସଙ୍କେତ ୧୭୬.୮୫୦ ମିଟର ଥିବା ବେଳେ ବର୍ତ୍ତମାନ ୧୭୪.୨୦୦ ମିଟର ରହିଛି । ଉଦନ୍ତୀ ନଦୀ କେଗାଁ ନିକଟ ଲଇତରାରେ ୨୦୯.୯୮୦ ମିଟର ବିପଦ ସଙ୍କେତ ଥିବା ବେଳେ ବର୍ତ୍ତମାନ ରହିଛି ୨୦୬.୯୦୦ ମିଟର । ଏହି ସବୁ ନଦୀର ଜଳସ୍ତର ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି ।

ଲଗାଣ ବର୍ଷା ଓ ବନ୍ୟା ଜଳ ବିଭିନ୍ନ ଚାଷ ଜମିରେ ଭରି ରହିଥିବାରୁ ବିଶେଷ କରି କପା ଓ ଧାନ ଫସଲରେ ବ୍ୟାପକ କ୍ଷୟକ୍ଷତି ହେବା ସହିତ ଶହ ଶହ ଏକର ଜମି ବାଲିଚର ହୋଇଛି । ଏବେ ଲାଗି ରହିଥିବା ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ବନ୍ୟାପରିସ୍ଥିତିକୁ ମିସାଇ ଏହି କିଛି ଦିନ ମଧ୍ୟରେ ଜିଲାବାସୀ ୩ଟି ବନ୍ୟାର ସମ୍ମୁଖିନ ହେବା ସହିତ ବ୍ୟାପକ କ୍ଷତି ସହିବାକୁ ପଡିଛି। ଭବାନୀପାଟଣା ସହରର ବିଭିନ୍ନ ତଳି ଅଞ୍ଚଳରେ ପାଣି ପସିଯିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ସେହିପରି ବୋର୍ଡା ପଞ୍ଚାୟତ ଫାପସି ଗ୍ରାମର ଚଳ ନାଏକ, ବିରେନ୍ଦ୍ର ମାଝି, ଶରତ ଦୁର୍ଗା, ଘନଶ୍ୟାମ ରଣା, ବୋର୍ଡା ଗ୍ରାମର ଲଡୁକିଶୋର ଥନାପତି, ଚିତ୍ତରଞ୍ଜନ ଥନାପତି, ସତ୍ୟା ନାଗ, କର୍ଲାପିଟା ଗାଁର ଦେବେନ୍ଦ୍ର ସାହୁ, ଡୁମରୀଆ ଗାଁର ଗାନ୍ଧୀ ହରିଜନ, ଗଣ୍ଡବସାର ବିଶ୍ୱନିଥ ବାବାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯିବାରୁ ପଲିଥିନ ତଳେ ଆଶ୍ରୟ ନେଇଛନ୍ତି। ସେଁପୁର, କଛାରପଦର, ଖଇରମାଲ, ବୋର୍ଡା, ଖୋଲପଲା, ଗୁରଜୁଙ୍ଗ, ଚିକିଲି, ମାଦିଗୁଡା, ସାପସିଲେଟ ଅଞ୍ଚଳରେ ବନ୍ୟାପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଅନେକ ଫସଲ ନଷ୍ଟ ହୋଇଛିକ। ସେଁପୁର-ଚିଁଲାଗଡ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୋର୍ଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଆଣ୍ଠୁଏ ପାଣି ଜମି ରହିଛି। ବୋର୍ଡାର ଲଡୁକିଶୋର ଥନାପତିଙ୍କ ଘର ଭାଙ୍ଗି ଯାଇ ଏକ ଗାଡି ଉପରେ ପଡିବା ଫଳରେ ଅଳ୍ପକେ ପରିବାରର ୪ ଜଣ ବର୍ତ୍ତି ଯାଇଥିଲେ। ସୋମବାର ଦିନ ତମାମ ମଧ୍ୟ ବର୍ଷା ଜାରି ରହିଛି। ବର୍ଷା ଲାଗିରହିଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହେବାସହ ଅନେକ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଗତ ୪୦ ଘଣ୍ଟା ହେଲା ଲଘୁଚାପବର୍ଷା ଜିଲାରେ ଲାଗିରହିଛି। ଫଳରେ ହାତୀ ନଦୀ, ତେଲ ନଦୀ, ଉଦନ୍ତୀ ନଦୀ, ରେତ୍ ନଦୀ, ସାନ୍ଦୁଲ ନଦୀ, ବଂଶଧାରା ନଦୀ, ନାଗାବଳୀ ନଦୀ, ପେଟଫୁଲା ନଦୀ, ଶଗଡା ନଦୀ, ରାହୁଲ ନଦୀ ଓ ଉତେଇ ନଦୀ ପ୍ରଭୃତିରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଗତ ୧୪ ଓ ୧୫ ତାରିଖରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଦେଖାଦେଇଥିବା ବନ୍ୟାରେ ଜିଲାର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେହି କାରଣରୁ ଗତ ବନ୍ୟାର ଅନୁଭୂତିକୁ ଦୃଷ୍ଟିରେ ରଖି ରବିବାର ସନ୍ଧ୍ୟାରେ ଇନ୍ଦ୍ରାବତୀ ପ୍ରକଳ୍ପର ମଙ୍ଗଳପୁରଠାରେ ଥିବା ବ୍ୟାରେଜରୁ ୫ଟି ଗେଟ୍ ଖୋଲାଯାଇ ସେକେଣ୍ଡକୁ ୯୯.୪୭ କ୍ୟୁମେକ୍ସ ଜଳ ହାତୀ ନଦୀରେ ଛଡାଯାଇଛି। ତଳ ମୁଣ୍ଡରେ କଲମପୁର ଓ ଜୁନାଗଡ ବ୍ଲକରେ ହାତୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ହାତୀ ନଦୀର ଜଳସ୍ତରକୁ ଦୃଷ୍ଟିରେ ରଖି ଇନ୍ଦ୍ରାବତୀରୁ ବିଦ୍ୟୁତ୍ ଉତ୍ପାଦନ ମଧ ହ୍ରାସ କରାଯାଇଛି। ଇନ୍ଦ୍ରାବତୀରୁ ରବିବାର ସକାଳୁ ୧୨ଟା ପର୍ଯ୍ୟନ୍ତ ୩ଟି ୟୁନିଟରୁ ବିଦ୍ୟୁତ୍ ଉତ୍ପାଦନ କରାଯାଉଥିଲା। ତେବେ ହାତୀ ନଦୀରେ ବନ୍ୟା ଆଶଙ୍କା କରି ଇନ୍ଦ୍ରାବତୀରୁ ୨ଟି ୟୁନିଟ୍‌ରୁ ୫ ଘଣ୍ଟା ଧରି ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରଖାଯାଇଛି। ଇନ୍ଦ୍ରାବତୀ ଜଳ ଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬ଶହ ୪୨ ମିଟର ଥିବାବେଳେ ସକାଳ ୮ଟାରେ ଜଳ ଭଣ୍ଡାରରେ ୬ଶହ ୩୯.୯୩ ମିଟର ଜଳସ୍ତର ରେକର୍ଡ କରାଯାଇଛି।

### ପାଣି ଘେରରେ ବହୁ ଗ୍ରାମ

କେସିଙ୍ଗା,୨୭।୮(ଡି.ଏନ.ଏ.)
କେସିଙ୍ଗା ବ୍ଲକରେ ଗତ ୨୫ରୁ ୨୭ ତାରିଖ ଯାଏ ୩ ଦିନ ଧରି ଲଗାଣ ବର୍ଷାରେ ବହୁ ଗ୍ରାମର ରାସ୍ତାଘାଟ, ଧାନ କ୍ଷେତରେ ବର୍ଷା ଜଳ ଘେରରେ ରହିଛି । ଗତ ୨୬ ତାରିଖରେ କେସିଙ୍ଗା ବ୍ଲକର ବିଭିନ୍ନ ଗ୍ରାମର ୩୫ଟି ଘର ଅଧା ଭାଙ୍ଗି ଯାଇଥିବା ବେଳେ ୨ଟି ଘର ସମ୍ପୂର୍ଣ୍ଣ ଭାଙ୍ଗିଛି । ସେହିପରି କେସିଙ୍ଗା ତେଲ ନଦୀ ବେଦାନ୍ତ ପମ୍ପ ହାଉସରେ ୪ଫୁଟ ପାଣି ଘେରରେ ରହିଛି । ଦୀର୍ଘ ୩ ଦିନ ହେଲା ପମ୍ପ ହାଉସ ଅଚଳ ହୋଇ ପଡିଛି । କେସିଙ୍ଗାଠାରୁ ଭମରମାଲ ଗ୍ରାମଦେଇ ଯାଇଥିବା ଆରଡି ରାସ୍ତା ଉପରେ ୩ଫୁଟ ପାଣି ଘେରରେ ରହିଛି । କେସିଙ୍ଗା ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତର ୧୦୨ଟି ଗ୍ରାମରେ ଥିବା ୫୦୦୦ ହେକ୍ଟର ଧାନ କ୍ଷୟକ୍ଷତି ଗତ ବନ୍ୟାରେ ହୋଇଥିବା କୃଷି ବିଭାଗ ପକ୍ଷରୁ ଜଣାପଡିଛି । ଲଗାତର ୩ଦିନ ବର୍ଷା ଲାଗି ରହିଥିବାରୁ ବହୁ ଚାଷୀଙ୍କ ବାଲିଚର, ଧାନ କପା, କଦଳୀ ଚାଷ, ଚିନାବାଦାମ, ମକା, ହରଡ ଆଦି ଚାଷରେ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଚି । ଚଳିତ ମାସରେ ଦୁଇ ଥର ବନ୍ୟା ହେବାରୁ କୃଷି, ରାଜସ୍ୱ ବିଭାଗ ପକ୍ଷରୁ ଚାଷୀଙ୍କ ଆକଳନ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ଚାଷୀ ମୁଣ୍ଡରେ ହାତଦେଇ ଚିନ୍ତାଗ୍ରସ୍ତ ହେଲେଣି । ଏ ନେଇ କେସିଙ୍ଗା ଅତିରିକ୍ତ ତହସିଲଦାର ରବୀନ୍ଦ୍ର କୁମାର ରାଉତଙ୍କୁ ପଚାରିବାରୁ ଗତ ବନ୍ୟାର ଆକଳନ ସମ୍ପୂର୍ଣ୍ଣ ହୋଇନାହିଁ । ପୁଣି ଦ୍ୱିତୀୟ ବନ୍ୟାର ଜଳସ୍ତର କମିଲେ ସର୍ଭେ କରାଯାଇ ସାରକାରଙ୍କୁ ରିପୋର୍ଟ ପଠାଯିବ ବୋଲି ପ୍ରକାଶ କରିଥିଲେ ।

### ସମ୍ଭାବ୍ୟ ବନ୍ୟା ପରିସ୍ଥିତି, ଚିନ୍ତାରେ ନଈକୂଳିଆବାସୀ

କଲମପୁର,୨୭।୮(ଡି.ଏନ.ଏ.)
କଲମପୁର ବ୍ଲକ ଦେଇ ପ୍ରବାହିତ ହେଉଥିବା ହାତୀନଦୀ ଓ ଅନ୍ୟ ନାଳଗୁଡିକରେ ଶନିବାରଠାରୁ ଲାଗି ରହିଥିବା ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ହାତୀନଦୀ କୂଳରେ ଥିବା ଟେମରା, ପୋରୁଆଗୁଡା, ଖଙ୍ଗାରଗୁଡା, ବିରିପୁର, ମାଟିଖାଲ, ଜାମପଡା, କର୍ମେଲି, ବାଲିଛଡା ଆଦି ଗ୍ରାମବାସୀ ଚିନ୍ତିତ ହୋଇପଡିଛନ୍ତି । ଇନ୍ଦ୍ରାବତୀ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୪୨ ମିଟର ଥିବା ବେଳେ ସୋମବାର ଏହା ୬୩୯.୮୪ ମିଟର ରହିଛି । ସେଭଳି ମଙ୍ଗଳପୁର ବ୍ୟାରେଜର ସର୍ବୋଚ୍ଚ ଜଳଧାରଣ କ୍ଷମତା ୨୬୫ ମିଟର ରହିଥିବା ବେଳେ ସୋମବାର ୨୫୯.୯ ମିଟର ରହିଛି । ୨ଟି ୟୁନିଟ ଦ୍ୱାରା ୩୦୦ ମେଗାଉଆଟ ବିଦ୍ୟୁତ ଉତ୍ପାଦନ ହେଉଛି । ମଙ୍ଗଳପୁର ବ୍ୟାରେଜରୁ ୫ଟି ଗେଟ ଖୋଲାଯାଇ ୯୯.୪୭ କ୍ୟୁମେକସ ଜଳ ହାତୀନଦୀରେ ଛଡାଯାଇଥିବା ବିଭାଗୀୟ ଅଧିକାରୀଙ୍କଠାରୁ ଜଣାପଡିଛି । ଲିଟିଯୋର, କୁଲେଇ ଯୋର, ଘର୍ଲାଯୋରର ପାଣି ସହିତ ଗାଇଧାର ନଦୀର ପାଣି ହାତୀ ନଦୀରେ ମିଶୁଥିବାରୁ ଏବଂ ଗତ ଦୁଇଦିନ ଧରି ହେଉଥିବା ଲଗାଣ ବର୍ଷା ଯୋଗୁ ହାତୀନଦୀର ଜଳସ୍ତର ବୃଦ୍ଧି ପାଇବା ସହ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଭେଲାଗାଁ-କଲମପୁର ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ନଦୀର ଉଭୟ ପାର୍ଶ୍ୱରେ ଥିବା ଚାଷଜମିଗୁଡିକ ଜଳମଗ୍ନ ହୋଇ ରହିଛି। ଗତ ୧୫ ତାରିଖରେ ହୋଇଥିବା ବନ୍ୟାର ସମ୍ମୁଖୀନ ହୋଇ ଚାଷୀମାନେ ଅନେକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ପୁନର୍ବାର ଚାଷ ଜମିଗୁଡକ ଜଳମଗ୍ନ ହୋଇ ରହିଥିବାରୁ ସେମାନଙ୍କ ଚିନ୍ତା ଦ୍ୱିଗୁଣିତ ହୋଇ ଯାଇଛି । ଦେଢମାସ ମଧ୍ୟରେ ୪ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ନଈକୂଳିଆ ଗ୍ରାମବାସୀଙ୍କ ନିଦ ହଜିଯାଇଛି । ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ସ୍ଥାନୀୟ ବିଡିଓ ଗୋପାଳ କୃଷ୍ଣ ମିଶ୍ର ବିରିପୁର, ବାଲିଛଡା ଗ୍ରାମକୁ ଯାଇ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ । ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ବିଡିଓ ମିଶ୍ର କହିଛନ୍ତି ।

### ଅନେକ ଘର ଭାଙ୍ଗିଯାଇଛି

ସେହିପରି ଲଗାଣ ବର୍ଷାରେ ଥୁଆମୂଳ ରାମପୁର ବ୍ଲକରେ ଅନେକ ଘର ଭାଙ୍ଗି ଥିବା ଜଣାପଡ଼ିଛି। ଜାଗେସପଦର ଗ୍ରାମର ଶକୁନ୍ତଳା ବେଓ୍ୱା, ମଲୁଣ୍ଡା ମାଝିଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଟିକ୍ରାଗୁଡାର ମିଣିକ୍ୟ ନାଏକ ଓ ବଡବୋଣ୍ଡେଲ ଗ୍ରାମର ଘାସାରାମ ନାଏକ, ବାମନୀ ମାଝି ଘର ଭାଙ୍ଗିଯାଇଛି । ଫଳରେ ସେମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତହସିଲଦାର ବିନୟ କୁମାର ଭୋଇଙ୍କୁ ପଚାରିବାରୁ ସର୍ଭେ ଚାଲିଛି, ଏହା ଏକ ପାହାଡିଆ ଅଞ୍ଚଳ ହୋଇଥିବାରୁ କ୍ଷୟକ୍ଷତି ଆକଳନ ସମ୍ପୂର୍ଣ୍ଣ ହୋଇନାହିଁ । ପ୍ରାୟ ୬୦୦ ହେକ୍ଟର ଜମି ବାଲିଚର ହୋଇଥିବା କହିଛନ୍ତି ।



ଲଗାଣ ବର୍ଷାରେ ଥୁଆମୂଳ ରାମପୁର ବ୍ଲକ ଏକ ଗାଁର ଘର ଭାଙ୍ଗି ଯାଇଛି ।



ଲଗାଣ ବର୍ଷାରେ ହାତୀନଦୀ ଫୁଲିଛି ।

### ବନ୍ୟା ଘେରରୁ ୭ ଜଣଙ୍କୁ ଉଦ୍ଧାର କଲା ପ୍ରଶାସନ

କର୍ଲାମୁଣ୍ଡା/ତୁଣ୍ଡଲା,୨୭।୮(ଡି.ଏନ.ଏ.)
କଳାହାଣ୍ଡି ଜିଲାରେ ଶନିବାରଠାରୁ ବର୍ତ୍ତମାନ ସୁଦ୍ଧା ଲଗାଣା ବର୍ଷା ଲାଗି ରହିଥିବାରୁ ଅନେକ ନଦୀରେ ବନ୍ୟାସୃଷ୍ଟି ହୋଇଛି। ବନ୍ୟା ଯୋଗୁ କେସିଙ୍ଗା ବ୍ଲକ ବେଲଖଣ୍ଡିସ୍ଥିତ ଶିବ ମନ୍ଦିରରେ ଫସି ରହିଥିବା ୭ ଜଣଙ୍କୁ ସୋମବାର ଓଡ୍ରାଫ ଟିମ୍ ଉଦ୍ଧାର କରିଛି। ନଦୀର ଜଳସ୍ତର ବଢ଼ିବାରେ ଲାଗିବାରୁ ମନ୍ଦିର ପରିସରରେ ଥିବା ୭ ଜଣ ଆସିପାରି ନ ଥିଲେ । ଖବର ପାଇ କେସିଙ୍ଗା ଅତିରିକ୍ତ ତହସିଲଦାର ରବୀନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବିଭାଗ ଦ୍ୱାରା ଲୋକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ବ୍ୟକ୍ତିମାନେ ହେଲେ ବନମାଳି ସାହୁ, ଭଗତରାମ ଭୋଇ, ଡନିହରି ବୁଡେକ, ଅଲେଖ ସେଠ୍, ପିଣ୍ଟୁ ମହାନନ୍ଦ, ବୃନ୍ଦାବନ ନାଏକ, ଅନିରୁଦ୍ଧ ବୁଡେକ। ସେମାନଙ୍କ ମଧ୍ୟରୁ ୪ ଜଣ ସୋନପୁର, ଜଣେ ବଲାଙ୍ଗୀର ଓ ୨ ଜଣ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି। ସେହିପରି କର୍ଲାମୁଣ୍ଡା ଅଞ୍ଚଳରେ ବନ୍ୟା ଯୋଗୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ଜଣାପଡିଛି।

ରିଷିଡା,୨୭।୮(ଡି.ଏନ.ଏ.)
କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଖାଲୁଆ ଅଞ୍ଚଳରେ ଥିବା ଘରଗୁଡିକରେ ପାଣି ପଶି ଯାଇଛି । ଗତ ରବିବାର ସକାଳ ୭ଟାରୁ ସୋମବାର ସକାଳ ୭ଟା ପର୍ଯ୍ୟନ୍ତ ଏଠାରେ ୩୫୬ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଗଜବାହାଲ ଏଏନଏମ କ୍ୱାର୍ଟର୍ସରେ ବର୍ଷା ପାଣି ପଶିଯାଇଛି । ଏଠାରେ ରହୁଥିବା କର୍ମଚାରୀ ହଇରାଣ ହରକତ ହେଉଛନ୍ତି । ଚାଷଜମିଗୁଡିକ ଜଳମଗ୍ନ ହୋଇଯାଇଛି । ଏଠାରେ ଥିବା ଛୋଟ ବଡ ନାଳଗୁଡିକରେ ବନ୍ୟା ଆସିଛି । ଏହି ବ୍ଲକର ନିକଟରେ ପ୍ରବାହିତ ତେଳ ନଦୀ ଓ ଉତ୍ତେଇ ନଦୀଗୁଡିକରେ ଜଳପତ୍ତନ ବୃଦ୍ଧି ପାଉଛି ।

## ଲଡୁଗାଁ-ବାନେର ଯୋଗାଯୋଗ ବିଚ୍ଛିନ୍ନ

କୋକସରା,୨୭।୮(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ କୋକସରା ଲଡୁଗାଁଠାରୁ ଜୟପାଟଣା ବ୍ଲକ ବାନେରକୁ ସଂଯୋଗ କରିଥିବା ରାସ୍ତା ସୋମବାର ବିଛିନ୍ନ ହୋଇଛି। ଲଡୁଗାଁ ଶିବମନ୍ଦିର ନିକଟରେ ଥିବା ପୋଲ ଉପରେ ୪ ଫୁଟ ପାଣି ପ୍ରାହିତ ହୋଇଥିବାରୁ ସେହି ରାସ୍ତାରେ ଗମନା ଗମନ ବନ୍ଦ ରହିଛି। ମିଳିଥିବା ସୂଚନା ଅନୁସାରେ ଗତ ୨ଦିନ ହେଲା କୋକସରା ବ୍ଲକରେ ଲଗାଣ ବର୍ଷା ଜାରି ରହିଛି। ଦିମରାତି ଲଗାଣ ବର୍ଷା ଲାଗି ରହିଥିବାରୁ ବିଭିନ୍ନ ଚାଷ ଜମି ପାଣିରେ ବୁଡି ରହିଥିବା ବେଳେ ପୋଲ ଉପରେ ପାଣି ପ୍ରବାହିତ ହୋଇଛି। ଫଳରେ ୨ଦିନ ଧରି ସାଧାରଣ ଜନଜୀବନ ପ୍ରବାହିତ ହୋଇଛି। ପୋଲ ଉପରେ ପାଣି ପ୍ରାବାହିତ ହେଉଥିବାରୁ ଗମନାଗମନରେ ବାଧା ସୃଷ୍ଟି ହୋଇଛି। ଲଡୁଗାଁ ବାନେର ରାସ୍ତା କୋକସରା ଓ ଜୟପାଟଣା ବ୍ଲକକୁ ସିଧାସଳଖ ସଂଯୋଗ କରିଛି। ଏହି ରାସ୍ତାରେ ପ୍ରତିଦିନ ଶହଶହ ଛାତ୍ରୀଛାତ୍ର କଲେଜ, ସ୍କୁଲକୁ ଆସିଥାନ୍ତି। ଲଡୁଗାଁ ଶିବ ମନ୍ଦିର ନିକଟ ପୋଲ ଉପରେ ରବିବାର ରାତିରୁ ୪ଫୁଟ ପାଣି ପ୍ରବାହିତ ହେଉଥିବାରୁ ଛାତ୍ରୀଛାତ୍ରମାନେ ଲଡୁଗାଁ ଆସିପାରିନାହାନ୍ତି। ଅନ୍ୟପଟେ ଲଡୁଗାଁ ଆସିବା ପାଇଁ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ଛାତ୍ରୀଛାତ୍ରମାନେ ପାଠପଢାରେ ଅସୁବିଧା ସମ୍ମୁଖୀନ ହୋଇଛନ୍ତି ବୋଲି ବାନେର, ନୁଆଗୁଡା, ଉଚ୍ଛଲା, ଭର୍ଏଁରିପାଲିର ଲୋକେ ପ୍ରକାଶ କରିଛନ୍ତି। ସେହିପରି ଲଡୁଗାଁଠାରୁ ଘନାଗୁଡା ଯିବା ରାସ୍ତା ଉପରେ ମଧ୍ୟ ପାଣି ପ୍ରବାହିତ ହେଉଥିବାରୁ ଗମନାଗମନ ବନ୍ଦ ରହିଛି। ଲଡୁଗାଁ ଆଖପାଖ ଅଞ୍ଚଳର ଗ୍ରାମବାସୀ କୌଣସି ସମୟରେ ଲଡୁଗାଁ ଆସି ନିତ୍ୟ ବ୍ୟବହାର ମାସଗ୍ରୀ କିଣିବା ଭରସା କରିଥାନ୍ତି। ହେଲେ ରାସ୍ତା ଓ ପୋଲ ଉପରେ ପାଣି ପ୍ରବାହିତ ହେଉଥିବାରୁ ବାଧକ ସାଜିଛି।



ବର୍ଷା ପାଣି ଜମି ଲଡୁଗାଁ-ବାନେର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ଲଗାଣ ବର୍ଷାରେ ଜୁନାଗଡ଼ ବେହାଲ

## ହାଲେର ଜୋରରେ ଫସିଥିବା ୧୧ଜଣଙ୍କୁ ଉଦ୍ଧାର

ଜୁନାଗଡ/ଧର୍ମଗଡ଼,୨୭।୮
(ସ୍ୱ.ପ୍ର./ଡି.ଏନ୍.ଏ.)

ଲଗାଣ ବର୍ଷାରେ ଜୁନାଗଡ ବ୍ଲକ ବେହାଲ ହୋଇଛି । ବର୍ଷା ଯୋଗୁ ଜୁନାଗଡଠାରୁ ଗୋଲାମୁଣ୍ଡା ବ୍ଲକକୁ ଯାତାୟାତ ପାଇଁ କୁରୁଗୁଡା, ମୁର୍ଲାପଦର ରାସ୍ତାରେ ତିନି ଫୁଟ ପାଣି ରହିଥିବା ବେଳେ ଏଥି ଯୋଗୁ ଜୁନାଗଡ ସହରକୁ ଗୋଲାମୁଣ୍ଡା ବ୍ଲକ ସମେତ ଜୁନାଗଡ ବ୍ଲକ କେନ୍ଦୁପାଟି, ନାନ୍ଦୋଲ ପଞ୍ଚାୟତ ସମେତ ପାଣିଗାଁ, ଚିଙ୍ଗୁଡିସର ପଡିଆ ଗାଁ ଆଦି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ସେହିପରି ହାତୀନଦୀ ପୂର୍ତ୍ତ ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଭେଜିପଦର, ଯମୁନାବାଲ, ବାଗଡୋଙ୍ଗରୀ, ଟିକରାପଡା, ଆଟି ଗାଁ ଆଦି ଜୁନାଗଡ ସହରକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷରେ ବଣ୍ଡାକୁଟୁରା ଗ୍ରାମର ହାଲୁର ଯୋର ପୋଲରେ ପାଞ୍ଚ ଫୁଟ ପାଣି ପ୍ରବାହିତ ହେବା ଯୋଗୁ ଜୁନାଗଡରୁ ସବଡିଭିଜନ ଧର୍ମଗଡକୁ ଯାତାୟାତ ବିଚ୍ଛିନ୍ନ ହୋଇଛି। ଏହି ଯୋରରେ ପାଣି ବଢୁ ଥିବାବେଳେ ପୋଲ ପାରି ହେଉଥିବା ୧୧ଜଣ ଫସି ରହିଥିଲେ । ତାଙ୍କୁ ଜୁନାଗଡ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ଅଧିକାରୀ ଶିଶିର କାନ୍ତ ସାବତଙ୍କ ନେତୃତ୍ୱରେ ଉଦ୍ଧାର କରାଯାଇଥିଲା। ଏଥି ସହିତ ୯୦ ଜଣଯାତ୍ରୀଙ୍କୁ ସୁରକ୍ଷିତ ଭାବେ ପାରି କରାଯାଇଥିଲା।

ଏହାକୁ ନେଇ ଧର୍ମଗଡ ନଗର ଭାଜପା ତରଫରୁ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରିବା ସହ ଏହି ନାଳ ଉପରେ ସୁଉଚ୍ଚ ପୋଲ ନିର୍ମାଣ ପାଇଁ ଦାବି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦ୍ୟେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କଳାହାଣ୍ଡିର ଏହା ଅନ୍ୟତମ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଦୀର୍ଘ ବର୍ଷରୁ ଏହି ସମସ୍ୟା ଲାଗି ରହିଛି । ତଥାପି ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁ ସାଧାରଣ ଲୋକଙ୍କୁ ସମସ୍ୟା ଭୋଗିବାକୁ ପଡୁଛି । ଏହାର ତୁରନ୍ତ ସମାଧାନ କରିବାକୁ ଭାଜପା ଦାବି କରିଛି । ଦଳ ପକ୍ଷରୁ ନଗର ସଭାପତି ହେମନ୍ତ ମାଝିଙ୍କ ନେତୃତ୍ୱରେ ଜିଲା କୃଷକ ମୋର୍ଚ୍ଚା ସଭାପତି ସୁଧୀର ରଞ୍ଜନ ପାଢଯୋଷୀ, ଲକ୍ଷ୍ମୀକାନ୍ତ ବାଗ, ହିମାଂଶୁ ପଣ୍ଡା, ମଣିନ୍ଦ୍ର କୁମାର ପାତ୍ର, ଅପ୍ରେସ ସ୍ୱାଇଁ, ଟିକେରାମ ସାହୁ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ ।

ଜୁନାଗଡ ସହରର ଅନେକଙ୍କ ଘରେ ପାଣି ପଶି ଯାଇଛି । ଦୁଇ ନମ୍ବର ୱାର୍ଡର ଲକ୍ଷ୍ମୀସାଗର କୂଳିଆ ଲୋକଙ୍କ ଘରେ ପାଣି ପଶିବା ସହିତ ଅନେକଙ୍କ ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଘରୁ ପାଣି ନିଷ୍କାସନ ପାଇଁ ନିଜସ୍ୱ ଉଦ୍ୟମରେ ମୋଟର ଲଗାଇ ପାଣି ନିଷ୍କାସନ କରୁଥିଲେ ମଧ କୌଣସି ଫଳପ୍ରଦ ହେଉନାହିଁ। ଚୁଲିରେ ପାଣି ପଶିବା ଯୋଗୁ ଲୋକେ ରୋଷେଇ କରି ପାରୁନାହାନ୍ତି। ଜୁନାଗଡ ଏନଏସି ପକ୍ଷରୁ ରବିବାର ରାତିରେ ୮୫, ସୋମବାର ସକାଳେ ୧୨୩ ଓ ରାତିରେ ୧୩୦ଜଣଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିବା ଜଣାପଡିଛି। ଏହି ସ୍ଥାନରେ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଲୋକେ ରହୁଥିଲେ ମଧ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇନାହିଁ। ମାଟି ଗାଁ ପୋଖରୀ ପାଖ ଜୁନାଗଡ କଲମପୁର ରାସ୍ତା ଶୋଚନୀୟ ଭାବରେ ଅବକ୍ଷୟ ହେବା ସହିତ ପ୍ରାୟ ୨୫ ମିଟର ରାସ୍ତାରେ ଘାଇ ସୃଷ୍ଟି ହୋଇଛି। ଲୋକେ ଏଠାରେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ବ୍ଲକରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ଜୁନାଗଡ ବିଡିଓ ପରମବ୍ରହ୍ମ ଯୋଷୀ ପ୍ରକାଶ କରିଛନ୍ତି।



ଜୁନାଗଡ଼ ୨ ନଂ. ୱାର୍ଡ ଲକ୍ଷ୍ମୀସାଗର ଜଣେ ମହିଳା ଚୁଲିରୁ ପାଣି ବାହାର କରୁଛନ୍ତି।



କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।

- ଚାଣକ୍ୟ

# ରକ୍ତ ଦେବା ବିଳମ୍ବ: ଶିଶୁପୁତ୍ରଙ୍କ ମୃତ୍ୟୁ ଅଭିଯୋଗ

**ବଲାଙ୍ଗୀର ଅଫିସ, ୨୭।୮**

ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ରକ୍ତ ଭଣ୍ଡାର କର୍ମଚାରୀ ଓ ଅଧିକାରୀଙ୍କ ଅବହେଳା ଯୋଗୁ ଠିକ୍ ସମୟରେ ରକ୍ତ ନ ପାଇ ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଖବର ଜଣାପଡିବା ପରେ ହସ୍ପିଟାଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ ସିଡିଏମ୍‌ଓ ଡା ସୁଜ୍ଞାନେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି।

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଖରବାହାଲି ଗାଁର ଦିବ୍ୟାଙ୍ଗ ହରିକିଶନ୍ କୁଅଁର ଓ ଦୁର୍ମିଳା କୁଅଁରଙ୍କ ନବଜାତ ଶିଶୁପୁତ୍ରଙ୍କ ରକ୍ତ ଅଭାବରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗତ ୨୩ ତାରିଖରେ କଣ୍ଟାବାଞ୍ଜି ହସ୍ପିଟାଲରେ ଦୁର୍ମିଳା କୁଅଁର ଏକ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଥିଲେ। ଜନ୍ମ ସମୟରେ କମ୍ ଓଜନ ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଶିଶୁପୁତ୍ରକୁ ବଲାଙ୍ଗୀର ସରକାରୀ ମେଡିକାଲ କଲେଜକୁ ନେଇକୁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ୪ ତାରିଖ ରାତିରେ ଶିଶୁପୁତ୍ରଙ୍କୁ ପରିବାର ଲୋକେ ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ଆଣିଥିଲେ। ଶିଶୁପୁତ୍ରକୁ ମାତୃ ଓ ଶିଶୁ ହସ୍ପିଟାଲ(ଏମ୍‌ସିଏଚ୍)ର ସ୍ୱତନ୍ତ୍ର ନବଜାତ ଚିକିତ୍ସା ୟୁନିଟ୍ (ଏସ୍‌ଏନ୍‌ସିୟୁ)ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଚାଲିଥିବା ବେଳେ ରବିବାର ରାତି ପ୍ରାୟ ୮ଟାରେ ଶିଶୁପୁତ୍ରଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ଡାକ୍ତର ପରିବାର ଲୋକଙ୍କୁ ୨୫ ଏମ୍‌ଏଲ୍ ଓ'ପଜିଟିଭ ରକ୍ତ ଆଣିବା ପାଇଁ କହିଥିଲେ। ପରିବାର ଲୋକେ ରକ୍ତଭଣ୍ଡାରକୁ ଯାଇ ୨୫ ଏମ୍‌ଏଲ୍ ରକ୍ତ ମାଗିଥିଲେ। ତେବେ ରକ୍ତଭଣ୍ଡାରରେ




- ମିଳିଲାନି ୨୫ ଏମ୍‌ଏଲ୍ ରକ୍ତ
- ଘଟଣାର ତଦନ୍ତ କରାଯିବ: ସିଡିଏମ୍‌ଓ

୨୫ ଏମ୍‌ଏଲ ରକ୍ତ ପ୍ୟାକେଟ୍ ଉପଲବ୍ଧ ନ ଥିବା ଦର୍ଶାଇ ସକାଳୁ ରକ୍ତ ଦିଆଯିବ ବୋଲି କୁଆଡେ କର୍ମଚାରୀମାନେ କହିଥିଲେ। ସେଠାରୁ ପରିବାର ଲୋକେ ଫେରିଆସି ଡାକ୍ତରଙ୍କୁ ଜଣାଇଥିଲେ। ଡାକ୍ତର ତୁରନ୍ତ ରକ୍ତ ଆବଶ୍ୟକ ବୋଲି କହିବାରୁ ସେମାନେ ପୁଣି ରକ୍ତ ଭଣ୍ଡାରକୁ ଯାଇଥିଲେ। ପରେ ରକ୍ତଭଣ୍ଡାର କର୍ତ୍ତୃପକ୍ଷ ସେମାନଙ୍କୁ ୨୫ ଏମ୍‌ଏଲ୍ ରକ୍ତ ଦେଇଥିଲେ। ତେବେ ପରିବାର ଲୋକେ ରକ୍ତ ନେଇ ଏସ୍‌ଏନ୍‌ସିୟୁକୁ ଆସିବା ବେଳକୁ ଶିଶୁପୁତ୍ରର ମୃତ୍ୟୁ ହୋଇଯାଇଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଥିଲେ। ରକ୍ତ ଆଣିବା ପର୍ଯ୍ୟନ୍ତ ପ୍ରାୟ ୩ ଘଣ୍ଟା ବିଳମ୍ବ ହୋଇଥିବା ପରିବାର ଲୋକେ କହିଛନ୍ତି। ରକ୍ତଭଣ୍ଡାର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଶିଶୁପୁତ୍ର ରକ୍ତ ନ ପାଇ ମୃତ୍ୟୁବରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୋମବାର ସକାଳେ ଏହି ଘଟଣା ଜଣାପଡିବା ପରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟ ଓ ଅନ୍ୟମାନେ ହସ୍ପିଟାଲରେ ପହଞ୍ଚି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ତେବେ ରକ୍ତ ଦେବାରେ ବିଳମ୍ବ ଘଟଣାକୁ ରକ୍ତଭଣ୍ଡାର କର୍ତ୍ତୃପକ୍ଷ ଅସ୍ୱୀକାର କରିଛନ୍ତି। ରକ୍ତଭଣ୍ଡାରରେ ୨୫ ଏମ୍‌ଏଲ୍ ପ୍ୟାକେଟ୍ ଉପଲବ୍ଧ ନ ଥିଲା। ତେବେ ଡାକ୍ତରଙ୍କ କହିବା ପରେ ସେମାନେ ବଡ ପ୍ୟାକେଟ୍‌ରୁ ରକ୍ତ କାଢ଼ି ଦେଇଥିଲେ। ଏହି ପ୍ରକ୍ରିୟାରେ ପ୍ରାୟ ଦେଢ଼ ଘଣ୍ଟା ସମୟ ଲାଗିଥିଲା ଓ ସେମାନେ ପରିବାର ଲୋକଙ୍କୁ ରକ୍ତ ଦେଇଥିବା ରକ୍ତଭଣ୍ଡାର ଇନ୍‌ଚାର୍ଜ ଅଫିସର ସୂର୍ଯ୍ୟମଣି ଦାସ କହିଛନ୍ତି। ଏନେଇ ସିଡିଏମ୍‌ଓ ମିଶ୍ର କହିଛନ୍ତି, ନବଜାତ ଶିଶୁପୁତ୍ରର ଅବସ୍ଥା ଗୁରୁତର ରହିଥିଲା । ଏଣୁ ତାକୁ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା। ତେବେ ରକ୍ତ ଦେବାରେ ବିଳମ୍ବ ହେବାରୁ ଶିଶୁର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ଘଟଣାର ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ମୃତ ଶିଶୁପୁତ୍ରକୁ ଧରି ପରିବାର ଲୋକେ ଖରବାହାଲି ଗାଁକୁ ଚାଲିଆସିଥିବା ଜଣାପଡିଛି।

## ସଂକ୍ଷେପରେ

### ରାମଜୀପଡ଼ା ଝୁଲଣ ଯାତ୍ରା ଉଦ୍‌ଯାପିତ

**ଲୋଇସିଂହା,୨୭।୮(ଡି.ଏନ୍.ଏ.):** ଲୋଇସିଂହା ରାମଜୀ ମନ୍ଦିରଠାରେ ଏକ ମାସ ଧରି ଚାଲିଥିବା ୭ମ ବର୍ଷ ଝୁଲଣ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଝୁରଲଣ ଯାତ୍ରା କମିଟି ପକ୍ଷରୁ ଲୋଇସିଂହାର ୫୦ ଜଣକଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋଇସିଂହା ରାମଜୀ ମନ୍ଦିରରେ ଶତାଧିକ ମହିଳା ପ୍ରତିବର୍ଷ ଭଳି ଚଳିତ ବର୍ଷ ଆଷାଢ଼ ପୂର୍ଣ୍ଣମୀରୁ ଶ୍ରାବର୍ଣ୍ଣ ପୂର୍ଣ୍ଣି ପର୍ଯ୍ୟନ୍ତ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମନେ ପ୍ରତ୍ୟହ ସସନ୍ଧ୍ୟା ୬ରୁ ୯ଟା ପର୍ଯ୍ୟନ୍ତ କୃଷ୍ଣ, ବଳରାମଙ୍କୁ ଦୁଲିରେ ଝୁଲାଇ ଗୀତ ବୋଲି ପୂଜାର୍ଚ୍ଚନା କରି ଆଳତୀ ପ୍ରଦାନ କରୁଥିଲେ । ଝୁଲଣ ଯାତ୍ରା ଅବସରରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇ ସୋମବାର ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଥିଲା। ଚିନ୍ତାମଣୀ ପଧାନ ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ ରହି ପୂଜାକାର୍ଯ୍ୟ ତୁଲାଇଥିଲେ। ସୁଜିତ କର୍ତ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ମୁଖ୍ୟଅତିଥି, ସଂଘମିତ୍ରା ନାଏକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ମାନୀତ କରିଥିଲେ। କାର୍ଯ୍ୟକ୍ରମକୁ ପରମେଶ୍ୱର ପଧାନ, ବ୍ରଜମୋହନ ବିଷୋଇ ପ୍ରମୁଖ ସହଯୋଗ କରିଥିଲେ।

### ଲଗାଣ ବର୍ଷାରେ ୨ ଘର ଭାଙ୍ଗିଲା

**ଲୋଇସିଂହା୨୭।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରେ ଶନିବାର ରାତିରୁ ସୋମବାର ପୂର୍ବାହ୍ନ ସୁଦ୍ଧା ବର୍ଷା ଜାରି ରହିଥିଲା। ଲଗାଣ ବର୍ଷା ଫଳରେ ଅଗଲାପାଲି ଗ୍ରାମର ବିଧବା ମହିଳା ଭାରତୀ ସାହୁ ଏବଂ ହୀରାପୁର ଗ୍ରାମର ମୋହନ ଠେଲାଙ୍କ ଘର ଭାଙ୍ଗି ଯାଇଛି। ଫଳରେ ଉଭୟ ପରିବାର ଲୋକ ଅସହାୟ ହୋଇପଡିଛନ୍ତି। ପ୍ରଶାନ ପକ୍ଷରୁ ତ୍ୱରିତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆଇନ ସଚେତନତା ଶିବିର

**ଲୋଇସିଂହା,୨୭।୮(ଡି.ଏନ.ଏ):** ବୁଢ଼ୀପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଏବଂ ଆଇନ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନ୍‌ସେବା ସମିତି ଅଧକ୍ଷା ଅଳକାନନ୍ଦା ମହାନ୍ତି, ତହସିଲଦାର କର୍ଣ୍ଣ ମଲ୍ଲିକ, ଜିପିଓ ପୁଷ୍ପାଞ୍ଜଳି ମେହେର, ଏସ୍‌ଇଓ ସୁଦେଷ୍ଣା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଆଇନଜୀବୀ ଶଶାଙ୍କ ଶେଖର ଭୋଇ ଆଇନ୍‌ର ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ସରପଞ୍ଚ ଲକ୍ଷ୍ମୀ ପଧାନ ସ୍ୱଗତ ଭାଷଣ, ପିଇଓ ପ୍ରହ୍ଲାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଟିକ୍ରାପଡା ଅଞ୍ଚଳର ବାହାଲ ଜମି ସବୁ ପାଣିରେ ବୁଡି ରହିଛି ।

## ଟିକ୍ରାପଡ଼ାରେ ବନ୍ୟା ପରିସ୍ଥିତି

**ଟିକ୍ରାପଡା,୨୭।୮(ଡି.ଏନ୍.ଏ.)**

ଦୁଇ ଦିନ ଧରି ହୋଇଥିବା ଲଗାଣ ବର୍ଷାରେ ସଇନ୍ତଳା ବ୍ଲକ ଟିକ୍ରାପଡ଼ା ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଙ୍ଗଲା ଜୋରର ଜଳସ୍ତର ବୃଦ୍ଧି ପାଇ ଟିକ୍ରାପଡ଼ା- କଦଳୀମୁଣ୍ଡା ରାସ୍ତା ବିଚ୍ଛିନ୍ନ ହୋଇପଡିଛି। ସେହିପରି ବ୍ରାହ୍ମଣୀ ଜୋରର ଜଳସ୍ତର ବୃଦ୍ଧି ଘଟି ଟିକ୍ରାପଡ଼ା- ବିଅଁରଭଟା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଚାଷଜମିରେ ବନ୍ୟା ପାଣି ପଶିଥିବାରୁ ରୁଆ ଯାଇଥିବା ତଳିସବୁ ପଚି ନଷ୍ଟ ହୋଇଯିବା ଆଶଂକା ପ୍ରକାଶ ପାଇଛି।

## ଖପ୍ରାଖୋଲରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜଣେ ହିତାଧିକାରୀ ଅଭିଯୋଗ ଦାଖଲ କରୁଛନ୍ତି।

**ଖପ୍ରାଖୋଲ,୨୭.୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଜିଲ୍ଲାପାଳ ଅରିନ୍ଦମ ଡାକୁଆ ଯୋଗଦେଇଥିବା ବେଳେ ପାଟଣାଗଡ଼ ଏସ୍‌ଡିପିଓ ଶେଷଦେବ ବରିହା ଉପସ୍ଥିତ ଥିଲେ। ବର୍ଷା ପାଗ ସତ୍ତ୍ୱେ ବ୍ଲକର ବିଭିନ୍ନ ଗ୍ରାମରୁ ୬୧ ଅଭିଯୋଗ ଦାଖଲ ହୋଇଥିଲା। ଏଥିମଧ୍ୟରୁ ୩୮ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୨୦ଟି ସାମୁହିକ ଅଭିଯୋଗ ହୋଇଥିଲା। ସେହିପରି ୩ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଶିବିରରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗପାଇ ତୁରନ୍ତ ଏହାର ସମାଧାନ କରାଯିବ ବୋଲି ହିତାଧିକାରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପାଟଣାଗଡ଼ ଉପଜିଲାପାଳ ଯଦୁମଣି ମହଲା, ଜିଲାସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ୍ର ତ୍ରିପାଠୀ, ବିଡିଓ ପଞ୍ଚାନନ ଖମାରୀ, କୃଷି ଉପନିର୍ଦ୍ଦେଶକ ଶ୍ରୀଧର ଦାସ, ଜିଲା ସାମାଜ ମଙ୍ଗଳ ଅଧିକାରୀ ବିନୋଦିନି ପ୍ରଧାନ, ଏଡିଏସ୍‌ଡବ୍ଲୁ ଏଚ୍‌କେ ପ୍ରଧାନ, ଶ୍ରମ ନୀରିକ୍ଷକ ନିରଞ୍ଜନ ଭୂପତି, ଡିଡିଏଚ ପ୍ରଫୁଲ୍ଲ କୁମାର ସ୍ୱାଇଁ, ରେଞ୍ଜ ଅଧିକାରୀ ଶ୍ରୀବସ୍ତ କୁମୁରା, ଅବକାରୀ ଉପଖଣ୍ଡ ଅଧିକାରୀ ଉଦୟଲାଲ ନାଏକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଡିଗ୍ରୀ କଲେଜ ଖୋଲିବା ଦାବି: ଆଜି ଖପ୍ରାଖୋଲ ବନ୍ଦ

**ଖପ୍ରାଖୋଲ ୨୭.୮(ଡି.ଏନ.ଏ)**

ସ୍ଥାନୀୟ ବ୍ଲକ ସଦର ମହକୁମାରେ ଡିଗ୍ରୀ କଲେଜ ଖୋଲିବା ନେଇ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ହେଲେ ପ୍ରଶାସନ ପକ୍ଷରୁ କୋଣସି ପଦକ୍ଷେପ ନିଆଯାଉ ନାହିଁ। ପଛୁଆ ଫଳରେ ଛତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ପାରିବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷେ ଖପ୍ରୋଖୋଲରେ ଡିଗ୍ରୀ କଲେଜ ଖୋଲିବା ଦାବିନେଇ ପ୍ରତିବାଦ ସ୍ୱରୁପ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏପରି କି ଛାତ୍ରୀଛାତ୍ର ଓ ଜନସାଧାରଙ୍କ ପକ୍ଷରୁ ମଙ୍ଗଳବାର ବନ୍ଦ ଡାକରା ଦିଆଯାଇଛି। ମାନସ ସାହୁ, ଇନ୍ଦରମଣି ସାହୁ, ଶିବା ଗଡତିଆ, କାର୍ତ୍ତିକ ରାଉତ, ଜୋସ୍ନା ବରିହା ପ୍ରମୁଖ ଛାତ୍ରୀଛାତ୍ର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଥିବା ଜଣାପଡିଛି।




ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ଖେଳ ଶିକ୍ଷକ ସମ୍ମିଳନୀ ଅବସରରେ ଉପସ୍ଥିତ ଖେଳ ଶିକ୍ଷକ ଏବଂ ଅତିଥିବୃନ୍ଦ।

## ଦେଓଗାଁରେ ବ୍ଲକସ୍ତରୀୟ ଖେଳ ଶିକ୍ଷକ ସମ୍ମିଳନୀ

**ଦେଓଗାଁ,୨୭।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତ ସମିତି ସରକାରୀ ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ଖେଳ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ମଥାମଣି ପଣ୍ଡାଙ୍କ ସଂଯୋଜନା ତଥା ପ୍ରଧାନ ଶିକ୍ଷକ କୁମାର ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଭାଗ୍ୟବତୀ ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର ଖେଳ ଶିକ୍ଷକ, ପିଆଇ ଓ ଶିଶୁ ମନ୍ଦିର ଆଚାର୍ଯ୍ୟ ଆଦି ୧୮ଜଣ ଯୋଗଦେଇ କ୍ରୀଡା ସମ୍ବନ୍ଧୀୟ ବିଭିନ୍ନ ଆଲୋଚନା କରିଥିଲେ। ଆସନ୍ତା ସେପ୍ଟେମ୍ବର ୩ ଓ ୪ତାରିଖରେ ମହଲାଇ ପଞ୍ଚାୟତ ବଗଡାଠାରେ ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହେବାର ସ୍ଥିରିକୃତ ହେବା ସହ ପ୍ରତିଯୋଗିତା ପରିଚାଳନା ଉପରେ ଆଲୋଚନା କରାଯାଇଥିଲା। ଶେଷରେ ସୁଶୀଲ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ହରିଶଙ୍କରରୁ ଝରିଏଲ : ୧୧ ଘଣ୍ଟାରେ ୯୦ କିଲୋମିଟର ଜଳଯାତ୍ରା

**ବଙ୍ଗୋମୁଣ୍ଡା,୨୭।୮ (ଡି.ଏନ୍.ଏ.)**

ବଙ୍ଗୋମୁଣ୍ଡା 'ଶମ୍ଭୁ ଡାକ୍‌ବମ୍' କମିଟି ଦ୍ୱାରା ପ୍ରତିବର୍ଷ ଭଳି ଚଳିତବର୍ଷ ରାଖୀ ପୂର୍ଣ୍ଣିମା ଦିନ ଜଳଯାତ୍ରା ଆୟୋଜିତ ହୋଇଥାଏ। ଚଳିତବର୍ଷ ଏହା ୧୬ ବର୍ଷରେ ପଦାର୍ପଣ କରିଥିବା ବେଳେ ହରିଶଙ୍କରରୁ ଝରିଏଲ ୯୦ କି.ମି. ଜଳଯାତ୍ରା କରାଯାଇଛି। ରବିବାର ସନ୍ଧ୍ୟା ୫ଟା ୧୫ମି.ରେ ଯାତ୍ରା ଆରମ୍ଭ ହୋଇଥିଲା। ସୋମବାର ପ୍ରାତଃ ୪ଟା ୫ ମି.ରେ ଯାତ୍ରା ଦଳ ରାଣିପୁର ଝରିଏଲ ସୋମେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ଏଥିପାଇଁ ଶ୍ରାବଣ ମାସ ଯାକ ଯାତ୍ରାଦଳରେ ସାମିଲ୍ ହୋଇଥିବା ଶିବ ଭକ୍ତ କମିଟି ସଦସ୍ୟମାନେ ନୀତିନିୟମରେ ରହିଥିଲେ। ଭଗବାନ ଶିବଙ୍କ ମୁଣ୍ଡରେ ଜଳ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ସମାଜରେ ଶାନ୍ତି ଓ ସମୃଦ୍ଧି କାମନା କରି ଜଳାର୍ପଣ କରାଯାଇଥିବା ସେମାନେ କହିଛନ୍ତି। କମିଟି ଏହି ଜଳଯାତ୍ରା ସମୟ ୧୨ ଘଣ୍ଟା ନିର୍ଦ୍ଧାରିତ କରିଥିଲା। ହେଲେ ଦିଗାମ୍ବର ନାଏକ, ଲମ୍ବୋଦର ସଗରିଆ, ପ୍ରମୋଦ ବେହେରା, ବିକାଶ ସରାଫ ୪ ଡାକ୍ କାଉଡ଼ିଆ ୧୦ ଘଣ୍ଟା ୫୦ ମି.ରେ ନିରନ୍ତର ଦୌଡ଼ି ମନ୍ଦିରରେ ପହଞ୍ଚିଥିଲେ। ଜୟଦେବ ସଗରିଆଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବୁଢ଼ା, ଭୋଟ, ସୁଧୀର, ସଞ୍ଜୀବ, ସୁଶୀଲ, ନିଧି, ଡବଲୁ, ଶଶୀ, ସୁଦାମ, ଅମିତ, ରିଙ୍କୁ, କାହ୍ନା, ଦଇତାରି, ବବଲୁ, ମଣ୍ଟୁ, ରାଜା, ଜତିନ, ସିଦ୍ଧାର୍ଥ, ଚିଣ୍ଟୁ, ମିଥୁନ, ଦୁଷ୍ମନ୍ତ, ସାଧୁ, କୁଶ, ଭୁବନେ ତଥା ମାରୱାଡ଼ି ଯୁବା ମଞ୍ଚ ସହଯୋଗ କରିଥିଲେ।



ଜଳଯାତ୍ରାରେ ସାମିଲ ହୋଇଥିବା କମିଟି ସଦସ୍ୟମାନେ।

## ବାଜପେୟୀଙ୍କ ଚିତାଭସ୍ମ ଦର୍ଶନ, ଶ୍ରଦ୍ଧାଞ୍ଜଳି

**ବଲାଙ୍ଗୀର ଅଫିସ, ୨୭।୮**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମକୁ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ହରିଶଙ୍କରରେ ସୋମବାର ବିସର୍ଜନ ପାଇଁ ନିଆଯିବା ବେଳେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ କଚେରି ଛକରେ ରଖାଯାଇଥିଲା। ଏଠାରେ ଶତାଧିକ ରାଜନେତା, ଗଣ୍ୟମାନ୍ୟ ବ୍ୟକ୍ତି ଓ ଜନସାଧାରଣ ବାଜପେୟୀଙ୍କ ଚିତାଭସ୍ମ ଦର୍ଶନ କରିବା ସହ ପୁଷ୍ପ ଅର୍ପଣ କରି ତାଙ୍କ ପ୍ରିୟ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂଦେଓ, ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ପୌରାଧକ୍ଷା ସନ୍ତୋଷିନୀ ବେହେରା, କଂଗ୍ରେସ ଜିଲା ସଭାପତି ଦିଲୀପ କୁମାର ବେହେରା, ଭାଜପା ଜିଲା ସଭାପତି ଭକ୍ତବନ୍ଧୁ ନାଏକଙ୍କ ସହ ଶତାଧିକ ମହିଳା ଓ ପୁରୁଷ ବାଜପେୟୀଙ୍କ ଚିତାଭସ୍ମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଚିତାଭସ୍ମ ଆସିଥିବା ସୁସଜ୍ଜିତ ରଥ ପାଟଣାଗଡ ଦେଇ ହରିଶଙ୍କର ଯାଇଥିଲା।



ବଲାଙ୍ଗୀର ମହାଲକ୍ଷ୍ମୀ ନଗରଠାରେ ନିର୍ମାଣ ଚାଲିଥିବା କଲ୍ୟାଣ ମଣ୍ଡପ କାମକୁ ବିରୋଧୀଦଳ ନେତା ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ପରିଦର୍ଶନ କରୁଛନ୍ତି। (ଫଟୋ-ସୁନୀଲ)

## ଲାଠୋରରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ

**ଲାଠୋର,୨୭।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ମେହେରପଡ଼ାରେ ଗଙ୍ଗାଧର ମେହେରଙ୍କ ୧୫୭ ତମ ଜୟନ୍ତୀ ଉତ୍ସବ ଗ୍ରାମାଞ୍ଚଳ କେନ୍ଦ୍ର ବୋର୍ଡ ମେହେର(ଭୁଲିଆ) ସମାଜ ବେଲପଡ଼ା ଏବଂ ଆଞ୍ଚଳିକ ବୋର୍ଡ ଲାଠୋର ମେହେର ସମାଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବୋର୍ଡ ଭୁଲିଆ ସମାଜ ଲାଠୋର ସଭାପତି ଲକ୍ଷ୍ମଣ ମେହେର ଓ ସମ୍ପାଦକ ସତ୍ୟନାରାୟଣ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁବାସ ଚନ୍ଦ୍ର ଅଗ୍ରୱାଲ, ବେଲପଡ଼ା ଗ୍ରାମାଞ୍ଚଳ କେନ୍ଦ୍ର ବୋର୍ଡ ମେହେର(ଭୁଲିଆ) ସମାଜ ସଭାନେତ୍ରୀ ଡାଲିମ୍ବ ମେହେର, ଯୁକ୍ତ ଦୁଇ ଅଧକ୍ଷ ଡ.ନାରାୟଣ ପ୍ରଧାନ, ସରୋଜ ମେହେର, ମୁଖ୍ୟବକ୍ତା ଭାବେ ଡ.ସୁବାଷ ଚନ୍ଦ୍ର ମେହେର ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ସମେତ ଲାଠୋର ତଥା ଅନ୍ୟାନ୍ୟ ଗ୍ରାମରୁ ଆସିଥିବା ମାନ୍ୟଗଣ୍ୟବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଗଙ୍ଗାଧରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଅତିଥିମାନେ ଗଙ୍ଗାଧରଙ୍କ ଜୀବନଉପରେ ଆଲୋକପାତ କରିଥିଲେ। ଗ୍ରାମର ବୈଶାଖୁ ମେହେର ଭୁଲିଆ ସମାଜର ଧର୍ମଶାଳା ପାଇଁ ଦାନ ସୂତ୍ରରେ ଦେଇଥିବା ଜମିକୁ ଏମ୍‌ପି ଶିଳାନ୍ୟାସ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୀତାରାମ ମେହେର, ଅମୃତସିଂ ମେହେର, ବାଲେଶ୍ୱର ମେହେର, କାଶିନାଥ ମେହେର, ଭୋଜରାଜ ମେହେରଙ୍କ ସହ ଅନ୍ୟାନ୍ୟ ପଡାବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଧର୍ମୁ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବରେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଉଦ୍‌ବୋଧନ ଦେଉଛନ୍ତି।

## ହରିଶଙ୍କରରେ ବାଜପେୟୀଙ୍କ ଚିତାଭସ୍ମ ବିସର୍ଜନ

**ଖପ୍ରାଖୋଲ,୨୭।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପ୍ରଷିଦ୍ଧ ଶୈବପୀଠ ହରିଶଙ୍କର ପାପନାଶିନୀ ଝରଣାରେ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଚିତାଭସ୍ମ ସୋମବାର ବିସର୍ଜନ କରାଯାଇଥିଲା। ବଲାଙ୍ଗୀରରୁ ଏକ ସ୍ୱତନ୍ତ୍ର ଗାଡିରେ ଚିତାଭସ୍ମକୁ ଏକ ଶୋଭାଯାତ୍ରାରେ ହରିଶଙ୍କର ଅଣାଯାଇଥିଲା। ଏହି ଅବସରରେ ଖପ୍ରାଖୋଲ ବ୍ଲକର ଓଡିଆପାଲି, କପସିପାଲି, ଖପ୍ରାଖୋଲ, ଚାଉଳବାଞ୍ଜି, ମହରାପଦର, ନାନ୍ଦୁପଲା, ହରିଶଙ୍କର ବଜାର ଆଦି ପ୍ରମୁଖ ସ୍ଥାନରେ ଜନସାଧାରଣ ବାଜପେୟୀଙ୍କ ଚିତାଭସ୍ମ ଦର୍ଶନ କରିବା ସହ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂ ଦେଓ, ବଲାଙ୍ଗୀର ଜିଲା ଭାଜପା ସଭାପତି ଭକ୍ତବନ୍ଧୁ ନାଏକ, ଜିଲା ମହିଳା ମୋର୍ଚ୍ଚା ସଭାପତି ସାଗରିକା ଗୁରୁ, ଯୁବ ମୋର୍ଚ୍ଚା ସଭାପତି ଅଜୟ ବାଲି, ବଲାଙ୍ଗୀର ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ପାଟଣାଗଡ଼ ଏନ୍‌ଏସି ଚେୟାରମ୍ୟାନ ମାନସମଞ୍ଜରୀ ପାଣିଗ୍ରାହୀ, ଉପାଧକ୍ଷ ରମାକାନ୍ତ ହୋତା, ଜିଲା ପରିଷଦ ସଭ୍ୟା ଜ୍ୟୋସ୍ନାମୟୀ ସାହୁ, ବିପ୍ର ବିଶି, ଖପ୍ରାଖୋଲ ବ୍ଲକ ଅଧକ୍ଷା ପୂର୍ଣ୍ଣମାସୀ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ପକ୍ଷରୁ ବାଜପେୟୀଙ୍କ ଚିତାଭସ୍ମ ପ୍ରତି ଜିଲାରେ ବିସର୍ଜନ ପାଇଁ ଘୋଷଣା ହୋଇଥିଲା। ଏନେଇ ବଲାଙ୍ଗୀର ଜିଲା ହରିଶଙ୍କରଠାରେ ଚିତାଭସ୍ମ ବିସର୍ଜନ କରାଯାଇଥିବା ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓ କହିଛନ୍ତି।



ହରିଶଙ୍କର ପାପନାଶିନୀ ଝରଣାରେ ସୋମବାର ଅଟଳବିହାରୀ ବାଜପେୟୀଙ୍କ ଚିତାଭସ୍ମ ବିସର୍ଜନ କରାଯାଉଛି।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବ୍ରଜରାଜନଗରରେ ପହଞ୍ଚିଲା ବାଜପେୟୀଙ୍କ ଚିତା ଭସ୍ମ

**ବ୍ରଜରାଜନଗର,୨୭।୮(ଡି.ଏନ.ଏ.)-** ସ୍ଥାନୀୟ କଲ୍ୟାଣ ମଣ୍ଡପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମକୁ ସ୍ୱାଗତ କରାଯାଇଛି । ଦିନ ପ୍ରାୟ ୧୧ଟାରେ ଭାଜପା କାର୍ଯ୍ୟାଳୟରୁ ଚିତାଭସ୍ମକୁ ଏକ ଶୋଭାଯାତ୍ରାରେ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ନିଆଯାଇଥିଲା । ସେଠାରେ ବିଧାୟିକା ରାଧାରାଣୀ ପଣ୍ଡାଙ୍କ ସମେତ ସୁଶିଲ ପୁରୋହିତ , ପ୍ରମୋଦ ପଣ୍ଡା, ଉପନ ଚରଣ ସାହୁ, ପ୍ରତାପ କେଶରୀ ସିଂ , କୁଳମଣି ଦାଶଙ୍କ ସହିତ ସହରବାସୀ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେଠାରେ ଆୟୋଜିତ ସଭାରେ ଅତିଥିମାନେ ବାଜପେୟୀଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ । ସୁନିଲ ଦାଶ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବ୍ରଜରାଜନଗର ସର୍କଲ ସଭାପତି ଚାନ୍ଦୁରାମ ଭୋଇ ଧନ୍ୟବାଦ ଦେଇଥିଲେ ।

### ବ୍ଲକସ୍ତରୀୟ ଶିକ୍ଷକଙ୍କ କର୍ମଶାଳା

**ବ୍ରଜରଜନଗର, ୨୭।୮(ଡି.ଏନ.ଏ.)-** ବ୍ରଜରାଜନଗର ସହରରେ ଜିଏମ୍ କଲୋନୀ ରବିନ୍ଦ୍ର ଭବନଠାରେ ଝାରସୁଗୁଡ଼ା ଜିଲା ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ମୁଖ୍ୟ ଶିକ୍ଷାଧିକାରୀ ମିତ୍ରଭାନୁ କଛପ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ବେଣୁ ଧର ଚୌଧୁରୀ, କ୍ଷୀରୋଦ ପ୍ରଧାନ, ସୂର୍ଯ୍ୟମଣୀ ଦଳେଇ, ପ୍ରଶାନ୍ତ ପାଢ଼ଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ଲକଶିକ୍ଷା ଅଧିକାରୀ ଉଜାଗର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ରାଜ କିଶୋର ଜେନା ସ୍ୱାଗତ ଭାଷଣ ସହିତ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଅବଗତ କରାଇଥିଲେ । ବର୍ତ୍ତମାନ ସମୟରେ କିପରି ଦିନକୁ ଦିନ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଘଟୁଛି ସେ ସମ୍ପର୍କରେ ଅତିଥିମାନେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ।




ପଦ୍ମପୁର ପଞ୍ଚାୟତରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥି ।

### ପଦ୍ମପୁର ପଞ୍ଚାୟତରେ ଜନଶୁଣାଣି ଶିବିର

# ୮୩ ଅଭିଯୋଗର ଶୁଣାଣି କଲେ ଏଡିଏମ୍

**କୁଆଁରମୁଣ୍ଡା,୨୭।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କୁମ୍ଝରିଆ, କାଲୋସିହିରିଆ, କୁଆଁରମୁଣ୍ଡା ଓ ପଦ୍ମପୁର ପଞ୍ଚାୟତର ଜନସାଧାରଣ ଯୋଗଦେଇଥିଲେ। ଶିବିରରେ ଜିଲାପାଳଙ୍କ ଅନୁପସ୍ଥିତିରେ ସୁନ୍ଦରଗଡ଼ ଏଡିଏମ୍ ଭାସ୍କର ଚନ୍ଦ୍ର ତୁରୁକ୍ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୮୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଯମୁନାନାକି ଗ୍ରାମର ୧୭ଟି ଭୂମିହୀନ ଝରା (କୈବର୍ତ୍ତ) ପରିବାରକୁ ଘରଡିହ ଜମି ସହ ଆବାସ ଯୋଜନାରେ ଗୃହ, ଡୁମେରଯୋରର ଉଶ୍ରା-ତୁଙ୍ଗିମାଟି ନିକଟରେ ଶଙ୍ଖ ନଦୀରେ ପୋଲ ନିର୍ମାଣ, ଖେରାପୋଷ-ମଙ୍ଗଳମ୍ ଛକ ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ରାସ୍ତାକୁ ଚାର୍ଡିହରିହରପୁର ନିକଟସ୍ଥ ୧୪୩ନଂ ଜାତୀୟ ରାଜପଥ ପର୍ଯ୍ୟନ୍ତ ସମ୍ପ୍ରସାରଣ, କୁଆଁରମୁଣ୍ଡା ଲ୍ୟାମ୍ପ୍ସ କାର୍ଯ୍ୟାଳୟ ନିର୍ମାଣ ପାଇଁ ନୂତନ ଜାଗା ଚିହ୍ନଟ ସମେତ ଅନ୍ୟାନ୍ୟ ସାମୂହିକ ଓ ବ୍ୟକ୍ତିଗତ ଦାବିଗୁଡ଼ିକ ଉପରେ ଏଡିଏମ୍ ଶୁଣାଣି କରି ସେଗୁଡ଼ିକର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା, ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର, ସୁନ୍ଦରଗଡ଼ ଡେପୁଟି କଲେକ୍ଟର ପ୍ରତିମା ସିଂ, ଏସ୍‌ପି ସୌମ୍ୟା ମିଶ୍ର, ସିଡିଏମ୍‌ଓ ଡା. ଦିଲୀପ ଷଡ଼ଙ୍ଗୀ ଯୋଗଦେଇଥିଲେ। ଏଥିସହ ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂ, ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ଅମୂଲ୍ୟ ପ୍ରଧାନ, ଉଠାଜଳସେଚନ ବିଭାଗ ନିର୍ବାହୀ ଅଧିକାରୀ, ରାଉରକେଲା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଅଧିକାରୀ ଇଂ. କିଶୋର କୁମାର ମିଶ୍ର, ଡିଡବ୍ଲ୍ୟୁଓ ସୁନୀଲ ତାଣ୍ଡି, ବୀରମିତ୍ରପୁର ଏସ୍‌ଡିପିଓ ପ୍ରମୋଦ କୁମାର ପାତ୍ର, ୱେଷ୍କୋ ଏସ୍‌ଡିଓ ଶୁଭାଶିଷ ମହାନ୍ତି, ବିଡିଓ ଡା. ଧୀରେନ୍ଦ୍ର ବେହେରା, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଏସ୍‌ଡିଓ ଦୁର୍ଯ୍ୟୋଧନ ମୁଣ୍ଡା, କୁଆଁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ମାଗଦାଲି କୋନଗାଡ଼ି, ଡୁମେରଯୋର ସମିତିସଭ୍ୟ ରାଜେନ୍ଦ୍ର କୁଜୁର, ପଦ୍ମପୁର ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, କୁଆଁରମୁଣ୍ଡା ସରପଞ୍ଚ ସୁଷମାକାନ୍ତି କିଣ୍ଡୋ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏଡିଏମ୍ ତୁରୁକ୍ ପଦ୍ମପୁର ପଞ୍ଚାୟତରେ ନିର୍ମିତ ଏକ ଆରଓ ପ୍ଲାଣ୍ଟକୁ ଲୋକାର୍ପିତ କରିଛନ୍ତି। କୁଆଁରମୁଣ୍ଡା ବିଡିଓ ପୀୟୂଷ ଲୋହାର, ଏବିଡିଓ ଭବାନୀଶଙ୍କର ପାଢ଼ୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ବଡ଼ାଇକ, ପଦ୍ମପୁର ପିଇଓ ଦେବବ୍ରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଜପେୟୀଙ୍କ ନାମରେ ଏମ୍‌ସିଏଲ୍ ହସ୍‌ପିଟାଲ୍‌କୁ ନାମିତ କରିବାକୁ ପ୍ରସ୍ତାବ

**ଲଖନପୁର,୨୭।୮(ଡି.ଏନ୍.ଏ.)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଏକ ସ୍ମୃତିସଭା ସ୍ଥାନୀୟ ସ୍ମୃତି କମିଟି ତରଫରୁ ସୋମବାର ବନ୍ଧବାହାଲ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସାମଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ବିଶ୍ୱନାଥ ଭୋଇ ସଞ୍ଚାଳନ କରିଥିଲେ । ଏଥିରେ ବିଧାୟିକା ରାଧାରାଣୀ ପଣ୍ଡା, ପ୍ରମୋଦ ସେନାପତି, ରଘୁନନ୍ଦନ ପଣ୍ଡା, ନିଳେନ୍ଦ୍ର କୁମାର ଗଜେନ୍ଦ୍ର, ସୁନିଲ ପଣ୍ଡା, ତପନକାନ୍ତ ଜେନା,ସମୀର ମିଶ୍ର,ସଞ୍ଜୟ ସିଂହ, ଅମରେନ୍ଦ୍ର ରାୟ, ବିକାଶ ଅଗ୍ରୱାଲ, ଅବୋଧ କୁମାର ପାଣ୍ଡେ, ଗୁଣନିଧି ବାରିକ, ଶଶୀଭୂଷଣ ପାତ୍ର, ଭାଗବତ ସା, ବନବାସୀ ଗୌଡ, ସୁରେଶ ତ୍ରିପାଠୀ, ସନ୍ତୋଷ ପ୍ରଧାନ,ପ୍ରଦୀପ ପଣ୍ଡା ପ୍ରମୁଖ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ବକ୍ତାମାନେ ତାଙ୍କ କହିଥିଲେ ଏହି ରାଷ୍ଟ୍ରନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବନ୍ଧବାହାଲରେ ନବନିର୍ମିତ ଏମ୍‌ସିଏଲ୍ ହସ୍‌ପିଟାଲ୍‌କୁ ବାଜପେୟୀଙ୍କ ନାମରେ ନାମିତ କରାଯାଉ । ଏହା ସହ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମତ ପ୍ରକାଶ ପାଇଥିଲା । ସ୍ମୃତି କମିଟି ସଦସ୍ୟ ନୀଳାଞ୍ଚଳ ସା, ଆଲୋକ ସାହୁ, ବିଜୟ ସେଠ୍, ଆକୁଳ ସ୍ୱାଇଁ, ବିଶ୍ୱଜିତ ଷଡଙ୍ଗୀ, ଫୁଲ୍‌ସିଂହ ମାଝି,ମୋହନ ସିଂହ ପ୍ରମୁଖ ସହଯୋଗ କରିଥିଲେ । ସ୍ମୃତି କମିଟି ତରଫରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ରରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସରଣ୍ଡାମାଲ ପୂର୍ବତନ ସରପଞ୍ଚ ପ୍ରଦୀପ କରାଳୀ ଧନ୍ୟବାଦ ଅର୍ପଣ କରିଥିଲେ ।




ସ୍ମୃତିସଭାରେ ବିଧାୟିକା ରାଧାରାଣୀ ପଣ୍ଡା ଓ ଅନ୍ୟମାନେ ।



ସମ୍ବଲପୁରରେ ଅନୁଷ୍ଠିତ ଅଖିଳ ଭାରତ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତାମାନେ ।

### ଅଖିଳ ଭାରତ ଡାକ କର୍ମଚାରୀ ସଂଘ ନିର୍ବାଚନ

# ସୁଶୀଲ ସଭାପତି, ସତ୍ୟ ନାରାୟଣ ସମ୍ପାଦକ

**ସମ୍ବଲପୁର,୨୭।୮(ବ୍ୟୁରୋ)**

ଅଖିଳ ଭାରତ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଶୀଲ ସେନାପତି ସଭାପତି ଓ ସତ୍ୟ ନାରାୟଣ ଲାକରା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ରମେଶଚନ୍ଦ୍ର ସାହୁ, ଅଶୋକ କୁମାର ପାତ୍ର ଓ ଆଶିଷ କୁମାର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଏତଦବ୍ୟତୀତ ୩ଜଣ ବିତ୍ତ ସମ୍ପାଦକ, ୪ଜଣ ସାଂଗଠାନିକ ସମ୍ପାଦକ, ଜଣେ ଅଡିଟର ଓ ୧୬ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସଂଘକୁ ନିର୍ବାଚିତ ହୋଇଛନ୍ତି । ମଣ୍ଡଳ ସମ୍ପାଦକ ବୃହସ୍ପତି ସାମଲ ମୁଖ୍ୟ ଅତିଥି ଓ ପୂର୍ବତନ ମଣ୍ଡଳ ସମ୍ପାଦକ ରମେଶ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିର୍ବାଚନକୁ ପ୍ରଦୀପ ଶତପଥୀ, ପ୍ରଦୀପଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ସାହୁ, ରାଜା ସେଠୀ, ଲିଙ୍ଗରାଜ ମେହେର, ଜିତେନ୍ଦ୍ରୀୟ ସାହୁ, ମାଧବ ପ୍ରଧାନ, ନିର୍ମଳ ପ୍ରଧାନ, ଅଶୋକ ପାତ୍ର, ଅବିନାଶ ଛନ୍ଦ ପ୍ରମୁଖ ସଂଯୋଜନା କରିଥିଲେ। ଏହି ନିର୍ବାଚନରେ ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ବରଗଡ, ଦେବଗଡ, ଝାରସୁଗୁଡା ଓ ସମ୍ବଲପୁର ଜିଲାର ଡାକ କର୍ମଚାରୀମାନେ ସାମିଲ ଥିଲେ।

**COURT NOTICE**

**IN THE COURT OF THEE HON'BLE MOTOR VEHICLE ACCIDENTS CLAIMS TRIBUNAL CUM V ADDITIONAL DISTRICT JUDGE :: RANGA REDDY DISTRICT COURT AT:L.B.NAGAR**
**O.P.NO. 1014 OF 2016**

Between:
Muddhagoni Suryadaksh Goud ..Petitioner
(Being Minor Rep. by his Natural father Muddhagoni Srinivas Goud(Muddhagoni Srinivas)
And
Raja Kumar Ray & 3 others ..Respondents

**NOTICE TO RESPONDENT No.1**

To
Raja Kumar Ray,
S/o.Not known, age:Major
R/o.Mission Road, Sundarghar,
H/o.Sundarghar Orissa-770001.
.....Respondent No.1

Please take notice that the above named Petitioner filed the above O.P. U/s.166 of the M.V.Act, 1989. But the O.P. is stands posted to 07-09-2018 for your appearance. You are hereby requested to appear in person or by pleader before this Hon'ble Court on 07-09-2018 at 10: 30 A.M. . Otherwise, the matter will be called and decided ex-parte in your absence.
//BY ORDER OF THE HON'BLE COURT//

**S.Chandraiah,**
**S. Satish Kumar,**
**Advocates, Hyderabad**

### ବେଦବ୍ୟାସ ଟ୍ରଷ୍ଟ ବୋର୍ଡ

# ସମନ୍ୱୟ ଅଭାବରୁ ପୋଲିସ ପ୍ରଶାସନ ହଟହଟା

**ବେଦବ୍ୟାସ,୨୭।୮(ଡି.ଏନ୍.ଏ.)**

ଶ୍ରାବଣ ମାସରେ କାଉଡ଼ିଆମାନେ ବିଭିନ୍ନ ମାନସିକ ରଖି ବେଦବ୍ୟାସ ପ୍ରସିଦ୍ଧ ଶୈବପୀଠରେ ଜଳାଭିଷେକ କରନ୍ତି। ଏଥିପାଇଁ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ଭକ୍ତଙ୍କ ସୁରକ୍ଷା ଓ ସେବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥାଏ। ହେଲେ ଇତିମଧ୍ୟରେ ଶ୍ରାବଣ ମାସ ଶେଷ ହୋଇଯାଇଥିଲେ ମଧ୍ୟ ସମନ୍ୱୟ ଅଭାବରୁ ଚଳିତ ସପ୍ତାହରେ ପୋଲିସ ପ୍ରଶାସନ ହଟହଟା ହୋଇଥିବା ଦେଖିବାକୁ ମିଳିଛି। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଶ୍ରାବଣ ମାସ ପ୍ରତ୍ୟେକ ସୋମବାର ବେଦବ୍ୟାସ ପୀଠରେ ପ୍ରାୟ ୨୦୦ ପୋଲିସ କର୍ମଚାରୀ ନିୟୋଜିତ ହୋଇଥାନ୍ତି। ଗତ ରବିବାର ମଧ୍ୟ ପୋଲିସ କର୍ମଚାରୀମାନେ ନିୟୋଜିତ ହୋଇଥିଲେ। କିନ୍ତୁ ଜଣେ ହେଲେ କାଉଡ଼ିଆ ଜଳାଭିଷେକ କରିବା ପାଇଁ ଆସି ନ ଥିଲେ। ଫଳରେ ପୋଲିସ କର୍ମଚାରୀମାନେ ହଟହଟା ହୋଇ ନିଜ କର୍ମସ୍ଥଳକୁ ଫେରିଯାଇଥିଲେ। ଏ ବିଷୟରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ମାନସ ରଞ୍ଜନ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସେଠାରେ ପୋଲିସ ମୁତୟନ ହୋଇଥିଲେ। ବେଦବ୍ୟାସ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଜଗତଜ୍ୟୋତି ପତି ଓ ସମ୍ପାଦକ ଅନୁପମ ରାୟଙ୍କୁ ପଚାରିବାରୁ କହିଲେ, ଚଳିତ ସପ୍ତାହରେ କାଉଡ଼ିଆଙ୍କ ସମାଗମ ଆଶଙ୍କା କରି ପୋଲିସ ମୁତୟନ ନିମନ୍ତେ ଆମେ ପ୍ରଶାସନକୁ ଜଣାଇଥିଲୁ। ହେଲେ ଦୁର୍ଭାଗ୍ୟର ବିଷୟ ଯେ କାଉଡ଼ିଆମାନେ ଆସି ନ ଥିଲେ।

**ଘୋଷଣାପତ୍ର**

ମୁଁ ଶ୍ରୀ ରସାନନ୍ଦ ନାଗ, ପିତା-ସ୍ୱର୍ଗତ ଭବାନୀ ଶଙ୍କର ନାଗ, ନିବାସୀ- କନ୍ଧପାଲି, ପୋ.ଅ- ରାଜେନ୍ଦ୍ର କଲେଜ , ଟାଉନ ଥାନା,ତହସିଲ, ଜିଲ୍ଲା- ବଲାଙ୍ଗୀର ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦେଉଅଛି ଯେ, ଆମ୍ଭ ଅଜା ସ୍ୱର୍ଗତ ଈଶ୍ୱର ନାଗ, ପିତା-ସ୍ୱର୍ଗତ ବିରୁ ନାଗଙ୍କ ନାମରେ (ଖାତା ନଂ: ୩୭, ମୌଜା -ଲର୍କପାଲି, ତହସିଲ, ଥାନା, ଜିଲା-ବଲାଙ୍ଗୀର ରେକର୍ଡ ଅଛି ) ଉକ୍ତ ଜମିର ଭାଗବଣ୍ଟଆର ପାଇଁ ସିଭିଲ ସୁଟ ନଂ. ୧୫୮/୧୧ ଏବଂ ସୁ.ନଂ ୫୬/୭ ସିଭିଲ ଜଜ (ବରିଷ୍ଠ ବିଭାଗ) ବଲାଙ୍ଗୀର କୋର୍ଟରେ ବିଚାରାଧୀନ ଅଛି । ଇତିମଧ୍ୟରେ ଆମ୍ଭ ଗୋଚରକୁ ଆସଛି ଯେ, ଉପରୋକ୍ତ ଜମିଖାତାକୁ ଚଞ୍ଚକତା ପୂର୍ବକ ଶ୍ରୀ ଅମନ ନାଗ ନୂତନ ଖାତା, ୧୦୭୮/୩୧୯୩ ତାଙ୍କ ନାମରେ ପାର୍ଚ୍ଚା କରାଇ ନେଇଛନ୍ତି, ଯାହାକି ବୈଧ/ଆଇନ ସମ୍ମତ ନୁହେଁ । ତାହା ବିରୁଦ୍ଧରେ ମଧ୍ୟ ମ୍ୟୁଟେସନ ଅପିଲ ନଂ. ୩/୧୭ ସବ୍‌କଲେକ୍ଟର ବଲାଙ୍ଗୀରଙ୍କ କୋର୍ଟରେ ବିଚାରାଧୀନ ଅଛି । ତଥାପି ଶ୍ରୀ ଅମନ ନାଗ ଉକ୍ତ ଜମିକୁ ବିକ୍ରୟ କରିବା ପାଇଁ ମସୁଧା କରୁଥିବା ଜଣାଯାଏ । ଏଣୁ ଆମ୍ଭେ ସର୍ବସାଧାରଣଙ୍କୁ ଜଣାଇ ଦେଉଛୁ ଯେ, ଯଦି କେହି ଆମ୍ଭର ଅଗୋଚରରେ ଉକ୍ତ ଜମିକୁ କ୍ରୟ କରନ୍ତି ତାହାହେଲେ ଭବିଷ୍ୟତରେ ଆମ୍ଭେ ଦାୟୀ ହେବୁ ନାହିଁ ।

ସ୍ୱା /-
ଶ୍ରୀ ରସାନନ୍ଦ ନାଗ

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ**

**ବିଜ୍ଞାପନ ସଂଖ୍ୟା ୨୬୨୩, ତାରିଖ ୨୫।୮।୨୦୧୮**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମୁତାବକ ୨୦୧୮-୧୯ ଆର୍ଥିକବର୍ଷ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ସଂପାଦିତ ହୋଇଥିବା ମନରେଗା(ଏମ.ଜି.ଏନ.ଆର.ଇ.ଜି.ଏ)ପ୍ରକଳ୍ପଗୁଡ଼ିକର ନିର୍ଦ୍ଦେଶ ମୁତାବକ କ୍ଷେତ୍ର ତଦନ୍ତ ପୂର୍ବକ ଗ୍ରାମପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଗ୍ରାମରେ ସାମାଜିକ ସମୀକ୍ଷାଜନିତ ଗ୍ରାମସଭା ପୂର୍ବାହ୍ଣ ଘ ୯.୦୦ ସମୟରେ ଅନୁଷ୍ଠିତ ହେବ । କ୍ଷେତ୍ର ତଦନ୍ତରେ ସହଯୋଗ ପୂର୍ବକ ଗ୍ରାମସଭାରେ ବହୁଳସଂଖ୍ୟାରେ ଉପସ୍ଥିତ ରହିବା ପାଇଁ ସମସ୍ତ ଲୋକ ପ୍ରତିନିଧି, ପଞ୍ଚାୟତିରାଜ ପ୍ରତିନିଧି ଏବଂ ଜନସାଧାରଣଙ୍କୁ ଅନୁରୋଧ ।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | | ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ତାରିଖ | ଗ୍ରାମସଭା ପରିଚାଳନା କରିବା ପାଇଁ ନୋଡାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | | |
| ପ୍ରଥମ | ବାବେବିର, ନାଗପଡା, କର୍ଲାକୋଟ,ଲର୍କା, ଫରସରା | ୨୭/୦୮/୨୦୧୮ | ୦୩/୦୯/୨୦୧୮ | ୦୩/୦୯/୨୦୧୮ | ୨୨/୧୧/୨୦୧୮ | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ , ଜି .ଆର .ଏସ. ଜି.ପି.ଟି.ଏ., ଜେ.ଇ. |
| ଦ୍ୱିତୀୟ | ଖଇରା, ଭଇଁଷାଦାନୀ, ଲିଟିସର୍ଗି, ଡମଝର, ବୋଇରଗାଁ | ୦୪/୦୯/୨୦୧୮ | ୧୦/୦୯/୨୦୧୮ | ୧୦/୦୯/୨୦୧୮ | | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ, ଜି .ଆର .ଏସ. ଜି.ପି.ଟି.ଏ ,ଜେଇ. |
| ତୃତୀୟ | ସୁନାପୁର,ରୋକାଲ ବୋଡେନ | ୧୭/୦୯/୨୦୧୮ | ୨୪/୦୯/୨୦୧୮ | ୨୪/୦୯/୨୦୧୮ | | ସଂପୃକ୍ତ ଗ୍ରାମପଞ୍ଚାୟତର ପି .ଇ .ଓ , ଜି .ଆର .ଏସ୍, ଜି.ପି.ଟି.ଏ., ଜେ.ଇ |
| ଚତୁର୍ଥ | ପଲସଦା, କରଙ୍ଗାମାଲ | ୨୫/୦୯/୨୦୧୮ | ୦୧/୧୦/୨୦୧୮ | ୦୧/୧୦/୨୦୧୮ | | ସଂପୃକ୍ତ ଗ୍ରାମ ପଞ୍ଚାୟତର ପି.ଇ.ଓ, ଜି .ଆର .ଏସ. ଜି.ପି.ଟି.ଏ ,ଜେ.ଇ. |

ସ୍ୱା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୋଡେନ

**-ନିଯୁକ୍ତି-**

**ରିଲାଏନ୍ସ ନିପନ ଲାଇଫ ଇନ୍ସ୍ୟୁରାନ୍ସ**

ବଲାଙ୍ଗୀର ଶାଖା ପାଇଁ ଏ.ଆର.ଡି.ଏମ. ପଦବୀ ଖାଲି ରହିଛି।
**ଯୋଗ୍ୟତା:** ସ୍ନାତକୋତ୍ତର (ବି.ଏ.) ଓ ମାର୍କେଟିଂ ଦକ୍ଷତା ୨/୩ ବର୍ଷ ଥିବା ସହ ପାନକାର୍ଡ ଓ ଆଧାର କାର୍ଡ ନିତାନ୍ତ ଆବଶ୍ୟକ।
(ଦରମା: ୧୫ ହଜାର ଇନ୍‌ସେଣ୍ଟିଭ୍ ସହ)

**ଯୋଗାଯୋଗ**

**ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ସାହୁ** (ଶାଖା ପରିଚାଳକ)
ମୋ ନଂ: ୯୯୩୭୪୧୫୩୮୪, ୮୫୯୯୮୮୫୯୧୬, ୭୮୯୪୬୨୧୩୭୮, କାର୍ଯ୍ୟାଳୟ-ଦୁର୍ଗା ମନ୍ଦିର ସାମ୍ନା, ରାମଜୀପଡ଼ା, ବଲାଙ୍ଗୀର

### ବ୍ରହ୍ମାକୁମାରୀ ଆଶ୍ରମରେ ରକ୍ଷା ବନ୍ଧନ ଉତ୍ସବ

**ଲଖନପୁର,୨୭।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ତେଲେନପାଲି ସ୍ଥିତ ବ୍ରହ୍ମକୁମାରୀ ଆଶ୍ରମରେ ରବିବାର ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ମୁଖ୍ୟପ୍ରଶାସିକା ଦାଦୀ ପ୍ରକାଶ ଭଉଣୀଙ୍କ ୧୧ତମ ପୁର୍ଣ୍ଣ୍ୟତିଥିକୁ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ସକାଳେ ଓ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପାରମ୍ପରିକ ରକ୍ଷାବନ୍ଧନ ସମ୍ପର୍କରେ ଆଶ୍ରମର ପ୍ରମୁଖ ରାଜଯୋଗୀନୀ ବିନ୍ଦୁଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଖନପୁର ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ମୁଖ୍ୟଅତିଥି, ଡିଏଭି ପବ୍ଲିକ୍ ସ୍କୁଲ୍ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ରାଜଯୋଗୀନୀ ବିନ୍ଦୁ କହିଲେ, ରକ୍ଷାବନ୍ଧନ ଉତ୍ସବ ଏକ ପାରମ୍ପରିକ ଉତ୍ସବ । ଏହି ଉତ୍ସବ ସ୍ନେହ,ଶ୍ରଦ୍ଧା ଓ ମୈତ୍ରୀର ପ୍ରତୀକ । ଏହି ଅବସରରେ ସେ ଉପସ୍ଥିତ ଥିବା ସମସ୍ତ ଭାଇଙ୍କ ହାତରେ ରାଖି ବାନ୍ଧି ଥିଲେ। ଏଥିରେ ବୁଦ୍ଧଦେବ, ସୁଦର୍ଶନ, ମାନସ,କୈଳାସ, ସବିର୍, ଶୁଭମ,ଗୋକୁଳ ଓ ଜ୍ୟୋତ୍ସ୍ନା,ବର୍ଷା ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିମାନେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
**କ୍ଷେତ୍ରୀୟ ବ୍ୟବସାୟ କାର୍ଯ୍ୟାଳୟ, କ୍ଷେତ୍ର-୫, (ଜଗତସିଂହପୁର), ମଧୁପାଟଣା, କଟକ**

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଜପକୁଦ ଶାଖା** ଋଣଗ୍ରହୀତା: ଶ୍ରୀ ଗଗନ ବିହାରୀ ଜେନା, ପିତା- ଶ୍ରୀ ବାବାଜୀ ଜେନା, ସା: ରେବା, ପୋ: ମହନାପୁର, ଥାନା: ସାଲେପୁର, ଜିଲ୍ଲା: କଟକ । | ଜାମିନଦାରମାନେ: ୧) ଶ୍ରୀମତୀ ସୁଲୋଚନା ଜେନା, ସ୍ୱାମୀ- ଶ୍ରୀ ଗଗନ ବିହାରୀ ଜେନା, ୨) ଶ୍ରୀ ପ୍ରଭାତ କୁମାର ଜେନା, ୩) ଶ୍ରୀ ପ୍ରସନ୍ନ କୁମାର ଜେନା, ଉଭୟଙ୍କ ପିତା- ଶ୍ରୀ ଗଗନ ବିହାରୀ ଜେନା, ସମସ୍ତଙ୍କ ଠିକଣା- ସା: ରେବା, ପୋ: ମହନାପୁର, ଥାନା: ସାଲେପୁର, ଜିଲ୍ଲା: କଟକ /ସମ୍ପତ୍ତିର ମାଲିକ: ଶ୍ରୀ ଗଗନ ବିହାରୀ ଜେନା । | ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ରେବା, ଖାତା ନଂ.: ୩୮, ପ୍ଲଟ୍ ନଂ.: ୪୯୬, କ୍ଷେତ୍ର: ଏକର ୦.୦୩୦ ଡିସିମିଲ, କିସମ: ଘରବାରୀ । | ୧୫.୦୫.୨୦୧୮ | ୨୨.୦୮.୨୦୧୮ | ୩୦.୦୪.୨୦୧୮ ସୁଦ୍ଧା ଟ.୧,୫୪,୩୪୯/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
| **ଅଡଶପୁର ଶାଖା** ଋଣଗ୍ରହୀତାମାନେ: (୧) ମେସର୍ସ ଶ୍ରୀରାମ ଫର୍ଣ୍ଣିଚର ପ୍ଲାଜା, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିଶ୍ୱଜିତ ପ୍ରଧାନ, ପିତା- ଶ୍ରୀ ବେଣୁଧର ପ୍ରଧାନ, ୨) ଶ୍ରୀ ବେଣୁଧର ପ୍ରଧାନ, ପିତା- ୰ ନରସିଂହ ପ୍ରଧାନ ଉଭୟଙ୍କ ଠିକଣା- ସା: କୁଳବ୍ରାହ୍ମଣସାଇଲୋ, ପୋ: ବ୍ରାହ୍ମଣସାଇଲୋ, ଥାନା: ଗୋବିନ୍ଦପୁର, କଟକ । | ଜାମିନଦାରମାନେ: ୧) ସୋରିଆ ପ୍ରଧାନ, ସ୍ୱାମୀ- ୰ ନରସିଂହ ପ୍ରଧାନ, ୨) ଶ୍ରୀ ମନମୋହନ ପ୍ରଧାନ, ୩) ଶ୍ରୀ ବେଣୁଧର ପ୍ରଧାନ, ଉଭୟଙ୍କ ପିତା- ୰ ନରସିଂହ ପ୍ରଧାନ, ସମସ୍ତଙ୍କ ଠିକଣା- ସା: କୁଳବ୍ରାହ୍ମଣସାଇଲୋ, ପୋ: ବ୍ରାହ୍ମଣସାଇଲୋ, ଥାନା: ଗୋବିନ୍ଦପୁର, କଟକ / ସମ୍ପତ୍ତିର ମାଲିକ: ଶ୍ରୀ ବେଣୁଧର ପ୍ରଧାନ, ସୋରିଆ ପ୍ରଧାନ ଏବଂ ଶ୍ରୀ ମନମୋହନ ପ୍ରଧାନ । | ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ବ୍ରାହ୍ମଣସାଇଲୋ, ଖାତା ନଂ.: ୬୨୬, ପ୍ଲଟ୍ ନଂ.: ୧୬୬୫, କ୍ଷେତ୍ର: ଏକର ୦.୫୦ ଡିସିମିଲ, କିସମ: ଘରବାରୀ । ଚୌହଦୀ: ପୂର୍ବ : କେନାଲ ବନ୍ଧ ଏବଂ ରାସ୍ତା, ପଶ୍ଚିମ: ବେଣୁଧର ପ୍ରଧାନ ଏବଂ ଜୋର, ଉତ୍ତର: ଗୌରାଙ୍ଗ ଚରଣ ସେନାପତି, ଦକ୍ଷିଣ: ଗୋବିନ୍ଦ ସାହୁ । | ୧୫.୧୦.୨୦୧୭ | ୨୩.୦୮.୨୦୧୮ | ୧୩.୧୦.୨୦୧୭ ସୁଦ୍ଧା (୧) ଟ.୪,୯୭,୨୪୭/- (୨) ଟ.୬,୦୬,୨୮୮/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ : ୨୭.୦୮.୨୦୧୮
ସ୍ଥାନ : କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**THE ODISHA STATE CO-OPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751 001
**Tel. Nos. : (0674) 2375100, Fax No. : (0674) 2510214, Email : oscbmd@gmail.com**

**RECRUITMENT OF JUNIOR MANAGERS**

In pursuance to the orders dated 02.02.2018 and 21.06.2018 of the Hon'ble High Court of Orissa in the matter of Misc. Case No.4332 of 2018 (in W.P.(C) No. 19218 of 2011), Misc. Case No. 4330 of 2018 (in W.P. (C) No. 19636 of 2011), Misc. Case No.4328 of 2018 (in W.P.(C) No.19251 of 2011), Misc. Case No.4333 of 2018 (in W.P.(C) No. 19381 of 2011) and Misc. Case No.4331 of 2018 (in W.P.(C) No. 19260 of 2011), applications are invited from the permanent residents of Odisha having Master Degree in Banking Management (MBM) with PGDCA or "A" Level Certificate from any recognized institution approved by the Department of Electronics, Govt. of India for the post of Junior Manager as against the quota earmarked for MBM Degree Holders. The details of the vacancy are given below :

| Category | General (UR) | SC | ST | SEBC(OBC) | Total |
|---|---|---|---|---|---|
| Male | 4 | 1 | 1 | 1 | 7 |
| Female | 1 | - | 1 | - | 2 |
| Total | 5 | 1 | 2 | 1 | 9 |

The petitioners in the above writs claiming age condonation as per orders of Hon'ble High Court shall submit OFFLINE application to Odisha State Co-operative Bank Ltd., Head Office, Bhubaneswar by downloading application form from the website of Odisha State Coop. Bank Ltd., Bhubaneswar and rest of the MBM Degree Holders shall apply **ONLINE** only.

The candidate should not be less than 21 years of age and not more than 32 years of age as on 01.04.2018. In case of candidates belonging to SC, ST and SEBC (OBC) category, the upper age limit prescribed for recruitment shall be increased by five years. Relaxation in upper age limit to the extent of defence service plus 3 years is applicable to Ex-Servicemen provided break in service and re-employment should not exceed 2 years and they must have put in not less than 6 months after attestation. In case of person with Disability (P.W.D) candidates, the upper age relaxation shall be increased by 10 years above the maximum age limit allowed to GEN / SC /ST / SEBC(OBC) category. The condonation of overage shall be allowed only in respect of the petitioners of the above noted cases as one time exercise to provide them opportunity pursuant to the direction of the Hon'ble High Court as contained in the orders passed in the above Writ Petitions.

The selection to the post of Junior Manager shall be done strictly in accordance with the provisions of the Staff Service Rules 1980.

All other criterial for the post and the online application form are available from the website of the Odisha State Co-operative Bank **www.odishascb.com** and the same may be downloaded by the prospective candidates. The application should be submitted online from **28.08.2018 to 11.09.2018**. Petitioner candidates shall download and submit applications offline from **28.08.2018 to 11.09.2018**. The website also has details regarding the payment of application fee. The Online Written Test shall be held on **23.09.2018** and date of Viva Voce Test shall be intimated by virtue of separate order / notification in the Web-site.

**Managing Director**



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ

### ଚୋରି, ସୁଧାରଗୃହ ଗଲେ ନାବାଳକ

ଝାରସୁଗୁଡ଼ା ଅଫିସ,୨୭।୮ - ମୋବାଇଲ ଚୋରି ଅଭିଯୋଗରେ ଝାରସୁଗୁଡ଼ା ଜିଆରପି ଜଣେ ନାବାଳକକୁ ଧରିଛି। ରାଜଗାଙ୍ଗପୁରର ଏହି ନାବାଳକକୁ ପୋଲିସ କୋର୍ଟରେ ହାଜର କରି ରାଉରକେଲାସ୍ଥିତ ସ୍ୱଧାରଗୃହକୁ ପଠାଇଦେଇଛି। ଝାରସୁଗୁଡ଼ା ବସଷ୍ଟାଣ୍ଡ ଏବଂ ଷ୍ଟେଶନ ଅଞ୍ଚଳରେ ମୋବାଇଲ ଚୋରି ହେଉଥିବା ନେଇ ଜିଆରପିରେ ଅଭିଯୋଗ ହୋଇଥିଲା।

### ସ୍କୁଲରେ ଚୟନ ହେବେ ସ୍ୱଚ୍ଛତା କ୍ୟାପଟେନ, ସ୍ୱଚ୍ଛତା ମନିଟର

ଝାରସୁଗୁଡ଼ା ଅଫିସ,୨୭।୮ -ସ୍ୱଚ୍ଛତା କାର୍ଯ୍ୟକ୍ରମର ପଚାରପ୍ରସାର ପାଇଁ ସରକାର ନେଇଛନ୍ତି ପଦକ୍ଷେପ। ସ୍କୁଲସ୍ତରରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ପ୍ରୟାସ କରାଯାଇଛି। ଛାତ୍ରୀଛାତ୍ରଙ୍କ ଜରିଆରେ ସ୍ୱଚ୍ଛ କାର୍ଯ୍ୟକ୍ରମ ଜାରି ରଖିବା ଏବଂ ସେମାନଙ୍କୁ ଉତ୍ସାହିତ କରିବାକୁ ପ୍ରତ୍ୟେକ ସ୍କୁଲରୁ ଜଣେ ଲେଖାଏଁ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା କ୍ୟାପଟେନ ଏବଂ ସ୍ୱଚ୍ଛତା ମନିଟର ଚୟନ କରାଯିବ। ଏନେଇ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂ ପୁନିଆ ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଛନ୍ତି। ଦେଶକୁ ସ୍ୱଚ୍ଛ, ସମୃଦ୍ଧ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ସାରାଦେଶରେ ସେପ୍ଟେମ୍ବର ୧ରୁ ୧୫ ତାରିଖ ଯାଏଁ ସ୍ୱଚ୍ଛା ପକ୍ଷ ପାଳନ କରାଯିବ। ଏହି ୧୫ ଦିନରେ ସ୍କୁଲସ୍ତରରେ ସ୍ୱଚ୍ଛତାକୁ ନେଇ ପ୍ରତିଯୋଗିତା, ପ୍ରଶିକ୍ଷଣ ଶିବିର, ସଚେତନା କାର୍ଯ୍ୟକ୍ରମ, ଶପଥପାଠ ଆୟୋଜନ ହେବ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ସ୍ୱଚ୍ଛତା କ୍ୟାପଟେନ ଏବଂ ସ୍ୱଚ୍ଛତା ମନିଟର ଚୟନ କରାଯିବ ବୋଲି ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି।



ଆଶ୍ପଣ୍ଡ ଭାଙ୍ଗିବା ସମୟରେ।



ଆଶ୍ପଣ୍ଡ ଭାଙ୍ଗିବାର ବର୍ଷେ ପରେ।

■ ବେଦାନ୍ତ ପାଉଁଶ ବନ୍ଧ ଭୁଶୁଡିବାକୁ ବର୍ଷେ ପୂରିଲା

# କାତିକେଲା ବିସ୍ଥାପନ ସତ ନା ଭେଳିକି

ଝାରସୁଗୁଡ଼ା ଅଫିସ,୨୭।୮

■ ଗତବର୍ଷ ଅଗଷ୍ଟ ୨୮ ତାରିଖ ରାତିରେ ବେଦାନ୍ତର ୨ ନମ୍ବର ଆଶ୍ପଣ୍ଡ ଭୁଶୁଡି ପଡିଥିଲା
■ ୧୪ଶହ ମିଟର ବନ୍ଧ ଭାଙ୍ଗି ମାଡି ଯାଇଥିଲା ତରଳ ପାଉଁଶ
■ ବହୁ ଏକର ଚାଷଜମି ପୋତି ହୋଇ ଫସଲ ଉଜୁଡି ଥିଲା

ଝାରସୁଗୁଡ଼ା କାତିକେଲାସ୍ଥିତ ବେଦାନ୍ତ ଆଶ୍ପଣ୍ଡ ଭୁଶୁଡିବା ଘଟଣାକୁ ଇତିମଧ୍ୟରେ ବର୍ଷେ ପୁରିଛି। ବର୍ଷେ ଭିତରେ ବହୁ ପରିବର୍ତ୍ତନ ହୋଇଛି। କିନ୍ତୁ କାତିକେଲା ଲୋକଙ୍କ ଭାଗ୍ୟ ପରିବର୍ତ୍ତନ ଘଟିନାହିଁ। ଘଟଣା ପରଠାରୁ ଭୟ, ଆଶା, ଆଶଙ୍କା ଓ ପ୍ରତିଶ୍ରୁତିରେ ଗାଁ ଲୋକ ବର୍ଷେ ବିତାଇସାରିଲେଣି। ହେଲେ ଲୋକଙ୍କ ଆଶା ପୂରଣ, କମ୍ପାନୀ ଓ ପ୍ରଶାସନିକ ପ୍ରତିଶ୍ରୁତି ପାଳନ କ୍ଷେତ୍ରରେ ଆଶାତୀତ ସଫଳତା ମିଳିପାରିନାହିଁ। ବର୍ଷେ ପୂର୍ବରୁ କାତିକେଲା ଯେପରି ଥିଲା ସେପରି ଅଛି। କେବଳ ତରଳ ପାଉଁଶ ମାଡିଯାଇଥିବା କେତେକ ସ୍ଥାନରେ ସବୁଜ ଘାସ ଉଠିଛି। ସମ୍ପୂର୍ଣ୍ଣ ବିସ୍ଥାପନ ଆଶାରେ ରହିଥିବା କାତିକେଲା ଲୋକ ସରକାରୀ ଅନୁମୋଦନକୁ ଅପେକ୍ଷା କରିଛନ୍ତି। ଅନ୍ୟପକ୍ଷରେ ଲୋକଙ୍କୁ ବୋକା ବନାଇବା ପାଇଁ ବିସ୍ଥାପନ ଏକ ବାହାନା ବୋଲି ମଧ୍ୟ କେତେଜଣ ଅଭିଯୋଗ କରୁଛନ୍ତି। କାରଣ କାତିକେଲା ଗାଁରେ ସରକାରୀ ଯୋଜନା ପୂର୍ବଭଳି କାର୍ଯ୍ୟକ୍ଷମ ରହିଛି। ତେବେ ଉଭୟ ଦିଗକୁ ଦେଖିଲେ କାତିକେଲା ବିସ୍ଥାପନ ସତ ନା ଭେଳିକି ଜଣାପଡୁନି।

ଗତବର୍ଷ ଅଗଷ୍ଟ ୨୮ ତାରିଖ ରାତିରେ କାତିକେଲାଠାରେ ଥିବା ବେଦାନ୍ତର ୨ ନମ୍ବର ଆଶ୍ପଣ୍ଡ ଭୁଶୁଡି ପଡିଥିଲା। ପ୍ରାୟ ୧୪ଶହ ମିଟର ବନ୍ଧ ଭାଙ୍ଗି ଯାଇ ପୋଖରୀ ବାହାରକୁ ମାଡି ଯାଇଥିଲା ଶିଳ୍ପରୁ ନିର୍ଗତ ତରଳ ପାଉଁଶ। ଶହ ଶହ ଏକର ଚାଷଜମି ପୋତି ହୋଇଯାଇଥିଲା। ଫସଲ ନଷ୍ଟ ହୋଇଥିଲା। ଅନାୟାସରେ ଭେଡେନ୍ ନଦୀରେ ପ୍ରବାହିତ ହେଉଥିଲା ଏହି ବିଷାକ୍ତ ତରଳ ପାଉଁଶ। ଏହାକୁ ଅଟକାଇବା ସମ୍ଭବ ନ ଥିବାରୁ ଉଦ୍ୟମ ବି କରାଯାଇ ନ ଥିଲା। ରାତିରେ ଏହି ଘଟଣା ଘଟିଥିବାରୁ ଗାଁ ଲୋକ ଭୟରେ ଘରୁ ବାହାରି ନ ଥିଲେ। ପରଦିନ ସକାଳେ ଦେଖାଦେଇଥିଲା ଉତ୍ତେଜନା, ଆନ୍ଦୋଳନ ଓ ପ୍ରତିବାଦ। କାତିକେଲା ଲୋକ ବେଦାନ୍ତ ମୁଖ୍ୟ ଫାଟକରେ ବସି ରହିଲେ। ଦାବି କେବଳ ଗୋଟିଏ, ଗାଁକୁ ସମ୍ପୂର୍ଣ୍ଣ ବିସ୍ଥାପନ କରିବା। ପ୍ରସ୍ତୁତ ହେଲା ପ୍ରଶାସନିକ ବୈଠକ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି ବୈଠକ(ଆରପିଡିଏସି)। ଗାଁ ଲୋକଙ୍କ ବିସ୍ଥାପନ ଦାବିରେ କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏବଂ ରାଜସ୍ୱ ଆୟୁକ୍ତ ମୋହର ଲଗାଇଥିଲେ।

ଆରପିଡିଏସି ବୈଠକ ସ୍ଥିର ହୋଇଥିବା ନୀତି ମୁତାବକ ତୃତୀୟ ପକ୍ଷ ସହାୟତାରେ ଆରମ୍ଭ ହୋଇଥିଲା କାତିକେଲା ସର୍ବେକ୍ଷଣ। ବର୍ଗଫୁଟକୁ ୧୯୦୦ ଟଙ୍କା କ୍ଷତିପୁରଣ ପ୍ରଦାନ ଆଧାରରେ ଘରବାଡିର ଆକଳନ ଆରମ୍ଭ ହେଲା। ୩୨୨ ପରିବାର ବିଶିଷ୍ଟ କାତିକେଲା ଗାଁର ୬୮ ପରିବାର ସର୍ଭେ ଅନ୍ତର୍ଭୁକ୍ତ ହୋଇଛନ୍ତି। କ୍ଷତିପୂରଣ ଅନୁମୋଦନ ପାଇଥିବା ୫୨ ପରିବାର ମଧ୍ୟରୁ ୩୨ ପରିବାକୁ ମିଳିଛି ବିସ୍ଥାପନ ଜନିତ ମୋଟ ଅର୍ଥର ୨୫% ଲେଖାଏଁ କ୍ଷତିପୂରଣ। ବର୍ତ୍ତମାନ ସର୍ବେକ୍ଷଣ ବନ୍ଦ ରହିଛି। ବର୍ଷା କାରଣରୁ ସର୍ଭେ ବନ୍ଦ ରହିଥିବା କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେହିପରି ଗତବର୍ଷ ତରଳ ପାଉଁଶ ମାଡିଯାଇ ନଷ୍ଟ ହୋଇଥିବା ଫସଲ ବାବଦରେ ଏକର ପିଛା ୫୦ ହଜାର ଟଙ୍କା ଲେଖାଏଁ ମୋଟ ୨୪ ଲକ୍ଷ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ ନିଷ୍ପତି ଅନୁସାରେ ବେଦାନ୍ତ କାତିକେଲାରେ ବିସ୍ଥାପନ ପାଇଁ ସର୍ଭେ ଆରମ୍ଭ କରି କ୍ଷତିପୂରଣ ପ୍ରଦାନ କରୁଛି। ଏହି ପ୍ରକ୍ରିୟାରେ ଗାଁ ଲୋକଙ୍କ ସହଯୋଗ ଆବଶ୍ୟକ ରହିଥିବା ବେଦାନ୍ତ ପକ୍ଷରୁ କୁହାଯାଇଛି। ଗୋଟିଏ ପଟେ ସର୍ଭେ ବନ୍ଦ ରହିଥିବା ବେଳେ ଅନ୍ୟପଟେ ସରକାରୀ ଯୋଜନାର ବିଭିନ୍ନ ପ୍ରକଳ୍ପ ଗାଁରେ ଚାଲୁ ରହିଛି। ଏହି ସମୀକରଣକୁ ଦେଖିଲେ ଗାଁର ବିସ୍ଥାପନ ଆଶା ମଉଳି ଯାଉଛି ବୋଲି ସ୍ଥାନୀୟ ଲୋକ କହୁଛନ୍ତି। ସେମାନଙ୍କ ଅଭିଯୋଗ, ଯଦି ସରକାର କାତିକେଲାକୁ ବିସ୍ଥାପନ କରିବାକୁ ଚାହୁଁଛନ୍ତି ତେବେ ସରକାରୀ ଯୋଜନାରେ ଅର୍ଥ ବ୍ୟୟ କରିବାର ତାତ୍ପର୍ଯ୍ୟ କଣ ବୋଲି ପ୍ରଶ୍ନ କରୁଛନ୍ତି।

### ବାଇକ୍ ଚୋରି ଅଭିଯୋଗ, ୩ ଯୁବକ ଗିରଫ

ବେଲପାହାଡ଼,୨୭।୮(ଡ଼ି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ବାଇକ୍ ଚୋରି ଅଭିଯୋଗରେ ୩ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଲିପୁନ ସ୍ୱାଇଁ (୧୯),ସାବିର ଅଲ୍ଲୀ (୧୯) ଓ ଆନନ୍ଦ ଝା (୧୯)। ଲିପୁନ ଓ ଆନନ୍ଦଙ୍କ ଘର ବେଲପାହାଡ଼ କୁର୍ମିପଡ଼ାରେ ଏବଂ ସାବିରଙ୍କ ଘର ରେହେମତନଗରରେ। ଗତ ଶନିବାର ମଧାହ୍ନରେ ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା କୁରୁମକେଲ ଗାଁର ଅଞ୍ଜନ ଦାଶଙ୍କ ବାଇକ୍(ନଂ.ଓଡ଼ି୩୩-୮୫୫୪) ବେଲପାହାଡ଼ରୁ ଚୋରି ହୋଇଯାଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଆନନ୍ଦଙ୍କ କହିବା ଅନୁଯାୟୀ,ସେ ତାଙ୍କ ବାପା ହିମାଂଶୁ ଦାଶଙ୍କ ସହିତ ବୁଧବାର ବାଇକରେ ବେଲପାହାଡ଼ କୁର୍ମିପଡ଼ାକୁ ଆସିଥିଲେ। ସେମାନେ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ବାଇକ ଲକ୍ କରି ବାବା ସାହାମୁଦ୍ଦି ନାମକ ଜଣେ ବ୍ୟକ୍ତିଙ୍କୁ ଭେଟିବା ପାଇଁ ଯାଇଥିଲେ। ସେତେବେଳେ ଲିପୁନ ଓ ଆନନ୍ଦ ସେହି ଘର ସମ୍ମୁଖରେ ଛିଡ଼ା ହୋଇଥିଲେ। ସେମାନେ ଅଞ୍ଜନଙ୍କୁ ଏଠାରେ ଗାଡ଼ି ରଖ ନାହିଁ,ଚୋରି ହୋଇଗଲେ ଆଉ କଣ ମିଳିବ, ଆମର ଗୋଟିଏ ଗାଡ଼ି ଚୋରି ହୋଇଯାଇଛି। ଆଜି ପର୍ଯ୍ୟନ୍ତ ମିଳିନାହିଁ ନାହିଁ ବୋଲି କହିଥିଲେ। ଅଞ୍ଜନ ସେମାନଙ୍କ କଥାକୁ ହାଲ୍କା ଭାବେ ନେଇ ଥିଲେ। କିଛି ସମୟ ପରେ ସାହାମୁଦ୍ଦିଙ୍କ ଘରୁ ସେମାନେ ଫେରିବା ପରେ ତାଙ୍କ ବାଇକ୍ ଆଉ ନ ଥିଲା। ଅଞ୍ଜନ ଗତ ରବିବାର ବେଲପାହାଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ୧୫୪/୧୮) ରୁଜୁ କରି ତଦନ୍ତ ଆରମ୍ଭ କରୁଥିଲା। ପ୍ରଥମେ ପୋଲିସ ଲିପୁନ ଓ ଆନନ୍ଦଙ୍କୁ ଗିରଫ କରିଥିଲା ଏବଂ ପରେ ଅନ୍ୟ ସହଯୋଗୀ ସାବିର ଅଲ୍ଲୀକୁ ଗିରଫ କରିଥିଲା। ଖଡ଼ିଆପଡ଼ାର ଏକ ଘରେ ଲୁଚାଇ ରଖାଯାଇଥିବା ବାଇକ୍କୁ ଜବତ କରାଯାଇଛି। ଏହି ଘଟଣାରେ ଆଉ ଜଣେ ଫେରର ଥିବା ପୋଲିସ କହିଛି।



ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଜଣେ ମହିଳା ନିଜ ଅଭିଯୋଗ ଉପସ୍ଥାପନ କରୁଛନ୍ତି।

■ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

## ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

କୋଲାବିରା,୨୭।୮(ଡ଼ି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକରେ ସୋମବାର ଜିଲା ପ୍ରଶାସନର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସେଥିରେ କେବଳ ୨୧ ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ଜିଲାପାଳ ବିଭୁତି ଭୂଷଣ ପଟ୍ଟନାୟକ, ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ,ଡେପୁଟି କଲେକ୍ଟର (ଇମରଜେନ୍ସି) ସୁନାସୀର କିଶାନ, ଡିଡବ୍ଲୁଓ ବିଜୟ କୁମାର ପଟେଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା , ତହସିଲଦାର ସଞ୍ଜୀବ କୁମାର ପଟେଲ, ସିଡିପିଓ ପୁଣ୍ୟବତୀ ହେଲେନ ଖେସ୍, ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ଦଲାଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗିରିଧାରୀ ଭୋ, ଏବିଇଓ ଛତ୍ରକୁମାର ପଟେଲ ପ୍ରମୁଖଙ୍କ ସହ ଜିଲା, ଉପଖଣ୍ଡ,ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବାକୁ ଗୁରୁତ୍ୱ ଦେବାଲାଗି ଜିଲାପାଳ ପଟ୍ଟନାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଭାଜପା ନେତାଙ୍କ ପରଲୋକ

କୋଲାବିରା,୨୭।୮(ଡ଼ି.ଏନ.ଏ.)

କୋଲାବିରା ବ୍ଲକର ପୂର୍ବତନ ଭାଜପା ମଣ୍ଡଳ ସଭାପତି ସରୋଜ ନାୟକଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। କୋଲାବିରା ବ୍ଲକ ଅନ୍ତର୍ଗତ ଗହ୍ମାପାଲି ଗ୍ରାମର ବାସିନ୍ଦା ସରୋଜ ନାୟକ ଭାଜପାର ଜଣେ ସକ୍ରୀୟ ସଦସ୍ୟ ଥିଲେ। ରବିବାର ରାତିରେ ତାଙ୍କୁ ହୃଦଘାତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କୁଚିଣ୍ଡା ଉପଖଣ୍ଡ ଡାକ୍ତଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ୫ ବର୍ଷର ଏକ ପୁଅ ଅଛନ୍ତି। ଗହ୍ମାପାଲି ନିକଟସ୍ଥ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। କୋଲାବିରା ମଣ୍ଡଳ ସଭାପତି ବଲ୍ଲବ ସାହୁ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ବେହେରା,ଦିଲୀପ ପଟେଲ, ସଞ୍ଜୀବ ପଟେଲ,ଶୁଭେନ୍ଦୁ ଦାସ,ତ୍ରିବେନ୍ଦ୍ର ପଟେଲ ପ୍ରମୁଖ ଶୋକପ୍ରକାଶ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

## ମହିମା ଆଶ୍ରମରେ ନବାନ୍ନ ମହୋତ୍ସବ

ଲଖନପୁର,୨୭।୮(ଡ଼ି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପଞ୍ଚଗାଁସ୍ଥିତ ବିଜାପାଲି ମହିମା ଆଶ୍ରମରେ ରବିବାର ପୂର୍ଣ୍ଣିମା ତିଥିରେ ୨୨ତମ ନବାନ୍ନ ଅର୍ପଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶନିବାର ପ୍ରାତଃରେ ବ୍ରହ୍ମଧୂନୀ ସ୍ଥାପନ, ଅଖଣ୍ଡବତି ଅର୍ପଣ, ଆଠଭଜନ ଓ ଦିବାରାତ୍ର ଭଜନ ସମାରୋହ କାର୍ଯ୍ୟକ୍ରମ ହୋଇଥିଲା। ରବିବାର ପ୍ରାତଃରେ ନବାନ୍ନ ଅର୍ପଣ ସାଙ୍ଗକୁ ଯଜ୍ଞରେ ଘୃତାହୁତି କରାଯାଇ ବିଶ୍ୱର ମଙ୍ଗଳ କାମନା କରାଯାଇଥିଲା। ପରେ ମହାପ୍ରଭୁଙ୍କ ନିକଟରେ ନବାନ୍ନ ଅର୍ପଣ କରାଯିବା ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। ବ୍ରହ୍ମାବଧୂତ ବୀରେନ୍ଦ୍ର ବାବା ଓ ଚିତ୍ତରଞ୍ଜନ ବାବାଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ମହିମାଧର୍ମୀ ସାଧୁସନ୍ଥ ଯୋଗ ଦେଇଥିଲେ। ଦୟାନିଧି ଦାସ, ଚିଦାନନ୍ଦ ଦାସ, ସ୍ୱରୂପାନନ୍ଦ ଦାସ, ନେପାଳ ଦାସ, ନିରଞ୍ଜନ ଦାସ, ଅଭୟ ବୈରାଗୀ, ସ୍ୱରୂପାନନ୍ଦ ତ୍ୟାଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମହିମାଧର୍ମୀ ଭକ୍ତ ବିରଞ୍ଚି ସାହୁ, ଲକ୍ଷ୍ମୀନାରାୟଣ ସାହୁ, ତ୍ରିଲୋଚନ ପଟେଲ, ଛନ୍ଦାଚରଣ ଭୋଇ ଓ ବାସୁଦେବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ନବାନ୍ନ ଅର୍ପଣ ମହୋତ୍ସବରେ ଯୋଗଦେଇଥିବା ମହିମାଧର୍ମୀ ସାଧୁସନ୍ଥ।

## ଫଟୋରେ ଖବର




ଝାରସୁଗୁଡ଼ା ବିମାନବନ୍ଦର କର୍ମଚାରୀ ସ୍ୱଚ୍ଛତା ପକ୍ଷ ପାଳନ ଉପଲକ୍ଷେ ସୋମବାର ଶପଥ ଗ୍ରହଣ କରୁଛନ୍ତି।

■ ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟିତ

## ଜନସାଧାରଣଙ୍କ ସହଯୋଗ କାମନା କଲେ ଏସ୍‌ପି

କୋଲାବିରା,୨୭।୮(ଡ଼ି.ଏନ.ଏ.)

କୋଲାବିରା ଥାନା ଅର୍ନ୍ତଗତ ବଡବାହାଲ ଛକ (ଗାଇଗୋଠ ଛକ)ରେ ସୋମବାର ଏକ ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ସମ୍ବଲପୁରରୁ ରାଉରକେଲା ପର୍ଯ୍ୟନ୍ତ ଯାଇଥିବା ରାଞ୍ଚି ରୋଡ ଏବଂ ଜାତୀୟ ରାଜପଥ ୪୯ ଝାରସୁଗୁଡ଼ାରୁ କୁଚିଣ୍ଡା ଯାଇଥିବା ରାସ୍ତାର ବଡବାହାଲ ଛକରେ ଏହି କେନ୍ଦ୍ରର ସ୍ଥାପନା ଫଳରେ ଅସାମାଜିକ କାର୍ଯ୍ୟାକଳାପ କମିବ ବୋଲି ଏସପି ମହାନ୍ତି କହିଛନ୍ତି। ପୋଲିସ ସହିତ ଜନସାଧାରଣଙ୍କ ସମ୍ପର୍କ ନିହାତି ଜରୁରୀ, ତେଣୁ ନିର୍ଭୟରେ ଜନସାଧାରଣ ପୋଲିସ ସହ ସୁସମ୍ପର୍କ ରଖିବାକୁ ଏସ୍‌ପି ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଲକ୍ଷ୍ମଣ ପଟେଲ, ଏସଡିପିଓ କୈଳାସ ଆଚାର୍ଯ୍ୟ, କୋଲାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ, ବଡମାଲ ଥାନା ଅଧିକାରୀ ଅମିତାଭ ପଣ୍ଡା, ଲଇକେରା ଥାନାଅଧିକାରୀ ପ୍ରବୀର କୁମାର ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ଏହି ଉତ୍ସବରେ ବରିଷ୍ଠ ନାଗରିକ ନବୀନ କୁମାର ନାଏକ, ହୃଦାନନ୍ଦ ପଟେଲ, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ହର ପଟେଲ,ବିନୋଦ ପଟେଲ ଲଭଲି ସିଂ, ସୁନିଲ ପଟେଲ, ଲକ୍ଷ୍ମୀଧର ନାଏକ, ବେଣୁ ପଟେଲ,ବିନୋଦ ପଟେଲ, ପ୍ରଫୁଲ୍ଲ ପଟେଲ, ହରମିତ ସିଂ ପ୍ରମୁଖ ଯୋଗଦେଇଥିଲେ। ଖୁବଶୀଘ୍ର ଏକ ମୋବାଇଲ ନମ୍ବର ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଯୋଗାଇଦେବାର ବ୍ୟବସ୍ଥା କରାଯିବ ବୋଲି ଏସଡିପିଓ କୈଳାଶ ଆଚାର୍ଯ୍ୟ ସୂଚନା ଦେଇଥିଲେ।



ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିବା ଅଧିକାରୀମାନେ।



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ, ପ୍ରକୃତରେ ଇଚ୍ଛାର ହିଁ ଅଭାବ।
- ଭିକ୍ଟର ହ୍ୟୁଗ୍



## ସଂକ୍ଷେପରେ

### 'ସାର ଦୁର୍ନୀତି ଏକ ଅପପ୍ରଚାର'

**ହେମଗିର,୨୭।୮(ଡି.ଏନ୍.ଏ.)**- ହେମଗିର ଲ୍ୟାମ୍ପ୍ସକୁ ବଦନାମ କରିବା ଉଦ୍ଦେଶ୍ୟରେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଚକ୍ରାନ୍ତ କରି ସାର ଦୁର୍ନୀତି ନେଇ ଅପପ୍ରଚାର କରିଥିବା ଲ୍ୟାମ୍ପ୍ସ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଗତ ୨୦ ତାରିଖରେ ହେମଗିର ଲ୍ୟାମ୍ପ୍ସରେ ସାର ବିକ୍ରିରେ ଦୁର୍ନୀତି ହେଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହା ପରେ ସୁନ୍ଦରଗଡ଼ ଜିଲା ସହକାରୀ ନିବନ୍ଧକ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଫକୀରମୋହନ ବାଗ ଅନ୍ୟ ତିନିଜଣଙ୍କ ସହ ଲ୍ୟାମ୍ପ୍ସକୁ ତଦନ୍ତ ପାଇଁ ଆସିଥିଲେ। ସେମାନେ ଗତ ଦୁଇ ବର୍ଷର ସାର କ୍ରୟ ବିକ୍ରୟ ଉପରେ ତଦନ୍ତ କରି ଲ୍ୟାମ୍ପ୍ସକୁ କ୍ଲିନ୍‌ଚିଟ୍ ଦେଇଥିଲେ। ଲ୍ୟାମ୍ପ୍ସ ବିରୋଧରେ ହୋଇଥିବା ଏହି ପ୍ରଚାର ଏକ ଷଡ଼ଯନ୍ତ୍ର ତଥା ଅମୂଳକ ଓ ଭିତ୍ତିହୀନ ବୋଲି ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ପଧାନ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି।

### ସାଇକେଲକୁ ଧକ୍କା ଦେଲା ବାଇକ୍, ୨ ଆହତ

**ଲହୁଣୀପଡ଼ା,୨୭।୮(ଡି.ଏନ୍.ଏ.)**- ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଟକରା ଗ୍ରାମ ନିକଟରେ ସୋମବାର ମଧ୍ୟାହ୍ନରେ ଏକ ସାଇକେଲକୁ ବାଇକ୍ ଧକ୍କା ଦେଇଛି। ଏଥିରେ ଉଭୟ ସାଇକେଲ ଓ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ବାଇକ୍ ଆରୋହୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଲହୁଣୀପଡ଼ା ପଞ୍ଚାୟତ ଗୌତମଡିହି ଗ୍ରାମର ଦିଲୀପ ନଏକ (୩୦) ଏକ ନମ୍ବର ବିହୀନ ବାଇକ୍‌ରେ କଲେପୋଷ ପଟୁ ଆସୁଥିବାବେଳେ ଟକରା ଗ୍ରାମର ସୁମିତ୍ରା ମୁଣ୍ଡା ଲହୁଣୀପଡ଼ା ଆଡ଼କୁ ସାଇକେଲ ଯୋଗେ ଯାଉଥିଲେ। ଦିଲୀପଙ୍କ ବାଇକ୍ ସୁମିତ୍ରାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସୁମିତ୍ରାଙ୍କ ସାଇକେଲ ଭାଙ୍ଗିରୁଜି ଯିବାସହ କିଛି ବାଟ ଘୋଷାଡ଼ି ହୋଇଯାଇଥିଲା। ଅନ୍ୟପକ୍ଷରେ ଦିଲୀପ ରାସ୍ତାରେ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାବେଳେ କାନରୁ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନା ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଦିଲୀପଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଓ ସାଇକେଲ ଜବତ କରି ଘଟଣାର ତଦନ୍ତ କରୁଛି।



### ସମ୍ପର୍କୀୟ ଭାଇ ଠେଙ୍ଗା ମାଡ଼ରେ ମୃତ୍ୟୁ: ଅଭିଯୁକ୍ତ ଫେରାର

**ବାଲିଶଙ୍କରା,୨୭।୮(ଡି.ଏନ୍.ଏ.)**- କିଞ୍ଜିରକେଲା ଥାନା ଅନ୍ତର୍ଗତ କୁଲବା ପଞ୍ଚାୟତ କୁଲବା ଗ୍ରାମରେ ସମ୍ପର୍କୀୟ ସାନଭାଇ ତ୍ରିବାସୀ ମହାନନ୍ଦିଆ (୫୫)ଙ୍କ ଠେଙ୍ଗା ମାଡ଼ରେ ବଡ଼ଭାଇ ସହଦେବ ମହାନନ୍ଦିଆ (୬୨)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁସାରେ ସୋମବାର ସକାଳ ସାଢ଼େ ୮ଟାରେ କୌଣସି ବିଷୟ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ତ୍ରିବାସୀ ପାଖରେ ଥିବା ଠେଙ୍ଗାରେ ସହଦେବଙ୍କୁ ଲଗାତର ପ୍ରହାର କରିଥିଲେ। ଏଥିରେ ସହଦେବ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନା ନିଆଯାଇଥିଲା। ମାତ୍ର ଡାକ୍ତର ସହଦେବଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ଏକ ମାମଲା (ନଂ. ୬୪/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ତ୍ରିବାସୀ ଫେରାର ହୋଇଯାଇଥିବା ପୋଲିସ କହିଛି।



ବାଳକ ପ୍ରାଥମିକ ସ୍କୁଲ।



ବାଳିକା ପ୍ରାଥମିକ ସ୍କୁଲ।

# ବଡ଼ଗାଁର ୨ ସ୍କୁଲ ମିଶ୍ରଣକୁ ବିରୋଧ

**ବଡ଼ଗାଁ,୨୭।୮(ଡି.ଏନ୍.ଏ.)**

**ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ**
- ନିକଟବର୍ତ୍ତୀ ସ୍କୁଲ ସହ ମିଶିଯିବ ୮ ସ୍କୁଲ
- ମିଶ୍ରଣ କାର୍ଯ୍ୟରେ ନିୟମ ଉଲ୍ଲଂଘନ କରାଯାଉଛି

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ୮ ସ୍କୁଲ ନିକଟବର୍ତ୍ତୀ ଅନ୍ୟ ସ୍କୁଲ ସହିତ ମିଶ୍ରଣ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ୨୫ ତାରିଖରେ ନିର୍ଦ୍ଦେଶ ଜାରି ହୋଇଛି। ନିୟମାନୁଯାୟୀ, ଯେଉଁ ସ୍କୁଲରେ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବେ କିମ୍ବା ସ୍କୁଲ ଗୃହ ଠିକ୍ ନ ଥିବ ସେହି ସ୍କୁଲଗୁଡ଼ିକୁ ନିକଟବର୍ତ୍ତୀ ସ୍କୁଲ ସହିତ ମିଶ୍ରଣ କରାଯିବ। ଏହି କ୍ରମରେ ୧୪ ଛାତ୍ରୀଛାତ୍ର ଥିବା ସାହାଜବାହାଲ ଗୋଡ଼ପଡ଼ା ପ୍ରାଥମିକ ସ୍କୁଲକୁ ସାହାଜବାହାଲ ହାଇସ୍କୁଲ, ୭ ଛାତ୍ରୀଛାତ୍ର ଥିବା ସିଙ୍ଗରମୁଣ୍ଡା ପ୍ରାଥମିକ ସ୍କୁଲକୁ ବଡ଼ପଡ଼ା ୟୁପି ସ୍କୁଲ, ୬ ଛାତ୍ରୀଛାତ୍ର ଥିବା ଭେସାଲଭାଡ଼ି ପ୍ରାଥମିକ ସ୍କୁଲକୁ ଧୁମାଗଡ଼ା ୟୁପି ସ୍କୁଲ, ୧୦ ଛାତ୍ରୀଛାତ୍ର ଥିବା ବୁରୁରୁପଡ଼ା ପ୍ରାଥମିକ ସ୍କୁଲକୁ ଶଙ୍କରାପୋଷ ୟୁପି ସ୍କୁଲ, ୧୦ ଛାତ୍ରୀଛାତ୍ର ଥିବା ବିଚନାପଡ଼ା ପ୍ରାଥମିକ ସ୍କୁଲକୁ ସିଆଁମାଲ ପ୍ରାଥମିକ ସ୍କୁଲ, ୯ ଛାତ୍ରୀଛାତ୍ର ଥିବା ଟୁଙ୍ଗୁରୀପଡ଼ା ପ୍ରାଥମିକ ସ୍କୁଲକୁ ପଦମପୁର ୟୁପି ସ୍କୁଲ ସହିତ ମିଶ୍ରଣ କରିବାକୁ ନିର୍ଦ୍ଦେଶ ମିଳିଛି। ସେହିପରି ୯ ଛାତ୍ରୀଛାତ୍ର ଥିବା ବଡ଼ଗାଁ ବାଳିକା ପ୍ରାଥମିକ ସ୍କୁଲ ସହିତ ୨୯ ଛାତ୍ରୀଛାତ୍ର ଥିବା ବଡ଼ଗାଁ ବାଳକ ପ୍ରାଥମିକ ସ୍କୁଲକୁ ମିଶ୍ରଣ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ତେବେ ଏହାକୁ ଗ୍ରାମର ଶତାଧିକ ବ୍ୟକ୍ତି ଓ ଅଭିଭାବକ ବିରୋଧ କରିଛନ୍ତି। କାରଣ ବାଳିକା ସ୍କୁଲର ପ୍ରାୟ ସମସ୍ତ ଶ୍ରେଣୀ ଗୃହ ଭାଙ୍ଗାଦଦରା ଅବସ୍ଥାରେ ଥିବାବେଳେ ସ୍କୁଲ ପାଚେରିକୁ ଲାଗି ବସ୍‌ଷ୍ଟାଣ୍ଡ ଏବଂ ଝାମୁଣ୍ଡା ଗାଁକୁ ଯିବା ରାସ୍ତା ଅଛି। ଦୋକାନ ବଜାରର ଆବର୍ଜନା ସ୍କୁଲ ପରିସରରେ ଫିଙ୍ଗା ହେଉଥିବାବେଳେ ଲୋକେ ପରିସ୍ରା କରୁଛନ୍ତି। ଏହା ବ୍ୟତୀତ ବସ୍‌ଷ୍ଟାଣ୍ଡ ଅତି ନିକଟରେ ଥିବାରୁ ଶବ୍ଦ ପ୍ରଦୂଷଣ ଜନିତ ସମସ୍ୟା ମଧ୍ୟ ହେଉଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ଗମନାଗମନ ପ୍ରତି ଆଶଙ୍କା ପ୍ରକାଶ ପାଇଛି। ଏହି ସ୍କୁଲରେ କମ୍ ଛାତ୍ରୀ ଥିବାରୁ ବାଳକ ସ୍କୁଲ ସହିତ ନିୟମାନୁଯାୟୀ ମିଶ୍ରଣ ହେବା କଥା। କିନ୍ତୁ ଏଠାରେ ବ୍ୟତିକ୍ରମ ଦେଖାଯାଇଛି। ବାଳିକା ସ୍କୁଲ କୋଠରି ଓ ପରିବେଶ ଅତ୍ୟନ୍ତ କଦର୍ଯ୍ୟ ହୋଇଥିବା ସତ୍ତ୍ୱେ କେଉଁ କାରଣରୁ ବାଳକ ସ୍କୁଲ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ହେଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ରାଜାରାଜୁଡ଼ା ଅମଳର ବୃହତ କୋଠା ଥିବା ମଜବୁତ କୋଠରି ଓ ଉତ୍ତମ ପରିବେଶ ସତ୍ତ୍ୱେ ନିୟମ ଉଲ୍ଲଂଘନ କରି କାହିଁକି ସ୍ଥାନାନ୍ତର କରାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।

## ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ

**ସୁନ୍ଦରଗଡ଼/କୁଆଁରମୁଣ୍ଡା, ୨୭।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଟୁଙ୍ଗି ଗେଟ୍ ନିକଟରେ ସୋମବାର ଏକ ଟ୍ରକରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି। ୟୁପି୧୩-ଏଟି୮୪୪୯ ନମ୍ବର ଟ୍ରକ୍‌ରେ ବେଦବ୍ୟାସରୁ-ଝାଡ଼ଖଣ୍ଡକୁ ଏହି ଗଞ୍ଜେଇ ଚାଲାଣ ହେଉଥିବା କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ଗଞ୍ଜେଇ ସହ ଟ୍ରକ୍ ଜବତ କରାଯାଇଛି। ଟ୍ରକ୍ ଚାଳକ ସଞ୍ଜୟ କହଁର (୨୭) ଓ ହେଲପର ଶିବମୁନି ପାର୍ସୀ (୨୫)ଙ୍କୁ ପୋଲିସ ଗିରଫ କରିଛି। ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଦୁଇ ମୁଖ୍ୟ ଅଭିଯୁକ୍ତ ଝାଡ଼ଖଣ୍ଡ ବକ୍ସର ଅଞ୍ଚଳର ପ୍ରଦୀପ ରାଏ ଓ ରାଜୁ ପାଶ୍ୱାନ ଫେରାର ହୋଇଯାଇଛନ୍ତି। ମାଜିଷ୍ଟ୍ରେଟ ତଥା ବୀରମିତ୍ରପୁର ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ଉପସ୍ଥିତିରେ ପୋଲିସ ଜବତ ଗଞ୍ଜେଇକୁ ଓଜନ କରୁଥିବା ବୀରମିତ୍ରପୁର ଥାନା ଅଧିକାରୀ ଦେବକୀ ନାଏକ ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଜବତ ଟ୍ରକ୍‌ର ମାଲିକ ମଧ୍ୟ ଝାଡଖଣ୍ଡର ବୋଲି ପୋଲିସ କହିଛି। ମାତ୍ର ଏହି ଗଞ୍ଜେଇ ଓ ଟ୍ରକ୍ ଜବତ ଘଟଣା ନେଇ ବୀରମିତ୍ରପୁର ଓ କୁଆଁରମୁଣ୍ଡା ଅଞ୍ଚଳବାସୀଙ୍କ ମଧ୍ୟରେ ଭିନ୍ନ ଆଲୋଚନା ହେଉଛି। ବୀରମିତ୍ରପୁର ଥାନାଠାରୁ ମାତ୍ର ଦେଢ଼ କିଲୋମିଟର ଦୂର ୧୪୩ନଂ ଜାତୀୟ ରାଜପଥରେ ଟ୍ରକ୍‌ଟି ସ୍ପଷ୍ଟ ଦିବାଲୋକରେ ଜବତ ହୋଇଥିଲେ ମଧ୍ୟ ଗାଡ଼ିକୁ ଥାନାରେ ରଖା ନ ଯାଇ ୧୦ କିମି ଦୂର କୁଆଁରମୁଣ୍ଡା ଫାଣ୍ଡିରେ କାହିଁକି ରଖାଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଧାରଣତଃ ଫାଣ୍ଡି ଅଞ୍ଚଳରେ ଘଟୁଥିବା ଘଟଣାଗୁଡ଼ିକ ଥାନାକୁ ଯାଇଥାଏ। ମାତ୍ର ଏଠାରେ ଥାନା ନିକଟରୁ ଜବତ ଗାଡ଼ି ଫାଣ୍ଡିକୁ ପଠାଯିବା ପଛରେ କ'ଣ ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ ଜବତ ଗାଡ଼ିର ମାଲିକ ରାଉରକେଲା ଅଞ୍ଚଳର ଓ ତାହାକୁ ଖସାଇ ଦେବା ପାଇଁ ମଧ୍ୟ ସେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜରିଆରେ ଭିତିରି ଯୋଜନା କରୁଥିବା ସାଧାରଣରେ ଆଲୋଚନା ହେଉଛି। ଏହି ଗଞ୍ଜାଇ ଗାଡ଼ି ଜବତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ମତ ପ୍ରକାଶ ପାଇଛି।

## ବର୍ଷାରେ ଭୁଶୁଡ଼ିଲା ମାଟିଘର

**ସବଡେଗା,୨୭।୮(ଡି.ଏନ୍.ଏ.)**

ସୋମବାର ଅପରାହ୍ନ ୨ଟାରେ ପ୍ରବଳ ବର୍ଷା ହେବା ଦ୍ୱାରା ପାଣି ମାଡ଼ ସହି ନ ପାରି ସୁନ୍ଦରଗଡ଼ ଜିଲା ସବଡେଗା ଗ୍ରାମ ଆଦିବାସୀ ଛକରେ ଥିବା ଯୁଧିଷ୍ଠିର ମାଝିଙ୍କ ମାଟିଘର ଭୁଶୁଡ଼ି ପଡ଼ିଛି। ତେବେ ଘର ଭୁଶୁଡ଼ିବା ଦେଖି ଯୁଧିଷ୍ଠିରଙ୍କ ପରିବାର ସଦସ୍ୟମାନେ ବାହାରକୁ ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୀର୍ଘ ୧ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। ପୂର୍ବରୁ ମଧ୍ୟ କିଛିଦିନ ଧରି ଲଗାଣ ବର୍ଷା ହୋଇଥିବାରୁ ମାଟି ଘର ଭୁଶୁଡ଼ି ପଡ଼ିଥିବା ଅନୁମାନ କରାଯାଉଛି। ଯୁଧିଷ୍ଠିରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



ଭୁଶୁଡ଼ି ପଡ଼ିଥିବା ଯୁଧିଷ୍ଠିରଙ୍କ ଘର।

## ଅବହେଳିତ ବଙ୍ଗଲେଇ ବାବା ମନ୍ଦିର

**ନୂଆଗାଁ,୨୭।୮(ଡି.ଏନ୍.ଏ.)**

ନୂଆଗାଁ ବ୍ଲକ ସୋରଡ଼ାଠାରେ ଥିବା ବଙ୍ଗଲେଇ ବାବା ମନ୍ଦିରଙ୍କ ମନ୍ଦିର ଏବେ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପର୍ଯ୍ୟଟନସ୍ଥଳୀକୁ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସେଗୁଡ଼ିକର ଉନ୍ନତୀକରଣ କରାଯାଇଛି। ଐତିହାସିକ କୀର୍ତ୍ତିରାଜି ତଥା ମଠ ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣରେ ସରକାର ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଗ୍ରାମାଞ୍ଚଳର ସବୁଜ ବନାନୀ ମଧ୍ୟରେ ରହିଥିବା ଏହି ମନ୍ଦିରର ଉନ୍ନତୀକରଣ ଦିଗରେ ସରକାର ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୩୦ରୁ ଉର୍ଦ୍ଧ୍ୱ ବର୍ଷ ତଳେ ବଙ୍ଗଲେଇ ପାହାଡ଼ ପାଦଦେଶରେ ଲିଙ୍ଗ ଆବିର୍ଭାବ ହେବା ପରେ ସେହି ଦିନଠାରୁ ସମ୍ପୃକ୍ତ ସ୍ଥାନରେ ମହାଦେବଙ୍କ ପୂଜାର୍ଚ୍ଚନା କରାଯାଉଛି। ବଙ୍ଗଲେଇ ପାହାଡ଼ ନାମ ଅନୁସାରେ ଏହି ସ୍ଥାନ ତଥା ମନ୍ଦିରକୁ ବଙ୍ଗଲେଇ ବାବାଙ୍କ ମନ୍ଦିର ବୋଲି କୁହାଯାଉଛି। ଲିଙ୍ଗ ଆବର୍ଭାବ ହେବାର ୮ରୁ ୧୦ବର୍ଷ ଧରି ଖୋଲା ଆକାଶ ତଳେ ବାବାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ତେବେ କିଛି ବର୍ଷ ତଳେ ସମ୍ବଲପୁର ଅଞ୍ଚଳର ଜଣେ ଭକ୍ତ ଆସି ଆଜବେଷ୍ଟସ ଘରଟିଏ କରି ଦେଇଛନ୍ତି। ସମ୍ପ୍ରତି ସେହି ଆଜବେଷ୍ଟସ ଘରେ ପୂଜା ପାଉଛନ୍ତି ବଙ୍ଗଲେଇ ବାବା। ଶିବରାତ୍ରୀଠାରୁ ଆରମ୍ଭ କରି ସମସ୍ତ ପର୍ବରେ ଆଖପାଖ ଅଞ୍ଚଳ ବ୍ୟତୀତ ଝାଡ଼ଖଣ୍ଡ, ବିହାର ଅଞ୍ଚଳର ଶ୍ରଦ୍ଧାଳୁ ଏଠାକୁ ଆସି ପୂଜାର୍ଚ୍ଚନା କରିଥାନ୍ତି। ବାବାଙ୍କ ପୂଜକ ସୁଖନାଥ ଦୂରୀ କୁହନ୍ତି, ବାବା ସମସ୍ତଙ୍କ ମନସ୍କାମନା ପୂରଣ କରୁଛନ୍ତି। ହେଲେ ବାବାଙ୍କ ମନ୍ଦିରଟିଏ ନିର୍ମାଣ ପାଇଁ କେହି ସହଯୋଗର ହାତ ବଢ଼ାଉ ନାହାନ୍ତି। ଏହି ମନ୍ଦିରରେ ଅନେକ ସମୟରେ କେତେଜଣ ଆଗଧାଡ଼ିର ନେତାଙ୍କ ପାଦ ମଧ୍ୟ ପଡ଼ିଛି। ହେଲେ ମନ୍ଦିର ନିର୍ମାଣ ନେଇ କେବଳ ପ୍ରତିଶ୍ରୁତି ମିଳିଛି। ଅନ୍ୟପକ୍ଷରେ ମନ୍ଦିର କମିଟିର କେତେଜଣ ସଭ୍ୟଙ୍କ ନିମନ୍ତ୍ରଣ ପାଇ ରବିବାର ଏହି ମନ୍ଦିରକୁ ଆସିଥିଲେ କୁଆଁରମୁଣ୍ଡା ଜମିଦାର ତଥା ସାମାଜିକ କର୍ମୀ ଓ ବିଜେଡି ଯୁବନେତା ସଞ୍ଜୀବ ପ୍ରତାପ ସିଂଦେଓ। ଆଗାମୀ ଦିନରେ ମନ୍ଦିରର ଉନ୍ନତି ଦିଗରେ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବେ ବୋଲି ଏହି ଅବସରରେ ଶତାଧିକ ଲୋକଙ୍କ ଉପସ୍ଥିତିରେ ସେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁମ୍ଭକର୍ଣ୍ଣ ସାହୁ, ବାବା ସୁଖନାଥ ଦୂରୀ, କିଶୋର ଦୂରୀ, ଯୋଗେଶ୍ୱର ସିଂ, ଗଙ୍ଗା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ ମଧ୍ୟ ଉକ୍ତ ପୀଠର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

## ଟେନ୍‌ସାରେ ବାଜପେୟୀଙ୍କ ଏକାଦଶାହ ପାଳିତ

**ଟେନସା,୨୭।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଟେନସାଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଏକାଦଶ ପାଳନ କରାଯାଇଛି। ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜନସାଧାରଣମାନେ ଲଣ୍ଡା ହୋଇ ଶୁଦ୍ଧିକ୍ରିୟା କର୍ମ କରିଥିଲେ। ଅପରାହ୍ନରେ ଟେନସା ଜଗନ୍ନାଥ ମନ୍ଦିର ପରିସରରେ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବାଜପେୟୀଙ୍କ ଫଟୋଚିତ୍ର ସ୍ଥାପନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଯଶୋବନ୍ତ ବେହେରା, ପ୍ରଭାକର ମଲ୍ଲିକ, ଅକ୍ଷୟ ମହାନ୍ତି, କୈଳାସ ପଣ୍ଡା, ଚକ୍ରଧର ଦେହୁରୀ, ଶିବରାମ ଓରାମ, ଟୁକୁନା ବାରିକ, ବରଦାପ୍ରସନ୍ନ ମହାନ୍ତି, ଆର୍.ପି. ସାହା, ସଞ୍ଜୁ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## ସଂସ୍କୃତ ହେଉଛି ଭାରତୀୟ ସଂସ୍କୃତିର ଆତ୍ମା

**ବେଦବ୍ୟାସ,୨୭।୮(ଡି.ଏନ୍.ଏ.)**

ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସଂସ୍କୃତ ଏବଂ ଆଧୁନିକ ବିଜ୍ଞାନ ଶୀର୍ଷକ ଦୁଇଦିନିଆ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ରୂପେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ ଯୋଗଦେଇ କହିଥିଲେ, ସଂସ୍କୃତ ହେଉଛି ଭାରତୀୟ ସଂସ୍କୃତିର ଆତ୍ମା। ବେଦ, ଉପନିଷଦ ସମାଜକୁ ନୈତିକ ଜ୍ଞାନ ପ୍ରଦାନ ସହ ଏକତା ସୂତ୍ରରେ ବାନ୍ଧି ରଖିବାରେ ସାହାଯ୍ୟ କରେ ବୋଲି କିଷାନ କହିଥିଲେ। ମୁଖ୍ୟବକ୍ତା ରୂପେ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସ୍କୃତ ବିଦ୍ୱାନ ଶ୍ରୀନିବାସ ପାଠୀଶର୍ମା ଯୋଗଦେଇ କହିଲେ, ବ୍ୟାସ ପୀଠରେ ସଂସ୍କୃତ ମହାବିଦ୍ୟାଳୟର ଏକ ସାଂସ୍କୃତିକ ବିପ୍ଳବ ଥାପିପାରିବ। ବହୁ ଆଦିବାସୀ ଛାତ୍ରୀ ସଂସ୍କୃତ ବିଦ୍ୱାନ ହୋଇ ନିଜ ଜୀବିକା ନିର୍ବାହ ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ବିଧାୟକ କିଷାନ ସଂସ୍କୃତ ବିଦ୍ୱାନ ଏବଂ କବିମାନଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗଦାନନ୍ଦ ସରସ୍ୱତୀ, ପଣ୍ଡିତ ଧନେଶ୍ୱର ବେହେରା, ସ୍ୱାମୀ ଅଗ୍ନିବାବା, ସୁଜାତା ମିନା, ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ, ପ୍ରୀତିରେଖା ମିଶ୍ର, ରାମଚନ୍ଦ୍ର ସାହୁ, ଅଜିତ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହର୍ଷି ବ୍ୟାସଦେବ ଜାତୀୟ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଉମାକାନ୍ତ ପଣ୍ଡା ମଞ୍ଚ ପରିଚାଳନା ଓ ସଂସ୍କୃତ ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନୀଳକଣ୍ଠ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବାଜପେୟୀଙ୍କ ଚିତାଭସ୍ମ ଇବ୍ ନଦୀରେ ବିସର୍ଜିତ

## ■ ସର୍ବଦଳୀୟ ସଭାରେ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାସୁମନ ଅର୍ପଣ

**ସୁନ୍ଦରଗଡ଼,୨୭।୮(ଡି.ଏନ୍.ଏ.)**

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ ସୋମବାର ସ୍ଥାନୀୟ ଇବ୍ ନଦୀରେ ବିସର୍ଜନ କରାଯାଇଛି। ଶନିବାରଠାରୁ ଜିଲା ଭାଜପା କାର୍ଯ୍ୟାଳୟରେ ଥିବା ଚିତାଭସ୍ମକୁ ଏକ ସୁସଜ୍ଜିତ ଗାଡ଼ିରେ ସହର ପରିକ୍ରମା ପରେ ଇବ୍ ନଦୀର ମହାଦେବପଡ଼ା ଘାଟଠାରେ ପୂଜାର୍ଚ୍ଚନା କରାଯାଇ ଜଳରେ ବିସର୍ଜନ କରାଯାଇଥିଲା। ଅପରାହ୍ନ ସାଢ଼େ ୨ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ମାଦ୍ରୀ କାଲୋ ଭବନରେ ଏକ ସର୍ବଦଳୀୟ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବିଧାୟକ, ବିଶିଷ୍ଟ ବ୍ୟକ୍ତି ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରାରମ୍ଭରେ ବାଜପେୟୀଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବାଜପେୟୀଙ୍କ ସହକର୍ମୀ ଭାବେ କିଛି କାଳ କାର୍ଯ୍ୟ କରିଥିବା ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ ତାଙ୍କ ଅନୁଭୂତି ବର୍ଣ୍ଣନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ତଳସରା ବିଧାୟକ ଡ. ପ୍ରଫୁଲ୍ଲ କୁମାର ମାଝି, ସଦର ବିଧାୟକ ଯୋଗେଶ କୁମାର ସିଂ, ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତ, ବିଜେଡି ନେତା ଜନ୍ମେଜୟ ମହାପାତ୍ର, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସୁମନ୍ତ ପଣ୍ଡା, ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ଆଡ୍‌ଭୋକେଟ ନିମାଇଁ ନାଏକ, ଦୁଷ୍ମନ୍ତ ନାଏକ, ପୂର୍ବତନ ସଦର ବିଧାୟିକା ସୁଷମା ପଟେଲ, ଗାୟତ୍ରୀ ପରିବାରର ପ୍ରଦୀପ ପ୍ରସ୍ତି, ଜନସଂଘ ସଦସ୍ୟ ଦୁର୍ଗାଚରଣ ପଟେଲ, କ୍ରୀଡ଼ା ପ୍ରଶାସକ ଆନନ୍ଦ ଚନ୍ଦ୍ର ନାଏକ, ବରିଷ୍ଠ ନାଗରିକ ସଂଘର ଚିନ୍ମୟ ପାଣିଗ୍ରାହୀ, ଭାଜପା ନେତା ସହଦେବ ଖାଖା, ଗଣେଶ ମହାଲିଙ୍ଗ, କାଉନସିଲର ଡ. ହିମାଂଶୁ ଶେଖର ଷଡ଼ଙ୍ଗୀ ପ୍ରମୁଖ ବାଜପେୟୀଙ୍କ ସ୍ମୃତିଚାରଣ କରି ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ରାଷ୍ଟ୍ର ବିକାଶରେ ତାଙ୍କ ଅବଦାନ, ରାଜନୈତିକ ଆଦର୍ଶ, ଅଗାଧ ସାରସ୍ୱତ ଜ୍ଞାନ ସମ୍ପର୍କରେ ଆଲୋଚନା କରିଥିଲେ।



ବାଜପେୟୀଙ୍କ ଚିତାଭସ୍ମକୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି।



ଇବ୍ ନଦୀରେ ଚିତାଭସ୍ମ ବିସର୍ଜନ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୨୮/୨୦୧୮



“ ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।

- ଭଗବତୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ଗଙ୍ଗାଧରଙ୍କ କାବ୍ୟକବିତା ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି

**ରାଉରକେଲା ଅଫିସ,୨୭।୮**-ସେକ୍ଟର-୧୪ ମେହେର ନଗର କମ୍ୟୁନିଟି ସେଣ୍ଟର ଠାରେ ସ୍ୱଭାବ କବି ଗଙ୍ଗାଧର ମେହେରାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ଅରୁଣ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ସାମାଜିକ କର୍ମୀ କୁଜ ରାଉତ, ଅଧାପକ ନଗେନ ଦାସ, ଶିକ୍ଷାବିତ୍ ହରମୋହନ ରଥ ଓ ଓଡିଆ ଭାଷା ବିକାଶ ମଞ୍ଚ କର୍ମକର୍ତ୍ତା ଆର୍ତ୍ତତ୍ରାଣ ମହାପାତ୍ର ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷକ ଚନ୍ଦ୍ରଶେଖର ପାଇକରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ରାଉତ କହିଥିଲେ ଗଙ୍ଗାଧରଙ୍କ ରଚନାରେ ସୃଷ୍ଟିର ବାସ୍ତବ ଚିତ୍ର ପାଠକୀୟ ଆଦୃତି ଲାଭ କରିଥିଲା। ଅତିଥି ଦାସ ନିଜ ବକ୍ତବ୍ୟରେ ଗଙ୍ଗାଧରଙ୍କ ପ୍ରତିଟି କାବ୍ୟ ଭକ୍ତି, ଭାବମୟ ଓ ଅମୃତମୟ ସଦୃଶ୍ୟ ମନେ ହୁଏ। ତାଙ୍କ ରଚିତ କାବ୍ୟକବିତା ଓଡିଆ ସାହିତ୍ୟକୁ ବାସ୍ତବରେ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ ଅନ୍ୟତମ ଅତିଥି ରଥ ଓ ମହାପାତ୍ର ନିଜ ଆଲୋଚନାରେ ସ୍ୱଭାବ କବିଙ୍କ ରଚନା ଅନନ୍ୟ ଓ ଚିର ସବୁଜ ବୋଲି କହିଥିଲେ। ଏଥିରେ ଅଜିତ ତ୍ରିପାଠୀ, ନୀରଞ୍ଜନ ପଣ୍ଡା, ଆରତୀପ୍ରଭା ମହାନ୍ତି, ସୁକାନ୍ତି ପଣ୍ଡା, ସରୋଜ ପଟ୍ଟନାୟକ, କ୍ରିଷ୍ଣା କଂସାରୀ, ମହିମା କଂସାରୀ ପ୍ରମୁଖ ଉପସ୍ଥିତ ଥିଲେ।





ମହିଳାମାନେ ଦୋଳି ଖେଳର ମଜା ଉଠାଉଛନ୍ତି।

# ହରିୟାଲି ତିଜରେ ଝୁମିଲେ ମହିଳା

## ■ ଦୋଳିରେ ଝୁଲିଲେ, ମେହେନ୍ଦି ଲଗାଇଲେ

**ରାଉରକେଲା ଅଫିସ,୨୭।୮**

ଦୀପିକା ମହିଳା ସଂଘତି ପକ୍ଷରୁ ସିଭିକ ସେଣ୍ଟରଠାରେ ଭାରତୀୟ ମହିଳାଙ୍କ ପ୍ରସିଦ୍ଧ ପର୍ବ ହରିୟାଲି ତିଜ ପାଳିତ ହୋଇ ଯାଇଛି। ଏଥିରେ ସଂଘତି ଅଧକ୍ଷା ସବିତା କୁମାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସଂଘତିର ଉପାଧକ୍ଷା ମିନାକ୍ଷୀ ପ୍ରଧାନ ଓ ଶଶୀରେଖା ଅଗ୍ରୱାଲ ଓ ଲୀନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଉପସ୍ଥିତ ମହିଳାମାନଙ୍କୁ ଚୁଡି ଓ ବିନ୍ଦି ପ୍ରଦାନ କରାଯାଇଥିଲା। ସିଭିକ ସେଣ୍ଟର ପରିସରରେ ଏଥିପାଇଁ ସ୍ୱତନ୍ତ୍ର ଦୋଳି ବ୍ୟବସ୍ଥା କରାଯାଇଥିଲା। ଏଥିରେ ମହିଳାମାନେ ଝୁଲି ମଜା ଉଠାଇ ଥିଲେ। ପରସ୍ପରକୁ ମେହେନ୍ଦି ଲଗାଇ ଭାବ ବିନିମୟରେ ମଜି ରହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ ସଂଘତି କର୍ମକର୍ତ୍ତା ହରିୟାଲି ତିଜ ପର୍ବ ପାଳନ ପଛରେ ରହିଥିବା ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

# ଗଙ୍ଗାଧର ଜୟନ୍ତୀ, ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

**ରାଉରକେଲା ଅଫିସ,୨୭।୮**

ସାହିତ୍ୟାନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ, ମୌସୁମୀ କବିତା ଆସର ଓ ପ୍ରତିଭା ପୁରସ୍କାର କାର୍ଯ୍ୟାକ୍ରମ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ଶେଷ ହୋଇ ଯାଇଛି। ଏଥିରେ ମୂଖ୍ୟ ଅତିଥି ରୂପେ ଅଧ୍ୟାପକ ବିପିନ ମହାନନ୍ଦ, ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଶାନ୍ତ ପତି ଯୋଗ ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରଘୁବର ଧଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ମହାନନ୍ଦ ମେହେର ସାହିତ୍ୟର ଭାଷା, ଭାବ ଓ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ପତି ଗଙ୍ଗାଧର ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କେତେ ଜଣ ପ୍ରତିଭାଙ୍କୁ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦୀପ୍ତି ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ନୃସିଂହ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌତମ ଦାସ, ଉପେନ୍ଦ୍ର ବସ୍ତିଆ ଓ ପ୍ରବୋଧ ସାମଲଙ୍କ ସମେତ ବହୁ କବି, ଲେଖକ ଉପସ୍ଥିତ ଥିଲେ।



କେରଳର ବନ୍ୟା ପ୍ରପୀଡିତଙ୍କ ପାଇଁ ଇସ୍ପାତ କଲେଜର ଛାତ୍ରୀଛାତ୍ରମାନେ ୧୧ ହଜାର ଟଙ୍କାର ଚେକ୍ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରୁଛନ୍ତି।



କାଲୁଙ୍ଗା ପଞ୍ଚାୟତରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜଣେ ଭିନ୍ନକ୍ଷମ ଛାତ୍ରଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଉଛି।

## ■ କାଲୁଙ୍ଗାରେ ଜନ ଶୁଣାଣି

# ବିକାଶ ଉପରେ ଅଞ୍ଚଳବାସୀଙ୍କ ଗୁରୁତ୍ୱ

**ରାଉରକେଲା ଅଫିସ/ ବେଦବ୍ୟାସ(ଡି.ଏନ.ଏ.)୨୭।୮**

ଲାଠିକଟା ବ୍ଲକ ଅନ୍ତର୍ଗତ କାଲୁଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂଯୋଜକଙ୍କ ସମେତ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ , ଲାଠିକଟା ବିଡିଓ, ଲାଠିକଟା ପଞ୍ଚାୟତ ସମିତି ଅଧକ୍ଷା , ସୁନ୍ଦରଗଡ଼ ଅତିରିକ୍ତ ଏସ୍‌ପି, ଜିଲା ପରିଷଦ ସଭ୍ୟା ଗୀତା ମିଞ୍ଜ, ସରପଞ୍ଚ ରାମ ମାଝି, ସୀତା ମିଞ୍ଜ, ଆପେ ଟପୋ ଓ ସମିତି ସଭ୍ୟ ରବି ରାଜଙ୍କ ସମେତ ବିଭିନ୍ନ ପଞ୍ଚାୟତର ୱାର୍ଡ ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ କେତେକ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବା ସହ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବାସିନ୍ଦା ନିଜର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାଲୁଙ୍ଗା ଅଞ୍ଚଳରେ ସରକାରୀ ଯୋଜନା ଠିକ ରୂପେ କାର୍ଯ୍ୟକାରୀ କରାଯାଉନି। ଫଳରେ ସାମାଗ୍ରିକ ବିକାଶ ନେଇ ସର୍ବଦା ଏହି ଅଞ୍ଚଳ ପଛରେ ପଡିଛି। ମୋଟାମୋଟି ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି ଓ ପାଣି ଆଦି ଠିକ ରୂପେ ପହଞ୍ଚ ପାରିନି। ପ୍ରଦୂଷଣରେ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡିଥିବା ବେଳେ ଏନେଇ ପଦକ୍ଷେପ ନିଆଯାଉନି। ଆଞ୍ଚଳିକ ବିକାଶ ନେଇଏଠାକାର କଳକାରଖାନା ମାଲିକ ଆଖି ବୁଜି ଦେଇଛନ୍ତି। ବିଶେଷ କରି ଶିଳ୍ପାଞ୍ଚଳ ବାସିନ୍ଦା ନାନା ସମସ୍ୟା ଦେଇ ଗତି କରୁଥିବା ବେଳେ ଏ ଦିଗରେ ଦୃଷ୍ଟି ଦିଆଯାଉ ନ ଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଥିଲେ। ଏ ଦିଗରେ ଦୃଷ୍ଟି ଦେବାକୁ ଉପସ୍ଥିତ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।

# ସୁରକ୍ଷା ଅବହେଳାରୁ ଦୁର୍ଘଟଣା, ଶ୍ରମିକ ଗୁରୁତର

**ରାଉରକେଲା ଅଫିସ,୨୭।୮**

ଗତ ରବିବାର ରାତିରେ ବି ସିଫ୍ଟ ଡ୍ୟୁଟି ସାରି ଘରକୁ ଫେରୁଥିବା ଆରଏସ୍‌ପି ଏସଏମଏସ-୨ର ଜଣେ ଶ୍ରମିକ ଚନ୍ଦ୍ରଶେଖର ଦ୍ୱିବେଦୀ ସଂସ୍କାର ଗେଟ ସମ୍ମୁଖ ରାସ୍ତାରେ ଛିଡା ହୋଇଥିବା ଏକ କ୍ରେନରେ ପିଟି ହୋଇ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଆଇଜିଏଚ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏବେ ସେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ବୋଲି ରାଉରକେଲା ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ଓ ଅଜିତ ନାୟକ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ଏଥିପାଇଁ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ଶ୍ରମିକ ନେତା ମହାନ୍ତି। ଏଭଳି ଅବହେଳା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ହାତୀଆଶୁଣି ନଗର, ସାଲିଆସାହି, ପୋଷ୍ଟ: ଆର୍.ଆର୍.ଏଲ୍., ଭୁବନେଶ୍ୱର
୧୩ ଜଣ ଶିଶୁଙ୍କୁ ନିଃଶୁଳ୍କ ପଢ଼ାଇବା ପାଇଁ ଦରଖାସ୍ତ ଆହ୍ୱାନ କରୁଅଛୁ। ଯେଉଁମାନେ ଦିବ୍ୟାଙ୍ଗ, ଜାତି, ଉପଜାତି, ଅନଗ୍ରସର ଜାତି, ବିପିଏଲ କିମ୍ବା ଜବ୍ କାର୍ଡର ହୋଇଥିବେ ଏବଂ ଏସବୁର ପ୍ରମାଣପତ୍ର ସହ ଆଧାର,ଆୟର ପ୍ରମାଣ, ଫଟୋ ଇତ୍ୟାଦି ସହ ତୁରନ୍ତ ଯୋଗାଯୋଗ କରନ୍ତୁ। ନିମ୍ନୋକ୍ତ ଠିକଣା ଓ ନମ୍ବର 9437105023 ରେ ଠିକଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ହାତୀଆଶୁଣି ନଗର, ସାଲିଆସାହି, ଭୁବନେଶ୍ୱର-୧୩, ଓଡ଼ିଶା।

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
Mahinder Finance
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ। (କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

ସୁବର୍ଣ୍ଣ ସୁଯୋଗ
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

B.N. FINANCE
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

SUHANA FINANCE
ଭାରତ ସରକାର ରେଜିଷ୍ଟ୍ରଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
7325861595
7325861352

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ। (କାମ ଆମର, ବିଶ୍ୱାସ ଆପଣଙ୍କର) କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

FINANCE
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ । ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ । (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

9911436726, 8750311430



କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra